# ଶ୍ରେୟସୀ

## ଅଗଷ୍ଟ ୨୦୨୩



**ISSN NO – 2582-208X**

**[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]**

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids: vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଆଜି ବେଦାନ୍ତୀ ଇ-ପତ୍ରିକା ୮ ବର୍ଷରେ ପଦାର୍ପଣ କଲା । ୨୦୧୫ ମସିହା ଅଗଷ୍ଟ ମାସରେ ବେଦାନ୍ତୀ ର ଜନ୍ମ ହୋଇଥିଲା ଏବଂ ନିରନ୍ତର ଭାବରେ ଏହି ପତ୍ରିକା ପ୍ରତିମାସ ୧ ତାରିଖରେ ପ୍ରକାଶିତ ହେଉଛି । ପ୍ରଥମେ ପ୍ରଥମେ ୫୦ ପୃଷ୍ଠାରୁ ଆରମ୍ଭ ହୋଇଥିବା ଏହି ପତ୍ରିକା ଆଜି ପ୍ରତି ମାସରେ ୪୦୦ ପୃଷ୍ଠାରେ ପ୍ରକାଶ ପାଉଛି, ଏହାଠାରୁ ଖୁସିର କଥା ଆଉ କିଛି ନାହିଁ । ଏବଂ ଏଥିରେ ପ୍ରତିମାସର ଯୋଡି ହୋଇଯାଉଛନ୍ତି ଅନେକ ଲେଖକ ଆଉ ଲେଖିକା । ଆପଣମାନେ ଜାଣିଥିବେ ଯେ ଏହି ଇ-ପତ୍ରିକା ହେଉଛି ଏକ ସଂପୂର୍ଣ୍ଣ ମୁକ୍ତ ଇ-ପତ୍ରିକା ଆଉ ଏହିପରି ଯେଉଁ ଲେଖକ ଆଉ ଲେଖିକାମାନେ ନିଜର ଅବଦାନ ନିଜ ଲେଖା ମାଧ୍ୟମରେ ଦେଉଛନ୍ତି ତାହା ମଧ୍ୟ ବିନା ପାରିଶ୍ରମିକ ନେଇ । ଏହା ମଧ୍ୟ ଅତ୍ୟନ୍ତ ଖୁସିର ବିଷୟ । ଏହା କେବଳ ସମ୍ଭବ ହୋଇଛି ନିଜ ନିଜର ନିଜ ମାତୃଭାଷାର ପ୍ରଚାର ଏବଂ ପ୍ରସାର ପାଇଁ କିଛିଟା ପ୍ରୟାସ ପାଇଁ ।

ଏହି ପତ୍ରିକା ଆଜି ଓଡିଶା ଭିତରେ ଆଉ ଓଡିଶା ବାହାରେ, ଏପରିକି ବିଶ୍ୱର ଅନେକ ଦେଶରେ ପହଞ୍ଚି ସାରିଛି ଆଉ ପ୍ରତ୍ୟେକ ଓଡିଆ ଏହି ପତ୍ରିକାକୁ ଆଦରି

ISSN NO.
2582-208X

ନେଇସାରିଛନ୍ତି । ଏଥିରେ ରହିଥିବା ଶିଶୁ ବିଭାଗ ମଧ୍ୟ ଅନେକ ଛାତ୍ରଛାତ୍ରୀଙ୍କ ମନୋରଞ୍ଜନ ସହ ଶିକ୍ଷା ପ୍ରଦାନରେ ମଧ୍ୟ ସହାୟକ ହୋଇପାରିଛି ।

ଆଜିକାଲି ଅନେକ ଓଡିଆ ଇ-ପତ୍ରିକା ବାହାରୁଛି । ଅନେକ ମାସିକ ଏବଂ କିଛି ତ୍ରୈମାସିକ । କିନ୍ତୁ ସେଥିମଧ୍ୟରୁ ଅନେକ ପତ୍ରିକା ପାଇଁ ସମୟ ଏବଂ ଅର୍ଥ ଅଭାବରୁ ବନ୍ଦ କରିବାକୁ ପଡୁଛି । ଓଡିଶାରେ ଅନେକ କମ ମାସିକ ଇ-ପତ୍ରିକା ରହିଛି ଆଉ ସେଥିମଧ୍ୟରୁ ବେଦାନ୍ତୀ ହେଉଛି ଏକମାତ୍ର ପତ୍ରିକା ଯାହାକି ବିଶ୍ୱର ସବୁଠାରୁ ଅଧିକ ଓଡିଆଙ୍କ ପାଖରେ ପହଞ୍ଚିପାରିଛି । ଆମ ମାତୃଭୂମି ଏବଂ ମାତୃଭାଷା  ଆମକୁ ଅନେକ କିଛି ଦେଇଛି । ଆଉ ସେଥିପାଇଁ ଆମ ସମସ୍ତଙ୍କର ମଧ୍ୟ ଓଡିଆ ଭାଷାର୍ ପ୍ରଚାର ଏବଂ ପ୍ରସାର ପାଇଁ କିଞ୍ଚିତ୍ ଚେଷ୍ଟା ରହିବା କଥା ।

ବେଦାନ୍ତୀ ଇ-ପତ୍ରିକାର ଏହି ସଫଳତାର ଶ୍ରେୟ ଯାଉଛି ସମସ୍ତ ବେଦାନ୍ତୀ ପରିବାର ସଦସ୍ୟମାନଙ୍କୁ ସେମାନଙ୍କର ଓଡିଆ ଭାଷାପ୍ରତି ଥିବା ଅବଦାନ ପାଇଁ । ଆଶାକରୁ ଯେ ଏହି ସହଯୋଗ ଆଗକୁ ମଧ୍ୟ ମିଳିବ ଆଉ ଆମ ସମସ୍ତଙ୍କ ଏହି କିଞ୍ଚିତ କାର୍ଯ୍ୟ ଓଡିଆ ଭାଷାର ପ୍ରଚାର ଏବଂ ପ୍ରସାର ପାଇଁ ନିଶ୍ଚିତ ଭାବରେ ସହାୟକ ହେବ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଆମ ଉପରେ ଇଂରାଜୀ ଭାଷାର ପ୍ରଭାବ | ଗୁରୁକଲ୍ୟାଣ ମହାପାତ୍ର | ୧୨ |
| ମା ପକ୍ଷୀ | ଡ. ପ୍ରସନ୍ନ କୁମାର ବଳ | ୧୬ |
| କୃତଜ୍ଞତା ପ୍ରଭୁ ଚରଣରେ | ଭାସ୍କର ଚନ୍ଦ୍ର ଖଣ୍ଡା | ୧୯ |
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୨୧ |
| ପାଦୁକା (ଜୋତା) | ଇଂ. ସୁଶାନ୍ତ କିଶୋର ବଳ | ୩୦ |
| ଅନ୍‌ଲାଇନ୍‌ରେ 'ଆମାଜନ୍'ର ନିର୍ମାଲ୍ୟ ବିକ୍ରି | ଶଶଧର ମହାପାତ୍ର | ୩୩ |
| ଚହ୍ଲା ଅଚହ୍ଲା | ଡକ୍ଟର ବିଜ୍ଞାନୀ ଦାସ | ୩୬ |
| ପକୃତି ଲୋପ | ସସ୍ମିତା ନାୟକ | ୪୮ |
| ଆମ ପରିବେଶ | ସୁଲୋଚନା ବେହେରା | ୫୦ |
| ହେ ପ୍ରଭୁ! | ଭାରତୀ ମୁଦୁଲି | ୫୨ |
| ମତୁଆଲା ମନ | ଆଶୁତୋଷ ମେହେର | ୫୩ |
| ଲୋମଶ ଛୋଟିଆ ରେଳ | ରଘୁନାଥ ତ୍ରିପାଠୀ | ୫୪ |
| ଭାବାନ୍ତର | ଶାନ୍ତିଲତା ମିଶ୍ର | ୫୫ |
| ଧରିତ୍ରୀ ର ଲୁହ | ଅପରାଜିତା ମହାରଣା | ୫୮ |
| ରାଜାର ରାଣୀ | ବିନୟ ମହାପାତ୍ର | ୬୧ |
| ହସ ତଳେ ଦେଖ ଲୁଚଛି ଲୁହ | ସଂଯୁକ୍ତା ସାହୁ | ୬୬ |
| ରେ ପ୍ରେମ... | ଛବି ରାଣୀ ପତି | ୬୯ |
| ଉଦ୍‌ଭ୍ରାନ୍ତ ପଥିକ | ଅରୁଣ କୁମାର ମହାପାତ୍ର | ୭୧ |
| ଲଳିତ ନିବନ୍ଧ - ଭଲ ରାସ୍ତା | ବଦ୍ରୀ ମହାନ୍ତି | ୭୩ |

ISSN NO.
2582-208X


| | | |
|---|---|---|
| ବନ ମହୋତ୍ସବ | ଡଃ ପ୍ରିୟମ୍ବଦା ସାମଲ | ୭୬ |
| ଚେଇଁ ଶୋଇବ ଯିଏ | କୁଞ୍ଜବିହାରୀ ରାଉତ | ୭୮ |
| ଅନ୍ଧାର ବି.. | ପ୍ରଦୀପ୍ତ କୁମାର ମିଶ୍ର | ୮୦ |
| ପିତୃ ଦିବସ (କ୍ଷୁଦ୍ର ଗଳ୍ପ) | ଅଳକା ମହାନ୍ତି | ୮୨ |
| ବାହାନାଗାର ପ୍ରାର୍ଥନା | ଜୟଶ୍ରୀ ପଟ୍ଟନାୟକ | ୮୮ |
| ରକ୍ଷାକର ସୂର୍ଯ୍ୟଚନ୍ଦ୍ର | ନରେନ୍ଦ୍ର ପ୍ରସାଦ ବେହେରା | ୯୧ |
| ବଢି ଚାଲ ଆଗକୁ | ବର୍ଷାରାଣୀ ମହାମଲ୍ଲିକ | ୯୪ |
| ଏକବିଂଶ ଶତାବ୍ଦୀର ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ | ଡ. ହରିହର ପ୍ରଧାନ | ୯୬ |
| ଜଗା ଆସୁଛିରେ | ଜୟ କୁମାର ମିଶ୍ର | ୧୦୨ |
| ଶ୍ରାବଣ | ବାସନ୍ତୀ ଲତା ଜେନା | ୧୦୫ |
| ଅଲେଖା ଡାଏରୀରୁ | ଡ. ଜ୍ଞାନେଶ୍ୱର ମିଶ୍ର | ୧୦୮ |
| ଉଠ୍ ପୁଟୁର୍ (ଧାରାବାହିକ) | ଆରତୀ ସାହୁ (ଆଶା) | ୧୧୦ |
| ମୋ ଲକ୍ଷ୍ୟ ବାଟରେ | ପ୍ରତିଭା ଦାସ | ୧୧୭ |
| ଆଦ୍ୟ ଆଷାଢ଼ | ମନୋରମା ମହାନ୍ତ | ୧୧୮ |
| ଗଛ ପରା ଆମ ଜୀବନ ଧନ | ବିନୋଦିନୀ ଦାଶ | ୧୧୯ |
| ହତଭାଗା | ମଧୁମିତା ମିଶ୍ର | ୧୨୨ |
| ରାଧେ ବୃନ୍ଦାବନେଶ୍ୱରୀ | ଜୟନ୍ତୀ ଦେବୀ | ୧୨୭ |
| କାଳ | ଅଲେଖ ମେହେର | ୧୨୯ |
| ମିଶାଇଲ୍ ମ୍ୟାନ୍:କଲାମ | ବାଙ୍କାବିହାରୀ ମହାକୁର | ୧୩୧ |
| ନାଟକ-ଭଲ ମଣିଷ ଖୋଜିବା ଆସ (ଧାରାବାହିକ) | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୩୪ |
| ଗୁରୁ ବନ୍ଦନା | ରାଜକିଶୋର ସ୍ୱାଇଁ | ୧୩୭ |

ISSN NO.
2582-208X


| | | |
|---|---|---|
| ରଙ୍ଗ ଝିଲି ମିଲି | ଅଳକା ବାରିକ୍ | ୧୩୯ |
| ଶଶାଙ୍କ ଶେଖର | ସତ୍ୟନାରାୟଣ ପ୍ରସାଦ ନାୟକ | ୧୪୦ |
| ମଧୁ ମାଳତୀ | ଡାଃ. ଅନିତା ପଣ୍ଡା | ୧୪୧ |
| ବର୍ଷା ଏବେ ଛାତରେ....ଛାତିରେ | ମାନସ ରଞ୍ଜନ ନାୟକ | ୧୪୬ |
| ତୁମକୁ ଭିଜେଇଦେବି | ଦିବାକର ନାୟକ | ୧୪୭ |
| ରଥେତୁ ବାମନମ୍ ଦୃଷ୍ଟ୍ୱା | ଦଣ୍ଡାସି ପ୍ରଧାନ | ୧୪୯ |
| ପୁଲକତ ପୃଥ୍ୱୀ ଓ ବିହ୍ୱଳ ବସୁନ୍ଧରା - ଆଣ୍ଡାମାନ (ଧାରାବାହିକ) | ପ୍ରିୟବ୍ରତ ପାତ୍ର | ୧୫୧ |
| ଅଭାବ | ସରୋଜ କୁମାର ଓଝା | ୧୫୬ |
| ମୁଁ ନୀରବ | ସସ୍ମିତା ପ୍ରଧାନ | ୧୬୦ |
| ଅପୂର୍ଣ୍ଣତା | ଡ଼ଃ ରଞ୍ଜିତ କୁମାର ସାହୁ | ୧୬୨ |
| ଲୋକସାହିତ୍ୟ ସଂଗ୍ରହ ଏବଂ ସଂରକ୍ଷଣ କ୍ଷେତ୍ରରେ ପରିଲକ୍ଷିତ ସମସ୍ୟାବଳୀ | ଦୀପ୍ତିମୟୀ ସାହୁ | ୧୬୩ |
| ବାହାନଗାର ଚିତ୍ର | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୧୬୪ |
| ଏଇମିତି କବିର ଜୀବନ | ବିଶ୍ୱନାଥ କର | ୧୬୬ |
| ଖାଲି ତୁମକୁ ସାନିଧ୍ୟ ଦେବା ଇଚ୍ଛାରେ | ବିରଞ୍ଚି ନାରାୟଣ ମିଶ୍ର | ୧୬୮ |
| ବର୍ଷା | ମୋନାଲିସା ପଣ୍ଡା | ୧୮୦ |
| ଶରଣ ଶ୍ରୀକ୍ଷେତ୍ର, ମାରଦା | ହର ପ୍ରସାଦ ସୁଆର | ୧୮୧ |
| ଝିଅଟିଏ ମୁଁ | ଅଲିଭ୍ ମେହେର | ୧୮୯ |
| ଜୀବନ ଭିକ୍ଷା | ନନ୍ଦିନୀ ରାଉତ | ୧୯୧ |
| ଏଇତ ଚଲାପଥ ଜୀବନ ର | ଝରଣା ବାରିକ | ୧୯୩ |

ISSN NO.
2582-208X


| | | |
|---|---|---|
| ଆଧୁନିକ ଓଡ଼ିଆ ନାଟକରେ ଲୋକ ଉପାଦାନ | ଲିଜାଲିନ୍ ଖେଇ | ୧୯୫ |
| ମୁଁ ଛିଣ୍ଡା ଚପଲ | କାଳପ୍ରସାଦ ମହାପାତ୍ର | ୨୦୨ |
| ଗୁରୁଙ୍କ ପାଇଁ ପଦେ | ଜନ୍ମଜୟ ନାୟକ | ୨୦୩ |
| ବରଷା ହେଇ | ଚିତରଂଜନ ବେହେରା | ୨୦୪ |
| ପ୍ରଥମ ଚିଠି | ଶେଷଦେବ ପଣ୍ଡା | ୨୦୫ |
| ଓହ୍ଲାଇ ଆସ | ତ୍ରିପତି ପ୍ରଧାନ | ୨୦୭ |
| ଚତୁର୍ଦ୍ଧା ମୂରତି | ଡ. ଅର୍ଜୁନ ଚରଣ ବାରିକ୍ | ୨୦୮ |
| ଶ୍ରୀୟାଧବ | ସୁହାସିନୀ ବାରିକ୍ | ୨୦୯ |
| ପ୍ରକୃତିର ଜଣେ ନିଷ୍କପଟ ପୂଜାରୀ : କୋଶଳୀ କବି ହଳଧର ନାଗ | ବ୍ରଜମୋହନ ମେହେର | ୨୧୦ |
| ପ୍ରିୟ ନଦୀ | ଦୀପକ ନାୟକ | ୨୧୭ |
| ବିଟପୀ | ଅଭିମନ୍ୟୁ କାନୁନଗୋ | ୨୧୮ |
| ଶ୍ରୀଜୀଉମାନଙ୍କ ବିଭିନ୍ନ ବେଶ | ଅଧାପିକା ସ୍ନେଜାଲିନ୍ ବାରିକ୍ | ୨୨୦ |
| ଆଦିତ୍ୟ ଦ୍ୱାଦଶ ନାମ | ଅଧ୍ୟାପକ ଅବିନାଶ ବାରିକ୍ | ୨୨୨ |
| ଶ୍ରାବଣୀ | ଶୁଭେନ୍ଦୁ ମେହେର | ୨୨୩ |
| ବୈଜ୍ଞାନିକ ଆଭିମୁଖ୍ୟ କାହିଁକି ଆବଶ୍ୟକ ? | ଅସିତ ମହାନ୍ତ | ୨୨୬ |
| ପୋଷାକ | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୨୨୯ |
| ଅଭିଳାଷ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୨୩୧ |
| ଆମ ପରିବେଶ | ପ୍ରଶାନ୍ତ କୁମାର ନାଥ | ୨୩୨ |
| ଡାକ୍ତର ଦିବସର ଅନୁଚିନ୍ତା | କୁଞ୍ଜ ବିହାରୀ ସାହୁ | ୨୩୪ |
| ବାଣ୍ଟିବା ହସ ସୁଖ | ପ୍ରଶାନ୍ତ କୁମାର ଦାଶ | ୨୪୦ |
| ବଡ଼ ଦାଣ୍ଡରେ ଉଭା ଚକାନୟନ | ଦୀନବନ୍ଧୁ ବେଜ | ୨୪୨ |

ISSN NO.
2582-208X


| | | |
|---|---|---|
| ଶୁଆ ଗ୍ଲେରକୁ ଧରିବା | ବିଜୟ କୁମାର ସାହୁ | ୨୪୪ |
| ଅଚହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୪୫ |
| ନାରୀ | ଅଭିଳାଶ ବାରିକ୍ | ୨୫୧ |
| ମଣିଷ ଜୀବନ ପାଣି ଫୋଟକା | ସୁଶ୍ରୀ ଶୁଭସ୍ମିତା ମହାନ୍ତ | ୨୫୨ |
| ମୋ ଭାଇଜ କେଡ଼େ ସୁନ୍ଦର | ଅମରନାଥ ବାରିକ | ୨୫୨ |
| କଳି ଯୁଗର ବଡ ଠାକୁର -ଆହାରେ ମୋ ଚକାଆଖି | ଶୁଭଶ୍ରୀ ମହାପାତ୍ର | ୨୫୬ |
| ସ୍ୱାଧୀନ ଚେତନା | ଅମୃତନାରାୟଣ ଶତପଥୀ | ୧୬୦ |
| ଶ୍ରୀମତୀ ବର | ଦେବଯାନୀ ବାରିକ୍ | ୨୬୨ |
| କନ୍ୟା ଆଖିରେ ବନ୍ୟା | ସିନ୍ଧୁ ନନ୍ଦିନୀ | ୨୬୩ |
| ସେ ଝିଅଟି | ଡଃ ପ୍ରଦୀପ କୁମାର ପଣ୍ଡା | ୨୬୪ |
| ମାଟିର କଳାକାର | ସୁହଂସ ଭୋଇ | ୨୬୮ |
| ମୋ ନାଆଁ ବ୍ୟଙ୍ଗ | ନୀଳମଣି ଗ୍ରନ୍ଦ | ୨୭୦ |
| ଇନ୍ଦ୍ରଧନୁ | ନିରଞ୍ଜନ ସାହୁ | ୨୭୨ |
| ମୁଁ ବଞ୍ଚିବି କାହା ପାଇଁ | ଦେବାର୍ଚ୍ଚନ ମେହେର | ୨୭୩ |
| ନିର୍ଯ୍ୟାତିତ ରାହୁଲ | ଅରୁଣ କୁମାର ତ୍ରିପାଠୀ | ୨୭୫ |
| ମଡର୍ଣ୍ଣ ଯୁଗର ରଜ | ବିକାଶ କୁମାର ହୋତା | ୨୮୧ |
| ଏଇ ଜୀବନରେ | ସିଦ୍ଧେଶ୍ୱର ତ୍ରିପାଠୀ | ୨୮୩ |
| ଶେଷ ବସନ୍ତ ର ଅନୁରାଗ | ଯଶୋଶ୍ରୀ ବେହେରା | ୨୮୫ |
| ତୁମେ ଆଉ ମୁଁ | କଳ୍ପନା ମିଶ୍ର | ୨୯୨ |
| ଚନ୍ଦନ | ଅଜିତ ପାଢ଼ି | ୨୯୩ |
| ମୁଁ ଆମ୍ବ | ଦୁଷ୍ମନ୍ତ ବେହେରା | ୨୯୪ |
| ଅପ୍ରିୟ ସତ୍ୟ (ଧାରାବାହିକ) | ଖଗେଶ୍ୱର ବାଗ | ୨୯୬ |

ISSN NO.
2582-208X


| | | |
|---|---|---|
| ମୁଁ ଏଇ ସହର କୁଲି | ବେଣୁଧର ସୂତାର | ୩୦୦ |
| ଚଷାପୁଅ | ମନୋଜ କୁମାର ଅଦା | ୩୦୨ |
| ଏମିତି ସାଥି ଟିଏ | ଗାୟତ୍ରୀ ସିଂହ | ୩୦୪ |
| ଗର୍ବିଙ୍କ ପାଇଁ ପଦେ | ପ୍ରକାଶ ଚନ୍ଦ୍ର ପଣ୍ଡା | ୩୧୦ |
| ଭଲ ପାଇବାର ବହି | ତାରାପ୍ରସାଦ ଜେନା | ୩୧୨ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୧୩ |
| ତୁଳସୀ କ୍ଷେତ୍ର | ମାଳତୀ ଦେବୀ | ୩୧୪ |
| ତୁମ ପାଇଁ ହିଁ ମୁଁ ସମ୍ପୂର୍ଣ୍ଣ | ପୂଜା ଷାଣ୍ଢ | ୩୧୬ |
| ତୁମେ ଗଲା ପରେ | ଦେବେନ୍ଦ୍ର ବାରିକ | ୩୧୮ |
| ଆଜିପରା ରଥଯାତ | ଅନନ୍ତ କୁମାର | ୩୨୦ |
| ନାଲି ସାର୍ଟ | ଶିବରାମ ଦଳେଇ | ୩୨୨ |
| ବର୍ଷା ରାଣୀ | ଅଜିତ କୁମାର ରାଉତ | ୩୨୬ |
| ନାରୀ | ମୋନାଲିସା ପାଣିଗ୍ରାହୀ | ୩୨୯ |
| କେତେ ଦୂରେ ତୁ ! | ହରେରାମ ପଣ୍ଡା | ୩୩୧ |
| ପୁଲକିତ ହେବ ଧରା | ଗୀତାଞ୍ଜଳି ପୃଷ୍ଟି | ୩୩୨ |
| ଭାଗବତ କଥା - ୧ (ଧାରାବାହିକ) | ନରେନ୍ଦ୍ର ପ୍ରସାଦ ବେହେରା | ୩୩୫ |
| ବିଧବାର ଶୋକ ସଂଦେଶ | କୁମରଲାଲ ରଣା | ୩୩୬ |
| ଇଏ ପୁଣି କେଉଁ ପ୍ରକାର ସ୍ୱାଧୀନ | ଲବଦାନ ନାଏକ | ୩୩୯ |
| ସଂକ୍ରାନ୍ତି ପୁରୁଷ | ରେଖାରାଣୀ ବାରିକ୍ | ୩୪୨ |
| ଆତ୍ମାର ଆର୍ତ୍ତନାଦ | ଅଶୋକ କୁମାର ସେଠୀ | ୩୪୪ |
| ବିଭୀଷଣ | ସନାତନ ଦାସ | ୩୫୨ |
| ଜୀବନ ଯାତନା | ସୁଧୀର ମେହେର | ୩୫୩ |
| ସ୍ମୃତିରେ ଗଙ୍ଗାଧର | ଟଙ୍କଧର ସାହୁ | ୩୫୪ |

ISSN NO.
2582-208X


| | | |
|---|---|---|
| ସୁହାଗିନୀ | ତପସ୍ୱିନୀ ଶତପଥୀ | ୩୫୫ |
| ଭକ୍ତି, ଭୟ, ଲୋଭ ଏବଂ ଅଧ୍ୟାତ୍ମବାଦ | ବାଲ୍ମୀକ ନାୟକ | ୩୫୭ |
| ଅନାମିକା | ରେହନ ନାଏକ | ୩୬୩ |
| ମୋ ଗାଁ | ରାଧାରାଣୀ ରାଉଳ | ୩୬୪ |
| ମୁଁ ସରକାର | ସୁଜ୍ଞାନ ବାଘ | ୩୬୫ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ବର୍ଷାଦିନରେ ଜ୍ୱର ଓ ତାର ପ୍ରତିକାର | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୬୭ |
| **ଆମ ହାଣ୍ଡିଶାଳ** | | |
| କୁରକୁରି ଭେଣ୍ଡି | ଜୟନ୍ତୀ ଦେବୀ | ୩୭୧ |
| କେକ୍ | ଅଳକା ବାରିକ୍ | ୩୭୨ |
| ଚଣା ସୁନ୍ଦଲ | ଅଧ୍ୟାପିକା ରେଜାଲିନ୍ ବାରିକ୍ | ୩୭୩ |
| ମକା ପନର୍ ପକୋଡା | ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା) | ୩୭୪ |
| **ଆଞ୍ଚଳିକ** | | |
| ଭିଲିର୍ ଭଗାରି | ସହଦେବ ଧରୁଆ | ୩୭୬ |
| କୁଲିଖଟା | ମାନସ ରଞ୍ଜନ ସାହୁ | ୩୭୮ |
| କୁହୁଲ୍ | ଗଜାନନ ମିଶ୍ର | ୩୮୦ |
| ଶୁନୁ'ଛ କାଏଁ | ସୁନୀଲ୍ କୁମାର ଅଗସ୍ତି | ୩୮୨ |
| ବେବଫା ସନମ୍ | ସତ୍ୟନାରାୟଣ ମିଶ୍ର | ୩୮୩ |

ISSN NO.
2582-208X

# ଶିଶୁ ବିଭାଗ


| | | |
|---|---|---|
| ବାଡ଼ିର ଶାଗ ସବୁଠୁଁ ବାଗ | ଡ଼ଃ ରଞ୍ଜିତ କୁମାର ସାହୁ | ୩୮୭ |
| ନାନାବାୟା ଗୀତ | ରାମ ଚନ୍ଦ୍ର ପ୍ରଧାନ | ୩୯୧ |
| ବିହଙ୍ଗ ସାଥେ କେଳ | ଜୟନ୍ତୀ ଓଝା | ୩୯୩ |
| ମୋ ରାଇଜ କେଡ଼େ ସୁନ୍ଦର | ଅମରନାଥ ବାରିକ | ୩୯୫ |
| ଆସରେ ପାଳବା ପରବ | ମୀନାକ୍ଷି ପାଢ଼ୀ | ୩୯୭ |
| ସୁନା ପୁଅ ମୋର ହୋଇବୁ | ବିକାଶ କୁମାର ହୋତା | ୪୦୦ |
| ଚନ୍ଦ | ଆଦବିକା ପଟ୍ଟନାୟକ | ୪୦୨ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୪୦୩ |
| ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୦୬ |
| ଚନ୍ଦ କଥା କହେ | ବେଦାନ୍ତୀ ପରିବାର | ୪୦୮ |


## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

ISSN NO.
2582-208X

# ଆମ ଉପରେ ଇଂରାଜୀ ଭାଷାର ପ୍ରଭାବ



ଗୁରୁକଲ୍ୟାଣ ମହାପାତ୍ର

ଆଉ କିଛି ଦିନ ପରେ ଅର୍ଥାତ ଆସନ୍ତା ଅଗଷ୍ଟ ୧୫ ତାରିଖରେ ଆମ ଦେଶର ସ୍ୱାଧୀନତା ୭୭ ବର୍ଷରେ ପାଦ ରଖିବ । ଆମ ସ୍ୱାଧୀନତା ଏବେ ୭୬ ବର୍ଷର ବୃଦ୍ଧ ବୋଲି କୁହାଯାଇପାରେ । ଇଂରେଜମାନେ ଆମ ଦେଶ ଛାଡିଯିବା ପରେ ଆମେ ସ୍ୱାଧୀନ ହେଲୁ ସତ, ମାତ୍ର ଇଂରେଜମାନଙ୍କର ଅନେକ ପ୍ରଭାବ ଆମ ଉପରେ ରହିଗଲା । ଯଥା ସେମାନଙ୍କର ପୋଷାକପତ୍ର, ଇଂରାଜୀ ଭାଷାରେ କଥା କହିବାର ବା ବକ୍ତୃତା ଦେବାର ଅନେକ ଢଙ୍ଗ, ଆଉ ସେମାନଙ୍କ ଚା ପିଇବା ଓ ପିଆଇବାର ଅଭ୍ୟାସ । ସର୍ବୋପରି ଇଂରାଜୀ ଶବ୍ଦକୁ ଆମ ମାତୃଭାଷାରେ ବାରମ୍ବାର ବ୍ୟବହାର କରିବାର ଗୁଣ ଆମର ଗଲାନାହିଁ । ଅନେକ ଦିନ ଧରି, ଏ ପର୍ଯ୍ୟନ୍ତ ମଧ୍ୟ ଆମେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଇଂରାଜୀ ଭାଷାର ନିମନ୍ତ୍ରଣ ପତ୍ର ବିତରଣ କରିବାର ଅଭ୍ୟାସ ଆମର ଯାଇନାହିଁ ।

ଓଡିଆ ଭାଷାକୁ ନେଇ ରାଜଧାନୀ ଭୁବନେଶ୍ୱରରେ ଆନ୍ଦୋଳନ ମଧ୍ୟ ଚାଲିଥିଲା - ସରକାରୀ ସ୍ତରରେ ଓଡିଆ ଭାଷାର ପ୍ରଚଳନ ପାଇଁ। ଏହି କିଛି ବର୍ଷ ତଳେ ଓଡିଶାରେ ନବୀନ ପଟ୍ଟନାୟକଙ୍କ ସରକାର ଓଡିଆ ଭାଷାରେ ସରକାରୀ କାର୍ଯ୍ୟ ପାଇଁ ହୋଇଥିବା ଆଇନର ନିୟମାବଳୀ ମଧ୍ୟ କରିଥିଲେ । ମାତ୍ର ସେ ନିୟମକୁ ଆମେ ଓଡିଆମାନଙ୍କ ମଧ୍ୟରୁ ଅଧିକାଂଶ ଭାଙ୍ଗିଦେଲୁ । ଇଂରାଜୀ ଭାଷାରେ ସବୁ କିଛି କଲେ ଯେଉଁ ଆନନ୍ଦ ମିଳେ, ଓଡିଆ ଭାଷାରେ ହୁଏତ ତାହା ମିଳେନାହିଁ । ଏବେ ବି କଲେଜ ମାନଙ୍କରେ

ISSN NO.
2582-208X

ଇଂରାଜୀ ଭାଷା ଓ ସାହିତ୍ୟର ଅଧ୍ୟାପକମାନଙ୍କୁ ଆମେ ଓଡିଆ ଭାଷା ଓ ସାହିତ୍ୟର ଅଧ୍ୟାପକମାନଙ୍କ ଅପେକ୍ଷା ଅଧିକ ଗୁରୁତ୍ୱ ଦେଇଥାଉ ।

ବ୍ରହ୍ମପୁର ଅଞ୍ଚଳର ସ୍ୱର୍ଗୀୟ ବସନ୍ତ କୁମାର ପାଣିଗ୍ରାହୀ ପ୍ରଭୃତିଙ୍କ ନେତୃତ୍ୱରେ ଅତୀତରେ ମଧ୍ୟ ଦୋକାନ ବଜାର, ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ ସରକାରୀ ବେସରକାରୀ କୋଠାବାଡିରେ ଓଡିଆ ନାମ ଫଳକକୁ ନେଇ ଆନ୍ଦୋଳନ ଚାଲିଥିଲା । ରାଜ୍ୟ ସରକାର ଏଥିପାଇଁ ରାଜ୍ୟ ଶ୍ରମ ବିଭାଗ ଜରିଆରେ ବିଜ୍ଞପ୍ତି ଜାରି କରିଥିଲେ - ନାମ ଫଳକ ସବୁକୁ ଓଡିଆରେ କରିବାକୁ । ଆମେମାନେ ମାନିଲୁ କି? ଓଡିଆକୁ ଓଡିଆ ଭାଷା ଭିତ୍ତିରେ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବାରେ ଯେଉଁ ଭୂମିକା ଉତ୍କଳ ସମ୍ମିଳନୀର ଥିଲା, ଓଡିଶା ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହେବା ପରେ ଆଉ ସେ ଉନ୍ମାଦନା ରହିଲା ନାହିଁ । ପୁରୁଣା ନାଁକୁ ଘଷିମାଜି ଉତ୍କଳ ସମ୍ମିଳନି ହୁଏତ କିଛି ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟ କରୁଛି । ମାତ୍ର ସେସବୁ କେବଳ ସଭା ସମିତିରେ ସୀମିତ ।

ଶିକ୍ଷିତ ଓ ସଚେତନ ଓଡିଆ ଲୋକଙ୍କ ପିଲାମାନେ ଅଧିକାଂଶ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ କରା ଯାଉଥିବା ବିଦ୍ୟାଳୟରେ ପାଠ ପଢନ୍ତି । ଅବଶ୍ୟ ଓଡିଶା ସରକାରେ ଏବେ ଓଡିଆ ମାଧ୍ୟମରେ ପାଠ ପଢୁଥିବା ଛାତ୍ରଛାତ୍ରୀ ବିଭିନ୍ନ ଦିଗରୁ ପ୍ରୋତ୍ସାହିତ କରି ଆସୁଛନ୍ତି । ଉଚ୍ଚ ଓ ବୈଷୟିକ ଶିକ୍ଷା ପାଇଁ ମଧ୍ୟ ବିଭିନ୍ନ ସୁବିଧା ସୁଯୋଗ ସୃଷ୍ଟି କରିଛନ୍ତି । ମାତ୍ର ଓଡିଆ ଭାଷାରେ ପ୍ରକାଶ ପାଉଥିବା ଅନେକ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରକୁ ସରକାରୀ ବିଜ୍ଞାପନ ମିଳେନାହିଁ । ବରଂ ଓଡିଶାରେ ସ୍ଥିତି ରକ୍ଷା କରୁଥିବା ଅନେକ ଇଂରାଜୀ ଭାଷାର ସମ୍ବାଦପତ୍ରର ପାଠକ ସଂଖ୍ୟା ସ୍ୱଳ୍ପ ଥିଲେ ମଧ୍ୟ ସେମାନେ ସରକାରୀ ବିଜ୍ଞାପନ ପାଇପାରନ୍ତି । ଅବଶ୍ୟ ଓଡିଆ ପତ୍ରପତ୍ରିକା ଓ ସମ୍ବାଦପତ୍ରଗୁଡିକ ଓଡିଆ ଭାଷାକୁ ବଞ୍ଚାଇ ରଖିଛନ୍ତି । ତଡିତ ଗଣମାଧ୍ୟମ ଗୁଡିକ ଓଡିଆ ଭାଷାକୁ ବିକୃତ କରି ସାରିଲେଣି । ଓଡିଆ ଶବ୍ଦ ଭିତରେ ଅଯଥାରେ ଇଂରାଜୀ ବା ହିନ୍ଦୀ ଭାଷାର ଶବ୍ଦକୁ ବ୍ୟବହାର କରି ଆମ ଭାଷାକୁ ବିକୃତ କରି ସାରିଲେଣି । ଏ ବିଷୟରେ ପ୍ରାୟ କେହି ସ୍ୱର ଉତ୍ତୋଳନ କରୁନାହାନ୍ତି । ଦୁଃଖର କଥା । ଅବଶ୍ୟ କୌଣସି କୌଣସି ସମ୍ବାଦପତ୍ର ବା ପତ୍ରପତ୍ରିକାରେ ବନାନ୍ ଅଶୁଦ୍ଧି ଦେଖିବାକୁ ମିଳୁଛି ।

ISSN NO.
2582-208X

ଏବେ ବି କୌଣସି କୌଣସି ଓଡିଆ ସମ୍ବାଦପତ୍ରରେ କ୍ୟାବିନେଟ୍ ବୈଠକ ଲେଖା ଯାଉଛି । ମନ୍ତ୍ରୀମଣ୍ଡଳର ବୈଠକ ଲେଖିଲେ ଓଡିଆ ଭାଷାର କଣ ଗୁରୁତ୍ୱ ହ୍ରାସ ପାଇବ? ପୁଣି ବ୍ୟାକରଣର ନିୟମ ଅନୁଯାୟୀ "ମନ୍ତ୍ରିମଣ୍ଡଳ" ବା "ମନ୍ତ୍ରି ପରିଷଦ" ର ବୈଠକ ଲେଖିବା କଥା । ତାହା ହିଁ ବହୁବଚନରେ ହେବାର ନିୟମ । କେହି କେହି "ମନ୍ତ୍ରୀ ମଣ୍ଡଳ" ବା "ମନ୍ତ୍ରୀ ପରିଷଦ" ମଧ୍ୟ ଲେଖିଥାନ୍ତି । ମାତ୍ର ଏହା ଭୁଲ୍ । "ମନ୍ତ୍ରୀ" ଶବ୍ଦରେ ଦୀର୍ଘ "ଈ" ଶବ୍ଦର ପ୍ରୟୋଗ କିନ୍ତୁ ଯଥାର୍ଥ । ଆମର ପୁରତନ "ଉତ୍କଳ ସାହିତ୍ୟ ପତ୍ରିକାର ସମ୍ପାଦକ ସ୍ୱର୍ଗୀୟ ବିଶ୍ୱନାତ କର ଅଶୁଦ୍ଧ ଶବ୍ଦ ଭୁଲ୍ ରେ ଛପା ହୋଇଥିବାରୁ ପୁସ୍ତକର ଫର୍ମାସବୁକୁ ପୋଡି ଦେଇଥିଲେ ଓ ଠିକ୍ ଭାବେ ପୁନର୍ବାର ମୁଦ୍ରଣ କାର୍ଯ୍ୟ ଆରମ୍ଭ ହୋଇଥିଲା

ପୁରାତନ ପରମ୍ପରା ଓ ସମୃଦ୍ଧ ଐତିହ୍ୟ ଯୋଗୁଁ ଆମ ଭାଷା "ଓଡିଆ" ଭାରତ ସରକାରଙ୍କର ଶାସ୍ତ୍ରୀୟ ଭାଷା ଭାବେ ମର୍ଯାଦିତ ହୋଇଛି । ଏପରିକି ବଙ୍ଗଳା ଭାଷା ମଧ୍ୟ ଶାସ୍ତ୍ରୀୟ ଭାଷା ହୋଇପାରି ନାହିଁ । ତଥାପି ନିଜ ମାତୃଭାଷା ପ୍ରତି ଆମେ ଯେତିକି ଯତ୍ନ ନେବା କଥା, ନେଉନାହୁଁ । ଆମ ଭାଷାରେ ପ୍ରକାଶିତ ସାହିତ୍ୟ ପ୍ରଭୃତି ପୁସ୍ତକକୁ ଆମେମାନେ ବେଶୀ ଆଦର କରୁନାହୁଁ । ଏବେ ବି ଆମ ଭାଷାର ପୁସ୍ତକ କେବଳ ଅଳ୍ପ କେତେକ ଶିକ୍ଷିତ ବା ସେହି ଲେଖକ ଗୋଷ୍ଠୀଙ୍କ ମଧ୍ୟରେ ସୀମିତ । ଅର୍ଦ୍ଧଶିକ୍ଷିତ, ଛାତ୍ରଛାତ୍ରୀ ବା ନିରକ୍ଷରଙ୍କ ମଧ୍ୟରେ କିମ୍ବା ଶିଶୁମାନଙ୍କ ମଧ୍ୟରେ ଓଡିଆ ଭାଷା ଓ ସାହିତ୍ୟର ପ୍ରସାର ଓ ପ୍ରଚାର ପାଇଁ ସରକାର ଚାହୁଁଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ । ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏକଦା କହିଥିଲେ, ଓଡିଆ ଭାଷାକୁ ସରକାରୀ ସ୍ତରରେ କାରଯ୍ୟକାରୀ କରିବା ଦିଗରେ ଓଡିଆ ଭାଷା ପ୍ରତିଷ୍ଠାନ କାମ କରିବ । ମାତ୍ର ଓଡିଆ ଭାଷା ପ୍ରତିଷ୍ଠାନ ଏବେ ନିଷ୍କ୍ରିୟ ଅବସ୍ଥାରେ ରହିଥିବା ସମସ୍ତେ ଅନୁଭବ କରୁଛନ୍ତି । ଓଡିଶା ସାହିତ୍ୟ ଏକାଡେମୀର ନୂତନ କର୍ମକର୍ତ୍ତା ମନୋନୀତ ହୋଇଥିଲେ ମଧ୍ୟ ବିଭିନ୍ନ ସାହିତ୍ୟ କାର୍ଯ୍ୟ ସକାଶେ ଏକାଡେମୀ ପକ୍ଷରୁ ସେପରି ଆଗ୍ରହ ପ୍ରକାଶ ପାଇନାହିଁ । ଅବଶ୍ୟ କରୋନାଜନିତ ପରିସ୍ଥିତିର ନାମ ନେଇ କାର୍ଯ୍ୟ କିଛି ହୋଇପାରିନାହିଁ ବୋଲି ଯୁକ୍ତି କରାଯାଇ ପାରେ । ମାତ୍ର ଏପରି ଯୁକ୍ତି ବଳିଷ୍ଠ ନୁହେଁ ବୋଲି ସାହିତ୍ୟିକ ମହଲରେ ଆଲୋଚନା ହେଉଛି ।

ISSN NO.
2582-208X

ସ୍ୱର୍ଗୀୟ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବାବେଳେ ଓଡିଆ ଭାଷାକୁ ସରକାରୀ ଭାଷାରେ ପରିଣତ କରିବା ପାଇଁ ଆଇନ ହୋଇଥିଲା । ଏହା ପରେ ସ୍ୱର୍ଗୀୟ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ମଧ୍ୟ ସେ ଦିଗରେ ଉଦ୍ୟମ ହୋଇଥିଲା । ତତ୍କାଳୀନ ସଂସ୍କୃତି ମନ୍ତ୍ରି ତଥା ବିଶିଷ୍ଟ ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ର ନିଜେ ସରକାରୀ ଫାଇଲରେ ଓଡିଆରେ ନୋଟିଂ ଦେଉଥିଲେ । ପରବର୍ତ୍ତୀ ଅବସ୍ଥାରେ ସ୍ୱର୍ଗୀୟ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ମଧ୍ୟ ଅନୁରୂପ ଭାବେ ଉଦ୍ୟମ ହୋଇଥିଲା । ଜାନକୀବାବୁ ନିଜେ ଫାଇଲରେ ଓଡିଆ ଲେଖି ଆଦେଶ ପ୍ରଭୃତି ଦେଉଥିଲେ ।

ଇଂରେଜମାନଙ୍କ ପ୍ରଭାବରୁ ଆମେମାନେ ଅର୍ଥାତ୍ ଓଡିଆମାନେ ଇଂରାଜୀରେ "ଓରିୟା" ବୋଲି ପରିଚିତ ଥିଲୁ । ସେହିପରି ଓଡିଶାର ଇଂରାଜୀ ନାମକରଣ "ଓରିଶା" ବୋଲି କରିବାକୁ ବାଧ୍ୟ ହେଉଥିଲୁ । ମାତ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଗତ ୨୦୧୧ ମସିହାରେ ଭାରତ ସରକାର ସମ୍ବିଧାନ ସଂଶୋଧନ କରାଇ ଓଡିଆମାନଙ୍କ ଇଂରାଜୀରେ "ଓଡିଆ" ବୋଲି ଏବଂ ଓଡିଶା ରାଜ୍ୟକୁ "ଓଡିଶା" ବୋଲି ସର୍ବତ୍ର ପରିଚିତ କରାଇ ଥିଲେ । ଏହା ଥିଲା ଆମ ସମ୍ବିଧାନର ୯୬ତମ ସଂଶୋଧନ ବ୍ୟବସ୍ଥା ।

ଏବେ ମଧ୍ୟ କେନ୍ଦ୍ରର ନରେନ୍ଦ୍ର ମୋଦୀଙ୍କ ସରକାର ଆଞ୍ଚଳିକ ଭାଷାରେ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାକୁ ସମୃଦ୍ଧ କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ଗ୍ରାମାଞ୍ଚଳର ଓ ସ୍ୱଳ୍ପ ଆୟକାରୀ ବର୍ଗ ଏହା ଦ୍ୱାରା ଉପକୃତ ହୋଇପାରିବେ ବୋଲି କୁହାଯାଉଛି । ମହାତ୍ମା ଗାନ୍ଧୀ ମଧ୍ୟ ୧୯୨୧ ରେ ପ୍ରଥମେ ଓଡିଶା ଗସ୍ତରେ ଆସିଥିବା ବେଳେ କଟକର କାଠଯୋଡି ନଦୀ ଶଯ୍ୟା ଉପରେ ଯେଉଁ ସାଧାରଣ ସଭାରେ ଉଦବୋଧନ ଦେଇଥିଲେ, ସେତେବେଳେ ସେ ଇଂରାଜୀ ଭାଷା ଅପେକ୍ଷା ଆଞ୍ଚଳିକ ମାତୃଭାଷା ଉପରେ ଅଧିକ ଗୁରୁତ୍ୱ ଆରୋପ କରିଥିଲେ ।

ଭାଷା ଭିତ୍ତିରେ ଭାରତର ପ୍ରଥମ ରାଜ୍ୟ ଭାବେ ଓଡିଶା ଗର୍ବ କରିବା କଥା । ମାତ୍ର ଅତୀତର ସେ ଭାଷା ପ୍ରୀତି ଆଉ ନାହିଁ କି ଓଡିଆ ଶାସ୍ତ୍ରୀୟ ଭାଷା ହୋଇଥିଲେ ହେଁ ଓଡିଆ ଭାଷା ଓ ସାହିତ୍ୟକୁ ନେଇ ଜୀବିକାର୍ଜନ କରିବା ଏତେ ସହଜବୋଲି ମନେ ହେଉନାହିଁ । ଓଡିଆ

ISSN NO.
2582-208X

ଭାଷା ଓ ସାହିତ୍ୟ ପଢାଉ ଥିବା ଶିକ୍ଷକ ଓ ଅଧ୍ୟାପକଙ୍କ ସଂଖ୍ୟା ଏତେ ବେଶୀ ନୁହେଁ । ଓଡିଆ ପୁସ୍ତକ ରଚନା କରି ମାତ୍ର ଅଳ୍ପ କେତେଜଣ ହୁଏତ ଉପାର୍ଜନକ୍ଷମ ହୋଇଛନ୍ତି, ଅଧିକାଂଶ ନୁହେଁ। ଅନ୍ୟ କୌଣସି ଚାକିରି ନକରି କେବଳ ସାହିତ୍ୟ ସୃଷ୍ଟି କରି ଜୀବିକାର୍ଜନ କରିବା ଓଡିଆ ଲେଖକଙ୍କ ପକ୍ଷରେ ସମ୍ଭବ ହୋଇପାରି ନାହିଁ। ଅଥମ ଇଂରାଜୀରେ ପୁସ୍ତକ ବା ସନ୍ଦର୍ଭ ଲେଖି ଜଣେ ଉପାର୍ଜନକ୍ଷମ ହୋଇପାରିବ। ତେଣୁ ଆମ ଉପରେ ଇଂରାଜୀ ଭାଷା ଓ ସାହିତ୍ୟର ପ୍ରଭାବ ଅତ୍ୟଧିକ, ଏଥିରେ ସନ୍ଦେହ ନାହିଁ।

ଭୁବନେଶ୍ୱର
ମୋ: ୯୪୩୭୦୧୨୧୨୩

ISSN NO.
2582-208X

# ମା ପକ୍ଷୀ



ଡ. ପ୍ରସନ୍ନ କୁମାର ବଳ

ପକ୍ଷୀଟି କରିଛି ନୀଡଟି ମୋର ବାଲକୋନିରେ
ମୋ ଅନୁପସ୍ଥିର ଫାଇଦା ନେଲା ଭରପୁରରେ ।୧ ।
କି ସୁନ୍ଦର ଦିଶେ ନିଡଟି ତାର ଗଠନ ଶୈଳୀ,
ପକ୍କା ବିନ୍ଧାଣି ବି ମାନିବ ହାର ତା ଠାରେ ପୁଣି ।୨ ।
ଦୁଇଟି ରଶିର ମଧ୍ୟରେ ସେ ତ ଗଢିଛି ନୀଡ,
ଏତେ ମଜଭୁତ ସତରେ ଲାଗେ ଆନନ୍ଦ ପ୍ରାୟ ।୩ ।
ତା ମଧ୍ୟେ ପକ୍ଷୀଟି ଦେଇଛି ଜନ୍ମ ତିନି ସନ୍ତାନ,
ଆଖି ଫିଟି ନାହିଁ ଛୁଆର ସବୁ ପ୍ରଭୁର ଦାନ ।୪ ।
ମା ଟି ତାର କିନ୍ତୁ ସତରେ ପୁଣି ଭାରୀ ପ୍ରସନ୍ନ,
ତିନି ଛୁଆଙ୍କର ଇସାରା/ଖୁସି, ଭୁଲେ କଷଣ ।୫ ।
ଯେବେ ଆମେ ଆସି ଦେଖିଲୁ ଘରେ ଏପରି ଦୃଶ୍ୟ,
ଚିନ୍ତା କଲୁ ଆମେ ସତରେ କରିବା ସହଯୋଗ ।୬ ।
ମା ଟି ତାର କିନ୍ତୁ ଛୁଆଙ୍କୁ ଛାଡି କାହିଁ ଯାଏନା,
ଘୁରି ବୁଲୁଥାଏ ପାଶରେ ଦିଏ ସୁରକ୍ଷା ସିନା ।୭
ଖାଦ୍ୟ ଅନ୍ୱେଷଣେ ଯାଏନା ସିଏ ବେଶି ଦୂରକୁ,
ପିଲାଙ୍କୁ ସର୍ବଦା ଖୁଆଏ ପୁଣି ମନ ଭରିକି ।୮ ।
ସନ୍ଧ୍ୟା ହେଲାମାତ୍ର ମା ଟି ପୁଣି ବସାକୁ ଫେରେ,
ପିଲାଙ୍କୁ ଘୋଡାଇ ପରରେ ପୁଣି ନିଶ୍ୱାସ ମାରେ ।୯ ।

ISSN NO.
2582-208X

ପିଲାଙ୍କର ବାପା କୁଆଡେ ଗଲା କେବେ ଆସେନି,
ମା ଟିର କିନ୍ତୁ ସେନେହ, ତ୍ୟାଗ ଭୁଲି ହେଉନି ।୧୦ ।
ପକ୍ଷୀଟିଏ ସିଏ ହୋଇବି ତାର ଏତେ ଦାୟିତ୍ୱ,
ପାଶ ଦେଇ ଆମେ ଗଲେ ସେ ଝାମ୍ପିବାର ପ୍ରୟାସ ।୧୧ ।
କାଳେ କିଏ ତାର ପିଲାଙ୍କୁ ଅନିଷ୍ଟ କରିପାରେ,
ସେଥିପାଇଁ ସଦା ପ୍ରୟାସ ତାର ମନରେ ଥାଏ ।୧୨ ।
ମା ପକ୍ଷୀଟିର ଉଦ୍ୟମ ସତେ ପ୍ରଶଂସନୀୟ,
ସେଥିପାଇଁ ମା ମାନେ ହିଁ ସର୍ବଦା ପୂଜନୀୟ ।୧୩ ।
ସେମାନଙ୍କ ସ୍ନେହ, ତ୍ୟାଗ ତ ପୁଣି ଅତୁଳନୀୟ,
କୋଟି କୋଟି ପ୍ରଣାମ ତାଙ୍କୁ ମନ ପ୍ରଫୁଲ୍ଲ ପ୍ରାୟ ।୧୪ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# କୃତଜ୍ଞତା ପ୍ରଭୁ ଚରଣରେ



ଭସ୍କର ଚନ୍ଦ୍ର ଖଣ୍ଡା

ହେ ପ୍ରଭୁ ମୁଁ ଏକ ଆଶାବାଦୀ
କରେ ବିଶ୍ୱାସ ତୁମ୍ଭର ଅସ୍ତିତ୍ୱକୁ
ଶୁଦ୍ଧ ଚିତ୍ତରେ କରେ ତୁମ୍ଭର ପୂଜାର୍ଚ୍ଚନା
କରେ ଚେଷ୍ଟା ଦୂରେଇ ଦେବାପାଇଁ
ଦୁର୍ଭାବନାର ସମୂହ ରାଶିକୁ
ହେଲେ ବି କ୍ଷଣିକ ମୂହୁର୍ତ୍ତ ପାଇଁ
କରିଥାଏ ପ୍ରଯତ୍ନ ।୧।

ଦୈନଦିନ ଜୀବନ ଶୈଳୀରେ
ସୂର୍ଯ୍ୟ ଦେବଙ୍କର ଉଦୟ ଆଉ ଅସ୍ତରେ
ଅର୍ଥାତ୍ ସକାଳ ଆଉ ସନ୍ଧ୍ୟାରେ
ଧୂପ ଦୀପ ପୁଷ୍ପ ଚନ୍ଦନ ସିନ୍ଦୁର ସହିତ
କରେ ଜପ ତୁମ୍ଭ ନାମକୁ ।୨।

ହେଲେ ଏ ସବୁତ ତୁମ୍ଭର ସୃଷ୍ଟି
ତଥାପି ସବୁ କିଛି ଜାଣି
କରେ ସମର୍ପଣ ତୁମ୍ଭରି ଭିଆ ତୁମ୍ଭଙ୍କୁ ।୩।

ISSN NO.
2582-208X

ଘଟିଥାଏ ସବୁକିଛି ତୁମ୍ଭରି ଇଚ୍ଛାରେ
ଜାଣି ସୁଦ୍ଧା ଏ ସବୁ
ତୁମ୍ଭ ନିକଟରେ
କରେ କିଛି ଗୁହାରି
କରେ ଯାହା କିଛି ପ୍ରାର୍ଥନା
ପାରିବିନି କହି
ଯାଏ ସବୁ କିଛି ବୃଥା ବୋଲି
କିଛିତ ହୁଏ ସାର୍ଥକ      ।୪।

ଏମିତି ଚାଲିଛି ପ୍ରଭୁ
ପାରେନା ବୁଝି ତୁମ୍ଭରି ଲୀଳା
କରେ ଗ୍ରହଣ ଅଘଟଣ କୁ
ଭାବି ତୁମ୍ଭରି ଇଚ୍ଛା ବୋଲି      ।୫।

ଦୁଃଖ ସୁଖର ସଂସାର ଭିତରେ
ଏମିତି ଆସୁ ପ୍ରଭୁ
ଦେଇଛ ଯାହା କିଛି
କରୁଛି କୃତଜ୍ଞତା ଜ୍ଞାପନ
ତୁମ୍ଭ ଚରଣରେ
ଘଟୁଛି ବି ଯାହା କିଛି
କରେ ପ୍ରାର୍ଥନା ଦେବାକୁ ଶକ୍ତି
କରିପାରେ ଗ୍ରହଣ ତୁମ୍ଭରି ଇଚ୍ଛାକୁ
ଏ ଜୀବ ଥିବା ପର୍ଯ୍ୟନ୍ତ
ଚିର ଦିନ ପାଇଁ      ।୬।

ଫ୍ଲାଟ୍ ନଂ ବି ୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ବାଳ

## ୧୪-ଦୃଢମନା ଗବେଷିକା

ଶୋମ୍ପେନମାନେ ବୋଧେ ସଂଖ୍ୟା ଜାଣିଛନ୍ତୁ । ସେ ଲୋକଟି କିଛି ଅବୁଝା ଭାଷାରେ କ'ଣ କହିଲା । ଶର୍ବରୀ କଣ କହି 'ତିଏ ଲମ୍ବା' କହୁଥିଲେ । ଲୋକଟା ଅନ୍ୟମନସ୍କ ହୋଇଗଲେ ସେ ତା'କୁ ଟିକଏ କାନ୍ଧରେ ହଲାଇ ଦେଉଥିଲେ । ଶୋମ୍ପେନଜଣଙ୍କ ଶର୍ବରୀଙ୍କ ଭାଷାକୁ ବୋଧେ ପୂରା ବୁଝିପାରୁନଥିଲା । ଏମାନଙ୍କୁ ଦେଖି ଏକ ପ୍ରାଚୀନ ଆଦିମ ଅଧିବାସୀ ସହ କଥା ହେବା ପାଇଁ ଭାଷା, ଠାର, ଛୁଆଁ ଆଦିର ଆବଶ୍ୟକତା ଅଛି ବୋଲି ଅସୀମ ଭାବୁଥିଲେ। ମନର ଭାବକୁ ଆମେ ଶବ୍ଦରେ, ଭାଷାରେ ପରିବର୍ତ୍ତନ କରୁଛେ ଆଉ ତାହା ଅନ୍ୟ ଜଣଙ୍କ ପାଖରେ ପହଞ୍ଚୁଛି । ସେମିତି ପାଟିର ଶବ୍ଦକୁ ଆମେ ବିଦ୍ୟୁତ ତରଙ୍ଗରେ ପରିଣତ କରୁଛେ ଆଉ ଦୂରରେ ତାହା ଟେଲିଫୋନ ବା ମୋବାଇଲ ମାଧ୍ୟମରେ ଆଉ କାହା କାନରେ ପହଞ୍ଚୁଛି । ଆଉ ମନର ଭାବ ବୁଝି ହେଉଛି । ଏଠି ମନ ଭାବର ବିନିମୟ ହେଉଛି କିଛି ଶବ୍ଦ, ଠାର, ମୁହଁର ଭାବ, ଛୁଆଁ ଇତ୍ୟାଦି । ଏକ ପ୍ରାଚୀନତମ ଅଧିବାସୀକୁ ବୁଝାଇବା କେତେ କଷ୍ଟ ତାହା ଅସୀମ ବୁଝିପାରୁଥିଲେ । ସାମାନ୍ୟ କଥା ବୁଝାଇବା ପାଇଁ ବହୁ ଚେଷ୍ଟା କରିବାକୁ ପଡେ ।

ଏମିତି ସେହି ଲୋକଟି ସହ ଶର୍ବରୀଙ୍କର ବହୁ ସମୟ କଥାବାର୍ତ୍ତା ଚାଲିଲା । ଶେଷରେ ଲୋକଟି ଠିଆହେଲା ଆଉ ତା' ହାତର ବାଡି ତଳୁଆ ହୋଇଗଲା ଓ ତା'ର ମୁଣ୍ଡ ଝୁଲିଯାଇଥିଲା । ଶର୍ବରୀ ବସ୍ତାରେ ତା' ବସିବା ପାଇଁ ଜାଗା କରିଦେଲେ । ସେ ଲୋକଟି

ISSN NO.
2582-208X

ଶର୍ବରୀଙ୍କ ପାଖରେ ଏକଦମ ଲାଗି ବସିପଡିଲା । ଜାଗା ହେଉନଥିବାରୁ ସେମାନେ ଠେଲାଠେଲି ହୋଇ ଏକ ବସ୍ତା ଉପରେ ବସିଥିଲେ । ତା'ପରେ ସେ ପଛ ଲୋକଟିକୁ ଛୁଇଁ କିଛି 'ଲକଡି' 'ଲକଡି' କହିଲେ । ସେଥିରେ କ'ଣ ଅର୍ଥ ଥିଲା ଅସୀମ ବୁଝିପାରିଲେ ନାହିଁ। କିଛି ସମୟପରେ ଲୋକଟି ଉଠି ଠିଆହେଲା । ତା'କୁ ବେଶି ବୟସ ହୋଇନଥିବ। ଅଣ୍ଟାରେ ଏକ ଲେଙ୍ଗୁଟି ପିନ୍ଧିଛି । ଆଗର ଶୋମ୍ପେନ ଭଳି ଦେହ । ତା'ପରେ ସେ ଆସି ଶର୍ବରୀଙ୍କ ପାଖରେ ଏକଦମ ଲାଗି ବସିପଡିଲା ଆଉ ହାତରେ ନିଜର ଗହଳିଆ ମୁଣ୍ଡ ବାଳକୁ ସିଧା କରିଦେଲା । ତା' ମୁହଁରେ ସାମାନ୍ୟ ନିଶ, ଝାମ୍ପୁରା ବାଳ ସିଧା ହୋଇଯାଇଥିଲା ଆଉ ତା' ଆଖି ଶର୍ବରୀଙ୍କ ସୁନ୍ଦର ସୁଗଠିତ ଆଙ୍ଗୁଠି ଉପରେ ଲାଗିଥିଲା । ଶର୍ବରୀ ତା'କୁ କାନ୍ଧ ପାଖରେ ଛୁଇଁ, ନିଜ ଆଙ୍ଗୁଠି ଦେଖାଇ କିଛି ବୁଝାଇବାକୁ ଚେଷ୍ଟା କରୁଥିଲା । ଲୋକଟି ଅବୁଝା ଭାଷାରେ କିଛି କହୁଥିଲା । ଏମିତି ଶର୍ବରୀଙ୍କ ବୁଝାଇବା କିଛି ସମୟ ପର୍ଯ୍ୟନ୍ତ ଚାଲିଲା । ଏ ଭିତରେ ଶର୍ବରୀଙ୍କ ଗୋଡକୁ ତାଙ୍କ ଚପଲ ଫେରିଆସିଥିଲା।

"ଛୋଟା ବଚ୍ଚା ।"- ଶର୍ବରୀ କଣ କହୁଥିଲେ ।

ତାଙ୍କର ମୁହଁ ଶୋମ୍ପେନର କାନ୍ଧ ଉପରେ ପ୍ରାୟ ଥିଲା । ଲୋକଟିର ମୁଣ୍ଡ ତଳୁଆ ହୋଇ ଆଖି ଶର୍ବରୀଙ୍କ ଆଙ୍ଗୁଠି ଉପରେ ସେମିତି ସୀମିତ ଥିଲା । ସେ ଅନ୍ୟ ହାତରେ ନିଜ ବାଳକୁ ସାଉଁଳାଇଲା । କିନ୍ତୁ ମଝିରେ ମଝିରେ କଥାରୁ ମୁହଁ ଫେରାଇ ନେଉଥିଲା । କିନ୍ତୁ ଦୃଢମନା ଶର୍ବରୀ ତା କାନ୍ଧକୁ ହଲାଇଦେଇ ତା'କୁ କଥା ଭିତରକୁ ଟାଣି ଆଣୁଥିଲେ । ମଝିରେ ମଝିରେ "କ୍ୟା ଝୁଟ ବୋଲତା" କହୁଥିଲେ । ସେ କ'ଣ ବୁଝୁଥିଲେ କେଜାଣି? ଶର୍ବରୀଙ୍କ ପତଳା ଶରୀର ଦୁଇ ଶୋମ୍ପେନଙ୍କ ମଝିରେ ଥାଇ ଜଣକ ପରେ ଜଣକ ପଟକୁ ବୁଲିପଡୁଥିଲା ଆଉ ସୁନ୍ଦର ପତଳା ଓଠରୁ ମଧୁର ସ୍ୱରରେ ଶର୍ବରୀ ପାଳକରି ସେମାନଙ୍କୁ ତୁହାକୁ ତୁହା ବୁଝାଇ ଚାଲିଥିଲେ । ସେମାନେ ତାଙ୍କ କଥାରେ କିଛି ଉତ୍ତର ଦେଉଥିଲେ ତ କେତେବେଳେ କଥାର କିଛି ଉତ୍ତର ଦେନଥିଲେ । କିନ୍ତୁ ଶର୍ବରୀ ସେମିତି ଚେଷ୍ଟା କରି ସେମାନଙ୍କୁ ନିଜ କଥା ଭିତରକୁ ଟାଣି ଆଣୁଥିଲେ ।

"ଗିନତି ଆତା ।"- ଶର୍ବରୀ ଏକ ଶୋମ୍ପେନକୁ ପଚାରିଲେ ଆଉ ତା' ହାତକୁ ଧରିଲେ ।

ସେହି ଶୋମ୍ପେନର ହାତ ଅପରିଷ୍କାର ଥିଲା । କିନ୍ତୁ ଶର୍ବରୀଙ୍କୁ କିଛି ଖରାପ ଲାଗୁନଥିଲା, କିମ୍ବା ତାଙ୍କ ମୁହଁରେ ସାମାନ୍ୟ ବିକୃତି ନଥିଲା । ନଦେଖିଥିଲେ ଏକ ସୁନ୍ଦରୀ ତରୁଣୀ

ISSN NO.
2582-208X

ଏମାନଙ୍କ ମଝିରେ ବସି ଏତେ ସହଜ ଭାବରେ କଥା ହୋଇପାରିବ ବୋଲି ଅସୀମ ଭାବିପାରିନଥାନ୍ତେ । ଅସୀମଙ୍କ ଜାଣିବାରେ ତାଙ୍କ ଅଂଚଳରେ ସୁନ୍ଦରୀ ଗୋରୀ ତରୁଣୀମାନେ କେବଳ ସହରରେ ବୁଲନ୍ତ, ବଢିଆ ହୋଟେଲରେ ଖାଇବାକୁ ଖୋଜନ୍ତ ଆଉ ସଜେଇ ହୋଇ ବୁଲିବାକୁ ଭାବନ୍ତ । ଯଦିଓ ମଣିଷ ଧୂଳ ମାଟିରୁ ଜନ୍ମ, ତଥାପି ଦେହରେ କାଳେ ଧୂଳର ଦାଗ ଟିକେ ରହିଯିବ, ସେଇଥି ପାଇଁ ନଜକୁ ଯେତେ ଯତ୍ନକରି ଘୋଡାଇ ରଖନ୍ତ, ନଜ ଚମ କେମିତି ବେଶି ଉଜ୍ଜ୍ୱଳ ଦିଶିବ ସେଇଥି ପାଇଁ କେତେ ଚେଷ୍ଟାର ଅତି ମୋଟ ବହିକୁ ସାଇତି ରଖିଥାନ୍ତ । ତେଣୁ ଏକ ଅତି ପଢାଲେଖା ତୋଫା ଗୋରୀ, ସୁନ୍ଦରୀ ତରୁଣୀକୁ ଏମିତି କଥାବାର୍ତ୍ତା କରୁଥିବା ଦେଖି ଅସୀମଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲା । ଦେହଟା ଯେ ଧୂଳର ଆଉ ମାଟିର; ତେଣୁ ଧୂଳମଳକୁ ଏତେ ଅଦେଖା କଲେ ମନରେ କେବେ ମୋଟା ପରସ୍ତ ଧୂଳ ଜମିଯିବ ତାହା ଜଣା ପଡିବ ନାହିଁ ଆଉ ପରେ ତା'କୁ ସଫା କରିବାକୁ ପାଖରେ ଥିବ ନା ରୁମାଲ ବା ଆଖିରେ ଆଉ ବଞ୍ଚିଥିବ ଲୁହର ଝରଣା । ସେତେବେଳକୁ ସବୁ ଶୁଖିଯାଇଥିବ, ପୋର୍ଟଲାଣ୍ଡ ସିମେଣ୍ଟ ଭଳ ଟାଣ ହୋଇ ବସିଯାଇଥିବ ।

ଅସୀମ ଏମିତି ନଜ ଅଞ୍ଚଳର ତରୁଣୀମାନଙ୍କ କଥା ଭାବୁଥିଲେ ଆଉ ଏଣେ ଶର୍ବରୀ ଶୋମ୍ୟାନକୁ ଏକ, ଦୋ, ତିନ୍ କରି କହୁଥିଲେ । ବେଳେବେଳେ ସେମିତି ଶୋମ୍ୟାନଟିର କାନ୍ଧ ଧରି ହଲାଉଥିଲେ । କେବେକେବେ ତା' ହାତ ଖୋଲିଦେଉଥିଲେ ଆଉ ତା' ଆଙ୍ଗୁଠିକୁ ମେଲା କରି ଦେଖାଉଥିଲେ । ଲୋକଟାର ଆଙ୍ଗୁଠି ପବ ପବ ହୋଇଯାଇଛି, ମୋଟେ ସୁଗଠିତ ନୁହେଁ, ହୁଏତ ଶିକାର କରି କରି ଏମିତି ହୋଇଯାଇଥିବା । ଚମ ବେଶ ମୋଟା ଜଣା ପଡୁଛି । ହାତରେ ସେମିତି କଛି ବେଶି ରେଖା ନାହିଁ । ବୁଢା ଆଙ୍ଗୁଠିଟି ମୋଡି ହୋଇଯାଇଛି ।

ସେ ଲୋକଟି ଅସୀମ ଆଉ ଅନ୍ୟ ଲୋକଙ୍କ ଆଡକୁ ଅନାଇଲା । ତା' ଭୂଲତା ମଧ୍ୟରେ ମୋଟ କୁଞ୍ଚ ଆସିଯାଇଥିଲା, ମୁଣ୍ଡରେ ବୋଧେ ବହୁତ କଛି ପଶୁନ । ଆଖିରେ ବହୁତ ପ୍ରଶ୍ନ ଥିଲା । ଦାନ୍ତ ଏକଦମ କଳା ପଡିଯାଇଥିଲା, ଲାଗୁଥିଲା ଯେମିତି ସାପ ପାଟି । ସାପ ପାଟି ଭିତର କଳା ଦିଶେ । ତା' ଓଠରେ ଲାଲ ଦାଗ ଥିଲା, କଛିଟା ଫଟା ଲାଗୁଥିଲା । ଦେହର ଚମ ମସୃଣ ନଥିଲା । ସେଥିରେ ଘିମିରି ଭଳ କଛି ଉଠିଥିଲା ଭଳ ଲାଗୁଥିଲା । ଚର୍ମ ରୋଗର ପ୍ରାବଲ୍ୟ ଅଛି ।

ISSN NO.
2582-208X

"ଏଇ, ନାମ ବତାଓ, କ୍ୟା ନାମ? କ୍ୟା ନାମ?"- ଶର୍ବରୀ କଛି ବାର ପଚ୍ଛରିଲେ । ଏମିତି ଏତେବାର କଥା ଏକ ଛୁଆକୁ ତ କୁହାଯାଏ । ଅସୀମ ଭାବୁଥିଲେ ଶର୍ବରୀ ଶୋମ୍ପେନକୁ ଏକ ଛୁଆ ଭଳ ଏତେ କଥା କଣ ପାଇଁ ପଚ୍ଛରୁଛନ୍ତି? ଅଜଣା, ଗଭୀର ଜଙ୍ଗଲରେ ରହୁଥିବା ଲୋକଗୁଡା କ'ଣ ଛୁଆଙ୍କ ପରି ବ୍ୟବହାର କରନ୍ତି ନା କ'ଣ? ଲୋକଟା ମୁଣ୍ଡ ଫେରାଇନେଲା । କଥା ବୁଝୁଥିଲା କ ନାହିଁ କଏ ଜାଣେ? ଲୋକଟାର ଓଠ, ଖୋଲିଗଲା, ବେଶ ମୋଟା ଓଠ ।

"ନୁଆଁଏ ।"- ଲୋକଟା ବେଶ ଭାରି କଣ୍ଠରେ କହିଲା । ତା'ର ମୋଟା ଚେପଟା ନାକଟା ଆଉ ଟିକେ ଚଉଡା ହୋଇଗଲା ଆଉ ଆଖିର ଭୂଲତା ଫୁଲିଗଲା ।

ଶର୍ବରୀ ମଧୁର ସ୍ୱରରେ ନୁଆଁଏ, ନୁଆଁଏ ବୋଲି ଦୋହରାଉଥିଲେ । ଏକ ଛୁଆକୁ ନଜ ନାମଟା ବାରବାର କହିବାକୁ ପଡେ । ଅସୀମ ନଜ କୁକୁର ଛୁଆକୁ ନାମ ଶିଖାଇବା କଥା ଭାବୁଥିଲେ । ଚଲ, ଚଲ ବୋଲି କୁକୁର ଛୁଆର ନାମ କୁକୁର ଆଗରେ କେତେ ଶହବାର କହିଥିବେ ତା'ର ହିସାବ ନାହିଁ । କନ୍ତୁ ସେହି ଚଲ ଡାକରେ କୁକୁର ଛୁଆଟି ତାଙ୍କୁ ଫେରି ଚାହୁଁଥିଲା । ତେଣୁ ନାମର ଏକ ଅର୍ଥ ଅଛି । ଏହା ନଜ କାନରେ ସବୁଠାରୁ ବେଶିବାର ପ୍ରତିଧ୍ୱନତ ହୋଇଥିବା ଶବ୍ଦ ଆଉ ତାହା ନଜ ମନ ଭିତରେ ସବୁଠାରୁ ଗଭୀର ଗାର ଟାଣିଦେଇଛି । ମଲାପର୍ଯ୍ୟନ୍ତ ସେ ଗାର ଯେତେ ଲିଭାଇଲେ ବି ଲିଭିବନ ।

"ଇସକା କ୍ୟା ନାମ?"- ପ୍ରଶ୍ନକୁ ଶର୍ବରୀ ତିନଚାରି ଥର ପଚ୍ଛରିଲେ । ଟୋକାଟା କ'ଣ କହୁଥିଲା ବୁଝି ହେଲାନ । କନ୍ତୁ ସେ ଶର୍ବରୀଙ୍କ ଆଡକୁ ଅନାଇ କଛି କହୁଥିଲା । ତେଣୁ ସେଇଟା ଆଉ ଲୋକଟିର ନାମ ହେବନାହିଁ । ତା' ମୁହଁରେ କନ୍ତୁ ହସ ଥିଲା । ସେ ଶର୍ବରୀଙ୍କ କଥାକୁ ଖୁସି ମନରେ ନେଉଥିଲା ଭଳ ଲାଗୁଥିଲା । ତା'ର ଭିତରକୁ ପଶିଯାଇଥିବା କଳା ଦାନ୍ତ ଖୋଲି ବନ୍ଦ ହେଉଥିଲା ଆଉ ଆଖିରେ ଖୁସିର ଭାବ ଦେଖାଯାଉଥିଲା । ସେ କ'ଣ ନଆଁ-ଏ, ନଆଁ-ଏ କହିଲା । ସେଇଟା ଶର୍ବରୀ ବୋଧେ ବୁଝିପାରିଲେନ । ଅସୀମ କ'ଣ ବୁଝନ୍ତେ? ଏମିତି କଥାବାର୍ତ୍ତା ବେଶ କଛି ସମୟ ଚାଲିଲା । ଶୋମ୍ପେନମାନେ ଶର୍ବରୀଙ୍କ ସହ ଏମିତି ନଜର ଭାବର ଆଦାନ ପ୍ରଦାନ କରୁଥିଲେ ।

ଶେଷରେ ଶୋମ୍ପେନମାନେ ଉଠି ଠିଆହେଲେ ଆଉ ନିଜର ଗୁଆବସ୍ତାକୁ ବାନ୍ଧିବାକୁ ଲାଗିଲେ। ସେମାନେ ବସ୍ତାର ମୁହଁ ସିଲାଇ କରିବାକୁ ବେତରୁ ଛାଲର ସରୁ ରଶି

ISSN NO.
2582-208X

କରିଦେଇଥିଲେ । ବେତର ରଶି ସହଜରେ ଅଖାର କଣା ଭିତରେ ପଶିଯାଉଥିଲା, ଆଉ ଛୁଞ୍ଚିର ଆବଶ୍ୟକତା ପଡୁନଥିଲା । ବେତ ସତରେ କେତେ କାମରେ ଆସେ? ଏ ଅଖାବସ୍ତା ସେମାନଙ୍କୁ ଏଏଜେଭିଏସ ତରଫରୁ ମିଳିଥିବ ବା ସମୁଦ୍ରକୂଳର ନିକୋବରୀମାନେ ଦେଇଥିବେ । ଅଖାବସ୍ତାଟା ସେମାନଙ୍କ ଅଣ୍ଟା ପର୍ଯ୍ୟନ୍ତ ହେଉଥିଲା ଆଉ ଭାରି ଲାଗୁଥିଲା । ସେମାନେ ଭଲଭାବେ ବସ୍ତାକୁ ସିଲାଇ କରିଦେଲେ ଆଉ ଏକ ଲମ୍ବା ବାଡିରେ ବସ୍ତାକୁ ବାନ୍ଧିବାକୁ ଲାଗିଲେ । ଏକା ବେତ ରଶିରେ ଦୁଇ ତିନି ପରସ୍ତ କରି ବସ୍ତାର ଅଗ, ତଳ ଆଉ ମଝି ଅଂଶକୁ ଜୋରରେ ବାନ୍ଧି ଦିଆଗଲା । ସେମାନେ ଗଣ୍ଠି ମଧ୍ୟ ପକାଇଥିଲେ, ଫଳରେ ଅଖାଟା ଆଉ ବାଡିରୁ ହଲିବନି । ଏମିତି ବାନ୍ଧିବା ବା ବୋହିବା ଅତି ସାଧାରଣ ଲାଗିପାରେ । ଗଣ୍ଠି ପକାଇବାଟା ମଧ୍ୟ ସେମାନେ ଆବଶ୍ୟକତା ହେତୁ ଶିଖିଯାଇଥିବେ । କିନ୍ତୁ ଏ ଗଭୀର ଜଙ୍ଗଲରେ ଠିକ ଭାବେ ବାନ୍ଧିବା ଏକ ବହୁତ ବଡ କାମ ହୋଇଥିବ । ସେମାନଙ୍କୁ ଅତି ତୀଖ ପାହାଡ ଚଢିବାକୁ ହେବ । ଜିନିଷ ହଲିଲେ ବା ବାଡିରୁ ଛିଡିଗଲେ ଚଳିବ ନାହିଁ ।

ଚାରିପାଖରେ ଆମେ ମଣିଷ ସଭ୍ୟତାର କ୍ରମ ଅଭ୍ୟୁତ୍‌ଥାନ ଦେଖୁଛେ । କିନ୍ତୁ ଗୋଟାଏ ଘଟଣା ପଛରେ କି ଉଦ୍ଦେଶ୍ୟ ବା ଇଙ୍ଗିତ ଅଛି ତାହା ଆମେ ପ୍ରାୟ ବୁଝିପାରୁନେ । ଚାରିଆଡେ ଘୋର ଜଙ୍ଗଲ । ଦୁଇଟି ଲେଙ୍ଗୁଟି ପିନ୍ଧିଥିବା ଲୋକ ସେ ଭିତରେ କିଛି ଜିନିଷ ନେଇ ବାର୍ତ୍ତାର ସିଷ୍ଟମ ବା ଜିନିଷ ଆଦାନ ପ୍ରାଦାନ କରିବାକୁ ଯିବେ । ସେମାନେ ଦୁଇଜଣ କାନ୍ଧରେ ବାଡିର ଦୁଇପଟକୁ ଉଠାଇନେଲେ । ଠିକ ମଝିରେ ବସ୍ତାଟା ଜୋରରେ ବନ୍ଧା ହୋଇ ରହିଥିଲା । ଆଗ ଲୋକଟାର ଡାହାଣ ହାତରେ ଚାଲିବା ପାଇଁ ଏକ ବାଡିଥିଲା । ବାଡି ମଣିଷକୁ ଚାଲିବାରେ ସବୁବେଳେ ସାହାର୍ଯ୍ୟ କରୁଛି । ମଣିଷର ସନ୍ତୁଳନ ହଠାତ୍ ହରାଇବନି । ସେମାନେ ଏମିତି ଚାଲି ସମୁଦ୍ରକୂଳରେ ପହଞ୍ଚିଲେ ଆଉ ସେମାନଙ୍କ ପଛେପଛେ ଶର୍ବରୀ ଓ ଅସୀମ ମଧ୍ୟ ଚାଲୁଥିଲେ ।

ସମୁଦ୍ରକୂଳ ଆଡକୁ କିଛିଟା ନଡିଆଗଛ ଦେଖାଯାଉଥିଲା । ଜଙ୍ଗଲ ଧାରରେ କେତେଟା କେଓଡା ତଥା ଅନ୍ୟ ସମୁଦ୍ରକୂଳିଆ ଗଛ ଥିଲା । ଏବେ ରାସ୍ତା ବାଲିଆ ହୋଇଆସିଥିଲା । ବାଲିଆ କୂଳ ଆଡକୁ ମଞ୍ଚ ଉପରେ ବନାଯାଇଥିବା ଏକ ନିକୋବରୀ କୁଟୀର ଦେଖାଯାଉଥିଲା । ସେହି ଘର ଆଡକୁ ଏ ଶୋମ୍ପେନ ଦୁଇଜଣ ନିଜ ଜିନିଷ କାନ୍ଧେଇ ଆଗାଉଥିଲେ । ଆଗରୁ ବେଶ ଆଲୋକ ଆସୁଥିବା ହେତୁ ସେମାନେ ଏବେ କଳା ଛାଇ

ISSN NO.
2582-208X

ପରି ଲାଗୁଥିଲେ । ଏକ ଅନ୍ଧାର ଦୁନିଆରୁ ମଣିଷ ଏବେ ଆଲୋକର ଦୁନିଆକୁ ଯାତ୍ରା କରୁଥିବାର ପରି ଜଣାଯାଉଥିଲା । ଶୋମ୍ପେନ ଦୁଇଜଣଙ୍କ ଚାଲିରେ ଖସ୍‌ଖସ୍ ଶବ୍ଦ ଆସୁଥିଲା ଆଉ ସେପଟୁ ଶୁଣାଯାଉଥିଲା ସମୁଦ୍ରର ଆହ୍ୱାନ । ଦୁଇ ଶବ୍ଦ ଭିତରେ ଏବେ କିଛି ସମ୍ବନ୍ଧ ଗଢିହୋଇଯିବ ।

ନିକୋବରୀ ହଟମାନ ସମୁଦ୍ରକୂଳକୁ ଲାଗିକରି ଥିଲା । ଜାଗାଟା ପରିଷ୍କାର, ଚାରିପଟ ସଫା କରାଯାଇ ରହିବା ସ୍ଥାନ ତଆରି କରାଯାଇଛି । କିଛି ନିକୋବରୀ ପରିବାର ପାଖାପାଖି ରହୁଛନ୍ତି । ନିକୋବରୀ ହଟ୍ ପଟା, ବାଉଁଶ ଦ୍ୱାର ତିଆରି ପ୍ଲାଟଫର୍ମ ଉପରେ ବନାଯାଇଥିଲା । ତା'ପରେ ଉପରକୁ ଏକ ଅର୍ଦ୍ଧବୃତ୍ତରୁ ଟିକିଏ ଗୋଜିଆ ଆକାରର ସାମାନ୍ୟ ଲମ୍ବା ପତ୍ରର ଛାଉଣୀ କରାଯାଇଥିଲା । ହଟ୍ ଚାରିପଟେ ବାଉଁଶକୁ ଚିରି ବାଉଁଶ ପାତିଆ ଦ୍ୱାରା ବାଡ କରାଯାଇଥିଲା, ଯାହା କାନ୍ଥ ଭଳି କାମ କରୁଥିଲା । ଗୋଟାଏ ଦୁଇଟା କରି ଚାରିଆଡେ ନଡିଆ ଗଛ ଲାଗିଛି । ନଡିଆ ନିକୋବରୀଙ୍କର ଜୀବନ ଧାରଣ ପାଇଁ ଅତି ଅପରିହାର୍ଯ୍ୟ ଜିନିଷ ବୋଲି ଏଥିରୁ ଜଣା ପଡିଯାଉଥିଲ । ପୋଷା ଘୁଷୁରୀମାନେ ଆଉ ସେମାନଙ୍କ ଛୁଆ ଏପଟ ସେପଟ ବୁଲୁଥିଲେ । କିଛିଙ୍କର ରଙ୍ଗ କଳା ଧଳା ଥିଲା, ମିକ୍ସଡ ବ୍ରିଡ । ସେ ଜାଗାରେ ବହୁତ ନିକୋବରୀ ଲୋକ ବୁଲୁନଥିଲେ, ବୋଧହୁଏ ପୁରୁଷମାନେ କିଛି କାମରେ ଯାଇଥିବେ । ଗୋଟାଏ ଦୁଇଟା ଛୁଆ ନିଜ ନିଜ ଘରକୁ ଯାଉଥିଲେ । ସେମାନେ ଶୋମ୍ପେନ ବା ଆଗନ୍ତୁକଙ୍କ ଚାରିପାଖେ ଭିଡ ଜମାଇ ନଥିଲେ ।

ଶୋମ୍ପେନ ଦୁଇଜଣ ଗୁଆବସ୍ତାକୁ ତଳେ ଓହ୍ଲାଇ ଦେଇ ବସିଗଲେ । ପାଖ ନିକୋବରୀ ହଟରୁ ଅର୍ଦ୍ଧବୟସ୍କା ମହିଳାଟିଏ ଆସି ସେହି ଗୁଆବସ୍ତା ଉପରେ ବସିଲା । ମହିଳାଟିର ଉପର ଦେହରେ ନୀଳ ରଙ୍ଗର ଟପସ ଥିଲା ଆଉ ଅଣ୍ଟା ତଳେ ଛାପିଛାପିକିଆ ଘାଗରା ପିନ୍ଧିଥିଲା । ସେ ଶୋମ୍ପେନମାନଙ୍କ ସହ କିଛି କଥା ହେଉଥିଲା, ବୋଧହୁଏ ମୂଲଚାଲ ହେଉଛି । ଶୋମ୍ପେନ ଦୁଇଜଣ ଆଗରୁ ନିକୋବରୀ ମହିଳାଙ୍କ ଜଣାଶୁଣା ଲାଗୁଥିଲେ । ମହିଳାଟି ସେମିତି କେଉଁ ଚାଲାକ ବେପାରୀ ଭଳି ମୋତେ ଲାଗୁନଥିଲା । ନିକୋବରୀମାନେ ସରଳ ଲୋକ । ଏଠି ଆଉ ଏକ ଅତି ଆଦିମ ଜନଜାତି ନିଜ ସଂଗୃହୀତ ଜିନିଷ ବିକ୍ରୀ କରିବାକୁ ଆସିଛି । ଶୋମ୍ପେନ ଦୁଇଜଣଙ୍କ ସହ ନିକୋବରୀ ମହିଳାଙ୍କ ମୂଲଚାଲ ବୋଧେ ଛିଡିଗଲା ।

ISSN NO.
2582-208X

ଏ ଭିତରେ ନିକୋବରୀ ମହିଳାଟି ନିଜ ହଟକୁ ଚାଲିଗଲା । ହଟରେ ଉପର ପତ୍ରକୁ ବାଉଁଶ ଆଉ ବେତ ବ୍ୟବହାର କରି ବଡ ସୁନ୍ଦର ଭାବେ ପତ୍ର ଛାଉଣୀ କରାଯାଇଥିଲା । ବର୍ଷା ହେଲେ ପାଣି ଗଳିବନି । ଉପର ଚଟାଣରେ ମହିଳାଟି ଚକା ପକାଇ ବସିଗଲା ଆଉ ଘରେ କାମ କରୁଥିବା ଏକ ରାଞ୍ଚ୍ ବାଲା ବୁଢା ଲୋକ ଏକ ବସ୍ତା ଭିତରୁ କିଛି ଧୂଆଁପତ୍ର ବାହାର କଲା । ସେଗୁଡିକ ଶୋମ୍ପେନମାନଙ୍କୁ ଦିଆଯିବ । ମହିଳାଟି ବାହାର କରାଯାଉଥିବା ଜିନିଷକୁ ଧ୍ୟାନ ଦେଉଥିଲା । ଯାଗାଟା ଖୋଲା । ତଳେ ପଟା ଉପରେ ଚଉଡା ପଟା ପକାଇ ଏକ ଭଲ ଶୋଇବା ଚଟାଣ ତିଆରି ହୋଇଥିଲା । ମହିଳାଟି ବାହାର କରାଯାଇଥିବା ଧୂଆଁପତ୍ରକୁ ଦୁଇଟା ଛୋଟ ବିଡା କଲା ଆଉ ଆରପଟ ବାଉଁଶ କାନ୍ଥ ପାଖକୁ ଗଲା । ଚଟାଣରେ ଏକ ନାଲି ଧଳା କୁକୁର ଚୁପଚାପ୍ ପେଟେଇ ଅନାଇଥିଲା । ସେପଟେ ଏକ ସୁଟକେଶ ତଳେ ରଖାଯାଇଥିବା ତାଲା ନଲାଗିଥିବା ଏକ ଟ୍ରଙ୍କରୁ ମହିଳାଟି କିଛି ଧଳା ଓ କିଛି ଛିଟ କପଡା ବାହାର କଲା । ସେଇ ଜିନିଷ ଶୋମ୍ପେନମାନଙ୍କୁ ଦିଆଯିବ । ଟ୍ରଙ୍କ ପାଖରେ ଏକ ପୁରୁଷ ଲୋକ ତଳେ ଶୋଇ ନିସ୍ପୃହ ଭାବେ ଅନାଇଥିଲା । ଆଉ କିଛି ଛୁଆ ମଧ୍ୟ ସେମିତି ଅନାଇଥିଲେ । ନିକୋବରୀ ସମାଜରେ ମହିଳାର ସ୍ଥାନ ବେଶ ଉପରେ ବୋଲି ସହଜରେ ଜଣା ପଡିଯାଉଥିଲା । ଏମାନେ ସମସ୍ତେ ଏକ ବଡ ହଲ ଭଳି କୋଠରୀରରେ ରୁହନ୍ତି । କାହା ପାଇଁ ଅଲଗା ଅଲଗା କୋଠରୀର ବନ୍ଦୋବସ୍ତ ନଥାଏ । ମହିଳାଟି ଟ୍ରଙ୍କକୁ ଭଲଭାବେ ବନ୍ଦ କରିଦେଲା ।

ଏବେ ମହିଳାଟି ଏସବୁ ଜିନିଷ ଧରି ଉଠି ଠିଆହେଲା । କେତେଟା କୁକୁର ମଧ୍ୟ ଉଠି ପୁଣି ଶୋଇଗଲେ । ଦେଖିଲାବେଳକୁ ଉପରେ ତିନିଟା କୁକୁର ଅଲଗା ଅଲଗା ଯାଗାରେ ଶୋଇଥିଲେ । ଉପରେ ନିକୋବରୀମାନଙ୍କ ରୋଷେଇ ପାଇଁ ବନ୍ଦୋବସ୍ତ ଥିଲା । ସବୁକାମ ପାଇଁ ତଳକୁ ଯିବାର ଆବଶ୍ୟକ ନାହିଁ । ତଳେ କିଛି କୁକୁଡା ନିଜ ଚରା କରୁଥିଲେ । ଗୋଟାଏ ବଡ ହାଣ୍ଡିରେ ପ୍ରାୟ ଅଧାରୁ ଅଧିକ ପରିମାଣର ଲାଲ ଚାଉଳ ରୋଷାଇ କରି ରଖାଯାଇଥିଲା ।

ଜଣେ ଶୋମ୍ପେନ ପାଖ ନଡିଆ ଗଛକୁ କ୍ଷେପାମାରି ଚଢିଗଲା । ବୋଧହୁଏ ନିକୋବରୀ ଜଣଙ୍କ ଚଢିବା ପାଇଁ କହିଥିବ । କିଛି ଅତିଥି ଆସିଛନ୍ତି । ନଡିଆ ଗଛରେ ଅନେକ ପଇଡ ନଡିଆ ଥିଲା । ଶୋମ୍ପେନର ହାତରେ ଏକ ଲମ୍ବା ଦାଓ ଥିଲା । ନଡିଆ ଗଛର ଉପର ଆଡକୁ ଏକ ଛତା ପରି ଲାଗୁଥିଲା । ବାହୁଙ୍ଗାମାନ ଯେମିତି ଛତାର ଲୁହା ଛଡି । ତା’

ISSN NO.
2582-208X

ଭିତରେ କେଉଁଠି କେଉଁଠି ନଡିଆ କାନ୍ଦିମାନ ବାହରି ଆସିଥିଲା । ଶୋମ୍ପେନ ଜଣକ ବାଛି ବାଛି କିଛି ପଇଡ କାଟି ତଳକୁ ପକାଇଲା ।

ଏ ଭିତରେ ସେ ରାଞ୍ଚ୍ ଲୋକଟି ଆଉ ମହିଳାର ଘରେ ଶୋଇଥିବା ତା’ ବୟସର ପୁରୁଷ, ବୋଧହୁଏ ତା’ର ସ୍ୱାମୀ ହେବ ବାହାରି ଆସି ଗୁଆ ବସ୍ତାକୁ ଏକ ଗୋଲ ଓଜନ ଯନ୍ତ୍ରରେ ଝୁଲାଇ ଓଜନ କଲା । ପୁରୁଷ ନିକୋବରୀ ଲୋକଟି ଏକ ଗୋଲ ଟି ଶାର୍ଟ ପିନ୍ଧିଥିଲା ଆଉ ହାଫ ପ୍ୟାଣ୍ଟ ଅଣ୍ଟା ତଳକୁ ଥିଲା । ପାଖାପାଖି ଷାଠିଏ କିଲୋ । ଚୋପା ସହ ଗୁଆ ଅଛି ।

ଓଜନ ସରିଲା ପରେ ଶର୍ବରୀ ଏ ବାର୍ତାର ସିଷ୍ଟମ ଉପରେ ପଚାରୁଥିଲେ । ନିକୋବରୀ ଲୋକଟି ଏସବୁ ଜିନିଷ ନେଇ କ୍ୟାମ୍ପବେଲ ବେରେ ବିକିବ । ଚୋପା ଛଡାଇଲେ ଗୁଆ ପ୍ରାୟ ୩୦ କିଲୋ ହେବ । କ୍ୟାମ୍ପବେଲ ବେରେ ଗୁଆ କିଲୋ ପିଛା ଚାଳିଶି ଟଙ୍କା । ପ୍ରାୟ ୧୨୦୦ ଟଙ୍କା ମିଳିବ । ଲୋକଟି କିଛି ନଲୁଚାଇ ନିଜ ବେପାରର ଟେକନିକ୍ ବତାଇ ଦେଉଥିଲା । ଏଣେ ଶୋମ୍ପେନଙ୍କୁ ପ୍ରତି ବଦଳରେ ମିଳିଲା ଦୁଇ ମିଟର ଧଳା କପଡା, ଏକ ଛିଟ କପଡା ଆଉ କିଛି ଧୂଆଁପତ୍ର । କପଡାର ମୂଲ୍ୟ ପ୍ରାୟ ୧୦୦-୧୫୦ ଟଙ୍କା ଆଉ ଧୂଆଁପତ୍ରର ମୂଲ୍ୟ ପ୍ରାୟ ୫୦ ଟଙ୍କା । ସବୁ ମିଶାଇ ମୂଲ୍ୟ ହେବ ପ୍ରାୟ ୧୫୦ରୁ ଦୁଇଶହ ଟଙ୍କା ବା ଅତି ବେଶୀରେ ଅଢେଇଶହ ଟଙ୍କା ପର୍ଯ୍ୟନ୍ତ ହେବ ।

ଶର୍ବରୀଙ୍କ ବୁଝାଇବା, ପ୍ରଶ୍ନ ପଚାରିବା ଶୈଳୀରେ ଅସୀମ ପ୍ରଭାବିତ ହେଉଥିଲେ । କେତେ ସହଜରେ ଶର୍ବରୀ ପ୍ରଶ୍ନ ପଚାରି ଉତ୍ତର ବାହାର କରିଦେଇପାରନ୍ତି । ନିଜ ବେପାର କଥା କଣ କେହି ସହଜରେ କୁହେ? ଏସବୁ ଜିନିଷ ଗୁଆବସ୍ତା ଉପରେ ରଖିଦିଆଗଲା । ଶୋମ୍ପେନମାନେ ନିଜକୁ ମିଳିଥିବା ଜିନିଷକୁ ନିଜ ହିସାବରେ ତଉଲୁଥିଲେ । ଶେଷରେ ହିସାବ କିତାବ ଠିକ ହୋଇଗଲା । ଜିନିଷ ଅଦଳ ବଦଳ ହେବ ।

ଶର୍ବରୀ ଶୂନ୍ୟ ଆଖିରେ ଶୋମ୍ପନ ଦୁଇଜଣଙ୍କୁ ଅନାଉଥିଲେ । ସେ ଜାଣିଥିଲେ କିଛି ଅନ୍ୟାୟ ହେଉଛି । ସେମାନଙ୍କୁ ବହୁ ଅଧିକ ମିଳିବା ଉଚିତ । ଶୋମ୍ପେନ ଲୋକଟି ପାଖରେ ନିକୋବରୀ ଲୋକଟି ଠିଆ ହୋଇଥିଲା । ଦୁଇଜଣ ପ୍ରାୟ ଏକା ଉଚ୍ଚ । କିନ୍ତୁ ନିକୋବରୀ ଲୋକଟି ପୁରା କପଡା ପିନ୍ଧିଛି ଆଉ ଶୋମ୍ପେନ ଜଣଙ୍କ ଅଣ୍ଟାରେ ଲେଙ୍ଗୁଟି । ନିକୋବରୀ ଲୋକଟିର ରଙ୍ଗ ଅବଶ୍ୟ ବେଶି ସଫା । ଏତିକି ପ୍ରଭେଦ ପାଇଁ ଏତେ ମୂଲ୍ୟର ଫରକ । ଶର୍ବରୀ କିଛି କହିପାରୁନଥିଲେ । କିନ୍ତୁ ସବୁ କଥା ନିଜ ଟିପା ଖାତାରେ

ISSN NO.
2582-208X

ଟିପିନେଉଥିଲେ । ପରେ ନିଜର ଗବେଷଣା ସନ୍ଦର୍ଭ ପ୍ରକାଶରେ ଏହିସବୁ ତଥ୍ୟ କାମରେ ଆସିବ । ଅସୀମ କିଛି ପ୍ରତିକ୍ରିୟା ଜାଣି କଲେନାହିଁ ।

ମୂଳଚାଲ ଛିଡିଯାଇଥିଲା, ଜିନିଷ ଅଦଳ ବଦଳ ହୋଇସାରିଥିଲା । ଏବେ ବିଦାୟର ସମୟ। ପଇଡ କଟାଯାଇ ସମସ୍ତଙ୍କୁ ଦିଆଗଲା । ପଇଡ ପାଣି ବେଶ ମିଠା ଥିଲା । ଶୋମ୍ପେନଟି ପଇଡର ମୁହଁ କାଟି ମୁହଁରେ ଲଗାଇ ନଡିଆ ପାଣି ପେଟେ ପିଇଲା । ପିଇ ସାରି ଦାଓରେ ନଡିଆକୁ ଦୁଇଫାଳ କରି ଭିତରର ଶସ କୋରି ଖାଇଲା । ଅସୀମ ନିକୋବରୀ ହଟକୁ ଅନାଇଲେ । ସବୁଜ ଜଙ୍ଗଲ ପଛରେ ଥାଇ ଦେଖିବାକୁ ଏହା ସୁନ୍ଦର ଲାଗୁଥିଲା ଆଉ ପରିବେଶ ଶାନ୍ତ ଥିଲା । ପଶ୍ଚିମ ଉପକୂଳରେ ଥିବା ଏହି ନିକୋବରୀ ପରିବାର କେତୋଟି ଶୋମ୍ପେନମାନଙ୍କୁ କିଛି ଅତି ଆବଶ୍ୟକ ଜିନିଷ, ଅବଶ୍ୟ ସେମାନଙ୍କ ହିସାବରେ, ଯୋଗାଇ ଦେଉଛନ୍ତି । ଏମାନେ ନଥିଲେ ହୁଏତ ଏ ଜିନିଷ ଶୋମ୍ପେନମାନଙ୍କୁ ମିଳନ୍ତାନି । ଏକ ପ୍ରାଚୀନ ଆଦିମ ଅଧିବାସୀକୁ ଆଉ ଏକ ଆଦିବାସୀ, ସାମାନ୍ୟ ଉନ୍ନତ ଧରଣର ଅବଶ୍ୟ, କିଛି ସୁବିଧା ନିଜ ଲାଭ ସହ ଦେଉଛି । ଶର୍ବରୀଙ୍କ ଭଳି କିଛି ଦୃଢ଼ ଗବେଷିକା ବହୁ ଲୁକ୍କାୟିତ ତଥ୍ୟକୁ ଠିକ ଭାବେ ସଂଗ୍ରହ କରି ଲୋକଲୋଚନକୁ ଆଣିପାରୁଛନ୍ତି ।


-୦-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ପାଦୁକା (ଜୋତା)



ଇଂ. ସୁଶାନ୍ତ କିଶୋର ବଳ

*ଯେ ପାଦଗୁରୀ ସରଣୀରେ ଚାଲେ*
*ତାରିହିଂ ଆବଶ୍ୟକ ପାଦୁକା;*
*କଂଟକ, କଂକରୁ ବଂଗୁଇଥାଏ,*
*ରକ୍ତ ଖ୍ୟରଣୁ ମୁକ୍ତ ଦେଇଥାଏ*
*ଦୂରିଥାଇ ଯେତେ ଆପଦ !*
*ଏରୁଣ୍ଡି ବଂଧଟି ଡେଇଂ ଗଲାପରେ*
*ଯେବେ ଆସି ଯାଇଥାଏ ସ୍ରସତା,*
*ସେଇ ସ୍ରସତାରେ ଚାଲିଗଲା ବେଳେ*
*ଆବଶ୍ୟକ ଥାଏ ପାଦୁକା;*
*ବନ୍ ରହିଥାଏ ଚରସାଥୀ ହୋଇ,*
*ହେଉପଛେ ରାସ୍ତା ପଂକଳ, କଦର୍ମାକ୍ତ.*

*ଗୋମାତା ଗୋଧନଂକ ପାଦ କଠିନ,*
*ଫୁଟେ ନାହିଂ ତହିଂରେ କଣ୍ଟକ.*
*କାନନେ, ଅରଣ୍ୟେ ବନ୍ୟଜନ୍ତୁ ଗଣେ*
*ଧାବି ରହିଥାନ୍ତୁ ଖିପ୍ର ଗତିରେ,*
*ବିନା ପାଦୁକାର ଭରେଷେ.*

ISSN NO.
2582-208X

*ତଥାପି ତାଂକର ଶକତ ପାଦବଳେ*
*ରହିଥାନ୍ତ ତାଂକେ ନୀର୍ବପଦେ.*

*ପାଦୁକାର ସୃଷ୍ଟି କେଉଂ ଆବାହମାନୁ,*
*ଗୋଚର ନଥାଏ କାହାକୁ;*
*ଭିନ୍ନଭିନ୍ନ ନାମେ ସେ ପରିଚତ*
*ଖାଲି ନାମକରଣେ ସେ ଭିନ୍ନ,*
*ସାରଲ୍ୟେଭର୍ ଅଂଗ ଗଠନ ତା'ର*
*ଔଧତ୍ୱରୁ ସେ ବଂଚତ;*
*ପ୍ରାକ୍ ଐତିହାସିକ ଯୁଗେ 'ଖଡମ'*
*କାଷ୍ଠେ ନର୍ମୀତ ତା' ଅବୟବ;*
*ଆଧୁନକ ଯୁଗେ ୧୬୦୦ ଖ୍ରୀଷ୍ଟପୂର୍ବେ*
*ମେସୋପଟାମିଆର ବେବିଲୋନ୍ଆ ଠାରେ*
*ପାହାଡିଆ ମାଟିରେ ଗ୍ଭଲିବାପାଇଂ,*
*ହୋଇଥୁଲ୍ ନରମ ଜୋତାର ଉଦଭ୍ବନ.*
*ଗୋଟିଏ ଚମଡାକୁ ପାଦରେ ଗୁଡାଇ,*
*ସୁତାରେ ବାଂଧି ହେଉଥିଲ୍ ତା' ବ୍ୟବହାର.*
*ଧିରେ ଯୁଗ ଅନୁସାରେ ବଦଳଗଲ୍ ତାର ବାହ୍ୟସ୍ୱରୂପ ;*
*ଅଧୁନା ବହୁ ପରକାର ଯୋଗ୍ଯ ବଜାରେ*
*ଆସିଛି, ରଂଗବେରଂଗେ ତା' ବୈଭବ.*
*ଆଭିଜାତ୍ୟର ସେ ହୋଇଛି ନୀଦର୍ଶନ,*
*ଶୋଭ୍ ପାଉଥାଇ ଧନୀକର ପଦେ.*
*ପର୍ବ, ପର୍ବାଣୀ, ବିହା, ବ୍ରତଘରେ ହୋଇଥାଏ*
*ତାର ବହୁଳେ ପ୍ରଦର୍ଶନ;*
*ହେଲେ ନୀର୍ଧନ କରେ ଅର୍ଥାଭ୍ବେ
ନୀମ୍ନମାନର ପାଦୁକା ପରିଧାନ.*

ISSN NO.
2582-208X

*ତେବେ ନୀଶ୍ୱ ହେଉଅବା ଐଶ୍ୱର୍ଯ୍ୟବାନ,*
*ସବୁରି ପଦେ ଦରକାର ପଦଢଂକନ.*
*ଧୂଳ,ଆବର୍ଜନାରୁ ମୁକ୍ତ  ମିଳଥାଏ,*
*ରହିଥାଏ ପଦଯୁଗଳ ପରିଷ୍କାର;*
*ବହୁ ପୁରୁଖାଲୋକେ ପିଂଧିଥାନ୍ତ ପଦେ କାଷ୍ଠନର୍ମିତ ଖଡମ ;*
*ନଥାଇ କଛିବି ଅଂହ*
*ଅଭିମାନ, ଗାରିମାର କଂଚତ ଭ୍ୱବ.*

*ଏହି ପାଦୁକାର କଛିଆଉ ଅଛି*
*ନାକାରତ୍ମକ ଉପଲବଧି;*
*ଅପମାନତ କରିବାକୁ କାହାକୁ ହେଲେ*
*ପାଦରୁ ଖୋଲି ଦେଖାଇଥାଉ ତାକୁ,*
*ଏଇ ଅଟେ ଆମର ରିତୀ, ବୁଧ୍ବ, ସମୃଧ୍ବ !*

କଟକ

ISSN NO.
2582-208X

# ଅନ୍‌ଲାଇନ୍‌ରେ 'ଆମାଜନ୍'ର ନିର୍ମାଲ୍ୟ ବିକ୍ରି



ଶଶଧର ମହାପାତ୍ର

ଯାହା ଘଟୁଅଛି ଏ କଳି କାଳରେ
ନକହିଲେ ତାହା ଭଲ
ଅନ୍‌ଲାଇନ୍‌ରେ ନିର୍ମାଲ୍ୟ ମିଳୁଛି
ଶୁଣିଲେ ହୋଇବ କାଲ
ମନହୁଏ କଲବଲ
'ଆମାଜନ'ରେ 'ଜେଫ୍ ବେଜୋସ୍'
ବିକହୁଏ ମାଲ୍‌ମାଲ ।
ଅନ୍‌ଲାଇନ୍‌ରେ ନିର୍ମାଲ୍ୟ ବିକ୍ରିକୁ
ହେଲାଣି ଜନ ବିରୋଧ
ଓଡ଼ିଶାର ଲୋକେ ଆରମ୍ଭ କଲେଣି
ରାସ୍ତାଘାଟ ଅବରୋଧ
ଭକ୍ତ ସେବାୟତ ପ୍ରକାଶ କରନ୍ତି
ସେଥିପାଇଁ ତାଙ୍କ କ୍ଷୋଭ
ପୁରୀ ଥାନାରେ ଏତଲା ଦେଇଛନ୍ତି
କହିଲେ ଶମ୍ଭୁନାଥ ଦେବ
ଯାହାହେବ ଦେଖାଯିବ

ISSN NO.
2582-208X

ଆମେ ଭାଙ୍ଗିଦେବୁ 'ଆମାଜନ' ଗର୍ବ ।
ଶ୍ରୀମନ୍ଦିର ପ୍ରଶାସନଠୁଁ ନେଇନି
'ଆମାଜନ' ଅନୁମତି
କାହାବଳରେ ନିର୍ମାଲ୍ୟ ବିକୁଛି
କଏ ଦେଲା ପ୍ରତିଶ୍ରୁତି ?
ଗ୍ରାଉଣ୍ଡ ଅନେଶୋତରେ ବିକୁଛି
ଫୁଲେଇକ ତାଙ୍କ ଛାତି
ସତେକ ଏ ହୀରା ମୋତି
ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ
ବାରମ୍ବାର କହୁଛନ୍ତି ।
'ଆମାଜନ'ର ୱେବ୍‌ସାଇଟ୍‌ରେ
ନିର୍ମାଲ୍ୟ ଉଲ୍ଲେଖ ଅଛି
ମହାପ୍ରଭୁଙ୍କର ଏ ମହାପ୍ରସାଦ
ତା' ସଙ୍ଗେ ଯୋଡ଼ା ଯାଇଛି
ଦଶ ଟଙ୍କାରେ ଯାହାକୁ ଯେତେ
ଲୋଭ ଦରିଆରେ ବୁଡ଼ିଛି ସତେ
ଲାଜ, ସରମ ହେଲାଣି ଅତି
ଆଇନଗତ ଏହାର ତର୍ଜମା ହେଉ
ଯିଏ ଅଛି ଦୋଷୀ ସିଏ ପାନେ ପାଉ
କାର୍ଯ୍ୟାନୁଷ୍ଠାନପାଇଁ ବିଚାର କରୁ
ସୁପ୍ରିମ୍‌କୋର୍ଟ ବିଚାରପତି
ଆସ୍ଥା ଓ ବିଶ୍ୱାସ ରହିଛି, ରହିବ
ଓଡ଼ିଆଙ୍କ ନିର୍ମାଲ୍ୟ ପ୍ରତି
ହୃଦ କନ୍ଦରରେ ଲୁଚ ରହିଅଛି

ISSN NO.
2582-208X

ତାଙ୍କ ଜଗନ୍ନାଥ ପ୍ରୀତି
'ଆମାଜନ'ରେ ନାହିଁ ନର୍ମାଲ୍ୟ ଶୁଦ୍ଧତା
କଏ ପ୍ରଶ୍ନ କରେ ଏହାର ପବିତ୍ରତା
ବଢ଼ିଲାଣି ଏବେ ତାତି
ଦେଖି ପାପର ଏ କରାମତି ।

(ଓଡ଼ିଆ ଖବର କାଗଜରେ ଅନ୍‌ଲାଇନ୍‌ରେ 'ଆମାଜନ୍' ନିର୍ମାଲ୍ୟ ବିକୁଥିବା ଲେଖାଟିଏ ପଢ଼ିଲାପରେ । ଶ୍ରୀମନ୍ଦିର ସେବାୟତ 'ଶମ୍ଭୁନାଥ ଖୁଣ୍ଟିଆ' ସିଂହଦ୍ୱାର ଥାନାରେ ଏ ବିଷୟରେ ଏତାଲା ଦେଇଛନ୍ତି । ଏ କି ସମୟ ଆସି ପହଂଚିଲା !

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଚହ୍ନା ଅଚହ୍ନା



ଡକ୍ଟର ବିଜ୍ଞାନୀ ଦାସ

ଏଇଟା କଣ ବୟସଗତ ବ୍ୟାଧି ନା' ସାଧାରଣ କଥା ? କଣ ପାଇଁ କେଜାଣି ଅନେକଙ୍କୁ ଚିହ୍ନିପାରୁନଥିଲା ସବିତା । ଅନେକ ଚିହ୍ନଚିହ୍ନା ମନେହେଉଥିଲେ, କିନ୍ତୁ ସେମାନଙ୍କ ନାମ ମନେପଡୁନଥିଲା । ସେମାନେ କିନ୍ତୁ ସବିତାକୁ ଚିହ୍ନିଗଲେ ଓ "ଭାଉଜ', 'ଅପା', 'ନାନୀ' ଓ 'ସବିତା' ନାମରେ ସମ୍ବୋଧନ କରି କଥାପକୋଥନ ଆରମ୍ଭ କରିଦେଲେ । ସିଏ ଯେ ସେମାନଙ୍କୁ ଚିହ୍ନି ପାରିଲାନି, ସେ ବିଷୟରେ କାହାକୁ ଜାଣିବାକୁ ଦେଲାନି ସବିତା, ବରଂ ସେମାନଙ୍କ କଥୋପକୋଥନରୁ ଠଉରାଇ ସେମାନଙ୍କୁ ଚିହ୍ନିଦେଲା ଓ ଗପଶପ ଆରମ୍ଭ କରିଦେଲା ।

ହୁଏତ ଏଇଟା ସେ ସମସ୍ତଙ୍କୁ ଦଶ, ପନ୍ଦର ବର୍ଷ ବ୍ୟବଧାନରେ ଦେଖୁଥିବାରୁ ହେଉଥିଲା । ଅନେକଙ୍କୁ ସେ ୩୦ ବର୍ଷରୁ ଅଧିକ ହେବ ଭେଟିନଥିଲା । ସେମାନେ ସମସ୍ତେ ତା ନିଜର ଥିଲେ । କିଏ ବଡବାପାଙ୍କ ତରଫରୁ ତ କିଏ ସାନବାପାଙ୍କ ତରଫରୁ ସଂପର୍କୀୟ । କିଏ ମାମୁଙ୍କ ତରଫରୁ ସଂପର୍କୀୟ ଥିଲେ ତ କିଏ ପିଉସୀଙ୍କ ତରଫରୁ ସଂପର୍କୀୟ ଥିଲେ । ଏ ମଧ୍ୟରେ ଅନେକ ସଂପର୍କୀୟ ମରଶରୀର ତ୍ୟାଗ କରିଥିଲେ । ଅନେକ ସଂପର୍କୀୟ ଜନ୍ମ ହୋଇଥିଲେ ।

ISSN NO.
2582-208X

ବାପେ୍ର ବାପ୍ । ଏତେବଡ ପରିବାର ? ମୁଣ୍ଡ ଝିମ୍‌ଝିମ୍ କରିଗଲା । କାହାକୁ ସିଏ ମନେରଖିପାରୁନଥିଲା । ଖୁଡୀ ଗୋଟିଏ ଝିଅକୁ ଆଣି ଚିହ୍ନେଇ ଦେଇ କହିଯାଇଥିଲେ, "ଇଏ ପାରର ଝିଅ । ଏବେ ବାଙ୍ଗାଲୋରରେ କାମ କରୁଛି । ଆମେରିକା ଯିବାର ଅଛି ତାର। ହେଲେ ତା' ଘରେ ସମସ୍ତେ ଚାହୁଁଛନ୍ତି ସିଏ ବାହା ହୋଇଯାଉ । ନହେଲେ ବାହା ହେଉହେଉ ବୁଢୀ ହେଇଯିବ । ତୋର ଯଦି କିଏ ସାଙ୍ଗସାଥୀ ଅଛନ୍ତି, ତାହେଲେ ତାଙ୍କ ସହିତ ଯା ବାହାଘର ପାଇଁ ଟିକେ ଦେଖାଦେଖି କରିବୁ ତ ।'

"ହେଲେ ପାର କିଏ ?' ଖୁଡୀଙ୍କୁ ଏକଥା ପଚାରିବାକୁ ଚାହିଁଲେ ବି ପଚାରି ପାରିଲାନି ସବିତା। କାଳେ ପାରକୁ ସିଏ ଜାଣିଥିବ । ହୁଏତ ପାର ତାର ଘନିଷ୍ଠ ସଂପର୍କୀୟ ହୋଇଥାଇପାରେ । ଏବେ ଯଦି ସିଏ ତାକୁ ନ ଜାଣିଥିବାର ଦେଖାଇ ପ୍ରଶ୍ନଟିଏ କରେ, ତେବେ ସମସ୍ତେ ଭାବିବେ ଯେ ଆମେରିକାରେ ରହି ସିଏ ଉପରମୁହାଁ ହୋଇଯାଇଛି । ନିଜ ସଂପର୍କର ଲୋକଙ୍କୁ ଭୁଲିଯାଇଛି । ଅବଶ୍ୟ, ସେଇଟା ସତକଥା ନୁହେଁ । ଆମେରିକାରେ ଯେ ଟିକେ ଫୁରୁସତ୍ ନାହିଁ, ସେକଥା କଣ କିଏ ବୁଝିବ ? "ନ ଦେଖିଲା ଓଉ ଛ ଫେଡା ।' ନ ଦେଖିବା ଜିନିଷ ଦୂରରୁ ଅଲଗା ଦିଶେ । ଆମେରିକା ଏକ ବିଭବଶାଳୀ ଦେଶ । ସେଠି ସମସ୍ତଙ୍କର ଘର ଭରପୂର, କୌଣସିଥିରେ କିଛି ଅସୁବିଧା ନାହିଁ । ଉଭା ଯେତେ, ପୋତା ସେତେ । ଯେତେ ଖାଅ, ପିଅ, ମଉଜ, ମସ୍ତି କର, ବୁଲି ଯାଅ, ହୋଟେଲ୍‌ର ରୁହ, ମନଇଚ୍ଛା ଫଳରସ ପିଅ, କୋକ୍ ପିଅ । ଏକଥା ବି କିଛି ପିଲାମାନେ ପଚାରି ଦେଇସାରିଲେଣି । "ଦେଈ, ତମେ ସେଠି ପାଣି ପିଅନା ନାହିଁ ? ନା ସବୁବେଳେ ଜୁସ୍ ପିଅ। ସେଠିତ ଜୁସ୍ ବହୁତ ଶସ୍ତା ।' ଏଭଳି ପ୍ରଶ୍ନର କଣ ଉତ୍ତର ଦେବ, ବୁଝିପାରିଲାନି ସବିତା । ଭାବିଲା, କହିଦେବ, "ଏବେ ମୁଁ ସବୁ ଜଗିରଖି ପିଉଛି । ବିଶେଷ ଭାବେ ପାଣି ହିଁ ପିଉଛି । ନହେଲେ ଦେହରେ ଶର୍କରା ଭାଗ ବୃଦ୍ଧି ପାଇଯିବ ।' ହେଲେ ସେ ଏସବୁ କହିଲାନି। ବରଂ ସେମାନଙ୍କୁ ଉତ୍ସାହିତ କରି କହିଲା, "ତମେମାନେ ମନଦେଇ ପାଠ ପଢ । କଲେଜ ଶିକ୍ଷା ପରେ ତମେମାନେ ଉଚ୍ଚଶିକ୍ଷା ପାଇଁ ଆମେରିକା ଗଲେ ଏସବୁ କଥା ନିଜେ ଦେଖିବନି । ସେଠି ଲୋକ ସବୁ କଣ କଣ ଖାଆନ୍ତି, କଣ ପିଅନ୍ତି, କଣ କେମିତି କରନ୍ତି, ତମେ ସବୁ ନିଜେ ଦେଖି ଜାଣିଯିବ ।'

ISSN NO.
2582-208X

ସେ ପିଲାମାନେ ଉତ୍ସାହିତ ହେଲେ । ତାପରେ ସବିତାକୁ ଘେରି ବସି ପଚାରିଲେ, "ତମେ କେମିତି ଆମେରିକା ଗଲ, ଆମକୁ ଟିକେ କୁହନା ।'

ପିଲାମାନଙ୍କର ସରଳତାରେ ଭାବପ୍ରବଣ ହୋଇଗଲା ସବିତା । ଟିକେ ବଡ ହୋଇଗଲେ, ସେମିତି ସରଳବିଶ୍ୱାସ, ସରଳ ମନ ଆଉ କେବେ ଫେରିବନି । ଇଚ୍ଛାହେଲା କହିଦେବାକୁ, "ଆମେରିକା ଦେଶରେ ସବୁ ଏତେ ଭଲ ଥାଇ ବି ପ୍ରତିଦିନ ଏବେ ଅତର୍କିତ ଭାବେ ବନ୍ଧୁକ ଫୁଟୁଛି । କେତେବେଳେ ସ୍କୁଲ୍ ରେ ତ କେତେବେଳେ ଚର୍ଚ୍ଚରେ; କେତେବେଳେ ଦୋକାନ ଭିତରେ ତ କେତେବେଳେ ସିନେମା ହଲ୍ ରେ । ତମେମାନେ ଏଇଠି ଅଛ, ଭଲରେ ଅଛ । ସେ ଦେଶରେ ଏବେ ପିତାମାତା ମାନେ ପିଲାମାନଙ୍କୁ ସ୍କୁଲ୍ ପଠେଇ ସାରିବା ପରେ ସଦାସର୍ବଦା ଶଙ୍କିତ ହୋଇ ରହୁଛନ୍ତି ।

ହେଲେ ମନକଥା ମନରେ ରଖି ସିଏ ଟିକେ ହସିଦେଲା ଓ ପିଲାମାନଙ୍କୁ ତେତିଶି ବର୍ଷ ତଳେ ଘଟିଥିବା ନିଜ ଆମେରିକା ଯାତ୍ରାର କାହାଣୀ ଶୁଣେଇଲା ।

ତେବେ ସବିତାର ଗାଁରେ, ତା' ପରିବାରରେ ଯେ ପରିବର୍ତ୍ତନ ଘଟିନଥିଲା, ସେକଥା କହିହେବନି । ତାଙ୍କ ଗାଁର ମାଟି ଘର ଏବେ ତିନି ମହଲା କୋଠା । ସେଠି ଆଉ ଢିଙ୍କି ଶାଳ ନାହିଁ କି ଦେଇପିଠି ନାହିଁ । ସେମାନଙ୍କର ଷଠିଘର ସବୁ ଖୋଳା ହୋଇ କୋଉଠି କେଜାଣି କେଉଁ ସିନ୍ଦୁକରେ ଭର୍ତ୍ତି ହୋଇ ରହିଥିବ । ଜେଜେମା ସେସବୁ ସାଇତି ରଖିଥିଲା । ହେଲେ ସିଏ ଯିବା ପରେ କେହି ଆଉ ସେକଥା ଭାବିନାହାନ୍ତି । ଭାବିବେ ବା କେମିତି ? କାହାକୁ ଆଉ ବେଳ ଅଛି ?

ବାପା, ସାନବାପା, ଦାଦା, ତିନି ଭାଇ । ସେସବୁକୁ ଲକ୍ଷ୍ୟ କରି କୋଠା ତିଆରି କରାଯାଇଥିଲା । ହେଲେ ସେଠି ଅଧିକାଂଶ ସମୟରେ କେହି ରହନ୍ତିନି । ତେଣୁ ରକ୍ଷଣାବେକ୍ଷଣ ଅଭାବରୁ ସେ ଘରର ସୁନ୍ଦରତା ଅନେକାଂଶରେ ନଷ୍ଟ ହୋଇଯାଇଛି । କୋଉଠି ପାଣି ବେସିନ୍ କାମ କରୁନି ତ କୋଉଠି ଗାଧୁଆ ଘରେ

ISSN NO.
2582-208X

ପାଣି ନିଷ୍କାସନ ହୋଇପାରୁନି । ତେବେ ସମସ୍ତେ ଗାଁକୁ ଯିବାର ଯୋଜନା ହେବାରୁ ଦାଦା ପୂର୍ବରୁ ଦୁଇ ସପ୍ତାହ ଯାଇ ଗାଁରେ ରହିଥିଲେ । ଲୋକ ଲଗେଇ ସବୁ ମରାମତ କରିଥିଲେ । ଏବେ ପରିବାରର ଅନେକ ଲୋକ ଆସିସାରିଥିଲେ । ଆଉ କିଛି ଲୋକ କାଲି ଭିତରେ ପହଞ୍ଚିଯିବେ । ପହରିଦିନ ସାନବାପାଙ୍କ ବଡ ନାତୁଣୀ, ମାନେ ସବିତାର ଝିଆରୀ ସୋନିର ମଙ୍ଗଳପାଗ । ଯଦିଓ ବାହାଘର ଭୁବନେଶ୍ୱରରେ ହେବ, ଓ ସମସ୍ତେ ଯାଇ ଭୁବନେଶ୍ୱର ଘରେ କି ହୋଟେଲ୍ ରେ ରହିବେ, ତେବେ ଗାଁ ସହିତ ଯୋଗାଯୋଗ ରଖିବାର କେତୋଟି ମୌଳିକ ସିଦ୍ଧାନ୍ତ ସମସ୍ତେ ନେଇଛନ୍ତି । ଯଥା ଘରର କିଛକିଛି ସଂସ୍କାର ଜନିତ କାର୍ଯ୍ୟକ୍ରମ ସବୁ ଗାଁରେ ହେବ । ଯେମିତିକି ଜେଜେମା ଓ ଜେଜେବାପାଙ୍କ ଶ୍ରାଦ୍ଧ ଗାଁରେ ହେବ । ସମସ୍ତଙ୍କର ମଙ୍ଗଳପାଗ ଗାଁରେ ହେବ । ନୂଆ ଜନ୍ମ ହେଉଥିବା ପିଲାମାନଙ୍କର ପ୍ରଥମ ଜନ୍ମଦିନ ଗାଁରେ ପାଳନ କରାଯିବ । ଯଦିଓ ଏ ତୃତୀୟ କଥାଟି ସମସ୍ତଙ୍କ ପାଇଁ କରିହୁଏନି। କାରଣ ଯେଉଁମାନେ ବିଦେଶରେ ଅଛନ୍ତି, ସେମାନେ ତ ଆଉ ଜନ୍ମଦିନ ପାଇଁ ଗାଁକୁ ଆସିପାରିବେନି । ତେଣୁ ସେମାନଙ୍କ ପରିବାରରେ ନୂଆ ପିଲା ଜନ୍ମ ହେଲେ, ସେମାନେ ଯେତେବେଳେ ଓଡିଶା ଆସିବେ, ସେତେବେଳେ ଗାଁକୁ ଯାଇ ଠାକୁର ଘରେ ପୂଜା କରେଇବେ ଓ ଗାଁରେ ଭୋଜି କରେଇବେ ବୋଲି ଗୋଟିଏ ମାନସିକ ଚୁକ୍ତି କରିନେଇଛନ୍ତି ।

ଜାନୁୟାରୀ ମାସ । ଗାଁରେ ପାଗ ବହୁତ ଭଲ ଥାଏ । ସୋନିକୁ ଗାଁର କିଛି ଝିଅ ଡାକିବାକୁ ଆସିଲେ । ସେଇଠି ସବିତା ଠିଆହୋଇଥିଲା । ସୋନି କହିଲା, "ବେଇ, ମୁଁ ଯାଉଛି, କିଏ ଯଦି ପଚାରନ୍ତି କହିଦେବ, ମୁଁ ଗାଁର ପାର୍ଲର୍ ଦେଖିବାକୁ ଯାଉଛି । ଯଦି ମନକୁ ଯିବ ତ, ସିଏ ପଅରିଦିନ ମେକ୍ଅପ୍ କରିବାକୁ ଆସିବ ।'

ସବିତା ତଟସ୍ଥ ହୋଇ ରହିଗଲା । ତାଙ୍କ ଗାଁରେ ପାର୍ଲର୍ ଅଛି ? ବଡ ଅସମ୍ଭବ ଲାଗିଲା। ଏହି ସମୟରେ ଜଣେ ଅଜଣା ସ୍ତ୍ରୀ ଲୋକ ସେଇବାଟ ଦେଇ ଯାଉଯାଉ କହିଲେ, "ଆଲୋ ଏମିତି ଆଶ୍ଚର୍ଯ୍ୟ କଣ ପାଇଁ ହେଉଛୁ ? ତୁ କଣ ଭାବୁଛୁ ଆମ ଗାଁ ଆଉ ପୁରୁଣା ଗାଁ ହେଇକି ଅଛି ? ଏବେ ଏଠି କଣ ନ ଅଛି କହୁନୁ । ଛକକୁ ଯିବୁ ତ ଆରିସା ପଠା, କାକରା ପିଠା, ମଠା ପଠା, ସବୁ ବିକ୍ରି ହେଉଛି । ଘରେ ଆଉ

ISSN NO.
2582-208X

କେହି ପିଠା ଗଢୁନାହାନ୍ତି । ତୁ ଏବେ ପାର୍ଲର୍ ଯିବୁ ତ, ଚାଲେ । ସୋନିର ମଙ୍ଗଳପାଗ ପାଇଁ ଚକମକ ହେଇ ଆସିବୁ ।'

ସବିତା ଆଶ୍ଚର୍ଯ୍ୟହେଲା । ଏ ସ୍ତ୍ରୀ ଲୋକ ଜଣକ କିଏ ? ସବିତା ସହିତ କଥା ହେଉଛି ଯେମିତି ସିଏ ତାକୁ ଅତି ଭଲଭାବେ ଜାଣିଛି । ହେଲେ ସବିତା ତ ତାକୁ ଜାଣିନି ।

ସେ ସ୍ତ୍ରୀ ଲୋକ ପୁଣି ଆରମ୍ଭକଲେ, "ଆଲୋ ଚିହ୍ନିପାରୁନୁ ନା କଣ ? ହଁ ମ । ତୁ ତ ଏବେ ଫରେନର ହେଇଛୁ । ଆଖିରେ ପକ୍ଷୀ ଲାଗିଯାଇଛି । ଆଉ ଆମ ସମସ୍ତଙ୍କୁ ଚିହ୍ନିବୁ କେମିତି ?'

ଖୁଡୀ ସେ ସମୟରେ ସେଇ ବାଟ ଦେଇ ଯାଉଥିଲେ । ସେ ସ୍ତ୍ରୀ ଲୋକକୁ କହିଲେ, "ଆଚ୍ଛା ପାର, ତମେ ଆସିଗଲ, ଭଲ କଲ । ଟିକେ ସବିତାକୁ ନେଇ ଗାଁ ବୁଲେଇ ଆଣ । ସିଏ ତ ବହୁତ ଦିନ ହେଲା ଗାଁକୁ ଆସିନଥିଲା । ତା' ପରେ ପୁଣି ଏ କରୋନା ପାଇଁ ତିନି ବର୍ଷ ଧରି ଓଡିଶାକୁ ବି ଆସିନଥିଲା । ହାଇସ୍କୁଲ୍ ଆଡେ ବି ଟିକେ ନେଇ ବୁଲେଇ ଆଣିବ । କେମିତି ନୂଆ ଡିଜାଇନ୍ ହୋଇଛି, ଟିକେ ଦେଖିଆସିବ ।'

ସବିତା ସେ ସ୍ତ୍ରୀ ଲୋକକୁ ପୁଣି ନିରୀକ୍ଷଣ କରି ଦେଖିଲା । ହଠାତ୍ କିଛି କଥା ମନେ ପଡିଗଲା । ସେ ସ୍ତ୍ରୀ ଲୋକର ଗାଲରେ କଳାଜାଇ । ସେତେବେଳେ ଓଡିଆ ସିନେମା ଗୌରୀରେ ଗୋଟିଏ ଗୀତ ବାହାରିଥିଲା, "ଗୋରା ଗୋରା ଗାଲେ ମୋର କଳା କଳାଜାଇ' । ସେଇ ଗୀତ ଗାଇ ସେମାନେ ଏଇ ଝିଅକୁ ଚିଡାଉଥିଲେ । ଇଏ ତେବେ ସେ ବ୍ରାହ୍ମଣ ସାହିର ପରମିତା, ପରମିତା ପଣ୍ଡା ।

ଏକଥା ମନକୁ ଆସିବାରୁ ତାକୁ ହସମାଡିଲା । କାରଣ ଏ ପରମିତା ପଛରେ ପାଖ ଗାଁର ଶଶାଙ୍କ ପଡିଯାଇଥିଲା । ଏବେ ସେ ଶଶାଙ୍କ କଣ କରୁଛି କେଜାଣି ?

ISSN NO.
2582-208X

ଏବେ ସେ ପାର ଆସି ସିଧା ସବିତାର କାନ୍ଧରେ ହାତ ପକେଇଦେଇ ପଚାରିଲା, "ଏବେ ମନେମନେ କଣ ଭାବି ହସୁଛୁ ଶୁଣେ । କଣ ଶଶାଙ୍କ କଥା ମନେ ପକେଇ କି ?'

ସବିତା ଆଶ୍ଚର୍ଯ୍ୟ । ଏ ପାର କଣ ଗୁଣୀଗାରେଡି ବିଦ୍ୟା ଜାଣିଛି ନା କଣ ? ହଠାତ୍ କେମିତି ସବିତାର ମନ ପଢିନେଲା ?

ସବିତା ବି ଥଟ୍ଟାମଜା ମୁଡ୍‌କୁ ଆସିଗଲା । ସେମିତି ମଜାକରି କହିଲା, "ହଁ, ମୁଁ ଏବେ ତତେ ଚିହ୍ନିଲି । କେମିତି କହ ତ? ତୋ ଗାଲରେ ସେ କଳା ଜାଇ ଦେଖି ଓ ସେ କଳାଜାଇ ଗୀତ ମନେ ପକେଇ, ଆଉ ତୋର ସେ ଶଶାଙ୍କକୁ ମନେ ପକେଇ ।'

ଖୁଡୀ ଚାଲିଯାଇଥିଲେ । ଏବେ ଦୁଇ ସାଙ୍ଗ ଏକାଠି ଥିଲେ । ପାର କହିଲା, "ଚାଲେ, ଗାଁ ଆଡେ ବୁଲିଯିବା । ଯାଉଯାଉ ଗପଶପ ହୋଇଯିବା । ତତେ ତ ମୁଁ ପଇଁତିରିଶ ବର୍ଷ ପରେ ଦେଖୁଛି । ଲାଗୁଛି, ଯେମିତି ଇଏ ଗୋଟିଏ ସପନ ।'

ସବିତା ପଚାରିଲା, "ତୋ କଥା କହତ ? ସେ ଶଶାଙ୍କ ଏବେ କଣ କରୁଛି ?'

ପାର କହିଲା, "କରିବ କଣ, ମାଳା ଜପୁଛି ।'

ସବିତା - "ମାନେ, ତୁ ତାକୁ ବାହା ହେଲୁନା, ଆଉ କାହାକୁ ବାହା ହେଲୁ ?'

ପାର - "ତାକୁ, ମାନେ ତାଙ୍କୁ ହିଁ ବାହା ହେଇଥିଲି । ସବୁ କିଛି ଠିକ୍‌ଠାକ୍ ଥିଲା । ହେଲେ ଏବେ ସିଏ ସନ୍ୟାସ ଦୀକ୍ଷା ନେଇଛନ୍ତି । ଗୋଟିଏ ଆଶ୍ରମ କରି ସେଠି ଜପ, ତପ, ସାଧନା, ଯଜ୍ଞ ସବୁ କରୁଛନ୍ତି । ମୁଁ ମୋ ପିଲାମାନଙ୍କ ପାଖରେ ସମୟ କାଟୁଛି, କେତେବେଳେ ପୁଅ ପାଖରେ ବାଙ୍ଗାଲୋରରେ ତ, କେତେବେଳେ ଝିଅ ପାଖରେ ଦିଲ୍ଲୀରେ । ଆଉ ଗୋଟିଏ ଝିଅ ଅଛି । ବାହା ହେଇନି । ସିଏ ଏବେ ଛ ମାସ

ISSN NO.
2582-208X

ପରେ ଆମେରିକା ଯିବ ବୋଲି କହୁଥିଲା । ଦେଖାଯାଉ କଣ ହୋଉଚି । ସିଏ ଗଲେ, ତା' ସାଙ୍ଗରେ ଆମେରିକା ଚାଲିଯିବି । ଗଲେ ତୋ ପାଖରେ ଯାଇ କିଛିଦିନ ରହିବି ।'

ପାର ଯେତେ ସହଜରେ କହିଦେଲା, ସବିତା ସେତେ ସହଜରେ ଗ୍ରହଣ କରିପାରିଲାନି । ଏତେ ବଡ କଥା ? ଅଥଚ, ଏତେ ସହଜରେ ଏ ପାର କେମିତି ଗ୍ରହଣ କରିନେଇଛି ? ଯେମିତି ଏଇଟା ତାପାଇଁ ଏତେ ବଡ କଥା ନୁହେଁ ।

ଉଭୟ ସାଙ୍ଗ ଗାଁ ବୁଲୁବୁଲୁ ଅନେକ ସୁଖଦୁଃଖ ହେଲେ । ସେଥିରୁ ଯାହା ବୁଝାପଡିଲା ଯେ ପାରର ସ୍ୱାମୀ ଶଶାଙ୍କ କେମିଷ୍ଟ୍ରିରେ ଏମ୍.ଏସ୍.ସି. ପାସ୍ କରି ଗୋଟିଏ କଲେଜରେ ପଢାଉଥିଲେ । ପାର ସ୍କୁଲ୍ ରେ ଶିକ୍ଷୟିତ୍ରୀ ଭାବେ କାମ କରୁଥିଲା । ସେମାନଙ୍କର ପିଲାମାନେ ସମସ୍ତେ ଉଚ୍ଚଶିକ୍ଷିତ ଓ ଓଡିଶା ବାହାରେ କାର୍ଯ୍ୟରତ । ପାଞ୍ଚ ବର୍ଷ ତଳେ ଶଶାଙ୍କ ରିଟାୟାର୍ଡ କଲେ । ତା ପରଠାରୁ ସିଏ ସେ ମଠ, ଅଶ୍ରମ, ଜପତପରେ ଲାଗିଛନ୍ତି । ଆଉ ସଂସାର ପ୍ରତି ଆଗ୍ରହ ଦେଖାଉନାହାନ୍ତି । ସମସ୍ତଙ୍କୁ କହିଲେ, "ମୋର ସଂସାର ଧର୍ମ ସରିଛି । ମୁଁ ଏବେ ବାନପ୍ରସ୍ଥ ଧର୍ମ ପାଳନ କରିବି ଓ ତାପରେ ସଂପୂର୍ଣ୍ଣ ସନ୍ୟାସ ନେବି ।' ସେଇଆ କହିକି ସିଏ ଏବେ ସେ ଆଶ୍ରମ ପାଇଁ ନିଜକୁ ଉତ୍ସର୍ଗ କରିଦେଇଛନ୍ତି ।

ସବିତା ପଚାରିଥିଲା, "ତେବେ ପିଲାମାନଙ୍କ ବାହାଘରରେ, ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କ ପିଲାଙ୍କ ବାହାଘର, ବ୍ରତଘର ଭଳି ଉତ୍ସବରେ ସିଏ ଆସି ଯୋଗ ଦେଉଛନ୍ତି ନା ନାହିଁ ?'

ପାର ଉତ୍ତର ଦେଇଥିଲା, "ଯଦି ତାଙ୍କ ପାଖରେ ସମୟ ଥିବ ତ, ଟିକେ ଆସି ଆଶୀର୍ବାଦ କରିଦେଇ ଯିବେ । କିଛି ଭୋଜିଭାତରେ ଖାଇବେନି କି ଅଧିକ ସମୟ ରହିବେନି ।' ମୁଁ ବି ଆଉ ତାଙ୍କ କଥା ଭାବୁନି । ଏଇ ପିଲାମାନଙ୍କ ସଂସାରରେ ନିଜକୁ ହଜେଇ ଦେଇଛି ।

ସ୍ମୃତିପଟରେ ଭାସିଆସିଲା ସେ ଶଶାଙ୍କର ଛବି । ସିଏ ଆର ଗାଁର ହୋଇଥିବାରୁ ସେମାନେ ତା' ନାଁ ଧରି ତା' ବିଷୟରେ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା କରନ୍ତି । "ଭାଇ', "ମଉସା',

ISSN NO.
2582-208X

"ଦାଦା', "ବଡବାପା' କିଛି ସଂପର୍କ ଯୋଡନ୍ତିନି । ଶଶାଙ୍କ ପାଣି ସେମାନଙ୍କ ଠାରୁ ୫-୬ ବର୍ଷ ବଡ ହେବ । ସିଏ ସବିତାର ସବା ବଡ ଭାଇର ସାଙ୍ଗ । ସେଇ ହିସାବରେ ବେଳେବେଳେ ସବିତାର ଘରକୁ ଓ ତାଙ୍କ ଗାଁକୁ ଆସେ । ଶଶାଙ୍କ ଡେଙ୍ଗା, ଗୋରା ଓ ଦେଖିବାକୁ ଭାରି ସୁନ୍ଦର । ତା' ସହିତ ସିଏ ଭଲ ଗୀତ ଗାଏ । ସେଥିପାଇଁ ଗାଁ ଭିତରେ କିଛି ପର୍ବପର୍ବାଣୀ ହେଲେ, ଶଶାଙ୍କକୁ ଗୀତ ଗାଇବାକୁ ଡକାଯାଏ । ତାଙ୍କ ସ୍କୁଲ୍ ରେ ଡ୍ରାମା ହେଲେ, ଶଶାଙ୍କ ସେ ଡ୍ରାମାରେ ଗୀତ ଗାଏ, ବେଳେବେଳେ ହିରୋ ହୁଏ । ସମସ୍ତେ ଶଶାଙ୍କକୁ ଭଲପାଆନ୍ତି । ସବିତା ଘରେ ତ ତାର ଅନେକ ପ୍ରଶଂସା । ସିଏ ବ୍ରାହ୍ମଣ ଘର ପିଲା ବୋଲି ସବିତା ଘରର ବାସନରେ ଅନ୍ନ ଖାଏନି । ହେଲେ ଘରେ କିଛି ପିଠାପଣା ହେଲେ, ବୋଉ କଦଳୀପତ୍ରରେ ବାଢିଦିଏ ଓ ସିଏ ଖାଏ । ସେ ସମୟରେ ଗାଁରେ ସମସ୍ତେ ସମସ୍ତଙ୍କୁ ତୁ, ତା କରି କହନ୍ତି ତେଣୁ ଶଶାଙ୍କ ହେଉ କି ତା' ନିଜ ବଡ ଭାଇ ହେଉ, ସମସ୍ତଙ୍କୁ ସବିତା ଓ ଅନ୍ୟମାନେ ତୁ, ତା, ସମ୍ବୋଧନ ହିଁ କରନ୍ତି ।

ସବିତାର ସାଙ୍ଗ ପାରକୁ ସେ ଶଶାଙ୍କ ସବିତା ଘରେ ଦେଖି ଭଲପାଇଯାଇଥିଲା । ସେକଥା ସେ ଶଶାଙ୍କର ସାନ ଭଉଣୀ ସୁଶୀ ସେମାନଙ୍କୁ ଜଣେଇଥିଲା । ହେଲେ ସେ ବୟସରେ ସେମାନେ ଖାଲି ଥଟ୍ଟାତାମସା କରୁଥିଲେ । ପ୍ରେମ ଭଳି ଏକ ଗଭୀର ଶବ୍ଦର ବିଶ୍ଲେଷଣ କି ତର୍ଜମା କରିବାକୁ ଭୟ କରୁଥିଲେ । ସବିତା ହାଇସ୍କୁଲ୍ ପରେ କଟକରେ ରହି କଲେଜରେ ପଢିଲା । ପାର ତା' ମାମୁ ଘର ଗାଁ କଲେଜରେ ପଢୁଥିଲା । ତାପରେ ଆଉ କଣ ଘଟିଛି, ସବିତା ଜାଣିନି । କାରଣ, ତା' ଜୀବନରେ କାହା ବିଷୟରେ ଜାଣିବା ପାଇଁ ସମୟ ବାହାର କରିପାରିନି । ନିଜ ଜୀବନର ଜଞ୍ଜାଳ ଏତେ ଯେ, ତା' ଭିତରେ ନିଜେ କେମିତି ବଞ୍ଚିବ, ସେଇ କଥାକୁ ନେଇ ସବୁବେଳେ ଚିନ୍ତା । ଆମେରିକା ଦେଶରେ ନା' ସଂପର୍କ ସ୍ଥାୟୀ, ନା' ଚାକିରି ସ୍ଥାୟୀ । ପାନରୁ ଚୁନ ଖସିଗଲେ, ସବୁ ମୁହୂର୍ତ୍ତକ ମଧ୍ୟରେ ଶେଷ ହୋଇଯିବ, ସଂପର୍କ ବି, ଚାକିରି ବି । ସେଇ ଦୁଇଟିକୁ ବାନ୍ଧି ରଖିବାର ପ୍ରଚେଷ୍ଟାରେ ନିତିନିତି ସଂଗ୍ରାମ । ଏବେ ପିଲାମାନେ ସମସ୍ତେ ହାଇସ୍କୁଲ୍ ସାରି, କଲେଜ ସାରି ଚାକିରି କଲେଣି । ଚାକିରି ସ୍ଥାୟୀ ନହେଲେ ବି ସ୍ଥାୟୀ ଭଳି । ସ୍ୱାମୀ ସଂଗ୍ରାମଙ୍କର ଚାକିରିରେ ସ୍ଥାୟିତ୍ୱ ପରେ ସିଏ ଟିକେ ଖୁସି ରହୁଛନ୍ତି; ଆଉ ଆଗ ଭଳି ଟିକେଟିକେ କଥାରେ ତାଙ୍କର ରାଗ ପଞ୍ଚମକୁ

ISSN NO.
2582-208X

ଉଠିଯାଉନି । ସବିତା ତ ଭାବିଥିଲା ୨୦୨୦ରେ ଓଡିଶା ଆସିବ ବୋଲି । ହେଲେ କରୋନା ପାଇଁ ସବୁ ଯୋଜନା ବାତିଲ୍ ହୋଇଗଲା । ଏବେ ଏ ସୋନିର ବାହାଘର ପାଇଁ ସମସ୍ତଙ୍କର ନୂଆ ଉନ୍ମାଦନା ଜାଗିଛି । ସବୁ ଭାଇ ଭଉଣୀ କାହିଁ କେତେବର୍ଷ ପରେ ଏକାଠି ହେବେ । ଯିଏ ଯେଉଁଠି ଥାଉନା କାହିଁକି ସମସ୍ତେ ଆସିବେ । ଏଇଆ କହି ଉଭୟ ବୋଉ ଓ ଖୁଡୀ ସବିତାକୁ କେତେ ଅନୁରୋଧ କରିଥିଲେ । "ତୋ ସାଙ୍ଗ ସବୁ ଏଠି ରିଟାୟାର୍ଡ କଲେଣି । ଆଉ ତୁ କଣ ଏତେ ଖଟୁଛୁ ଯେ । ଯାହାବି ହେଉ, ତୁ ନିଶ୍ଚୟ ସୋନି ବାହାଘରକୁ ଆସିବୁ। ଆମେମାନେ ଆଉ କେତେଦିନ ବା ବଞ୍ଚିଥିବୁ । ତମ ଭାଇଭଉଣୀ ସମସ୍ତଙ୍କୁ ଏକା ସାଥିରେ ଦେଖିଲେ ଟିକେ ଖୁସି ହେବୁ ।'

ଏମିତି ଭାବୁଭାବୁ ଓ ଗପୁଗପୁ କେତେବେଳେ ଯେ ସେମାନେ ଆସି ବିଲ ମଝିରେ ଥିବା ଗୋଟିଏ ଦୁଇ ମହଲା କୋଠା ଘରେ ପହଞ୍ଚି ଗଲେଣି, ଜଣା ପଡିଲାନି । ପାର କବାଟ ଖଟଖଟ କଲା । କବାଟ ଖୋଲି ଜଣେ ପନ୍ଦର, ଷୋହଳ ବରଷର ପିଲା ନମସ୍କାର କଲା । ପାର ପଚାରିଲା, "ମହାରାଜଙ୍କର ପରା ଆଜି ଆସିବାର ଥିଲା ? ସିଏ ଆସଲେଣି କି ?'

"ମହାରାଜ ଦୁଇଘଣ୍ଟା ତଳେ ପହଞ୍ଚିଲେ । ଏବେ ସିଏ ବିଶ୍ରାମ କରୁଛନ୍ତି । ଆପଣ ବସନ୍ତୁ । ମୁଁ ଡାକିଦେଉଛି ।'

ସବିତା ଓ ପାର ସେ ଦାଣ୍ଡ ଘରେ ଅପେକ୍ଷା କରି ରହିଲେ । ସବିତା ସେ ଦାଠ ଘରର ସବୁଆଡେ ଆଖି ବୁଲେଇ ଆଣିଲା । କି ମଡର୍ଣ୍ଣ ଡିଜାଇନ୍‌ର କୋଠରି ମ ? ସେମାନେ ଯେଉଁ ସୋଫାରେ ବସିଲେ, ସେ ସୋଫା ମଧ୍ୟ ସବିତାର ଆମେରିକା ଘରର ସୋଫା ତୁଳନାରେ ମୂଲ୍ୟବାନ ମନେ ହେଉଥିଲା । ସେ କୋଠରିରେ ସବୁ କାନ୍ଥକୁ ଲାଗି ଆଲମାରୀ ଖଞ୍ଜା ହୋଇଥିଲା ଓ ପ୍ରତି ଆଲମାରୀ ଭିତରେ ଆଧ୍ୟାତ୍ମିକ ଚିନ୍ତାଧାରର ପୁସ୍ତକ ମାନ ରହିଥିଲା । ଯଥା, ଗୀତା, ଭାଗବତ, ବିଭିନ୍ନ ଶାସ୍ତ୍ର, ପୁରାଣ କେବଳ ଓଡିଆ ଭାଷାରେ ନୁହେଁ, ବଙ୍ଗଳା, ହିନ୍ଦୀ ଓ ଇଂରାଜୀ ଭାଷାରେ ମଧ୍ୟ ରହିଥିଲା । ପ୍ରତି କୋଣରେ ଗୋଟିଏ ଲେଖାଏଁ ଟେବୁଲ୍ ଓ ଚେୟାର ରଖାଯାଇଥିଲା । ସେସବୁ ଟେବୁଲ୍ ଉପରେ କିଛି ଆଧ୍ୟାତ୍ମିକ

ISSN NO.
2582-208X

ଚେତନାର ମାଗାଜିନ୍ ସବୁ ଥୁଆ ହୋଇଥିଲା । କିଛି ସମୟ ପରେ ଯେଉଁ ପିଲାଟି କବାଟ ଖୋଲିଥିଲା, ସିଏ ଆସି ଡାକିଲା, "ମହାରାଜ ଆପଣଙ୍କୁ ଡାକୁଛନ୍ତି ।'

ସବିତା ଓ ପାର ଭିତରକୁ ଗଲେ । ସେଠି ସେମାନେ ସେଠିକାର ସାଧନା କୋଠରିକୁ ଗଲେ। ସେଇଠି ମହାରାଜ ବସିଥିଲେ । ପାର ମହାରାଜଙ୍କୁ ଭୂମିଷ୍ଠ ପ୍ରଣାମ କଲା । ପାର ଦେଖାଦେଖି ସବିତା ବି ମହାରାଜଙ୍କୁ ଭୂମିଷ୍ଠ ପ୍ରଣାମ କଲା । ମହାରାଜ ମୁହଁରେ ଖୁସିର ଝଲକ ଦେଖାଇ କହିଲେ, "ଆରେ ସବିତା, ତୁ ଆସିଛୁ । ବହୁତ ଭଲକଲୁ । କେମିତି ଅଛୁ? ତୁ ଏକା ଆସିଛୁ ନା, ସମସ୍ତେ ମିଶି ଆସିଛ ?'

ସେ ମହାରାଜଙ୍କ ଏତାଦୃଶ କଥା ସହିତ ତାଙ୍କ ଚେହେରା ମିଶୁନଥିଲା । ମୁହଁରେ ଲମ୍ବା ଦାଢ଼ୀ । ସିଏ ପୁଣି ଧଳା ହୋଇଯାଇଛି । ଶରୀରରେ ଗୋଟିଏ ଧଳା ପଞ୍ଜାବୀ ଓ ଗୋଟିଏ ଗୈରିକ ଚାଦର ଘୋଡେଇଥାନ୍ତି । ଲାଗୁଥାନ୍ତି ଜଣେ ସାଧକଙ୍କ ଭଳି । ହେଲେ କଥାବାର୍ତ୍ତା କରୁଛନ୍ତି ସାଧାରଣ ଲୋକଙ୍କ ଭଳି । ପାର ସବିତା ପାଇଁ ସବୁ ସହଜ କରିଦେଲା । ସବିତାକୁ କହିଲା, "ଇଏ ହେଲେ ସୁଦାମା ମହାରାଜ, ଓରଫ ଶଶାଙ୍କ ମହାରାଜ ।'

ସବିତା କହିଲା, "ମାନେ, ତୋ ସ୍ୱାମୀ ?'

ପାର କହିଲା, "ମୋ ସ୍ୱାମୀ ଥିଲେ, ଏବେ କିନ୍ତୁ ସିଏ କେବଳ ମହାରାଜ । ମହାରାଜଙ୍କର ସଂପର୍କ କଣ । ତେବେ ତୋ ଭାଇର ଅନୁରୋଧ ଭାଙ୍ଗି ନପାରି ସିଏ ଆସିଛନ୍ତି ସୋନିକୁ ଆଶୀର୍ବାଦ କରିବେ ବୋଲି ।'

ସବିତା ତଟସ୍ଥ ରହିଗଲା । ସେଦିନର ସେ କନ୍ଦର୍ପ ଭଳି ସୌମ୍ୟ ଚେହେରା ବହନ କରିଥିବା ଶଶାଙ୍କ ପାଣି ଆଜି ଏକ ଶ୍ମଶ୍ରୁଧାରୀ ମହାରାଜ । ସେଦିନର ଅକ୍ଷୟ ମହାନ୍ତିଙ୍କ ହିଟ୍‌ଗୀତ "ସାବିସାବି' ଓ "ଫୁଲେଇରାଣୀ ସଜଫୁଲ' ଗୀତ ଗାଉଥିବା ଶଶାଙ୍କର ଆଜି

ISSN NO.
2582-208X

ଏମିତି ଅବସ୍ଥା? ଆଉ ଏ ପାର କେମିତି ପୁଣି ନିଜ ସ୍ୱାମୀ ସହିତ କଥାବାର୍ତ୍ତା କରୁଛି ? ଯେମିତି ଅଜଣା, ଅଶୁଣା, ଦୁଇଟି ମଣିଷ ।

ସବିତାକୁ ଏମିତି ବିହ୍ୱଳ ଓ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଚାହିଁ ରହିଥିବା ଦେଖି ସୁଦାମା ମହାରାଜ ମୃଦୁମୃଦୁ ହସୁଥିଲେ । "ତିରିଶ ବର୍ଷ କାଳ ରସାୟନ ବିଜ୍ଞାନ ପଢେଇପଢେଇ ଅବସର ନେବା ପରେ ଚିନ୍ତା କଲି, ଜୀବନର ଲକ୍ଷ୍ୟ ଆଉ କଣ । ଏବେ ବାନପ୍ରସ୍ଥ ଓ ତାପରେ ଯତିବ୍ରତ ନେବା ଭଲ ହେବ । ଏବେ ଆମ ପିଲାମାନଙ୍କର ସମୟ, ଆମ ଛାତ୍ର ମାନଙ୍କର ସମୟ, ସେମାନେ ରାଜୁତି କରିବେ, ଚାକିରି କରିବେ, ରାଜ୍ୟର, ଦେଶର ଇକୋନୋମିକୁ ଚଳେଇବେ । ତେଣୁ ରିଟାୟାର୍ଡ ପରେ ମୁଁ ସାଧନା ଦିଗକୁ ଆପଣାଇ କଲି ।'

ସବିତା - "ପାର କଥା ଟିକେ ମନକୁ ଆଣିଲେନି ? ତାର କଣ ହେବ; ତା' ମନ କେମିତି ହେଉଥିବ । ଏକାଟିଆ ସିଏ କେମିତି ଜୀବନ ଅତିବାହିତ କରିବ ?'

ସୁଦାମା ମହାରାଜ ସେମିତି ମୃଦୁମୃଦୁ ହସି ଉତ୍ତର ଦେଲେ, "ମୁଁ ବି ତାଙ୍କୁ କହିଥିଲି ବାନପ୍ରସ୍ଥ ନେବା ପାଇଁ । ହେଲେ ସିଏ ତ ଏବେ ମାୟା ବିଜଡିତ । ମୋ ପିଲା, ମୋ ନାତି, ମୋ ନାତୁଣୀ ହେଇ ସଂସାର ମାୟାରେ ଘାରି ହେଉଛନ୍ତି । ତାଙ୍କର ଯାହା ଇଚ୍ଛା ସିଏ କରିବେ ।'

ସବିତା ମୁହଁରେ ଭାଷା ନଥିଲା । ସିଏ ଏ ଯେଉଁ ସଂପର୍କର ଦୃଶ୍ୟ ଏଠି ଦେଖିଲା, ଛାଡପତ୍ର ସେଇ ଏକା ଭଳି ଜିନିଷ ନୁହେଁ କି ? ହୁଏତ ଛାଡପତ୍ର ପାଇଁ ଓକିଲ, କୋର୍ଟ, କଚେରିର ଦରକାର ପଡେ, ଆଉ ଇଏ ସ୍ୱେଚ୍ଛାକୃତ ଛାଡପତ୍ର । ସଂପର୍କ ଅଛି, ପୁଣି ସଂପର୍କ ନାହିଁ; ବନ୍ଧନ ଅଛି, ପୁଣି ବନ୍ଧନ ନାହିଁ; ବୁଝାମଣା ଅଛି, ପୁଣି ବୁଝାମଣା ନାହିଁ; ପ୍ରେମ ଅଛି, ପୁଣି ପ୍ରେମ ନାହିଁ ।

ISSN NO.
2582-208X

ମହାରାଜ ସେ ପିଲାଟିକୁ କହିଲେ, "ବାବା ହରି, ମା' ମାନଙ୍କ ପାଇଁ କିଛି ଜଳଖିଆର ବ୍ୟବସ୍ଥା କର ।' ହରି ବୋଲି ପିଲାଟି ରୋଷେଇ ଘରକୁ ଗଲା ।

ପାର ଜଣେଇଲା, "ମହାରାଜ ତାଙ୍କର ସମସ୍ତ ପୈତୃକ ସଂପତ୍ତି ବିକି ଏଇଠି ଘର କରିଛନ୍ତି। ଲୋକ ଗହଳିରୁ ଦୂରରେ ରହିବେ । ସାଧନା କରିବେ । ତେବେ ତାଙ୍କ ଆଶ୍ରମ ଗଢୁଛନ୍ତି ରତ୍ନଗିରିରେ । ସେଇ ଆଶ୍ରମରେ ସିଏ ଅଧିକାଂଶ ଦିନ ରହନ୍ତି । ଏଠିକୁ ବି ବେଳେବେଳେ ଆସନ୍ତି ।

ଏହା ପରେ ପାର ମହାରାଜଙ୍କୁ ଆଶ୍ରମ ବିଷୟରେ କିଛି ପ୍ରଶ୍ନ ପଚାରିଲା । କାମ କେମିତି ହେଉଛି । ପରବର୍ତ୍ତୀ ସାଧନା ଶିବିର କେବେ ଆରମ୍ଭ ହେଉଛି । ଏଭଳି ପଚାରି ସାରି ନିଜ ପିଲାମାନଙ୍କ ବିଷୟରେ ଖବର ଦେଲା । ସାନ ଝିଅର ସବୁ ଠିକ୍ ହୋଇଗଲା । ଛ ମାସ ପରେ ସିଏ ଆମେରିକା ଯିବ ।

ସବିତା ସେଇଠି ନିର୍ବିକାର ଭାବେ ବସି ରହିଥିଲା । ଏ ସଂପର୍କ, ଏ ପରିବର୍ତ୍ତନ, ଏ ପରିବେଶ, ଯାହା ତାର ଚିହ୍ନା ଥିଲା, ଏବେ ସେସବୁ ଅଚିହ୍ନା ଲାଗୁଥିଲା । ସିଏ ଏ ସଂପର୍କକୁ ବୁଝିପାରୁନଥିଲା । ଏ ଜୀବନକୁ ବୁଝିପାରୁନଥିଲା । ଏତେଦିନ ଧରି ଆତ୍ମକୈନ୍ଦ୍ରିକ ହୋଇ ରହିଥିବା, ନିଜ ସମସ୍ୟା ଭିତରେ ଅଟକି ଯାଇଥିବା ମଣିଷଟିଏ ଆଜି ଅନ୍ୟକୁ ଚିହ୍ନିବାକୁ ଚେଷ୍ଟା କରୁଛି, ହେଲେ ଲାଗୁଛି ଯେମିତି ସବୁ ଭ୍ରମ, ଭ୍ରମ, କେବଳ ଭ୍ରମ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ପକୃତି ଲୋପ



ସସ୍ମିତା ନାୟକ

ଅଜବ ଦୁନିଆଁ ରେ ଗଜବ ପକୃତି
ହଜିଯାଇଛି ସବୁ ବିଚାର
ମଣିଷକୁ ତୁମେ ଭାବୁନ ମଣିଷ
ପକୃତି ରେ ନାହିଁ ଆକାର।।

ଆଉ ନାହିଁ ଏଠି ମାନ ସମ୍ମାନ କି
ନାହିଁ ଆଉ ଦାନ ଧରମ
ବେଳ ଥାଉ ଥାଉ ମାନବ ଜାତିରେ
ପୋଡିଯାଉଚି ତା କରମ।।

ନାରୀର ଇଯତ୍ ବିକା କିଣା ଏଠି
କୁଳ ବୋହୂ ସାଜେ ବେଭିଚାର
ପୁଅ ବୁଲୁଥାଏ କୁଳାଙ୍ଗାର ହୋଇ
ଝିଅ ଜ୍ୱାଇଁ କୁ ମିଳେ ସୁବିଚାର।।

ISSN NO.
2582-208X

ଗୁରୁ ଗୁରୁଜନ ତଳ ମୁଂହା ଏଠି
ସ୍ନେହ ରେ ହେଲାଣି କାଙ୍ଗାଳ
ବାପ ମାଆ ସବୁ  ମାଗି ଖାଇଲଣୀ
ପୁଅ ଶାଶୁଶଶୁର ମୁଖେ ଦେଉଥାଏ ଆହାର ।।

ସଂସ୍କାର ର ଶବ ଶ୍ମଶାନ ହେଲାଣି
ମୁଖେ ନାହିଁ ଆଉ ମଧୁର
ବାକ୍ୟ ର ଦାମ ଏତେ ଯେ ମହଙ୍ଗା
ବିଶ ଲାଗିଲାଣି ସୁନ୍ଦର।।


କଳିକାଳ ବେଳ ପୁରିଆସିଲାଣି
ଘଟିକେ ଯେ ଘୋଡ଼ା ଛୁଟୁଛି
ପାପୀ ମାନେ ସବୁ ବଛା ପଡ଼ିଲେଣି
ଟାଙ୍ଗରାରେ ମୁଣ୍ଡ ମାନ ସବୁ ଗଡୁଚି।।

ସ୍ୱର୍ଗ ପୂର୍ ନାହିଁ ମର୍ତ୍ୟ ପୁର କାହିଁ
ସବୁ ସଜା ମିଳେ ଏଇଠି
ଅଧା ଜୀବନରୁ ମୃତୁ ଆଗମନେ
ତଥାପି ଗର୍ବରେ ଉଡୁଛି।।।

କାକଟପୁର, ନଇଁଗୁଆଁ, ପୁରୀ

ISSN NO.
2582-208X

# ଆମ ପରିବେଶ



ସୁଲୋଚନା ବେହେରା

ଅତ୍ୟାଧୁନିକ ସହରୀ କରଣ
ଦ୍ରୁତ ଶିଳ୍ପାୟନ ପାଇଁ,
ଆମ ପରିବେଶ ବିଗିଡି ଗଲାଣି
ଏବେଠୁ ସଜାଗ ତହିଁ।(୧)

ଜଙ୍ଗଲ ସୁରକ୍ଷା ପରିବେଶ ରକ୍ଷା
ସୁସ୍ଥ ଶରୀର ନିମିତ୍ତ,
ତା'ର ସଂରକ୍ଷଣ ହେଉ ଆମ କାମ୍ୟ
ଚେତନାରେ ରଖ ନିତ୍ୟ।(୨)

ଜଳ ବାୟୁ ମାଟି ପ୍ରଦୂଷଣ ମୁକ୍ତ
କର୍ତ୍ତବ୍ୟ ଭାବିବା ମନେ,
ରୋଗ ମୁକ୍ତ ହୋଇ ଦୀର୍ଘାୟୁ ଜୀବନ
କାଟୁଥିବା ସବୁ ଦିନେ।(୪)

ବୃକ୍ଷ ଆମ ବନ୍ଧୁ ପୃଥିବୀ ଜୀବନ
ତା ପାଇଁ ସୃଷ୍ଟି ବିଧାନ,
ଦୁଇ ପତ୍ର ଠାରୁ ଆମରି ସେବାରେ
ଥାଏ ପରାଣ ଅର୍ପଣ।(୪)

ଫୁଲ ଫଳ ମୂଳ ସବୁ ଦରକାର
ରନ୍ଧନେ ଜାଳେଣି ରୂପେ,

ISSN NO.
2582-208X

ଗୃହ ନିରିମାଣ ଦିଏ ଅମ୍ଳଜାନ
ରୋଗର ନିଦାନ ସାଜେ।(୫)

ବାୟୁ ମଣ୍ଡଳର ଓଜନ ସ୍ତର ବୃଦ୍ଧି
ଅଙ୍ଗାରକାମ୍ଳ ବଢିଯାଏ,
ବୃକ୍ଷ ଶୋଷି ନେଇ ସୁସ୍ଥ ପରିବେଶ
ସୃଷ୍ଟି ସଦା କରୁଥାଏ।(୬)

ପକ୍କା ଅଟ୍ଟାଳିକା କାରଖାନା ଗଢି
ନଷ୍ଟ କରୁଛି ଜଙ୍ଗଲ,
ଆଜିର ମାନବ ସ୍ୱାର୍ଥେ ହୋଇ ଅନ୍ଧ
ଉପାଡୁଛି ନିଜ ମୂଳ।(୭)

ସୁସ୍ଥ ପରିବେଶ ସୁସ୍ଥ ଟି ସମାଜ
ସ୍ୱଛତାରେ ଧ୍ୟାନ ଦେବା,
ଶିକ୍ଷା ମାଧ୍ୟମରେ ଆଗାମୀ ପିଢ଼ିକୁ
ସଚେତନ କରାଇବା।(୮)

ବିବାହ ବାର୍ଷିକ ଜନ୍ମ ଦିବସରେ
ଗଛଟିଏ ଲଗାଇବା,
ଧିରେ ଧିରେ ସଜ ଆମ ପରିବେଶ
ପୃଥ୍ୱୀ ଆୟୁ ବଢ଼ାଇବା।(୯)

ସମାଜ ମଙ୍ଗଳ ପାଇଁ ଏହି ବାର୍ତ୍ତା
ସମଗ୍ର ମାନବ ପାଇଁ,
ଧ୍ୟାନ ଦେବ ମୋର ବିଜ୍ଞ ପ୍ରାଜ୍ଞ ଜନ
ଶିଶୁ ଚେତନାରେ ଥୋଇ।(୧୦)

ବଇଁତୁଆ, ଖୋର୍ଦ୍ଧା

ISSN NO.
2582-208X

# ହେ ପ୍ରଭୁ!



ଭାରତୀ ମୁଦୁଲି

ନିରାକାର ବୋଲି ଭାବନ୍ତି ସଂସାରେ
ହେଲେ ତୁମେ ଦର୍ଶନ ଦିଅ ଜଗନ୍ନାଥ ଅବତାରେ
ଆସ ଯେବେ ରଥଯାତ୍ରାରେ ବଡ଼ ଦାଣ୍ଡ ପ୍ରାଙ୍ଗଣକୁ
ମନ ହୁଏନା ଛାଡି ଯିବାକୁ ହେ ପ୍ରଭୁ!
ରଥ ଉପରେ ଦର୍ଶନ ଦେଲେ ମୁକ୍ତି ପାଇଯାଏ ବୋଲି କୁହନ୍ତି ସାଧୁଜନ
କଣ ଅଛି ସେ ଚକା ଆଖିରେ
ମନ ଲାଖିଯାଏ ସଭିଙ୍କର
ଗହଳି ଭଙ୍ଗେନା ଜମା ବଡ଼ଦାଣ୍ଡରୁ
ସମ୍ପର୍କ ଭାଙ୍ଗି ଆସିଲା ପରି ମନେ ହୁଏ
କାହିଁକି କେଜାଣି କି ସମ୍ପର୍କ ଅଛି ତୁମ ସାଥେ ପ୍ରଭୁ
ଆଖିରୁ ଲୁହ ବୋହିଯାଏ ଦେଖିଲେ ସେ ଦିବ୍ୟମୂର୍ତ୍ତିକୁ
ବିଶ୍ୱାସକୁ ଦୃଢ଼ କରି ରଖିଛ ଆମର
ସଂସାର ଝୁରେ ତୁମ ନୀଳାଦ୍ରି ବିଜେରେ
ଭକତ ଭାବରେ ବନ୍ଧା ବୋଲି ତୁମେ ଟାଣ ତମ ଶ୍ରୀକ୍ଷେତ୍ରକୁ
ପାପୀ ଦୌଡ଼ି ଯାଇ ମାଗେ କ୍ଷମା
ଦୁଃଖୀ ଗଡ଼ିଯାଏ ବାହୁନି ତମକୁ
ସତରେ କେତେ ଦିବ୍ୟ ଦର୍ଶନ ତୁମର ପ୍ରଭୁ
ଭୁଲିବିନି କେବେ ତୁମ ଆଶୀର୍ବାଦକୁ.........

ପି ଏଚ ଡି ଗବେଷିକା,ରମାଦେବୀ ମହିଳା ବିଶ୍ୱିଦ୍ୟାଳୟ

ISSN NO.
2582-208X

# ମତୁଆଲା ମନ



ଆଶୁତୋଷ ମେହେର

ପ୍ରିୟା କବରୀରେ ଗୁନ୍ଥି ଦେଲି ଯେବେ
ନାଲି ଗୋଲାପ ର କଢି,
ବାସ ଚହଟିଲା ପ୍ରିୟା ନାଲି ଓଠେ
ଆସିଲା ପିରତି ବଢି.......।।୦।।

ସରାଗ ଲେପିଲା ପ୍ରିୟା ବଦନରେ
ପ୍ରେମଭରା ରଙ୍ଗଆଶା,
ପୁରି ଉଛୁଳିଲା ହୃଦ ସରୋବର
ଆଖିଲେଖା ପରିଭାଷା,
ଅକୁହା କାହାଣୀ ପଢୁଥିଲା ସିଏ
ମନ ଦରପଣ କାଢି.......।।୧।।

ମନ ମତୁଆଲା ଗୋଲାପ ବାହାନା
ପ୍ରିୟା ବୁଝେ ସେଇ କଥା,
ସବୁ ଦିନ ଏକା ନିଜର ହୋଇକି
ପରଖେ ହୃଦୟ ବ୍ୟଥା,
ପ୍ରେମ ମହନୀୟ ସ୍ୱର୍ଗୀୟ ଭାବନା
ଭାବେ ଅନୁଭବ ପଢି......।।୨।।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪/ଦୂରଭାଷ
9437085396

ISSN NO.
2582-208X

# ଲୋମଶ ଛୋଟିଆ ରେଳ



ରଘୁନାଥ ତ୍ରିପାଠୀ

ଲୋମଶ ଛୋଟିଆ ରେଳ ଆମ ବଗିଚାର
ସଁ ବାଲୁଆ ବାବୁ ଆମଠାରେ ଦୟା କର ॥
ମୁଁ ଶୁଣୁଛି ପରା ଆଉ କିଛି ଦିନ ପରେ
ତୁମ ଦେଖା ହେବ ପରଜାପତି ରୂପରେ ॥
ତୁମେ ଆଉ ଚାଲିବନି ରେଳଗାଡି ହୋଇ
ଦଉଡି ଯିବନି ଆଉ ଲୋମ ଝାଡି ଦେଇ ॥
ଜାହାଜଟେ ପରି ଉଡୁଥିବ ଡେଣା ମେଲି
ଏହାର ରହସ୍ୟ ମୋତେ କହିଦିଅ ଖୋଲି ॥
ପୁରୁଣା ରୂପକୁ ଛାଡି କରି ଚାଲି ଯିବ
ପ୍ରଭୁଙ୍କ ଦୟାରୁ ସିନା ହେବ ଏ ସମ୍ଭବ ॥
ମୋ ମନ ବି ଖୋଜୁଥିଲା ପକ୍ଷ ଏକ ଯୋଡି
ଆକାଶରେ ଚାଲିବାକୁ ବାହୁ ଦୁଇ ଝାଡି ॥
ଚାହୁଁ ଅଛି ମୁହିଁ ଉଡିଯିବି ତୁମ ପରି
ତୁମ ସମ ମୋ ଡେଣାରେ ରଙ୍ଗ ଥାଉ ଭରି ॥
ଆମ ରଙ୍ଗ ଦେଖି ପିଲେ ଆସିଗଲେ ପାଶେ
ଧରା ନ ଦେଇକି ଉଡି ଯାଆନ୍ତେ ଆକାଶେ ॥

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# ଭାବାନ୍ତର



ଶାନ୍ତଲତା ମିଶ୍ର

ଆଜି ସକାଳୁ ସମୀର ବାବୁଙ୍କର କିଛି କାମ କରିବାକୁ ଇଛା ହେଉ ନଥିଲା । ଏମିତିରେ ସପ୍ତାହ ସାରା ଅଫିସରେ କାମ କର । ରବିବାର ଆସିଲେ ଖୁସି କଣ ହେବେ ଘରର ଭଲ ମନ୍ଦ, ହାନି ଲାଭ ବନ୍ଧୁ ବାନ୍ଧବ ଖବର ଅନ୍ତର ସଉଦା ପତର କିଣାରେ ଦିନଟି କୁଆଡେ ଚାଲିଯାଏ ଯେ ଜଣା ପଡେନି । ପୁଣି ନିଜ କଥା ଭାବିବା ପୂର୍ବରୁ ସୋମବାର ଆସିଯାଏ । ମଜା ମଉଜ ଦୂରେ ଥାଉ । ପୁଣି ଘୋଡା ଦୌଡ ଆରମ୍ଭ ହୋଇ ଯାଏ ।

ଆଜି ରବିବାର ସତ କିନ୍ତୁ ସକାଳୁ ଉଠୁ ଉଠୁ ଏମିତିରେ ଟିକେ ଡେରି ହୋଇଗଲା । କାଲି ରାତିରେ ଭଲ ନିଦ ହୋଇ ନଥିଲା ତ ସକାଳୁ ଡେରି ଯାଏ ଶୋଇଗଲେ । ସେଥିପାଇଁ ସକାଳୁ ଭାରି ଅଳସ ଅଳସ ଲାଗୁଛି । ଚା ଚାରିକପ୍ ପିଇ ଖବର କାଗଜ ପଢା ଚାଲିଛି । ସ୍ତ୍ରୀ ଆଉ ଚା କରି ପାରିବେନି ବୋଲି କହି ସାରିଲେଣି । ସବୁ ଦିନ ସକାଳୁ ଏମିତିରେ ଖବର କାଗଜ ପଢିବାକୁ ତାଙ୍କୁ ସମୟ ମିଳେନା । ହେଡ ଲାଇନ୍ ରେ ଟିକେ ଆଖି ବୁଲଇ ଦିଅନ୍ତି ଖାଲି । ଆଜି କିନ୍ତୁ ଆରାମରେ ବସି ପଢୁଛନ୍ତି ।

କିନ୍ତୁ ଏ ସବୁ କି ଖବର ସେ ପଢୁଛନ୍ତି ! କୋଉଠି ଟ୍ରେନ୍ ଦୁର୍ଘଟଣାରେ ଦୁଇ ଶହ ଲୋକ ମଲେଣି ତ କୋଉଠି ବସ୍ ଦୁର୍ଘଟଣାରେ ପନ୍ଦର ଗଲେଣି ତ କୋଉଠି କାର୍ ଦୁର୍ଘଟଣାରେ ସପରିବାରଙ୍କର ପରଲୋକ ହୋଇଗଲାଣି । ଏପରି ସମ୍ବାଦ ସକାଳୁ ଉଠି ପଢିଲେ ଜୀବନ ପ୍ରତି ଦୃଷ୍ଟି ଭଙ୍ଗି ପୁରା ବଦଳି ଯାଏ । କାହିଁକି ଏ ଜୀବନ ! ଏ ବଞ୍ଚିବାର ମାନେ କଣ ! ଏ ସଂସାରକୁ ଆସିବାର ଉଦ୍ଦେଶ୍ୟ କଣ ! ମଣିଷ ସାଙ୍ଗେ ସାଙ୍ଗେ ଦାର୍ଶନିକ ପାଲଟି ଯାଏ ।

ISSN NO.
2582-208X

ପୁଣି ପର ପୃଷ୍ଠା ଓଲଟାଇ ଦେଖୁ ଦେଖୁ ଆଖି ପଡିଗଲା ଜଣେ କିଏ ଅଫିସର, ତାଙ୍କ ଘରୁ କୋଟି କୋଟି ଟଙ୍କା ବିଡା ଧରା ପଡିଛି । ଆଉ ଜଣେ ସରକାରି କର୍ମଚାରୀଙ୍କ ଘରୁ ଆବଶ୍ୟକତା ଠାରୁ ଅଧିକ କଳା ଧନ ଜମା ହୋଇ ଥିବାର ଜଣା ପଡିଛି । ଆଉ କାହାର ତ ଦଶ ଟା ସହରରେ ଦଶଟା କୋଠା । ଗୋଟାଏ ଜୀବନ କାଳ ମଧ୍ୟରେ ଗୋଟାଏ କୋଠା ଘର ତିଆରି କରି ସେ ଧଇଁସଇଁ ହୋଇ ସର୍ବସ୍ୱାନ୍ତ । ଦଶଟା ? କେମିତି କଲା ? କୋଉଠୁ ଆଣିଲା ଏତେ ଟଙ୍କା ? କଣ କରିବ ଏତେଟା ଘର ! କଣ କହିବ ଏ ଲୋକ ମାନଙ୍କୁ ? ହସିବେ କି କାନ୍ଦିବେ ବୁଝି ପାରୁ ନାହାଁନ୍ତି । ଗୀତ ପଦେ ପୁରାତନ ଜଣେ ଜ୍ଞାନୀମାନି କବିଙ୍କ ଲେଖାରୁ ଦି ଧାଡି ମନେ ପଡି ଯାଉଛି " କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଠ ।'

ପର ପୃଷ୍ଠାରେ ହଟାତ୍ ଆଖି ପଡିଗଲା ଶୋକ ସମ୍ବାଦ ଉପରେ । ଆରେ ଏ ତ ରମେଶ ର ଫୋଟୋ । ସେ ଚାଲିଗଲା କେମିତି ? ସ୍କୁଲ୍ ରେ ଚାରି ବର୍ଷ ସାଙ୍ଗ ହୋଇ ପଢୁଥିଲେ । ତା ବାପାଙ୍କ ବଦଳି ଯୋଗୁ ସେମାନେ ଅନ୍ୟ ଏକ ସହରକୁ ଚାଲି ଯାଇଥିଲେ ସତ କିନ୍ତୁ ସେମାନେ ଛୁଟି ଦିନ ମାନଙ୍କରେ ଏଠାକୁ ଆସନ୍ତି । ବହୁତ ଥର ଦେଖା ହୋଇଛି ତା ସଙ୍ଗେ ବିଭିନ୍ନ ବନ୍ଧୁ ଆସରରେ । ସବୁ ବେଳେ ଫିଟ୍ । ସବୁଦିନ ସକାଳ ପାଞ୍ଚରୁ ଉଠି ମର୍ଣ୍ଣିଙ୍ଗ୍ ୱାକ୍ ରେ ଯାଏ । ତା ପରେ ଘଣ୍ଟାଏ ଯୋଗ କରେ ନିତ୍ୟକାମ ସାରି ଅଫିସ୍ ଯାଏ । ଖାଇବା ବି ପୁରା ସାତ୍ତ୍ୱିକ ଭୋଜନ । ସକାଳୁ ଗଜା ମୁଗ, ଆଲମଣ୍ଡ, ବିଭିନ୍ନ ପ୍ରକାର ଫଳ ଖାଇବାରୁ ତାର ଦିନ ଆରମ୍ଭ ହୁଏ । ଯେତେବେଳେ ଦେଖା ହୁଏ ଶରୀର ତତ୍ତ୍ୱ, ଯୋଗ ପ୍ରାଣାୟମ, ନିତି ବ୍ୟାୟାମ, ଖାଦ୍ୟ ଉପରେ ଭାଷଣ ଦିଏ । କିନ୍ତୁ ସେ ହୃଦଘାତରେ ଗଲା କେମିତି ?

କିଛି ଘଣ୍ଟା ପୂର୍ବରୁ ସମୀର ବାବୁ ଘରର ସବୁ କାମ ଛାଡି ଏପରି ଖବର କାଗଜ ପଢାରେ ଚାରି ଘଣ୍ଟା ଅଯଥାରେ ସମୟ ବିତେଇ ଦେଇଥିବାରୁ ଅନୁତାପ କରୁଥିଲେ । ବହୁତ ବାକିଆ କାମ ସବୁ ପଡି ରହିଛି । ତାଙ୍କୁହିଁତ ସବୁ କରିବାକୁ ପଡିବ । ଆଜିର କାମ ଆଜି ନକଲେ କାଲିକୁ ବହୁତ ଗଦା ହୋଇ ଯିବ । କାମର ବୋଝ ବଢିଯିବ । କିନ୍ତୁ ରମେଶର ଅକାଳ ମୃତ୍ୟୁ ଖବର ମନ ଭିତରେ ହଲ୍‌ଚଲ୍ ସୃଷ୍ଟି କରି ଦେଇଗଲା । ଯେତେ ଯାହା କର,

ISSN NO.
2582-208X

ଯେତେ ସ୍ୱାସ୍ଥ୍ୟର ଯତ୍ନ ନିଅ, ଜୀବନର ଶେଷ ଫଳ ମୃତ୍ୟୁ । ଏ ଧ୍ରୁବ ସତ୍ୟରୁ କେହି ଓହୋରି ଯିବା ସମ୍ଭବ ନୁହଁ ।

ତେଣୁ ଏତେ ଚିନ୍ତା ନକରି ଯେତେବେଳେ ମନ ଯାହା ଚାହୁଁଛି କରି ଯିବା ଉଚିତ୍ । କିଛି ସାଙ୍ଗଙ୍କୁ ଫୋନ୍ କରି ବେଶ୍ ରମେଶର ସ୍ମୃତିଚାରଣରେ ଆଉ ଚାରି ଘଣ୍ଟା ବିତେଇ ଦେଲେ । ଏମିତିରେ ସନ୍ଧ୍ୟା ଆଗତ ପ୍ରାୟ । ଗୋଟାଏ ଦିନ ଏମିତି ବେକାରରେ ନଷ୍ଟ ହୋଇ ଯିବାର ଯେଉଁ ଆତ୍ମଗ୍ଳାନି ଟା ସକାଳ ପ୍ରହରୁ ମନରେ ଖଟାକା ସୃଷ୍ଟି କରି ଦେଇଥିଲା ଏବେ ତାହା ଆତ୍ମତୃପ୍ତିରେ ପରିଣତ ହୋଇ ଯାଇଛି । ସବୁବେଳେ ମନ ଉପରେ କୁଢାଏ ବୋଝ ରଖି ବଞ୍ଚିବା ଅପେକ୍ଷା ମନକୁ ବେଳେ ବେଳେ ଢିଲା ଛାଡିଦେବା ଉଚିତ୍ । ଯାହା ଇଛା ତାହା କରିବା ପାଇଁ । ନିଜ ଖୁସିରେ ହିଁ ବଞ୍ଚିବାକୁ ଜୀବନ କୁହା ଯାଏ । କିଛି ବର୍ଷର ହଉ ବା ଶହେ ବର୍ଷ ହେଉ ରହଣି ଏ ସଂସାରରେ, କିଛି ଯାଏ ଆସେ ନା ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ଧରିତ୍ରୀ ର ଲୁହ

ଅପରାଜିତା ମହାରଣା

ଭାଗ - ଏକ

ଧରିତ୍ରୀ ର ଲୁହ
ବୃକ୍ଷଲତା ଜିଇଁଛି ଆଜି ତୋରି ଲୁହ ବୁନ୍ଦାରେ
ବରଷୁନି ଆଜି ମେଘ ମାଳା
ବାଦଲ ହୁଏକି ରୋଷ ?
ମାଟି ଫାଟି ଆଜି କଲାଣି ଆଁ
ଶୁଖି ପଡିଲାଣି ଗଛ
ଝାଉଁଳି ଗଲାଣି ପତ୍ର
ସବୁଜିମା ଗଲା ଉଭେଇ
ଆସିଲା କି ଆଉ ଏକ ଦୁର୍ଭିକ୍ଷ ?
କଣ ବା ଏଥର ନେବ ସେ ତ୍ୟାଗ
କରୋନା ମହାମାରୀ ରଖିଛି କି ଆଉ ?
ଯାଇଛି ଭାଙ୍ଗି ଦଣ୍ଡ ରୁ ମେରୁ
ଚୂନା କରିଛି ହାଡ
ବୁହାଇଛି ରକ୍ତ
କୁହ କୁହ ଜୀବ ଏକାଠି ଜଳିଲେ
ଯେତେକ ରହିଲେ ଭିକ ମାଗିଲେ
ଛଟେଇ ହେଲା ରୋଜଗାର
ଉଜୁଡି ଗଲା ପରିବାର
ଆଉ ନାହିଁ ଦେବାକୁ ସ୍ୱାଭିମାନ
ରେ ଅନ୍ନଛତ୍ର ଆଜି କାହାକୁ ଦେବୁ ?
କୋଉଠୁ ତୁ ଆଣିକି ଦେବୁ ?
ଆଜି ତୁ ବିଶୂନ୍ୟ ହାତ

ISSN NO.
2582-208X

କଣ ବା ନେବୁ ?
ଜାଣେନା ମୁଁ......
ଇଂରେଜ ନାହିଁ ଛାପ ପଡିଅଛି
ଏଥର ଜାତି ନବୁ କି ସ୍ୱାଭିମାନ ?
ଏ ଯୁଗେ ଠାବ କଲା ସବୁ ଗବେଷଣା
ଯେବେ ଜହ୍ନେ ଅଛି ନୀର
ଧନୀ ସିନା ଯାଇ ଧନ ବଳେ
ଆଗତ ଭବିଷ୍ୟତ ଦେବ ସୁଧାରି
ଶୁଦ୍ଧ କରି ପାରେ ଅଯୋଗ୍ୟ ପାଣି
ଧନ ର କ୍ଷମତା ଶୋଷ ମେଣ୍ଟାଇବ ତାଙ୍କ
କୋରନା ଭ୍ୟାକ୍ସିନ୍ ଭଳି
ସେମାନେ ଜିଇଁବେ
ଆଉ ଆମେ ??

## ଭାଗ – ଦୁଇ

ବରଷି ଯା .... ମେଘ
ବରଷି ଯା .... ମେଘ
ରୋଷ ନ କରି ବରଷି ଯା .....
ତୋ ପାଇଁ ହୁଏତ ଏ ଧ୍ୱଂସ ହେଇଯିବ ଅଧା ଏ ଜଗତ
ଫୁଟିବନି ଆଉ ଫୁଲ
ଫଳିବନି ଯଦି ଫଳ
ଜୀବଜନ୍ତୁ ଜଳ ବିହୁନେ ଗଲେଣି ମରି
ଶାକାହାରୀ ମାନେ କରିବେ କଅଣ ?
ଗ୍ରୀଷ୍ମଂଅ ଜ୍ୱାଳାର ଉପଶମ ପାଇଁ
ବରଷି ଯା .... ମେଘ
ବରଷି ଯା .... ମେଘ
ମେଘ ପାଇଁ ଆଜି କାନ୍ଦେ ଏ ପୃଥ୍ୱୀ
ବୁନ୍ଦାଏ ବୁନ୍ଦାଏ ଲୁହ ରେ ପୋଷୁଛୁ ପ୍ରାଣୀ


ISSN NO.
2582-208X

କେତେଦିନ ସଂଘର୍ଷ ଆଉ କରିବୁ ?
ଯେଉଁଠି ଖୋଦିଲେ ସେଇଠି ନ ବାହାରେ ଜଳ
ଶୁଷ୍କ ଗଲାଣି ମାଟି
ନଈ, ନାଳ ଗଲା ପଡିଆ ହୋଇ
ଲୋପ ହେଲେ ଜିଆ, ଡେଲୁଣି ବଂଶ
ବରଷି ଯା .... ମେଘ
ବରଷି ଯା .... ମେଘ
ରେ ମେଘ ରୋଷ କରନା ବରଷି ଯା ....
ମାଟି ତୃଷା ହେଇ ଚୁରି ହୁଏ ହାତେ
କାନ୍ଦେ କଇଁ କଇଁ ଧରିତ୍ରୀ
ଲୁହେ ଭିଜି ତାର ଜିଇଁ ଅଛି ବୃକ୍ଷ
ଏ ଯୁଗେ ନାହିଁ କୋଉ ଋଷି
ଯଜ୍ଞ ବଳରେ ଯିବ ମେଘ ବରଷି
ଧନୀ କିମ୍ବା ଗରିବ ସଭିଏଁ ମୁଣ୍ଡେ
ଥାଏ ଗୋଟିଏ ଛତା ନାଁ ତାର ନୀଳାମ୍ବର
ଗରୀବ ଯିବେ ମରି
ନବର୍ଷି ବା କାରଣ ସଭିଏଁ ଆମେ
ଶପଥ କରୁଛୁ ବୃକ୍ଷ ନ କାଟିବୁ କେହି
ବାୟୁ ପ୍ରଦୂଷଣ ଆଉ କରିବୁ ନାହିଁ
କ୍ଷମା କରିଦେ ମେଘ
ରୋଷ ନ କରି ବରଷି ଯା ....
ବରଷି ଯା ....
ବରଷି ଯା ....
ଏତିକି କରୁଣା କର ପ୍ରଭୁ ଜୀବେ ଦୟା

ଅତିଥି ଅଧାପିକା
ରମାଦେବୀ ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ରାଜାର ରାଣୀ



ବିନୟ ମହାପାତ୍ର

ଜୀବନଟା ସତେ ଆଇନାଟିଏ । ତାକୁ ଦେଖି ଟିକିଏ ହସି ଦେଲେ ସିଏ ବି ହସି ଦିଏ, ବେଶି ନୁହେଁ କି କମ୍ ବି ନୁହେଁ, ନିଜେ ଯେତିକି ହସି ଥିବ ଠିକ୍ ସେତିକି । ତୁମ ଲୁହ ଦେଖିଲେ ତା ଆଖିରୁ ବି ଲୁହ ଝରି ଆସେ, କିନ୍ତୁ ସେ କେବେ ବି ତୁମ ଲୁହ ବୁନ୍ଦାକ ପୋଛି ଦେବାକୁ ହାତ ବଢାଇ ଦିଏନି, କି ସମବେଦନାରେ ପଦେ ହେଲେ କିଛି କହେନି । ସେଥି ପାଇଁ ବୋଧହୁଏ, କାନ୍ଦିଲା ବେଳେ କେହି ଆଇନା ଦେଖେନା । କାରଣ ଆଇନା କହେ, ଜୀବନରେ କାନ୍ଦିବା ମନା । କାନ୍ଦିଲ ଯଦି ତେବେ ନିଜ ଲୁହ ନିଜେ ପୋଛିବାକୁ ଶିଖ ! ଦୁନିଆରେ କେହି ଆସେନା କାହାର ଲୁହ ପୋଛିବାକୁ । ସତ କଥା; ନିଜ ଲୁହ, ନିଜକୁ ତ ପୋଛିବାକୁ ପଡେ । ଆଉ ଯିଏ ବା ଆସେ ଲୁହ ପୋଛିବାକୁ, ସେ ଖାଲି ବାହାନାରେ ସମ୍ପର୍କ ଜତେଇ ହେବାକୁ ଆସେ । ସମ୍ପର୍କର ଦୁହାଇ ଦେଉ ଦେଉ କେତେ ବେଳେ ନିଜର ସ୍ୱାର୍ଥ ହାସଲ କରି ନିଏ ଜାଣି ହୁଏନି । ବଡ ସ୍ୱାର୍ଥପର ଏ ଦୁନିଆ ।

ଏଇଟା ତ ସତ କଥା, କିନ୍ତୁ ଦୁନିଆର ସବୁ ସମ୍ପର୍କ ଏକା ପରି ନୁହେଁ ! କିଛି ସମ୍ପର୍କ ଏମିତି ବି ଥାଏ, ଯେଉଁଠି ପାଇବାର ଲୋଭ ନଥାଏ, ନା' ଥାଏ ସ୍ୱାର୍ଥ ନା' ଦେଖେଇ ହେବାର ଇଚ୍ଛା ଥାଏ । ସେ ସମ୍ପର୍କ ସବୁ ହୃଦୟର ଥାଏ, ଆତ୍ମାର ସମ୍ପର୍କ ଥାଏ । ଏମିତି ସମ୍ପର୍କ ରକ୍ତର ସମ୍ପର୍କକୁ ପଛରେ ପକେଇ ଦିଏ । ସେଇ ସମ୍ପର୍କ ସତେ ବା ଆଇନାଟିଏ । ହସି ଦେଲେ ସିଏ ବି ହସି ଦିଏ, କିନ୍ତୁ ଲୁହ ଦେଖିଲେ ଲୁହ ତ ଗଡେଇ ଦିଏ, ପୁଣି ହାତ ବଢେଇ ଦିଏ ଲୁହ ଟୋପାକ ତଳେ ପଡିବା ଆଗରୁ ପୋଛି ନେବାକୁ । କାନ୍ଧରେ ହାତ ପକାଇ ବୁଝେଇ

ISSN NO.
2582-208X

ଦିଏ, ଏଇ ଦୁନିଆର ରୀତି, ନୀତିର ଜଟିଳ ଗଣିତ ସବୁ । ଛାତିରେ ଆଉଜାଇ ନେଇ ଚାପି ଧରେ, ଉଠି ଆସୁଥିବା ଶେଷ କୋହକୁ ବି ସାଥିରେ ନେଇ ଯାଏ ।

ମାଆ, ବାପା, ଭାଇ, ଭଉଣୀ ନିଜର ପୁଅ, ଝିଅ, କି ନାତି, ନାତୁଣୀ ସବୁ ନିଜ ରକ୍ତର, ସତରେ କେତେ ନିଜର ସେମାନେ । ରକ୍ତ ତ ଏକ, ହେଲେ ହୃଦୟ କେତେ ଭିନ୍ନ ହୋଇ ଯାଏ, ଆତ୍ମା ବି ଅଲଗା, ଅଲଗା । ମାଆ ବାପାଙ୍କର ପ୍ରେମ ଅତୁଳନୀୟ, ସେଥିରେ ତିଳେ ବି ସ୍ୱାର୍ଥ ନଥାଏ, କିଛି ପାଇବାର ଆଶା ନଥାଏ । ମାଆ ବାପା କେବଳ ଦେଇ ଜାଣନ୍ତି । ନିଜର ରକ୍ତ ଦେଇ ସନ୍ତାନକୁ ଶରୀର ଦେଇଥାନ୍ତି । ନିଜର ଆହାର କାଟି ସନ୍ତାନ ପେଟକୁ ଆହାର ଦିଅନ୍ତି । ନିଜର ଇଚ୍ଛା ମାନଙ୍କର ଗଳା ଚିପି ଦେଇ ସନ୍ତାନର ସମସ୍ତ ଇଚ୍ଛା ପୁରଣ ପାଇଁ ନିଜ ଜୀବନକୁ ବାଜି ଲଗାଇ ଦିଅନ୍ତି । ବଦଳରେ ଚାହାଁନ୍ତି କଣ ? କେବଳ ଟିକିଏ ହସ ! ସନ୍ତାନ ମୁହଁରେ ଟିକିଏ ସନ୍ତୋଷର ହସ, ଟିକେ ସଫଳତାର ହସ, ଟିକିଏ ଖୁସି ଆନନ୍ଦର ହସ । ସେଇ ଟିକକ ହସରେ ତାଙ୍କର ସମଗ୍ର ଜୀବନର ତପସ୍ୟା ସତେ ପୂର୍ଣ୍ଣତା ଲାଭ କରି ଯାଏ । ମାଆ ବାପାଙ୍କର ତୁଳନାରେ ଦୁନିଆରେ କିଛି ବି ନାହିଁ, କେହି ବି ନାହିଁ। ହେଲେ ମାଆ ବାପାଙ୍କର ନିର୍ଭୟ ଚାନ୍ଦୁଆ ଅବା କେତେ ଦିନ ରହେ ସନ୍ତାନ ମାନଙ୍କର ଜୀବନରେ ? ମଣିଷ ଜୀବନର ଅଧା ରାସ୍ତା ହେଉ ହେଉ ସେମାନେ ପିଲାଙ୍କ ହାତ ଛାଡି ଚାଲି ଯାଆନ୍ତି, ଆଉ କିଛି ହତଭାଗା ସନ୍ତାନ ବୁଢା ବାପ ମାଆଙ୍କର ହାତ ଛାଡି ଦିଅନ୍ତି ।

ଜୀବନର ସେଇ ଅସହାୟ ମୁହୂର୍ତ୍ତରେ ଆଉ ଜଣେ ସମ୍ଭାଳି ନିଏ ମଣିଷକୁ, ସେ ନିଜର ପତ୍ନୀ ହୋଇ ପାରେ ପତି ବି । ସେ ସମ୍ପର୍କ ରକ୍ତର ସମ୍ପର୍କ ନୁହେଁ, କେବଳ ବନ୍ଧୁତ୍ୱର ସମ୍ପର୍କ । ହେଲେ ସମସ୍ତ ରକ୍ତ ସମ୍ପର୍କୀୟଙ୍କ ଠାରୁ ଅନେକ ଗୁଣରେ ଅଧିକ ଅନାବିଳ, ଅଧିକ ଗାଢ, ସେ ସମ୍ପର୍କ ପତି ପତ୍ନୀର ସମ୍ପର୍କ । ଏ ସମ୍ପର୍କ ପ୍ରେମର ସମ୍ପର୍କ, ଶ୍ରଦ୍ଧାର ସମ୍ପର୍କ, ବିଶ୍ୱାସର ସମ୍ପର୍କ । ଦୁଇଟି ମଣିଷ ଭିତରେ ଏ ସମ୍ପର୍କ ଏତେ ନିବିଡ ଭାବେ ବାନ୍ଧି ହୋଇ ଯାଏ ଯେ, ଲାଗେ ସତେ ଯେପରି ଗୋଟିଏ ଶରୀର, ଗୋଟିଏ ହୃଦୟ, ଆଉ ଗୋଟିଏ ଆତ୍ମା । ଜଣଙ୍କ ପାଦରେ କଣ୍ଟା ଫୁଟି ଗଲେ ଆଉ ଜଣକର ହୃଦୟରୁ ଲୁହ ଝରି ଆସେ । ଜଣଙ୍କ ବିନା ଆଉ ଜଣକଙ୍କର ଗତି, ସ୍ଥିତି, ମୁକ୍ତି କିଛି ବି ନଥାଏ ଯେମିତି । ସବୁ କିଛି ଶୂନ୍ୟ ହୋଇ ଯାଏ, ଦୁନିଆ ନିଛାଟିଆ ଲାଗେ । ଜୀବନ ତାର ରାସ୍ତାରେ ନଦୀଟିଏ ପରି କେତେ ପାହାଡ, ପର୍ବତ, ଖାଲ ଖମା ଦେଇ ବୋହି ଚାଲି ଯାଏ । କେଉଁଠି ଧୀର ମନ୍ଥର ତ କେଉଁଠି ପ୍ରବଳ ବେଗବତୀର ଉଗ୍ର ରୂପ ନେଇ ଯାଏ । କେବେ ଗ୍ରୀଷ୍ମର

ISSN NO.
2582-208X

ପ୍ରଚଣ୍ଡ ସୂର୍ଯ୍ୟ ରଶ୍ମିରେ ସୁଖି ଯାଏ ତ କେବେ ଶ୍ରାବଣର ମୂଷଳ ଧାର ବର୍ଷା ପାଣିରେ ଦୁଇ କୂଳ ଖାଇ ଭରି ଯାଏ । ଯାହା ବି ଆସିଛି, ଯେମିତି ବି ସମୟ ଆସିଛି ସବୁ ପରିସ୍ଥିତିରେ ସେ ତାର ଯାତ୍ରା ଜାରି ରଖିଛି । କେବେ ବି ଥକିନି, କେବେ ବି ଛାଇ ଟିକିଏ ଖୋଜିନି ଦି' ଘଡି ବସି କ୍ଲାନ୍ତି ମେଣ୍ଟେଇ ନେବାକୁ । କିନ୍ତୁ ଏ ଜୀବନ, ମୋର ଏକୁଟିଆ ନଥିଲା । ଆଉ ଜଣେ ବି ଥିଲା ମୋ ସାଥିରେ, ମୋ ପାଦରେ ପାଦ ମିଳେଇ ମୋ ସାଥିରେ ସାଥିରେ ଚାଲୁ ଥିଲା ସେ, ହେଲେ .... କେମିତି ବୁଝେଇ ଦେବି ଆମର ସେ ଯାତ୍ରା କେମିତି ଥିଲା ! ସେ ଏକ ଭିନ୍ନ ପ୍ରକାରର ସହଯାତ୍ରା, ଯେମିତି ତ୍ରୀବେଣୀ ସଙ୍ଗମରେ ଗଙ୍ଗା ଜମୁନା ଏକାଠି ମିଶି ଗଲା ପରେ ସାଥି ହୋଇ ବୋହି ଯିଆନ୍ତି, କିନ୍ତୁ କଣ ହୁଏ ସେମାନଙ୍କର ଅସ୍ତିତ୍ୱ ? ଜଣଙ୍କର ପ୍ରାଣ ଶରୀର ଆଉ ଜଣଙ୍କ ସାଥିରେ ବିଲୟ ହୋଇ ଯାଏ । ଗଙ୍ଗା ଯମୁନା ଏକ ହୋଇ ଯାଆନ୍ତି, ଗଙ୍ଗା ନା' ଗଙ୍ଗା ରହେ ନା' ଯମୁନା, ଯମୁନା ହୋଇ ରହେ । ତ୍ରୀବେଣୀ ପରେ ଆଞ୍ଜୁଳାଏ ପାଣି ହାତରେ ନେଇ କହି ହେବନି ସେଥିରେ କେତେ ଗଙ୍ଗା କେତେ ଯମୁନା ରହିଛି । କେଉଁ ବୁନ୍ଦାକ ଗଙ୍ଗା ଜଳ କେଉଁ ବୁନ୍ଦାକ ଜଳ ଯମୁନାର । ସିଏ ତ ଏକ ଏକାକାର, ଏକ ଶରୀର, ଏକ ଆତ୍ମା ହୋଇ ଯାଇଛନ୍ତି ।

ସେମିତି ଥିଲା ଆମର ଏ ଯାତ୍ରା । ମୋର ସହଯାତ୍ରୀ ମୋର ପତ୍ନୀ, ମୋର ଅର୍ଦ୍ଧାଙ୍ଗିନୀ, ଆମର ଶରୀର ତ ଭିନ୍ନ ଥିଲା, କିନ୍ତୁ ଆମର ହୃଦୟ, ଆମର ଆତ୍ମା ଏକ ହୋଇ ଯାଇ ଥିଲେ ! ଜୀବନର ସବୁ ଦୁଃଖ ସୁଖ, ହସ ଲୁହକୁ ସାଥି ହୋଇ ଜିଇଁଛୁ ଆଉ ସହିଛୁ ଆମେ। ପିଲାଏ ବଡ ହୋଇ ଗଲେ । ଚାକିରୀ କଲେ, ଝିଅ ବାହାଘର ପରେ ଝିଅ ତା ଶାଶୁ ଘରେ, ତାର ଘର ସଂସାରରେ ଖୁସିରେ ଅଛି । ପୁଅ ତାର ପରିବାର ସାଥିରେ ନେଇ ତା କର୍ମସ୍ଥଳରେ ଖୁସି । ଆଉ ଜୀବନର ଏଇ ସଂଧ୍ୟାରେ ଆମେ ଦୁଇ ଜଣ ଆମର ଏଇ ଛୋଟିଆ ନୀଡଟିରେ ପୁରୁଣା ଦିନ ମାନଙ୍କର ରୋମନ୍ଥନ କରୁଛୁ ।

ସବୁ ଦିନ ପରି ଆଜି ବି ସୂର୍ଯ୍ୟ ଡୁବି ସାରିଲାଣି, ହେଲେ ଆକାଶରେ ବୁଡି ଯାଉଥିବା ସୂର୍ଯ୍ୟର ସେଇ ନାଲିମା ଏବେ ବି ଘୋଟି ହୋଇ ରହିଛି । ଆକାଶର ନାଲିମା ଯଦିଓ କିଛି ଫିକା ପଡି ଆସିଲାଣି, ତଥାପି, ଅନ୍ଧାରକୁ ଅଟକେଇ ରଖିଛି । ସତେ କହୁଛି, ରହି ଯାଆରେ ଆଉ ଟିକିଏ, ଜୀବନର ଏଇ ରଙ୍ଗକୁ ଆଉ ଟିକେ ଦେଖିବାକୁ ଦେ, ଖୁବ୍ ଭଲ ଲାଗୁଛି ଜୀବନର ଏଇ ଶେଷ ରଙ୍ଗ । ଫିକା ପଡି ଆସିଥିବା ସୁନେଲି ସୂର୍ଯ୍ୟର ରଙ୍ଗ । ଇଏତ ଆସିବା ସମୟର ରଙ୍ଗ ଆଉ ଯିବା ସମୟର ରଙ୍ଗ ବି । ବାରଣ୍ଡାରେ ବସି ସଂଧ୍ୟା

ISSN NO.
2582-208X

ଆକାଶର ଏଇ ଫିକା ନାଲିମା ଭିତରେ ମୁଁ ହଜି ଯାଇ ଥିଲି ଯେମିତି । ହଠାତ୍ ପାଣି କାଚର ରୁଣୁ ଝୁଣୁ ମଧୁର ଝଙ୍କାର ସଂଧ୍ୟାଟାକୁ ଆହୁରି ରୋମାଣ୍ଟିକ କରି ଦେଉଥିଲା । ଏଇ ଚିହ୍ନା ଜଣା ଶବ୍ଦ ପ୍ରାଣରେ ମୋର ରଚି ବସି ଯାଇଚି । ବହୁତ ବାର ଶୁଣିଛି ଏ ଶବ୍ଦ । ଯେତେ ଶୁଣିଲେ ବି ମନ ଭରେନା । ରେଷେଇ ଘରେ ବାଜେ ଏ ଝଙ୍କାର, ଖାଇବା ଟେବୁଲ ପାଖରେ ବି ବାଜେ, ଯେତେ ବେଳେ ସେ ପରଶି ଦିଅନ୍ତି ତାଙ୍କର ହାତ ରନ୍ଧା ଅମୃତ, ଆଉ ରାତ୍ରୀର ନିସ୍ତବ୍ଧ ପ୍ରହରରେ ବି ବାଜୁ ଥିଲା, ଯେତେ ବେଳେ ସେ ମୋର ନିବିଡ ବାହୁ ବନ୍ଧନରେ, କାମନାର ଅନନ୍ତ ଜ୍ୱଳନର ପିଡା ଉପଶମ ମୁହୁର୍ତ୍ତରେ । ଏଇ ତ ବାଜୁଛି ଚୁଡିର ସେ ଝଙ୍କାର, ଚା'କପ୍ ହାତରେ ନେଇ ସେ ପାଖକୁ ଆସୁ ଥିଲେ । ଚା କପ୍ ଟେବଲ ଉପରେ ଥୋଉ ଥୋଉ କହିଲେ ସଂଜବତୀ ପାଇଁ ଟିକିଏ ଡେରି ହୋଇ ଗଲା, ରାଗିନ ତ ?

ମୁଁ ଆକାଶରୁ ମୁହଁ ଫେରେଇ ଚଷମା ଫାଙ୍କରୁ ଥରେ ଚା'କପ୍ କୁ, ପୁଣି ଥରେ ତାଙ୍କ ମୁହଁକୁ ଚାହିଁଲି । ସ୍ମିତ ହସ ଧାରେ ଲାଖି ରହିଥିଲା ଓଠରେ ତାଙ୍କର, ଯେମିତି କୁନି ଝିଅଟିଏ ତାର ପ୍ରଥମ ଭୁଲ ପାଇଁ 'ସରି' କହୁ ଥିଲା । ଜୀବନର ଏଇ ସଂଧ୍ୟାରେ ଏବେ ବି ତାଙ୍କର ସେଇ ସୁନ୍ଦରତା, ସେଇ ଲାବଣ୍ୟଭରା ଦୀପ୍ତିମୟୀ ଦେବୀର କାନ୍ତି, ମୋତେ ମୁଗ୍ଧ କରୁ ଥିଲା । ଲାଗୁ ଥିଲା ସତେ ଯେମିତି ସକାଳ ସୂର୍ଯ୍ୟର ରଙ୍ଗ, ଡୁବି ଯାଉଥିବା ସୂର୍ଯ୍ୟରେ ବି ସେମିତି ନାଲିମା ନେଇ ସମାନ ଚମକରେ ଏବେ ବି ଝଟକୁଛି । କେତେ ସୁନ୍ଦର ସତେ ଏଇ କରୁଣାମୟୀ ଦେବୀ । ମୋ ଘରର ଲକ୍ଷ୍ମୀ, ଅଳ୍ପକେ ସନ୍ତୁଷ୍ଟ, ନା କେବେ କିଛି ଅଭିଯୋଗ ନା କିଛି ମାଗୁଣୀ । ମୋର ଦୁଇ ସନ୍ତାନର ମମତାମୟୀ ମାଆଟିଏ ସିଏ । କେତେ ଯତ୍ନରେ, ମମତାର ପଣତ ତଳେ ବଢେଇ ପୁଣି ଉଡେଇ ଦେଲା ବିସ୍ତାରୀତ ଅନନ୍ତ ଗଗନରେ । କହିଲେ ଯାଅ, ସଂସାରକୁ ଜିତି ଯାଅ, ଯେଉଁଠି ବି ରୁହ, ଖୁସିରେ ଥାଅ ।

ସଂଜ ସକାଳରେ ମନ୍ଦିରରେ ଦୀପ ଜାଳେ, କେବଳ ଏତିକି ମାଗେ, ହେ ପ୍ରଭୁ ! ମୋ ପିଲାଙ୍କୁ ଖୁସିରେ ରଖ । କେବେ ବି ନିଜର ଖୁସି କଥା ଭାବିନି । ଏଇ ପରିଣତ ବୟସରେ ନାତି ନାତୁଣୀଙ୍କ ସାଙ୍ଗରେ ଦି'ଘଡି ଖେଳିବାକୁ କଣ ମନ ହୁଏନି ତାଙ୍କର ? କ୍ଳାନ୍ତ ମୁହୁର୍ତ୍ତରେ ପୁଅ ବୋହୁଙ୍କର ଟିକିଏ ସେବା ପାଇବାକୁ ମନ ହୁଏନି ? ହେଲେ ଆଜି ବି ତାଙ୍କର ସେଇ ନିୟମିତ ରୁଟିନ୍ ଭିତରେ ସେ ଯେପରି ବାନ୍ଧି ହୋଇ ରହି ଯାଇଛନ୍ତି, ଘଡିର କଣ୍ଟାଟିଏ ପରି । ସେଇ ସୀମିତ ପରିଧୀ ଭିତରେ ଜୀବନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ସେଇ 'ବାର୍' ରୁ 'ବାର୍' ଭିତରେ ବାରମ୍ବାର ନିଜର ଦୌଡ, କେବେ ବି କଣ ଥକି

ISSN NO.
2582-208X

ଯାଆନ୍ତିନି ? ତାରିଖ ବଦଳି ଯାଏ, ମାସ ବର୍ଷ ସବୁ ବଦଳେ, ହେଲେ ଘଣ୍ଟାର କଣ୍ଟାଟିର ଜୀବନ ବଦଳେନି, ତାର ପଥ ବଦଳେନି, ରୁଟିନ୍ ବି ବଦଳେନି । ସେଇ ତାର ଜୀବନର ଧର୍ମ, ଜୀବନର ଲକ୍ଷ । ସେମିତି ଗୋଟିଏ ଜୀବନ ଥିଲା ତାଙ୍କର ।

ପାଖକୁ ଡାକି କହିଲି, ମୋ ପାଖରେ ଟିକିଏ ବସ, ତାଙ୍କ ହାତକୁ ମୋ ହାତରେ ନେଇ ଜାବୁଡି ଧରିଲି, ଆଉ କହିଲି ଆରେ ଚାହା ଆଣିବାରେ ବେଶି ଡେରି ତ ହୋଇନି, ତା ଛଡା ଡେରି ହୋଇ ଗଲା ବୋଲି ରାଗିବି କାହିଁକି ? ଏ ବୟସରେ ତୁମର ଏତେ ଖଟଣି, ତୁମେ ଥକି ଯାଉନ ? ସକାଳୁ ସଂଜ ଯାଏ ଲାଗି ରହିଛ କାମରେ । ଟିକେ ସାହାଯ୍ୟ କରିବାକୁ ବି କେହି ନାହିଁ । କେତେ ସେବା କରୁଛ ମୋର, କଥା ଦେଇ ଥିଲି, ତୁମକୁ ରାଣୀ କରି ରଖିବି, ହେଲେ ସାରା ଜୀବନ ତ ସେବିକାଟିଏ ହୋଇ ରହି ଗଲ । ପିଲାଙ୍କ ପାଇଁ ଏତେ କଲ, ହେଲେ ଆଜି ପାଣି ଟୋପେ ଦେବା ପାଇଁ ତୁମ ପାଖରେ କେହି ନାହିଁ । ଆମ ଚାରି ଆଖି ଏକ ହୋଇ ଗଲେ, ଛଳ ଛଳ ଚାରି ଆଖି, ସେ ଲୁହ ଦୁଃଖର କି ଖୁସିର ଜାଣେନା । ତଥାପି ସେ ସ୍ମିତ ହାସିନୀ ସବୁ ବେଳେ ସେମିତି । ଅଳ୍ପ ଟିକେ ହସି ଦେଇ କହିଲେ, ଆଜି ବି ତ ମୁଁ ରାଣୀ ହୋଇ ରହିଛି, ମୁଁ ମୋ ରାଜାର ରାଣୀ ! ତୁମେ ମୋ ପାଖରେ ଅଛ, ମୋ ସାଥିରେ ଅଛ, ଜୀବନଟା ବହୁତ ସହଜ ଲାଗୁଛି, ତୁମ ଛଡା ମୋର ଆଉ ଅଧିକ ବା କଣ ଲୋଡା ଥିଲା ଯେ ! ମୋର ଖୁସିର ସାମ୍ରାଜ୍ୟ, ତୁମ ଠାରୁ ଆରମ୍ଭ ଆଉ ତୁମ ଠାରେ ହିଁ ଶେଷ । ଜୀବନରେ ଆଉ ଅଧିକ କିଛି ଲୋଡେନା, ପାଇବାକୁ ଆଉ କଣ ବାକି ରହିଲା ଯେ ମୋର ? ଜୀବନରେ ଆଉ କିଛି ବି ତ ମାଗିନି, କିଛି ଶେଷ ଅବଶୋଷ ବି ନାହିଁ ।

ମୁଁ ତାଙ୍କ ମନ ଆଇନାରେ ମୋ ନିଜକୁ ଦେଖୁ ଥିଲି । କି ସୁନ୍ଦର ଆଇନା ସତେ । ଆଖି ଜକେଇ ଆସିଛି, ହେଲେ ଓଠରେ ସେଇ ସରୁ ସ୍ମିତହସ ଏବେ ବି ଲାଖି ରହିଛି । ଲୁହ ପୋଛି ନେବାକୁ ଜମାରୁ ଇଚ୍ଛା ହେଉ ନଥିଲା । ସେ ଲୁହ ବୋହିବାର ନଥିଲା । ସେଇଠି ସେମିତି ଢଳଢଳ ହୋଇ ଜମାଟ ବାନ୍ଧି ଅଟକି ଯିବ । ତାଙ୍କୁ ମୁଁ କୁଣ୍ଢେଇ ଧରିଲି । କିଛି ଆବେଗ ନଥିଲା ସେଥିରେ, କିଛି ଅନୁଭବ ବି ନଥିଲା । ଏଇ ଅନୁଭବକୁ ବୋଧ ହୁଏ ନିରାନନ୍ଦ କହନ୍ତି । ଗୋଟିଏ ମଣିଷ, ସତେ ଯେପରି ନିଜେ ନିଜକୁ କୁଣ୍ଢେଇ ଧରିଛି !

ଜୀବନରେ ମଣିଷକୁ ଆଉ କଣ ଲୋଡା ଯେ ? ଏଇ ଟିକକ ପ୍ରେମ, ଏଇ ଟିକିଏ ବିଶ୍ବାସ ସ୍ବର୍ଗରେ ମିଳେ କି ନାହିଁ ଜାଣେନା । ଯେଉଁଠି ଏତେ ପ୍ରେମ ଥାଏ, ଏତେ ସମ୍ମାନ ଆଉ ଶ୍ରଦ୍ଧା

ISSN NO.
2582-208X

ଥାଏ ସେ ସ୍ଥାନ ସ୍ୱର୍ଗ ଠାରୁ କେଉଁ ଗୁଣରେ କମ୍ ! ମୃତ୍ୟୁ କେବେ ଆସିବ ଜଣା ନାହିଁ । ମଲା ପରେ ସ୍ୱର୍ଗ କି ନର୍କରେ ଜାଗା ମିଳିବ ଜଣା ନାହିଁ । କିନ୍ତୁ ମରିବା ପର୍ଯ୍ୟନ୍ତ ନିଜ ସଂସାରକୁ ସ୍ୱର୍ଗ ପରି କରି ମଣିଷ କାହିଁକି ଆନନ୍ଦ ନେଇ ପାରିବନି ! ନିଜ ସଂସାରକୁ ସ୍ୱର୍ଗ ପରି କରିବାକୁ ବେଶି ଖର୍ଚ୍ଚ ବି ତ କରିବାକୁ ହୁଏନା । ସ୍ୱର୍ଗ ପାଇଁ ମହଲ ପରି ଘଆସ ତ ଦରକାର ହୁଏନା । ମହଙ୍ଗା ଫର୍ଣ୍ଣିଚର କି ମହଙ୍ଗା ସାଜସଜ୍ଜା ବି ଲୋଡା ନାହିଁ । ଲୋଡା କେବଳ ଟିକିଏ ପ୍ରେମ, ଟିକିଏ ବିଶ୍ୱାସ, ଟିକିଏ ବୁଝାମଣା, ଆଉ ଟିକିଏ ସମର୍ପଣର ଭାବନା । ଯାହା ଆମ ପାଖରେ ବହୁତ ଥିଲା । ଆମର ଏ ସୁଖର ସାମ୍ରାଜ୍ୟରେ ରାଜା ବି ଅଛି ଆଉ ରାଜାର ରାଣୀ ବି ।

(ଗଳ୍ପଟି ମୋ କବିତା 'ଶୁଆ ଶାରୀ'ର ଛାୟାରେ ଲିଖିତ) ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ହସ ତଳେ ଦେଖ
# ଲୁଚଛି ଲୁହ



ସଂଯୁକ୍ତା ସାହୁ

ସୁଖ ଦୁଃଖ ଦୁଇଭାଇ ଜୀବନର
ଅଟଇ ଚିର ସହଚର
ସୁଖ ଆସିଲେ ହସ ବାହାରେ
ଲୁହ ପ୍ରକଟେ ଦୁଃଖର ।

ଏମିତି ଦୁଃଖ ଦେଖେଇ ହୁଏନି
ଉପରେ ଯେ ହସୁଥାଏ
କିଛି କଥା କହିହୁଏନି କାହାକୁ
ଲୁହକୁ ଚାପି ରଖିହୁଏ ।

ବେଳେ ବେଳେ ସହିହୁଏନି କଥା
ଲୁହ ଯେ ବହିଯାଉଥାଏ
ଲୋକ ଦେଖାଣିଆ ହସ ହସି
ଭିତରେ କୋହ ଉଠୁଥାଏ ।

ଅତି ଖୁସିରେ ଆତ୍ମହରା ହେଲେ
ଆଖିରୁ ଲୁହ ଗଡି ପଡେ
ସେଥିରେ ଆନନ୍ଦରେ ବୁଡି ମିଳେ
ଅନ୍ତରର ନିର୍ଯ୍ୟାସ ବାଢ଼େ ।

ISSN NO.
2582-208X

ଝିଅଟିର ଜନମ ଶାଶୁଘରକୁ ଲୋ
ବୋହୂର ଭୂମିକା ନିଏ
ସମସ୍ତଙ୍କ ମନ ନେଇ ଚଳିବା ଭାରି
କଷ୍ଟ ତା ପାଇଁ ହୁଏ ।

ମନର ଦୁଃଖକୁ ମନରେ ମାରି ସେ
ଉପରେ ହସ ହସୁଥାଏ
ହସ ତଳେ ଲୁଚେଇ ତା ଲୁହ ସବୁ
ଆକଣ୍ଠ ପାନ କରୁଥାଏ ।

ଏମିତି ଅନେକ ସ୍ଥିତି ପରିସ୍ଥିତି ଆସେ
ମଣିଷଙ୍କର ଜୀବନରେ
ହସ ତଳେ ଲୁହକୁ ଲୁଚାଇ ଲୁଚାଇ
ଚାଲୁଥାଏ ସଂସାରରେ ।

ଗ୍ରାମ-ହାମା, ଜଗତସିଂହପୁର

ISSN NO.
2582-208X

# ରେ ପ୍ରେମ...



ଛବି ରାଣୀ ପତି

ଜୀବନର ବହୁମୂଲ୍ୟ ସମୟ
ମୁଁ ତୋର ପାଦତଳେ ଢାଳିଦେଲା ପରେ
ଏବେ କହୁଛୁ କଣନା,
ମୁଁ ପରିତ୍ୟକ୍ତା ...... !!
ତୋ ପାଇଁ ପ୍ରତି କ୍ଷଣ ଜଳିଛି
ଆଉ ,,, ଜାଳିଛି ....
ମୋ ଏ ଦେହର ସବୁଜ ବନାନୀ
ସମର୍ପଣର ଦୀପ ଶିଖାରେ ଝୁଲସିଛି
ଏଣ୍ଡୁଡିର ଡିହୁଡ଼ି ପରି ନୁହେଁ ।
ବରଂ ମଶାଣିର ମଶାଲ ପରି
ତୋ ବିଶ୍ବାସରେ ପଳ ପଳ ବିଷ ପିଇ
ଉଜାଡି ଦେଇଛି ବର୍ଷ ବର୍ଷକର ଅମଳ
ମୋର ଯୌବନ ଫସଲ ।
ବସନ୍ତ ଛାତିରେ ସେ ମଳୟ ତାତିରେ
ଫଗୁଣର ଫଗୁ ଭିଜା ଅନୁରାଗ କୋଳେ
ପେନ୍ଥା ପେନ୍ଥା ଆମ୍ବ ବଉଳ କି କୃଷ୍ଣ ଚୂଡାର
ଫୁଲେ ଫୁଲେ ତୁ ଝୁଲୁଥିଲା ବେଳେ

ISSN NO.
2582-208X

ମୁଁ ଥୁଣ୍ଟା ତାଳଗଛ ର ଛାଇରେ
ଯୁଝିଛି ସବୁବେଳେ ନିଜ ସହ ନିଜେ ।
ଚିରା ଚରିତ ଋତୁ ଟି ପାଳିବାକୁ ଆସି
ତୁ ସିନା ବିନା ଏତେଲାରେ ଚାଲିଯାଉ
ତୋର ସେ ଅଜ୍ଞାତ ପୃଥିବୀକୁ....!!!
ମୁଁ କିନ୍ତୁ ଶେଫାଳୀ ର ଶେଯ ପାରି
ବିନିଦ୍ରେ ଚାହିଁ ବସେ ବରସ ତମାମ
ବିଦ୍ରୋହର ଛତିଶାରୁ ବଞ୍ଚେଇ ତୋତେ,
ଆଉ ଆମର ବୋଲି ଗୋଟେ ଶବ୍ଦର
ଅମର ଅଲିଭା ଦିପାଳୀକୁ ଜଗି ।

ମଧ୍ୟଶାସନ, ବିରିଡ଼ି
ଜଗତସିଂହପୁର
ଫୋନ -୯୩୩୭୯୬୦୦୬୦

ISSN NO.
2582-208X

# ଉଦ୍ଭ୍ରାନ୍ତ ପଥିକ



ଅରୁଣ କୁମାର ମହାପାତ୍ର

ନିର୍ଜନ ସକାଳରେ ନିର୍ବିକାର ମନ ନେଇ
ନିକ୍ଷେପିଲା ଆକାଶକୁ ତୀକ୍ଷଣ ଦୃଷ୍ଟି ତାର
ସାଜିଥିଲା ଚକ୍ରୀ ଯିଏ ମହାଭାରତର
ବୋଧେ ଆଉ କାଲିଠାରୁ
ନଥିବେ ପାଣ୍ଡବ ପାଶେ ଅବା ସଖା ଗଣ
ନଥିବ ବା ଅପାର ଆଦର ସ୍ନେହ ସମ୍ଭାଷଣ ।

ଦୀର୍ଘଦିନ ଚାଲିଥିବା ବାଦ ପ୍ରତିବାଦ
ଆକ୍ରୋଶ ଓ ଆକ୍ରମଣ ଯାଉଥିଲେ ସହି
ବିନା ପ୍ରତିବାଦେ ସର୍ବେ ଅମଣିଷ ଭଳି
ଆଜି ସବୁ ଭିଡିଛନ୍ତି ଅଣ୍ଟା
ଶକ୍ତ ମନ ନେଇ,
ତଡି ଦେବେ ସମାଜରୁ ଭାବି ପଙ୍ଗପାଳ ।

ଭାବୁଥିଲା ମନେ ମନେ ନିଜକୁ ସମର୍ଥ
ଶିବ ମନ୍ଦିରର ସତେ ଉପାସ୍ୟ ପୂଜକ
ଅଲୋଡା ସେ ଚିରଦିନ
ସାଜି ଦେବେ ପରିତ୍ୟକ୍ତ ଅଲୋଡା ବର୍ବର ।

ISSN NO.
2582-208X

ସମୟର ଚାରିଛକେ ଉଦ୍ଭ୍ରାନ୍ତ ପଥିକ ସମ
ଘୁରି ବୁଲିବାକୁ ନାହିଁ ଆଉ ଅଧିକ ସମୟ
ସମୟରେ କରିଥିଲା କାଳେ ଅକ୍ରିୟାର
ସଞ୍ଚିତ ଗଚ୍ଛିତ ଶକ୍ତି ପ୍ରାପ୍ତ ଅନାୟାସେ
ଅନର୍ଗଳ ଥାପୁଥିଲା ଶକ୍ତ ଶବ୍ଦ ବାଣ
ନମାନି ସେ ସ୍ଥାନ କାଳ ପାତ୍ର ।

ବୁମେରାଁ ହେବ ଆଜି ତାର ଫିଙ୍ଗା ଅସ୍ତ୍ର
ପ୍ରସ୍ତୁତ ରହିବ ନିଶ୍ଚେ,
ଶକ୍ତି ନାହିଁ ଆଜି ତାର
ଉଠିବନି ଗାଣ୍ଡିବ ତା' ଆଉ
ନଥିବ ବା ପ୍ରାଣପ୍ରିୟା କୃଷ୍ଣା ତାର ପାଶେ ।

ସାଜିଥିଲା ସ୍ୱାର୍ଥପର ଅହଙ୍କାରୀ ଦିନେ
ଦେଲେ ବି ଆହୁତି ଆଜି ସକଳ ସମ୍ବଳ
ଫେରିବନି ଶାନ୍ତି ଆଉ ବୋଧେ ଜୀବନରେ
ସମୟ ଟା ହାତଠାରି କଲାଣି ଇସାରା
ଭୋଗିବାକୁ ହେବ ନିଶ୍ଚେ କୃତକର୍ମ ଫଳ ।

ପ୍ରତାପ ପୁର, ଗଞ୍ଜାମ
(ଅଶ୍ୱପୁରମ୍, ତେଲେଙ୍ଗାନା)

ISSN NO.
2582-208X

# ଲଳିତ ନିବନ୍ଧ –
# ଭଲ ରାସ୍ତା



ବଦ୍ରୀ ମହାନ୍ତି

ଚାଲିବା ଓ ଚଳାଇଲା ବେଳେ ଖୁବ ମନେପଡେ ଚଲାପଥ । ମନ ଓ ଭାବନାକୁ ଚିନ୍ତା ଚେତନା ସହିତ ମିଶେଇ ସଜେଇ ନିର୍ମାଣ କରିବାକୁ ପଡ଼େ ପଥଟିଏ, ଯାହା ଉପରେ ପାଦ ଥାପି ଆଗକୁ ବଢି ଯାଇହେବ ଏବଂ ନିଜ କଳ୍ପନାମାନଙ୍କ ପାଦରେ ପର ଲଗାଇ ଉଡାଇ ଦିଆଯାଇ ପାରିବ। ସ୍ୱାଦ ଚାଖିହେବ ବାସ୍ତବତା ଓ ନିଖୁଣତାର। ଏହା ସହିତ ବିକାଶ ଓ ସମୃଦ୍ଧିର ଦ୍ୱାର ଉନ୍ମୁକ୍ତ ହୋଇ ଚାରିପଟ ଉଜ୍ଜ୍ୱଳମୟ ହୋଇ ଉଠିବ। ସବୁ ସମ୍ପର୍କ ଆବଶ୍ୟକତାର ରଜ୍ଜୁରେ ଦୃଢ଼ ଭାବେ ବାନ୍ଧି ହୋଇ ଯିବେ। ଏ ମହାର୍ଘ୍ୟ ପ୍ରାପ୍ତି ପାଇଁ ଲୋଡ଼ା ରାସ୍ତା ଟିଏ। ହୋଇପାରେ ତାହା ମଜଭୁତ ସୁଦୃଢ ସୁନ୍ଦର ସୁଗଠିତ ଶକ୍ତିଶାଳୀ ଓ ଚିରସ୍ଥାୟୀ। ଦୁର୍ବଳ ରାସ୍ତା ଅସହାୟତା ଯନ୍ତ୍ରଣା ଓ ଅନନ୍ତ ଦୁଃଖର କାରଣ। ଭୂମି ଉପରେ ଲମ୍ବି ଯାଇଥିବା ରାସ୍ତା କେବଳ ଆମର ପ୍ରାଥମିକତା ନୁହେଁ, ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଆପଣେଇ ନେଉଥିବା ପ୍ରସ୍ତୁତ ଯୋଜନା, ତାର ଅନ୍ତିମ ସ୍ୱରୂପ ଏବଂ ସାକାର କରିବାର ମାର୍ଗ ହିଁ ଆଲୋଚ୍ୟ ।

ଜୀବନ ଅନେକଙ୍କ ପାଇଁ ଏକ ଲମ୍ବା ରାସ୍ତା ଏବଂ ଅନେକଙ୍କ ନିମନ୍ତେ ଅପେକ୍ଷକୃତ କମ। ଉପଯୋଗ କରିବା ଓ ନିଜ ଭାବ ଭାବନା ଚିନ୍ତା ଚେତନା ଲକ୍ଷ୍ୟ ବିଲକ୍ଷ୍ୟ କର୍ମ କରଣୀ ଉପରେ ନିର୍ଭର କରେ ରାସ୍ତାର ଚୂଡ଼ାନ୍ତ ଉପଲବ୍ଧି। ପରିଣତି ପାଇଁ କସ୍ମିନ କାଳେ ରାସ୍ତା ଉତ୍ତରଦାୟୀ ନୁହେଁ ବରଂ ରାସ୍ତା ନିକଟରେ ଚିରକାଳ କୃତଜ୍ଞ ହେବା ଆବଶ୍ୟକ। ସବୁଠୁ ବଡ଼ କଥା ହେଉଛି ଦେଖିବା ଓ ନିର୍ଣ୍ଣୟ କରିବା। ଗୋଟାଏ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପାଇଁ ଅନେକ ମାର୍ଗ ଥାଇପାରେ, ଲକ୍ଷ୍ୟ ଏକ ହେଲେ ସୁଦ୍ଧା ପଥ ଅନେକ ହୋଇପାରେ। ତେଣୁ

ISSN NO.
2582-208X

ନିଜର ସାଧନ ଶକ୍ତି ସାମର୍ଥ୍ୟକୁ ବିଚାର କରି ଯାତ୍ରା ଆରମ୍ଭ କଲେ ତାହା କେବଳ ଫଳପ୍ରଦ ହେବନାହିଁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବାରେ ସମର୍ଥ ହେବ ।

ସଭିଏଁ ଆଶାକରନ୍ତି ସୁଖଦ ଓ ନିର୍ବିଘ୍ନ ଯାତ୍ରା। ଆଲୋକିତ ମସୃଣ ସଳଖ ରାସ୍ତା ସହିତ ସହଯାତ୍ରୀର ଭୂମିକାକୁ ସହଜରେ ଅସ୍ୱୀକାର କରି ହେବନାହିଁ। ସହଯାତ୍ରୀଟିଏ ବା ସତୀର୍ଥ ଜଣକ ସମଗ୍ର ଯାତ୍ରା ପଥରେ ଅନ୍ତରଙ୍ଗ ହେବା ସହିତ ହଜାଇ ଦେଇଥାଏ ଯାତ୍ରା ଜନିତ କ୍ଲାନ୍ତି। ସମୟ ସମୟରେ ଉପଯୁକ୍ତ ପରାମର୍ଶ ଦେବା ସାଙ୍ଗକୁ ଭଲମଂଦରେ ସହଭାଗୀ ହୋଇଥାଏ। ରାସ୍ତା ଯେତେ ଦନ୍ତୁରିତ କ୍ଲିଷ୍ଟ ଅସମଞ୍ଜ ହେଲେ ସୁଦ୍ଧା ସହଯାତ୍ରୀର ପ୍ରେରଣା ଉତ୍ସାହ ସହଯୋଗ ଦ୍ୱାରା ଲକ୍ଷ୍ୟ ପ୍ରାପ୍ତି ସମ୍ଭବ ହୋଇଥାଏ। ଗନ୍ତବ୍ୟ ସ୍ଥାନ ଆଉ ଦୂରନ୍ତ ବା ଅପହଞ୍ଚ ହୋଇ ରହି ଯାଏନା। ଅପରପକ୍ଷେ ସହଯାତ୍ରୀ ଯୋଗୁଁ ଅନେକ ଯାତ୍ରା ବିଷମୟ ହୋଇଉଠେ । ରାସ୍ତା ଅତ୍ୟନ୍ତ ସାବଲୀଳ ସୁନ୍ଦର ହେଲେ ମଧ୍ୟ ସହଯାତ୍ରୀ ଯୋଗୁଁ ଅସମ୍ଭବ ହୁଏ ଲକ୍ଷ୍ୟ ପ୍ରାପ୍ତି, ଦୁଃଖଦ ଯାତ୍ରା ମନରେ ଆଣେ ଘୋର ଅବସାଦ। ଅତଏବ ପ୍ରତି ଯାତ୍ରା ଆରମ୍ଭ ପୂର୍ବରୁ ସହଯାତ୍ରୀର ଚିତ୍ର ଚରିତ୍ର ଜାଣିବା ଆବଶ୍ୟକ। ଅଯାଚିତ ଅପ୍ରତ୍ୟାଶିତ ବା ସାମୟିକ ଭାବେ ସହଯାତ୍ରୀଙ୍କୁ ପରଖି ନନେଲେ ରାସ୍ତାର କେଉଁ ପର୍ଯ୍ୟାୟ ବାଧିତ ହେବ ଏବଂ ତାହା କେଉଁ ଦିଗକୁ ଚାଲିଯିବ କହି ହେବନାହିଁ ।

ସାଧାରଣତଃ ସ୍ଥାୟୀ ଅସ୍ଥାୟୀ ଦୁଇ ପ୍ରକାର ରାସ୍ତା ଉପରେ ସମଗ୍ର ଜୀବନ ଯାତ୍ରା ପ୍ରବହମାନ। ରାସ୍ତା ନିର୍ମାତାର ପ୍ରସଙ୍ଗ ଉଠିଲେ ବାଇ ମହାନ୍ତି କହନ୍ତି, 'ତିଆରି ହୋଇଥିବା ରାସ୍ତାରେ ଚାଲିବା ଅପେକ୍ଷା, ସ୍ୱୟଂ ରାସ୍ତା ତିଆରି କରି ଚାଲିବାରେ ଆନନ୍ଦ ଅଛି, ରହିଛି ପୂର୍ଣ୍ଣତା ଓ ଆତ୍ମତୃପ୍ତି ।' ମାତ୍ର ରାସ୍ତାଟିଏ ତିଆରି କରିବା କଣ ସହଜ କଥା? ରାସ୍ତା ନିର୍ମାଣ ପାଇଁ ଯେଉଁ ଭୂମି ସୃଜନୀ କଠୋର ପରିଶ୍ରମ ପ୍ରତିବଦ୍ଧତା ଲୋଡ଼ା, ତାହା ସଭିଙ୍କ ଠାରେ ନଥାଏ। ଭଲ ରାସ୍ତା ପାଇଁ ଉଚ୍ଚମାନର ମାଟି ବାଲି ଗୋଡି ସିମେଣ୍ଟ ପରି ଉତ୍ତମ ବୁଦ୍ଧି ବିବେକ ଜ୍ଞାନ ଅର୍ଥ ଶ୍ରମ ଲୋଡ଼ା ଜୀବନ ରାସ୍ତା ତିଆରି କରିବା ପାଇଁ। ସ୍ଥାୟୀ ରାସ୍ତାଟିକୁ ପିଢି ପରେ ପିଢି ଅନୁସରଣ କରନ୍ତି, ଯୁଗ ପରେ ଯୁଗ ଏହାର ଉପଯୋଗିତା ଉପଲବ୍ଧି କରି ଆପଣେଇ ନିଅନ୍ତି। ମହାକାଳ ନିଜ ଛାତିରେ ଗ୍ରହଣୀୟ ଓ ଫଳପ୍ରଦ ରାସ୍ତାର କାହାଣୀ ଲିପିବଦ୍ଧ କରି ପ୍ରତି ପିଢ଼ିକୁ ଦିଗଦର୍ଶନ ଦିଏ। ଅସ୍ଥାୟୀ ରାସ୍ତାର ଜନ୍ମ ଓ ମୃତ୍ୟୁକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ। ସାମୟିକ ପ୍ରାପ୍ତି, ସାମାନ୍ୟ ଗନ୍ତବ୍ୟ ସ୍ଥଳ ନିମନ୍ତେ ଲୋଡ଼ା ପଡିଥାଏ ଅସ୍ଥାୟୀ ରାସ୍ତା ଓ ବ୍ୟବସ୍ଥା ।

ISSN NO.
2582-208X

ଅରାସ୍ତାରେ ଯାତ୍ରା କରିବା, ଭୁଲ ରାସ୍ତା ବତାଇଦେବା ଓ ରାସ୍ତାରେ ଗାତ ଖୋଳିବା ଏକା କଥା। ଆମ ଚାରିପାଖରେ ଏପରି ଯାତ୍ରୀ କିଛି କମ ନାହାଁନ୍ତି, ଯେଉଁ ମାନେ ଅରାସ୍ତାରେ ଯିବା ସହିତ ଅନ୍ୟକୁ ସେ ମାର୍ଗରେ ଯିବାକୁ ଅନୁପ୍ରେରିତ କରନ୍ତି। ଜୀବନ ଭୁଲ ଠିକ ଉଚ୍ଚ ନୀଚ ବଙ୍କା ସିଧା ରାସ୍ତା ଉପରେ ସତତ ଗତିଶୀଳ ଥିବାରୁ ଅପହଞ୍ଚ ଇଲାକାରେ ପାଦ ପଡିଯାଏ ନିଜ ଅଜ୍ଞାତରେ। ଅସମ୍ଭବ ଓ ଦୂରନ୍ତ ହୋଇଯାଏ ଗନ୍ତବ୍ୟ ସ୍ଥଳ। ତେଣୁ କୌଣସି ଯାତ୍ରା ଆରମ୍ଭ କରିବା ପୂର୍ବରୁ ତାର ଭୂମା ଭୂମି ଭୂତ ଭବିଷ୍ୟତ ଜାଣିବା ନିତାନ୍ତ ଜରୁରୀ। ନଚେତ ଅନାହୁତ ଦୁର୍ଘଟଣା ଓ ଦୁଃସ୍ଥିତିର ସମ୍ଭାବନାକୁ ଏଡାଇ ଯାଇ ହେବ ନାହିଁ।

ଏବେ ପ୍ରଶ୍ନ ଉଠୁଛି ଭଲ ରାସ୍ତାଟିଏ ଦେଖେଇବ କିଏ ? ସମାନ୍ୟତଃ ବାପା ମାଆ ଗୁରୁ ଗୁରୁଜନ ଆତ୍ମୀୟ ସ୍ୱଜନ ପଥ ପ୍ରଦର୍ଶନ କରନ୍ତି, ଯାହା ପରିବର୍ତ୍ତିତ ହୋଇଯାଏ ଚଲାପଥ ରୂପେ। ମୁନି ଋଷି, ଗ୍ରନ୍ଥ ଓ ଅତ୍ୟାଧୁନିକ ବିଜ୍ଞାନ ଆଜି ଫଳପ୍ରଦ ସଳଖ ସୁନ୍ଦର ରାସ୍ତା ଦେଖାଇ ଭବିଷ୍ୟତ ନିର୍ମାଣରେ ସହାୟକ ହେଉଛି ସତ, ମାତ୍ର ସନ୍ତୋଷ ଓ ଆନନ୍ଦର ବଗିଚାରେ ଯାତ୍ରୀଟିକୁ ପହଞ୍ଚାଇ ପାରୁନାହିଁ। ଏମାନଙ୍କର ଭୂମିକା, ଦୃଷ୍ଟିକୋଣ ଓ ସହାୟତକୁ କୌଣସି ସମୟରେ ଅସ୍ୱୀକାର କରି ହେବ ନାହିଁ। ବ୍ୟକ୍ତିର ଜ୍ଞାନ ସହିତ ଦୃଢ଼ ସଂକଳ୍ପ ଓ ଶ୍ରମ ଯୋଡି ହୋଇଗଲେ ଆପେ ଆପେ ଆଲୋକିତ ସଶକ୍ତ ରାସ୍ତାଟିଏ ପରିଦୃଶ୍ୟ ହେବ, ଯାହା ଉପର ଦେଇ ଆକର୍ଷଣୀୟ ସଫଳ ଆସନ୍ତା କାଲିଟିଏ ନିର୍ମାଣ କରିବା ସମ୍ଭବ ହୋଇ ପାରିବ। ସବୁ ରାସ୍ତା ପ୍ରତକ୍ଷ କରି ସରିବା ପରେ ବାଇ ମହାନ୍ତି କହନ୍ତି, 'ହେ ପ୍ରିୟ ପଥଚାରୀ, ଆଖି ସାମ୍ନାରେ ଯେଉଁ ରାସ୍ତା ଦିଶୁଛି, ଯେଉଁ ସତୀର୍ଥ ପାଖରେ ଚାଲିବାକୁ ପ୍ରସ୍ତୁତ, ତାଙ୍କୁ ଆଖି ପୂରେଇ ଦେଖ ସେମାନଙ୍କ କାହାଣୀ ମନ ଦେଇ ଶୁଣ। ନିଜ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଗନ୍ତବ୍ୟ ସ୍ଥଳ ଓ ସହଯାତ୍ରୀ ସ୍ଥିର କରି ନେଇଥିଲେ ଆଖି ସାମ୍ନାରେ ଆଲୋକିତ ଭଲରାସ୍ତାଟିଏ ଆପେ ଆପେ ଲମ୍ବିଯିବ, ଯାହା ଉପରେ ତୁମର ସବୁ ସ୍ୱପ୍ନ ସମସ୍ତ ସମ୍ଭାବନା ସାକାର ହୋଇଯିବେ।'

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ବନ ମହୋତ୍ସବ



ଡଃ ପ୍ରିୟମ୍ବଦା ସାମଲ

ପ୍ରକୃତିର ଦାନ ଅଟେ ଯେ ମହାନ
ଜଗତ ହିତରେ ବୃକ୍ଷ
ଏ ଧରଣୀ ସଜ୍ଜିତ ବୃକ୍ଷରାଜିରେ
ବୃକ୍ଷ ପାଇଁ ସର୍ବ ସୁଖ ।
ସୁସ୍ଥ ନିରାମୟ ଜୀବନ ନିମିତ୍ତ
ସୁସ୍ଥ ପରିବେଶ ଲୋଡା
ପରିବେଶ ନିର୍ମଳ ରଖଇ ବୃକ୍ଷ
ମନୁଷ୍ୟ ସାଥେ ସେ ଯୋଡ଼ା ।
ଅମ୍ଳଜାନ ପ୍ରଦାନେ ବାୟୁ ମଣ୍ଡଳ
ଶୁଦ୍ଧ ନିର୍ମଳ ଓ ସୁସ୍ଥ
ସୁଶୀତଳ ଛାୟା ହରେ କ୍ଳେଶ କାୟା
ନିଦାଘ ହୁଏ ପରାସ୍ତ ।
ତାର ଫଳ ଫୁଲ ଶାକ ଓ ତଣ୍ଡୁଳ
ଶରୀର କରଇ ପୁଷ୍ଟ
ନାନା ବର୍ଣ୍ଣେ ଶୋଭା କୁସୁମ କଳିକା
ଦର୍ଶନେ ହୃଦୟ ତୁଷ୍ଟ ।
ଗୃହ ସଜ୍ଜିତ ସୌଖିନ ସରଞ୍ଜାମ
ତା କାଷ୍ଠରେ ଯେ ନିର୍ମିତ

ISSN NO.
2582-208X

ଜାଳେଣି ପାଇଁ ଯେ ନ ପଡେ ଭାଳେଣି
ଥିଲେ ବଗିଚାରେ ବୃକ୍ଷ ।
ମୃତ୍ତିକା ସଂରକ୍ଷଣେ ବୃକ୍ଷର ଚେର
ମାଟିକୁ ଜାବୁଡ଼ି ଧରେ
ତାପ ନିୟନ୍ତ୍ରଣ କରିଥାଏ ବୃକ୍ଷ
ଜଗତର ସେବା କରେ ।
ପାଣି ପାଗ ନିୟନ୍ତ୍ରଣ ବର୍ଷା ସୃଷ୍ଟି
ବୃକ୍ଷ କରେ ସମାଧାନ
ସବୁଠୁଁ ସୁନ୍ଦର ଲାଗଇ ଧରଣୀ
ବୃକ୍ଷ ଥିଲେ ସଦା ଘନ ।
ତାର ଫଳ ପୁଷ୍ପ ଚେର ଓ ପତର
ଔଷଧ ରୂପେ ସେବନ
ଲାଖ ଝୁଣା ମହୁ ଚନ୍ଦନ ଯେ ନିତ୍ୟ
ପୂଜା ପର୍ବେ ପ୍ରୟୋଜନ ।
ଜଗତର ହିତ ପାଇଁ ସମର୍ପିତ
ଜଙ୍ଗଲ ଅଟଇ ସାର
ବୃକ୍ଷଟିଏ ସିଏ ଈଶ୍ୱରଙ୍କ ଦାନ
ପ୍ରିୟ ବନ୍ଧୁ ଯେ ଆମର ।
ଜୁଲାଇ ମାସର ପ୍ରଥମ ସପ୍ତାହ
ପାଳି ବନମହୋତ୍ସବ
ପ୍ରତ୍ୟେକ ବ୍ୟକ୍ତି ଏକ ଚାରା ରୋପିଲେ
ଧରଣୀ ହେବ ସବୁଜ ।

ନନ୍ଦନ ବିହାର,ପଟିଆ,
ଭୁବନେଶ୍ୱର

ISSN NO.
2582-208X

# ଚେଇଁ ଶୋଇବ ଯିଏ



କୁଞ୍ଜବିହାରୀ ରାଉତ

ଶିକ୍ଷା, କଣ ଦରକାର ଯେ
ଏଠି ତ ଶିକ୍ଷାର ଧାର ଧାରିନଥିବା ଶିକ୍ଷାମନ୍ତ୍ରୀ
ପୁଣି ଅସୁସ୍ଥ, ପର ଭରସାରେ ଚାଲୁଥିବା ବ୍ୟକ୍ତି ସ୍ୱାସ୍ଥ୍ୟମନ୍ତ୍ରୀ
ବଳତ୍କାର ମାମଲାରେ ଜେଲ ଯାଇଥିବା
ଏଠାରେ ମହିଳା ଶିଶୁ କଲ୍ୟାଣ ମନ୍ତ୍ରୀ
ତେବେ ଶିକ୍ଷାର ଆବଶ୍ୟକତା କଣ ?
ଓଃ, ତୁମେ ପୁଳାଏ ପଢିଛ
ଏଇଆ ନା.....
କିନ୍ତୁ ଜୀବନରେ କଣ କରିଛ ?
ଅଛି କି ସ୍ଥିତି ଏ ସମାଜରେ
ଅଛି କି ବ୍ୟାଙ୍କ ବାଲାନ୍ସ, ଘରବାଡି, ମୋଟରଗାଡି
କେବଳ ମୂଲ୍ୟହୀନ କାଗଜ ସାର୍ଟିଫିକେଟ୍ ....
ସେ ସବୁର ଆବଶ୍ୟକତା କଣ...?
ଖାଲି ସ୍ୱାଭିମାନରେ ପେଟ ପୁରେ ନାହିଁ
ସଚ୍ଚୋଟତାର ମୂଲ୍ୟ କେହି ଦେବେନାହିଁ
ବରଂ, ଅଯୋଗାଡିଆ,
ବାକ୍ୟବୀର ବୋଲି କହି
ମୁହଁ ମୋଡିଦେବେ,
ଏପରିକି ନିଜର ଲୋକ ବି

ISSN NO.
2582-208X

ଦେଖଦେଖ ଜିନ୍ଦାବାଦ ଶବ୍ଦ ଶୁଭିଲାଣି
ଆଗରେ ନେତା ପଛରେ ଜନତା
ନେତାଙ୍କ ପାଖରେ ତୁମଭଳି ପଙ୍କୁଆ..କୀଟ
ଯିଏ କି ନିଆଁ ବୋଲି ଜାଣିସୁଦ୍ଧା ଡେଇଁବାକୁ ପ୍ରସ୍ତୁତ
ବରଂ ସେୟା ହେଉ...
ଶିକ୍ଷିତ ହାତଯୋଡେ ଅପାଠୁଆ ନେତାଙ୍କ ପାଖରେ
ନେତାଏ ଚାଲନ୍ତି ଶିକ୍ଷିତଙ୍କ ମାଧ୍ୟମରେ
ପ୍ରତିଶ୍ରୁତି ଦିଆଯାଏ
ଭଲଦିନ ଆସୁଛି ଅନ୍ଧକାର ବିଦୂରିତ କରି
ତେବେ ଭଲକରି ଦେଖ
କେବେ ବି ପାଇବ ନାହିଁ
ଏ ତମସା ରଜନୀ
ଚେଇଁ ଶୋଇବାର
ପରମ୍ପରା ଥିବ ଯେତେଦିନ,
ଏ ଜାତିକୁ କିଏ ଉଠାଇବ
ଏମାନେ ତ ସବୁ ଜଣେଜଣେ
ମହା କୁମ୍ଭକର୍ଣ୍ଣ ।।

ପ୍ଲଟ ନଂ: ୧୪୮/୫, ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ଅନ୍ଧାର ବି..



ପ୍ରଦୀପ୍ତ କୁମାର ମିଶ୍ର

ଅନ୍ଧାରବି ବେଳେ ବେଳେ ଭଲଲାଗେ
ଆଲୁଅରତ ଅନେକଙ୍କର ଡାହାଣା ଆଖିର ଲାଲିମାଠାରୁ,
ନିସଙ୍ଗ ହେବାକୁବି ଖୁସିଲାଗେ ଏମିତି
ଭିଡରେନିଜକୁ ହଜାଇ ବଞ୍ଚିବାପାଇଁ କାହା ଦାନ୍ତନିକିଡାରୁ ।

ସ୍ୱପ୍ନ ବରଂ ବେଶଭଲ ରାତ୍ରିର ନିଦ୍ରାରେ
କାରଣଯେ ବାସ୍ତବତା ଏଠି ଗ୍ରୀସମ ଠାରୁ ଆହୁରି ଗରମ,
ଭାବନା ରେ ମୁସଗୁଲ ହେବା ଆନନ୍ଦ
କାରଣ ସତପରି ଲାଗୁଥିବା ଅସତ୍ୟସବୁ ଦିଅନ୍ତି ଜଖମ ।

ଅମାବାସ୍ୟାବି ପୂର୍ଣ୍ଣିମା ଠାରୁ ଭଲଲାଗେ
ରାଶିରାଶି ଅନ୍ଧାର ଯେତେବେଳେ ଭାବନାକୁ ଜଗାଇଦିଏ,
ତାରକାର ଆଖିଠାର ଜୋଛନାଠୁଁ ଭଲ
ସେଠି ମେଞ୍ଚାଏ ଭାବିବାକୁ କେମିତି କାହିଁକି ଖୋରାକଦିଏ ।

ISSN NO.
2582-208X

ଏଠି ଶୀତଳତାଠାରୁ ଉତ୍ତାପ ବେଶ ଭଲ
ତନ୍ଦ୍ରାସବୁକୁ ଯେସେ ଦିଏ ସହଜରେ ଆମଠାରୁ ଦୁରେଇ
ଶୀତଳତା ନିଦ୍ରାଆଣେ ପରିଶ୍ରମୀ ମନରେ
ଉତ୍ତାପ ଦିଏ ତାର ଆଳସ୍ୟକୁ ଅବଶ୍ୟ ତାଠାରୁ ତୁଟେଇ ।

ଭାବନା ବରଂ ଭଲଲାଗେ ଭାବୁକ ମନରେ
କାରଣ ବାସ୍ତବତା ତୁଳିତଲ୍ପ ନହୋଇ ଅନେକ କଣ୍ଟକିତ
ଖୋଜିବାକୁ କେମିତି ବହୁତ ଆନନ୍ଦ ଦିଏ
ପାଇବାଟା ପ୍ରତ୍ୟେକ କଥାର ହୋଇଯାଏ ଦୁଃଖଦ ଅନ୍ତ ।

ଅରେଇ, ଯାଜପୁର, 9658614728

ISSN NO.
2582-208X

# ପିତୃ ଦିବସ
# (କ୍ଷୁଦ୍ର ଗଳ୍ପ)



ଅଳକା ମହାନ୍ତି

ଦୀର୍ଘ ୨୦ ବର୍ଷ ପରେ ମୋତେ (ଶିବାନୀ ଙ୍କୁ) ମୌକା ମିଳିଛି ନିଜ ଗାଁ କୁ ରଜ ରେ ରହିବାକୁ। ପ୍ରତିବର୍ଷ ବିଦେଶ ରୁ ଓଡ଼ିଶା ଆସନ୍ତି, ହେଲେ କେବେ ରଜ ରେ ଆସିବାକୁ ସୁଯୋଗ ମିଳିନଥିଲା। ଜୀବନର ଅର୍ଦ୍ଧେକ ସମୟ ସେ ପଶ୍ଚିମ ଭାରତ ରେ କଟାଇ ସାରିଛନ୍ତି। ସେଠାରେ ଜୁନ ମାସ ୧୫ ତାରିଖ କୁ ସ୍କୁଲ କଲେଜ୍ ର ପ୍ରାୟ ଗ୍ରୀଷ୍ମ ଛୁଟି ସରି ଯାଇଥାଏ।ତେଣୁ ଗଲେ ବି ତା ପୂର୍ବରୁ ଫେରିବାକୁ ପଡେ। ଗରମ ରେ ବେଶୀ କୁଆଡେ ବୁଲି ହୋଇ ପାରେ ନାହିଁ ବୋଲି ସେମାନେ ସେଇ ଦୀପାବଳୀ ଛୁଟି ରେ ଯିବାକୁ ପସନ୍ଦ କରନ୍ତି।

ଏ ବର୍ଷ କରୋନା ର ପ୍ରଥମ ଲକ୍ ଡାଉନ୍ କୋହଳ ହେବା ପରେ ଗାଁ କୁ ଆସି ପୁଣି ଦ୍ଵିତୀୟ ଲକ୍ ଡାଉନ୍ ରେ ଫସିବା ଯୋଗୁଁ ଗାଁ ରେ ରହିବାକୁ ପଡ଼ିଛି। କାମ ତ ସବୁ ଘରୁ ଅନଲାଇନ୍ ଚାଲିଛି । ତେଣୁ ମୁମ୍ବାଇ ଆସିବାକୁ ଦରକାର ପଡୁନି। ମାଆ, ବାପା ଓ ପିଲା ସମସ୍ତେ ଏ ବର୍ଷ ଗାଁ ର ଶୀତ, ବସନ୍ତ, ଗ୍ରୀଷ୍ମ ସହିତ ମୌସୁମୀ କୁ ବି ଖୁବ୍ ପାଖରେ ପାଇଛନ୍ତି। ମୁମ୍ବାଇ ରେ ଗୋଟିଏ ଫ୍ଲାଟ୍ ରେ ଲଟକି କି ରହିବା ଅପେକ୍ଷା ଏଇଠି ଟିକେ କାହାକୁ ଦେଖୁଛନ୍ତି, ଦୂରରୁ ହେଲେ ବି ଆତ୍ମୀୟ ସ୍ଵଜନ ଙ୍କ ସହିତ କଥା ହେଉଛନ୍ତି। ନିଜ ବାଡି ବଗିଚା, ନଈ ବନ୍ଧ ଆଡେ ବୁଲି ମନ ପରିବର୍ତ୍ତନ କରି ହେଉଛି। ବାପା ମାଆ, ଦୁଇ ଭାଇ ଭାଉଜ ଆଉ ତାଙ୍କ ପିଲାମାନେ ଗାଁ (ଜଗତସିଂହପୁର ପାଖରେ) ରେ ରୁହନ୍ତି। ଆଉ ଦୁଇ ଭାଇ ତାଙ୍କ ପିଲାମାନଙ୍କୁ ନେଇ ଜଣେ କଟକ ଆଉ ଜଣେ ଭୁବନେଶ୍ଵର ରେ ରୁହନ୍ତି।

ISSN NO.
2582-208X

ସେମାନେ ବି ପ୍ରତ୍ୟେକ ଛୁଟି ରେ ନିଜ ନିଜ ଗାଡ଼ି ଧରି ପିଲାମାନଙ୍କ ସହିତ ଆସି କିଛି ଦିନ କଟାଇ ଫେରି ଯାଆନ୍ତି। ଏଥର ମୁଁ ଅଛି ବୋଲି ସବୁ ଭାଇ ମାନେ ବି ରଜ ରେ ଅଛନ୍ତି। ମୋତେ ଛାଡ଼ି ବାପାଙ୍କର ସବୁ ଲୋକ ଓଡ଼ିଶାର ଆଖ ପାଖରେ ଥାନ୍ତି। ତେଣୁ ସେମାନଙ୍କ ର ଯିବା ଆସିବା, ମିଳାମିଶା ଚାଲିଥାଏ । ଏବେ କାରୋନା ଯୋଗୁଁ ଟିକେ କମ। ହେଲେ ଆମ ସବୁ ଭାଇ ଭଉଣୀ ଆଉ ପିଲାମାନେ ମିଶିବା ପରେ ବାପା ବୋଉଙ୍କର ୨୫ ରୁ ଉର୍ଦ୍ଧ ଲୋକ ଘରେ ହୋ ହାଲ୍ଲା କରୁଛନ୍ତି। ବାପା ବୋଉଙ୍କ ଆଖିରେ ନିଦ ନାହିଁ କି ପେଟରେ ଭୋକ ନାହିଁ। ବାସ୍ ଖାଲି ଚାଲିଛି ପଚରା ଉଚରା,କିଏ ଖାଇଲା କି ନାହିଁ, ଠିକ୍ ରେ ଶୋଇଲା କି ନାହିଁ। ଏବେ ବାପା ଓ ଭାଇ ମାନେ ମିଶି ଆମର ପୁରୁଣା ଘର ଡିହ ଛାଡ଼ି ନୂଆ ଜାଗାରେ ଦଶ ବଖରା ଘର କରିଛନ୍ତି। ପାଞ୍ଚଟା ରୁମ୍ ରେ ଏ.ସି ଲଗାଇ, ଆଧୁନିକତା ରେ ଭରା ସମସ୍ତ ଆସବବପତ୍ର ମଧ୍ୟ ହୋଇ ସାରିଛି। ଆମେ ଗଲେ କିଛି ଅସୁବିଧା ହୁଏନି, ବରଂ ଶୁଦ୍ଧ ପାଣି ପବନ ସହିତ ପରିବାର ର ଆତ୍ମୀୟତା ଭିତରେ ନିଜକୁ ପୁନରୁଦ୍ଧାର କଲା ପରି ଲାଗେ।

ପହିଲି ରଜ ଦିନ ଠାରୁ ଆମେ ଆମ ପିଲା ବେଳେ, ରଜ ହେଂଶ ରେ ସବୁ ଝିଅ ମିଶି ଏକାଠି ଖାଇବା, ପିଇବା ଘର ଘର ବୁଲି ପୋଡ଼ ପିଠା, ପାନ, ମୁଢ଼ି, ଆମ୍ବ, ପଣସ ଖାଇବା, ଦୋଳି ଖେଳିବା, ଚପଲ ପିନ୍ଧି ଚଳପ୍ରଚଳ ହେବା, ଭୂମି ଉପରେ ପାଦ ନରଖିବା, ଚନ୍ଦନ, ସିନ୍ଦୂର, ଅଳତା ଲଗାଇବା, ବିଭିନ୍ନ ପ୍ରକାର କେଶ ବିନ୍ୟାସ କରିବା, ସାଙ୍ଗ ସରିଶା ହୋଇ ଗାଁ ଗାଁ ବୁଲିବା ଏସବୁ ପ୍ରଥା ଥିଲା। ଏସବୁ ପ୍ରାୟ ଲୋପ ପାଇ ଆସିଲାଣି, ହେଲେ ଲୋକେ ଟିକେ ଅତ୍ୟାଧୁନିକ ଭାବେ ରଜ ପର୍ବ ପାଳନ କରୁଛନ୍ତି। ଆମର ସେ ଚୁଲି ଅଛି ଆଉ ଗ୍ୟାସ ରେ ମଧ୍ୟ ରୋଷେଇ ହେଉଛି। ୨୫ ଜଣଙ୍କ ପାଇଁ ସବୁ ଭାଉଜ ମାନେ ମିଶି ବୋଉ ର ତତ୍ୱାବଧାନରେ ସବୁ କରି ଚାଲିଛନ୍ତି। ମୋର ବୋଧ ହୁଏ ପିଲାଙ୍କ ସହ ତାସ, ଲୁଡୁ ଖେଳିବା, ବୋଉ ବାପା, ଭାଉଜଙ୍କ ସହ ଗପିବା, ସାହି ପଡିଶା ବୁଲିବା ଛଡା କିଛି କାମ ନଥାଏ। ଏଇ ତ ଝିଅ ମାନଙ୍କର ମଜା। ହେଲେ ମୋ ଭାଇ ମନେ ଆଉ ଝିଆରୀ ପୁତୁରା ଙ୍କୁ ମୋ ହାତର କିଛି ଆଇଟମ ଖାଇବାକୁ ଭଲ ଲାଗେ, ତେଣୁ ମୁଁ ମନେ ନିଜକୁ ମାଷ୍ଟର ସେଫ୍ ଭାବି କିଛି କିଛି ଚାଇନିଜ୍, କନଟିନେଣ୍ଟାଲ ବାନାଇ ଦେଉଥାଏ ମଝିରେ

ISSN NO.
2582-208X

ମଝିରେ। ଆମେ ସିନା ମହାବାତ୍ୟା ପରେ ପୁରୁଣା ଘର ଭାଙ୍ଗି ଯିବାରୁ, ନୂଆ ଜାଗାରେ ବଡ଼ ଘର ଟିଏ କରି ଉଠି ଅସିଛୁ ଗାଁ ମୁଣ୍ଡକୁ, ହେଲେ ଆମ ଦାଦା ଖୁଡି, ସାହି ପଡିଶା ସେମିତି ସେଇ ପୁରୁଣା ଜାଗାରେ ଅଛନ୍ତି। ପରମ୍ପରା ଅନୁସାରେ ବୋଉ କହିଲା -- ଯାଅ ତୁମେ ସବୁ ଝିଅମାନେ ସାହି ବୁଲି ପଳେଇ ଆସ। ସେଠାରେ ଦାଦା ଘର ଆମ୍ବ ଗଛରେ ବାଉଁଶ ଦୋଳି,ଆଉ ସେ ବଳିଆ ଭାଇ ଘରେ କତା ଦଉଡିରେ ପଟା ଲଗାଇ ଦୋଳି ଲାଗିଛି। ଖେଳି କି ଆସିବ।

-- ହଉ ବୋଉ, ମୁଁ ଆଉ ମୋର ସବୁ ଝିଆରୀ ମାନଙ୍କୁ ନେଇ ଯିବି। ହେଲେ ସାନ ଭାଇ ର ଏ ସାନ ଟୋକା ତ ଛାଡ଼ିବନି। ତାକୁ ବି ନେଇ ଯିବି। ଏତକ କହି ମୁଁ ଆଉ ପିଲାମାନେ ସଜବାଜ ହୋଇ ବାହାରି ଗଲୁ। ସାଥିରେ ମୋ ଝିଅ ବି ଯାଇଥାଏ।

ପାଞ୍ଚ ଦଶ ମିନିଟରେ ପହଚିଯିବାର ବାଟ । ପହଞ୍ଚିବା ପରେ ସାହି ପଡ଼ିଶାରେ ଅନେକ ଖୁସି। ମୋତେ ଏତେ ଦିନ ପରେ ଦାଦା, ଖୁଡି, ଭାଇ, ଭଉଣୀ ଓ ସମ୍ପର୍କୀୟ ମାନେ ଦେଖି ଅନେକ ଖୁସି ହେଉ ଥାନ୍ତି। ମୁଁ ପିଲାଦିନ ର ହଜିଲା ସ୍ମୃତି କୁ ସାଉଁଟି ବାକୁ ଆମ ପୁରୁଣା ଘର ଡିହ କୁ ଚାଲି ଆସିଲି । ଦେଖିଲି, ନା ସେ ଚାରିପାଖ ଘର ବେଢ଼ା ମାଟି ଅଗଣା ଅଛି ନା ସେ ମାଟି ପିଣ୍ଡା। ଯେଉଁଠି ବସି ଖାଇବା, ପିଇବା, ଗୋଟେ ଚଟେଇ ବା ସପ ପକାଇ ବସି ପାଠ ପଢା, ଭାଗବତ ପଢ଼ା, କଉଡ଼ି, ତାସ, ଲୁଡୁ, କାଚ, କନିଆର ମଞ୍ଜି, ତେନ୍ତୁଳି ମଞ୍ଜି, କାଚ ଗୁଲି, ମାଟି ଗୁଲି, କେତେ କଣ କାମ ଆଉ ଖେଳ ହୁଏ। ସେ ବାରଣ୍ଡା ନୁହେଁ ଯେ ମଲଟି ପର୍ଯୋଷ ଲବି । ଅଗଣା ବି ବର୍ଷା ଦିନ ଛାଡ଼ି ଦେଲେ ଅନେକ କାର୍ଯ୍ୟ ରେ ବ୍ୟବହାର ହୁଏ। ଦାଣ୍ଡ ଟା ଆମର ଗାଇ ଗୋରୁ, ବନ୍ଧା ହୁଅନ୍ତି ଆଉ ଆମେ ବୋହୁଚୋରି, ଚୋର ପୁଲିସ, ବିଛୁ, ପୁଚି, ଦୌଡିଡିଆଁ, ବୋହୂ ବୋହୁକା, ଏମିତି ଅନେକ ଖେଳ ଖେଳୁ। ଝିଅ ସୋନୁ ମୋ ପଛେ ପଛେ ରହିଥାଏ। ତାର ବି ଅନେକ କଥା ଜାଣିବାର ଇଚ୍ଛା ଥାଏ ଗାଁ ବିଷୟରେ। ମୁଁ ତାକୁ କହି ଚାଲିଥାଏ, ବୋଉ କୋଉଠି ରୋଷେଇ କରୁଥିଲା, ବାପା ଙ୍କ ଆରାମ ଚେୟାର କୋଉଠି ପଡ଼ିଥାଏ। ସବୁକିଛି। ଅଗଣା କୂଅ ଏବେ ପୋତି ହୋଇ ପଡ଼ିଛି। ତା ପାଖକୁ, ସଜନା ଗଛ, ବେଲ ଗଛ, କମଳା ଗଛ, ଆତ ଗଛ, ନଡ଼ିଆ ଗଛ, ଚାକୁଣ୍ଡା ଗଛ। ବାକ୍ସ (କ୍ରୋଟନ) ଗଛ, କାଗଜ ଫୁଲ ଗଛ, ମଲ୍ଲି ଗଛ ସବୁ ମାନସ

ISSN NO.
2582-208X

ପଟରେ ଦୃଶ୍ୟ ମାନ ହେଲେ ସୁଦ୍ଧା ସବୁ ବାସ୍ତବରେ ଲୋପ ପାଇଛି। କୂଅ ମୂଳ ପକ୍କା ପଲସ୍ତରା ଟିକକରେ ବସି ମାଆ, ଖୁଡି, ଭଉଣୀ ଙ୍କ ଗପର ଆସର ଚଳଚ୍ଚିତ୍ର ପରି ଝଲସି ଯାଉଛି। ହଠାତ୍ ଝିଅ ମୋତେ ପଛରୁ ଡାକି କହିଲା,

--ମାମା, ୟେ କଣ?? (ହାତରେ ତାର ଗୋଟେ ଛୋଟ ଧଳା କଉଡ଼ି)

-- ସୋନୁ, ସେ ଛୋଟ କଉଡ଼ି । ମୋର ମନେ ପଡୁଛି। ଦାଣ୍ଡ ଘର କାନ୍ଥରେ ଆମର ଷଠି ଘର କରା ହୋଇ ଥିଲା। ସେଥିରେ କଉଡ଼ି ସବୁ ଲାଗିଥାଏ ମଝି ଦୁଇ କଉଡ଼ି କୁ ମୁଁ ଦେଖି ଭାବେ ସତରେ ୟେ ଷଠି ମା ଙ୍କ ଆଖି। ବୋଉ କହେ, ଷଠି ମା ଆୟୁଷ ଦିଅନ୍ତି।

ଆଉ ଆମ ଦାଦା, ଭାଇ ଭଉଣୀ ଙ୍କ ବାହାଘର ରେ ବେଦୀ ରେ କଉଡ଼ି ପୋତା ହୁଏ। ହୋଇଥିବ,ସେହି କୌଡ଼ିରୁ ଗୋଟିଏ। ଦେ ମୋତେ!!

-- ମାମା ମୁଁ ରଖିବି। ଅଜାଙ୍କ ଘର ସ୍ମୃତି ।

-- ହଉ ରଖ।

-- ମାମା, ଦେଖ। କେତେ ଛିଣ୍ଡା ଚପଲ ସବୁ ମାଟି ଭିତରୁ ଦେଖା ଯାଉଛି। ପ୍ଲାଷ୍ଟିକ ର ବୋଲି ସେ ମିଳାଇ ଯାଇବି ପାରୁନି ମାଟିରେ। ଏଗୁଡ଼ିକ bio-degrable ନୁହେଁ ନା। ସେଥିପାଇଁ ରଙ୍ଗ ନଥିଲେ ବି ସେମିତି ମାଟିରେ ପୋତି ହୋଇ ରହିଛି ।

-- ହଁ ସତ। (ମୁଁ ଗୋଟେ ଅଜଣା ଭୟରେ ଥରିଗଲି ଯେମିତି। ସେ ବର୍ଷ ବି ରଜ ଥାଏ। ବଡ଼ ଭଉଣୀ ମାନଙ୍କ ର ଚପଲ ସବୁ ଥାଏ। ମୁଁ ଛୋଟିଆ ଝିଅ ଟେ ଥିଲି। ମୋର ଚପଲ କେବେ ଛିଣ୍ଡି ଗଲେ ଆଣିବାକୁ ଅନେକ ଦିନ ଲାଗେ। କଟକ ନ ହେଲେ ଜଗତସିଂହପୁର। କିଏ ଯିବ, କିଏ ଆଣିବ। ଆମର ରଜରେ ପାଦ ତଳେ ପକାନ୍ତି ନାହିଁ। ମୋର ସେ ବର୍ଷ ଚପଲ ନଥାଏ। ବହୁତ୍ ମନ ଦୁଃଖ ମୋର ହେଉଥାଏ। ନଜର ପଡିଲା, ଖୁଡିଙ୍କର ପ୍ଲାଷ୍ଟିକ ଚପଲ ହଳ ଟେ ଆଲଣା ଗୋଡ଼ ପାଖ ଦୁଇ ପଟା କୁ ସଂଯୋଗ କରି ରଖା ହୋଇଛି। ସେ ସେଇ ପ୍ଲାଷ୍ଟିକର, ତାକୁ ନ କାଟିଲେ ସେ କେବେ ଛିଣ୍ଡିବନି। ଚମ୍ପା ରଙ୍ଗ ର। ଟିକେ ହାଇ

ISSN NO.
2582-208X

ହିଲ୍ ଥାଏ। ହେଲେ ମୋର ଛୋଟ ପାଦ ତା ମଝିରେ ରହି ପଛକୁ ଚାରି ଆଙ୍ଗୁଳି ରହିଥାଏ। କୌତୁହଳ ବଶତଃ, ନିଜ ଖୁଡିଙ୍କର ତ ଅଛି କହି ନ ପଚାରି ଗୋଡ଼ରେ ଗଳାଇ ଦେଇଥିଲି। ପାଞ୍ଚ ମିନଟରେ ଖୁଡି ରୋଷେଇ ଘରୁ ଆସି ଦେଖି ଦେଲେ। ଆଖିରୁ ତାଙ୍କର ଅଗ୍ନି ସ୍ଫୁରଣ ହେଉଥିଲା। ଶକ୍ତ ଚାପୁଡ଼ା ଦେଇ କହିଲେ,,"ଜଲଦି ଓଲ୍ହା" । ମୁଁ ଜଲଦି ଯାଇ ଯେଉଁଠି ଥିଲା ସେଇଠି ରଖିଦେଲି . ଦାଦା ଦେଖିଥାନ୍ତି। କିଛି ବି ସେ କହିଲେନି। ମୁଁ କାନ୍ଦି କି ପଳେଇ ଆସିଲି। ଡରରେ ବୋଉ କୁ କି ବାପାଙ୍କୁ କହିଲିନି। ପଇସା ପାଇଁ ନୁହେଁ, ହେଲେ ଗାଁ ରେ ଛୋଟ ପିଲାଙ୍କ ମାନସ୍ତତ୍ୱ ବୁଝି ପାରନ୍ତି ନାହିଁ । ଭାବନ୍ତି, ପିଲାଟେ, ତାର କଣ ହେବ, ବଡ଼ ହେଲେ ପିନ୍ଧିବ। ସେ ବର୍ଷ ରଜ ସେମିତି ବିନା ଚପଲ ରେ ଚାଲିଗଲା। ତାପର ବର୍ଷ ରଜ ଦି ଦିନ ଆଗରୁ ଦାଦା ଆସିଲେ, ମୋ ପାଇଁ ୨.୫୦ ପଇସା ରେ କଳା ଛିଟ ର ପ୍ଲାଷ୍ଟିକ ଚପଲ ଆଣିଥିଲେ। ଏବେ ଭାବେ। ଯେ ବାପା ଆଉ ଦାଦା କିଛି କହନ୍ତିନି। ହେଲେ ସବୁ ଅଭାବ ପୁରା କରି ଦିଅନ୍ତି) ପ୍ରକୃତିସ୍ଥ ହେଲି। ହେଲେ ଏବେ ବି ଲାଗିଲା, ଯେମିତି ଖୁଡିଙ୍କ ସେ ରାଗ ଆଖିରୁ ଅଗ୍ନି ବର୍ଷୁଛି।

-- ମାମା, ତୁମେ କାନ୍ଦୁଛ ??

-- ହଁ ମା, ଦିନ ଯାଏ, ଚିହ୍ନ ରହେ। ଅନେକ ମଧୁର ସ୍ମୃତି ରେ ଭରା ଯେ ଘର ଅଗଣା। ମାଆ କହେ ଯେ ଘରେ ମେଘନାଦ ପାଚେରୀ ଦରକାର। ସବୁବେଳେ ତ ଘୋ ଘୋ ଶୁଭୁଚି। କର୍ପୁର ଉଡ଼ି ଯାଇଛି। ହେଲେ କନା ପଡି ରହିଛି।

ସାହି ବୁଲା ସାରି ଘରକୁ ଫେରିଲୁ। ଘରେ ବାପା ମାଂସ ଆଣି ୨୫ ଲୋକଙ୍କ ପାଇଁ ବୋଉ କୁ କହି ରାନ୍ଧି ସାରିଲେଣି। ପିଲାମାନେ ଖାଇବା ପରେ ଆମେ ଖାଉ। ବାପା ବି ଆଗ ଖାଇବେନି। ଖାଲି ବୁଲି ବୁଲି ଦେଖି ଚଳୁଥିଲେ କିଏ ଖାଇଲା କି ନାହିଁ। କିଏ କୋଉଠି ଶୋଇଲା। ପାଞ୍ଚଟା ଏ ସି। ହେଲେ ସେ ଶୋଇବେ ବାହାର ଘରେ। କହିବେ, ଏଇଠି ବଢିଆ ଥଣ୍ଡା ପବନ ହେଉଛି। ବୋଉ ନାତି ନାତୁଣୀ ଙ୍କୁ କୋଳରେ ଧରି କୋଉ ଘରେ ଆସି ଶୋଇ ବ ସିନା। ହେଲେ ବାପା, କୋଉଠି ମଶାରୀ ବନ୍ଧା ହେଲା କି ନା, କାହାର ବିଛଣା ଠିକ୍ ସେ ହେଲା କି ନା ଏ ସବୁ ବୁଲି ଦେଖି ଆନନ୍ଦ ପାଆନ୍ତି। ପୁଅ ମାନେ ଆସି

ISSN NO.
2582-208X

ଶାଠିଏ କୁ ଧକା ଖାଇଲେଣି, ହେଲେ ବାପା ଭାବନ୍ତି ଏମାନେ କିଛି କରି ପାରିବେନି। ସବୁ ଦାୟିତ୍ୱ ତାଙ୍କର।

ରଜ ସରିଲା । ଆଜି ପିତୃ ଦିବସ। ରବିବାର ଅଛି। ଆଜି ମୁଁ ଭାଇ ଦିଜଣ ବାହାରିଲୁ ଆସିବାକୁ। ଟିକେ lockdown କୋହଳ ହୋଇଛି। ମୁଁ ଭୁବନେଶ୍ୱରର ଭାଇ ସହିତ ଆସି, ସେଇଠୁ ମୁମ୍ବାଇ ଆସିବି। ଦେଖିଲୁ, ସମସ୍ତଙ୍କ ପାଇଁ କଦଳୀ, ସାରୁ, ଚୁଡ଼ା, ଚାଉଳ, ନଡ଼ିଆ, ଲଡୁ, ମିଠା, ଘିଅ, ବଡି, ନୂଆ କପଡ଼ା ଆହୁରି ଅନେକ ଜିନିଷ କୁ ଅଲଗା ଅଲଗା ପ୍ୟାକେଟ କରି ବାପା ଥୋଉଛନ୍ତି। ଆଶ୍ଚର୍ଯ୍ୟ ହୋଇ ଗଲୁ ସବୁ। କେତେବେଳେ ବାପା ୟେ ସବୁ କରି ପକାଉଛନ୍ତି ଏ  ବୟସରେ। ଭାଇ ମୁଁ ସବୁ ଆସିଲା ବେଳେ କୋହ ସମ୍ଭାଳି ପାରୁ ନଥିଲୁ। ସତରେ, ଆମେ ଜାଣିଛୁ, ଈଶ୍ୱର ଆମର ପିତା ମାତା। ହେଲେ ସେ ତ ନିରାକାର। ତେଣୁ ଶରୀର ଟିଏ ଲୋଡ଼ନ୍ତି ଆମର ରକ୍ଷଣା ବେକ୍ଷଣ ପାଇଁ। ସେ ଶରୀର ଧାରୀ ହେଲେ ଆମର ପିତା ମାତା। ତାଙ୍କ ର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆଉ ଅଦ୍ୟମ ପ୍ରଚେଷ୍ଟା ର ଫଳ ଆମେ ସବୁ। ଆଜି ପିତୃ ଦିବସ ରେ ସେ ଭଗବାନ ଙ୍କୁ  ମୋର ଶତ ଶତ ନମନ।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ବାହାନାଗାର ପ୍ରାର୍ଥନା



ଜୟଶ୍ରୀ ପଟ୍ଟନାୟକ

କୋପ କରିଲ କି ସାଆନ୍ତ ଆଜି
ଅଭିମାନ କରିଲା କି ବୃଷଭାନୁ ଜେମା
ଅବା କୋପ କରିଲେ ରମା
ହେ ଭାବଗ୍ରାହୀ ! ତୁମେ ତ ଭାବର ଠାକୁର
ତୁମେ ନ ଚାହିଁଲେ ପତ୍ର ହଲେନାହିଁ
ଦୁବ ବି କଅଁଳେ ନାହିଁ ମରୁଭୂମିରେ
ତୁମେ ଚାହିଁଥିଲେ ଶୁଣି ପାରିଥାନ୍ତ
କାନ ଡେରୀ ସେ ଆର୍ତ୍ତ ଚିତ୍କାର
ଶବ ର ପାହାଡ଼ ଉପରୁ ଭାସି ଆସୁଥିବା
ବେଦନା ସ୍ୱର
ଆଖିରେ ଭରା ଲୁହ ପଥ ସାରା ଲହୁ
ସଜ ମଣିଷ ଉପରେ ବିହି ସାଜିଲା ଦାଉ ।

ଶବ ର ପାହାଡ଼, ରକ୍ତର ନଦୀ,
ଆର୍ତ୍ତ ଚିତ୍କାର ଭିତରେ

ISSN NO.
2582-208X

ଶୁଭୁଥିଲା ରକ୍ଷାକର ଡାକ
ଜୀବନ-ମୃତ୍ୟୁ ସହ ସଂଘର୍ଷ କରି
ପାଇଲେନି ବଂଚି ବାର ଭେକ
କୁଆଡେ ହଜିଗଲେ ସବୁ ଲୋକ ?
ବାହାନାଗା ପାଲଟିଲା ଓଡ଼ିଶାର ଦୁଃଖ ।

କୃପା ପାରବାର !
ତୁମେ କି କରିଛ କୋପ କୁହ ସଅଳ
କମିଗଲା କି ଭକ୍ତି ଆଳତି
ଅବା ମଣିମା ମଣିମା ଡାକ
କରୁଣା କିଞ୍ଚିତେ ପାଇଁ ହେଲ କି କାର୍ପଣ୍ୟ ?
ଶୁଭିଲାନି କି ମୃତ୍ୟୁ ପରିଜନ ଙ୍କ ଦୁଃଖ ଶୋକ ?
ତୁମ ନାମ ଧରି ଆରମ୍ଭି ଥିବା ଯାତ୍ରା
କେମିତି ପାଲଟିଗଲା ମହାଯାତ୍ରା
ଛାତି ଥରା ଦୃଶ୍ୟ, ଖଣ୍ଡ ବିଖଣ୍ଡିତ ମଣିଷ ଶରୀରର
ତୁମେ କି ବାଛିନେଲ ଯାତ୍ରା ମୁକ୍ତିପଥର ।

ତୁମେ ତ ଦେଇଛ କାରେ ବଞ୍ଚିବାର ଶକ୍ତି
ପୁଣି ତୁମ ପାଦପଦ୍ମ ରେ ମହାମୁକ୍ତି
ତୁମେ ତ ଶୁଣିଥିଲ ଘୋରବନେ ମୃଗୁଣି ରୋଦନ
ଗଭୀର ଜଳୁ ଉଦ୍ଧରିଥିଲ ଗଜ ର ଜୀବନ
ଏ ବେଳରେ କିମ୍ପା ତୁମେ ଗଲ ଯେ ଦୂରେଇ
ଚାଲିଗଲେ ସବୁ ପରା ତୁମ ନାମ ନେଇ
ଲୌହ ଦାନବ ନେଇଛି ଜୀବନ ଛଡାଇ

ISSN NO.
2582-208X

ରକ୍ଷା  କରିଥିଲେ ତୁମେ ରକ୍ଷା କର୍ତ୍ତା ହୋଇ
ଶବ ବି ପାଆନ୍ତା ଜୀବନ ତୁମନାମ ଗାଇ
ତୁମ ଯଶ ବାନା ଉଡ଼ନ୍ତା କୃପାସିନ୍ଧୁ ହୋଇ  ।

ଏ ଛାର ଜୀବନ  ପରା ନିମିତ୍ତ ମାତ୍ର
ଲୋଭ ମୋହ ମାୟା ଭରିଛି ସର୍ବତ୍ର
ତୁମେ ସର୍ବ ବ୍ୟାପୀ ମାରିଛ ତାରିଛ
ଭକତ କୁ ପ୍ରେମ ଯାଚି ଥାଳ ବି ଭରିଛ
ତୁମ କୃପାରେ ପୃଥିବୀ ହୁଏ ଆତଯାତ
ଯୁଗେ ଯୁଗେ ଗାଉ ତୁମ ନାମ ଏହି ଚିତ୍ତ
କୋପ ନକରି କରୁଣା କରିବ ସଭିଙ୍କୁ
ଶୂନ୍ୟ ଥାଳେ ଭରିଦେବ କରୁଣା ବିନ୍ଦୁକୁ  ।

ଗଙ୍ଗନଗର ଛକ
ଆକ୍ସିସ ଏଟିଏମ ପାଖ
ଭୁବନେଶ୍ୱର 7  /  ମୋ: 7978110474

ISSN NO.
2582-208X

# ରକ୍ଷାକର ସୂର୍ଯ୍ୟଚନ୍ଦ୍ର



ନରେନ୍ଦ୍ର ପ୍ରସାଦ ବେହେରା

ସ୍ୱାର୍ଥପର ଏହି  ମଣିଷ ସମାଜେ
ସମସ୍ତେ ଭଉଣୀ ଭାଇ
ସ୍ୱାର୍ଥ ସରିଗଲେ  ନଚିହ୍ନନ୍ତି କେହି
ଯାଆନ୍ତି ସର୍ବେ ଦୂରେଇ ।୧।

ରକ୍ତ ଚିହ୍ନେନାହିଁ  ରକ୍ତର ସମ୍ପର୍କ
ସମୟେ ହୁଅନ୍ତି ପର
କହିବାକୁ ଲାଜ  ଲାଗୁଅଛି ମୁଖେ
କିଏବା ହେବ ନିଜର ।୨।

ଅଢେଇ ଦିନର  ସମ୍ପର୍କ ଅଟଇ
ସବୁଠାରୁ ତେଜିୟାନ
ସାମାନ୍ୟ ବଚନେ  ଗାଳି ଦେଇ ପୁଣି
ଦେବେ କେତେ ଅପମାନ ।୩।

ISSN NO.
2582-208X

ନିଜରକ୍ତ ଯଦି  ହୋଇଯାଏ ପର
  ଆଖିରୁ ବହିବ ନୀର
ପରକି ହୋଇବ  ଅତି ଆପଣାର
  ଭାବିଲେ ଆସିବ ଜ୍ୱର  ।୪।

ଜାଣିଶୁଣି ଯେବେ  ନିଆଁକୁ ଡେଇଁବ
  ପୋଡ଼ିବ କୋମଳ ପାଦ
ଅଜଣାକୁ ଯଦି  କର ଆପଣାର
  ଗଣିବ କେତେ ପ୍ରମାଦ  ।୫।

ସ୍ୱାର୍ଥପାଇଁ ବନ୍ଧା  ଆଜି ଏ ସମାଜ
  ପାରିବାନି କିଛି କହି
କହିଦେଲେ କିଛି  ପାହିଯିବ ରାତି
  ବୁଝି ପାରିବେନି କେହି  ।୬।

ସମ୍ପର୍କ ଗଢାରେ  ରହିଗଲେ ତ୍ରୁଟି
  ପାଇବ ଅନେକ କଷ୍ଟ
ଚଲାପଥ ପୁଣି  ହେବ କଣ୍ଟକିତ
  ପାଞ୍ଚିବେ ସଦା ଅନିଷ୍ଟ  ।୭।

ବିଶ୍ୱାସରେ ବିଷ  ଦେଇ ଚାଲିଯିବେ
  ଝୁରୁଥିବ ଦିନରାତି
ବୁଝିବନି ମନ  କେବେ କେଉଁ ଦିନ
  ଭରିବ ମନେ ଅଶାନ୍ତି  ।୮।

ISSN NO.
2582-208X

ବିଶ୍ୱାସ ମୋହର     ଯାଇଅଛି ତୁଟି
ପାରୁନାହିଁ ସହ୍ୟକରି
ଆଖିଲୁହ ମୋର     ଆଖିରେ ମରୁଛି
ଡାକୁଛି ରଖହେ ହରି   ।୯।

ବାନ୍ଧି ଥିଲେ ବନ୍ଧ     ମାତ୍ର ପାଞ୍ଚଦିନେ
ମହାପ୍ରଭୁ ରାମଚନ୍ଦ୍ର
ସମ୍ପର୍କର ବନ୍ଧ     ଭାଙ୍ଗିଯାଏ ଆଜି
ରକ୍ଷା କର ସୂର୍ଯ୍ୟଚନ୍ଦ୍ର   ।୧୦।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ବଢି ଚାଲ ଆଗକୁ



ବର୍ଷାରାଣୀ ମହାମଲ୍ଲିକ

ବଢ଼ି ଚାଲ ବଢ଼ି ଚାଲରେ ଚାଲ ଆଗକୁ ତୁମେ
ନ ଡରି ଜମା ଉପଗତ ହେବାକୁ ଥିବା ବିଘ୍ନକୁ
ପରୀକ୍ଷା ଆସିବ କେତେଯେକେତେ ସାମ୍ନା କର
ପଛଘୁଞ୍ଚା ଜମା ଦେ ନାହିଁ ତୁ ବଢି ଚାଲ୍ରେ ଆଗକୁ ।

କରିବାକୁ ହେବ ସମସ୍ତ କାମ ନ ଥକିରେ ତତେ ପରା
ଯିବାକୁ ଅଛି କେତେଯେ ମାଇଲ୍ ଗୋଡ଼କୁ ତୋର ଚଲା,
ଜାଗରେ ଜାଗରେ ଆରେ ମଣିଷ କରନା ଆଉହେଳା
ଜିତିବା କଷ୍ଟ ହୋଇ ପଡ଼ିବ ତୁ କରିଲେ ଅବହେଳା।

ତୁ ଉଠ୍ ଉଠ୍ ରେ ସୁପ୍ତ ମଣିଷ ଶୋଇ ରହନା ତୁ ଆଉ
ଶୋଇ ଚେଇଁଥିଲେ ତୁହିରେ ମଣିଷ କିଏ ଉଠାଇବ ଆଉ,
ଦୁଃଖ ଯନ୍ତ୍ରଣା ନୁହେଁ ବଡ଼ କଥା ଧୈର୍ଯ୍ୟ ତୋହର ଥିଲେ
ଆପଣା ଶିଙ୍ଗରେ ମାଟିତାଡ଼ ତୁହିଁ ଉଠରେ ଆପଣାବଳେ।

ISSN NO.
2582-208X

ଦୁଃଖ ଯାତନା ଦେଉ ଆଢ଼େଇ ସମୟକୁ କର ପ୍ରତୀକ୍ଷା
ସମୟ ଆସିବ ସଫଳତା ଆସି ତୋ ସହ କରିବ ଦେଖା,
ମଣିଷ ହୋଇ ତୁ ଜନମ ଲଭିଛୁ ନିଜକୁ କର ଉଦବୋଧନ
ତୋ ଜାତକେ ହାରିଯିବା ଲେଖା ନାହିଁ ଊଣା କରନା ମନ

ଦିନ ରାତି ତୁ କର ଏକାକାର ଲକ୍ଷ୍ୟ ପାଇବା ପାଇଁ
ତୁଳନା କରନା ଆଉ କାହା ସାଥେ ଭାବ ସର୍ବଶ୍ରେଷ୍ଠ ମୁହିଁ,
ତୋ ଦ୍ଵାରା ହିଁ ହେବ ସବୁକିଛି ଭାବ ନା ନିଜକୁ ତୁଚ୍ଛ
ସଫଳତା ଦିନେ ଉପହାର ଦେବ ଆଣି ସଙ୍ଗେ ଫୁଲଗୁଚ୍ଛ।

ବରଗଡ଼
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

ISSN NO.
2582-208X

# ଏକବିଂଶ ଶତାବ୍ଦୀର ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ



ଡ. ହରିହର ପ୍ରଧାନ

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଆରମ୍ଭ ହୋଇଥିବା ଆଧୁନିକ ଓଡ଼ିଆ ଗଦ୍ୟ ରଚନାର ପରମ୍ପରା, ବିଂଶ ଶତାବ୍ଦୀରେ ଚରମ ଉତ୍କର୍ଷ ଲାଭ କରିପାରିଥିଲା। ବିଂଶ ଶତାବ୍ଦୀରେ ମଧ୍ୟ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧର ଗଳ୍ପ ମଧ୍ୟରେ ଉଭୟ ଭାଷା ଭାବ ଓ ଅନ୍ୟାନ୍ୟ ଶୈଳୀଗତ ତାରତମ୍ୟ ରହିଛି। ତଥାପି ସାଧାରଣ ବିଷୟକ ବୁଦ୍ଧିଦିପ୍ତ ପ୍ରବନ୍ଧ ହେଉ, ସାହିତ୍ୟ ଓ କଳା ସମାଲୋଚନା ମୂଳକ ପ୍ରବନ୍ଧ ହେଉ କିମ୍ବା ସାମାଜିକ ସମସ୍ୟାମୂଳକ ସମ୍ବାଦ ଧର୍ମୀ ଲେଖା ହେଉ, ପ୍ରତ୍ୟେକଟି ଦିଗରୁ, ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ, ଅର୍ଥାତ୍ ସ୍ୱାଧୀନତା ପରବର୍ତ୍ତୀ ପ୍ରବନ୍ଧ ସମାଲୋଚନା ଗୁଡ଼ିକ ଉନ୍ନତର ମନେହୁଏ। ଆଭିଧାନିକ ଅର୍ଥ ଦୃଷ୍ଟିରୁ ସଂସ୍କୃତ 'ପ୍ରବନ୍ଧ' କିମ୍ବା ଇଂରାଜୀ ପ୍ରଭାବିତ ବାଙ୍ଗଲା ପ୍ରବନ୍ଧ ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ, ପ୍ରସଙ୍ଗ ଦୃଷ୍ଟିରୁ ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସୋହିତ୍ୟ ଉଲ୍ଲେଖିତ ସମୟରେ ପ୍ରଣିଧାନ ଯୋଗ୍ୟ ହୋଇପାରିଛି।

ଔପନିବେଶିକ ପାଠଶାଳା ରୂପୀ ଜଠରରୁ ଜନ୍ମଗ୍ରହଣ କରିଥିବା ତଥା ତତ୍କାଳୀନ ସମ୍ବାଦପତ୍ର ଗୁଡ଼ିକର ସହାୟତାରେ ବିକଶିତ ହୋଇଥିବା ଊନବିଂଶ ଶତାବ୍ଦୀରୁ ସେହି ରଚନା ସମୂହ କିନ୍ତୁ ଆଦ୍ୟ ସ୍ମରଣୀୟ। ଗୌରୀଶଙ୍କର ରାୟ, ଫକୀରମୋହନ ସେନାପତି ଓ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ଏହି କ୍ରମରେ ଆଦ୍ୟ ସ୍ମରଣୀୟ। ପରେ ପରେ ରାଧାନାଥ ଓ ମଧୁସୂଦନ ପ୍ରଭୃତି ସେହି କ୍ରମକୁ ଅଧିକ ଶକ୍ତିଶାଳୀ କରିଥିଲେ।

ବିଗତ ପଚିଶ ବର୍ଷ ମଧ୍ୟରେ ଯେଉଁ ପ୍ରାବନ୍ଧିକମାନେ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ପରମ୍ପରାକୁ ଅଧିକ ଋଦ୍ଧିମନ୍ତ କରିଛନ୍ତି ସେମାନଙ୍କ ମଧ୍ୟରୁ ଚିତ୍ତରଂଜନ ଦାସ, ଚନ୍ଦ୍ରଶେଖର ରଥ,

ISSN NO.
2582-208X

ମନୋଜ ଦାସ, ସୀତାକାନ୍ତ ମହାପାତ୍ର, ଶରତ କୁମାର ମହାନ୍ତି, ଶତ୍ରୁଘ୍ନ ନାଥ, ବୈଦ୍ୟନାଥ ମିଶ୍ର, ବାସୁଦେବ ସାହୁ, ବେଣୀମାଧବ ପାଢ଼ୀ, ମନ୍ମଥନାଥ ଦାସ, ଅଶୋକ କୁମାର ରଥ, ସଚ୍ଚିଦାନନ୍ଦ ମିଶ୍ର, କୃଷ୍ଣଚରଣ ବେହେରା, ଦାଶରଥି ଦାସ, ଯତିନ୍ଦ୍ରମୋହନ ମହାନ୍ତି, ନିତ୍ୟାନନ୍ଦ ଶତପଥୀ, ସୌରୀନ୍ଦ୍ର ବାରିକ, ସୁଦର୍ଶନ ଆଚାର୍ଯ୍ୟ, ଗଗନେନ୍ଦ୍ର ନାଥ ଦାଶ ଓ ମଧୁସୂଦନ ପତି ପ୍ରମୁଖ। ଏମାନଙ୍କ ମଧ୍ୟରୁ ସାହିତ୍ୟ ସମାଲୋଚନା ଧର୍ମୀ ପ୍ରବନ୍ଧ ଲେଖୁଥିବା ଲେଖକଙ୍କ ସଂଖ୍ୟା ଅଧିକ।

ଏଠାରେ ସ୍ମରଣଯୋଗ୍ୟ ଯେ, ଏକବିଂଶ ଶତାବ୍ଦୀରେ ସାହିତ୍ୟ ସମାଲୋଚନା ଧର୍ମୀ ତଥା ଗବେଷଣା ନିବନ୍ଧଗୁଡ଼ିକର ସଂଖ୍ୟା ତୀବ୍ରତା ସହକାରେ ବଢ଼ିବାରେ ଲାଗିଛି। ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଚିନ୍ତାମୂଳକ ଓ ଭାବମୂଳକ ପ୍ରବନ୍ଧର ସଂଖ୍ୟା ଗବେଷଣା ନିବନ୍ଧଗୁଡ଼ିକର ସଂଖ୍ୟା ତୁଳନାରେ ଅଧିକ ଥିଲା। କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଦେବୀପ୍ରସନ୍ନ ପଟ୍ଟନାୟକ, ହରେକୃଷ୍ଣ ମହତାବ, ମନମୋହନ ଚୌଧୁରୀ, ସୂର୍ଯ୍ୟକାନ୍ତ ଦାସ, ନଟବର ସାମନ୍ତରାୟ, କିଶୋରୀ ଚରଣ ଦାସ, ଓ ଜଗନ୍ନାଥ ପଟ୍ଟନାୟକ ଆଦି ଏହି କ୍ରମରେ ସର୍ବାଦୌ ସ୍ମରଣୀୟ। ସଦାଶିବ ମିଶ୍ର, ସୂର୍ଯ୍ୟକାନ୍ତ ଦାସ ଓ ପ୍ରଶନ୍ନ ପଟ୍ଟନାୟକଙ୍କୁ ମଧ୍ୟ ସ୍ମରଣ କରାଯାଇପାରେ। ନଟବର ସାମନ୍ତରାୟଙ୍କ 'ଓଡ଼ିଶାର ଧର୍ମଧାରାରେ ପଞ୍ଚସଖା-ପରିକଳ୍ପନା', 'କବି ଗୋପବନ୍ଧୁଙ୍କ କାବ୍ୟ ସୃଷ୍ଟି ମାନସ', ଗୋବିନ୍ଦ ଉଦ୍ଗାତାଙ୍କ 'ସାହିତ୍ୟ ପ୍ରସଙ୍ଗ', 'କାବ୍ୟ ଶିଳ୍ପୀ ଗଙ୍ଗାଧର', କିଶୋରୀ ଚରଣଙ୍କର 'ଲେଖକର ଦୁଃଖ', 'ମୋ ସମୟ ମୋ ସାହିତ୍ୟ ଓ ସାହିତ୍ୟ ପ୍ରେମର ଶେଷକଥା', ଚିନ୍ତାମଣି ବେହେରାଙ୍କ 'କଳାଦୃଷ୍ଟି', 'ସାହିତ୍ୟ ଚିନ୍ତା', 'ଚିତ୍ର ଓ ଚରିତ୍ର', ଜଗନ୍ନାଥ ପଟ୍ଟନାୟକଙ୍କ 'ବିପ୍ଳବୀ ଧରଣୀଧର', 'ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ', ଗୁରୁଚରଣ ପଟ୍ଟନାୟକଙ୍କ 'ଓଡ଼ିଆ ସାହିତ୍ୟର ମତି ଓ ଗତି', 'ସଂକଟରେ ସାହିତ୍ୟ ସଭ୍ୟତା ସଂସ୍କୃତି', 'ଜଗତ ଦର୍ଶନରେ ଜଗନ୍ନାଥ', 'ଧର୍ମ ଓ ରାଜନୀତି', ଚିତ୍ତରଞ୍ଜନ ଦାସଙ୍କ 'ଶିଳା ଓ ଶାଳଗ୍ରାମ', 'ତରଙ୍ଗ ଓ ତଡ଼ିତ', 'କେତେ ଦିଗନ୍ତ', 'ମା ବିଷାଦ', ଚନ୍ଦ୍ରଶେଖର ରଥଙ୍କ 'ମନଅରଣ୍ୟ', 'ଦୃଷ୍ଟି ଓ ଦର୍ଶନ', 'ଏ ଯେଉଁ ପୃଥିବୀ', 'ମୁଁ ସତ୍ୟଧର୍ମା କହୁଛି', ସୀତାକାନ୍ତ ମହାପାତ୍ରଙ୍କ 'ନିଃସଙ୍ଗ ମଣିଷ', 'ଅନ୍ଧାରର ଝୋଟିଚିତା', 'ଶବ୍ଦ, ସ୍ୱପ୍ନ ଓ ନିର୍ଭିକତା', ଶରତ କୁମାର ମହାନ୍ତିଙ୍କ 'ସଂସ୍କୃତ ଓ ଅପସଂସ୍କୃତ', 'ବିବର୍ତ୍ତନଶୀଳ ମଣିଷର ସଂଗ୍ରାମ', 'ବୋଦାଙ୍କ ଦାଦାଗିରି', 'ଆଧୁନିକତାର ରୂପରେଖ', ବେଣୀମାଧବ ପାଢୀଙ୍କ 'ପୁରାତନ କଳିଙ୍ଗର ସାମାଜିକ

ISSN NO. 2582-208X


ଇତିବୃତିତ', ମନ୍ମଥନାଥ ଦାସଙ୍କ 'ଯୁଗେ ଯୁଗେ ଭାରତୀୟ ଧର୍ମ ଓ ସଭ୍ୟତା', ବୈଦ୍ୟନାଥ ମିଶ୍ରଙ୍କ 'ଭାରତର ଆର୍ଥନୀତିକ ସମସ୍ୟା', 'ସାମାଜିକ ମୂଲ୍ୟବୋଧ', 'ଆଧୁନିକ ସଭ୍ୟତାର ଯନ୍ତ୍ରଣା ଓ ଅନୁଚି'ନ୍ତା, ବାସୁଦେବ ସାହୁଙ୍କ 'ସାହିତ୍ୟ ଓ ସମାଜବାଦ', 'ଭାରତର ନୂତନ ଅର୍ଥନୀତି', 'ସମାଜ ଓ ଅର୍ଥନୀତି', ବିଜୟ ପ୍ରସାଦ ମହାପାତ୍ରଙ୍କ 'ଓଡ଼ିଆ ଭାଷାତାତ୍ତ୍ୱିକ ପ୍ରବନ୍ଧ', 'ଓଡ଼ିଆ ଭାଷା ବିଭବ' ଓ 'ମାତୃଭାଷା ଓଡ଼ିଆ', କୃଷ୍ଣଚରଣ ବେହେରାଙ୍କ 'ପରଶମଣି', ଦାଶରଥି ଦାସଙ୍କ 'ବିବିଧ ସମାଲୋଚନା', 'ଚିହ୍ନାମାଟି ଅଚିହ୍ନା ଆକାଶ', 'ନାନା ନିବନ୍ଧ', ନିତ୍ୟାନନ୍ଦ ଶତପଥୀଙ୍କ 'ଗଳ୍ପ ଓ ଗାଳ୍ପିକ', 'ସବୁଜରୁ ସାଂପ୍ରତିକ', 'କାବ୍ୟପ୍ରକରଣ', ସୌରୀନ୍ଦ୍ର ବାରିକଙ୍କର 'ଚେତନାର ଚୌହଦୀ', 'ସତ୍ୟର କୁହୁକ', ସୁଦର୍ଶନ ଆଚାର୍ଯ୍ୟଙ୍କ 'ଓଡ଼ିଆ କାବ୍ୟ କୌଶଳ', ମଧୁସୂଦନ ପତିଙ୍କ 'ଅନୁଶୀଳନ', 'ଓଡ଼ିଆ ସାହିତ୍ୟରେ ସମାଜଚେତନା', 'ଗଙ୍ଗାଧରଙ୍କ ତିନୋଟି କବିତା', 'ଭୀମଭୋଇଙ୍କ ସ୍ତୁତି ଚିନ୍ତାମଣି' ଓ ରାଇଚରଣ ଦାସଙ୍କ 'ଆଧୁନିକ ଅବବୋଧ', 'ରୋମାଣ୍ଟିକ ଅବବୋଧ' ଆଦି ବିଶେଷ ଉଲ୍ଲେଖଯୋଗ୍ୟ।

ଏକବିଂଶ ଶତାବ୍ଦୀରେ ପ୍ରବନ୍ଧ ଲେଖନ ଅନେକାଂଶରେ ରାଜନୈତିକ ଆଲୋଚନା କିମ୍ବା ସାହିତ୍ୟ ସମାଲୋଚନାରେ ରୁଦ୍ଧିମନ୍ତ ହୋଇଛି। ତୁଳନାତ୍ମକ ଭାବେ ଅନ୍ୟାନ୍ୟ ସାଧାରଣ ବିଷୟ ସମ୍ପର୍କିତ ଯୁକ୍ତିପୂର୍ଣ୍ଣ ପ୍ରବନ୍ଧ ଲେଖିବାର ପରମ୍ପରା କ୍ରମେ ଶିଥିଳ ହୋଇ ଉଠିଛି। ସାମ୍ପ୍ରାଦିକତା ଓ ରାଜନୀତି ଚର୍ଚ୍ଚା ଯା ହେଉନା କାହିଁକି ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଶ୍ୟାମସୁନ୍ଦର ରାଜଗୁରୁ, ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ମୃତ୍ୟୁଞ୍ଜୟ ରଥ, ଆର୍ତ୍ତବଲ୍ଲଭ ମହାନ୍ତି, ପଣ୍ଡିତ ନୀଳକଣ୍ଠ ଦାଶ, ଡକ୍ଟର ମାୟାଧର ମାନସିଂହ, କୁଞ୍ଜବିହାରୀ ଦାଶ, ନରେନ୍ଦ୍ର ନାଥ ମିଶ୍ର, ନଟବର ସାମନ୍ତରାୟ, ଖଗେଶ୍ୱର ମହାପାତ୍ର, ଗଗନେନ୍ଦ୍ର ନାଥ ଦାଶ ପ୍ରଭୃତି ଆଦ୍ୟ ସ୍ମରଣୀୟ। ସାହିତ୍ୟ ଚର୍ଚ୍ଚା ବ୍ୟତୀତ ଏକାଧିକ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ବିଜ୍ଞାନ, ଅର୍ଥନୀତି, ସାମ୍ୟବାଦ, ଜାତୀୟତା, ମନୋବିଜ୍ଞାନ, ନୃ-ତତ୍ତ୍ୱ, ଭୂଗୋଳ ଆଦି ବିଷୟ ଉପରେ ମଧ୍ୟ ପର୍ଯ୍ୟବସିତ। ତେଣୁ ବିଷୟ ବିଶେଷରେ ଓଡ଼ିଆ ପ୍ରବନ୍ଧ ସାହିତ୍ୟ ସସୀମ ମନେ ହେଉଥିଲେ ମଧ୍ୟ ବିଷୟ ବିନ୍ୟାସ ଦୃଷ୍ଟିରୁ ଏହା ପାଠକମାନଙ୍କୁ ଆଶାନ୍ୱିତ କରିବାରେ ସଫଳ ହୋଇପାରିଛି।

ରୂପ ଓ ଆଙ୍ଗିକ ଦୃଷ୍ଟିରୁ ପ୍ରବନ୍ଧ ଅନେକାଂଶରେ ମୁକ୍ତରୂପର ସାହିତ୍ୟ। ତେବେ ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ଅନିର୍ଦ୍ଦିଷ୍ଟ ଓ ସୁଚିନ୍ତିତ ମୂଲ୍ୟବୋଧର ସୃଷ୍ଟି କିମ୍ବା ଅବଧାରଣର

ISSN NO.
2582-208X

ଅବତାରଣା ଏହାର ଅନ୍ୟତମ ଲକ୍ଷ୍ୟଣୀୟ ଦିଗନ୍ତି। ପ୍ରାବନ୍ଧିକଟିଏ ତାର ପାଠକ ବର୍ଗଙ୍କ ସହ ଆଳାପ ଆଲୋଚନା, ତର୍କ-ବିତର୍କ ସବୁକିଛି କରିଥାନ୍ତି ମାତ୍ର ସ୍ୱକୀୟ ଦୃଷ୍ଟିକୋଣର ସଂସ୍ଥାପନର ଅଭୀପସା ସର୍ବଧା ବଳବତ୍ତର ଥାଏ। ସାଧାରଣ ପ୍ରବନ୍ଧରେ ଏହା ଅପେକ୍ଷାକୃତ ସହଜ ଓ ସାଧାରଣ, ମାତ୍ର ମତଭିନ୍ନତାର ଅବସର ନେଇ ଆସିଥିବା ବିଷୟଗୁଡ଼ିକ ଗବେଷଣାଧର୍ମୀ ତଥା ବୃହତକାୟ ହୋଇଥାଏ, କାରଣ ନିଜସ୍ୱ ଦୃଷ୍ଟିଭଙ୍ଗୀକୁ ଯଥାର୍ଥ ପ୍ରମାଣ କରିବାକୁ ହେଲେ, ଏ କ୍ଷେତ୍ରରେ ଅନ୍ୟାନ୍ୟ ପ୍ରତିଷ୍ଠିତ ମତାମତର ଉଲ୍ଲେଖ କରିବା ସହ ସେଗୁଡ଼ିକର ଅଳୀକତା ମଧ୍ୟ ଅନେକାଂଶରେ ପ୍ରମାଣିତ କରିବାକୁ ପଡ଼ିଥାଏ। ଗବେଷଣାଧର୍ମୀ ପ୍ରବନ୍ଧ ରଚନାର ପ୍ରଚଳନ ମଧ୍ୟ ବେଶି। ତେବେ ଏହି ଧରଣର ପ୍ରବନ୍ଧ ରଚନା କରୁଥିବା ପ୍ରାବନ୍ଧିକଙ୍କ ପ୍ରକାର ଓ ସଂଖ୍ୟା ମଧ୍ୟ ଢ଼େର ଅଧିକ। ପୁଣି ଜଣେ ପ୍ରାବନ୍ଧିକ ଭାବେ ପ୍ରସିଦ୍ଧି ଲାଭ କରିବ। ଏ କ୍ଷେତ୍ରରେ ବିଚକ୍ଷଣ ତଥ୍ୟର ସମାହାର ସାଙ୍ଗକୁ ସ୍ୱୀୟ ମତାମତର ଏକାଧିକାର ସାବ୍ୟସ୍ତ କରିବା ସହଜ କଥା ନୁହେଁ। ସମାଲୋଚକ ଲୁକାଚ୍ ଯଥାର୍ଥ କହନ୍ତି, 'The essay is a judgement but the essential, the value determining thing about it, is not the verdict . . . . . but the process of judgement'।

୧୯୪୦ ମସିହା ପୂର୍ବରୁ ଓଡ଼ିଆ ପ୍ରବନ୍ଧ ସାହିତ୍ୟ ଯେଭଳି ବିଭିନ୍ନ ଗଦ୍ୟ ଶିଳ୍ପୀଙ୍କ ଦ୍ୱାରା ଉନ୍ନତିଲାଭ କରିଥିଲା, ପରବର୍ତ୍ତୀ କାଳରେ ମଧ୍ୟ ସେହି କ୍ରମ ଅବ୍ୟାହତ ରହିଛି। ପ୍ରାବନ୍ଧିକ ସୂର୍ଯ୍ୟକାନ୍ତ ଦାସ କିଶନ ପଟ୍ଟନାୟକ, ନଟବର ସାମନ୍ତରାୟ, ଗୋବିନ୍ଦଚନ୍ଦ୍ର ଉଦ୍ଗାତା, କିଶୋରୀ ଚରଣ ଦାସ, ଚିନ୍ତାମଣି ବେହେରା, କୃଷ୍ଣ ଚରଣ ସାହୁ, ଜଗନ୍ନାଥ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ, ଚିତ୍ତରଞ୍ଜନ ଦାସ, ମହାପାତ୍ର ନୀଳମଣି ସାହୁ, ଚନ୍ଦ୍ରଶେଖର ରଥ, ମନୋଜ ଦାସ, ସୀତାକାନ୍ତ ମହାପାତ୍ର ଓ ଶରତ କୁମାର ମହାନ୍ତି ଏହି କ୍ରମରେ ପ୍ରାତଃ ସ୍ମରଣୀୟ। ସେହି କ୍ରମର ଅନ୍ୟାନ୍ୟ ଉଲ୍ଲେଖନୀୟ ଦ୍ୱିତୀୟ ଗୋଷ୍ଠୀମାନଙ୍କ ମଦ୍ୟରୁ ଶତୃଘ୍ନ ନାଥ, ବୈଦ୍ୟନାଥ ମିଶ୍ର, ବାସୁଦେବ ସାହୁ, ବେଣୀମାଧବ ପାଢ଼ୀ, ମନ୍ମଥନାଥ ଦାସ, ଅଶୋକ କୁମାର ରତ ଓ ବିଜୟ ପ୍ରସାଦ ମହାପାତ୍ର ପ୍ରାତଃ ସ୍ମରଣୀୟ। ଏମାନଙ୍କ ବ୍ୟତୀତ ଦାଶରଥି ଦାସ, ନିତ୍ୟାନନ୍ଦ ଶତପଥୀ, ସୌରୀନ୍ଦ୍ର ବାରିକ୍, ସୁଦର୍ଶନ ଆଚାର୍ଯ୍ୟ, ଗଗନେନ୍ଦ୍ର ନାଥ ଦାଶ ଓ ମଧୁସୂଦନ ପତି ଉଲ୍ଲେଖଯୋଗ୍ୟ।

ଏମାନଙ୍କ ମଧ୍ୟରୁ ଚିତ୍ତରଂଜନ ଦାସଙ୍କ, ଶିଳା ଓ ଶାଳଗ୍ରାମ, ତରଙ୍ଗ ଓ ତଡ଼ିତ, ଗାନ୍ଧୀ ଗୋପବନ୍ଧୁ, ବିଶ୍ୱକୁ ଗବାକ୍ଷ, ଦେଖୁ ଦେଖୁ କିବା ସହୁ, ମହାପାତ୍ର ନୀଳମଣିଙ୍କ ଦେବଦାସର

ISSN NO.
2582-208X

ଦୃଷ୍ଟିପାତ, ଚନ୍ଦ୍ରଶେଖର ରଥଙ୍କ ମନ ଅରଣ୍ୟ, ଦୃଷ୍ଟ ଓ ଦର୍ଶନ, ମୁଁ ସତ୍ୟାଧର୍ମା କହୁଛି, ମନୋଜ ଦାସଙ୍କ କେତେ ଦିଗନ୍ତ, ବିପୁଳାଚ ପୃଥ୍ୱୀ, ସନ୍ଧାନ ଓ ସଂକେତ, ସୀତାକାନ୍ତ ମହାପାତ୍ରଙ୍କ ନିଃସଙ୍ଗ ମଣିଷ, ଅନ୍ଧାରର ଛୋଟିଚିତା, ଶରତ କୁମାର ମହାନ୍ତିଙ୍କ ସଂସ୍କୃତି ଅପସଂସ୍କୃତି, ବିବର୍ତ୍ତନଶୀଳ ମଣିଷର ସଂଗ୍ରାମ, ବୈଦ୍ୟନାଥ ମିଶ୍ରଙ୍କ ଆଧୁନିକ ସଭ୍ୟତାର ଯନ୍ତ୍ରଣା ଓ ଅନୁଚିନ୍ତା, ଇତ୍ୟାଦି ସ୍ୱତନ୍ତ୍ର ଭାବେ ଉଲ୍ଲେଖଯୋଗ୍ୟ। କିଂଚିତ ପରବର୍ତ୍ତୀ କାଳରେ କୃଷ୍ଣଚରଣ ବେହେରାଙ୍କ ପରଶମଣି, ଯତୀନ୍ଦ୍ରମୋହନ ମହାନ୍ତିଙ୍କ ସମାଲୋଚନା ଓ ସୂର୍ଯ୍ୟସ୍ନାତ, ଦାଶରଥି ଦାସଙ୍କ ବିବିଧ ସମାଲୋଚନା, ଚିହ୍ନାମାଟି ଅଚିହ୍ନା ଆକାଶ, ସୌରୀନ୍ଦ୍ର ବାରିକଙ୍କ ଅନ୍ୱେଷାର ସ୍ୱର, ଚେତନାର ଚୌହଦୀ, ସୁଦର୍ଶନ ଆଚାର୍ଯ୍ୟଙ୍କର ଇନ୍ଦ୍ରଧନୁ, ଗଗନେନ୍ଦ୍ର ନାଥ ଦାଶଙ୍କର ଖଦ୍ୟୋତର ଦ୍ୟୁତି, ମଧୁସୂଦନ ପତିଙ୍କର ଆଧୁନିକ ଓଡ଼ିଆ କବିତାର ଶୈଳୀତାତ୍ତ୍ୱିକ ସମାଲୋଚନା, ଓଡ଼ିଆ ସମାଜ ଚେତନା, ଶ୍ରୀରାଧା ଏକ ଅଧ୍ୟୟନ ଆଦି ମଧ୍ୟ ବେଶ୍ ଉଲ୍ଲେଖଯୋଗ୍ୟ।

ଖଣ୍ଡେ ସାହିତ୍ୟକୃତିର ବିବେଚନା ମୂଳକ ସମୀକ୍ଷା ଲେଖିବାରେ ପାରମ୍ପରିକତା ଓ ଆଧୁନିକତା, ଉଭୟର ସମାଗମ ଓଡ଼ିଆ ସମାଲୋଚନା ସାହିତ୍ୟରେ ଦେଖାଯାଇଥାଏ। ତନ୍ମଧ୍ୟରୁ ଦାଶରଥି ଦାସ, ମଧୁସୂଦନ ପତି, ଯତୀନ୍ଦ୍ର ମୋହନ ମହାନ୍ତି, କୃଷ୍ଣଚରଣ ସାହୁ ଓ ନରେନ୍ଦ୍ର ନାଥ ମିଶ୍ର ଆଦି ସମାଲୋଚକଙ୍କ ନିବନ୍ଧଗୁଡ଼ିକର ଭାବଧାରାର ଯୁକ୍ତିଯୁକ୍ତ ବ୍ୟାଖ୍ୟା ତଥା ସମାଲୋଚନାରେ ଆଧୁନିକତାର ମିଶ୍ରଣ ଦେଖାଯାଇପାରେ। ଏହି ପ୍ରକାରର ସାହିତ୍ୟ ସମାଲୋଚନାକୁ ଉତ୍ତର-ସଂରଚନା ବାଦୀ ତଥା ଉତ୍ତର-ଆଧୁନିକତାବାଦି ସମାଲୋଚନା ବୋଲି ମଧ୍ୟ କୁହାଯାଇପାରେ। ଆଲୋଚକ ରମନ ସିଲଡ଼ନ୍ ମଧ୍ୟ ଅନୁରୂପ ମତପୋଷଣ କରନ୍ତି, "· · · · · · ·with post modernism that this new criticism had a thoroughly symbiotic relationship with literary modernism, tinolingits premises out in such and using these as its model text's for analysis. To put it over simply, perhaps, this new critical movement was 'modernist' criticism."iiଉପରୋକ୍ତ ଆଲୋଚକମାନଙ୍କୁ ଏହି ନବୀନ ସମାଲୋଚକ ଗୋଷ୍ଠୀର ଅନ୍ତର୍ଭୁକ୍ତ କରାଯାଇପାରେ।

ISSN NO.
2582-208X

ସେ ଯାହାହେଉ ସାଧାରଣ ଉତ୍ସାହ ବିଷୟକ ହେଉ କିମ୍ବା ସାହିତ୍ୟ ସମାଲୋଚନାମୂଳକ ଏଣୀପରବର୍ତ୍ତୀ ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟର ଧାରା ଏକବିଂଶ ଶତାବ୍ଦୀରେ ସମ୍ପୂର୍ଣ୍ଣ ପରିପକ୍ୱତାର ପରିଚୟ ପ୍ରଦାନ କରିପାରିଛି।

* * * * *

[1] . Lukas, 'Literary Essay', 1974, p-18.

[1] . Selden Rman, 'A Readers Guide to Contemporary literary theory', Pearson Education, Delhi, 2006, P-25.

ବିଭାଗୀୟ ମୁଖ୍ୟ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
କୋହ୍ଲଣ ବିଶ୍ୱ ବିଦ୍ୟାଳୟ,ଚାଇଁବସା, ଝାଡଖଣ୍ଡ
ମୋ-୮୦୯୨୧୮୪୭୯୫

ISSN NO.
2582-208X

# ଜଗା ଆସୁଛିରେ



ଜୟ କୁମାର ମିଶ୍ର

ଜଗା ଆସୁଛିରେ, ହଲି ଝୁଲି ବାରେ
ଚହଳ, ଗହଳ କରି,
ସଙ୍ଗତେ ଅଛନ୍ତି, ବଳିଆ, ସୁଭଦ୍ରା
ଶ୍ରୀମନ୍ଦିରରୁ ଭାରି ॥
ଭକତଙ୍କ  ମେଳି, ବଡ଼ ଦାଣ୍ଡେ ଚଳି
ଆନନ୍ଦରେ କରତାଳି,
ଭଜନ, କୀର୍ତ୍ତନ, ନୃତ୍ୟଗୀତ ମାନ
ଅପରୂପ,  ଭଳି ଭଳି ॥
ହୁଳହୁଳି ମାନ, ଗିନି ଝଂଜ ତାନ
ଘଣ୍ଟ, ମୃଦଙ୍ଗର ଶବ୍ଦ,
ଗଗନ ପବନ, ହେଉଛି ଉଚ୍ଛନ୍ନ
ଭଜନ, କୀର୍ତ୍ତନ ନାଦ ॥
ତିନି ଠାକୁରଙ୍କ, ରୂପ ଶୋଭା ଦେଖ
ସୁବେଶ କୁସୁମ ମାଳା,
ବେଶ ବସନରେ, ସବୁ ମନ ହାରେ
ଭକତ ଦେଖିଣ ଭୋଳା ॥
କେତେ ଠେଲା ପେଲା,କେତେ ହୋ- ହାଲ୍ଲା
କହିବାକୁ ନାହିଁ ଭାଷା,
ଠାକୁରଙ୍କୁ ଦେଖି, ଦୁଃଖ ଭୁଲେ ଦୁଃଖୀ

ISSN NO.
2582-208X

ଯାଏ ଭୁଲି କ୍ଷୁଧା, ତୃଷା ॥
ଆନନ୍ଦ ବଜାର, ଦେଖ ମନୋହର
କିଣାବିକା ରୀତିମତ,
ଜନ ଗହଳିର, ଆତଯାତ ସ୍ୱର
ଦେଖିଲେ ପବିତ୍ର ନେତ୍ର ॥
କେତେ ସାଜ ସଜ୍ଜା, ନିରାପତ୍ତା ଖଞ୍ଜା
ପୋଲିସଏଁ ମାଳ ମାଳ
ସୁରକ୍ଷା ସୁବିଧା, କେତେ କାମ ଧନ୍ଦା
ଶୃଙ୍ଖଳାରେ  ଲାଳ, ଝାଳ ॥
ସ୍ୱେଚ୍ଛାସେବୀ ଦଳ, ଲଗାଇଣ ବଳ
ଦିବାରାତ୍ରି ସେବା ଦେଇ,
ମଣୁଥାନ୍ତି ଧନ୍ୟ, କରି କାମ ପୁଣ୍ୟ
ମହା ଭାଗ୍ୟ ମଣେ କେହି ॥
ପଣ୍ଡା ପଢ଼ିଆରି, ପୂଜାବିଦ୍ଧି ସାରି
ରଥରେ ଆସନେ ଘେନା,
ଡାହୁକର ରଡି, ତା'ର ବେତବାଡ଼ି
ସଭିଙ୍କ ଆକୃଷ୍ଟ ସିନା ॥
ମାଉସୀ ଜଗିଛି, ଅପେକ୍ଷା କରିଛି
ସଜାଇ ରଖୁଛି କୋଠା,
ଭଳି ଭଳି ପାକ, ଦେବାରେ ସଉକ
ଶେଷଦିନେ  ପୋଡ ପିଠା ॥
ନବ ବେଶ ହେବେ, ଭକ୍ତଙ୍କୁ ମୋହିବେ
ବାହୁଡ଼ା ବିଜୟ ହେବେ
ଲକ୍ଷ୍ମୀ ଠାକୁରାଣୀ, ଅଭିମାନ ବାଣୀ
ରାଗରୁଷା ସହି ଯିବେ ॥
କେତେ କେତେ ଜନ, ରାତ୍ର ଆଉ ଦିନ
ଏକ ଏକାକାର ଏଠି

ISSN NO.
2582-208X

ଆଲୋକର ମାଳା, ନବରଙ୍ଗେ ଖେଳା
ସତେ ସ୍ୱର୍ଗପୁରୀ ମାଟି ॥
କେତେ ନାଚ ଗୀତ, ମଉଜ ସହିତ
ଭଳି ଭଳି କାର୍ଯ୍ୟକ୍ରମ,
ଆଖି ଝଲସିବ, ମନକୁ ମୋହିବ
ବାଧିବନି ଚଲା ଶ୍ରମ ॥
ଜଗତ ଠାକୁର, ଜଗତରେ ସାର
ଉଡାଇ ସୁଖ୍ୟାତି ବାନା,
ପତିତ ଉଧାରି, ରଖୁଛନ୍ତି ହରି
କାଳିଆ ସାଆନ୍ତ ସୁନା ॥
ଶ୍ରୀମୁଖ ଦେଖିଲେ, ପାତକଟି ବଳେ
ଆପେ ଆପେ ଯାଏ ହଟି,
ସଂସାରର ମାୟା, ମୋହ, ଅନ୍ଧ, ବାୟା
ସେ କ୍ଷଣି ଯାଉଛି ଛୁଟି ॥
ବରଷକୁ ଥରେ, ସୌଭାଗ୍ୟଟି ବାରେ
ଚର୍ମ ଚକ୍ଷୁ ଦେଖିବାକୁ,
କେତେ ମିଳାମିଶା, ସାଙ୍ଗ ସାଥି ବସା
ବନ୍ଧୁ ଚିହ୍ନଇ ବନ୍ଧୁକୁ ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡ଼ିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଶ୍ରାବଣ



ବାସନ୍ତୀ ଲତା ଜେନା

ଆଦ୍ୟ ଶ୍ରାବଣରେ ଝର ଝର ବର୍ଷା
ପାଣି ଭରେ ନଈ ନାଳେ
ଆକାଶେ ବାଦଲ ଘୋଟି ରହି ଥାଏ
ବିଜୁଳି ରୋଷଣୀ ଜାଳେ ।୧।

ଘଡଘଡି ଶବ୍ଦେ କାନ ତଡା ପଡେ
ଦର୍ଦ୍ଦୁର ଉଚ୍ଚାଟ ସ୍ୱନ
ନବ ପଲ୍ଲବରେ ବୃକ୍ଷ ଲତା ଶୋହେ
ଉଚ୍ଚାଟ ହୁଅଇ ମନ ।୨।

ରୌଦ୍ରର ପ୍ରକୋପ କମି କମି ଯାଏ
ବସୁଧା ଶୀତଳ ହୁଏ
ନର ପଶୁ ପକ୍ଷୀ ଆଶ୍ୱସ୍ତି ଲଭନ୍ତି
ସାଗର ସଂଗୀତ ଗାଏ ।୩।

ଗାଆଁ ପିଲା ମାନେ ବର୍ଷାରେ ଭିଜନ୍ତି
ନାଚି ଖେଳି ଗୀତ ଗାନ୍ତି
ଛୋଟ ପିଲା ମାନେ କାଗଜ ଡ଼ଙ୍ଗାକୁ
ପାଣି ସୁଅରେ ଭସାନ୍ତି ।୪।

ISSN NO.
2582-208X

ଶ୍ରାବଣ ମାସରେ ବୋଲ ବମ ଭକ୍ତ
ଜଳ କାଉଡି ନିଅନ୍ତି
ଶିବଙ୍କ ମସ୍ତକେ ଜଳକୁ ଢାଳିଣ
ପୂଜା ଅର୍ଚ୍ଚନା କରନ୍ତି ।୫।

ବରଷା ମାସରେ ବଗିଚା ସୁନ୍ଦର
ଫୁଟଇ ଚମ୍ପା ମାଳତୀ
କଦମ୍ବ କେତକୀ କିଆ ହସି ଉଠେ
ସୁଗନ୍ଧରେ ମନ ଶାନ୍ତି ।୬।

ନଈ ନାଳ ପାଣି ଉଛୁଳି ପଡଇ
ବହୁ କ୍ଷୟ କ୍ଷତି ହୁଏ
ଘର ଭାଙ୍ଗି ଯାଏ ବିଲେ ବାଲି ଚରେ
କୃଷକ ହତାସ ହୁଏ ।୭।

ନାଲି ଟୁକୁ ଟୁକୁ ସାଧବ ବହୂଏ
ଘାସ ଗାଲିଚେ ଚାଲନ୍ତି
ସୁନ୍ଦରତା ତାଙ୍କ ଶୋଭାର ଭଣ୍ଡାର
ମନକୁ କିଣି ନିଅନ୍ତି ।୮।

କୃଷକ ଭାଇ ଯେ କ୍ଷେତକୁ ଯାଆନ୍ତି
ହଳ ଲଙ୍ଗଳକୁ ଧରି
ମହୀ ଦେଉ ଥାଏ ରୁଆ ପୋତା କରେ
ଗୀତ ଗାଏ ମନ ଭରି ।୯।

ISSN NO.
2582-208X

ସବୁଜିମା ଶାଢ଼ୀ ବସୁମତୀ ପିନ୍ଧେ
ରୂପସୀ ତନୟା ପରି
ମୟୂର ମୟୂରୀ ବନସ୍ତେ ନାଚନ୍ତି
କଳା ମେଘ ଦେଖି କରି ।୧୦।

କଖାରୁ କାକୁଡି ଜହ୍ନି ବାଇଗଣ
ପୂରି ଉଠେ ବଗିଚାରେ
ଗହ୍ମା ଚିତାଲାଗି ଜନ୍ମାଷ୍ଟମୀ ଆସେ
ପୂଜା ଗଣେଶ ତିଥିରେ ।୧୧।

ସେନେହ ପ୍ରୀତିର ମମତା ବନ୍ଧନ
ରାକ୍ଷୀ ପୂର୍ଣ୍ଣିମା ପଡଇ
ଭାଇର ହସ୍ତରେ ଭଉଣୀର ରାକ୍ଷୀ
ରକ୍ଷା ସୂତ୍ର ଡୋର ହୋଇ ।୧୨।

ବରଷା ଶ୍ରାବଣୀ ପ୍ରକୃତିର କନ୍ୟା
ତା ବିନା ଶୁଷ୍କ ଜୀବନ
ବରଷା ବିହୁନେ ବରଷା ବହୁଳେ
ସୃଷ୍ଟି ହୁଅଇ ନାଶନ ।୧୩।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ଅଲେଖା ଡାଏରୀରୁ...



ଡ. ଜ୍ଞାନେଶ୍ୱର ମିଶ୍ର

ଏକ ମାହାଳିଆ ଉପରବେଳାରେ, ସ୍ମୃତିର କୋଳରେ
ହଜି ଯାଇଥିଲି ଅଲିଖିତ ମୋ ଜୀବନ ଡାଏରୀ ପୃଷ୍ଠାରେ

ବାଲ୍ୟକାଳ, ସାଙ୍ଗମେଳ, ଲୁଚିକାଳି ଖେଳ, କଙ୍କିଧରା
ଯଦୁ ସାର୍ ଙ୍କ ଛାଟ, ବୋଉର ଅକଟ ବୟସ କଅଁଳ
ମନ ଓ ହୃଦୟ ଥିଲା କେତେ ଖୁସି କେତେ ନିରିମଳ
ସେଦିନ କେବେ ଫେରି ଆସନ୍ତାନି ମନହୁଏ ଉହଳ ବିକଳ

ତା ପର ପୃଷ୍ଠା ଲେଖା କଟାକଟି
ଅନାବନା ପେନସିଲ୍ ଓ କଲମରେ ଗାରା
ପୃଷ୍ଠା ସବୁ ଲୋଚା କୋଚା ଠାଏ ଠାଏ
ଫଟା ଆଉ ଚିରା
ପ୍ରେମ ପ୍ରତାରଣା, କୁଶିକ୍ଷା କୁସଙ୍ଗ
ମଦ୍ୟପାନ ସହ ନିଶାଦ୍ରବ୍ୟ କରିଲି ସେବନ
ବୟସ ଖର୍ଚ୍ଚ କରି କିଣିଥିଲି ପାପ
ସେଥିପାଇଁ ନାହିଁ ଅନୁତାପ, ପ୍ରାୟଶ୍ଚିତ
ଅବା ମନସ୍ତାପ
ମିଛ ଅନ୍ୟାୟ, ଔଦ୍ଧତାମି ମନଗଛ ଅଗରେ ବସିଲେ

ISSN NO.
2582-208X

ପରବାୟ ନଥିଲା କିଏ ପଛରେ ଥଟ୍ଟା କଲେ କି ହସିଲେ
ବର୍ତ୍ତମାନ ଭାବୁଛି ଏସବୁ ନକରିଥିଲେ ଚଳିଥାଆନ୍ତା
ଆଉ ଅବା ଲାଭ କଣ ଭାବି, ଏସବୁର ଘଟିଲାଣି ଅନ୍ତ

ଓଲଟାଇଲି ଷାଠିଏ ପୃଷ୍ଠାପରେ
ଗଙ୍ଗାଜଳ, ଠାକୁର ପାଦୁକା ସେବନ
ବ୍ରାହ୍ମଣ ଗରିବ ଭିକାରୀ ଅନାଥ ଆଶ୍ରମକୁ ଦାନ
ଧୋତି, ଜୀନ୍ ବଦଳରେ, ମାଳୀ, ଛୁରୀ ବଦଳରେ
ଟୀକା ଚନ୍ଦନ ମଥାରେ
ଏଥିରେ କଣ ଗତ ପୃଷ୍ଠା ସବୁ ହୋଇଯିବ ସଫା
ନାଁ, ଏ ଖାଲି ଶିଥିଳ ଶରୀରର ଧୋକା
ଏତେ ମନ ଅନ୍ଧି ସନ୍ଧିର ଅଳନ୍ଦୁ ସଫା ଅସମ୍ଭବ
ବର୍ତ୍ତମାନ ଭାବୁଛି, ଏସବୁ ଭାବନା ଭାବି
କିଛି ନାହିଁ ଲାଭ ॥

୪୯/୫/ଏଚ-୫୫, କର୍ଲ ମାର୍କ୍ସ ସରଣୀ
କୋଲକାତା ୭୦୦୦୨୩

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୨୪ )

ବେଲ ବରଣ।

ସବୁ ବର୍ଷ ପରି ସାଉନ୍ତାଣୀ ବନ୍ଧକୁ ଲାଗି ଶିବ ମନ୍ଦିର ବେଢ଼ାରେ ଥିବା ଦୁଇଟା ଭୂଶାଳ ବେଲଗଛରୁ ବେଲ ପାଳିବାକୁ (ପାରିବାକୁ) ଯାଉ ଆମେ, ସବୁ ସାଙ୍ଗ ମାନେ ମିଶି ।

ମନ୍ଦିରଟା କୋଉ କାଳର କେଜାଣି, ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି କେବଳ ମାତ୍ର ତାର ଅସ୍ଥି ପଞ୍ଜରା ତିଷ୍ଠି ରହିଥାଏ । କାନ୍ଥରୁ ନାଲି ଇଟା ସବୁ ଖିସଡ଼ି ଖିସଡ଼ି ରହିଥାଏ । ସେଥିରୁ ନାଲି ଇଟା ଗୁଣ୍ଡ ଚୁନା ଚୁନା ହେଇ ଝରୁଥାଏ । ପୁରା ସନ୍ତସନ୍ତିଆ । ତା ଉପରେ ପୁଣି ଟଙ୍କା ଗେଣ୍ଡଗୁଆଳି (ତେଲୁଣୀ ପୋକ), କଳା ଗେଣ୍ଡଗୁଆଳି, ମେଞ୍ଚା ମେଞ୍ଚା ନାଲିଆ ଛୁଆ ଗେଣ୍ଡଗୁଆଳି ସଣସଣ, ଭଣଭଣ ହେଉ ଥାଆନ୍ତି । ତାଙ୍କ ଉପରେ ପାଦ ପଡ଼ିଗଲେ, କେଚ୍, ଛିଃ !! ବାପ୍ ରେ ଦେହ ଶିହରି ଯାଏ। କେଚକେଚା ହେଇଯାଏ ଗେଣ୍ଡଗୁଆଳି, କେମିତି ଏକ ଅଜବ ଓଦାଳିଆ ଗନ୍ଧ ଆସେ ।

ଭଙ୍ଗା କାନ୍ଥ ଉପରେ ଜଡ଼ିଗଛ (ଅଶ୍ୱତ୍ଥ), ବର ଗଛ ସହିତ ବର୍ଷା ଦିନିଆ ନାନା ଜାତିର ଲତା ଗୁଳ୍ମ ସବୁ ଭରି ଭାଙ୍ଗୁଥାଏ । ଶିଉଳି ପଡ଼ି ଶାଗୁଆ ଭେଲଭେଟ୍ ପରି ଦେଖା ଯାଉଥାଏ।

ISSN NO.
2582-208X

ବନ୍ଧଟା ବେଶ୍ ବଡ଼ ଓ ଗହିରିଆ। ତାର ମାଲକୁମ୍ (ଦୀପଦଣ୍ଡି) ପାଖକୁ ପହଁରି କେହି ଜଣେ ବି ଯାଇ ପାରନ୍ତି ନାହିଁ । ମାଲକୁମ୍ ପାଖରେ କୁହାଯାଏ ସାତତାଳ ପାଣି। ସାପଖପ ବି ଅଛନ୍ତି ବୋଲି କୁହନ୍ତି ସମସ୍ତେ। ବନ୍ଧ କଡେ କଡେ ନାଲି ଓ ଧଳା କଇଁଫୁଲ ଭରିଆ ଏହି ଶାରଦୀୟ ଋତୁରେ। ଆହୁରି ଛୋଟ ଛୋଟ ସଫେଦ ପାଣିଫୁଲ, ଗଙ୍ଗେଇ, ପାଣିକଣ୍ଟା (ପାଣି ସିଙ୍ଗଡା।), କେଶରୀକନ୍ଦା ଇତ୍ୟାଦି ବହୁମାତ୍ରାରେ ହୁଏ। ଗଙ୍ଗେଇ ଆଣି ଛଡେଇ ଶୁଖେଇ ଖଇ ଭାଜା କରାଉ ଭୁଜା ଭାଜିଲା ବେଳେ। କେଶରୀ କନ୍ଦା ତ ଏମିତି ହିଁ ସୁସ୍ୱାଦୁ ପାଣିଫଳ। ମୁଥାଘାସ ଫଳ ପରି ବରକୋଳି ଆକାରର ଗୋଲିଆ ଫଳଟିଏ। ତାର ଉପର କାଳିଆ ରୁମରୁମିଆ  ଚୋପାକୁ ଦାନ୍ତରେ ଛଡେଇ ଖାଉ ଆମେ । କଇଁ ଫୁଲ ତୋଳି ତାର ନାଡ଼କୁ ଏପଟକୁ ସେପଟକୁ ଛୋଟ ଛୋଟ ଭାଙ୍ଗି ମାଳ ତିଆରି କରୁ। ଫୁଲଟା ପଦକ ପରି ଝୁଲେ ।

ସୂଚନାଯୋଗ୍ୟ ଯେ, ସାଉନ୍ତାଣୀ ବନ୍ଧକୁ ପୂର୍ବେ ମାଆ ସାଆନ୍ତାଣୀ ମାନେ, ତାଙ୍କର ଝିଅ ବୋହୁ ମାନେ ସବୁ  ଗାଧେଇ ଆସୁଥିଲେ । ଚାରିକୋଣିଆ ବନ୍ଧଟା ବର୍ତ୍ତମାନ ଆବଡା ଖାବଡା ହେଇ ଯାଇଛି । ତିନି ଚାରିଟା ପଥର ଇଟା ବନ୍ଧେଇ ଘାଟ ଥିଲା ଏଥିରେ । ଲୁଗା ପାଲଟିବା ପାଇଁ ଇଟା ଘେରା ସ୍ୱତନ୍ତ୍ର ଚେମ୍ବର୍ ଥିଲା । ଏବେ ତାହା କେବଳ କାହାଣୀ କହିବା ପାଇଁ ମୁମୂର୍ଷୁ ବୁଢ଼ୀମା ପାଲଟି  ରହି ଯାଇଛି ।

ଶୁଣାଶୁଣି  କଥା, ଏଥିରେ ସତମିଛ ଠାକୁରଙ୍କୁ ଜଣା। ଶ୍ରୀଧର ସାଆନ୍ତଙ୍କ ଚାରି ପାଞ୍ଚ ପୁରୁଷ ଆଗର କଥା । ରଜା ରାଜୁଡ଼ା ମାନଙ୍କ ଭିତରୁ କେହି  ଦୁର୍ବୃତ୍ତ ପାଶବିକ ଅତ୍ୟାଚାର କରି  ତାଙ୍କର ଉଆସର ପୋଇଲୀ ଜଣକୁ ଏହି ବନ୍ଧରେ ପକେଇ ଦେଇ ଯାଇଥିଲେ । ପୋଇଲୀ ଜଣକ ଦୁଦୁରା ଫଳ ଖାଇ ଆତ୍ମହତ୍ୟା କରି ଏହି ମନ୍ଦିର ପାହାଚରେ ପଡ଼ିଥିଲା। ସେଇ ଦିନଠାରୁ ଏ ମନ୍ଦିର ଅଗମ୍ୟ ହୋଇଥିଲା ମାରା ହେଇ ।

ସ୍ୱାଧୀନତା ପରେ କେହି ସହୃଦୟ ବ୍ରାହ୍ମଣ ଜଣେ ଏହାର ପୁନଃ ପ୍ରତିଷ୍ଠା କରାଇଥିଲେ । ତାଙ୍କରି ବଂଶଧର ମାନଙ୍କ ମଧ୍ୟରୁ ଜଣେ ସବୁଦିନ ଏହି ଶିବାଳୟରେ ପୁଷ୍ପ ନୈବେଦ୍ୟ ଅର୍ପଣ କରି  ଠାକୁର ନୀତି ବଢେଇ ଦିଅନ୍ତି । ଆମେ ହାତ ପାତୁ । କୋଉଦିନ ଚିକିଟା

ISSN NO.
2582-208X

ଗୁଡ଼, କୋଉଦିନ  ଚିନି ବୁଟ ଛତୁଆ, କୋଉଦିନ ମିଶ୍ରୀ କି ପିଜୁଳି ସମସ୍ତଙ୍କ ହାତରେ ଦିଅନ୍ତି ସେ । ସେତିକ ପାଇଁ ଆମେ ଡାହାଣା ପରି ଜଗିଥାଉ ।

ବାକି,  ଭଙ୍ଗା ମନ୍ଦିରଟା ଅବହେଳିତ ଅବସ୍ଥାରେ ପଡିଥାଏ। ଆମେ ବେଲ ଆଣିବା ପାଇଁ ଯାଉ । ବେଲ ଛାଇତଳା ହେଇ ତଳେ ପଡ଼ିଥାଏ। କିନ୍ତୁ ଆମର ତ ଡାଳପତ୍ର ସହିତ ବେଲ ଦରକାର । ସମସ୍ତେ ମାଙ୍କଡ଼ ପରି ଚଢ଼ି ଯାଉ ଗଛକୁ। ବେଲ ତୋଳା ମଝିରେ ଛକାପଞ୍ଝା ହେଇ ଖେଳ ଆରମ୍ଭ ହେଇଯାଏ।

ବର୍ତ୍ତମାନ କିନ୍ତୁ ମନ୍ଦିରର ପୁନରୁଦ୍ଧାର କାମ ହେଇ ଭଲଭାବରେ ପ୍ରତିଷ୍ଠା କରାଯାଇ, ମନ୍ଦିର ବେଢ଼ାକୁ ମଧ୍ୟ ନୂତନ ରୂପ ଦିଆଯାଇଛି। ଅତ୍ୟନ୍ତ ମନୋରମ, ରମଣୀୟ ସ୍ଥାନ।

ରଜାଘର ଖଣ୍ଡାଧୂଆ ହୁଏ ଆମ ଗାଁ ଠାରୁ ଟିକେ ଦୂରିଆ ଗଡ଼ ଭିତରେ । ବର୍ତ୍ତମାନର ଅଭିଷିକ୍ତ ଗଡ଼ଜାତିଆ ରଜା ଢୋଲ ଧୁମସା ତାଳ ସହିତ ନଇକୁ ଖାଲି ପାଦରେ ଯାଇ ଖଣ୍ଡା, ତଲୁଆର୍ ଧୁଅନ୍ତି । ଥରେ ଦିଥର ମୁଁ ଯାଇଛି ଦେଖିବାକୁ। ନଇକୂଳରେ ପୂଜାର୍ଚ୍ଚନା ସହିତ ଖଣ୍ଡାଧୂଆ ପର୍ବ ହୁଏ କ୍ଷତ୍ରିୟ ଧର୍ମର ରିତିନୀତି  ଅନୁସାରେ।

ଆମ ଘର ମାନଙ୍କରେ ମଧ୍ୟ ଯନ୍ତ୍ର ହତିଆର ସବୁ ଗାଧେଇ ପୂଜା ଖଟୁଲିରେ ଥୁଆ ହୁଅନ୍ତି । ଖଟୁଲିରେ ଚିତା ପଡ଼ିଥାଏ । ବେଲକୁ ଚୁଆ ସିନ୍ଦୂର ଦେଇ ପୂଜା ହୁଏ । ମହାଲକ୍ଷ୍ମୀ ମାନେ ପେଡ଼ିରୁ ବାହାରନ୍ତି । ଦଶରା ଚାରିଦିନ ଯାକ ତାଙ୍କର ବିଧିବଦ୍ଧ ପୂଜା ହୁଏ । ମଣ୍ଡା, କାକରା, ଖିରୀ, ଖିଚଡ଼ି ଭୋଗ ଲାଗେ ।

ଗଡ଼ ରାଜଧାନୀର  ଦୂର୍ଗା ମେଢ଼ ପାଖରେ ବଳୀ ପଡେ । ସହଣୀ ସହିଥିବା ଲୋକେ ବୋଦା ନେଇ ବଳୀ ପକାନ୍ତି। କେଡା ବଳୀ (ଅଣ୍ଡିରା ମଇଁଷୀ) ମଧ୍ୟ ପଡେ । ଔଚିତ୍ୟ ଅନୌଚିତ୍ୟ ଝାମେଲାରେ ଅଯଥା  ପଡ଼ି  କାହାରି ଭାବୁକତା କିମ୍ବା ମତକୁ ଆଘାତ ଦେବା ମୋର ଉଦ୍ଦେଶ୍ୟ ନୁହେଁ । ତେବେ କୁହାଯାଏ ପୂର୍ବେ ଏତେ ବଳୀ ପଡୁଥିଲା ଯେ ରକ୍ତ ଧାର ଧାର ହେଇ ବୋହି ଆସୁଥିଲା ସାହି ମାନଙ୍କୁ । ବର୍ତ୍ତମାନ କମି ଆସିଲାଣି । ଫି କଥାରେ,

ISSN NO.
2582-208X

କିମ୍ବା ସାମାନ୍ୟ ସାମାନ୍ୟ ଦୁଃଖରେ ମାତାପିତା ଅଧମୁଣ୍ଡେ ବୋଦା ଦେବି ବୋଲି ଯାଚୁ ନାହାନ୍ତି ଆଉ।

କିନ୍ତୁ ବର୍ତ୍ତମାନ ଭି ଏହି ବିଶ୍ୱାସ ଅତୁଟ ଯେ କେଉଁ ବଳୀ ସମୟରେ ମାଆ ଦୁର୍ଗାଙ୍କ ମୁକୁଟ ଥରିଯାଏ। ମୁଁ ବାପାଙ୍କ ସହିତ ଯାଏ ବେଳେବେଳେ କିନ୍ତୁ ବଳୀ ଦେଖିନାହିଁ କେବେ। ହଁ ହଳିକାଠ ଓ ରକ୍ତଭିଜା କାଳିଆ ପଡ଼ି ଯାଇଥିବା ମାଟି ଅବଶ୍ୟ ଦେଖିଛି ।

- ବାବୁ ଅଛିବେଳେ ନୂଆ ଖାଇଦେଲେ ହେବ । ବାବୁ ଭଲପାଏ ନୂଆ ଚାଉଳର୍ କ୍ଷୀରି।

ମାଆ କୁହେ ଆଉ ବାପା ଯୋଗାଡ଼ କରିବାକୁ ଯାଆନ୍ତି । ନୂଆ ଚାଉଳ ବହୁତ ମହରଗ । ଯାହା ହେଲେ ବି ମୁଁ ଥିବା ଅବସ୍ଥାରେ ନୂଆ ଖିଆ ହେବ ।

ମୁଁ ନଥିଲେ କି ଉପାସ ବାର? ବୋଲି ମାଆ କୁହେ ।

ଅଷ୍ଟମୀ ଦିନ ମାଆର ନିର୍ଜଳା ଉପାସ । ସନ୍ଧି ପୂଜା ଅଧରାତିରେ ହୁଏ । ଦିନସାରା ପାଣି ଟୋପେ ଭି ତୁଣ୍ଡରେ ଦିଏ ନାଇଁ ମାଆ । ଛେପ ଭି ଢୁକେ ନାଇଁ। ମୋର ଜନ୍ମ ପରଠାରୁ ସେ କରୁଛି ଏହି କଠିନ ଉପାସ ।

ବାପା ରାତିରେ ଜଗି ରହନ୍ତି ଦୁର୍ଗା ମେଲାରେ । ସନ୍ଧୀ ପୂଜା ସରିଲେ ବେଲପତ୍ର, ସିନ୍ଦୂର ପାଇଲେ ଯାଇଁ ମାଆ ପାଣି ପିଇବ। ଅଧରାତିରେ ଆଉ କଣ ଖାଇହେବ?

ଦଶହରା ଦିନ ଉଠ୍ ପୁଟୁର୍ ଶୁଣି ମୋର ନିଦ ଭାଙ୍ଗିଲା । ମାଆ ଖରକା ଫୁରୁକା କାମ ସାରିଲାଣି । ଆଜି ନୂଆ ଖିଆ ହେବ। ହାଣ୍ଡିଶାଳରେ ଭୋଗ ନାଗିବ। ବହୁତ କାମ। ମୁଁ ଯାଇ କାଠଖୁଣ୍ଟ ଆଣିବାରେ ସାହାଯ୍ୟ କଲି।

- ବାବୁରେ ଅଭି, ଯାଆ ତ ବାପା, ଅନିନାନୀକୁ ତୋର୍ କହି ଦେଇ ଆସବୁ, ଆମର ଘରକୁ ଆସବ ବୋଲି। ଛୁଆଟାକୁ ଡାକି ନାଇଁ ଟିକେ। ତୁଇ ନାଇଁ ଥିଲେ ଭଲ ନା ମନ୍ଦ କିଟା

ISSN NO.
2582-208X

କରୁଛେଇଁ ଯେ ଡାକବି? ତାଙ୍କର୍ ନୂଆ ଖାଇ ସାରଲେ ନି। ଆମର୍ ଘରେ କ୍ଷୀରି ଟିକେ ଖାଇବ।

ଆରେ ? ସତେ ତ । ମୁଁ ତ ପୁରା ଭୁଲି ଯାଇଥିଲି । ଅନୀନାନି ଆସିବାର ଥିଲା ପରା?

ମୁଁ ମୋର୍ ଡାହାଣ ହାତ ପଙ୍ଖା ପରି ଘୁରେଇ ଘୁରେଇ ଧାଇଁଲି। ହୋଷ୍ଟେଲ୍ ର ଗମ୍ଭୀର ବାତାବରଣରେ ଏହିସବୁ ଗାଉଁଲି ବ୍ୟବହାର କରି ପାରୁ ନଥିଲି। ବାଟରେ ଚିତ୍ତର ପୁତୁରା ସାଇକଲ ରିମଟାଏ ଗଡେଇ ଗଡେଇ ଆସୁଥାଏ ଗୋଟାଏ ଲୁହା ହେଣ୍ଡେଲ୍ କୁ ସେଥିରେ ଯୋଖି । ଆହୁରି ଛୋଟ ଛୋଟ ପିଲାମାନେ ଟାୟାର ସବୁ ଗଡ଼ଉ ଥାନ୍ତି ହାତରେ ନହେଲେ ବାଡ଼ି ସାହାଯ୍ୟରେ । ମୁଁ ଟିକିଏ ଠିଆ ହେଇଗଲି । ଏସବୁ ମଜ୍ଜା ତ କେବେଠାରୁ ଛଡ଼ା ହେଇ ଗଲାଣି। ଏମାନେ ମଧ୍ୟ ଛାଡ଼ିବେ ଅଳ୍ପ ଦିନ ପରେ, କାନ୍ଧରେ ପାଠର, ଦାୟିତ୍ୱର ଜୁଆଳି ପଡ଼ିଲେ ।

ଜୀବନ ସତରେ କଣ କଣ ଛଡେଇ ନିଏ। ଦୁନିଆଦାରୀର ସୁଅରେ ସବୁ ମଜା ମଜଲିସ୍ ସ୍ୱାହା ହେଇଯାଏ ଆସ୍ତେ ଆସ୍ତେ। ମଣିଷ କେବଳ ତୁଚ୍ଛା ଯନ୍ତ୍ରଟିଏ ହେଇ ରହିଯାଏ। ବର୍ତ୍ତମାନ ସମୟରେ ତ ଶୈଶବ ଭି ପାଣି ମାଗୁଛି ଜିଇଁବା ପାଇଁ । ଶିଶୁଠାରୁ ଛଡେଇ ନିଆ ଗଲାଣି ଶୈଶବ। ସଂସାର ଚକରେ ପେଶି ହେବାପାଇଁ ଅବୋଧ ବୟସରୁ ଯୋଚା ହେଇ ଯାଉଛନ୍ତି ପିଲେ।

ଏ ଫର୍ ଏପେଲ୍
ବି ଫର୍ ବଲ୍,
ସି ଫର୍ କ୍ୟାଟ୍,
ଡି ଫର୍ ଡଲ୍ ।

ଶହେ ଡଲ୍ ଦୁଇଶ ବଲ୍ ଥାଇ ବି ଛୁଆଙ୍କ ପାଖରେ
ନୋ ଟି ଫର୍ ଟାଇମ୍ ।

ISSN NO.
2582-208X

ବନ୍ଧା ପଡ଼ି ଯାଉଛନ୍ତି କ୍ରେଚରେ, ପ୍ଲେ ସ୍କୁଲରେ ଦିନ ସାରା । ମହତ୍ତ୍ୱାକାଂକ୍ଷା ଓ ପ୍ରତିଯୋଗିତାର ଘଣା ପେଲୁଛନ୍ତି ।

ହାଃ ପ୍ରଗତି!!

ଆମେ ହିଁ ତ ଏହି ପ୍ରଗତିକୁ ସାଦରେ ଡାକି ଆଣିଛୁ ନିମନ୍ତ୍ରଣ ପତ୍ର ଦେଇ। ପ୍ରଗତି ସବୁ ଦୁର୍ଗତିର କାରଣ ଓ ଏହା ଅବଶ୍ୟମ୍ଭାବୀ।

ପାଦ ତିନି ଚାରି ଯୋଡ଼ା ପାଇଁ ପାଦଚଲା ରାସ୍ତାଟିଏ ଦରକାର, କିନ୍ତୁ ଶହେ ଯୋଡ଼ା ପାଦ ପାଇଁ ଚଉଡ଼ା ରାସ୍ତା ଆବଶ୍ୟକ । କୋଟି କୋଟି ଯୋଡ଼ା ପାଦ ପାଇଁ, ବ୍ରିଜ୍, ଫ୍ଲାଇଓଭର୍, ମେଟ୍ରୋ, ଉଡାଜାହାଜ ଇତ୍ୟାଦି ନହେଲେ ମଣିଷ ଅଟକି ଯିବ ଯେ?

ତେଣୁ ପ୍ରଗତି ଆସିବ, ଦୁର୍ଗତି ହେବ, ସହିବା ବ୍ୟତୀତ ଉପାୟ ନାହିଁ ।

ହଁ, ତେବେ ମୁଁ ଗଲି ଅନୀନାନିଙ୍କୁ ଝିଅ ଲେଉଟାଣୀ ଡାକରା ଦେବାକୁ । ଅନୀନାନି ଗତ ରାତିରେ ପହଞ୍ଚି ଥିଲେ ।

ମୁଁ ଅନେଇ ରହିଗଲି ମୂର୍ତ୍ତି ପରି । କେତେ ସୁନ୍ଦର ଦେଖା ଯାଉଛନ୍ତି ଅନୀନାନି । ତାଙ୍କର ଲୁଗାପିନ୍ଧା ଢଙ୍ଗ ବଦଳି ଯାଇଥିଲା । ପାଦ ପାଖରେ ଥାକେ କୁଞ୍ଚ । ସୁନ୍ଦର ଲେସ୍ ଲଗା ବ୍ଲାଉଜ । ହାତରେ ଅଳ୍ପ ଚୁଡ଼ି । ସବୁ ବେଶ ପୋଷାକ ଗୋଟିଏ ରଙ୍ଗର । ମ୍ୟାଚିଂରେ । ମଥାରେ ସରୁଆ ସିନ୍ଦୂର ଗାର ଓ କପାଳରେ ଟିକି ଲାଲ୍ ଟିପା ।

ଗାଁର ସ୍ତ୍ରୀ ଲୋକ ମାନେ ତ ଲତର ପତର ନୁଗା ଗୁଡେଇ ହେଇ ପଡ଼ିଥାନ୍ତି । ଏକଛୁଟି ନୁଗା। କେତେ କାରିଗରୀରେ ନୁଗା ପିନ୍ଧିଛନ୍ତି ଅନିନାନୀ । ବାଃ । ସହରର ପାଣି ପବନ ଲାଗି ଯାଇଛି ତେବେ ।

ISSN NO.
2582-208X

ଅନିନାନୀ ନିରୁ ନୁଆବୋହୁଙ୍କୁ ମଧ୍ୟ ଶିଖେଇ ଦେଇ ଯାଇଥିଲେ ଏମିତି କୁଞ୍ଚକରି ଶାଢ଼ୀ ପିନ୍ଧିବା । ପର୍ବ ପର୍ବାଣୀରେ ପିନ୍ଧୁଥିଲେ ସେ ।

ଗାଁରେ  ନାରୀ ଫେସନର ସୂତ୍ରପାତ ହେଇଥିଲା ଏଇଠୁ । ନାରୀ ଶିକ୍ଷାର ବି ସୂତ୍ରଧାରିଣୀ ଥିଲେ ଅନିନାନୀ ।

ଚାରି ପାଞ୍ଚ ବର୍ଷ ପରେ ନିରୁ ନୁଆବୋହୁଙ୍କ ବଡ଼ଝିଅ ପ୍ରଥମ ଛାତ୍ରୀ ଥିଲା ଆମ ଗାଁ ସ୍କୁଲର।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମୋ ଲକ୍ଷ୍ୟ ବାଟରେ



ପ୍ରତିଭା ଦାସ

ମୋ ଲକ୍ଷ୍ୟ ବାଟରେ ଅନେକ କଣ୍ଟା
ବଡ଼ ଦୁର୍ଗମ ଏଇ ଯାତ୍ରା
ତଥାପି ସୀମିତ ସାମର୍ଥ୍ୟରେ
ଆଗକୁ ପାଦ ବଢ଼ାଇ ଦେଇଛି,
ସଫଳତା ମିଳୁ ଅଥବା ନମିଳୁ
ସେଥିପାଇଁ ମନରେ କିଛି
ଦୁଃଖ ନାହିଁ,
ଆଶାର ଫୁଲ ମନକୁ ଅନୁପ୍ରାଣିତ କରୁଛି।

କିଛି ବ୍ୟତିକ୍ରମ କରିବାର ଇଚ୍ଛାକୁ
ସାରଥି କରି ଏ ଯାଏଁ
ଗୋଟିଏ ନିଃଶ୍ୱାସରେ ଚାଲିଛି
ହେଲେ, ସେ ବାଟ ବଡ଼ କଠିନ ଲାଗୁଛି
ତଥାପି ଆଗକୁ ଏକା ଏକା ଚାଲିଛି ।

କାଲି ଥାଉ ବା ନଥାଉ
କର୍ମର ତାଲିକାରେ ମୋର ନାମ
ହେଲେ ମୋର ଭାଷା ସଂସ୍କୃତି
ଉଦ୍ଧାର ପାଇଁ
ମୁଁ ଲଢ଼ି ଯିବାକୁ ଟିକିଏ ବି
କୁଣ୍ଠାବୋଧ କରିବି ନାହିଁ,
ଏହି ସଂଗ୍ରାମରେ ମୋର ଯଦି
ମୃତ୍ୟୁ ହୁଏ
ହସି ହସି ମୃତ୍ୟୁବରଣ କରିବି
ତଥାପି ପଛକୁ ଫେରି ଦେଖିବି ନାହିଁ।

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X

# ଆଦ୍ୟ ଆଷାଢ଼



ମନୋରମା ମହାନ୍ତ

ମୁଁ ଗୋ ଆଦ୍ୟ ଆଷାଢ଼ର
ପହିଲି ବରଷା
ମାଟିକୁ ଭିଜାଇ ଦେବି !
ମୁଁ ଗୋ ସୁବାସ ରେ ମୋର
ସବୁରି ଅନ୍ତର
ବାସ୍ନା ରେ ଭରି ଦେବି !
ସବୁରି ଅନ୍ତର
ଶୁଷ୍କ ନିରାଶାରେ
ଆଶା ବାରି ସିଞ୍ଚି ଦେବି !
ରୌଦ୍ର ପଖଳା
ତନୁ ମନ ତୁମ
ପୁଲକେ ଭିଜାଇ ଦେବି !
ଧୂଳି ଧୂସରିତ
ପଥଧାରେ ତୁମ
ଅଳପ ବରଷି ଯିବି !
ଉଷର ମରୁର ହୃଦ କନ୍ଦରକୁ
ସ୍ନେହ ରେ ପରଶି ଦେବି !

ମୁଁ ଗୋ ଆଦ୍ୟ ଆଷାଢ଼ର
ପହିଲି ବରଷା
ଆଶା ମୋ ଅନେକ ଅଛି !
ଶଇଳ ଶିଖର ବୁକୁ ଚିରି ଆଜି
ରତ୍ନ ମୁଁ ଗୋ ଆଣିଅଛି !
ମୁଁ ଗୋ ଆଦ୍ୟ ଆଷାଢ଼ର
ପହିଲି ବରଷା
ମାଟିକୁ ଭିଜାଇ ଦେବି !!

କୂଳସାହି,
ଜଗତସିଂହପୁର

ISSN NO.
2582-208X

# ଗଛ ପରା ଆମ
# ଜୀବନ ଧନ



ବିନୋଦିନୀ ଦାଶ

ପ୍ରକୃତିର କୋଳେ ଜୀବନ ସକଳେ
ଆଦାନପ୍ରଦାନ ସହଯୋଗରେ
ଚଳି ଯାଇଥାନ୍ତି ହରଷେ ନିଇତି
ପ୍ରତ୍ୟକ୍ଷରେ ହେଉ କି ପରୋକ୍ଷରେ ।

ମାତ୍ର ଅଚେତନ ବୃକ୍ଷଟିର ଦାନ
ଅତୁଳନୀୟ ପରିବେଶ ପାଇଁ
ଦେଇ ଅମ୍ଳଜାନ ବାୟୁ ସନ୍ତୁଳନ
ରଖି ଜୀବନକୁ ରଖେ ଜୀଆଁଇ ।

କଳକାରଖାନା ଧୂଆଁଠାରୁ ଯେତେ
ବିଷାକ୍ତ ବାଷ୍ପକୁ ନିଅଇ ଶୋଷି
ରୋଗ ଦୁଃଖ ଦୂର କରିପାରି ସିଏ
ସକଳ ଜୀବନ ଥାଏ ଆଶ୍ୱାସି ।

ସବୁଜ ପତର ଜାତିଜାତି ଫୁଲ
ଫଳ ଖାଦ୍ୟଶସ୍ୟେ ଶୋଭଇ ବୁକୁ

ISSN NO.
2582-208X

କୀଟଠୁ ମାନବ ପଶୁପକ୍ଷୀ ଭବ
ଯେଝାମତେ ଭକ୍ଷିଥାନ୍ତି ତାହାକୁ ।

ପିନ୍ଧିବାକୁ ବାସ ରହିବାକୁ ବାସ
ପ୍ରଦାନ କରେ ନାନା ମହୌଷଧି
ମୂଲ୍ୟବାନ କାଠ ବି ଜାଳେଣି କାଠ
ଆମ ପାଇଁ ବୃଦ୍ଧି ସୁଖ ସମୃଦ୍ଧି ।

ମୃତ୍ତିକାକୁ ଚେର ଜାବୁଡ଼ି ଧରଇ
ସଂରକ୍ଷିତ ରହେ ନ ହୋଇ କ୍ଷୟ
ପାଚେରୀ ସଦୃଶ ବନ୍ୟା ବାତ୍ୟା ରୋଧି
ଜୀବନକୁ ଦେଇଥାଏ ଅଭୟ ।

ଗଛଲତା ପାଇଁ ବରଷା ଆସଇ
ପଲ୍ଲବୀ ଉଠଇ ଧରଣୀ କୋଳ
ଗ୍ରୀଷମ ତାପକୁ ନିବାରି ସଭିଏଁ
ଆନନ୍ଦୋଲ୍ଲାସରେ କାଟନ୍ତି କାଳ ।

ତା' ଶୀତଳ ବାଆ ତୃପ୍ତ କରେ ହିଆ
ପଥିକର ଶ୍ରମ ହରଇ ଛାଇ
ଗଛଟିଏ ସମ ଉତ୍ତମ ବନ୍ଧୁଟେ
ଧରା ପରେ ଦୃଶ୍ୟମାନ ନୁହଁଇ ।

ଗୋଟିଏ ଗୋଟିଏ ଗଛ ମିଶ୍ରଣରେ
ତିଆରି ହୁଅଇ ବଣଜଙ୍ଗଲ

ISSN NO.
2582-208X

ଲୋକହିତ ସାଧି ଧନ ବାଣ୍ଟିଦେଇ
ସକଳ ପାଇଁ ତା' ଦାନ ଅତୁଳ ।

ନିଃଶ୍ୱାର୍ଥପର ଜୀବନ ତାହାର
ଖାଲି ଦେଇଚାଲେ ଜୀବନଯାକ
ବଦଳରେ କିଛି କେବେ ଚାହିଁ ନାହିଁ
ତାହା ପାଇଁ ସୁନା ଆମ ମୁଲକ ।

ଗଛ ବିନା ମହୀ ତିଷ୍ଠି ନ ପାରଇ
ସବୁ ପରା ଏଠି ହୋଇବ ଶୂନ୍ୟ
ତାହାର ସୁରକ୍ଷା ଆମର ସୁରକ୍ଷା
କର୍ତ୍ତବ୍ୟ ପଥରେ ରଖିବା ଧ୍ୟାନ ।

ଜୀବନ ଜୀବିକା ଯୋଗାଇ ଆମକୁ
କରିକରି ଅଭାବର ପୂରଣ
ଦେବ ସମ ସିଏ ପାଖେ ପାଖେ ଥାଏ
ସାଜି ପରା ଆମ ଜୀବନ ଧନ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ହତଭାଗା



ମଧୁମିତା ମିଶ୍ର

ପଥର ଉପରେ ବସି ଗୋଡ଼ଟା ଲମ୍ବେଇ ଦେଇ ବେଲ ଗଛକୁ ଆଉଜି ବସି ଦେଖୁଥିଲି କିପରି ଦିନସାରା ଆତଙ୍କ ଖେଳେଇ ରଖିଥିବା ସୂର୍ଯ୍ୟ ଧୀରେ ଧୀରେ ଶିଥିଳ ପଡ଼ି ଆସୁଛି। ମେ ମାସର ସଂଜ ଏତେ ଜଲଦି ଆସେନି। ଆକାଶରେ ପକ୍ଷୀମାନେ ମଧ୍ୟ ନିଜ ବସାକୁ ଫେରି ଆସିବାକୁ ଉଡାଣ ଭରି ସାରିଥିଲେ। ଦି ପହରରେ ବନ୍ଦ ଥିବା ସବୁ ଦୋକାନ ବଜାର ସନ୍ଧ୍ୟା ଆସିବା ପରେ ଖୋଲିବାକୁ ଆରମ୍ଭ ହେଉଥିଲା। ହେଲେ ମୋ ମନ କହୁ ନଥିଲା ଦୋକାନ ଖୋଲିବାକୁ। ମୋବାଇଲ କଭର ଆଉ ଚାର୍ଜର ରଖିଥିଲି ମୁଁ। ତା ସହିତ ରିଚାର୍ଜ ଭାଉଚର୍ ମଧ୍ୟ। ଅବଶ୍ୟ ଏବେ ଲୋକେ ଆଉ ଦୋକାନକୁ ଆସି ରିଚାର୍ଜ କରୁ ନାହାନ୍ତି। କିନ୍ତୁ ପ୍ରଥମେ ପ୍ରଥମେ ଦୋକାନରେ ହିଁ ଏଇ କାମଟା ହେଉଥିଲା। ଆଉ ସେଦିନ ସେମିତି ହିଁ ସନ୍ଧ୍ୟାରେ ରିଚାର୍ଜ କରିବାକୁ ଆସିଥିଲା ପିଙ୍କି ।

ମୋ ଦୋକାନରେ ଠିଆ ହେଇ ସେ ସେଦିନ ଶହେ ଟଙ୍କାର ଟପ୍ ଅପ୍ ପକେଇଥିଲା। ବ୍ୟସ୍ତ ହେଇ ପଇସା ନଦେଇ ତରତର ହୋଇ ଚାଲିଗଲା। ମୁଁ ସେତେବେଳେ କିଛି କହି ପାରି ନଥିଲି କି ତାକୁ ଡାକି ପାରି ନଥିଲି ପଛରୁ। ପରେ ତାର ନମ୍ବରରେ ଫୋନ୍ କଲି। ପଇସା କଥା ମନେ ପକେଇ ଦେବାରୁ ସେ ଲଜ୍ଜିତ ହେଲା ଆଉ ପରଦିନ ସନ୍ଧ୍ୟାରେ ଆସି ଦେଇଯିବି ବୋଲି କହିଲା ।

ISSN NO.
2582-208X

ପୁଣି ସେହି ସନ୍ଧ୍ୟା ସମୟ। ପିଙ୍କି ମୋ ଦୋକାନକୁ ଆସିଲା ଆଉ ଅଳ୍ପ ହସି ସରି କହିଦେଇ ଶହେ ଟଙ୍କିଆ ନୋଟ୍ ମୋ ଟେବଲ୍ ଉପରେ ରଖିଦେଲା। ତା ହସ, ତା ଆଖି, ତା ଲାଜୁଆ ଚାହାଣୀ ଆଉ ତା ସ୍ୱର ସବୁ ମିଶି ମୋତେ ପ୍ରାୟ ପାଗଳ କରି ପକେଇଲେ।ଓ୍ୱାଉ ମୋ ପାଟିରୁ ପଦେ ହେଲେ କଥା ବାହାରିଲାନି।ଓ୍ୱିଙ୍କି ଚାଲି ଯାଉଥିଲା। ମୁଁ ତା ପଛରେ ଦୋହଲୁଥିବା ବେଣୀକୁ ଆଉ ତା ଛନ୍ଦାୟତ ଚାଲିକୁ ଦେଖି ମୁଗ୍ଧ ହେଉଥିଲି।

ସେଦିନ ପରଠୁ ସନ୍ଧ୍ୟା ହେଲେ ମୋର ଗୋଟିଏ ମାତ୍ର କାମ ଥାଏ। କେମିତି ପିଙ୍କିକୁ ଟିକେ ଦେଖିଦେବି। ମୋ ମନ ଧୀରେ ଧୀରେ ପିଙ୍କିମୟ ହେବାରେ ଲାଗିଥିଲା। ମୋ ସ୍ୱପ୍ନ ପିଙ୍କିମୟ ହୋଇ ସାରିଥିଲା। ହେଲେ ମୋ ବାସ୍ତବତା ତା ଠାରୁ ବହୁତ୍ ଦୂରରେ ଥିଲା। ପିଙ୍କି କଲେଜ ଯାଇ ସେହି ରାସ୍ତା ଦେଇ ଘରକୁ ଫେରେ। ସେକେଣ୍ଡ ଇୟର ହେଇଥିଲା ତାର। ଆହୁରି ବର୍ଷେ ପରେ କଲେଜ ସରିବ। ତା ବିଷୟରେ ଏତିକି ଜାଣି ମୁଁ ଖୁସି ହୋଇ ପଡ଼ିଲି। ଯା ହେଉ...ବର୍ଷେ ଯାଏଁ ସବୁଦିନ ତାକୁ ସେଇ ଛକ ବୁଲାଣି ଠାରୁ ମଦନାର ବରା ଦୋକାନ ଯାଏଁ ପାଖାପାଖି ଦଶ ମିନିଟର ଚଲାରାସ୍ତା ଉପରେ ମୁଁ ପିଙ୍କିକୁ ନିରେଖିବା ସୁଯୋଗ ଅକ୍ଲେଶରେ ପାଇଯିବି। କାଚ କବାଟ ଦେଇ ମଧ୍ୟ ଦେଖି ହୁଅନ୍ତା। ହେଲେ ଖାଲି ଆଖିରେ ଦେଖିବା ପାଇଁ ବାହାନା କରି ମୁଁ ସେଇ ସମୟରେ ଦୋକାନ ବାହାରକୁ ଚାଲି ଆସେ। ପ୍ରଥମେ ବାରଣ୍ଡା ସଫା, ତା ପରେ ଝରକା ପୋଛା, ଆଉ ତା ପରେ ମୋ ଦୋକାନ କଡ଼ରେ ଥିବା ବୋରଓ୍ୱେଲରୁ ପାଣିନିଆ ...ଏମିତି କେତେ ଫନ୍ଦି ଫିକର କରି ସେଇ ସମୟଟା ବାହାରେ ରହିଲା ପରେ ଦିନେ କିଛି କାମ ନପାଇ ଦୋକାନ ବାରଣ୍ଡାରେ ପ୍ରାଣାୟମ କରିଲା ପରି ବସି ପଡ଼ିଲି । ମୋତେ ସେମିତି କରିବା ଦେଖି ସାଙ୍ଗମାନେ କେତେ ଟେକାଟେକି କରି କହିଲେ। ଆଉ ସେଇ ଦିନରୁ ସବୁ ସନ୍ଧ୍ୟାରେ ପ୍ରାୟ ଅଧ ଘଣ୍ଟା ମୁଁ ବାରଣ୍ଡାରେ ବସି ପ୍ରାଣାୟାମ କରେ। ଆଉ ମନ ଭରି ପିଙ୍କିକୁ ଦେଖେ। ସିଏ ଜାଣି ପାରେ କି ନାହିଁ କେଜାଣି ହେଲେ ମୋ ଦୋକାନ ପାଖଦେଇ ଗଲାବେଳେ ବେଳେବେଳେ ଚାହିଁ ଦେଇ ହସିଦିଏ। ଆଉ ମୋ ପାଖରେ ହିଁ ଫୋନ୍ ରୀଚାର୍ଜ୍ କରେ।

ISSN NO.
2582-208X

ମୋ ଚପଳ ମନ ଏଇଟାକୁ ପ୍ରେମ ବୋଲି ମାନିନିଏ ଆଉ ମୁଁ ଆହୁରି ଆହୁରି ପ୍ରେମିକଟେ ସାଜିଯାଏ। ଅନ୍ୟ ପ୍ରେମୀ ଯୁଗଳଙ୍କୁ ଏକାଠି ବୁଲୁଥିବା ଦେଖିଲେ ମୋର ବି ମନେ ହୁଏ ମୁଁ ପିଙ୍କିସହିତ ବୁଲନ୍ତି। ହେଲେ ଏଯାଏଁ କେବଳ ଟିକେ ହସ ଛଡା ଆଉ କିଛି ବି ମୁଁ ଆଗେଇ ପାରିନି। ପ୍ରାୟ ବର୍ଷେ ଉପରେ ହେଲାଣି ହେଲେ...!! ମନକୁ ଦୃଢ଼ କଲି। ତାକୁ ମୋ ମନକଥା କହିଲେ ସିନା ତା ମନକଥା ଜାଣିବି ଆଉ ତା ପରେ ଯାଇ ଆମ କାହାଣୀ ଆଗେଇବ। ଏଣୁ ବସିବା ଜାଗାରୁ ଉଠି ତା ପଛେ ପଛେ ମଦନା ଦୋକାନ ଯାଏଁ ଗଲି। ନା ...ପାଟିରୁ ପଦେ ହେଲେ ବାହାରିଲାନି। ତା ପରଦିନ ବି ସେଇୟା। ପ୍ରାୟ ଆଜକୁ ଦଶଦିନ ହେଇ ଗଲାଣି। ହେଲେ ମୋ ପାଟିରୁ ପଦେ କଥା ବାହାରୁନି। ଖାଲି ତା ପଛରେ କିଏ ନ ଦେଖି ପାରିଲା ପରି ଯାଉଛି ଆଉ ସିଏ ମୋଡରେ ପଳେଇଲେ ମଦନା ପାଖରୁ ଗୋଟେ ବରା ଖାଇ ପଳେଇ ଆସୁଛି। ମଦନାକୁ କହୁଛି ଯେ ତୋ ବରା ବଢିଆ ଲାଗୁଛି ଆଉ ପ୍ରାଣାୟମ କରିବା ପରେ ମୋତେ ଭୋକ ହଉଛି। ଛିଃ...ଏମିତି ମିଛ ପଛେ କହୁଛି କିନ୍ତୁ ପିଙ୍କିକୁ ପଦେ ସତ କହି ପାରୁନି...!! କେଜାଣି କେବେ ମୋ କଣ୍ଠରୁ ଭାଷା ବାହାରିବ...!!??

ସବୁ ସନ୍ଧ୍ୟାରେ ପିଙ୍କିକୁ ଦେଖିବା ଅଭ୍ୟାସ ଯୋଗୁଁ ତା କଲେଜ୍ ଛୁଟି ହେଲେ ମୁଁ ଅଥୟ ହୋଇପଡେ ଆଉ ସେଇ ଦିନ ସନ୍ଧ୍ୟା ପରେ ଦୋକାନରେ ବସି ପାରେନା। ତା ପରେ ଦୋକାନ ଚାବି ପକେଇ ଏଇ ବେଲଗଛ ମୂଳକୁ ଚାଲିଆସେ। ରାତି ହେଲାଯାଏଁ ଏଇଠି ବସେ ଆଉ ଆକାଶ, ଚନ୍ଦ୍ର, ତାରା ଗଛ, ଫୁଲ,ପକ୍ଷୀ ଦେଖି ମନ ଭୁଲାଏ। ନିଜ ନପାରିଲା ପଣକୁ ଧିକ୍କାରିଲା ବେଳକୁ ସେପଟୁ ପଲ୍ଟୁ ଦୌଡ଼ି ଦୌଡ଼ି ଆସିଲା।

"କଣ ହେଲା କି ରେ? ଭୂତ ଦେଖିଲା ପରି ଧାଉଁଛୁ??"

"ମାରି ପକେଇଲା ରେ...ମାରି ପକେଇଲା..."ମୋ ପାଖରେ ଲଥ କରି ବସି ଥରିଲା ସ୍ୱରରେ କହିଲା ପଲ୍ଟୁ।

ISSN NO.
2582-208X

"କିଏ କାହାକୁ କୋଉଠି କାହିଁକି ମାରିଲା? କେମିତି ମାରିଲା...?"

ମୋ ପାଖରେ ଥିବା ପାଣି ବୋତଲ ତା ଆଡକୁ ବଢେଇ ଦେଇ ପଚାରିଲି। ଢ଼କ ଢ଼କ କରି ବୋତଲଟା ପାଣି ପିଇଦେଇ ପଲ୍ଟୁ କହିଲା...

"ଆରେ ସେ କାଲୁ ଖାଁ...ସିଏ ଗୋଟେ ଝିଅକୁ ଭଲ ପାଉଥିଲା ତ...ସେଇ ଝିଅ ପଛରେ କୁଆଡେ ଗୋଟେ ପୁଅ ପଡ଼ିଥିଲା ଆଉ ସେ ପୁଅକୁ ଏଇ ଝିଅଟା କୁଆଡେ ଦେଖିକି ହସିଦେଉଥିଲା ବୋଧେ। ସୈତାନ୍ ଟା ଆଜି ବିଚ୍ ରାସ୍ତା ଉପରେ ମାର୍କେଟ ମଝିରେ ଛୁରୀଟେ ଧରି ଝିଅଟାକୁ କୋଡ଼ିଏ ଥର ଭୁଷି ପକେଇଲା ରେ। କିଏ କେତେ ପାଟି କଲେ ଶୁଣିଲାନି କି ରହିଲାନି। ରାସ୍ତା ସାରା ଖାଲି ରକ୍ତ ଆଉ ରକ୍ତ। ଓଃ...କହନା କି ବିଭତ୍ସ ହତ୍ୟାକାଣ୍ଡ...!! କିଏ ଜଣେ ପୁଲିସ ଡାକି ଦେଇଥିଲା ସେତିକିବେଳେ । ଏବେ କାଲୁ ଖାଁ ହାଜତରେ ଅଛି।"

"ଇସ୍...!! ଏମିତି ପିଶାଚ ଭଳିଆ ଭୁଷିଦେଲା ଆଉ ତମେ ସବୁ କିଛି କରି ପାରିଲନି...??"କ୍ରୋଧ ଆଉ ଘୃଣାର ମିଶାମିଶି ପ୍ରତିକ୍ରିୟା ଥିଲା ମୋର।

"ତୁ ଜାଣିନୁ...କାଲୁ ମୁଣ୍ଡରେ ଭୂତ ବସିଥିଲା। ଜଣେ ତା ପାଖକୁ ଯିବାକୁ ଚେଷ୍ଟା କଲାରୁ ତା ହାତକୁ ଛୁରୀରେ କାଟି ଦେଲା। ଫାଳେ କଟି ଯାଇଛି ମଣିବନ୍ଧ ପାଖରେ...ଓଃ...ସେ ଝିଅଟା ଯାହା ଚିତ୍କାର କରୁଥିଲା...!! ସିଏ ସେ ଟୋକାକୁ ଜାଣିନି ବୋଲି କାନ୍ଦି କାନ୍ଦି କହିଲା ଯାଏଁ ବି କାଲୁଟା ଶୁଣିଲାନି..."

ଦୁଇହାତ ମୁହଁରେ ଘୋଡ଼େଇ ପଲ୍ଟୁ କାନ୍ଦ କାନ୍ଦ ହୋଇ କହୁଥିଲା ବେଳେ ମୁଁ ପଚାରିଲି..."ଝିଅଟା କିଏ ଜାଣିଛୁ କି ତୁ...?"

ISSN NO.
2582-208X

"ମୁଁ ଜାଣିନି...ହେଲେ ମଦନା କହୁଥିଲା ସିଏ କୁଆଡେ ସବୁଦିନ ତା ଦୋକାନ ପାଖ ମୋଡ ଦେଇ କଲେଜରୁ ଯିବା ଆସିବା କରୁଥିଲା। ତା ନା ବୋଧେ ପିଙ୍କି ନା କଣ କହିଲା...."କହି ପଲ୍ଟୁ ମୁହଁ ଧୋଇବାକୁ ପାଖ ପାଇପ ମୂଳକୁ ପଳେଇଲା।

ପିଙ୍କି...!! ଟୋକାଟେ ପିଛା କରୁଥିଲା ବୋଲି କାଲୁ ତାକୁ ମାରି ପକେଇଲା...?? ମାନେ...ସେ ହତଭାଗା ଟା କଣ ମୁଁ...??

ଛାତି ଭିତରେ ଏତେ କୋହ ଭରିଗଲା ଯେ ହଠାତ୍ କଳାହାଣ୍ଡିଆ ମେଘ ଘୋଟିଆସି କାଳ ବୈଶାଖୀ ଆରମ୍ଭ ହେଇଗଲା ପରେ ମଧ୍ୟ ମୁଁ ସେମିତି ଭୂମି ଉପରେ କଚାଡି ହୋଇ ପଡ଼ିଯାଇ ଗେଣ୍ଡା ପୋକଟେ ପରି ମୋଡ଼ି ମାଡ଼ି ହେଇ କାଦୁଆ ମାଟି ଉପରେ ମୁଣ୍ଡ ପିଟି କାନ୍ଦୁଥିଲି...!!

ଭୁବନେଶ୍ୱର

ISSN NO.
2582-208X

# ରାଧେ ବୃନ୍ଦାବନେଶ୍ୱରୀ



ଜୟନ୍ତୀ ଦେବୀ

ରାଧେ ବୃନ୍ଦାବନେ ଶ୍ୱରୀ
ରାସେଶ୍ୱରୀ ରମ୍ୟା ।
କୃଷ୍ଣ ମନ୍ତ୍ରାଧି ଦେବତା
ବଂଶିଧାରୀ ବାମା ।
ସର୍ବାଦ୍ୟା ସର୍ବବନ୍ଦ୍ୟା ତୁ
ବୃନ୍ଦାବନ ବିହାରିଣୀ ।
ବୃନ୍ଦା ରାଧ୍ୟା ରମା ରାଧ୍ୟା
ପରମେଶ୍ୱରୀ ରୁକ୍ମିଣୀ ।
ଶେଷ ଗୋପୀ ମଣ୍ଡଳପୂଜିତା
ସତ୍ୟା ତୁହି। ।
ସତ୍ୟ ପରା ସତ୍ୟଭାମା
ସ୍ୱାମୀ ଭାବଗ୍ରାହୀ ।
ଶ୍ରୀକୃଷ୍ଣ ବଲ୍ଲଭା ରାଧେ
ବୃଷଭାନୁ ସୁତା ।
ମୂଳ ପ୍ରକୃତି ଗୋପୀ ତୁ
ଇଶ୍ୱରୀ ପବିତ୍ରା ।

ISSN NO.
2582-208X

ଗାନ୍ଧର୍ବା ଆରମ୍ୟା ରାଧିକା
ପରମେଶ୍ୱରୀ ।
ପରାତ୍ପର ତରା (ପୂର୍ଣା)
ଶ୍ରୀମତୀ ଜଗଦୀ ସ୍ୱରୀ
ପୂର୍ଣ୍ଣ ଚନ୍ଦ୍ର ନିଭାନନା
ଭୁକ୍ତି ମୁକ୍ତି ପ୍ରଦା ।
ଭବ ବ୍ୟାଧି ବିନାସିନି
ପରମ ଆରାଧ୍ୟା ।
ଜୀବନ୍ମୁକ୍ତ ହୁଏ ନର
ନାମ ପଠନରେ ।
ସ୍ମରଣେ କୀର୍ତ୍ତନେ ମନେ
ଭବସିନ୍ଧୁ ତରେ ।।

ମଦ୍ଧୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# କାଳ



ଅଲେଖ ମେହେର

ସମୟ ଖେଳାଏ ଖେଳ ଚକାଭଉଁରୀର,
କେତେବେଳେ ଉଚ୍ଚ ପୁଣି  ଅତଳ ଗହ୍ୱର ।

ନୀଶି ପାହାନ୍ତରେ  ଯିଏ ହୋଇଥାନ୍ତା ରାଜା,
ମନ୍ଥରା ଚକ୍ରରେ ବନ ବାସହେଲା ସଜା ।

ଧର୍ମରାଜ ସାଥେ ଥାଇ ସ୍ୱୟଂ ଚକ୍ରଧର,
ଭିକ୍ଷାମାଗି ବୁଲେ ଯାଇ ପଲ୍ଲୀ ରୁ ସହର ।

ନଳ ରାଜା କୁ ଜଗାଇ ନିତି ଘୋଡାଶାଳ,
ବଳିୟାର ଅଜେୟ ସେ ନାମ ଯାହା କାଳ ।

ଦୁଃଖ ବିଭାବରୀ ଅନ୍ତେ  ଫେରିବ ପ୍ରତ୍ୟୁଷ,
ଅକ୍ଷି ଲୁହ ଢାଳି ଆଜି ବିତୁଛି  ପ୍ରଦୋଷ ।

ନିଳାଚଳେ  ମହାବାହୁ ଖୋଲି ଚକାଆଖି,
ମୁରୁକି ହସନ୍ତି  ନର  କୃତକର୍ମ ଦେଖି ।

ISSN NO.
2582-208X

କର୍ମ ଫଳ ମୂଲ ଯେବେ ପ୍ରାଣୀ ନ ପାଇବ,
ଶୟଳର ଗତି ତେବେ କେଉଁଠାକୁ ଯିବ ?

ପ୍ରାରବ୍ଧ ଅର୍ଜିତ ଫଳ ଅନ୍ନ ଅମାରର,
ପୁରୁଣା ଥାଇ ନୂତନ ଖୋଳେ କେଉଁ ନର ?

ବର୍ତ୍ତମାନ କରମରେ ଲେଖା ଇତିହାସ,
ଭବିଷ୍ୟତ ଝଲସିବ ଭରି ମୁଖେ ହାସ ।

ହୀନ ଯାଯାବର ଦେଖି ସଂସାରର ରୀତି,
ଆତୁରେ କାତରେ ଶିଳା କରିଅଛି ଛାତି ।

ସୋହେଲ୍, ବରଗଡ
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ମିଶାଇଲ୍ ମ୍ୟାନ୍:କଲାମ



ବାଙ୍କାବିହାରୀ ମହାକୁର

ଊଣେଇସି ଶହ ଏକତ୍ରିଶ ସାଲ
ଅକ୍ଟୋବର ପନ୍ଦରରେ,
ଜନମ ହୋଇଲ ତାମିଲନାଡୁର
ରାମେଶ୍ୱରମ୍ ସହରେ ।୦୧।

ଜୈନୁଲାବଦ୍ଦୀନ ଆଉ ଅସିଆମ୍ମା
ଥିଲେ ତୁମ ପିତାମାତା,
କର୍ତ୍ତବ୍ୟର ପଥେ ହୋଇ ଅଗ୍ରସର
ସାଜିଲ ବିଶ୍ୱ ବିଜେତା ।୦୨।

ନିଷ୍ଠା ଶ୍ରଦ୍ଧା ଆଗେ ଦୁଃଖ ଅନାଟନ
ପାରିଲା ନି ପଥ ରୋକି,
ଅକ୍ଳାନ୍ତ ସାଧନେ ମଣ୍ଡି ଦିବାନିଶି
ସୃଷ୍ଟ କଲ ନୁଆଁ ଦୃଷ୍ଟି ।୦୩।

ଦେଶର ପ୍ରଥମ ସାଟେଲାଇଟ୍ ଲଞ୍ଚ୍
ଦେଶ ପାଇଁ ଥିଲା ସ୍ୱପ୍ନ,
ହେବିକିଲ୍'ର ପ୍ରକଳ୍ପ ନିର୍ଦ୍ଦେଶକେ
କାର୍ଯ୍ୟ କଲ ସଂପାଦନ ।୦୪।

ISSN NO.
2582-208X

ବାଲାଷ୍ଟିକ୍ ମିଶାଇଲ୍ ହେବିକିଲ୍
ଲଞ୍ଚ୍ ପାଇଁ ବିକଶିତ,
ତୁମ ଯୋଗଦାନ ଥିଲା ତ ମହାନ
ଜଗତେ ହେଲ ବିଖ୍ୟାତ ।୦୫।

ଭାରତ ଦେଶର ମିଶାଇଲ୍ ମ୍ୟାନ୍
ନାମରେ ଅର୍ଜିଲ ଖ୍ୟାତି,
ପୋଖରାନ୍ ଦୁଇ ପରମାଣୁ ବୋମା
ପରୀକ୍ଷଣେ ସଦା ମତି ।୦୬।

ବୈଜ୍ଞାନିକ ସହ ସୁଦକ୍ଷ ଲେଖକ
ଲେଖା ମୁନରେ ସୃଜନୀ,
ୱିଙ୍ଗସ୍ ଅଫ୍ ଫାୟାର୍ ଲେଖା ଥିଲା
ତୁମରି ଆତ୍ମଜୀବନୀ ।୦୭।

ଇଗନାଇଟେଡ୍ ମାଇଣ୍ଡସ୍, ମିଶନ୍
ଇଣ୍ଡିଆ, ଇନସ୍ପାୟରିଂ ଥଟ୍ସ,
ଏ ଭିଜନ୍ ଫର୍ ଦ ନ୍ୟୁ ମିଲେନିୟମ୍
ଇଣ୍ଡିଆ ଟ୍ୱେଣ୍ଟିଟ୍ୱେଣ୍ଟିସ ।୦୮।

ଏକାଦଶ ତମ ରାଷ୍ଟ୍ରପତି ହୋଇ
ବିଛାଇ ଦେଲ ସୁବାସ,
କୋଟି କୋଟି ଜନତାଙ୍କ ପାଇଁ ତୁମେ
ସାଜିଛ ପ୍ରେରଣା ଉତ୍ସ ।୦୯।

ISSN NO.
2582-208X

ପଦ୍ମ ଭୂଷଣ ଓ ପଦ୍ମ ବିଭୂଷଣ
ସାଥୀରେ ଭାରତ ରତ୍ନ,
ଏକାଧିକ ବିଶ୍ୱବିଦ୍ୟାଳୟୁ ପ୍ରାପ୍ତ
ଡକ୍ଟରେଟ୍ ଉପାଧିମାନ ।୧୦।

ଇନ୍ଦିରା ଗାନ୍ଧି, ବୀର ସଭରକର
ସମ୍ମାନର ଅଧିକାରୀ,
ନିସ୍ୱାର୍ଥ ପର ଦେଶ ସେବା ବ୍ରତେ
ମନ ଜିଣିଲ ସବୁରୀ ।୧୧।

ଦୁଇ ହଜାର ପନ୍ଦର ମସିହା
ଜୁଲାଇ ସତେଇସି ଦିନ,
ଲିଭି ଗଲା ତୁମ ଜୀବନ ସଲିତା
ହୋଇଗଲ ଅର୍ନ୍ତଧ୍ୟାନ ।୧୨।

ଝୁରୁଛି ଭାରତ ଝୁରେ ଏ ବ୍ରହ୍ମାଣ୍ଡ
ଗାଇ ତବ ଗୁନଗାଣ,
ଏ ପୂଣ୍ୟ ତିଥିରେ ଶ୍ରଦ୍ଧା ଭକ୍ତି ପୁଷ୍ପ
ପାଦେ କରୁଛି ଅର୍ପଣ ।୧୩।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ନାଟକ

# ।।ଭଲ ମଣିଷ ଖୋଜିବା ଆସ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

## ।। ୫ ଦୃଶ୍ୟ ।।

(ଥାନା- ଏସ.ପି ବଳୟ ମହାପାତ୍ର ରାଗ ଜର୍ଜରିତ ହୋଇ ଗର୍ଜୁଥାନ୍ତି। ପାଖରେ ଇନ୍ସପେକ୍ଟର ନିହାର, ହେଡ କନେଷ୍ଟବଳ ବେଣ୍ଟ ମହାକୁଡ଼, କନେଷ୍ଟବଳ ନବିନା, ନାରଙ୍ଗୀ ଚୁପଚାପ ମୁହଁ ତଳକୁ କରି ଛିଡା ହୋଇଥାନ୍ତି।)

ବଳୟ- ଛି-ଛି-ଛିଃ ତୁମେମାନେ ଏଡ଼େ ଅଯୋଗ୍ୟ! ଏତେ ଅପାରଗ! ଜଣେ ପୋଲିସ ଇନ୍ସପେକ୍ଟରକୁ ମାରି ଥାନା ଗେଟରେ ଝୁଲେଇ ଦିଆ ହେଉଛି ଅଥଚ ତୁମେସବୁ ଚୁପ ହୋଇ ରହିଛ? କଣପାଇଁ ଏ ଖାକି ଡ୍ରେସ ପିନ୍ଧିଛ? ଦେଶରୁ ଅରାଜକତା ଦୂର କରିବ ବୋଲି କଣପାଇଁ ମିଛ ଶପଥ ନେଇଛ? ଇଏ କଣ ସେଇ ଆଇନର ପରାକ୍ରମ? ଯାହାକି କ୍ରାଇମ ଚେଲେଞ୍ଜ କରି ଆଇନକୁ ଅପାରଗତାର ମୋହର ଲଗେଇବ?

ନିହାର- ସରି ସାର! ପଣ୍ଡା ବାବୁ ଅନ୍ୟ କାହାକୁ ସାଙ୍ଗରେ ନ ନେଇ ଏକା ଏକା କ୍ରାଇମକୁ ହେଣ୍ଡେଲ କରିବାକୁ ଚାଲି ଯାଇଥିଲେ। କିଏ ଜାଣିଥିଲା କ୍ରାଇମ ଯେ ଆଇନକୁ ହତ୍ୟା କରିବ! ସେ ପୁଣି ଜଣେ ଅଭିଜ୍ଞ ଇନ୍ସପେକ୍ଟରଙ୍କୁ!

ବଳୟ- ଷ୍ଟପ ଇଟ-ଷ୍ଟପ ଇଟ ଇନ୍ସପେକ୍ଟର ନିହାର! ସେସବୁ ଅଯଥା କଥା ଶୁଣେଇ ମୋତେ ମର୍ମାହତ କରନାହିଁ ।ଆଇନ ପାଇଁ ଏକାକୀ ବା ସାଥିହୋଇ ଯିବାର କୌଣସି ପ୍ରୟୋଜନ ନଥାଏ। ମୁଖ୍ୟ କଥା ହେଉଛି ଆମରି ଭିତରେ ଆଇନ ଓ କ୍ରାଇମର ଖେଳ

ISSN NO.
2582-208X

ଚାଲିଛି। ଆମରି ଭିତରେ ଗୃହଭେଦୀ ବିଭୀଷଣ ଅଛନ୍ତି। ପ୍ରଥମତଃ ଆମେମାନେ ଦାୟୀ। ଆଜି ଏ ଦେଶରେ ଯେମିତି ଲୁଟ-ମାର, ରେଫ-ମର୍ଡର ଚାଲିଛି ସେପାଇଁ ଆମରିପରି କେତେଜଣ ଖାକି ଡ୍ରେସ ପିନ୍ଧା ପୋଲିସ ହିଁ ଦାୟୀ। ଦେଶ ପାଇଁ, ସମାଜ ପାଇଁ ଜୀବନକୁ ବାଜି ଲଗାଇବାକୁ ଆଇନ ରକ୍ଷକ ମାନେ ତତ୍ପର ହେବା ଉଚିତ। କିନ୍ତୁ ମୁଁ ଦେଖୁଛି ଆଇନ ଭିତରେ ଏବେ ଘୁଣ ଲାଗିଗଲାଣି। ଏମିତି କଳଙ୍କର ଟୀକା ପିନ୍ଧି କେତେଦିନ ଆତ୍ମଗୋପନ କରିହେବ? ଏ ନେତା ଫୋନ କରୁଛି, ସେ ମନ୍ତ୍ରୀ ଫୋନ କରୁଛି, ଜନତା ଫୋନ କରୁଛନ୍ତି, ମେଡିଆବାଲା ଚାରିପଟେ ଘେରି ରହିଛନ୍ତି। କାହାକୁ କି ଉତ୍ତର ଦେବି ମୁଁ ? କାହାକୁ କି ପ୍ରକାର ପ୍ରବୋଧନା ଦେଇ ସେମାନଙ୍କୁ ଶାନ୍ତ କରିବି। ପ୍ରତିବଦଳରେ ମୁଁ ରିଜାଇନ ଦେଇଦେଲେ ସବୁ ଦୃଷ୍ଟିରୁ ଉଚିତ ହେବ।

ନିହାର-ନା ସାର, ଆପଣ ରିଜାଇନ ଦେଇଦେଲେ ମଣିଷ ଆଉ ରାସ୍ତା ଘାଟରେ ଚାଲିବା ଭୁଲିଯିବେ। ବିଚ ବଜାର ଉପରେ ରେଫ ମର୍ଡର ଚାଲିବ। କ୍ରାଇମ କରୁଥିବା ଲୋକମାନେ ଅପରଧ ପରେ ଅପରାଧ କରିଚାଲିବେ। ଆପଣ ତାହା ଦେଖି ଶୁଣି ଚୁପ ରହିପାରବେ ତ?

ବଳୟ- ତାମାନେ ମୁଁ ନେତା, ମନ୍ତ୍ରୀ ଓ ଜନତାଙ୍କ ପ୍ରଶ୍ନ ବାଣରେ କ୍ଷତାକ୍ତ ହୋଇ ମୋ ନିଜତ୍ୱକୁ ହରେଇବି? ସେଭଳି କେରେକ୍ଟରର ଅଧିକାରୀ ମୁଁ ନୁହେଁ ଇନ୍ସପେକ୍ଟର। ପିଲା ଦିନରୁ ମୋ ମା' ବାପା ମୋତେ ସତ୍ୟ-ନ୍ୟାୟ-ଧର୍ମର ପଥ ଦେଖାଇଛନ୍ତି। ସତ୍ୟକୁ ଛାଡି, ନ୍ୟାୟକୁ ଭୁଲି, ବିଧର୍ମୀ ହୋଇ କେମିତି ମୁଁ ନିଜକୁ ସାବଲୀଳ କରି ପାରିବି? ମୋ ଦ୍ୱାରା ତାହା ସମ୍ଭବ ନୁହେଁ ନିହାର। ଅପାରଗତାର ବୋଝକୁ ବୋହି ମୁଁ ଅଣନିଃଶ୍ୱାସୀ ହୋଇଯିବି।

ନିହାର- ଏ ଦୁନିଆରେ ଯିଏ ସତ୍ୟ-ନ୍ୟାୟ-ଧର୍ମ ପଥରେ ଚାଲିବ ତାକୁ ଏ ସମାଜର ଜଞ୍ଜାଳ ସହିବାକୁ ହେବ ସାର। ସମାଜ ବଡ଼ ବିଚିତ୍ର।

ବଳୟ- ସବୁର ଗୋଟେ ସୀମା ଥାଏ। ସୀମା କ୍ରସ କଲେ ବାଟବଣା ହେବାକୁ ପଡେ।

ନିହାର- ବାଟବଣା ହେବାକୁ ପଡିବ ସାର ତା ନହେଲେ ଆମେ କ୍ରାଇମ କରୁଥିବା ସୈତାନ ମାନଙ୍କୁ କେପଚର କରିପାରିବା ନାହିଁ।

ISSN NO.
2582-208X

ଆଜି ଏ ଦେଶରେ ମିନିଷ୍ଟରଠାରୁ ମୋହରିର ଯାଏ ସମସ୍ତେ କଳା ବଜାର, ଦୁର୍ନୀତି ଭଳି କ୍ରାଇମ କରି ଚାଲିଛନ୍ତି। ସେଭଳି ସ୍ଥିତିରେ ଆମ ଭଳି କେତେଜଣ ସତ୍ୟ-ନ୍ୟାୟ-ଧର୍ମକୁ ପାଥେୟ କରିଥିବା ଯୁଧିଷ୍ଠିରମାନଙ୍କୁ ପିଚାରେ କିଏ?

ବଳୟ- ଯୁଗେ ଯୁଗେ ସତ୍ୟ ଚିରନ୍ତନ, ନ୍ୟାୟ ଚିରଞ୍ଜିବୀ, ଧର୍ମ ଆସିମିତ। ଉଦୟ ସୂର୍ଯ୍ୟ ପରି ଲେଲିହାନ, ଜଳନ୍ତା ଅଗ୍ନି ପରି ତେଜ ଦୀପ୍ତ। ସେ ପଥରେ ଚାଲିବା ପାଇଁ ଯଦି ବଳୟ ମହାପାତ୍ରକୁ ଅଗ୍ନି ପରୀକ୍ଷା ଦେବାକୁ ପଡେ ତଥାପି ପଛଘୁଞ୍ଚା ଦେବିନାହିଁ। ମୁଁ ସ୍ୱୟଂ ଇନ୍ସପେକ୍ଟର ଅଖିଳ ପଣ୍ଡାଙ୍କର କେଶ ହେଣ୍ଡେଲ କରିବି। ଦେଖିବି ସାପ ନେଉଳକୁ ଖାଉଛି ନା ନେଉଳ ସାପକୁ ଖାଉଛି?

[ମଞ୍ଚ ଅନ୍ଧାର]

ବାକି ଆର ଥରକୁ........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଗୁରୁ ବନ୍ଦନା



ରାଜକିଶୋର ସ୍ୱାଇଁ

ଗୁରୁ ପୂଜା କରି ଲଭିବା ପାଇଁ ତାଙ୍କ ଆଶିଷ
ପ୍ରଚଳିତ ଆମ ଦେଶରେ ପର୍ବ ଗୁରୁ ଦିବସ,
ଜାତ ପାଇଁ ମନେ ଗୁରୁଙ୍କ ପ୍ରତି ଭକ୍ତି ଭାବନା
ଦେବାପାଇଁ ତାଙ୍କୁ ସମ୍ମାନ ହୁଏ ଗୁରୁ ବନ୍ଦନା ।୧।

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଯେ ଗୁରୁ ଦେବ ମହେଶ
ସଫଳତା ପାଇଁ ଜୀବନେ ଲୋଡା ତାଙ୍କ ଆଶିଷ
ଦେବ ବାଣୀ ପରା ଗୁରୁଙ୍କ ମୁଖ ନିଃସୃତ କଥା
ମାନି ଉପଦେଶ ଚଳିବା ସେ ପରା ବିଦ୍ୟାଦାତା ।୨।

ସବୁ ଶିକ୍ଷା ଅନୁଷ୍ଠାନର ଗୁରୁ ଅଟନ୍ତି ପ୍ରାଣ
ଛାତ୍ରଛାତ୍ରୀମାନେ ପରା ସେ ହୃଦୟର ସ୍ପନ୍ଦନ,
ଅଜ୍ଞାନ ଅନ୍ଧାରେ ଜ୍ଞାନର ଗୁରୁ ଆଲୋକଧାରା
ଦିନରେ ସୂରଜ ରାତିରେ ତାଙ୍କ ପାଇଁ ସେ ତାରା ।୩।

କାଦୁଅ ମେଞ୍ଚାକୁ କରନ୍ତି ସେ ସୁନ୍ଦର ମୂରତି
ପ୍ରାଣ ପ୍ରତିଷ୍ଠାତା ଛାତ୍ରର ତା ପାଇଁକା ନିୟତି
ବିଦ୍ୟାର୍ଥୀଙ୍କ ମନେ ଜଳାନ୍ତି ସେ ଆଶାର ଆଲୋକ
ପାଖେ ପାଖେ ରହି ସାଜନ୍ତି ତାଙ୍କ ମାର୍ଗଦର୍ଶକ ।୪।

ISSN NO.
2582-208X

ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଥିଲେ ଜଣେ ଶିକ୍ଷକ
ହୋଇଥିଲେ ଗୁରୁ ଆଶିଷ ଲଭି ଏ ଦେଶ ମୁଖ୍ୟ,
ଜଣାଇବା ପାଇଁ ଗୁରୁଙ୍କୁ ଶ୍ରଧା ଭକ୍ତି ସମ୍ମାନ
ଗୁରୁ ପୂଜା ପାଇଁ ଅର୍ପିଲେ ନିଜ ଜନମ ଦିନ ।୫।

ସେପ୍ଟେମ୍ବର ପାଞ୍ଚ ତାରିଖ ଦିନ ସବୁ ବରଷ
ଛାତ୍ରଛାତ୍ରୀମାନେ ପାଳନ୍ତି ଏ ପବିତ୍ର ଦିବସ,
ଏସବୁ କଥାକୁ ହେଜନ୍ତୁ ଆଜି ସବୁ ଶିକ୍ଷକ
ନ ଲଗାନ୍ତୁ ଗୁରୁ ନାମରେ ଅପବାଦ କଳଙ୍କ ।୬।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ରଙ୍ଗ ଝିଲି ମିଲି




ଅଳକା ବାରିକ୍

ରଙ୍ଗ ଝିଲିମିଲି ଫୁଲ ଖେଳେ ଦୋଳି
ଆକର୍ଷିନ ଜନ ମନ ।
ମହକ ତାହାର ଆହାକି ମଧୁର
ଅଳୀ କରେ ଗୁଞ୍ଜରଣ ।
ପୁଷ୍ପ ମଧୁ ପିଇ ଉନ୍ମତ୍ତ ସାଜଇ
ଅଲୀ ପ୍ରଜାପତି କୂଳ ।
ମଧୁ ମକ୍ଷିକା ର ମଧୁର ଗୁଞ୍ଜନ
କରେ ପ୍ରସୁନ ଆକୁଳ ।
ସ୍ୱର୍ଗୀୟ ମଧୁର ସମ୍ପର୍କ ବେନିଙ୍କ
ଅଟଇ ବଡ଼ ନିବିଡ଼ ।
ଅଳି ପାଶେ କଳି କଳି ପାଶେ ଅଳି
ନାହିଁ ତାଙ୍କ ସାନ ବଡ଼ ।

ମହୁ, ଆଉଳ,
କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ଶଶାଙ୍କ ଶେଖର



ସତ୍ୟନାରାୟଣ ପ୍ରସାଦ ନାୟକ

ଶଶାଙ୍କ ଶେଖର ଆହେ ମହାଦେବ
ତୁମେ ଜଗତ ଈଶ୍ୱର,
ତ୍ରିଭୁବନ ସ୍ୱାମୀ ପ୍ରଭୁ ଅନ୍ତର୍ଯ୍ୟାମୀ
ଘେନ ପ୍ରଣତି ଆମ୍ଭର ।
ଶୁଭ ସୋମବାର ଶୁଭ ସକାଳରେ
ନଇଁ ଯାଏ ଆପେ ମଥା,
ମାତା ପାର୍ବତୀ ଓ ତୁମେ ବିଶ୍ୱନାଥ
ଦୂର କର ସବୁ ବ୍ୟଥା ।
ତୁମରି ଦୟାରେ ଆଜିର ଦିନଟି
ହେବ କି ମଙ୍ଗଳମୟ,
ତୁମକୁ ସୁମରି ଜୀବ ଯିବ ତରି
କୃପା କଲେ ଦୟାମୟ ।
ବେଲପତରରେ ତୁମରକି ମୋହ
ନିତି ତୁମେ ଲାଗି ହୁଅ,
କିଆ କେତକୀ ଓ ଅରଖ ଦୁଦୁରା
ଫୁଲରେ ବି ପୂଜା ପାଅ ।

ଚମ୍ପା ନାଗେଶ୍ୱର ପଦୁଅଁ ଫୁଲରେ
ଦିଶ କେଡେ ମନୋହର,
ପ୍ରକୃତି ସତେକି ଦେଉଅଛି ଭେଟି
ନିତି କେତେ ଉପହାର !
ସମଗ୍ର ବିଶ୍ୱର ତୁମେ ଅଧୀଶ୍ୱର
ଆହେ ଜଗତ ଠାକୁର,
ତୁମ ମହିମାର ନାହିଁ ପଟାନ୍ତର
ନମଇଁ ମୁଁ ବାରମ୍ବାର ।

ଓଁ ନମଃ ଶିବାୟ

ରଥ ରୋଡ, ଭୁବନେଶ୍ୱର -2
Mob-9437764014

ISSN NO.
2582-208X

# ମଧୁ ମାଳତୀ



ଡାଃ. ଅନତା ପଣ୍ଡା

## କୈଶୋର ଉମଙ୍ଗ

(୫)

କୋଉ ମାନସିକ ସ୍ତର ଭିତରେ ତିନି ମାସ ବିତିଲା ତା' ଏକା ମଧୁସୂଦନକୁ ଜଣା । ମାଳତୀର 'ମତଲୀ' ବନ୍ଦ ହୋଇ ଯାଇଛି । ମଧୁସୂଦନ ଟିକିଏ ଶାନ୍ତିରେ ନିଃଶ୍ବାସ ନବା କଥା । ହେଲେ ନେଞ୍ଜା ଆସି ଆଉ ଗୋଟେ ଚିନ୍ତା ଭୂସି ଦେଇଗଲା । ମାଳତୀ ପେଟରେ ହେଇଚି ଦାଦା ବାବୁ । ପେଟୁଟା ବାହାରକୁ ଦେଖାଗଲାଣି ।

ଠିକ୍ ଅଛି । ଏକା ସଂଗେ ଆମ ଘରକୁ ଦୁଇଟି ନୂଆ ମେହମାନ ଆସିବେ । ତୁ ଏବେ କାମ କର । ମୋର କଲେଜ ଯିବା ବେଳ ହେଲାଣି ।

ନେଞ୍ଜା, ମାଳତୀ ଆନନ୍ଦରେ ଗଦ୍‌ଗଦ ହୋଇ ହାଣ୍ଡିଶାଳ ଘର ପାଖେ କ'ଣ କରୁଥିଲେ । ମଧୂସୁଦନର ମୁଣ୍ଡ ଚକର ଖାଉଥିଲା । ମାଳତୀର "ମତଲୀ' ଠିକ୍ ହେଇଗଲା ପରେ ତାକୁ ଗାଁକୁ କେଇଦିନ ଲାଗି ନେଇ ଯିବାକୁ ସ୍ଥିର କରିଥିଲା । ନେଞ୍ଜା କହୁଛି ତା' ପେଟ ବାହାରିଲାଣି । ମା'କୁ ତ ନିଶ୍ଚେ ଜଣାପଡ଼ିବ । ହେ ଭଗବାନ । ମୁଁ କି ପାପ କଲି । ମତେ ଏ ସଂକଟରୁ ଉଦ୍ଧାର କର ।

ଚିନ୍ତା ସାଗର ଭିତରେ ଆଉଟୁ ପାଉଟୁ ହୋଇ କଲେଜ ବାହାରି ଗଲା ମଧୁସୂଦନ । କ୍ଲାସରେ କ'ଣ ଲେକ୍‌ଚର ଚାଲିଥିଲା ତା ମୁଣ୍ଡରେ ପଶି ନଥିଲା । ବାପା କହୁଥିଲେ, "ତୋ

ISSN NO.
2582-208X

ଜଜମ ଆଉ ମା' ତୁମମାନଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇ ପଡ଼ିଲେଣି । ଦିନକ ପାଇଁ ହେଲେ ଦୁହେଁ ଆସିଯାଅ । ମୁଁ ଗାଡ଼ି ପଠାଉଛି । ବୋଝ ଉପରେ ନଳିତା ବିଡ଼ା । ବାପା ଗାଡ଼ି ପଠାଉଛନ୍ତି, ଅର୍ଥାତ୍ ଆଉ କିଛି ବାହାନା କରି ହେବନି । ପିଲା ଦିନେ ଜଜମଙ୍କ କୋଳରେ ବସି ଶୁଣି ଥିବା କଥା ଗୁଡ଼ିକ ସେତେବେଳେ ମନଗଢ଼ା କାହାଣୀ ଲାଗୁଥିଲା । ମାତ୍ର ସବୁଗୁଡ଼ିକ ଅକ୍ଷରେ ଅକ୍ଷରେ ସତ । ଗୋଟିଏ ମିଛ କହିଲେ ତାକୁ ସୁଧାରିବା ପାଇଁ ଶହେଟି ମିଛର ଆଶ୍ରୟ ନିଆଯାଇଥାଏ । ଠିକ୍ ସେମିତି, ଗୋଟିଏ ପାପର ସୁଧାର ମୃତ୍ୟୁ ଯାବତ ହୋଇପାରିନଥାଏ । ସତକଥା ଜଜମ । ଅନୁଭୂତି ମଣିଷକୁ ବହୁ କିଛି ଶିକ୍ଷା ଦେଇଥାଏ । କୈଶୋରର କ୍ଷଣିକ ଉତ୍ତେଜନା ଜନିତ ଭୁଲ୍ ପାଇଁ ମନେ ହେଉଛି ସାରା ଜୀବନ ଦଗ୍‌ଧ ହେବି । କେବଳ ସେତିକି ନୁହେଁ, ତା ପାଇଁ ନୂଆ ନୂଆ ମିଛର ସାହାରା ନେବାକୁ ପଡୁଛି । ବର୍ତ୍ତମାନ ପାଇଁ ଅନ୍ୟ ଏକ ମନଗଢ଼ା ମିଛ ।

ଟେବୁଲ ଡ୍ରୟରୁ କାଗଜ କଲମ ବାହାର କରି ଏକ ଲମ୍ବା ଚିଠି ଲେଖି ବସିଲା ମଧୁସୂଦନ । କଲେଜରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଉଛି । ଯାହାର ସ୍ୱୟଂସେବକ (ଭଲେଣ୍ଟିଅର) ବଛା ଯାଉଥିଲା । ମୁଁ ସେଥିରେ ନାମ ଦେଇଥିଲି । ବିବେଚିତ ହୋଇଛି । ପ୍ରତ୍ୟେକ ଶନିବାର, ରବିବାର ମତେ ସେଥିପାଇଁ ମିଳିତ ଭାବେ କାମ କରିବାକୁ ହେବ । ତେଣୁ ଶନି, ରବିବାର ଯିବା ସମ୍ଭବ ହେବନି । ବରଂ ମଝିରେ ସମୟ ବାହାର କରି ମୁଁ ମା' ଆଉ ଜଜମ୍‌ଙ୍କୁ ଦେଖା କରି ଅସୁବିଧାଟା ବୁଝାଇ ଦେଇ ଆସିବି ।

ଘର ଭିତରେ ପଶୁ ନ ପଶୁଣୁ ଦଉଡ଼ି ଆସିଲା ନେଞ୍ଜା । ଜଲ୍‌ଦି କରି ବୋହୁ ମା'କୁ ଡାକ ତରଖାନା ନେଇ ଯା ଦାଦା ବାବୁ ।

କ'ଣ ହେଲା ? ଏତେ ବ୍ୟସ୍ତ କାହିଁକି ।?? ମାଲୁ କାହିଁ ??? ନେଞ୍ଜା ପାଇଁ ଏତିକି କହିଦେଇ ତରତର ହୋଇ ଶୋଇବା ଘର ଭିତରକୁ ପଶିଗଲା ମଧୁ । ଗର୍ଭ ଚାରି ମାସରୁ ଊର୍ଦ୍ଧ୍ୱ ହୋଇ ଗଲାଣି । ମାଲୁର ମତଲୀ ବନ୍ଦ ହୋଇ ଯାଇଛି ବୋଲି ଟିକିଏ ତାକୁ ଆଶ୍ୱସ୍ତି ଲାଗୁଥିଲା । ପୁଣି ଇଏ କ'ଣ ହେଲା । ସକାଳେ ଲାଗି ଲାଗି ତିନି ଥର ବାନ୍ତି ହୋଇଯାଇଥିଲା । ମଧୁସୂଦନକୁ ବ୍ୟସ୍ତ ନ କରିବା ପାଇଁ ସେ କଥାଟା ଲୁଚାଇ ରଖିଥିଲା । ମାତ୍ର ମଧୁ ଯିବା ପରେ ପରେ ହାଲିଆ ହେଇ ବିଛଣା ଧରିଛି । ନଅ ଘଣ୍ଟା ହବ । ଖାଇବା

ISSN NO.
2582-208X

ତ ଦୂର କଥା, ମୁହଁରେ ପାଣି ଟିକିଏ ଦେଇନି । ଚମ ଗୁଡ଼ା କେମିତି ଧୁଡୁ ଧୁଡୁ ଦେଖାଯାଉଛି । ଆଖି ଦୁଇଟି କୋଟରାଗତ, ଓଠ, ଜିଭ ଶୁଖି କେମିତି ଗୋଟାଏ ଅବାଗିଆ ଦେଖା ଯାଉଛି ।

ମାଳତୀଙ୍କୁ ନେଇ ଡାକ୍ତରଖାନା ଯାଇଥିଲା ମଧୁସୂଦନ । ଦେଖୁ ଦେଖୁ କିଛି ପଚରାଉଚରା ନ କରି ମାଳତୀ ହାତରେ ଗୋଟିଏ ସାଲାଇନ୍ ଡ୍ରିପ୍ ଲଗାଇ ଦେବାପାଇଁ ନର୍ସକୁ କଡ଼ା ଆଦେଶ ଦେଇ ରୋଗୀକୁ ପଚରା ଉଚରା ଆରମ୍ଭ କରି ଦେଲେ ଡାକ୍ତର ବାବୁ । ଭୟରେ ଆତଙ୍କିତ ହୋଇ ଛିଡ଼ା ହୋଇ ରହିଥିଲା ମଧୁସୂଦନ । ଏସବୁ କ'ଣ ହୋଇଗଲା ତା'ର ପ୍ରାଣର ମାଳତୀକୁ! ସେ ତା'ର କିଛି ଅବହେଳା କରିନି ତ! ଏଇଥିପାଇଁ କହନ୍ତି ପ୍ରଥମ ଗର୍ଭ ସମୟରେ ମା' କିମ୍ବା ଶାଶୁଙ୍କର ଉପସ୍ଥିତି ବହୁ ଜରୁରୀ । କ୍ଷଣିକ ଉତ୍ତେଜନାରେ କେଡ଼େ ବଡ଼ ଭୁଲଟାଏ ସେ କରି ବସିଛି । ଇଚ୍ଛା ହେଲା ମାଳତୀକୁ ନେଇ ମା', ବାପା, ଜଜମ୍‌ଙ୍କ ନିକଟରେ ଛାଡ଼ି ଦେଇ ନିଜର ଭୁଲ୍ ସ୍ୱୀକାର କରିନେବ । ପୁଣି ପ୍ରକୃତିସ୍ଥ ହେଲା। ଏହା ଦ୍ୱାରା ହୁଏତ ସେମାନେ ପୁଅର ଦୋଷକୁ କ୍ଷମା କରିଦେଇ ପାରନ୍ତି । ବାହାଶାହା ହୋଇଥିବା ଝିଅଟି କେମିତି ଏକ ଅଜଣା ଅଶୁଣା ପୁରୁଷ ନିକଟରେ ନିଜକୁ ଉତ୍ସର୍ଗ କରିଦେଲା? ହୁଏତ ଏହା କେବଳ ପରିବାର ନୁହେଁ, ସାଇ ପଡ଼ିଶା ମାନଙ୍କ ପାଇଁ ଏକ ଅଶୋଭନୀୟ ବିଷୟର ରୂପ ନେବ । ପତ୍ନୀର ଦୋଷ ଉପରେ ଚାଦର ଢ଼ାଙ୍କିବା ପାଇଁ ହୁଏତ ପୁଅ ନିଜକୁ ଦୋଷୀ ସାବ୍ୟସ୍ତ କରୁଛି ।

ମଧୁସୂଦନକୁ ଅସ୍ତବ୍ୟସ୍ତ ଦେଖି ଡାକ୍ତର କହିବା ଆରମ୍ଭ କଲେ, ଥୟ ଧର ବାବୁ, କୌଣସି ଅସୁବିଧା ନାହିଁ, ଗର୍ଭ ସମୟରେ ଏହା ଏକ ସାଧାରଣ କଥା । ଏସବୁ ଗର୍ଭସ୍ଥ ଶିଶୁ ଉପରେ କୌଣସି କୁପ୍ରଭାବ ପକାଇ ନଥାଏ । ସାଧାରଣତଃ ଏହା ଦ୍ୱାଦଶ ସପ୍ତାହ ଗର୍ଭ ବାଦ ସମାପ୍ତ ହୋଇଯାଇଥିଲେ ମଧ୍ୟ ଅନେକ ସମୟରେ ୨୦ ସପ୍ତାହ ପର୍ଯ୍ୟନ୍ତ ଜାରି ରଖିଥାଏ । କେତେକ କ୍ଷେତ୍ରରେ ତ ଏହା ସମ୍ପୂର୍ଣ୍ଣ ଗର୍ଭାବସ୍ଥାରେ ରହିଥାଏ ।

ସବୁ ତ ଠିକ୍ ଆଜ୍ଞା, ହେଲେ ଏ ସାଲାଇନ୍ ଡ୍ରିପ୍ ?

ISSN NO.
2582-208X

ଖୁବ୍ ସାଧାରଣ । ମନେ ହୁଏ ରୋଗୀ ଜଣକ ଅନ୍ୟ କୌଣସି ଗର୍ଭବତୀଙ୍କ ସହ ଆଲୋଚନା କରିଛନ୍ତି । ଯାହା ନିକଟରେ ମତଲୀର ଚିହ୍ନ ବର୍ଣ୍ଣ ନାହିଁ । ନିଜର ଏତାଦୃଶ ଅବସ୍ଥା ପରିଦର୍ଶନ ତାଙ୍କର ମାନସିକ ସ୍ତରରେ ଆଘାତ ପହଞ୍ଚାଇଛି । ତେଣୁ ସେ ନିଜର ଖାଇବା ପିଇବା ତ୍ୟାଗ କରି ଦେଇଛନ୍ତି । ଯାହା ଦ୍ୱାରା ଦେଖାଦେଇଛି ଶରୀରରେ ଜଳଶୂନ୍ୟତା । ଅଳ୍ପକେ ସବୁ ଠିକ୍ ହେଇଯିବ । ବ୍ୟସ୍ତ ହେବାର କିଛି ନାହିଁ ।

ସେଦିନ ଡାକ୍ତର ଖାନାରୁ ଫେରିବା ପରେ ନେଞ୍ଜାକୁ ମାଳତୀ ଉପରେ ଟିକିଏ ଭଲ ଭାବରେ ନିଘା ରଖିବା ପାଇଁ କହିଥିଲା ମଧୁସୂଦନ । ଏ ଅସୁବିଧା ସମୟରେ ସେଇ ନେଞ୍ଜା ଏକ ମାତ୍ର ସାହା । ଦେଖିବାକୁ ଗଲେ ନେଞ୍ଜା ମଧ୍ୟ ଗର୍ଭବତୀ । ମାଳତୀ ପୂର୍ବରୁ ତା'ର ପିଲା ହେବ । ସେଇ ସମୟଟା କ'ଣ କରାଯାଇପାରେ ! ଦେଖାଯାଉ, ସେଇ ଭଗବାନ ହିଁ ସବୁ ଠିକ୍ କରେଇବେ । ମାତୃତ୍ୱ ଏକ ଅଲଗା ଅନୁଭବ । ଦୁନିଆ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ ମଧ୍ୟ ମାଳତୀ ମନର ଶିହରଣ ଦିନ ରାତି ସେଇ କଥା ଭାବନାରେ ଯେମିତି ମଜ୍ଜି ଯାଇଥିଲା । ବୋଉ, ମା'ଙ୍କ ଭଳି ସେ ମଧ୍ୟ ନିଜେ ନିଜ ଭିତରୁ ଆଉ ଗୋଟିଏ ଶରୀରକୁ ଜୀବନ ଦେବାକୁ ଯାଉଛି । ସତରେ କ'ଣ ଏତେ ବଡ଼ କଥାଟିକୁ ସେ ନେଇ ଆଣି ଥୋଇ ପାରିବ ! କିଛି ଅଘଟଣା ହେବ ନାହିଁ ତ! ଚିନ୍ତାରେ ଜଡ଼ୀଭୂତ ହୋଇ ପଡ଼େ ମାଳତୀ । ନେଞ୍ଜା ତା'କୁ ବୁଝାଇଥାଏ, ତୁମେ ମିଛରେ ଚିନ୍ତା କରୁଛ ବୋହୁ ମା', ଏଇ ସମୟରେ ତୁମେ ଯେତେ ଖୁସି ରହିବ, ତୁମ ଛୁଆ ସିମିତି ଖୁସି ବାସିଆ ହବ । କ୍ଷଣକ ପାଇଁ ବୁଝିଯାଏ ମାଳତୀ, ପୁଣି ଘଡ଼ିକେ ଯୋଉ କଥାକୁ ସେଇ କଥା । ମଧୁସୂଦନ ପାଖରେ ବେଳେବେଳେ ଆନନ୍ଦରେ ନିଜକୁ ଓଜାଡ଼ି ଦିଏ । ମଧୁର ତା ପ୍ରତି ପ୍ରଶ୍ନ ଥାଏ "କହିଲୁ ଝିଅ ହେବ ନା ପୁଅ" ?

ଝଟ୍ କରି କହି ପକାଏ ପୁଅ ।

କାହିଁକି, ଝିଅ ହେଲେ କ'ଣ ଖରାପ ।

ନାଁ, ପୁଅ ହେଲେ ତମ ଆପଣଙ୍କ ଉପରେ ଯିବ କେତେ ଜ୍ଞାନୀ । ଝିଅ ହେଲେ ମୋରି ଭଳିଆ ବୋକୀଟେ, ମାନ୍ଧାତା ଅମଳର ଭାବନା, ଚାଲି ଚଳଣ ।

ISSN NO.
2582-208X

ନାଁ ମାଲୁ, ତତେ କିଛି ଜଣାନାହିଁ । ଆଜିକାଲି ସମୟ ବଦଳୁଛି, ଆଗକୁ ଆଗକୁ ଆହୁରି ବଦଳିବ । ତୋର ତ ସ୍ୱାଧୀନ ଭାରତରେ ଜନ୍ମ । ମୁଁ ଦେଖିଛି ପରାଧୀନ ଦେଶ । ସେ ସମୟରେ ମଧ୍ୟ କେତେ କେତେ ବିଚକ୍ଷଣା ବାପୁଜୀଙ୍କ ସଂଗେ ମିଶି ସ୍ୱରାଜ୍ୟ ପାଇଁ ଲଢ଼େଇ କରୁଥିଲେ । ସମାଜରେ ଧୀରେ ଧୀରେ ନାରୀର ସମ୍ମାନ ବଢୁଛି । ତେଣୁ କୁହାଯାଏ 'ନାରୀ ଏକ - ରୂପ ଅନେକ' । ଜାଣିଛୁ, ସ୍ୱାଧୀନତା ସଂଗ୍ରାମକୁ ଆଖି ଆଗରେ ରଖି କେତେଜଣ ମହିଳା ନିଜ ନିଜ ଘର ପରିବାରର ସୁଖକୁ ତ୍ୟାଗ କରି ଦେଇଥିଲେ । ଯେମିତିକି ବିଜୟଲକ୍ଷ୍ମୀ ପଣ୍ଡିତ, ସୁଚେତା କୃପଲାନୀ, ସାବିତ୍ରୀ ବାଇ ଫୁଲେ, ରାଣୀ ଲକ୍ଷ୍ମୀବାଇ, ସରୋଜିନୀ ନାଇଡୁ ପ୍ରଭୃତି । ଆହୁରି ଗୋଟିଏ କଥା, ଏଇ ସରୋଜିନୀ ନାଇଡୁଙ୍କୁ ଦେଶର ବୁଲବୁଲ୍ ବୋଲି ମଧ୍ୟ କୁହାଯାଇଥାଏ ।

ମତେ ଏତେ କଥା ବୁଝି ଆଉନି । ତମେ ଆପଣେ କୋହୁଛ ଯଦି ଝିଅଟିଏ ହେଲେ ଆମେ ତା'ର ନାମ ବିଜୟ ଲକ୍ଷ୍ମୀ ରଖିବା । ସମୁଡୁଙ୍କୁ ଜିଣିବ, ପୁଣି ଘରର ଲକ୍ଷ୍ମୀ ହେଇ ରଇବ । ସିଏ ଆଉ ଘରେ ରହିବ କୋଉଠି । ବୁଲବୁଲଟିଏ ହେଇ ଆଉ କୋଉଠିକୁ ବସା ବାନ୍ଧିବାକୁ ଚାଲିଯିବ । ତୁ ତୋ ବାପା ବୋଉଙ୍କ ପାଖରେ ରହିଲୁ! ପର ଲାଗିଗଲା ତ ମୋ ପାଖକୁ ଉଡ଼ି ଆସିଲୁ । ତେଣୁ ମୁଁ ଚାହେଁ ପୁଅ ।

ହଉ, ତମେ ଆପଣେ କୋଉଚ ଯଦି ପୁଅ ହବ । ଆଉରି ଅଧିକ ଠାକୁର ପୂଜା କରିବି । ପୁଅ ଆସିବ ବୋଲି ତୋ ନିଜ ଦେବତାକୁ ଛାଡ଼ି ଠାକୁର ପୂଜା କରିବାକୁ ବାହାରି ପଡ଼ିଲୁ ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ବର୍ଷା ଏବେ
# ଛାତରେ....ଛାତିରେ



ମାନସ ରଞ୍ଜନ ନାୟକ

ଜ୍ୟେଷ୍ଠର ନିରୁତା ନିଦାଘକୁ ଏବେ ମିଳିଲା ପ୍ରତୀକ୍ଷିତ ଶୀତଳତାର ଆଶ୍ଲେଷ
ସନ୍ତାପିତ ତୃଣଟି ଭିଜୁଛି ମୌସୁମୀର ଛିଟାରେ, ଗଜୁରୁଛି ସବୁଜ ବିଶ୍ୱାସ
ଛାତ ଉପରେ ଘରଚଟିଆ ଚଞ୍ଚୁଟେକି ଅନୁଭବୁଛି ଆଶୀର୍ବାଦ ବାରିଧାରା
ଝରକା ସେପାଖର ଆଚ୍ଛନ୍ନ ଆକାଶେ ଏବେ ଆଷାଢ଼ର ନିରାସକ୍ତ ପ୍ରୀତିଧାରା ।

ଜୀବନ ଯୋଗରେ ତିଳତିଳ ହୋଇ ସାଧିଲୁ ତୁ କେତେ ତ୍ୟାଗ ତିତୀକ୍ଷାର ତପସ୍ୟା
ସମ୍ପର୍କ ହୋମାଗ୍ନିରେ ଆହୂତି ଦେଲୁ ନିଜସ୍ୱ ସୁଖ ସ୍ୱାଛନ୍ଦର ଅଳିକ ଭରସା
କାଳବୈଶାଖୀକୁ ସ୍ମୃତିକରି ବସୁଧା ଏବେ ସାଉଁଟୁଛି ଶ୍ରାବଣର ଆର୍ଦ୍ର ଶିହରଣ
ବିଶ୍ୱାସର ବୀଜ ବୁଣି ଛିଞ୍ଚିଦେ ବର୍ଷାର ଆଞ୍ଜୁଳେ ଜୀବନ୍ୟାସ, ଜିଉଁ ସମର୍ପଣ ।

ପ୍ରୀତି ବିରହ ପ୍ରେମ ପ୍ରତାରଣାର ଜଟିଳ ଅଙ୍କକଷାରେ ବିତସ୍ପୃହ ଜୀବନ
ମଣିଛୁ ନିଷ୍ଫଳ ତୋର ବିଭୂଦତ୍ତ ଧର୍ମ କର୍ମର ସାଂସାରିକ ବାଇଶି ସୋପାନ
ପରମାତ୍ମାଙ୍କ ପରମାଣୁରେ ହିଁ ନିର୍ଲିପ୍ତ ଶତକୋଟି ସମ୍ଭାବନାର ବିସ୍ଫୋରଣ
ଚାତକର ପ୍ରଚ୍ଛନ୍ନ ବିଶ୍ୱାସନେଇ ଅବିରତ ଦୋହରାଉଥା କର୍ମମନ୍ତ୍ର ଉଚ୍ଚାରଣ ।

ମାଟି ଏବେ ଓଦା ସରସର, ଭୋଗୁଛି ପୁଲକ ସଦ୍ୟ ପରିତୃପ୍ତିର ଅଙ୍କୁରଣ
ଛତା ଫିଙ୍ଗି ଛାତିଖୋଲି ଭିଜିଯା ଛାତରେ ଆଜି, ଧୋଇଯାଉ ମୋହର ଆସ୍ତରଣ ।

ମଞ୍ଜୁରୀ ରୋଡ୍, ଭଦ୍ରକ
ଦୂରଭାଷ - ୯୮୯୦୮୫୧୪୨୭

ISSN NO.
2582-208X

# ତୁମକୁ ଭିଜେଇଦେବି



ଦିବାକର ନାୟକ

ତୁମେ ଛାତ ପରେ ଥିବ
ମୋ' କଥା ବି ଭାବୁଥିବ
ଆକାଶରୁ ଆସି ବରଷି ଯିବି
କୁଆଁରୀ କାଉଁରୀ ଦେହ
ବାସୁଥିବ ମହମହ
ତାଳୁରୁ ତଳିପା ଭିଜେଇ ଦେବି (୦)

ପଢୁଥିବ ବସି ପ୍ରଣୟ ବଲ୍ଲରୀ
କାହାଣୀରେ ନିଜେ ମଜି
ଲାବଣ୍ୟବତୀର କମନୀୟ ରୂପେ
ନାୟିକାଟେ ଥିବ ସାଜି

କରିଦେବି ଆନମନା
କରି ପାରିବନି ମନା
ପ୍ରୀତି ମହ୍ଲାରରେ ମଜେଇ ଦେବି..
ତୁମେ ଛାତ ପରେ ଥିବ
ମୋ' କଥା ବି ଭାବୁଥିବ
ଆକାଶରୁ ଆସି ବରଷି ଯିବି (୧)

ISSN NO.
2582-208X

ତୁମକୁ ଷୋଡ଼ଶୀ ଦେଖିଲେ ପୁଲକେ
ନ ଝରିବ କୋଉ ମେଘ
ନାହିଁ ନାହିଁ ସିନା କରୁଥିବ ହେଲେ
ବଢୁଥିବ ଅନୁରାଗ

ଚପଳା ଝଲସୁଥିବ
ଅସନୀ ଗରଜୁଥିବ
ଡରିଗଲେ ତୁମେ କୋଳେଇ ନେବି..
ତୁମେ ଛାତ ପରେ ଥିବ
ମୋ' କଥା ବି ଭାବୁଥିବ
ଆକାଶରୁ ଆସି ବରଷି ଯିବି (୨)

ଆକାଶବାଣୀ ଗୀତିକାର
ପାଟପୁର, କଳସି-୭୬୧୦୦୮
ମୋ-୯୯୩୮୭୧୯୯୮୧

ISSN NO.
2582-208X

# ରଥେତୁ
# ବାମନମ୍ ଦୃଷ୍ଟ୍ୱା



ଦଣ୍ଡାସି ପ୍ରଧାନ

ଜଗନ୍ନାଥ ପ୍ରଭୁସଙ୍ଗେ ବଳରାମ
ଭଉଣୀ ସୁଭଦ୍ରା ରଥରେ
ଜନମ ଭୂମିକୁ ଗମନ୍ତି ଆଷାଢେ
ଶୁକଳ ଦ୍ୱିତୀୟା ତିଥିରେ ।
ଭଭା ଅମାଦିନନବ ଯଉବନେ
ନେତ୍ର ଉତ୍ସବ  ସୁନ୍ଦର
ମହାଲକ୍ଷ୍ମୀ ଛାଡି ବଡ ଦେଉଳରେ
ଚଳିବେ ଗୁଣ୍ଡିଚା ମନ୍ଦିର  ।
ଆଗେ ବଳଭଦ୍ର ତାଳଧ୍ୱଜ ରଥେ
ସୁଭଦ୍ରା ଦେବଦଳନେ
ଶେଷେ ଜଗନ୍ନାଥ ନନ୍ଦିଘୋଷେ ବିଜେ
ପହଣ୍ଡିବିଚିତ୍ର  ବିଧାନେ  ।
ଶଙ୍ଖ ମହୁରୀକୁ ଘଣ୍ଟ ତାଳ ଧ୍ୱନି
ହରିବୋଲ କିରିତ୍ତନ
ନାଟ ଖଟଣୀରେ  କମ୍ପେ ବଡଦାଣ୍ଡ
କମ୍ପଇ ଚଉଦ ଭୁବନ  ।
ପାଲିଙ୍କି ସଞ୍ଜାରେ ଗଜପତି ବିଜେ
ସେବାର ଛେରାପହଁରା

ପତୀତ ପାବନ ରଙ୍ଗ ଅଧରରେ
ଶୋଭାର ଭଣ୍ଡାରେ ଭରା  ।

ISSN NO.
2582-208X

ବଡଦାଣ୍ଡେ ଜନ - ସମୁଦ୍ର ସରଜି
ନଉକା ନାଉରୀ ସାଜି
ବରଷକୁ ଥରେ ବିଜେ କରିଥାନ୍ତି
ତାରିବିକୁ ଭକ୍ତରାଜି ।
ରଥରେ ବାମନ  କରିଲେ ଦର୍ଶନ
ପୁନର୍ବାର ଜନ୍ମ ନାହିଁ
ମୋକପାଳେ କେବେ ଲାଗବ ତା'ଡୋର
କ୍ରିୟା ଯୋଗେ ଅଛି ଚାହିଁ ।
ଏ ଶରୀର ରଥେ ବିଜେ ଜଗନ୍ନାଥ
ବେଦାନ୍ତ ଦର୍ଶନ ଜ୍ଞାନ
ଜୀବ ପରମାତ୍ମା ସମ୍ମିଳନ ସୁଖ
ସଂସାର ମାୟା ବନ୍ଧନ ।
ହଟିବାର ସୂତ୍ର ଯୋଗ ପ୍ରାଣାୟମ
ଗୁରୁସେବା ପ୍ରଣିଧାନ,
ମଳ ଆବରଣ ବିକ୍ଷେପିତ ମନ
ସାକ୍ଷାତକାର ବିଧାନ ।
ଶରୀର ନୁହଁଇ ତୁମେ ହୋ ଭକତ!
ମନ, ଅହଙ୍କାର, ସୋତ୍ର-
ନୁହେଁ ପଞ୍ଚବାୟୁ ନବା ସପ୍ତଧାତୁ
ପଞ୍ଚକୋଷ, ଘ୍ରାଣନେତ୍ର ।।
ନୁହେଁ ପିତାମାତା – ଗୁରୁ ଅବା ଶିଷ୍ୟ
ପାପ, ପୁଣ୍ୟ, ନୁହେଁ ତୀର୍ଥ-
ନବାସୁଖ, ଦୁଃଖ-ମୃତ୍ୟୁ ଶଙ୍କା ମୋକ୍ଷ ;
କିନ୍ତୁ ନିରାକାର ନିର୍ବିକଳ୍ପ ।

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବାସଂସଦ,
ପାତ୍ରପୁର ଗଞ୍ଜାମ

ISSN NO.
2582-208X

# ପୁଲକିତ ପୃଥ୍ୱୀ ଓ ବିହ୍ୱଳ ବସୁନ୍ଧରା - ଆଣ୍ଡାମାନ

ପ୍ରିୟବ୍ରତ ପାଣ୍ଡା

ମାୟା ବନ୍ଦର ପାଖରେ ହାତୀ ପ୍ରଶିକ୍ଷଣ କେନ୍ଦ୍ର ଅଛି । ହାତୀମାନେ କାଠଗଣ୍ଡି ଗଡେଇବା ଓ ଟ୍ରକ୍ ଉପରକୁ ଉଠେଇବା ଭଳି ବିଚିତ୍ର ଶିକ୍ଷା ପାଉଥାନ୍ତି । ବାଟରେ ଏକ ସ୍ୱତନ୍ତ୍ର ଧରଣର ମୂଳ ଚାଷ କରାଯାଏ ଯେଉଥିରୁ ପାମ୍ ତେଲ ପ୍ରସ୍ତୁତ ହୁଏ । ପୋର୍ଟବ୍ଲେୟାରରୁ ପ୍ରତିଦିନ ପ୍ରଶିକ୍ଷିତ ଗାଇଡ୍ ଙ୍କ ତତ୍ତ୍ୱାବଧାନରେ ଯାତ୍ରୀବାହୀ ଛୋଟ ଜାହାଜ ସବୁ ନିକଟସ୍ଥ ରୋସ୍ ଦ୍ୱୀପ ଓ ଭାଇପର୍ ଦ୍ୱୀପ ଯାଇଥାଏ । ଏକଦା ଇଂରେଜମାନଙ୍କ ରାଜଧାନୀ ଓ ରାସ ଭୂମି ଥିଲା ଏହି "ରୋସ୍" ଯାହାକି ଫେସନ ଓ ସୌଖିନ ପାଇଁ ଏସିଆର ପ୍ୟାରିସ୍ ବୋଲି କୁହାଯାଉଥିଲା । ଭାଇପର ଦ୍ୱୀପ ଥିଲା ସେ କାଳରେ ବନ୍ଦୀମାନଙ୍କ ସମୁଦ୍ର ଘେରା ଉନ୍ମୁକ୍ତ ଜେଲ୍ । ସେଠାରେ ଥିବା ଫାସି ଘରଟି କେତେ ଯେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ୱାସରୁଦ୍ଧ କରିଥିଲା ତାର ହିସାବ ନାହିଁ । ୨୫ କିଲୋମିଟର ଦୂର ଚିଡିଆଟାପୁରେ ରହିଛି ୧୦୦ ଫୁଟ ଉଚ୍ଚର ପ୍ରାଚୀନ ବୃକ୍ଷରାଜି, ଯାହା ଉପରେ ଅନେକ ଅଜଣା ପକ୍ଷୀ କାହିଁ କେତେ ଯୁଗରୁ ବାସ କରୁଛନ୍ତି । କେଉଁ ପରିସ୍ଥିତିରେ କିପରି ଭାବେ ଏହି ପକ୍ଷୀମାନେ ଏଠାକୁ ଆସିଥିଲେ ତାର ଉତ୍ତର ନାହିଁ । ସୂର୍ଯ୍ୟାସ୍ତ ପାଇଁ ପ୍ରସିଦ୍ଧ ଏହି ଜାଗାଟିରେ ଠାଏଁ ଠାଏଁ ପାଣି ଜମି ଯେମିତି ଆଖପାଖରେ ନଇଟିଏ ବହିଯାଉଛି । ମହାତ୍ମାଗାନ୍ଧୀ ଜାତୀୟ ଉଦ୍ୟାନ ପାଖାପାଖି ୧୫ଟି ଦ୍ୱୀପ ଓ ତାର ଜୈବ ବିବିଧତାକୁ ନେଇ ସାରା ବିଶ୍ୱର ଗବେଷକଙ୍କ ପାଇଁ ଏକ ଚାଲେଞ୍ଜ । ମାଉଣ୍ଟ ହାରିଏଟ ହେଉଛି ଆଣ୍ଡାମାନର ଦ୍ୱିତୀୟ ଉଚ୍ଚତମ ଶିଖର । ସେଠାରୁ ଘଞ୍ଚ ପାର୍ବତ୍ୟ ବର୍ଷାବନ ଭିତରେ ଟ୍ରେକିଂର ଅପୂର୍ବ ଅନୁଭୂତି ମିଳିଥାଏ । ଜଣେ ଚାହିଁଲେ ୨୫ କି.ମି. ପର୍ଯ୍ୟନ୍ତ ଟ୍ରେକିଂରେ ଯାଇପାରିବ ଏହି ବିଭବମୟ ସବୁଜ ବନର ଛାତ ତଳେ, ଛାଇ ଆଲୁଅର ଲୁଚକାଳି ଭିତରେ । ସେହି ଟ୍ରେକିଂ ରାସ୍ତାରେ ପଡେ "କାଲାପଥର" ଯାହାକି ଇଂରେଜ ଯୁବାବର୍ଗଙ୍କ ମିଳନସ୍ଥଳି ଥିଲା । ଏହି ବିଶାଳ କଳା ମଇଁଷିର ପିଠି ଆକୃତିର ପଥର ଉପରେ କେତେ ଦଶନ୍ଧି ତଳର ପ୍ରେମୀଯୁଗଳମାନଙ୍କ ନାମ ଖୋଦିତ ହୋଇଛି ।

ISSN NO.
2582-208X

ସେଇଠୁ ସମୁଦ୍ର ଦର୍ଶନ ଆହୁରି ବିଚିତ୍ର । କହିବା ବାହୁଲ୍ୟ, ଏହି ବର୍ଷାବନ ଆଣ୍ଡାମାନ ଛାଡିଦେଲେ ସୁଦୂର ଆମାଜାନ୍ ଅବବାହିକାରେ ଦେଖିବାକୁ ମିଳିଥାଏ । ଉପକୂଳବର୍ତ୍ତୀ ହେନ୍ତାଳ ବନ, ପଶ୍ଚିମବଙ୍ଗର "ସୁନ୍ଦର ବନ" ସହ ତୁଳନୀୟ । ଏହି ହେନ୍ତାଳ ବନ ସବୁରେ ଗଛ ଉପରେ ଚଢିଥିବା ମାଛଙ୍କୁ ଦେଖିଲେ ପିଲାଏ ତାଳି ମାରି କୁରୁଳି ଉଠନ୍ତି । ସ୍ୱତନ୍ତ୍ର ବୋଟ୍ ଯୋଗେ ରେଡ୍ ସ୍କିନ ଓ ଜଲିବୟ ଦ୍ୱୀପକୁ ଯାଇହୁଏ ।

ଏଠାରେ ମିଳୁଥିବା ସ୍ୱତନ୍ତ୍ର ଧରଣର ଚଷମା ପିନ୍ଧି ସମୁଦ୍ରରେ ଡୁବନ ଦେଲେ ସମୁଦ୍ର ତଳର ଆଶ୍ଚର୍ଯ୍ୟ ପୃଥିବୀର ଏକ ଝଲକ ଦିଶିଯାଏ । କେବେ ନ ଦେଖି ଥିବା ରଙ୍ଗରେ ରଙ୍ଗାୟିତ, ଅଦ୍ଭୁତ ଆକୃତି ଥିବା ମାଛ, ଷ୍ଟାର ଫିଶ୍, ଜେଲି ଫିସ୍, ଶୈବାଳ, ପ୍ରବାଳ ଆଦି ସହସ୍ର ପ୍ରକାରର ସାମୁଦ୍ରିକ ଜୀବ ଓ ଗଛଲତାଙ୍କୁ ଦେଖିଲେ ଏକ ନବ ଜନ୍ମ ପାଇଲା ପରି ଲାଗେ । ଆଜନ୍ମ ଅନ୍ଧଟିଏ ହଠାତ୍ ଦୃଷ୍ଟିଶକ୍ତି ଫେରି ପାଇଲେ ଅନୁଭୂତ ତଟସ୍ଥତା, ପ୍ରତ୍ୟେକ ପର୍ଯ୍ୟଟକଙ୍କୁ ନିଶ୍ଚିତରୂପେ ମିଳିଥାଏ । ସମୁଦ୍ରରେ ଡୁବନ ପାଇଁ ପହଁରା ଆସିବା ବା ଶାରିରୀକ ସାମର୍ଥ୍ୟର ଜରୁରୀ ନାହିଁ କାରଣ ପ୍ରଶିକ୍ଷିତ ଗାଇଡ୍ ପରି ନିଯୁକ୍ତ ଲୋକେ ଆପଣଙ୍କ ହାତ ଧରି, ଅଣ୍ଟାରେ ମଟରଗାଡିର ଟ୍ୟୁବ ଆକୃତିର ଶୋଲ ଲଗାଇ ସମୁଦ୍ର ଭିତରକୁ ନେଇଯିବେ । ଏହି ରୋମାଞ୍ଚକର ଅନୁଭୁତି ସାରା ଭାରତରେ ଦୁର୍ଲଭ । କାଚର ବଟମ୍ ଥିବା ସ୍ୱତନ୍ତ୍ର ଡଙ୍ଗାରେ ବୁଲିଲେ, ବିନା ଡୁବନରେ ମଧ୍ୟ ଏହି ସମୁଦ୍ର ତଳର ଦୃଶ୍ୟ ଦେଖିହୁଏ ।

ଆଣ୍ଡାମାନର ସବୁଠୁ ବିସ୍ମୟ ହେଉଛି ଏଠାକାର ସାମାଜିକ ଜନଜୀବନ । ସମୁଦାୟ ଜନବସତିର ୯୫ ପ୍ରତିଶତ ପୋର୍ଟବ୍ଲେୟାର ସହରରେ ଦେଖାଯାନ୍ତି । ଆଣ୍ଡାମାନ ଅଧିବାସୀ ମୁଖ୍ୟତଃ ଦୁଇ ପ୍ରକାରର । ଗୋଟିଏ ହେଲେ ଆଦିମ ଜନଜାତି ଯାହାର ସଂଖ୍ୟା ନଗଣ୍ୟ । ଅନ୍ୟମାନେ ହେଲେ ଆଧୁନିକ ଜନତା ଯେଉଁମାନେ ବିଭିନ୍ନ ପରିସ୍ଥିତିରେ ଭାରତର ବିଭିନ୍ନ କୋଣରୁ ଆସିଛନ୍ତି । ସେମାନେ ହେଲେ ରାଜପୁତ ଜାତିର ଭଣ୍ଟୁ, ବିହାରର ରାଞ୍ଚିୱାଲା, ବର୍ମୀୟ ସମ୍ପ୍ରଦାୟ, ବର୍ମାର କରିନ୍ ସମ୍ପ୍ରଦାୟ, ବଙ୍ଗାଳି ଶରଣାର୍ଥୀ, ଆରବରୁ ମାଲବାର ପର୍ବତ ଆସି ସେଠାରୁ ଆଗତ ହୋଇଥିବା ମୁସଲିମ୍ ସମ୍ପ୍ରଦାୟ, କେରଳୀ, ମାଦ୍ରାସୀ, ବଙ୍ଗାଳୀ, ତେଲୁଗୁ, ପଞ୍ଜାବୀ, ନେପାଳୀ ଆଦି ସମସ୍ତେ ଏଠାରେ ବଡ ବିଚିତ୍ର ଭାବେ ଦେଖାଯାନ୍ତି । ନିର୍ବାସନ ଦଣ୍ଡରେ ଏଠାକୁ ଚାଲି ଆସିଥିବା ବ୍ୟକ୍ତିମାନେ କାଳକ୍ରମେ ଏଠାରେ ଚାଷବାସ ତଥା ବିବାହର ଅନୁମତି ପାଇଥିଲେ । ମୂଳ ଭୂଖଣ୍ଡ ଠାରୁ ବିଚ୍ଛିନ୍ନ ହୋଇ ସବୁଦିନ

ISSN NO.
2582-208X

ପାଇଁ ଦୂରରେ ରହିବାର ଯନ୍ତ୍ରଣା, ନିଜ ନିଜ ଭିତରେ ଥିବା ଧାର୍ମିକ ଓ ଜାତିଗତ ଦୂରତ୍ୱକୁ କମେଇ ଦେଲା । ଫଳରେ ବିଭିନ୍ନ ଧର୍ମ ସମ୍ପ୍ରଦାୟଙ୍କୁ ନେଇ ଏକ ବିଚିତ୍ର - ବୈଚିତ୍ର୍ୟମୟ ଅନୁପମ ଭାରତ ମୁଣ୍ଡ ଟେକିଲା । ଏ ଯାବତ୍ ଏହି ଧର୍ମୀୟ ସହୃଦୟତା ଚାଇ ଆସିଛି । ଏମିତି ଅନେକ ଘର ଦେଖିବାକୁ ମିଳେ ଯେଉଁଠି ଗୋଟିଏ ଝିଅ ହିନ୍ଦୁ ଘରେ, ଆଉ ଗୋଟିଏ ଝିଅ ମୁସଲମାନ ଘରେ ବାହା ହୋଇଛି ତ ବୋହୂ ଆସିଛି ଖ୍ରୀଷ୍ଟିଆନ୍ ଘରୁ । ଏମିତି ଅନେକ ପରିବାର ଅଛି ଯାହାର ସ୍ୱାମୀ ମୁସଲମାନ ଓ ସ୍ତ୍ରୀ ହିନ୍ଦୁ ବା ସେଭଳି କିଛି । ଧର୍ମ ଗ୍ରହଣ କରିବା ଓ ପରିତ୍ୟାଗ କରିବାରେ ଯଥେଷ୍ଟ ସ୍ୱାଧୀନତା ଓ ସାମାଜିକ ସ୍ୱୀକୃତି ରହିଛି । ବନ୍ଧୁବାନ୍ଧବଙ୍କ ଛୋଟିଆ ସମାଗମରେ ବିଭିନ୍ନ ଧର୍ମାବଲମ୍ବୀଙ୍କ ସମାଗମ ହୋଇଥାଏ । ଅଧିକାଂଶ ହୋଟେଲ୍, ଲଜ ବା ଦୋକାନରେ ଏକାଧାରରେ ରାମ, ଯୀଶୁ, ଓ ମକ୍କା ମଦିନାର ଛବି ଟଙ୍ଗା ହେବା ଦେଖାଯାଏ । ତେଣୁ ଏଠାକାର ପର୍ବପର୍ବାଣୀ କହିଲେ ଦଶହରା, କାଳୀପୂଜା, ନୂଆଁଖାଇ, ରାମଜନ୍ମ ଠୁ ଆରମ୍ଭ କରି ଗୁଡ୍ ଫ୍ରାଇଡେ, ଇଷ୍ଟର, ମେରୀ ଖ୍ରୀଷ୍ଟମାସ, ନୂଆଁ ବର୍ଷ, ରମଜାନ, ଇଫତାର, ଇଦଜୋହା ପର୍ଯ୍ୟନ୍ତ ସବୁକିଛି ଅନ୍ତର୍ଭୁକ୍ତ । ସବୁ ପର୍ବ ସମସ୍ତଙ୍କ ଘରେ ପାଳିତ ହୁଏ । ଭାରତର ବରପୁତ୍ରମାନେ ଯେଉଁ ଧର୍ମନିରପେକ୍ଷ ସହନଶୀଳ ଭାରତର ସ୍ୱପ୍ନ ଦେଖିଥିଲେ ତାହା ଏଠାରଏ ଦେଖିବାକୁ ମିଳେ । ଲୋକଙ୍କୁ ଦେଖିଲେ ଲାଗେ ଯେମିତି ପ୍ରକୃତରେ ଧର୍ମ ମଣିଷକୁ ଧାରଣ କରେ ନାହିଁ, ବରଂ ମଣିଷମାନେ ଧର୍ମ ଧାରଣାକୁ ଧାରଣ କରନ୍ତି ଠିକ୍ ଯେମିତି ବେଶପୋଷାକକୁ ଧାରଣ କରାଯାଏ । ପୂର୍ବେ ଭେଟିଥିବା ଭଦ୍ରକର ବିବାହିତା ମହିଳା ଜଣକ ଠିକ୍ କଥା କହୁଥିଲେ - "ଯଦି ମୁଁ ଶାଢୀ ପିନ୍ଧୁଛି, ମୋ ସ୍ୱାମୀ ପେଣ୍ଟ ସାର୍ଟ ପିନ୍ଧୁଛନ୍ତି ବୋଲି ଆମ ଭିତରେ ଝଗଡା ହେଉନାହିଁ, ମୁଁ ହିନ୍ଦୁ ଓ ସିଏ ମୁସଲମାନ ବୋଲି ଝଗଡା କାହିଁକି ହେବ" ? ଭାରତର ଧର୍ମାନ୍ଧତା ଓ ଜାତିଆଣ ଭାବର ବିଷାକ୍ତ କୀଟାଣୁ ବଙ୍ଗୋପସାଗର ଅତିକ୍ରମ କରି ଏଠାରେ ପହଞ୍ଚିଲା ବେଳକୁ ଶକ୍ତିହୀନ ହୋଇପଡେ । ଭଗବାନ ଆଣ୍ଡାମାନବାସୀଙ୍କୁ ଏପରି ଉତ୍ତରୀୟ ତଳେ ଆନନ୍ଦରେ ରଖିଥାନ୍ତୁ ।

ଯେହେତୁ ସବୁ ଜିନିଷ ବାହାରୁ ଆସେ ତେଣୁ ଏଠାରେ ସବୁକିଛି ମହଙ୍ଗା । ଲୋକଙ୍କ ଧାରଣା ଅନ୍ତତଃ ଏଠାରେ ମାଛ ଓ ପଇଡ ଶସ୍ତା ହେବ । କିନ୍ତୁ ଏଗୁଡିକ ମଧ୍ୟ ଓଡିଶା ଠାରୁ ଅଧିକ ମହଙ୍ଗା । କୁକୁଡା ମାଂସ, ଅଣ୍ଡା, ଛେଳି ମାଂସ, କ୍ଷୀର ଜାତୀୟ ଜିନିଷର ଦର ସବୁଠୁ ଅଧିକା । ପୋର୍ଟବ୍ଲେୟାର ବଜାରରେ ବଙ୍ଗାଳି, ତାମିଲ, ମାଲାୟଲି, ଦକ୍ଷିଣ ଭାରତୀ, ପଞ୍ଜାବୀ ଆଦି ସବୁ ରକମର ଖାଦ୍ୟ ମିଳେ । ଏଠାରେ ଭୂତଳ ପାଣି ଖୁବ୍ ମଧୁର, ଯଦିଓ

ISSN NO.
2582-208X

ଗୋଟିଏ ମାତ୍ର ନଦୀ ଆଣ୍ଡାମାନରେ ବହିଥାଏ । କିଣି ନେବା ପାଇଁ ଏଠାରେ ସମୁଦ୍ର ଜାତ ଶଙ୍ଖ, ପୋହଳା, ଶାମୁକା, ମୁକ୍ତା ଆଡି ଶ୍ରେୟସ୍କର । ଏଠାକାର ବେତ କାମ, କାଠ କାମ ଖୁବ୍ ସୁନ୍ଦର କିନ୍ତୁ ଆଣିବା ପାଇଁ ଅନୁମତି ମିଳେନା ।

ଏହି ଦ୍ୱୀପାଞ୍ଚଳର ଲୋକେ ଖୁବ୍ ସଚ୍ଚୋଟ, କୃତଜ୍ଞ ଓ ବିଶ୍ୱାସୀ, ସଂକ୍ଷେପରେ ଏମାନଙ୍କ ମନଟି ଖୁବ୍ ସୁନ୍ଦର । ଚୋରୀ, ଡକାୟତି, ରାହାଜାନି, ଦଙ୍ଗା, ଅପହରଣ, ହତ୍ୟା ଏ ସବୁ ତ କଳ୍ପନାର ବାହାରେ । ଶନିଦେବଙ୍କ କୋପରୁ ଚୋର ଚୋରୀ କରିବାକୁ ଡରନ୍ତି ବୋଲି ସିରିଡି ନିକଟସ୍ଥ ଶନି ସିଗ୍ନାପୁରରେ ଲୋକେ ଦୋକାନ ବଜାର ଓ ଘରେ ତାଲା ପକାନ୍ତି ନାହିଁ । କିନ୍ତୁ ଏଠାରେ ସ୍ୱାଭାବିକ ଲୋକେ ମଣିଷର ଭଲପଣିଆକୁ, ସାଧୁତାକୁ ବିଶ୍ୱାସ କରନ୍ତି ବୋଲି ଘରେ ତାଲା ପକାନ୍ତି ନାହିଁ । ଏମିତି ବି ଲୋକ ଅଛନ୍ତି, ଯେଉଁମାନେ ଘରେ କେବଳ ଶିକୁଳି ଲଗେଇ ଦେଇ ଭାରତ-ମୂଳଭୂମି ବୁଲିବାକୁ ଆସିଯାନ୍ତି । ଦେଶ ସ୍ୱାଧୀନତା ଠାରୁ ଏଯାବତ୍ ଗୋଟିଏ ବି ନରହତ୍ୟା, ବ୍ୟଭିଚାର ବା ଲୁଣ୍ଠନର ରେକର୍ଡ ନାହିଁ । ମଦ୍ୟପମାନେ କୋଉଁଠି କୋଳାହଳ କରିବା ଦେଖାଯାଏନି । ଅଟୋବାଲା, ବସ୍ ବାଲା, ଦୋକାନୀ, ଲଜ୍ ବାଲା ସମସ୍ତେ ଗୋଟିଏ ନିର୍ଦ୍ଧାରିତ ମୂଲ୍ୟ କହନ୍ତି, ମୂଲଚାଲ କରିବା ଦରକାର ପଡେନି । କାରଣ ଠକାମିର ଆଶଙ୍କା ନାହିଁ । କେଉଁଠାରେ ଭିକାରି ମିଳନ୍ତି ନାହିଁ, ପାଗଳ ଲୋକେ ଅମଣିଷ ପରି ବୁଲୁଥିବା ଦେଖାଯାଏନି, କୁଷ୍ଠ ଫାଇଲେରିଆରେ ପ୍ରପୀଡିତ ଅସହାୟ ମଣିଷଙ୍କ "ଦିଅ, ଦିଅ" ରଡି ଶୁଣିବାକୁ ମିଳି ନଥାଏ । ଝିଅମାନେ ଏଠାରେ ପୁରା ସ୍ୱାଧୀନ – ଏକା ବୁଲିବାଠୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ, ଧର୍ମ ପରିବର୍ତ୍ତନ ପର୍ଯ୍ୟନ୍ତ ଯଥେଷ୍ଟ ସ୍ୱାଧୀନତା ରହିଛି । ଗାନ୍ଧୀଙ୍କ କହିବା ପରି – ଏଠି ଝିଅଟିଏ ରାତି ଅଧରେ ଏକା ଚାଲିଯାଇପାରିବ । ତେଣୁ ଏଠାରେ ହିଁ ସ୍ୱାଧୀନ ଭାରତର ଅଙ୍କୁରୋଦଗମ ହୋଇଛି ବୋଲି କୁହାଯାଇପାରେ । ଲଜ୍ ରେ ଅଗ୍ରୀମ ଦେବାକୁ ପଡେନି, ଏପରିକି ତାଙ୍କ ଜିମାରେ ବ୍ୟାଗ ପତ୍ର ଛାଡି ଜଣେ ଅନ୍ୟ ଜାଗାକୁ ନିର୍ଭୟରେ ଯାଇପାରେ । କୌଣସି ପର୍ଯ୍ୟଟକର ମନିପର୍ସ, ଭେନିଟି ବ୍ୟାଗ୍, ଛତା, କ୍ୟାମେରା ହଜିଗଲେ ବ୍ୟସ୍ତ ହେବା ଦରକାର ନାହିଁ । ଯଦି ସ୍ଥାନୀୟ ଲୋକେ ପାଇଥିବେ ନିଶ୍ଚିତ ରୂପେ ନିକଟସ୍ଥ ପୋଲିସ୍ ଫାଣ୍ଡିରେ ଜିମା ଦେଇଥିବେ । ସେଠାକାର ଲୋକଙ୍କର ସାଧୁତାର ସମାନ୍ତରାଳ ଉଦାହରଣ ସାରା ଭାରତରେ ନାହିଁ । ସେହି ଜନ-ଚରିତ୍ରର ଉଚ୍ଚ ନୈତିକବୋଧ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡେ ଯେ ଆଣ୍ଠୁଏ ନର୍କସମ ବିଶୃଙ୍ଖଳା ଭିତରେ ଗତି କରୁଥିବା ଭାରତର ଏହି ଅଂଶରେ ଏପରି କେମିତି ସମ୍ଭବ ହୋଇଛି ?

ISSN NO.
2582-208X

ପୋର୍ଟବ୍ଲେୟାର ଠାରୁ ୯୦ କିଲୋମିଟର ଦୂରରେ ରଙ୍ଗତ୍ ଯିବା ରାସ୍ତାରେ ଜରଓ୍ବାମାନଙ୍କର ପାଇଁ ସଂରକ୍ଷିତ ଜଙ୍ଗଲ । ଏହି ଜରଓ୍ବାମାନେ ହେଲେ ଏଠାକାର ହିଂସ୍ର ଆଦିମ ଜନଜାତି । ଏହି ଜରଓ୍ବାଙ୍କ ଗହଣରେ ଗୋଟିଏ ସନ୍ଧ୍ୟା ଏ ଲେଖକ ପାଇଁ ସାରା ଜୀବନର ଗୋଟିଏ ଅମୂଲ୍ୟ ଅନୁଭୂତି ହୋଇ ରହିଯାଇଛି । ମଣିଷ ସଭ୍ୟତାର ସୃଷ୍ଟି ରହସ୍ୟରେ ଆଗ୍ରହୀ ବ୍ୟକ୍ତିଙ୍କୁ ଏହାଠାରୁ ବଡ ଅବସର ଆଉ କେଉଁଠି ମିଳିବ ?

ଠକି ହୋଇଯିବା, ଚୋରି ହୋଇଯିବା ଆଦି ଆତଙ୍କରୁ ମୁକ୍ତ ହୋଇ ଜଣେ ସରଳ ବିଶ୍ୱାସୀ ମଣିଷ ଭାବେ ଯଦି ନିର୍ଭୟରେ ବୁଲିବାକୁ ଚାହୁଁଥାନ୍ତି, ପ୍ରକୃତିର ଅପରୂପ ଶୋଭାରାଜି ଓ ସଂଗତି ଭିତରେ ହଜିଯିବାକୁ ଚାହୁଁଥାନ୍ତି, ଜୈବ ବିବିଧତା ଓ ମଣିଷ ସୃଷ୍ଟିର ଆଦିଗନ୍ତରେ ରୁଚି ରଖିଥାନ୍ତି, ତେବେ ଆଣ୍ଡାମାନ ଭଳି ଜାଗା ସାରା ଭାରତରେ ନାହିଁ ।

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଅଭାବ



ସରୋଜ କୁମାର ଓଝା

ଅଭାବ ଶବ୍ଦର ଏ ପରିଭାଷା
ବୁଝି ପାରୁଥିବା ସମସ୍ତେ,
ଖାଦ୍ୟ, ବସ୍ତ୍ର, ବାସଗୃହ ବି ନଥାଇ
ଜିଇଁବାର କଷ୍ଟ ଜଣା ଏମନ୍ତେ,
ସବୁ ଜାଣିଥିବା ସମସ୍ତେ,
ଏଠି ଅଭାବ ଘାରିଛି ଏତେ ।୧।
ଶିକ୍ଷକ ପଚାରେ ଅଭାବ କଅଣ
ଉତ୍ତର ଛାତ୍ରଟି ଦିଏରେ,
ବାପାଯେ ମୋହର ଓଭର ଡିଉଟି ସାରି
ଫେରୁଛି ଘରକୁ ରାତିରେ,
ଅଟଇ ତାହାଙ୍କ ସ୍ୱଭାବ,
ଏଠି ଓଭର ଡିଉଟି ଅଭାବ ।୨।
ମାଆ କହେ ଆଜି ରାତିରେ ପରଟା
ନଖାଇ ମୁଢି ମୁଠେ ଖାଇଦେବା,
ବୁଝିଗଲି ମୁହିଁ ଏ ଖାଦ୍ୟ ବଦଳ
ଯେନକେନ ଖାଇ ରାତ୍ରେ ଶୋଇଯିବା
କଣ କରିବା ନାହିଁତ କିଛି ଦରବ,
ଏଥି ମୁଢି ଖାଇବାଟା ଅଭାବ ।୩।

ISSN NO.
2582-208X

ଭଉଣୀ କହୁଛି ଅଷ୍ଟମୀରେ ମୁହିଁ
ନୂଆ ପୋଷାକ ପିନ୍ଧିବି
ବାପା ଯେ କହନ୍ତି ଥିବା
ପୋଷାକଟା ସିଲେଇ ହୋଇବ,
ତାହାକୁ ମୁହିଁ ଜଗିବି,
ଅଣ୍ଟା ଭିଡିଛନ୍ତି ବାପା ଯେ ମୋହର,
ପୁରୁଣାଟି ନୂଆ ହୋଇବ,
ଏଠି ସିଲେଇ ମାରିବା ଜାଣ ଅଭାବ ।୪।
ସାନ ଭାଇ କହେ ଚାଲ ବାଲିଯାତ୍ରା
ସବୁ ଆମେ ବୁଲି ଯିବା,
ମା ବୁଝେଇ କହେ ଆର ସନ ଯିବା
ବସି ବସି ଦିନ ଗଣୁଥିବା,
ଉଙ୍କି ମାରିଲା ମନେ ଗୁଜବ
ଏଠି ଆର ସନ କଥା ଅଭାବ ।୫।
ଜେଜେ ବାପା ମୋର ସକାଳୁ ସକାଳୁ
ଉଠି କ୍ଷୀର ଚାହା ପାଇଁ କରେ ଅପେକ୍ଷା
ଜେଜେ ମାଆ କହେ କ୍ଷୀର ମିଳୁନାହିଁ
ନାଲି ଚାହାରେ ତୁମ ଅଛି ସୁରକ୍ଷା,
ଜେଜେ ବାପା ହେଲେ ନୀରବ
ଏଠି କ୍ଷୀର ମିଳେନାହିଁ ଅଭାବ ।୬।
ପୁଅ ଆସି ମାଗେ ଗଣେଶ ପୂଜା ଚାନ୍ଦା
ମାଆ ଶୁଣି ରହେ ବରାବର,
ବାପା ଶୁଣି ଏହା କହଇ ପୁଅକୁ,
ଆମେ ଯିବା ପରା ମାମୁଁ ଘର,
ପୁଅ ଦିଏନାହିଁ ଜବାବ,
ଏଠି ମାମୁଁଘର ଯିବା ଅଭାବ ।୭।

ISSN NO.
2582-208X

ପାଖ ପଡୋଷୀଟି ପଶଇ ଘରକୁ
କହେ ଚାଲ ଯିବା ମହୋତ୍ସବ,
ଉତ୍ତର ଫେରାଇ କହନ୍ତି ଘରଣୀ
ଆଜି ପରା ଆମ ଶ୍ରାଦ୍ଧସ୍ତବ
ମଣିଷ ଆଉ ବା କି ଆଶା ରଚିବ
ଏଠି ଶ୍ରଦ୍ଧୋତ୍ସବ ପରା ଅଭାବ ।୮।
ବାପଘର ଝିଅ ଶାଶୁଘରୁ ଥାଇ
କହେ ବାପାବୋଉ ମୋ ଘର ବୁଲିଆସ
ବୋଉ କହେ ବାଡିଘର କାମତ ସରୁନି
ଦେଖି ଆର ହପ୍ତା ଯିବୁ ରଅଖ ବିଶ୍ୱାସ
ଝିଅ ମନେ ମନେ କଲା ହିସାବ
ଏଠି ଆର ହପ୍ତା ଅଟେ ଅଭାବ ।୯।
ଖବର କାଗଜ ନିତିଦିନ ଆସେ,
ପୁଅ କହେ ଆଜି କିଆଁ ଆସିନି
ବାପା କହିଦିଏ ଯିଏ ଦିଏ ସିଏ
ଆଉ ଆମ ଘରେ ଦେବନି
କିସ ଆମେ ହୋଇଗଲୁ ଗରିବ,
ଏଠି ଆଉ ସେ ଦେବନି ଅଭାବ ।୧୦।
ଚାଷ ଜମି ସାର ଅଭାବ ଯୋଗୁଁ ତ
ଧାନ ଗଛ ନୁହେଁ ଛନ ଛନ
ପାଖ ଚାଷୀ ଭାଇ କହେ ସାର ଦିଅ
ସାର ପକା ବେଳ ହୋଇନି
ହେଉ ପଛେ ମନ ଉଚ୍ଛନ୍ନ
ଚାଷୀ କାହିଁ ପାଇଁ ଧାଇଁବ
ଏଠି ସାରପକା ବେଳ ହୋଇନି
ସୂଚାଏ ଅଭାବ ।୧୧।

ISSN NO.
2582-208X

ବାପାଙ୍କର ବନ୍ଧୁ ଭେଟି କହୁଥିଲେ
ଜନମ ଦିବସ ପାଳନ ଏଥର
ବହୁ ଆଡମ୍ବର ପୁଅର
ନିରାଶା ବଦନେ ପ୍ରତ୍ୟୁତ୍ତର ହୁଏ
ବିଭାଘର ଭୋଜି ଖାଇବାକୁ ଯିବୁ
ପାଳି ଦେବୁ ନିରାଡମ୍ବର
ତାଙ୍କ କଥାଟା ବହୁତ ଅଜବ
ଏଠି ଭୋଜି ଖିଆ ଜାଣ ଅଭାବ ।୧୨।
ମାନସିକ ଥିଲା ନାତୁଣୀର ଚୁଟି
ପକାଇବାକୁ ଯିବୁ ତୀର୍ଥସ୍ଥଳ
ଝିଅ ଶାଶୁଘର ଯିବାକୁ ଡାକନ୍ତି
ମୁଁ କହେ ଭଲନାହିଁ ବେଳକାଳ
ଏଠି କିଏ ବା କଅଣ କରିବ
ଭଲ ନାହିଁ ବେଳକାଳ
କଥାଟା ଏଇଠି ଅଭାବ ।୧୩।
ଏଥରର ଶ୍ରାଦ୍ଧ କରିବୁ ଭଲରେ
କହୁଥିଲେ କାନେ ରାଧୁଆ ଦାଦା
କରୋନା ପାଇଁ ତ ସବୁ ବନ୍ଦ ହେଲା
ପୂଜାଟି କରିବି ଏ କଥା ମୋ ସିଧା
ଆଉ କି ଉପାୟ ଅବା ଧରିବ
ଏଠି କରୋନା କଥାଟା ଅଭାବ ।୧୪।

ଶିକ୍ଷକ ତଥା ସି ଆର ସି ସି
ତିହିଡି, ଭଦ୍ରକ

ISSN NO.
2582-208X

# ମୁଁ ନୀରବ....

ସସ୍ମିତା ପ୍ରଧାନ

ମୁଁ ନୀରବ ରହୁଛି...
ତା' ମାନେ ନୁହେଁ
କଥା କହିବା ଛାଡ଼ି ଦେଇଛି ।
ମୁଁ ନିସ୍ତବ୍ଧ ଭାବ ନାହିଁ
ଅନୁଭବ କରିପାରୁ ନାହିଁ...
ମୁଁ ନିଶ୍ଚଳ ଏମିତି ନୁହେଁ କି ମୁଁ
କିଛି ବି ଜାଣିପାରୁ ନାହିଁ ।
ସମୟ ସହ ତାଳ ଦେଇ ଚାଲୁ ଚାଲୁ
ମୁଁ ଟିକେ କ୍ଲାନ୍ତ ଅନୁଭବ କରୁଛି...
ସ୍ୱାର୍ଥ ପାଇଁ ଆପଣାର ଲୋକଙ୍କ
ଭିତରେ ପ୍ରତିଯୋଗିତାର ମୂଲ୍ୟାଙ୍କନ
କରି କରି ମୁଁ ଅଣନିଃଶ୍ୱାସୀ ହୋଇ ପଡିଛି...
ସ୍ୱାର୍ଥ ହାସଲ ନ ହେଲେ ବିରକ୍ତି ଭରା ତାସ୍ୱଲ୍ୟତା...
ଆଡ ଆଡ ନୟନରେ ଘୃଣା ଭାବ ଭରା କଟୁତିକ୍ତ ଭାଷା..
ମୋତେ "ନୀରବ" ରହିବାକୁ ସତେ ଯେମିତି ରାଣ ଦେଇଛି ।
ଇଚ୍ଛା ନ ଥିଲେ ବି ପରିସ୍ଥିତିର ଚାପରେ ନୀରବ
ରହିବା ପାଇଁ ନିଜକୁ ନିଜେ ପ୍ରତିଜ୍ଞାବଦ୍ଧ କରିଛି ।
ମୁହଁ ଖୋଲିଲେ କାଳେ ଖୋଲି ଯିବ ଗୁମର..
ହୋଇ ଯିବ ସବୁ ଏପଟ ସେପଟ
ଝିମିଟି ଖେଳରୁ ମହାଭାରତ...

ISSN NO.
2582-208X

ସମ୍ପର୍କରେ ଉଠିଯିବ ଲକ୍ଷ୍ମଣ ରେଖାର
ସୁଦୀର୍ଘ ଉଚ୍ଚ ପାଚେରୀ ।
ମୁଁ ଚାହେଁ ନାହିଁ ଆପଣାର ଲୋକ ମାନଙ୍କର
ଅସଲ ମୁଖା ଖୋଲିବାକୁ ?
ସେମାନଙ୍କୁ ନିଜ ନଜରରେ ଛୋଟ କରିବାକୁ ।
ମୁଁ ବୁଝିଛି ସମ୍ପର୍କର ମାନେ...
"ସମ୍ପର୍କର ମହତ୍ତ୍ୱ"
"ସମ୍ପର୍କର ଉପସ୍ଥିତି"
ଯାହାର ମୂଲ୍ୟ ଆକଳନ କରିବା ହିଁ ମୂର୍ଖତା ।
ମୁଁ ଅତି ନିକଟରୁ ଅନୁଭବ କରିଛି
ଆପଣାର ଲୋକଙ୍କ ଅନୁପସ୍ଥିତିରେ କ୍ଷତାକ୍ତ ଯନ୍ତ୍ରଣା..
ସେଥିପାଇଁ ଆପଣେଇ ନେଇଛି
"ନୀରବ"ରହିବାର ଶେଷ ସୋପାନକୁ
ହୃଦୟରେ ଚାପି ରଖିଛି ଅସହ୍ୟ ଯନ୍ତ୍ରଣାକୁ ....

ରାଜନଗର, କେନ୍ଦ୍ରାପଡ଼ା

ISSN NO.
2582-208X

# ଅପୂର୍ଣ୍ଣତା



ଡ଼ଃ ରଞ୍ଜିତ କୁମାର ସାହୁ

ସମ୍ପୂର୍ଣ୍ଣ ଯେତିକି ଅପୂର୍ଣ୍ଣ ସେତିକି,
ଏ ରୂପେ ନିର୍ମିତ ସାରା ସଂସାର ।
ପୂର୍ଣ୍ଣତାର ଭାବ ଅଥବା ଅଭାବ,
କିଏ କରିପାରେ ବ୍ୟାଖ୍ୟାନ ତା'ର !

ଅକସ୍ମାତ ଦିଶେ ମୃତ ମୃତ୍ତିକାରେ
ମରୁସ୍ଥଳରେ ସବୁଜିମା କିଛି,
ଶୁଷ୍କ ରହେ ପୁଣି ଆଷାଢ଼ର ଦିନେ,
ମେଘାଚ୍ଛନ ନଭେ ନୀଳିମା କିଛି ।

କୃଷ୍ଣ ଆକାଶର ବକ୍ଷରେ ତାରକା,
କରେ ଅପୂର୍ଣ୍ଣ ନିଶିର ମାୟାକୁ,
ତପନର ତେଜ ହୁଅଇ ଅପୂର୍ଣ୍ଣ ,
ବିସ୍ତାରିଲେ ମେଘ ତା'ର କାୟାକୁ ।

ସଦା ବେଳେ ଧ୍ୱନି ଅର୍ଥ ବୁଝେଇନି,
ସଙ୍ଗୀତର ଯଦିଓ ଆତ୍ମା ଥାଏ,
ନିର୍ଜନତାର ବର୍ଣ୍ଣନାରେ ପୁଣି ତ,
ଶବ୍ଦ କେବେ କେବେ ନିଶବ୍ଦ ହୁଏ !

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଲୋକସାହିତ୍ୟ ସଂଗ୍ରହ ଏବଂ ସଂରକ୍ଷଣ କ୍ଷେତ୍ରରେ ପରିଲକ୍ଷିତ ସମସ୍ୟାବଳୀ



ଦୀପ୍ତିମୟୀ ସାହୁ

ମୂଳହିନ୍ଦୀ - ଡକ୍ଟର ସୁନତା ଶର୍ମା
(ଗଭର୍ଣ୍ଣମେଣ୍ଟ ଡିଗ୍ରୀ କଲେଜ, ଦିଗଲ ହିମାଞ୍ଚଳ ପ୍ରଦେଶ)
ଅନୁବାଦ - ଦୀପ୍ତିମୟୀ ସାହୁ

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସେ ଯାହା ଦେଖେ, ଅନୁଭବରେ ତାହାକୁ କବିତାର ରୂପ ଦିଏ । ଏହିପରି ସାହିତ୍ୟର ଜନ୍ମ ହୁଏ । ବିଭାଗୀକରଣ ଆଧାରରେ ସାହିତ୍ୟ ଦ୍ୱିବିଧା ପ୍ରଥମଟି ହେଲା - ଶିଷ୍ଟ ବା ସୁସଂସ୍କୃତ ସାହିତ୍ୟ । ଯାହାକି ଶିକ୍ଷିତ ଲୋକମାନଙ୍କ ଦ୍ୱାରା ରଚିତ ହୋଇ ଲିପିବଦ୍ଧ ହୋଇଥାଏ । ଦ୍ୱିତୀୟଟି - ଅସଂସ୍କୃତ ବା ଅଶିକ୍ଷିତ ଜନ ସମାଜର ସାହିତ୍ୟ । ଏହା ଲୋକ ସାହିତ୍ୟ ନାମରେ କଥିତ । ଏହାକୁ ମଧ୍ୟ ମୌଖିକ ସାହିତ୍ୟ କୁହାଯାଇଥାଏ ।

ଲୋକ ସାହିତ୍ୟର ଏକ ସୁଦୀର୍ଘ ପରମ୍ପରା ଦେଖିବାକୁ ମିଳିଥାଏ । ଲୋକ ସାହିତ୍ୟ ଦୁଇଟି ଶବ୍ଦର ସମ୍ମିଶ୍ରଣରେ ସୃଷ୍ଟି ହୋଇଛି । ଯଥା - ଲୋକ+ସାହିତ୍ୟ । ଲୋକ ସାହିତ୍ୟର ଅଭିପ୍ରାୟ ସେହି ସାହିତ୍ୟ ସହ ହୋଇଥାଏ, ଯାହାର ରଚନା ଲୋକ' କରିଥାଏ । ଲୋକ ଶବ୍ଦ ସମଗ୍ର ଜନ ସମୁଦାୟ ନିମନ୍ତେ ଅଭିପ୍ରେତ । ଲୋକ ଶବ୍ଦର ଅର୍ଥ ହେଲା - ଦେଖିବା ଲୋକ । ବୈଦିକ ସାହିତ୍ୟ ଠାରୁ ଆରମ୍ଭ କରି ବର୍ତ୍ତମାନ ସମୟ ପର୍ଯ୍ୟନ୍ତ 'ଲୋକ' ଶବ୍ଦର ବ୍ୟବହାର ନିମିତ୍ତ ମାତ୍ର ହୋଇଛି । 'ଲୋକ' ଶବ୍ଦ ସହ ଅଭିପ୍ରାୟ ବା ସମ୍ପର୍କ ସେହି ସମସ୍ତ

ISSN NO.
2582-208X

ଜନସମୁଦାୟ ସହିତ ହୋଇଛି ଯେଉଁମାନେ କି ଯେ କୌଣସି ଦେଶରେ ମଧ୍ୟ ନିବାସ କରୁଛନ୍ତି । ହଜାରୀପ୍ରସାଦ ଦ୍ୱିବେଦୀଙ୍କ କହିବାନୁସାରେ –

"ଲୋକ ଶବ୍ଦର ଅର୍ଥ ଜନପଦ କିମ୍ବା ଗ୍ରାମ ନୁହେଁ, ବରଂ ନଗର ଏବଂ ଗାଁରେ ପଡିରହିଥିବା ସେହି ସମସ୍ତ ଜନତା ଅଟନ୍ତି, ଯେଉଁମାନଙ୍କ ଜ୍ଞାନର ଆଧାର ପୋଥିସମୂହ ନୁହେଁ।"

କହିବାର ଅର୍ଥ ଏହା ଯେ- ସେମାନଙ୍କର ଜ୍ଞାନ ଜୀବନର ଶିକ୍ଷା ଉପରେ ଆଧାରିତ । ଏଥିପାଇଁ 'ଲୋକସାହିତ୍ୟ' ସାଧାରଣ ଜନତାର ଜୀବନକୁ ଗ୍ରହଣ କରୁଥିବା ସାହିତ୍ୟକୁ ବୁଝାଇଥାଏ । ଲୋକ ସାହିତ୍ୟ ସେତିକି ପ୍ରାଚୀନ ଯେତିକି ମଣିଷ ସମାଜ । ଏଥିରେ ଜନଜୀବନର ପ୍ରତ୍ୟେକ ରାଜ୍ୟ, ପ୍ରତ୍ୟେକ ବର୍ଗ, ପ୍ରତ୍ୟେକ ସମୟ ଏବଂ ପ୍ରକୃତି ମଧ୍ୟ କିଛି ସମାହିତ ହୋଇରହିଛି । ଲୋକ ସାହିତ୍ୟ ଏକ ପକ୍ଷରେ ଜନତାଙ୍କର ସଂପତ୍ତି । ଏହାକୁ ଲୋକ ସଂସ୍କୃତିର ଦର୍ପଣ ମଧ୍ୟ କୁହାଯାଇଥାଏ । ଜନ ସଂସ୍କୃତିର ଯେତିକି ସତ୍ୟତା ଏବଂ ସଜୀବ ଚିତ୍ରଣ ଲୋକସାହିତ୍ୟରେ ମିଳିଥାଏ; ସେତିକି ଅନ୍ୟ କେଉଁଠାରେ ମିଳିନଥାଏ । ସରଳତା ଏବଂ ସ୍ୱଭାବ କାରଣରୁ ଏହା ନିଜର ଏକ ବିଶେଷ ମହତ୍ୱ ରଖିଥାଏ । ସାଧାରଣ ଜନତାର ହସ, କାନ୍ଦ, ସୁଖ, ଦୁଃଖ, ଖେଳିବା ଆଦି ଯେଉଁ ଶବ୍ଦରେ ଅଭିବ୍ୟକ୍ତ ହୋଇଥାଏ, ସେସବୁ ମଧ୍ୟରୁ କିଛି ଲୋକ ସାହିତ୍ୟର ଅନ୍ତର୍ଭୁକ୍ତ ହୁଅନ୍ତି । ଏହାର ପରିଭାଷା ଦେଇ ଧୀରେନ୍ଦ୍ର ବର୍ମା କହନ୍ତି –

"ବାସ୍ତବରେ ଲୋକ ସାହିତ୍ୟ ସେହି ମୌଖିକ ଅଭିବ୍ୟକ୍ତି ଅଟେ ଯାହାକୁ ଯେକୌଣସି ବ୍ୟକ୍ତି ଗଢ଼ିଥାଆନ୍ତୁ ନା କାହିଁକି, ମାତ୍ର ଆଜି ଏହାକୁ ସାଧାରଣ ଲୋକ ସମୂହ ନିଜର ଛବି ଭାବରେ ତିଆରି କରିଦିଅନ୍ତି । ଏଥିରେ ଲୋକମାନସ ରହିଥାଏ ।"

ସେହିପରି ଡକ୍ଟର ତ୍ରିଲୋଚନ ପାଣ୍ଡେଙ୍କ କହିବାନୁସାରେ –

"ଜନସାହିତ୍ୟ କିମ୍ବା ଲୋକ ସାହିତ୍ୟ ସେହିସବୁ ପରମ୍ପରା ଗୁଡ଼ିକର ମୌଖିକ ଏବଂ ଲିଖିତ ନିୟମଗୁଡ଼ିକର ସମୂହ ଅଟେ, ଯାହା କୌଣସି ଏକ ବ୍ୟକ୍ତି କିମ୍ବା ଅନେକ ବ୍ୟକ୍ତିବିଶେଷ

ISSN NO.
2582-208X

ଦ୍ୱାରା ରଚିତ ହୋଇଥାଏ । ମାତ୍ର, ତାହାକୁ ସମସ୍ତ ଜନ ସମୁଦାୟ ନିଜର କହିଥାଏ । ଏହି ସାହିତ୍ୟରେ କୌଣସି ଜାତି, ସମାଜ କିମ୍ବା ଏକ କ୍ଷେତ୍ରରେ ବସବାସ କରୁଥିବା ସାଧାରଣ ଲୋକଙ୍କର ପରମ୍ପରା, ଆଚାର-ବିଚାର, ରୀତି-ନୀତି, ହର୍ଷ-ବିଷାଦ ଆଦି ସମାହିତ ହୋଇ ରହିଥାଏ ।"

ଅଧିକ ବିଶେଷଜ୍ଞ ବିଚାରକୁ ଦୃଷ୍ଟି ଆଗରେ ରଖି କୁହାଯାଇପାରେ ଯେ ଲୋକ ସାହିତ୍ୟ ଏବଂ ଲୋକ ଜୀବନକୁ ଅଭିବ୍ୟକ୍ତ କରୁଥିବା ସାହିତ୍ୟ ଅଟେ । ଏହା ସର୍ବସାଧାରଣଙ୍କର ସମ୍ପତ୍ତି ଅଟେ । 'ଲୋକ ସାହିତ୍ୟ' ଜୀବନର ଶ୍ରେଷ୍ଠ ସମୁଦ୍ର ଅଟେ । ଯେଉଁଥିରେ ଅତୀତ, ବର୍ତ୍ତମାନ, ଭବିଷ୍ୟତ ସବୁକିଛି ଉପଲବ୍ଧି ଅନୁଭବକୁ ପ୍ରାପ୍ତ ହୋଇଛି । ଏହି ସାହିତ୍ୟରେ ଲୋକ ଜୀବନର ନିରୁତା ତଥା ସତ୍ୟ ଝଲକ ଦେଖିବାକୁ ମିଳିଥାଏ । ଏହା ଏମିତି ଏକ କୃତି ଯେଉଁଥିରେ ସମସ୍ତ ଲୋକଙ୍କର ସମାନ ଅଧିକାର ରହିଛି । ଏହାକୁ ମଧ୍ୟ ଲୋକ ବ୍ୟବହାର ଶିକ୍ଷାର ଆଧାର ବୋଲି କୁହାଯାଇଥାଏ ।

## ଲୋକସାହିତ୍ୟର ଅନୁସନ୍ଧାନ ଏବଂ ପ୍ରଯତ୍ନ :-

ଲୋକ ସାହିତ୍ୟ ସହରରେ ହେଉ ଅବା ଗାଁରେ ହେଉ କିମ୍ବା ଏହି ଦୁଇ ସ୍ଥାନରେ ସୁଦ୍ଧା ଲୋକ ସାହିତ୍ୟର ମୂଳରୂପ କ୍ଷୟ ହେବାର ସମ୍ଭାବନା ମିଳେ । ଅନ୍ୟ ଏକା ସ୍ଥାନରେ ପ୍ରଚଳିତ ଲୋକ ସାହିତ୍ୟକୁ ଅନୁଧ୍ୟାନ କରିବା କଠିନ ମଧ୍ୟ । ଦ୍ୱିତୀୟରେ ଦେଖିଲେ - ଲୁପ୍ତ, ଦୃଷ୍ଟିଗୋଚର କିମ୍ବା ଦର୍ଶନୀୟ ଲୋକ ସାହିତ୍ୟର ସଂକଳନ ସାହିତ୍ୟ ଦୃଷ୍ଟିକୋଣ ନିମନ୍ତେ ଏକ ବଡ ପରୀକ୍ଷା । ପ୍ରତ୍ୟେକ କ୍ଷେତ୍ର ଏବଂ ସମାଜରେ ନିଜର ଲୋକ ସାହିତ୍ୟ ରହିଛି । ତାହାକୁ ସଂଗ୍ରହ କରିବାକୁ ହେଲେ ବିଭିନ୍ନ କ୍ଷେତ୍ରର ସଂସ୍କୃତି ଏବଂ ଏବଂ ଜୀବନର ନୂତନ ରଙ୍ଗ ପ୍ରାପ୍ତ ହୁଏ । ଲୋକ ସାହିତ୍ୟର ବିଶ୍ଳେଷଣ ଆଦିର ସମୟ ପାଇଁ ବଡ ଆବଶ୍ୟକତା । ସମ୍ପୂର୍ଣ୍ଣ ବିଶ୍ୱରେ ଲୋକ ସାହିତ୍ୟର ପାରମ୍ପରିକ ସମନ୍ୱୟ ମଧ୍ୟ ତିଆରି ହେଉଛି । ଲୋକ ସାହିତ୍ୟର ସଂକଳନରୁ ପ୍ରାପ୍ତ ସାମଗ୍ରୀ ସମଗ୍ର ବିଶ୍ୱରେ ବହୁ କ୍ଷେତ୍ରରେ ଉପଯୋଗ କରାଯାଇପାରିବ । ଲୋକ ସାହିତ୍ୟର ସାମାଜିକ, ସାଂସ୍କୃତିକ, ଧାର୍ମିକ, ନୈତିକ, ଐତିହାସିକ ଏବଂ ଭାଷା ବୈଜ୍ଞାନିକ କ୍ଷେତ୍ରରେ ଆଜି ଏହାର ମହତ୍ୱ ଦେଖିବାକୁ ମିଳୁଛି । ଏହାର ସଂକଳନ କରିବା ସବୁଠାରୁ ବଡ ଆବଶ୍ୟକତା ଅନୁଭବ ହେଉଛି । ଲୋକ

ISSN NO.
2582-208X

ସାହିତ୍ୟର ସଂକଳନ କାର୍ଯ୍ୟ ବହୁ ସଦସ୍ୟଙ୍କ ଦ୍ୱାରା କରାଯାଉଛି । ଯାହାର ପରିଚୟ ଏହି ପ୍ରକାରର ଦିଆଯାଇପାରେ –

### 1. ପ୍ରାଚୀନ ସମୟରେ ସଂଗ୍ରହ

ଭାରତରେ ଲୋକ ସାହିତ୍ୟ ଉପରେ ଅନୁସନ୍ଧାନ କାର୍ଯ୍ୟର ଆରମ୍ଭ ଦୁଇଟି ଦିଗରୁ ହୋଇଥିଲା । ଯଥା :-

~ଇଂରେଜମାନଙ୍କ ଦ୍ୱାରା
~ଇଶାଇ ପ୍ରଚାରକଙ୍କ ଦ୍ୱାରା

ଏହି ଦୁହିଁଙ୍କର ଲକ୍ଷ୍ୟ ଥିଲା ଭାରତର ଅଧିବାସୀଙ୍କ ମାନସିକତାକୁ ବୁଝି ନିଜ ପାଇଁ ଅନୁକୂଳ ପରିବେଶ ତିଆରି କରିବା । ପ୍ରଶାସକଶ୍ରେଣୀ ଭାରତୀୟଙ୍କର ଆଚାର, ବିଚାର ଏବଂ ପରମ୍ପରା ମଧ୍ୟରେ ଥିବା ବିଶ୍ୱାସବୋଧକୁ ବୁଝି ତାଙ୍କୁ ନିୟନ୍ତ୍ରିତ କରିବାକୁ ଚାହୁଁଥିଲେ । ଅନ୍ୟପଟେ ଖ୍ରୀଷ୍ଟିଆନ ପାଦ୍ରୀମାନେ ଧର୍ମ ପରିବର୍ତ୍ତନ କିଏ କରିବେ ତା'ର ଅନୁସନ୍ଧାନରେ ଥିଲେ । ସାର୍ କର୍ଣ୍ଣଲ୍ ଟଣ୍ଡଙ୍କର ପୁସ୍ତକ 'ଏନଲ୍ସ ଆଣ୍ଡ ଏଣ୍ଟିକ୍ୱିଟିଜ୍ ଅଫ ରାଜସ୍ଥାନ' ଏବଂ 'ସେଣ୍ଟ୍ରାଲ ଆଣ୍ଡ ୱେଷ୍ଟର୍ଣ୍ଣ ରାଜପୁତ ଷ୍ଟେଟସ ଅଫ ଇଣ୍ଡିଆ', ସାର୍ ଗ୍ରିୟରସନ, wiliyam କୁକ, ଇ-ଥର୍ସଟନ ଆଦି ବିଦ୍ୱାନଗଣ ଦକ୍ଷିଣ ଭାରତ, ରାଜସ୍ଥାନ, ପଞ୍ଜାବ, ବଙ୍ଗଳା ତଥା ଉତ୍ତର ଭାରତର ବିଭିନ୍ନ ଜନପଦର ଲୋକସଂସ୍କୃତିକୁ ସଂଗ୍ରହ, ସମ୍ପାଦନ, ଅଧ୍ୟୟନ ତଥା ତଥା ପ୍ରକାଶନରେ ଅତ୍ୟଧିକ ଭୂମିକା ନିର୍ବାହ କରିଥିଲେ ।'

ଭାରତୀୟ ଲୋକ ସାହିତ୍ୟର ସଂକଳନ, ଅଧ୍ୟୟନ ଏବଂ ପ୍ରକାଶନର କାର୍ଯ୍ୟ 'କାଶୀନଗରୀ ପ୍ରଚାରିଣୀ ସଭା' ଦ୍ୱାରା କରାଗଲା । କୋମଲ କୋଠାରୀ ('Monograph on Langas of Folk Musical cast of Rajasthan' ଏବଂ Folk Musical Instruments of Rajasthan Folio'), ରାମନାରାୟଣ ଉପାଧ୍ୟାୟ(ଲୋକ ସାହିତ୍ୟ ସମଗ୍ର), ଡକ୍ଟର ସତ୍ୟେନ୍ଦ୍ର (ବ୍ରଜ ଭାଷାର ଲୋକ ସାହିତ୍ୟ), ରାମ ନରେଶ (କବିତା କୌମୁଦୀ), କୃଷ୍ଣଦେବ ଉପାଧ୍ୟାୟ (ଲୋକ ସାହିତ୍ୟର ଭୂମିକା), ବାସୁଦେବ ଶରଣ ଅଗ୍ରୱାଲ, ଦେବେନ୍ଦ୍ର ସତ୍ୟାର୍ଥୀ, ଶ୍ରୀ

ISSN NO.
2582-208X

ଝବେର ଚନ୍ଦ୍ର ମେଘାଣୀ(ଗୁଜୁରାଟୀ ଲୋକ ସାହିତ୍ୟ), ରାମ ପ୍ରସାଦ ଦାଧିଚ, ଶ୍ୟାମ ପରାମର(ମାଳବୀ ଲୋକ ସାହିତ୍ୟ), ଡକ୍ଟର ସତ୍ୟା ଗୁପ୍ତା (ଖଡ଼ୀବୋଲିର ଲୋକ ସାହିତ୍ୟ), ଡକ୍ଟର ଅର୍ଜୁନ ଦେବ ଚାରଣ (ରାଜସ୍ଥାନୀ ଖ୍ୟାଲ୍ ସାହିତ୍ୟ), ଡକ୍ଟର ଚନ୍ଦ୍ରଶେଖର ରେଡ୍ଡୀ (ଆନ୍ଧ୍ର ଲୋକ ସାହିତ୍ୟ), ଡକ୍ଟର ତ୍ରିଲୋଚନ ପାଣ୍ଡେ (କୁମାୟୁଂ ଲୋକ ସାହିତ୍ୟ), ଡକ୍ଟର ଗୋବିନ୍ଦ ଚାତକ (ଗଢ଼ବାଲୀ ଲୋକଗୀତର ସାଂସ୍କୃତିକ ଅଧ୍ୟୟନ), ଡକ୍ଟର ଉଦୟ ନାରାୟଣ ତିଆରୀ (ଭୋଜପୁରୀ ମୋହାବରେ ଓ ପହେଲିୟାଁ) ଇତ୍ୟାଦି ଅନେକ ଏହିପରି ପ୍ରତିଭା ଥିଲେ ଯେଉଁମାନେ କି ଲୋକ ସାହିତ୍ୟର ଅଧ୍ୟୟନ କ୍ଷେତ୍ରରେ ନିଜ ନିଜର ବିଶିଷ୍ଟ ଯୋଗଦାନ ଦେଇଥିଲେ ।

## 2. ବର୍ତ୍ତମାନ ସମୟରେ ସଂଗ୍ରହ :-

ବର୍ତ୍ତମାନ ସମୟରେ ଲୋକ ସାହିତ୍ୟ ସଂଗ୍ରହ କାର୍ଯ୍ୟ ତିନିପ୍ରକାରରେ ହେଉଅଛି । ଯଥା :-
କ – ସୌଖିନ ସଂଗ୍ରହକାରୀ
ଖ – ବ୍ୟକ୍ତିଗତ ଅନୁସନ୍ଧାନକାରୀ
ଗ – ସଂଗଠିତ ଅନୁସନ୍ଧାନକାରୀ

### କ – ସୌଖିନ ସଂଗ୍ରହକାରୀ

ସୌଖିନ ସଂଗ୍ରହକାରୀ ନିଜ ସୁଖ ତଥା ସୌଖିନତା ନିମନ୍ତେ ଲୋକ ସାହିତ୍ୟର ସଂଗ୍ରହ କରନ୍ତି । ଜଣେ ସଉକିଆ ସଂଗ୍ରହକାରୀ ବ୍ୟବସାୟ ବା ଲେଖକ କିଛି ବି ହୋଇଥା'ନ୍ତି । ଯିଏ କି ଆରମ୍ଭରୁ କରିଥିବା ଜିଜ୍ଞାସା ଏବଂ ସୂଚୀ ଅନୁସାରେ ବିଭିନ୍ନ ବିଭାଗୀକରଣ କରି ତାହାକୁ ପଢାପଢି କରିଥାଏ । ଲୋକ ସାହିତ୍ୟର ଏହି ସାମଗ୍ରୀ ଅତ୍ୟଧିକ ମହତ୍ୱପୂର୍ଣ୍ଣ ହୋଇଥାଏ । କାରଣ ଏଥିରେ ବ୍ୟକ୍ତିଗତ ରୁଚି ଏବଂ ମହତ୍ୱପୂର୍ଣ୍ଣ ତଥ୍ୟ ଅନ୍ତର୍ଭୁକ୍ତ ହୋଇଥାଆନ୍ତି ।

### ଖ – ବ୍ୟକ୍ତିଗତ ଅନୁସନ୍ଧାନକାରୀ

ବ୍ୟକ୍ତିଗତ ଅନୁସନ୍ଧାନକାରୀଗଣଙ୍କର ଅସ୍ତିତ୍ୱ ଆରମ୍ଭଠାରୁ ଆଜି ପର୍ଯ୍ୟନ୍ତ ଦେଖିବାକୁ ମିଳିଥାଏ । ଯଦି କେହି ବ୍ୟକ୍ତି ନିଜର ଗବେଷଣା ସମ୍ବନ୍ଧିତ ଲେଖାପାଇଁ ପୁସ୍ତକଟିଏ ନିଏ କିମ୍ବା ଚିତ୍ରପତ୍ର ନିମନ୍ତେ ଲୋକ ସାହିତ୍ୟ ସହ ସମ୍ପୃକ୍ତ ସାମଗ୍ରୀର ଅନୁସନ୍ଧାନ କରେ ସେ

ISSN NO.
2582-208X

ବ୍ୟକ୍ତିଗତ ଅନୁସନ୍ଧାନକାରୀ ନାମରେ ଜଣାଯାଆନ୍ତି । ଲୋକ ସାହିତ୍ୟ ଅଧ୍ୟୟନର ଆରମ୍ଭଠାରୁ ଆଜିପର୍ଯ୍ୟନ୍ତ ବ୍ୟକ୍ତିଗତ ଅନୁସନ୍ଧାନକାରୀଙ୍କ ଦ୍ୱାରାହିଁ କରାଯାଉଛି । ଅନୁସନ୍ଧାନକାରୀ ଗବେଷକର ଦୃଷ୍ଟି ନେଇ ଲୋକ ସାହିତ୍ୟର ସଂକଳନ କାର୍ଯ୍ୟ କରିଥାଏ ।

### ଗ - ସଂଗଠିତ ଅନୁସନ୍ଧାନକାରୀ

ସଂଗଠିତ ଅନୁସନ୍ଧାନକାରୀ ଦୁଇ ପ୍ରକାରର ଅଟନ୍ତି । ଯଥା :-

A) ବିଶ୍ୱବିଦ୍ୟାଳୟର ସଂଗଠନ :- ଏଥିରେ ବିଭିନ୍ନ ଗବେଷକ କିମ୍ବା ବିଭାଗ ନିଜ ନିଜର ସୁବିଧାନୁସାରେ ଲୋକସାହିତ୍ୟ ସମ୍ବନ୍ଧୀୟ ବିବିଧ ସଂଖ୍ୟକ ତଥ୍ୟକୁ ଏକତ୍ରିତ କରିଥା'ନ୍ତି ।
B) ସଂସ୍ଥାଗୁଡିକର ସଂଗଠନ :-

ବିଭିନ୍ନ ସଂସ୍ଥା ମଧ୍ୟ ଆପଣା ସ୍ତରରେ ଥାଇ ଲୋକସାହିତ୍ୟର ସଂକଳନ କାର୍ଯ୍ୟ କରିଥା'ନ୍ତି ।

### ଲୋକସାହିତ୍ୟ ସଂଗ୍ରହ ଏବଂ ସଂକଳନ କାର୍ଯ୍ୟ ସହ ସମ୍ବନ୍ଧିତ ସମସ୍ୟାବଳୀ:

ଲୋକ ଅଭିବ୍ୟକ୍ତି ମୂଳକ ମୌଖିକ ସାହିତ୍ୟର ସଂଗ୍ରହ ଏକ କଠିନ କାର୍ଯ୍ୟ । ସହଜେ ଏହା ପୁଣି ମାନବୀୟ କ୍ଷେତ୍ର । ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଏହାର ଅଧ୍ୟୟନ ଏବଂ ଗବେଷଣା ନିମନ୍ତେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ସାହିତ୍ୟ ଅଧ୍ୟୟନ ନିମନ୍ତେ ହସ୍ତଲିଖିତ ପୁସ୍ତକ ଖୋଜିବା ଯେତିକି କଷ୍ଟସାଧ୍ୟ ତତୋଧିକ କଠିନ ତା'ର ପ୍ରକାଶ ସାଙ୍ଗକୁ ପ୍ରଚାର ପ୍ରସାର କରିବା । ମୌଖିକ ଅଭିବ୍ୟକ୍ତିମୂଳକ ଏହି ସାହିତ୍ୟକୁ ସଂଗ୍ରହ ଏବଂ ସଂକଳନ କରିବା ବାସ୍ତବିକ ଏକ କଷ୍ଟସାପେକ୍ଷ କାର୍ଯ୍ୟ । ଲୋକ ସାହିତ୍ୟ ସଂଗ୍ରହ କ୍ଷେତ୍ରରେ ଉତ୍ପନ୍ନ ହେଉଥିବା ସମସ୍ୟାଗୁଡ଼ିକ ସମ୍ପର୍କରେ ନିମ୍ନରେ ଉଲ୍ଲେଖ କରାଗଲା –

### 1. ଶ୍ରମସାପେକ୍ଷ କାର୍ଯ୍ୟ :-

ବର୍ତ୍ତମାନ ସମୟରେ ଲୋକସାହିତ୍ୟ ସଂଗ୍ରହ କରିବା ଏକ ଦୁଃସାଧ୍ୟ କାର୍ଯ୍ୟ । ସରଳ ସାବଲୀଳ ଗ୍ରାମ୍ୟ ଜନତାର ଗ୍ରାମ୍ୟ ସାହିତ୍ୟର ଗୀତ, ଶୁଣା କଥା, ଦେଖା ନାଟକକୁ ଲିପିବଦ୍ଧ କରିବା ବଡ କଠିନ ବ୍ୟାପାର । ଆଜିର ସମୟରେ ଲୋକଗାୟକଙ୍କର ଅଭାବ

ISSN NO.
2582-208X

ସାଙ୍ଗକୁ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଆଜିର ଯୁବପିଢ଼ି ମନରେ ଲୋକସାହିତ୍ୟ ପ୍ରତି ଏକ ଉପେକ୍ଷାଭାବ ସୃଷ୍ଟି କରିଛି । କେବଳ ବୃଦ୍ଧବୃଦ୍ଧାମାନଙ୍କଠାରେ ଏହା ସୁରକ୍ଷିତ ରହିଛି । ଅନ୍ୟପଟେ ଦେଖିଲେ:

-ଗାଁଗହଳିର ସ୍ତ୍ରୀଲୋକମାନେ ଅଧିକାଂଶ ଏହାକୁ ବ୍ୟବହାର କରିଥାନ୍ତି, ମାତ୍ର ଓଢଣା ଢାଙ୍କି ରହିଥିବା ଲଜ୍ଜାଶୀଳା ଗ୍ରାମରମଣୀଙ୍କଠାରୁ ଏହା ସଂଗ୍ରହ କରିବା ଦୁଷ୍କର ହୋଇପାରେ ।

- ଅନେକ ଲୋକଗୀତ ନିର୍ଦ୍ଦିଷ୍ଟ ସମୟରେ ରଚିତ ଏବଂ ଗାୟନ ପାଇଁ ଉଦ୍ଦିଷ୍ଟ ହୋଇଥାଏ । ତାହାକୁ ସେହି ସମୟରେହିଁ ସଂଗ୍ରହ କରିବାକୁ ହୁଏ ।

- ଏହିପରି ଭାବରେ ଦେଖିଲେ ଲୋକସାହିତ୍ୟର ସଂଗ୍ରହ, ସଂରକ୍ଷଣର କାର୍ଯ୍ୟ ଅଧିକ କଷ୍ଟ ସାପେକ୍ଷ ପ୍ରତୀତ ହୁଏ ।

### 2. ସଂଶୟାଚ୍ଛନ୍ନ ବିଶ୍ୱସନିୟତା :-

ଲୋକସାହିତ୍ୟର ସଂଗ୍ରହ, ସଂରକ୍ଷଣ ଜଣେ ଶିକ୍ଷିତର ଏକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ । ଜାତୀୟ ସମ୍ପତ୍ତି-ଲୋକସାହିତ୍ୟକୁ ଲିପିବଦ୍ଧ କରିବାକୁ ହେଲେ ଗବେଷକଙ୍କୁ ନିଜ ପ୍ରତି ଗଭୀର ଆତ୍ମବିଶ୍ବାସ ରଖିବାକୁ ହେବ । ମାନବୀୟ ଭାବନା ଏବଂ ହୃଦୟ ସହିତ ଏ ସାହିତ୍ୟର ସମ୍ପର୍କ । ସେଇଥିପାଇଁ ବିଭିନ୍ନ ସ୍ଥାନ, ପରିବେଶ ତଥା ବିଭିନ୍ନ ସମାଜରେ ଏହା ପରିବର୍ତ୍ତନ ହୋଇଥାଏ । ଏହିଭଳି କ୍ଷେତ୍ରରେ ସଂଗ୍ରାହକଙ୍କୁ ସ୍ଥାନ-ପରିବେଶରୁ ଲୋକ ସାହିତ୍ୟ ସଂଗ୍ରହ ବେଳେ ଅବିଶ୍ୱସନୀୟ ସଂଶୟାଚ୍ଛନ୍ନରେ ଘାଣ୍ଟି ହେବାକୁ ହୁଏ । ଅର୍ଥାତ୍ ସଂଗ୍ରହକାରୀ ଚାହୁଁଥିବା ଉପାଦାନକୁ ସଂଗ୍ରହ କରିଛନ୍ତି ନା ନାହିଁ ଏହି ସଂଶୟରେ ଅଧିକାଂଶ ସମୟ କବଳିତ ହୋଇଯାଆନ୍ତି ।

### 3. ଧାର୍ମିକ ଅନ୍ଧବିଶ୍ବାସ :-

ଲୋକସାହିତ୍ୟ ସଂଗ୍ରହ କ୍ଷେତ୍ରରେ 'ଧାର୍ମିକ ଅନ୍ଧବିଶ୍ବାସ' ଅନ୍ୟତମ ସମସ୍ୟା । ନିଜ ଜ୍ଞାନକୁ ସଂଗୁପ୍ତ ରଖିବାର ପ୍ରବୃତ୍ତି କେଉଁ କାଳରୁ ଚାଲିଆସିଛି । ଲୋକସାହିତ୍ୟ ଯାତ୍ରା, ବ୍ରତ ଉପାସନା, ପର୍ବପର୍ବାଣୀ, ମେଳା ମହୋତ୍ସବ, ପୂଜା ଅନୁଷ୍ଠାନ ଆଦି ସହ ସମ୍ବନ୍ଧିତ । ତେଣୁ

ISSN NO.
2582-208X

ଅନେକ ସମୟରେ ଲୋକଗୀତ, କଥା ସଂଗ୍ରହବେଳେ ଧାର୍ମିକ ବିଶ୍ୱାସ ସଂମ୍ପନ୍ନ ବ୍ୟକ୍ତି ମାନସରୁ ଏସବୁ ସଂଗ୍ରହ କଠିନ ହୋଇଯାଏ । କାରଣ –

- ସେମାନେ ନିଜ ଧର୍ମ ସମ୍ବନ୍ଧିତ କିଛି ବି କଥା ବାହାରକୁ ଆଣିବାକୁ ଅନିଚ୍ଛା ପ୍ରକାଶ କରନ୍ତି ।
- ଅନେକ ଗୀତ, କଥା ନିର୍ଦ୍ଦିଷ୍ଟ ସମୟ ବ୍ୟତିତ ଅନ୍ୟ ସମୟରେ କହିବା ବା ଶୁଣାଇବାକୁ ବିରୋଧ ମନେକରନ୍ତି ।
- ଗବେଷକ ତଥା ସଂଗ୍ରହକାରୀଙ୍କୁ ଅବିଶ୍ୱାସ ତଥା ଆଶଙ୍କିତ ଦୃଷ୍ଟିରେ ଦେଖିବା ଆଦି । ଫଳରେ ଲୋକସାହିତ୍ୟ ସଂଗ୍ରହ କରିବା ଗବେଷକଙ୍କ ପାଇଁ ଦୁଷ୍କର ହୋଇଯାଏ ।
-

### 4. ପ୍ରାଚୀନ ପରମ୍ପରା ଉପରେ ଆଧୁନିକତାର ପ୍ରଭାବ :-

ଆଧୁନିକ ଚିନ୍ତା ଚେତନା ଦ୍ୱାରା ଆଜି ସହର କେବଳ ନୁହେଁ ଗ୍ରାମର ମଣିଷମାନେ ମଧ୍ୟ ପ୍ରଭାବିତ । ଯେଉଁଥିପାଇଁ ଆଧୁନିକତା ଆଜି ମଣିଷର ପାରମ୍ପରିକ ଦୃଷ୍ଟିପଥକୁ ଆହୁରି ସଂକୋଚିତ କରିଦେଇଛି । ପରମ୍ପରାର ମହତ୍ୱ ଊଣା ହେବାକୁ ଲାଗିଛି । ସନ୍ଧ୍ୟାରେ, ରାତିରେ କଥକ କାହାଣୀ ଶୁଣାଇବାର ପରମ୍ପରା ଆଜି ଆଉ ନାହିଁ କହିଲେ ଚଳେ । ଧାର୍ମିକ ସଙ୍ଗୀତଗୁଡ଼ିକ ମଧ୍ୟ ଧୀରେଧୀରେ ମୂଳର ଆକାର ତଥା ସ୍ୱରୂପ ହରାଇ ଅଂଶବିଶେଷ ମାତ୍ର ରହିଗଲେଣି । ଆଧୁନିକ ଗଣମାଧ୍ୟମ - ଫେସବୁକ, ୟୁଟୁବ, ଟେଲିଭିଜନ, ଇନଷ୍ଟାଗ୍ରାମ, ହ୍ୱାଟ୍ସଅପ ଆଦି ଗଗ୍ରାମୀଣ ମଣିଷ ଜୀବନର ସରଳତାକୁ ଛିନ୍ନଭିନ୍ନ କରିଦେଲାଣି । ଏହିଭଳି ସ୍ଥିତିମାନଙ୍କରେ ଲୋକ ସାହିତ୍ୟ ସଂଗ୍ରହ ବ୍ୟାପାର ମଧ୍ୟ ଦୁଃସାଧ୍ୟ ହେବାକୁ ଲାଗିଲାଣି ।

### 5.ଭାଷା ସମ୍ବନ୍ଧୀୟ ଜ୍ଞାନରେ ଦୁର୍ବଳତା :-

ପ୍ରତ୍ୟେକ ଜାତି ତଥା ସମୁଦାୟଙ୍କ ଭାଷା ଛିନ୍ନଭିନ୍ନ । ସଂଗ୍ରହକାରୀ ସେହି ଜାତି ବା ଜନସମୁଦାୟଙ୍କର ଅତୀତ ତଥା ପ୍ରାଚୀନ ସମୟ ଲୋକଗୀତ, ଲୋକକଥା, ଲୋକନାଟକ ସମ୍ପର୍କରେ ସୂଚନା ଆଣିବାକୁ ପଡେ । ଜଣେ ସଂଗ୍ରହକାରୀ ପ୍ରତ୍ୟେକ ଭାଷା କହିବା ବା ବୁଝିବା ମଧ୍ୟ ଅସମ୍ଭବ । ଅନେକ ସମୟରେ ସେ ଶୁଣିଥିବା ପଦର କିଛି ଅଂଶ, ଶବ୍ଦ

ISSN NO.
2582-208X

ଯେତେବେଳେ ଭୁଲିଯାଆନ୍ତି, ସେତେବେଳେ ନିଜେ ମନରୁ ଫାନ୍ଦି କିଛି ସଂଯୋଗ କରିଦିଅନ୍ତି । ଫଳରେ ମୂଳର ସେହି ଅଂଶକୁ ଖୋଜିବା ସଂଗ୍ରହକାରୀଙ୍କୁ ଅସହଜ ହୋଇପଡେ ।

## ୬. ପୁନରାବୃତ୍ତିରେ ଅସମର୍ଥତା :-

ଲୋକସାହିତ୍ୟ ସଂଗ୍ରହବେଳେ ସଂଗ୍ରହକାରୀ ଏହି ସମସ୍ୟାର ମଧ୍ୟ ସମ୍ମୁଖୀନ ହୁଅନ୍ତି । ଅନେକ ସମୟରେ ବିଭିନ୍ନ ଜନ ସମ୍ପ୍ରଦାୟ, ଲୋକ କାହାଣୀ କିମ୍ବା ଲୋକଗୀତକୁ ଗାନ କରିଥାଆନ୍ତି । ସ୍ୱର ତାଳ ଲୟରେ ସେହି ମୂଳ ରୂପରେ ତାକୁ ସଂଗ୍ରହ କରିବା ଅସମ୍ଭବ ହୋଇପଡେ । ଏହିଭଳି ଏକା ସ୍ଥିତିରେ ସଂଗ୍ରହକାରୀ ଗାନ କରୁଥିବା ସେହି ବ୍ୟକ୍ତିଙ୍କଠାରୁ ପୁନଃ ଛାଡିଯାଇଥିବା ପଂକ୍ତିକୁ ସଂଗ୍ରହ କରିବାରେ ଅସମର୍ଥ ହୋଇଯାଆନ୍ତି । ସେହି ବିବାହାଦି ମାଙ୍ଗଳିକ ଅନୁଷ୍ଠାନମାନଙ୍କରେ ଯେଉଁ ଗାନ, କାନ୍ଦଣାଦି ଗାନ କରାଯାଏ, ସେହି ରୂପରେ ତାକୁ ଲିପିବଦ୍ଧ କରିବା ମଧ୍ୟ ଅନେକ ସମୟରେ ସମସ୍ୟା ସୃଷ୍ଟି ହୋଇଥାଏ । ଯେଉଁଥିପାଇଁ ସଂଗ୍ରହ କରୁଥିବା ଅଂଶଗୁଡ଼ିକର ମୌଳିକତାକୁ ତଥାପି ମୂଳ ରୁପକୁ ଅବିକଳ ଭାବରେ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ସମସ୍ୟା ହୋଇଥାଏ ।

## 7.ଅନୁସନ୍ଧାନ କାର୍ଯ୍ୟରେ ଉଦାରଏବଂ ଅବସରବାଦୀ ଦୃଷ୍ଟିକୋଣ :-

ଲୋକସାହିତ୍ୟ ସଂଗ୍ରହ କ୍ଷେତ୍ରରେ ଏହା ଅନ୍ୟତମା ଜଟିଳ ସମସ୍ୟା । ବିଦେଶୀ ଲିକସାହିତ୍ୟ ସଂଗ୍ରହକାରୀ ନିଜର ଉଦାର, ଅବସରବାଦୀ ଦୃଷ୍ଟିକୋଣ ନେଇ ଆମ ଦେଶ ବା ପ୍ରଦେଶକୁ ଲୋକସାହିତ୍ୟ ସଂଗ୍ରହ ପାଇଁ ଆସିଥାଆନ୍ତି । ସେମାଣେ ଲୋକସାହିତ୍ୟ ସଂଗ୍ରହ ସହ ସମ୍ପୃକ୍ତ ଯେଉଁ ବ୍ୟକ୍ତିବିଶେଷଙ୍କ ସହ ଯୋଗାଯୋଗ ରକ୍ଷାକରନ୍ତି, ଅଧିକାଂଶ ଧନପ୍ରାପ୍ତିର ଲାଳସା ରଖନ୍ତି । ଅନେକ ସମୟରେ ସାଧାରଣ ଗବେଷକ ସଂଗ୍ରହକାରୀଙ୍କୁ ଯଥେଷ୍ଟ ତଥ୍ୟ ଦେଇପାରନ୍ତି ନାହିଁ । ବଣମୁଲକର ଲୋକଗାୟକ ଖୁବ କମ ସଂଖ୍ୟକ ରହିଛନ୍ତି । ଯାହାଙ୍କର ସନ୍ଧାନ ପାଇବା ସଂଗ୍ରହକାରୀଙ୍କ ପାଇଁ ଅସହଜ ହୋଇପଡେ । ଫଳରେ ଶ୍ରଦ୍ଧା, ଉଦାରତା ତଥା ଅବସରକାଳୀନ ଆନନ୍ଦ ପାଇବା ନିମନ୍ତେ ବିଚାର କରୁଥିଲେ ମଧ୍ୟ ସେମାନେ କାର୍ଯ୍ୟରେ ସଫଳ ହୋଇପାରନ୍ତି ନାହିଁ ।

ISSN NO.
2582-208X

### ୫.ପ୍ରକାଶନ ସମସ୍ୟା :-

ଲୋକସାହିତ୍ୟ ସଂଗ୍ରହରେ ଯେତିକି ପ୍ରତିବନ୍ଧକ ଦେଖାଯାଏ, ପ୍ରକାଶନକୁ ନେଇ ମଧ୍ୟ ସେତିକି ସମସ୍ୟା ପରିଲକ୍ଷିତ ହୋଇଥାଏ । କାରଣ ପ୍ରକାଶକ ସେହି ପୁସ୍ତକଗୁଡ଼ିକ ଛାପିଥାଆନ୍ତି, ଯେଉଁଗୁଡ଼ିକ ବିକ୍ରି ହୋଇଥାଏ । ଅନ୍ୟପକ୍ଷରେ ଲିକଗୀତ, ଢଗଢମାଳି ପ୍ରବଚନ ଆଦିକୁ ପଢିବା ନିମନ୍ତେ ପାଠକ ସଂଖ୍ୟା ମଧ୍ୟ ସ୍ୱଳ୍ପ । ପୁଣି ଲୋକ ସାହିତ୍ୟ ସଂଗ୍ରହକାରୀଙ୍କର ସରକାରୀ ଫଟୋ ଉତ୍ତୋଳନ ଆଦିର ପ୍ରଚଣ୍ଡ ଲିପ୍ସା ନିମନ୍ତେ ଲୋକସାହିତ୍ୟ ପ୍ରକାଶନ ନିମନ୍ତେ ବାଧା ଉତ୍ପନ୍ନ ହୋଇଥାଏ ।

### 9. କ୍ଷେତ୍ର ଅଧ୍ୟୟନ ନିମନ୍ତେ ଅନିଚ୍ଛାଭାବ :-

ଲୋକସାହିତ୍ୟ ସଂଗ୍ରହ ନିମନ୍ତେ ସଂଗ୍ରହକାରୀଙ୍କୁ କ୍ଷେତ୍ର ଅଧ୍ୟୟନ କରିବାକୁ ପଡେ । ପୁସ୍ତକରୁ ଗବେଷକଙ୍କୁ ଲୋକସାହିତ୍ୟ ସମ୍ପର୍କରେ ଜ୍ଞାନ ପାଇବା ସହ ଅଞ୍ଚଳ ବିଶେଷରୁ ତଥ୍ୟ ସଂଗ୍ରହ କରିବାକୁ ହୋଇଥାଏ । ଏଥିପାଇଁ ପ୍ରଚୁର ସମୟ ଦେଇ ନିର୍ଦ୍ଦିଷ୍ଟ ସ୍ଥାନ ଭ୍ରମଣରେ ଯାଇ ତହିଁରୁ ଲୋକ ଗୀତା, କଥାଣୀ, ନାଟକ ସଂଗ୍ରହ କରିବାକୁ ହୁଏ । ମାନସିକ ଆଳସ୍ୟ, ସମୟାଭାବ, ତଥା ବିଭିନ୍ନ ସ୍ଥାନଗସ୍ତ ନିମନ୍ତେ ଅର୍ଥାଭାବ ଆଦି କାରଣରୁ ସଂଗ୍ରହକାରୀଙ୍କ ର ଲୋକସାହିତ୍ୟ ସଂଗ୍ରହରେ ବାଧା ସୃଷ୍ଟି ହୋଇଥାଏ ।

### 10. ପାରମ୍ପରିକ ଜ୍ଞାନରେ ଅଭାବବୋଧ :-

ଲୋକସାହିତ୍ୟ ପାରମ୍ପରିକ ଜୀବନଶୈଳୀ ତଥା ଲୋକ ଜୀବନର ଇସ୍ତାହାର । ଲୋକ ସାହିତ୍ୟ ସଂଗ୍ରହକାରୀଙ୍କୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହୋଇଥାଏ । ଆଧୁନିକ ସମାଜରେ ଜୀବନ ନିର୍ବାହ କରୁଥିବା ଆଜିର ଗବେଷକଙ୍କୁ ନିଜର ପରମ୍ପରା ପ୍ରତି ନିର୍ଦ୍ଦିଷ୍ଟ ଜ୍ଞାନ ରଖିବାକୁ ପଡ଼ିବ । ନଚେତ କୌଣସି ଜନସମୁଦାୟଙ୍କର ସାହିତ୍ୟକୁ ବୁଝିବା ଏବଂ ତାକୁ ମୌଳିକ ଭାବେ ସଂଗ୍ରହ କରିବା ସମ୍ଭବ ହେଉନାହିଁ ।

ବର୍ତ୍ତମାନ ଯୁଗରେ ଆଧୁନିକତା ନାମରେ ଜଟିଳ ଯୁଗରୁଚିର ପ୍ରବେଶ କାରଣରୁ ମଣିଷ ତା'ର ସରଳ ଜୀବନଶୈଳୀକୁ ହରାଇବସୁଛି । ଫଳରେ ନିରୁତା ଲୋକସାହିତ୍ୟର ସଂଗ୍ରହ ଏବଂ ସଂରକ୍ଷଣ ଅଧିକ କଷ୍ଟସାପେକ୍ଷ ହେବାରେ ଲାଗିଛି । ଉପରୋକ୍ତ କାରଣଗୁଡ଼ିକ

ISSN NO.
2582-208X

ବ୍ୟତିତ ଆଉ କେତେକ ସମସ୍ୟା ଲୋକ ସାହିତ୍ୟର ସଂଗ୍ରହରେ ବାଧା ଉତ୍ପନ୍ନ କରିଥାଏ । ସେଗୁଡିକୁ ନିମ୍ନରେ ପ୍ରଦାନ କରାଗଲା :-


- ଲୋକ ସାହିତ୍ୟ ସଂଗ୍ରହକାରୀଙ୍କର ଭାଷାଜ୍ଞାନର ଅଭାବ ।
- ସହାନୁଭୂତି ପୂର୍ଣ୍ଣ ସହୃଦୟତାର ଅଭାବ ।
- ସଂଗ୍ରହକାରୀଙ୍କର ବିଷୟଜ୍ଞାନର ଅଭାବ ।
- ଆଧୁନିକ ଯନ୍ତ୍ରପାତି ବିଷୟରେ ଅନଭିଜ୍ଞତା ଏବଂ ଅହଂକାର ଅଦୂରଦର୍ଶିତା ଆଦି ।

ଏହି ପ୍ରକାରେ କୁହାଯାଇପରେ ଯେ, ଲୋକସାହିତ୍ୟ ସଂଗ୍ରହ ସବୁଠାରୁ ବଡ ସମସ୍ୟା ଏବଂ କଠିନ କାର୍ଯ୍ୟ ଅଟେ । ବର୍ତ୍ତମାନ ଯୁଗରେ ଜଟିଳ ଏବଂ ପରମାତ୍ମା ବିଶ୍ୱାସ ବଢୁଥିବା କାରଣରୁ ଜନସମୁଦାୟର ସ୍ୱଚ୍ଛ, ସହଜ ପ୍ରବୃତ୍ତିଗୁଡ଼ିକ ନଷ୍ଟ ହେବାରେ ଲାଗୁଛି । ଯାହା ଫଳରେ ଲୋକସାହିତ୍ୟର ସରଳତା ହ୍ରାସ ପାଇବାରେ ଲାଗିଛି । ଏହା ସହିତ ଲୋକସାହିତ୍ୟ ସଂଗ୍ରହ କରୁଥିବା ବ୍ୟକ୍ତିର ବ୍ୟବହାର ସାମାଜିକ ହେବା ମଧ୍ୟ ଜରୁରୀ ହୋଇଥାଏ । ଯାହାଫଳରେ ସେ ସ୍ଥାନୀୟ ଜନତା ସହ ସହାନୁଭୂତି ଏବଂ ସାବଧାନ ପୂର୍ବକ ବ୍ୟବହାର କରି ସେମାନଙ୍କ ବିଶ୍ୱାସ, ନାମାଙ୍କନ ଏବଂ ଅନ୍ଧବିଶ୍ୱାସକୁ ସମ୍ମାନ ପ୍ରଦର୍ଶନ କରିପାରିବେ । ଅନ୍ୟଥା, ସ୍ଥାନୀୟ ଲୋକ ଆତ୍ମୀୟତା ଭାବ ବିନା ନିଜେ ମାନୁଥିବା କଥା ଏବଂ ବିଶ୍ୱାସ ସମ୍ପର୍କିତ ତଥ୍ୟ ଦେବେନାହିଁ । ଏହା ସହ ରଚନାକାରଙ୍କ ଦୃଷ୍ଟିକୋଣକୁ ବ୍ୟାପକ କରିବାକୁ ହୋଇଥାଏ । କାରଣ ଅଧିକାଂଶ ଲୋକ ସାହିତ୍ୟ ମୌଖିକ ନଚେତ୍ ଶ୍ରୁତି ପରମ୍ପରାରେ ହିଁ ରହିଯାଆନ୍ତି । ଏ ଦୃଷ୍ଟିକୋଣରୁ ଲୋକସାହିତ୍ୟ ସଂଗ୍ରହର ମୋହ ରଖିବା କଠିନ କାର୍ଯ୍ୟ । ଯିଏ ଏହି କ୍ଷେତ୍ରର ବୋଲି ବା ସଙ୍ଗୀତକୁ ଜାଣନ୍ତି କିମ୍ବା ସେ କିଛି ବିଶେଷ ବୋଲିର ଭାଷା-ବୈଜ୍ଞାନିକ ଅଧ୍ୟୟନ କରିବାରେ ସମର୍ଥ ଅଟନ୍ତି । ସେ ହିଁ ଶୁଦ୍ଧ ଲିପିବଦ୍ଧ କରିପାରିବେ । ଏକ ସଂଗ୍ରହକାରୀଙ୍କ ପାଇଁ ବିଷୟବୋଧ, ଅହଂକାରଶୂନ୍ୟ, ଦୂରଦୃଷ୍ଟିତା, ଆତ୍ମାନୁଶାସନ, ସଚ୍ଚୋଟତା, ବସ୍ତୁନିଷ୍ଠତା, ନିର୍ଭିକତା, ଦାୟିତ୍ୱଜ୍ଞାନ, ସମୟନିଷ୍ଠା, ବ୍ୟବହାରରେ ଶିଷ୍ଟାଚାର, ପରିଶ୍ରମ, ସଂଘର୍ଷଶୀଳତା ତଥା ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଯଥାଯଥ ଜ୍ଞାନ ଆଦିର ଅଧିକାରୀ ହୋଇଥିବା ଆବଶ୍ୟକ ।

(ଗବେଷିକା, ଓଡ଼ିଆ ଭାଷା- ସାହିତ୍ୟ ବିଭାଗ,
ରାମଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର)

ISSN NO.
2582-208X

# ବାହାନଗାର ଚିତ୍ର



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

ବାଲେଶ୍ୱର ଠାରୁ ଅନତି-
ଦୂରରେ ବାହାନଗା
ଜୁନ୍ ମାସ ଦୁଇ ଦିନର
ଯାତ୍ରୀ ଥିଲେ ଅଭଗା ।

ରେଳ ଯାତ୍ରା କରି ସେମାନେ
ଘରକୁ ଯାଇଥାନ୍ତେ
ଘରର ଲୋକଙ୍କୁ ପାଇଣ
ଖୁସୀ ମନାଇ ଥାନ୍ତେ ।

ତାଙ୍କରି ଶରଧା ଭାଙ୍ଗିଲୁ
ତୁହି କରମଣ୍ଡଳ
ରକ୍ତର ଛିଟାରେ ଦୋହଲି-
ଗଲା ସେହି ଅଞ୍ଚଳ ।

ମାଲ ଗାଡି ସହ ଯାତିରୀ -
ରେଳ ଧକ୍କା ହୋଇଲା
ଶହ ଶହ ମୃତ ଯାତ୍ରୀଙ୍କୁ
ଉଦ୍ଧାର କରାଗଲା ।

ISSN NO.
2582-208X

କଏ ସେ କରିଲା ଏ କାମ
ତା'ର ଖୋଜ ଖବର
ଏଯାଏଁ ତ' ଜଣାପଡ଼ିଲା
ନାହିଁ ତା'ର ଉତ୍ତର ।

କେଉଁ ମାଆ କୋଳେ ରହିଛି
ତା'ର ଟିକ ସନ୍ତାନ
କଏ ତ' ତା ପିଲା ମୁହଁରେ
ଦେଉଥିଲା ତା' ସ୍ତନ୍ୟ ।

ସ୍ୱାମୀଟି ଥାଉଣୁ ପତ୍ନୀକୁ
ତୁହି ନେଲୁ ଛଡାଇ
ତୋହପରି ଲୌହ ମାନବ
ଏଯାଏଁ ଦେଖିନାହିଁ ।

ସବୁ ଗ୍ୱଇଜର ସରକାର-
ମାନେ କ୍ଷତି ପୂରଣ
ଟଙ୍କା ସିନା ଦେଉ ଅଛନ୍ତୁ
ଆଣିବେକ ପରାଣ ?

ଧାନ୍ୟରାଶି, ଜେମା ମହଲ
ନୂଆପଡ଼ା (ଗଞ୍ଜାମ)୭୬୧୦୧୧
ମୋ: ୭୩୭୨୯୯୪୫୪୫

ISSN NO.
2582-208X

# ଏଇମିତି କବିର ଜୀବନ



ବିଶ୍ୱନାଥ କର

ସମୁଦ୍ରକୁ ଅଜାଡିଛି ସବୁ ଲୁହ ମୋର
ଲୁଣିଆ କରିଦେଇଛି ସାତ ସମୁଦ୍ରର ନୀଳ ଜଳ
ଯନ୍ତ୍ରଣାର ଘୂର୍ଣ୍ଣିଝଡେ ଉଡୁଛି ଶୁଖିଲା ପତ୍ରଟି ପରି
ମୃତ ସ୍ୱପ୍ନର ମଶାଣୀର ଅନ୍ଧାର କକ୍ଷରେ
ଝୁଲୁଛି ମୋ ପ୍ରେମ ର ପ୍ରେତାତ୍ମା ।

ଭୋକିଲା ଅନ୍ଧାରର ଅଜଗର ଗିଳି ସାରିଲାଣି ଅଧା ଜହ୍ନ
ମୁଁ ସଜାଉଡି ଜୁଇ ଆକାଶ ଛାତିରେ
ଭଙ୍ଗା ହୃଦୟରେ,
ଆକାଶର ମଲା ତାରା ସବୁ ଜଳୁଛନ୍ତି ଜୁଇର ନିଆଁରେ
ବଗିଚାର ସବୁ ପ୍ରଜାପତି
ଛାତି ବାଡେଇ ବାଡେଇ କରନ୍ତି ରୋଦନ ।

ଲାଖବିନ୍ଧା ରେ ହାରିଯାଇଥିବା ମୋର ସବୁ ପ୍ରେମ ଚିଠି
ଫେରିଯାଏ ଆଦ୍ୟ ଚୈତ୍ରର ଶୀତଳ ବାଆ ସାଥେ
ସୁରଭିତ ରଙ୍ଗିନ ଫୁଲ ସବୁ ରଙ୍ଗ ହରାନ୍ତି ବାସ ହରାନ୍ତି
ଶୂନ୍ୟ ରେ ଲଟକି ଥିବା ପାରିଜାତ
ଭୀରୁତ୍ୱର ସାହାନାଇ ତାଳେ ତାଳେ
ଆଙ୍କୁଛି ମୋ ଅସ୍ତିତ୍ୱହୀନ ଜୀବନର ଚିତ୍ର ।

ISSN NO.
2582-208X

ସମୟର ଚୋରାବାଲିର ମୋ ପାଦଚିହ୍ନ ସବୁ
ତୋଳିଥିବା ସ୍ୱପ୍ନର ପ୍ରକଳ୍ପ
ପୋତି ହୋଇ ଯାଇଛି ବାଲିସ୍ତୁପର ପାହାଡେ
ମୋ ବନବାସର ଅବଧି ବଢିଯାଉଛି ଜୀବନ ଜ୍ୱାଳାରେ
ଏମିତି କବି ର ଜୀବନ
ପାଉଁଶ ମୁଠାଏ ତଳେ ଦିକି ଦିକି ଜଳେ
ମଞ୍ଜାସୀନ ଅନ୍ତରଙ୍ଗ ଦିନ

ଏମିତି କବି ର ଜୀବନ
କୁଶବିଦ୍ଧ ସମୟରୁ ମୁକ୍ତି ପାଏନା
ନିଶୁନ ରାତିର ଫଗୁଣ
ଖୋଜିବାକୁ ପଡେ ଅହରହ ଜୀବନ ପ୍ରଣାମ
ଏଇମିତି କବିର ଜୀବନ
ଜୀବନ୍ତ ଲାଭାରେ ତା'ର ସବୁ ପରିଚୟ
କେନା ମେଲୁଥିବା ମିଛ ସ୍ୱପ୍ନଦର୍ଶୀ ଜହ୍ନ ।

ସାଇ କଲୋନୀ,ଦେଉଳସାହି, ତୁଳସୀ ପୁର,
କଟକ୭୫୩୦୦୮/ସମ୍ପର୍କ 9776332639
Mail: biswanathkar1956@gmail.com

ISSN NO.
2582-208X

# ଖାଲି ତୁମକୁ ସାନିଧ୍ୟ ଦେବା ଇଚ୍ଛାରେ......



ବିରଞ୍ଚି ନାରାୟଣ ମିଶ୍ର

ତୁମେ ହିଁ ତ ଅଣଦେଖା କରି
ପେଲି ଚାଲିଛ
ତାଙ୍କ ବଢ଼େଇଥିବା ହାତ
ତୁମ ଆଡ଼କୁ।
ବାଟ ଛାଡ
ଛାଡ଼ିଲେ ସିନା ସେ ଆସିବେ
ଭେଦି ତୁମ ଅହଂର ଦରଜା
ଏତେ କଡା କରି କିଳିଲେ ହବ କି
ଶ୍ୱେତ ସୂକ୍ଷ୍ମ ପରଦା ?
ଏତେ ଭେଲିକିରେ ଭଳି ହେଇ
ତୁମେ ହିଁ ତ ତାଙ୍କୁ ପାଶୋରିଲ।
ସେ ତ କେବେଠୁ ସେଇଠି ଠିଆ ହେଇଛନ୍ତି
ଯୋଉଠି ବିସ୍ମରି ଆସିଥିଲ।
ପଛକୁ ନ ଫେରିଛ ଯଦି ତୁମେ
ଦୋଷ କଣ ତାଙ୍କର ?
ଝୁଣ୍ଟିଲା ବେଳେ, ଆଣ୍ଟିଲା ବେଳେ, ଜୁଝିଲା ବେଳେ
ଖାଲି ତାଙ୍କୁ ଖୋଜିଛ ନା,

ISSN NO.
2582-208X

କେବେ ଥରେ ଖୋଜିଛ କି
ହସିଲା ବେଳେ,ମନର ଡଙ୍ଗାରେ ରଙ୍ଗ ଲଦି
ଖୁସିର ନଈ ପାରି କଲା ବେଳେ ?
ତଥାପି ସେ ସେଇଠି ଠିଆ
ଏବେ ଠୁ ।
ତମାମ କାଳ ତୁମ ଅପେକ୍ଷାରେ ।
ଏବେ ବି ସମୟ କହୁଛି
ଫେରିପାର,
ନେଇପାର ନିଷ୍ପତ୍ତି
ତାଙ୍କର ହେବାରେ ।
ଦେଖ କଣ କରିପାରୁଛ ?

9439011063

ISSN NO.
2582-208X

# ବର୍ଷା



ମୋନାଲିସା ପଣ୍ଡା

ବର୍ଷା ଗୋ ତୁମେ ଚିର ବନ୍ଦନୀୟା
ଅଝଟ ଅବୁଝା କନ୍ୟା
ତୁମ ସ୍ପର୍ଶେ ତନୁ ଶିହରିତ ହୁଏ
ମନ ହୁଏ ଅମାନିଆ ॥
ବର୍ଷା ଗୋ ତୁମେ ନିତ୍ୟ ଯୌବନା
ଆଦ୍ୟ ଶାବଣର ବନ୍ୟା
ତୁମ ସ୍ପର୍ଶ ପାଇଁ ଆକୁଳିତ ଭୂଇଁ
ହେବାକୁ ଗୋ ସବୁଜିମା ॥
ବର୍ଷା ଗୋ ତୁମେ ଅନିନ୍ଦ୍ୟ ସୁନ୍ଦରୀ
କବିର ଅଳସୀ କନ୍ୟା
ତୁମ ସ୍ପର୍ଶେ କବି ମତୁଆଳ ହୁଏ
ମନ ହୁଏ ଆନମନା ॥
ବର୍ଷା ଗୋ ତୁମେ କୁଆଁରୀ ମନର
ପ୍ରେମ ଫଲଗୁର ଧାରା
ତୁମରି ପରଶେ ପ୍ରେମ ଦୁଇଗୁଣ
ମନେପଡେ ବହୁ କଥା ॥

ବର୍ଷା ଗୋ ତୁମେ ଶ୍ରୀହୀନ ବଣର
ବିଷର୍ଣ୍ଣ କପାଳ ରେଖା
ତୁମରି ବିହୁନେ ତରୁଲତା ଲାଗେ
ମରୁଦ୍ୟାନ ମରୀଚିକା ॥
ବର୍ଷା ଗୋ ତୁମେହାହାକାର ମୟ
ମେଦିନୀକୁ କର ଶାନ୍ତ
ତୁମ ପରଶରେ ଧରା ପ୍ରଫୁଲ୍ଲିତ
ପ୍ରଚଣ୍ଡ ତେଜର ଅନ୍ତ ॥

କୋମନା, ନୂଆପଡା

ISSN NO.
2582-208X

# ଶରଣ ଶ୍ରୀକ୍ଷେତ୍ର, ମାରଦା



ହର ପ୍ରସାଦ ସୁଆର

## ଭ୍ରମଣ

କିଛିଦିନ ପୂର୍ବରୁ ମନରେ ଇଚ୍ଛା ଜାତହେଲା, ତୀର୍ଥ ଭ୍ରମଣ କରିଆସିବା ନିମନ୍ତେ । ନିଦାଘର ଶେଷ ଏବଂ ବର୍ଷାର ଆଗମନ ସମୟରେ ଶରଣ ଶ୍ରୀକ୍ଷେତ୍ର ଯିବାର ସିଦ୍ଧାନ୍ତ ହେଲା । ଦିନେ ଦୁଇଦିନ ବର୍ଷା ପଡିବାହେତୁ ଗରମରୁ ସାମାନ୍ୟ ସ୍ୱସ୍ତି ମିଳିଥାଏ । ଏଣୁ ଅଧିକା ବର୍ଷା ହେବାପୂର୍ବରୁ ଏହି ସମୟହିଁ ଉପଯୁକ୍ତ ସମୟ ଶରଣ ଶ୍ରୀକ୍ଷେତ୍ରକୁ ଯିବାପାଇଁ । ଆମ ଓଡିଶାରେ ମହାପ୍ରଭୁ ଜଗନ୍ନାଥଙ୍କର ପୁରୀରେ ପୁରୁଷୋତ୍ତମ କ୍ଷେତ୍ର, କୋରାପୁଟରେ ଶାବର ଶ୍ରୀକ୍ଷେତ୍ର, ଗଞ୍ଜାମର ଆଠଗଡ ଅଞ୍ଚଳର ମାରଦାରେ ଶରଣ ଶ୍ରୀକ୍ଷେତ୍ର ରହିଛି । ଯାହା ବ୍ରହ୍ମପୁରଠାରୁ ପୋଲସରା ଯିବା ରାସ୍ତାରେ ଅନ୍ୟୁନ ପକ୍ଷେ ପଇଁଚାଳଶି କିଲୋମିଟର ରାସ୍ତା । ପାରଳାଖେମୁଣ୍ଡି ଠାରୁ ପଳାଶା ଦେଇ ବ୍ରହ୍ମପୁର ଯିବାକୁ ହେଲେ ଅତି କମରେ ଶହେ କୋଡିଏ ବା ପଚିଶ କିଲୋମିଟର ରାସ୍ତା ଯିବାକୁ ହୁଏ । ସିଦ୍ଧାନ୍ତ ହେଲା ଜଗନ୍ନାଥଙ୍କ ହେରାପଞ୍ଚମୀ ତିଥିର ପୂଣ୍ୟାବସରରେ ଅର୍ଥାତ୍ ଜୁନ୍ ମାସ ଚବିଶି ତାରିଖରେ ମାରଦା ଯିବାପାଇଁ । ପାରଳାରୁ ବ୍ରହ୍ମପୁରକୁ ଯିବାପାଇଁ ଦିନ ଦ୍ୱିପ୍ରହରରେ ଅର୍ଥାତ୍ ଅମ୍ବିକା ଏକ୍ସପ୍ରେସ୍ ବସ୍ ଧରିବାକୁ ହେବ । ଘରେ ମଧ୍ୟାହ୍ନ ଭୋଜନ ସମ୍ପନ୍ନ କରି ବସ୍ ଷ୍ଟପେଜକୁ ବାରଟା ପନ୍ଦର ମିନିଟରେ ଆସିବାକୁ ପଡିଲା । ଯଥାରୀତି ବସଷ୍ଟାଣ୍ଡରୁ ଉକ୍ତ ବସ୍ ନିର୍ଦ୍ଦିଷ୍ଟ ଷ୍ଟପେଜକୁ ଦଶ ମିନିଟ ବିଳମ୍ବ ଅର୍ଥାତ୍ ବାରଟା ଚାଳିଶି ମିନିଟରେ ଆସି ପହଞ୍ଚିଲା । ବ୍ରହ୍ମପୁର ବସଷ୍ଟାଣ୍ଡରେ ପହଞ୍ଚିଲା ବେଳକୁ ଅପରାହ୍ନ ଚାରିଟା ବାଜି ଦଶ ମିନିଟ୍ ସମୟ ହୋଇସାରିଥାଏ । କାରଣ ହେଲା ବସ୍ ବିଳମ୍ବ । ଏଣେ ଝିପି ଝିପି ବର୍ଷା

ISSN NO.
2582-208X

ହେଉଥାଏ। ବ୍ରହ୍ମପୁର ବସଷ୍ଟାଣ୍ଡରୁ ପୋଲସରା ଅଭିମୂଖେ ଯିବାକୁ ଥିବା ବସ୍ ଧରିବାକୁ ହେବ । ଦେଖାଗଲା ଉପରଓଳି ଚାରିଟା ସମୟରେ ଥିବା ନୀଳକଣ୍ଠ ବସଟି କୋଣସି କାରଣରୁ ବାତିଲ୍ ହୋଇଛି । ତେଣୁ ପରବର୍ତ୍ତୀ ବସ୍ ଅର୍ଥାତ୍ ପାଞ୍ଚଟା ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଲା । ବ୍ରହ୍ମପୁରରୁ ମାରଦା ଅଥବା ମଥୁରାକୁ ଯିବାକୁ ହେଲେ ଦୁଇରୁ ଅଢେଇ ଘଣ୍ଟା ସମୟ ଲାଗେ । ମାରଦା ବସ୍ ଷ୍ଟପେଜଠାରୁ ମନ୍ଦିରକୁ ଯିବାକୁ ଅଧା କିଲୋମିଟର ରାସ୍ତା । ପାଦରେ ଚାଲିଚାଲି ଯିବାକୁ ହୁଏ । ମାରଦାରେ ଜନବସତି ନଥିବା ହେତୁ ବିଜୁଳି ଆଲୁଅର ବ୍ୟବସ୍ଥା ନଥାଏ । ଏଣେ ସମୟ ସନ୍ଧ୍ୟା ପ୍ରାୟ ସାଢେ ସାତଟା ହୋଇଯାଇଥିବା କାରଣରୁ ଚାରିପଟେ ଅନ୍ଧକାର । ଫଳରେ ମାରଦାରେ ନଓହ୍ଲାଇ ସେଠାରୁ ଅଢେଇ କିଲୋମିଟର ରାସ୍ତା ମଥୁରାରେ ଓହ୍ଲାଇବାକୁ ପଡିଲା । ସେଠାରେ ଜନବସତି ଓ ବିଜୁଳି ଆଲୁଅର ସୁବିଧା ଥିଲା । ଲୋକଙ୍କୁ ପଚାରି ସେଠାକାର ଜଗନ୍ନାଥ ମନ୍ଦିରକୁ ଗଲାବେଳକୁ ଜୀଉଙ୍କର ଆରତୀ ଚାଲିଥାଏ । ନିକଟରେ ନୂତନ କରି ନିର୍ମାଣ କରାଯାଇଥିବା କଲ୍ୟାଣ ମଣ୍ଡପ ରହିଛି । ଚଣ୍ଡିବାବୁଙ୍କର ସାରସ୍ୱତ ବନ୍ଧୁ ଦଣ୍ଡପାଣି ବାବୁ ସେହି ଅଞ୍ଚଳର ଲୋକ । ଏଣୁ ସେ ଚଣ୍ଡିବାବୁଙ୍କ ନିମନ୍ତେ କଲ୍ୟାଣ ମଣ୍ଡପରେ ରହିବା ଏବଂ ଖାଇବାର ବ୍ୟବସ୍ଥା କରିଦେଲେ । ନିଜେ ସାଥିରେ ନେଇଥିବା ବେଡସିଟକୁ ବିଛଣା ଏବଂ ବ୍ୟାଗକୁ ତକିଆ ରୂପେ ବ୍ୟବହାର କରି ସେ କଲ୍ୟାଣ ମଣ୍ଡପରେ ହିଁ କୌଣସିମତେ ରାତ୍ରିଯାପନ କଲେ ।

ତା'ପରଦିନ ରବିବାର, ପଚିଶ ତାରିଖ । ଶରଣ ଶ୍ରୀକ୍ଷେତ୍ର ଦେଖିବାକୁ ମନରେ ଭାରୀ ଇଚ୍ଛା । ତେଣୁ ମାରଦାକୁ ଯିବାକୁ ହେବ । ଏଣୁ ସକାଳୁ ନିଦରୁ ଉଠି ସ୍ନାନ ଶୌଚାଦି ନିତ୍ୟକର୍ମ ସାରି, ସକାଳ ନଅଟାରେ ଅଟୋରିକ୍ସା ଯୋଗେ ମଥୁରାରୁ ମାରଦା ଅଭିମୂଖେ ବାହାରିଲେ । ଦଶମିନିଟ୍ ପରେ ମାରଦା ମନ୍ଦିର ପ୍ରାଙ୍ଗଣରେ ଯାଇ ପହଞ୍ଚିଲେ । ମଥୁରା ଅର୍ଥାତ୍ ଉତ୍ତରପ୍ରଦେଶ ରାଜ୍ୟର ଭଗବାନ ଶ୍ରୀକୃଷ୍ଣଙ୍କର ଲୀଳାଭୂମି ମଥୁରା ନୁହଁ । ଏହି ମଥୁରା ହେଉଛି, ଗଞ୍ଜାମ ଜିଲ୍ଲାର ଆଠଗଡ ଅଞ୍ଚଳର । ଆଜି ଐତିହାସିକ ପୂଣ୍ୟକ୍ଷେତ୍ର ମାରଦା ଦେଖିବାର ଅଭିଳାଷ ପୂର୍ଣ୍ଣ ହେବ । ଏଣୁ ମନଟା ଆନନ୍ଦରେ ନାଚି ଉଠୁଥାଏ । ଚଣ୍ଡିବାବୁ ମନ୍ଦିରର ମୂଖ୍ୟଦ୍ୱାରରେ ପ୍ରବେଶ କଲେ । ଚତୁଃପାର୍ଶ୍ୱରେ ପ୍ରାଚୀର ଘେରା ହୋଇ ରହିଥିବା ବିସ୍ତୀର୍ଣ୍ଣ ଅଞ୍ଚଳ ହେଉଛି ଏହି ମନ୍ଦିରର ପରିସର । ପ୍ରାଙ୍ଗଣର କେନ୍ଦ୍ର ସ୍ଥଳୀରେ ମନ୍ଦିରଟି ଅବସ୍ଥିତ । ମନ୍ଦିର ପ୍ରାଙ୍ଗଣର କୀର୍ତ୍ତିରାଜି ସତରେ ମନୋମୁଗ୍ଧକର । ସବୁଜ

ISSN NO.
2582-208X

ବନାନୀରେ ଭରପୂର । ଆନନ୍ଦଦାୟକ ଏବଂ ମନଲୋଭା । ମନ୍ଦିର ପ୍ରାଙ୍ଗଣରେ କନିଅର, କଦମ୍ବ, କୃଷ୍ଣଚୂଡା, ଚମ୍ପା, ଟଗର ଆଦି ନାନା ଧରଣର ଫୁଲଗଛରେ ଭରପୂର । ଫଳରେ ଫୁଲର ସୁଗନ୍ଧରେ ସ୍ଥାନଟି ମହମହ କରୁଥାଏ । ଏଣେ ଶାଳ, ପିଆଶାଳ, ଶାଗୁଆନ, ନିମ, ଆମ୍ବ, ପଣସ, ନଡିଆ ସହ ଅନ୍ୟାନ୍ୟ ବୃକ୍ଷରାଜିରେ ସ୍ଥାନଟିର ଶୋଭା ଅତ୍ୟନ୍ତ ଚମତ୍କାର ଦେଖାଯାଉଥାଏ । ମୁଖ୍ୟ ଦ୍ୱାରରେ ପ୍ରବେଶ କରିବାପରେ ଡାହାଣ କୋଣରେ ପାଣି ଟ୍ୟାଙ୍କଟିଏ ରହିଛି । ଗଛପତ୍ର ଆଦି ରହିଥିବା ହେତୁ ଟ୍ୟାଙ୍କର ପାଣି ଖୁବ୍ ଥଣ୍ଡା ଏବଂ ପାନୀୟ ଉପଯୋଗୀ । ମନ୍ଦିର ପ୍ରାଙ୍ଗଣରେ ରହିଛି ଲୋକନାଥ ମନ୍ଦିର, ସୂର୍ଯ୍ୟ ମନ୍ଦିର, ହନୁମାନ ମନ୍ଦିର ଓ ଶନି ମନ୍ଦିର । ମୁଖ୍ୟ ମନ୍ଦିରଟି ହେଉଛି ଜଗନ୍ନାଥ ମନ୍ଦିର । ମନ୍ଦିର ଚତୁଃପାର୍ଶ୍ୱରେ ପାର୍ଶ୍ୱ ଦେବତାଗଣ ରହିଛନ୍ତି । ଉତ୍କଳର ପ୍ରାଚୀନକଳା ଅନୁଯାୟୀ ମୁଖ୍ୟ ମନ୍ଦିରଟି ପଥରରେ ତିଆରି । ଶତଶତ ବର୍ଷଧରି ନିର୍ମାଣ ହୋଇଥିଲେ ସୁଦ୍ଧା, ଯିଏ କେହି କହିବ ଏହି ଅଳ୍ପବର୍ଷ ମଧ୍ୟରେ ନିର୍ମିତ ହୋଇଛି । ମନ୍ଦିରର ଭିତର ପରିବେଶ ହେଉଛି ଶାନ୍ତ ଏବଂ ପରିଷ୍କାର । ମନ୍ଦିରଟି ନଅଶହ ପଚାଶ ଭରଣ ଅର୍ଥାତ୍ ପ୍ରାୟ ଚାରିଶହ ଏକର ବିସ୍ତୀର୍ଣ୍ଣ ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଛି । ହାତୀ ଭଳି ଉଚ୍ଚ ହାତୀବାଡ ପାହାଡର ପାଦଦେଶରେ ବ୍ୟାପ୍ତ ଜଙ୍ଗଲ ଏବଂ ଜଙ୍ଗଲର ଏକ ଅଂଶରେ ଏହି ମନ୍ଦିରଟି ଅବସ୍ଥିତ । ମନ୍ଦିରଠାରୁ ହାତୀବାଡ ପାହାଡର ଦୂରତ୍ୱ ହେଉଛି ପାଞ୍ଚଶହ ମିଟର । ଏଠାରେ ଜମିବାଡିର ମାପକୁ ସ୍ଥାନୀୟ ଲୋକେ ଭରଣ,ଗୁଣ୍ଠ ଆଦି ଶବ୍ଦ ବ୍ୟବହାର କରନ୍ତି ଯାହା ବଙ୍ଗଳାରେ କାଠା ଓ ବିଘା ଆଦି ଶବ୍ଦ ବ୍ୟବହାର ହୁଏ । ମନ୍ଦିର ସାମନାରେ ଅର୍ଥାତ୍ ପ୍ରାୟ ଶହେ ମିଟର ଦୂରରେ ପୋଖରୀଟିଏ ରହିଛି । ଖରାଦିନ ହେତୁ ପୋଖରୀର ପାଣି ଶୁଖିଯାଇଥାଏ। ମନ୍ଦିରର ପାର୍ଶ୍ୱରେ ରାଜ୍ୟ ସରକାରଙ୍କ ଦ୍ୱାରା କରୋନା ମହାମାରୀ ସମୟରେ ନିର୍ମାଣ କରାଯାଇଥିବା ସୁନ୍ଦର ଶିଶୁ ଉଦ୍ୟାନଟିଏ ରହିଛି । ମନ୍ଦିର ନିକଟକୁ ଯିବାକୁହେଲେ ଗୋଟିଏ ପଟୁ କଂକ୍ରିଟର ଚଉଡା ରାସ୍ତା ଏବଂ ଅପର ପଟୁ ପିଚ୍ ରାସ୍ତା ଆସି ସଂଯୋଗ କରିଛି । ଏଣୁ ଯାତାୟତ କରିବାରେ ରାସ୍ତାଘାଟର କୌଣସି ସମସ୍ୟା ନାହିଁ । ସେଠାରେ କେବଳ ଜଙ୍ଗଲ ହିଁ ଜଙ୍ଗଲ । ଜନମାନସ ଶୂନ୍ୟ ହେବା ଯୋଗୁଁ ମନ୍ଦିର ମଧ୍ୟରେ କିମ୍ବା ପ୍ରାଙ୍ଗଣରେ ବିଜୁଳି ଆଲୁଅର ଉପଯୁକ୍ତ ବ୍ୟବସ୍ଥା ନଥାଏ । ସନ୍ଧ୍ୟାପରେ ଚାରିପଟେ ଘନ ଅନ୍ଧକାର । ତୀର୍ଥଯାତ୍ରୀଙ୍କ ପାଇଁ ରାତ୍ର ରହଣି ନିମନ୍ତେ କୌଣସି ଲଜ୍ ବା ଧର୍ମଶାଳାର ବ୍ୟବସ୍ଥା ନାହିଁ । ସେଠାକୁ ଗଲେ ମନ୍ଦିର ଏବଂ ପ୍ରାକୃତିକ ଦୃଶ୍ୟ ଦେଖିସାରି ସନ୍ଧ୍ୟା ପୂର୍ବରୁ ହିଁ ଫେରି ଆସିବାକୁ ହୁଏ ।

ISSN NO.
2582-208X

ମନ୍ଦିରର ବର୍ତ୍ତମାନ ପୂଜକ ହେଉଛନ୍ତି ଭଗବାନ ପଣ୍ଡା । ବର୍ତ୍ତମାନ ତାଙ୍କରି ବୟସ ଆନୁମାନିକ ପଚାଶରୁ ପଞ୍ଚାବନ ହେବ । ପଚାରି ବୁଝିବାରୁ ଜଣାପଡିଲା ଯେ ତାଙ୍କ ପିତା ଏବଂ ପ୍ରପିତାମହ ପାରମ୍ପରିକ ଭାବେ ଉକ୍ତ ମାରଦା ମନ୍ଦିର ଅର୍ଥାତ୍ ଜଗନ୍ନାଥ ମନ୍ଦିରର ପୂଜା କାର୍ଯ୍ୟ କରିଆସୁଛନ୍ତି । ଦିଅଁଙ୍କର ପ୍ରତିଦିନ ସକାଳ ଦଶଟାରେ ଅନ୍ନଭୋଗ ହୁଏ । ସେଠାରେ ରାତ୍ର ରହିବାର କୌଣସି ବ୍ୟବସ୍ଥା ନଥିବା ହେତୁ, ପୂଜକ ସନ୍ଧ୍ୟା ପୂର୍ବରୁ ନିଜ ଘର ଅର୍ଥାତ୍ ନିକଟବର୍ତ୍ତୀ ମଥୁରାକୁ ଚାଲିଯାଆନ୍ତି । ଯିବା ପୂର୍ବରୁ ଶ୍ରୀଜୀଉଙ୍କୁ ସନ୍ଧ୍ୟା ଭୋଗ ଅର୍ଥାତ୍ ଶୁଖିଲା ଭୋଗ ଲାଗି କରନ୍ତି । ଏହିଭାବେ ବର୍ଷବର୍ଷ ଧରି ଜୀଉଙ୍କର ନିତ୍ୟ ପୂଜା ଏବଂ ସେବା କାର୍ଯ୍ୟ ଲାଗିରହିଛି । ଯେଉଁଦିନ ଠାରୁ ଜୀଉମାନେ ପୁଣି ଶ୍ରୀମନ୍ଦିରକୁ ଫେରିଯାଇଛନ୍ତି, ସେହିଦିନଠାରୁ ଏହି ମନ୍ଦିରରେ ମୂର୍ତ୍ତି ପୂଜା ହୁଏନାହିଁ । ଶ୍ରୀଜଗନ୍ନାଥ ହେଉଛନ୍ତି ଚତୁର୍ଦ୍ଧା ମୂରତି । ଏଣୁ ଏଠାରେ ତିନି ଠାକୁଙ୍କ ପଟ୍ଟଚିତ୍ର ଓ ସୁଦର୍ଶନ ପୂଜା ପାଆନ୍ତି । ତା' ପୂର୍ବରୁ ଐତିହାସିକତାର ନିଦର୍ଶନ ସ୍ୱରୂପ ଜଗନ୍ନାଥ, ବଳରାମ ଓ ସୁଭଦ୍ରାଙ୍କ ପିଣ୍ଡିକୁ ପୂଜା କରାଯାଉଥିଲା । ପରବର୍ତ୍ତୀ ସମୟରେ ପୂଜକ ନିଜ ଇଚ୍ଛାରେ ତିନି ଠାକୁରଙ୍କ ପଟ୍ଟଚିତ୍ର ଏବଂ ସୁଦର୍ଶନଙ୍କୁ ଆଣି ପୂଜା କଲେ । ଫଳରେ ମନ୍ଦିରର ଐତିହାସିକତା ନଷ୍ଟ ହେବାର ଆଶଙ୍କାରେ ସେଠାର ଗ୍ରାମବାସୀମାନଙ୍କ ସହ ପୂଜକଙ୍କର ଅଦାଲତରେ ବିବାଦ ଚାଲିଲା । ପୂଜକଙ୍କ ଯୁକ୍ତି ହେଲା ଶୂନ୍ୟ ମନ୍ଦିରରେ ଶ୍ରୀଜୀଉଙ୍କ ବଦଳରେ ତାଙ୍କର ନିଦର୍ଶନ ସ୍ୱରୂପ ଅନ୍ତତଃ ପଟ୍ଟଚିତ୍ର ରଖି ପୂଜା କରାଯାଉ । ଗ୍ରାମବାସୀଙ୍କ ଯୁକ୍ତି ହେଲା ପରମ୍ପରାକୁ ଉଲଂଘନ ନକରି ଐତିହାସିକତା ପ୍ରତି ଦୃଷ୍ଟି ଦିଆଯାଉ । ଶେଷ ପର୍ଯ୍ୟନ୍ତ ମନ୍ଦିରରେ ଦିଅଁଙ୍କ ପଟ୍ଟଚିତ୍ର ରଖି ପୂଜା କରାଯାଉଛି । ଏଥି ପୂର୍ବରୁ ଦୂରଦର୍ଶନର ବିଶେଷ କାର୍ଯ୍ୟକ୍ରମରେ ଶରଣ ଶ୍ରୀକ୍ଷେତ୍ର ସ୍ଥାନ ପାଇଛି । ବିଭିନ୍ନ ଖବରକାଗଜରେ ମନ୍ଦିରର ବିଶେଷତାକୁ ନେଇ ସମୀକ୍ଷାମାନ ବାହାରିଛି । ସେହି ଅଞ୍ଚଳ ତଥା ଆଖପାଖ ଅଞ୍ଚଳର କବି, ସାହିତ୍ୟିକମାନେ ଏହି ସ୍ଥାନକୁ ନେଇ ଅନେକ କବିତା ତଥା ପ୍ରବନ୍ଧ ରଚନା କରିଛନ୍ତି । ଏବଂ କେହିକେହି ଗବେଷକ ଏହି ମନ୍ଦିରକୁ ନେଇ ବର୍ତ୍ତମାନ ନିଜର ଗବେଷଣା କାର୍ଯ୍ୟ ଜାରି ରଖିଛନ୍ତି । ସନ୍ ୧୭୩୩ ମସିହା, ସେତେବେଳେ ଦେଶରେ ମୋଗଲମାନଙ୍କ ଶାସନ ଚାଲିଥାଏ । ସେମାନଙ୍କ କୋପଦୃଷ୍ଟି ପୁରୀ ଶ୍ରୀମନ୍ଦିର ଉପରେ ପଡିବା ହେତୁ ପୁରୀର ତତ୍କାଳୀନ ଗଜପତି ରାଜା ଜୀଉଙ୍କୁ ସେମାନଙ୍କ ହାତରୁ ରକ୍ଷା କରିବା ନିମନ୍ତେ ଗଞ୍ଜାମର ଆଠଗଡ ରାଜାଙ୍କ ସହାୟତାରେ ପୁରୀରୁ ତିନି ଠାକୁରଙ୍କୁ ଅତ୍ୟନ୍ତ ଗୋପନରେ ଜଳପଥରେ ଡଙ୍ଗାରେ ବସାଇ ବ୍ରହ୍ମଗିରି ବାଟଦେଇ ମାରଦାରେ ଆଣି

ISSN NO.
2582-208X

ପହଞ୍ଚାଇଥିଲେ । ଶ୍ରୀଜୀଉଙ୍କୁ ମାରଦାର ଘଞ୍ଚ ଜଙ୍ଗଲ ଭିତରେ ନିରାପଦରେ ରଖାଗଲା । ଜୀଉଙ୍କୁ ରଖିବା ନିମନ୍ତେ ଚାଳର କୁଡିଆ ଘରଟିଏ ନିର୍ମାଣ କରାଗଲା । ଘରର ଉପରି ଭାଗରେ ଅର୍ଥାତ୍ ଘର ଛାଉଣୀର ଠିକ୍ ତଳକୁ ମାଟିର ଭାଡି ବା ମଞ୍ଚାଟିଏ ତିଆରି କରାଯାଇ ସେହି ଭାଡିରେ ଅର୍ଥାତ୍ ମଞ୍ଚା ଉପରେ ଜୀଉଙ୍କୁ ରଖାଗଲା । ଏବଂ ଆଠଗଡ ରାଜାଙ୍କ ନିର୍ଦ୍ଦେଶକ୍ରମେ ଜୀଉ ମାନଙ୍କର ଗୋପନରେ ସେବା ଓ ପୂଜା କାର୍ଯ୍ୟ କରାଯାଉଥାଏ । ଜୀଉମାନେ ନିଜକୁ ରକ୍ଷା କରିବାକୁ ଯାଇ ମାରଦାର ଜଙ୍ଗଲରେ ତିଆରି କରାଯାଇଥିବା ସେହି କୁଡିଆ ଘରେ ଦୀର୍ଘ ତିରିଶି ମାସ ଧରି ଅବସ୍ଥାନ କରିଥିଲେ । କେତେକଙ୍କ ମତ ହେଉଛି ସେଠାରେ ଜୀଉମାନେ ମୋଟଉପରେ ସତାଇଶି ମାସ ଧରି ଅବସ୍ଥାନ କରିଥିଲେ ।

ସ୍ଥାନଟିର ନାମ 'ମାରଦା' କୁ ନେଇ ଦୁଇଟି ଅଭିମତ ରହିଛି । ଠାକୁରଙ୍କୁ ରଖାଯିବାକୁ ଥିବା ବା ଘର ତିଆରି କରିବାକୁ ଥିବା ସ୍ଥାନଟି ଜଙ୍ଗଲରେ ପରିପୂର୍ଣ୍ଣ ଥାଏ । ଜଙ୍ଗଲକୁ ପ୍ରଥମେ ସଫା କରିବା ଦରକାର । ନାନା ପ୍ରକାରର ଛୋଟ ବଡ ଗଛ, ଲତା ଇତ୍ୟାଦିକୁ ଦା' ବା ଦାଆରେ କାଟି ସଫା କରାଯିବ । ଏଣୁ ସ୍ଥାନୀୟ ଲୋକେ ଉକ୍ତ ସ୍ଥାନକୁ ଦା' ଦ୍ୱାରା ସଫା କରିବା ଉଦ୍ଦେଶ୍ୟରେ କହିଥିଲେ ମାର ଦା' ଅର୍ଥାତ୍ ଦା' ଦ୍ୱାରା କାଟି ସଫା କରିଦିଅ । ଦା' ମାରିବା କଥାକୁ ନେଇ ମାରଦା ନାମକରଣର ସୃଷ୍ଟି । ଅନ୍ୟମତ ହେଉଛି, ମାଟିର ଘରଟିଏ ତିଆରି କରି ଠାକୁରଙ୍କୁ ତ ସେମିତି ତଳେ ରଖାଯିବନି । କାରଣ ଶ୍ରୀମନ୍ଦିରରେ ଠାକୁର ରତ୍ନବେଦୀରେ ଅର୍ଥାତ୍ ପିଣ୍ଡି ଉପରେ ବସନ୍ତି । ଜଙ୍ଗଲରେ ପିଣ୍ଡି ବା ତିଆରି ହେବ କିପରି। ଏଣୁ ଘର ଛାଉଣୀର ଠିକ୍ ତଳକୁ ବା ଘରର ଭୂମିଠୁ ଅନେକ ଉପରକୁ ଘରର ଆବଶ୍ୟକୀୟ ଜିନିଷପତ୍ର ସବୁ ରଖିବା ନିମନ୍ତେ ମାଟିର ଭାଡି ତିଆରି କରାଯାଇଥାଏ। କାରଣ, ସେ ଯୁଗରେ ଷ୍ଟିଲ ବା କାଠ ଆଲମାରୀର ପ୍ରଚଳନ ନଥିଲା । ଏଣୁ ଲୋକେ ଭାଡି ତିଆରିକରି, ଭାଡି ଉପରେ ହିଁ ଘରର ଅଧିକାଂଶ ଘରକରଣା ଜିନିଷ ରଖୁଥିଲେ । ଦକ୍ଷିଣ ଓଡିଶାରେ ଭାଡି ବା ମାରଦା ବା କେହିକେହି ମେରଦା ଶବ୍ଦ ବ୍ୟବହାର କରନ୍ତି । ଜିଲ୍ଲା ବିଶେଷେ ଏହି ଶବ୍ଦଗୁଡିକ ଭିନ୍ନ ହୋଇପାରେ । ଠାକୁର ମାନଙ୍କୁ ନେଇ ମାରଦା ଉପରେ ରଖାଯାଇଥିବାରୁ ସ୍ଥାନଟିର ନାମ 'ମାରଦା' ରଖାଯାଇଛି ।

ପୁରୀ ମନ୍ଦିରର ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି, ପଠାଣ ଓ ମୋଗଲମାନେ ମୋଟ ସତରରୁ କୋଡିଏଥର ପୁରୀ ମନ୍ଦିରକୁ ଆକ୍ରମଣ କରିଛନ୍ତି । ସେମାନଙ୍କ ଆକ୍ରମଣରୁ ତିନି ଠାକୁରେ ବି ନିସ୍ତାର ପାଇନାହାନ୍ତି । ଏଣୁ ରାଜାଙ୍କ ଆଦେଶ ଅନୁସାରେ ଠାକୁରଙ୍କୁ ଲୁଚାଇ

ISSN NO.
2582-208X

ରଖାଯାଇଛି । ଆକ୍ରମଣରୁ ରକ୍ଷା ପାଇବାପାଇଁ ଯେହେତୁ ପୁରୀର ଶ୍ରୀମନ୍ଦିରକୁ ଛାଡି ମାରଦାରେ ଠାକୁରେ ଆଶ୍ରୟ ବା ଶରଣ ନେଇଥିଲେ, ସେହି ଦିନଠାରୁ ସ୍ଥାନଟିକୁ ଶରଣ ଶ୍ରୀକ୍ଷେତ୍ର ବୋଲି କୁହାଯାଉଛି । କେହି କେହି କହନ୍ତି ଠାକୁରେ ଲୋକଙ୍କୁ ଆଶ୍ରୟ ବା ଶରଣ ଦିଅନ୍ତି । ସେ ବା କାହିଁକି ଆଠଗଡ ରାଜାଙ୍କ ଶରଣ ପଶିବେ । ସ୍ଥାନୀୟ ଅଞ୍ଚଳର ଲୋକେ ଯେପରି ତାଙ୍କରି ଶରଣରେ ଆସନ୍ତି, ଭକ୍ତଙ୍କୁ ସେହି ସୁଯୋଗ ଦେବାନିମନ୍ତେ ସ୍ୱଳ୍ପ ସମୟ ପାଇଁ ଜଙ୍ଗଲର ନଡା ଛପର ଘରେ ବାସ କରିଥିଲେ । ପରିସ୍ଥିତି ସୁଧୁରିବା ହେତୁ ଏହି ସ୍ଥାନ ଛାଡି ପୂନଶ୍ଚ ଶ୍ରୀମନ୍ଦିରକୁ ଚାଲିଯାଇଥିଲେ । ସ୍ଥାନୀୟ ଲୋକଙ୍କ କହିବା କଥା ହେଲା ମନ୍ଦିରର ମୂଳ ଗୃହଟି କୌଣସି ଲୋକଙ୍କ ଦ୍ୱାରା ନିର୍ମିତ ହୋଇନାହିଁ । ଏହି ଭବ୍ୟ ମନ୍ଦିରଟି ଶ୍ରୀଜିଉଙ୍କ ଆଦେଶରେ ସ୍ୱୟଂ ବିଶ୍ୱକର୍ମା ଗଢିଥିଲେ । ମୂଳ ମନ୍ଦିରଟି ତିଆରି ହେବାପରେ ତିନି ଠାକୁରେ ନଡ଼ା ଛପରର ଘରେ ନରହି ଏହି ମନ୍ଦିରରେ ହିଁ ବାସ କରିଥିଲେ । ଏଣୁ ଆଜି ସୁଦ୍ଧା ଆଠଗଡ ଅଞ୍ଚଳବାସୀ ଝୁରୁଛନ୍ତି, ପୁଣି କେବେ ପ୍ରଭୁ ଆମକୁ କୃପା କରିବେ । ଶୂନ୍ୟ ମନ୍ଦିରକୁ ଆସି ପୁଣି ରହିବା ଆରମ୍ଭ କରିବେ.... । ସ୍ଥାନଟିରେ ପିକନିକ୍ ନିମନ୍ତେ ଉତ୍ତମ ପରିବେଶ ରହିଛି । ଫଳରେ ବର୍ଷସାରା ସେଠାକୁ ଲୋକେ ଆସନ୍ତି । ଚଣ୍ଡିବାବୁ ପ୍ରାଙ୍ଗଣ ଭିତରେ ଘୁରି ବୁଲୁଥିବା ସମୟରେ ଦେଖାଗଲା, ବାହାରୁ ପ୍ରାୟ ପଚିଶରୁ ତିରିଶିଜଣ ନିଜ ନିଜ ଛୁଆପିଲାଙ୍କୁ ସାଥିରେ ନେଇ ପିକନିକ୍ କରିବା ନିମନ୍ତେ ସେଠାରେ ହାଜର । ଏଣେ ଦଣ୍ଡପାଣିବାବୁ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ଅଷ୍ଟଦୁର୍ଗ ଅଧିବେଶନର ଆୟୋଜନ କରିଛନ୍ତି, ଏହି ମନ୍ଦିର ପ୍ରାଙ୍ଗଣରେ । ସାରସ୍ୱତ ସଭାହେବ । ଦକ୍ଷିଣ ଓଡିଶାର ନଅଗୋଟି ଜିଲ୍ଲାରୁ ବହୁ କବି, କବୟିତ୍ରୀଙ୍କୁ ଏବଂ ଅତିଥିବର୍ଗଙ୍କୁ ଆମନ୍ତ୍ରଣ ଦିଆଯାଇଛି । ସେହି ଉପଲକ୍ଷେ ପ୍ୟାଣ୍ଡେଲ୍, ମାଇକ୍ ଓ ଚେୟାର୍ ର ବ୍ୟବସ୍ଥା କରାଯାଇଛି। ଚଣ୍ଡିବାବୁ ମଧ୍ୟ ଜଣେ କବି ଓ ଲେଖକ । ଦଣ୍ଡପାଣି ବାବୁଙ୍କ ସହ ପୂର୍ବ ପରିଚିତ ଥିବା ହେତୁ ସେ ମଧ୍ୟ ସେଠାରେ କିଛି ସମୟ ବିତେଇବାକୁ ସୁଯୋଗ ପାଇଲେ । ଅନେକ ଲୋକ ଆସି ଜମାହେଲେ । କବିତା ପାଠ, ସମ୍ବର୍ଦ୍ଧନା ସଭା ତଥା ଆଲୋଚନା ଚକ୍ର ଚାଲିଥାଏ । ସଭାରେ ଉପସ୍ଥିତ ହେବା ନିମନ୍ତେ ଆଠଜଣ ରାଜନ୍ୟ ବର୍ଗଙ୍କୁ ଆମନ୍ତ୍ରଣ କରାଯାଇଥାଏ । ମୁଖ୍ୟ ଅତିଥିର ଆସନ ଅଳଙ୍କୃତ କରିବା ନିମନ୍ତେ ସିଂହଭୂମି ଜିଲ୍ଲାର କେରା ଅଞ୍ଚଳର ରାଜା ମଧ୍ୟ ଆସି ଉପସ୍ଥିତ ହେଲେ । ଦେଶରୁ ରାଜାଙ୍କ ଶାସନ ଅପସରି ଯାଇଥିବା ସତ୍ୱେ କୌଣସି ସାରସ୍ୱତ ସଭାରେ ଏକାଥରକେ ଏତେ ଗୁଡାଏ ରାଜାଙ୍କ ଉପସ୍ଥିତି ସତରେ ସଭାର ଏକ ବିଶେଷ ଆକର୍ଷଣ । ଚଣ୍ଡିବାବୁ ମଧ୍ୟ ସ୍ୱରଚିତ କବିତା ପାଠ କରିବାର ସୁଯୋଗ

ISSN NO.
2582-208X

ପାଇଲେ । ଏହା ଏକ ଉପୁରି ପାଉଣା । କଥାରେ ଅଛି ନଈ ପହଁରା, ମାଛ ଧରା । ନଈରେ ପହଁରିବାକୁ ଆସି ପହଁରା ହେଲା, ଓଲଟା ଘରେ ଖାଇବା ପାଇଁ ମାଛ ମଧ୍ୟ ଧରାଗଲା । ଠିକ୍ ସେପରି ବଙ୍ଗଳାରେ କୁହାଯାଏ 'ରଥ ଦେଖା, କଲା ବେଚା'। ଅର୍ଥାତ୍ ରଥଯାତ୍ରାକୁ ଯାଇ ରଥଟଣା ଓ ଠାକୁରଙ୍କ ଦର୍ଶନ ଏବଂ ଘରୁ ନେଇଥିବା କଦଳୀର ବିକ୍ରୟ। ଏକା ସାଥିରେ ଦୁଇଟା ସୁଯୋଗ । ତୀର୍ଥ ଭ୍ରମଣ କରିବାକୁ ଯାଇ ସାହିତ୍ୟ ସଭାରେ ଉପସ୍ଥିତି । ସାରାଦିନ କିଭଳି ବିତି ଯାଉଥାଏ, କିଛିହେଲେ ଜଣାପଡୁନଥାଏ । କେବଳ ଆନନ୍ଦ ହିଁ ଆନନ୍ଦ ।

ସାହିତ୍ୟ ସଭା ଉପଲକ୍ଷେ ବାହାରୁ ଆସିଥିବା ଜଣେ କବିଙ୍କ ସହ ଆଲୋଚନାରୁ ଜଣା ପଡିଲା, ଯେ କୌଣସି ମନ୍ଦିରର ଶିଳ୍ପକଳା ତଥା ନିର୍ମାଣ କରିବାର ପଦ୍ଧତିର କିଛି ଦିଗ ରହିଛି । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର । ପୁରୀର ଜଗନ୍ନାଥ ମନ୍ଦିର ହେଉଛି ବ୍ରାହ୍ମଣ, ଅର୍ଥାତ୍ ମନ୍ଦିରର ସାତଟି ସ୍ତର ରହିଛି । ଶରଣ ଶ୍ରୀକ୍ଷେତ୍ରର ମୂଳ ମନ୍ଦିରକୁ ଶିଳ୍ପକଳା ଦୃଷ୍ଟିରୁ ଅନୁଧ୍ୟାନ କଲେ ଜଣାପଡୁଛି ଏହି ମନ୍ଦିରର ତିନୋଟି ସ୍ତର ରହିଛି ଯାହା ଶୁଦ୍ର ମନ୍ଦିର ଢାଞ୍ଚାରେ ନିର୍ମିତ ହୋଇଛି । ସେଠାରେ ସାହିତ୍ୟ ସଭାର ଅଷ୍ଟଦୁର୍ଗ ଅଧିବେଶନ ଚାଲିଥାଏ । ଅଷ୍ଟଦୁର୍ଗ ଅର୍ଥାତ୍ ଲଙ୍ଗଳବେଣୀ ଗଡ, ନଦିଆ ଗଡ, ରୁମା ଗଡ, ମନ୍ଦାର ଜଳି ଗଡ, ଜଗତି ଗଡ (ହାତୀ ଓଟ), ମାଟି ଗଡ, ଝାଟି ଗଡ ଓ ପାଟି ଗଡ । ଏଠାରେ ଦୁର୍ଗକୁ ଗଡ କହନ୍ତି । ଆଠ ଗଡ ଅଞ୍ଚଳରେ ଏହି ଆଠଟି ଗଡ ଧ୍ୱଂଶାବଶେଷ ଅବସ୍ଥାରେ ମୂକସାକ୍ଷୀ ରୂପେ ଏବେବି ଦଣ୍ଡାୟମାନ । ଅର୍ଥାତ୍ ଏହି ଆଠଟି ଗଡର ସମାହାରକୁ ଅଷ୍ଟଦୁର୍ଗ ବୋଲି କୁହାଯାଏ ।

ଦିନ ଦୁଇଟା ସମୟରେ ସାହିତ୍ୟ ସଭାର କାର୍ଯ୍ୟ ସମ୍ପନ୍ନ ହେଲା । ସଭାର ଆୟୋଜକଙ୍କ ତରଫରୁ ଭୋଜନ ନିମନ୍ତେ ଘୋଷଣା କରାଗଲା । ତେଣୁ ସେଠାରୁ ସମସ୍ତେ ପୁଣି ଫେରିଯିବାକୁ ହେବ ମଥୁରାକୁ । ଅଟୋରିକ୍ସାର ବ୍ୟବସ୍ଥା ମଧ୍ୟ ହେଲା । ସେଠାରେ ପ୍ରତ୍ୟେକେ ଭୋଜନ କରିସାରି ନିଜନିଜ ଘରକୁ ବାହୁଡିବେ । ଚଣ୍ଡିବାବୁଙ୍କର ଶରଣ ଶ୍ରୀକ୍ଷେତ୍ର ଭ୍ରମଣ ସାଙ୍ଗକୁ ସାହିତ୍ୟ ସଭା ଶେଷ ହୋଇଥିବାରୁ ଅଟୋରେ ଚଢି ମଥୁରାରେ ଯାଇ ପହଞ୍ଚିଲେ । ସେଠାରେ ସମସ୍ତଙ୍କ ସହ ଏକା ସାଥିରେ ପଂକ୍ତି ଭୋଜନ ନିମନ୍ତେ ବସିଲେ । ମେନୁ ଥିଲା ଭାତ, ଡାଲମା, ଆମ୍ବ ଖଟା, କ୍ଷିରୀ ଓ ପାଣି ବୋତଲ । ମହାତୃପ୍ତିରେ ଭୋଜନ ସାରି ଅପରାହ୍ନ ତିନିଟା ସମୟରେ ମଥୁରାରୁ ବ୍ରହ୍ମପୁରକୁ ଯାଉଥିବା

ISSN NO.
2582-208X

ବସ୍ ଚଢିଲେ । ସନ୍ଧ୍ୟା ସାଢେ ପାଞ୍ଚଟାରେ ବ୍ରହ୍ମପୁରରେ ବସ୍ ଷ୍ଟାଣ୍ଡରେ ଓହ୍ଲାଇ ଦେଖିଲେ ପାରଳାଖେମୁଣ୍ଡିକୁ ଫେରିବାକୁ କୌଣସି ବସ୍ ନାହିଁ । ରାତ୍ର ସାଢେ ଦଶଟାରେ ଟ୍ରେନ୍ ମିଳିବ। ହାତରେ ଯଥେଷ୍ଟ ସମୟ ରହିଛି । ଏଣୁ ସେଠାରୁ ପଦବ୍ରଜରେ ଆସି ରେଳଷ୍ଟେସନରେ ପହଞ୍ଚି ଟ୍ରେନ୍ ଆସି ପହଞ୍ଚିବା ସମୟକୁ ଚାହିଁ ରହିଲେ । ଏଣେ ଝିପି ଝିପି ବର୍ଷା ପଡୁଥାଏ । ନିକଟବର୍ତ୍ତୀ ପ୍ରିନ୍ସ ହୋଟେଲକୁ ଯାଇ ରାତ୍ର ଭୋଜନ ସାଙ୍ଗରେ କଲେ । ଶେଷରେ ଟ୍ରେନ୍ ଆସି ପହଞ୍ଚିଲା । ଦୁଇଦିନର କ୍ଳାନ୍ତି ଯୋଗୁଁ ଆଖିକୁ ନିଦ ମାଡୁଥାଏ । ଦେଖୁଦେଖୁ ରାତ୍ର ଗୋଟାଏ ସମୟରେ ଟ୍ରେନ୍ ତାର ଗନ୍ତବ୍ୟ ପଥରେ ପହଞ୍ଚିଲା । ଟ୍ରେନ ରୁ ଓହ୍ଲାଇ ଚଣ୍ଡିବାବୁ ଘର ଅଭିମୂଖେ ବାହାରିଲେ ପଦବ୍ରଜରେ । କାରଣ ଗଭୀର ରାତ୍ର ହୋଇଥିବା ଯୋଗୁଁ ରିକ୍ସା ବା  ଅଟୋରିକ୍ସା ଯୋଗେ ଫେରିବାର ସୁବିଧା ନଥିଲା । ଚଣ୍ଡିବାବୁ ଦୁଇଦିନ ଧରି ଶରଣ ଶ୍ରୀକ୍ଷେତ୍ର ବୁଲିବାର ମଜା, ଆନନ୍ଦ ଓ ଅନୁଭୂତିକୁ ପାଥେୟ କରି ଘରେ ପହଞ୍ଚିଲେ । ଏହି ସଫରଟା ଥିଲା ସତରେ ନିଆରା ।

କବିଚନ୍ଦ୍ରସାହି, ପାରଳାଖେମୁଣ୍ଡି
ଜିଲ୍ଲା - ଗଜପତି/ ଚଳଭାଷ:୭୫୦୧୬୫୨୪୨୮

ISSN NO.
2582-208X

# ଝିଅଟିଏ ମୁଁ



ଅଲିଭା ମେହେର

ଝିଅଟିଏ ମୁଁ ଭାବିଲା ବେଳକୁ ଯେ
ଦ୍ୱନ୍ଦ ମନେ ଭରିଯାଏ,
ବସି ନୀରବତାରେ ଭାବେ ଅନ୍ତରରେ
ଝିଅକୁ ଗଢିଲା କିଏ ? ।। (1)

ପରେ ଜ୍ଞାତ ହୋଇ ମନେ ଖୁସି ହେଲି
ଭଗବାନଙ୍କର ଏହା ଦାନ,
ସବୁ ଜାଣି ମଧ୍ୟ ଶିଶୁ କନ୍ୟାଙ୍କର
ହତ୍ୟା କରେ ମୂର୍ଖ ଜନ ।। (2)

ଝିଅ ଅଟେ ରତ୍ନ ଝିଅ ଅଟେ ସ୍ୱର୍ଣ୍ଣ
ଝିଅ ଅଟେ ମୁକ୍ତାହାର,
ଝିଅ ଥିଲେ ଘର ମନ୍ଦିର ସମାନ
ଏ ବଚନଟି ସତ୍ୟର ।। (3)

ISSN NO.
2582-208X

ଝିଅ ଜୀବନଟା   ସହଜ ନୁହେଁ ରେ
 ସହି କେତେ ଦୁଃଖ  କଷ୍ଟ,
ସବୁ ସମ୍ପର୍କେ   ତୁଲାଇବାକୁ  ହୁଏ
 କର୍ତ୍ତବ୍ୟର ବାଲି ହାଟ ।।   (4)

ବାପ ଘରେ ଝିଅ   କୁଲା ଫଙ୍କିଆ ଯେ
 ଶାଶୁ ଘରେ ମାପଜୋକ,
ଦୁଇ କୁଳର ସେ  ହିତ ଚିନ୍ତୁ ଥାଏ
 ଏହା ପରା ବିଧି ବ୍ୟକ୍ତ ।।   (5)

ବିଜେପୁର ଡିଗ୍ରୀ କଲେଜ, ବିଜେପୁର
ଓଡ଼ିଆ ସମ୍ମାନ  ୨ୟ ବର୍ଷ, ଜିଲ୍ଲା - ବରଗଡ

ISSN NO.
2582-208X

# ଜୀବନ ଭିକ୍ଷା



ନନ୍ଦିନୀ ରାଉତ

କଳ୍ପନାର ପୋତେ ନିର୍ଜନତା ସ୍ରୋତେ
ଭାବୁଛି ଭବିଷ୍ୟ ହୋଇବ କିସ
ମାନବ ଜୀବନ ମହା ବିପଦରେ
କାହିଁକି ପ୍ରକୃତି କରୁଛ ରୋଷ ।

ଭବିତବ୍ୟ ଧାତା ଲେଖିଲେ କିପରି
ଏକ ସାଥେ ସର୍ବେ ଗୋଟିଏ ନାବେ
ଗର୍ବ ଅହଂକାର ଐଶ୍ୱର୍ଯ୍ୟ ପ୍ରାସାଦ
ଜୀବନ ସାମ୍ନାରେ ତୁଚ୍ଛ ଏ ଭବେ।

ସୁବର୍ଣ୍ଣ ଶିଖରେ ବସି ଦେଖୁଛି ମୁଁ
କ୍ରନ୍ଦନ ସଭିଙ୍କ ଜୀବନ ପାଇଁ
ଘୃଣିତ କର୍ମର ହିସାବ ନିକାଶ
କରିବାକୁ ଆଉ ସମୟ ନାହିଁ।

ହୀରା ନୀଳା ମୋର ଲୋଡ଼ା ନାହିଁ କିଛି
କରୁଛୁ ବିଶ୍ୱର ଜୀବନ ଭିକ୍ଷା
ଏ ମହା କଷଣ ଦୂରେଇ ଦେଇଣ
ବିଶ୍ୱ ଜନେ କର ଜୀବନ ରକ୍ଷା।

ISSN NO.
2582-208X

କାପୁରୁଷ ସିନା ହାରେ ବାରବାର
ଧିକ ଅଟେ ତା' ଜୀବନ ରେଖା
ବୀର ମରେ ଅବା ମରେ କରି ରଣ
ଏ ବିପଦ ଆଜି ଦେଇଛି ଶିକ୍ଷା।

ନିରବ ନିଶୀଥ ଗୁମୁରି ଗୁମୁରି
କାନରେ ମୋ ଆଜି ଦେଉଛି କହି
ସତର୍କ ସଚେତ ହୋଇଯାଅ ସର୍ବେ
ପାରି ହୋଇଯିବ ଜୀବନ ନଇ।

ସରକାରଙ୍କର ଆହ୍ୱାନକୁ ମାନି
ନୀତି ନିୟମରେ ଚଳରେ ଧନ
ବୈକୁଣ୍ଠ ସମାନ ଅଟେ ନିଜ ଘର
ଏବେ ଠାରୁ ତୁହି ବୁଝରେ ମନ।

ଭବିଷ୍ୟ ବାରତା ଦେଇ ଏହି କଥା
ସମୟ ଗଲା ତା ବାଟରେ ଚାଲି
ସଭିଙ୍କ ପାଇଁ ମୁଁ ବିଶ୍ୱ ନିୟନ୍ତାଙ୍କୁ
ମାଗୁଛି ଜୀବନ ଭିକ୍ଷାର ଝୁଲି।

ବାଲିପଟା, ଅନୁଗୁଳ

ISSN NO.
2582-208X

# ଏଇତ ଚଲାପଥ
# ଜୀବନ ର



ଝରଣା ବାରିକ

ମୁଁ ହସେ ହସିବାକୁ ଭଲ ପାଏ
ତା ମାନେ ନୁହେଁ ମୁଁ
କାନ୍ଦି ଶିଖିନି ।

ମୁଁ ସଂଘର୍ଷ କରି ବଞ୍ଚିବା ଶିଖିଛି
ତା ମାନେ ନୁହେଁ
ମୋ ଜୀବନରେ
ଦୁଃଖ ନାହିଁ ।

ଜୀବନ ରେ ଝଡ ଆସି ମନକୁ
ଦୋହଲାଇ ଦିଏ
ତା ମାନେ ନୁହେଁ
ମୁଁ କେବେ ଭାଙ୍ଗି ପଡିନି ।

ଲୁହ ର ବନ୍ୟା ରେ କେବେ ବୁଡିଛି
କେବେ ପୁଣି ଭାସିଛି
ତା ମାନେ ନୁହେଁ
ମୁଁ  ପହଁରି ବା ଭୁଲି ଯାଇଛି ।

ISSN NO.
2582-208X

ଏମିତି ତ ବହୁତ ଥର ଜଳିଛି
କେବେ ଭୋକରେ
କେବେ ଆଶାରେ
କେବେ ସ୍ୱପ୍ନରେ
ତା ମାନେ ନୁହେଁ
ମୁଁ ପାଉଁଶ ହେଇ ଯାଇଛି ।

ଏଇତ ଜୀବନର ଚଲାପଥ
ସବୁ ପରେ ବି
ଆଗକୁ ଆଗେଇ ଚାଲିବାର
ସ୍ୱପ୍ନ ନିଇତି ଦେଖିବା ।

ସମୟ ସାଥିରେ ତାଳ ଦେଇ
ତାକୁ ପଛକୁ ଫେରେଇ
ଧାଉଁ ଥିବା ଆଗକୁ
ବଞ୍ଚି ଥିବା ଯାଏଁ ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ଆଧୁନିକ ଓଡ଼ିଆ ନାଟକରେ ଲୋକ ଉପାଦାନ



ଲିଜାଲିନ୍ ଭୋଇ

ନାଟକ ହେଉଛି ମାନବର ଜୀବନ ଏବଂ ଜୀବନ ଏକ ନାଟକରେ ସର୍ବଦା ପରିଣତ ହୋଇଆସିଛି I ଓଡ଼ିଆ ସାହିତ୍ୟରେ ନାଟକ ସର୍ବଦା ଊର୍ଦ୍ଧ୍ୱରେ I ନାଟକ ମଣିଷକୁ ଦେଖାଏ ତାର ପ୍ରତିଛବି I ନାଟ୍ୟଶାସ୍ତ୍ର ଭରତ ମୁନି ନାଟ୍ୟମଞ୍ଚ ପରିବେଷଣର ସୃଷ୍ଟି କର୍ତ୍ତା I କିନ୍ତୁ ନାଟକର ସୃଷ୍ଟି କେଉଁ ପ୍ରାଚୀନ ଆଦିମ କାଳରୁ, ନାଟକର ସୃଷ୍ଟି ସମ୍ପର୍କରେ ଏକ ସୁନ୍ଦର ପୌରାଣିକ ତଥ୍ୟ ରହିଛି I ସାଧାରଣ ମାନବର ମନୋରଞ୍ଜନ ନିମନ୍ତେ ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା "ପଞ୍ଚମ ବେଦ" ଯାହାକୁ ନାଟକର ପରିଚୟ ଦିଆଗଲା I ନାଟକର ପ୍ରଧାନ ଉଦେଶ୍ୟ ହେଉଛି ମନୋରଞ୍ଜନ, ବିଚିତ୍ର ମନୋରଞ୍ଜନ ମାଧ୍ୟମରେ ଦର୍ଶକ ମାନଙ୍କ ମନ ଉପରେ ଗଭୀର ରେଖାପାତ କରିଥାଏ I ଆଦିମ ମାନବ ନିଜର ମନୋରଞ୍ଜନ ନିମନ୍ତେ ହସ୍ତ ପଦ ଚାଳନ କରି ନୃତ୍ୟ କରୁଥିଲା, ସେହି ନୃତ୍ୟରୁ ଲୋକନାଟକର ସୃଷ୍ଟି ବୋଲି ଅନୁମାନ କରାଯାଇପାରେ I

ଓଡ଼ିଶାରେ ଯଥାର୍ଥ ନାଟକ ହେବା ପୂର୍ବରୁ ଲୋକ ନାଟକର ଅଖଣ୍ଡତା ଥିଲା I ଯଥାର୍ଥ ଓଡ଼ିଆ ନାଟକ ରଚିତ ହେଲା, ଜଗନ୍ମୋହନ ଲାଲାଙ୍କ ଦ୍ୱାରା 'ବାବାଜୀ' ୧୮୭୭ ଖ୍ରୀଷ୍ଟାବ୍ଦରେ । ଇତିପୂର୍ବରୁ ଲୋକମାନଙ୍କ ମନୋରଞ୍ଜନ ନିମନ୍ତେ ଥିଲା ଯାତ୍ରା, ରାସ, ସୁଆଙ୍ଗ, ଗୀତିନାଟ୍ୟ, ଦାସକାଠିଆ, ପାଲା ଇତ୍ୟାଦି I ନାଟକର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୁଏ ୧୮୭୦ ରୁ ୧୯୨୦ ପର୍ଯ୍ୟନ୍ତ, ଏଥି ମଧ୍ୟରେ ଶ୍ରେଷ୍ଠ ନାଟ୍ୟକାର ଭାବରେ ଜଗନ୍ମୋହନ ଲାଲା, ରାମଶଙ୍କର ରାୟ, ଭିକାରୀ ଚରଣ ପଟ୍ଟନାୟକ, କାମପାଳ ମିଶ୍ର

ISSN NO.
2582-208X

ଅନ୍ୟତମ । ପ୍ରଥମ ପର୍ଯ୍ୟାୟରେ ଯାତ୍ରା ଓ ଲୋକନାଟକ ତଥା ସଂସ୍କୃତ, ବଙ୍ଗଳା, ଇଂରାଜୀର ପ୍ରଭାବ ଓଡ଼ିଆ ନାଟକରେ ଦେଖିବାକୁ ମିଳିଛି । ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୁଏ ୧୯୨୧ ରୁ ୧୯୫୦ ପର୍ଯ୍ୟନ୍ତ, ଏହି ସମୟରେ ଓଡ଼ିଆ ନାଟକ କେତେଟା ଦିଗରେ ଆଗେଇ ଯାଇଥିଲା । ମଞ୍ଚକଳାକାର ପରିବେଷଣ ଦେଖିବାକୁ ମିଳିଥିଲା । ଲୋକନାଟକର ମଞ୍ଚ ଥିଲା ଖୋଲା ଆକାଶତଳ, କିନ୍ତୁ ବିଂଶ ଶତାବ୍ଦୀରେ ମଞ୍ଚ ପରିବେଷଣର ଆରମ୍ଭ ହୋଇଥିଲା । ଏହି ସମୟରେ ଗଢିଉଠିଥିଲା କେତେକ ଥିଏଟର୍ସ, ଯଥା- ଅନ୍ନପୂର୍ଣ୍ଣା ଥିଏଟର୍ସ 'ଏ' ଗ୍ରୁପ 'ବି' ଗ୍ରୁପ, ରାଧାକୃଷ୍ଣ ଥିଏଟର୍ସ, ଓଡ଼ିଶା ଥିଏଟର୍ସ ଇତ୍ୟାଦି । ଚାରିତ୍ରୀକ ସ୍ଖଳନ, ଜାତିଭେଦ, ଧର୍ମଭୀରୁତା, ଅସ୍ପୃଶ୍ୟତା, ତଥା ମହାତ୍ମାଗାନ୍ଧୀଙ୍କ ଦର୍ଶନ ଏହି ସମୟକୁ ବହୁଳ ଭାବେ ପ୍ରଭାବିତ କରିଥିଲା । ଦ୍ୱିତୀୟ ପର୍ଯ୍ୟାୟର ନାଟ୍ୟକାର ମାନେ ହେଉଛନ୍ତି – ଅଶ୍ୱିନୀ କୁମାର ଘୋଷ ଓ କାଳୀଚରଣ ପଟ୍ଟନାୟକ । କାଳୀବାବୁ ଓଡ଼ିଆ ନାଟକର ସମସ୍ତ ଅଭାବ ପୂରଣ କରିବାରେ ସମର୍ଥ ହୋଇଥିଲେ । ନାଟକ ମଧ୍ୟରେ ବିଭିନ୍ନ ପ୍ରକାରର ସେ ପରିବର୍ତ୍ତନ ଆଣିଥିଲେ । ସେଥିମଧ୍ୟରୁ ମୁଖ୍ୟ ଥିଲାନାଟକରେ ନାରୀ ପ୍ରବେଶ, କାରଣ ପ୍ରଥମେ ନାଟକ ମଧ୍ୟରେ ପୁରୁଷମାନେ ନାରୀ ବେଶ ଧାରଣକରି ଅଭିନୟ କରୁଥିଲେ । କାଳୀଚରଣ ପ୍ରଥମ ବ୍ୟକ୍ତି ଯେକି ତାଙ୍କର "ଗାର୍ଲସ୍କୁଲ" ନାଟକରେ ନାରୀଙ୍କୁ ଅଭିନୟ କରିବାର ସୁଯୋଗ ଦେଇଥିଲେ । ନାଟକର ତୃତୀୟ ପର୍ଯ୍ୟାୟ ଆରମ୍ଭ ହୁଏ ୧୯୫୧ମସିହାରୁ ପ୍ରାୟ ୧୯୮୦ ପର୍ଯ୍ୟନ୍ତ, ଏହି ସମୟ ବେଳକୁ ଓଡ଼ିଆ ନାଟକରେ ପ୍ରାୟ ପୌରଣିକ ଓ ଐତିହାସିକ ନାଟକର ଅନ୍ତ ଘଟିସାରିଥିଲା । ବିଭିନ୍ନ ପ୍ରକାରର ସାମାଜିକ ସମସ୍ୟା, ସଂଘର୍ଷ, ରାଜନୈତିକ ବିପ୍ଳବ, ଉଚ୍ଚନୀଚ ଭେଦଭାବ, ମାନବର ନବ ମୂଲ୍ୟାୟନ ଆଦି କେତେକ ଦିଗ ପ୍ରତି ଦୃଷ୍ଟିରଖି ନାଟକ ରଚନା ହେଉଥିଲା । ଏହି ସମୟର ବିଶିଷ୍ଟ ନାଟ୍ୟକାରମାନେ ହେଉଛନ୍ତି- ରାମଚନ୍ଦ୍ର ମିଶ୍ର, ଭଞ୍ଜକିଶୋର ପଟ୍ଟନାୟକ, ଗୋପାଳ ଛୋଟରାୟ, କମଳଲୋଚନ ମହାନ୍ତି, କାର୍ତ୍ତିକ କୁମାର ଘୋଷ ଇତ୍ୟାଦି ।

୧୯୮୦ ମସିହା ପରେ ଓଡ଼ିଆ ନାଟକରେ ଦେଖାଦେଇଛି ବିବିଧ ପରିବର୍ତ୍ତନ । ବିଭିନ୍ନ ସମସ୍ୟା ତଥା ସୂକ୍ଷ୍ମ ସମାଜିକତାରୁ ବାହାରି ପୁଣି ଫେରିଛନ୍ତି ପାରମ୍ପରିକ ଓ ପ୍ରାଚୀନତାକୁ । ପୁଣି ନାଟକରେ ଦେଖିବାକୁ ମିଳିଛି ଲୋକନାଟକ, ଲୋକକଥା, ଲୋକଶୈଳୀ, ଲୋକବାଦ୍ୟ, ଲୋକଗୀତ, ଇତ୍ୟାଦି ଏହାକୁ ଲୋକ ଉପାଦାନ ଭାବରେ ଅଭିହିତ କରାଯାଇଛି । ଆଧୁନିକ ନାଟକ ଆସିବା ପୂର୍ବରୁ ଏହି ଲୋକକଳା ହିଁ ସାଧାରଣ ଲୋକଙ୍କୁ

ISSN NO.
2582-208X

ମନୋରଞ୍ଜନ କରୁଥିଲା I ଲୋକନାଟକ ଫର୍ମ ଆଧୁନିକ ନାଟକକୁ ଆକୃଷ୍ଟ କରିଛି I ଏବଂ ଆଧୁନିକ ନାଟକରେ ଲୋକଉପଦାନ ସ୍ଥାନ ପାଇଛି ବିଭିନ୍ନ ଭାବରେ- ଆଙ୍ଗିକରେ, ଶୈଳୀରେ, ଚରିତ୍ରରେ, ବେଶପୋଷାକରେ, ସଙ୍ଗୀତରେ, ନୃତ୍ୟରେ ଓ ବାଦ୍ୟରେ I

ମନୋରଞ୍ଜନ ଦାସ ପ୍ରଥମେ ପାଶ୍ଚାତ୍ୟ ଶୈଳୀ ସହିତ ଅପରିଚିତ ଦର୍ଶକକୁ ସମର୍ପି ଦେଲେ ସେମାନଙ୍କ ପାରମ୍ପରିକ ଲୋକନାଟକ ଶୈଳୀ I ଆଧୁନିକ ନାଟ୍ୟ ଶୈଳୀ ସହିତ ଲୋକନାଟ୍ୟ ଶୈଳୀ ର ସମନ୍ୱୟ ଘଟାଇଥିଲେ ମନୋରଞ୍ଜନ ଦାସ, ତାଙ୍କର ଏହି ପ୍ରୟୋଗ 'ଅମୃତସ୍ୟ ପୁତ୍ର' ଓ 'କାଠଘୋଡା' ନାଟକରେ ସଫଳତା ସହିତ ପରିଲକ୍ଷିତ ହୁଏ I ଲୋକଉପଦାନ ଭାବରେ ଲୋକନାଟ୍ୟ ଶୈଳୀ ଓଡ଼ିଆ ନାଟକକୁ ବିଶେଷ ଭାବେ ପ୍ରଭାବିତ କରିଥିଲା I ଏହାର ବିଶେଷ ପ୍ରଭାବ ଉତ୍ତରଆଧୁନିକ ନାଟକରେ ଦେଖିବାକୁ ମିଳେ I ପାଶ୍ଚାତ୍ୟ ନାଟକର ବ୍ୟାପକ ପ୍ରଭାବକୁ ଦୂରୀଭୁତ କରିବାପାଇଁ ଓଡ଼ିଆ ନାଟକରେ ଲୋକଉପଦାନ ଦେଖାଦେଇଛି କିନ୍ତୁ ଏହା ପାଶ୍ଚାତ୍ୟ ନାଟ୍ୟ ଶୈଳୀର ଅନୁସରଣରେ ଆସିନାହିଁ I ପରମ୍ପରାରୁ ଉପାଦାନ ସଂଗ୍ରହ କରି ନୂତନତା ସୃଷ୍ଟି କରିବାର ପ୍ରୟାସ କରିଛି ଲୋକଉପଦାନ I ଏହାକୁ ନିଜ ନାଟକରେ ପ୍ରୟୋଗ କରିଥିବା କେତେକ ଆଧୁନିକ ନାଟ୍ୟକାର ହେଉଛନ୍ତି – ମନୋରଞ୍ଜନ ଦାସ 'ଅମୃତସ୍ୟ ପୁତ୍ର', 'କାଠଘୋଡା', 'ନନ୍ଦିକାକେଶରୀ' , ରତୀ ମିଶ୍ର ଙ୍କ 'ଅବତାର', 'ଚାଞ୍ଚଲ୍ୟକର' , ରମେଶ ପାଣିଗ୍ରାହୀ ଙ୍କ 'ମହାନାଟକ', ବିଜୟ ମିଶ୍ର ଙ୍କ 'ଜଣେ ରାଜା ଥିଲେ', କାର୍ତ୍ତିକ ରଥ ଙ୍କ 'ଶୁକ ଶାରୀ କଥା', ଦିଲ୍ଲୀଶ୍ୱର ମହାରଣା ଙ୍କ 'ବାଉଁଶ ଠେଙ୍ଗାରେ ସ୍ୱାଧୀନତା', ନବୀନ ପରିଡ଼ା ଙ୍କ 'ନାଟୁଆ' ରମେଶ ଦାସ ଙ୍କ 'ବରଂ ନିବାସ ଭଲ ରଣ କ୍ଷେତ୍ରରେ', ଶଙ୍କର ତ୍ରିପାଠୀ ଙ୍କ 'ସାମ୍ରାଜ୍ୟ ପତନର ବେଳ', ନାରାୟଣ ସାହୁ ଙ୍କ 'ସୁବର୍ଣ୍ଣ ସକାଳ', 'ସବାଶେଷଲୋକ', ବିଜୟ ଶତପଥି ଙ୍କ 'କର୍ଣ୍ଣ' ଇତ୍ୟାଦି I

## ଆଧୁନିକ ଓଡ଼ିଆ ନାଟକରେ ଲୋକଉପାଦାନ :

ନାଟକ ମଧ୍ୟରେ ଲୋକଉପାଦାନ ଚରିତ୍ର ଗୁଡିକ ନାଟକ ଆରମ୍ଭ କରିଥାନ୍ତି ଓ ଶେଷ ମଧ୍ୟ କରିଥାନ୍ତି I ଏବଂ ଗୋଟିଏ ଗୋଟିଏ ଅଧ୍ୟାୟର ସମାପ୍ତି ପରେ, ମଞ୍ଚକୁ ଆସି ନାଟକର ସମ୍ବନ୍ଧରେ ସୂଚନା ଦେଇଥାନ୍ତି I ଏଇଧରଣର ନାଟକରେ ପ୍ରଥମେ ସୂତ୍ରଧର ମଞ୍ଚକୁ

ISSN NO.
2582-208X

ଆସିଥାଏ, ଶ୍ରୀ ଗଣେଶଙ୍କୁ ଆରାଧନା କରେ ଏବଂ ନାଟକ ପରିବେଷଣ ପାଇଁ ଅନୁମତି ମାଗିଥାଏ । ଶ୍ରୀ ଗଣେଶ ଙ୍କ ବେଶ ଧାରଣ କରିଥିବା ଏକ ବ୍ୟକ୍ତି ଆସି ମଞ୍ଚରେ ଉପସ୍ଥିତ ହୋଇଥାଏ । ଶ୍ରୀ ଗଣେଶ ଙ୍କ ସମ୍ମତି କ୍ରମେ ନାଟକ ଆରମ୍ଭ ହୋଇଥାଏ ।

ଯଥା:

ଗଣେଶ : ହେ ସୂତ୍ରଧର ! କି କାରଣେ ତୁମ୍ଭେ ଆମ୍ଭର ଆବାହନ କଲ ?

ସୂତ୍ରଧର : ପ୍ରଭୁ! ଅବାହନର କାରଣ ଏହିକି ଯେ, ଆମ୍ଭେ ଗୋଟିଏ ନାଟକ ଉପସ୍ଥାପନ କରିବାକୁ ମନସ୍ଥ କରିଅଛୁ ।

ଗଣେଶ : କି ନାଟକ ତାହା ?

ସୂତ୍ରଧର : ନଟକାର ନାମ ହେଲା- 'ନନ୍ଦିକା କେଶରୀ'

[ମନୋରଞ୍ଜନ ଦାସ- 'ନନ୍ଦିକା କେଶରୀ' ପୃଷ୍ଠା- ୨-୩]

ଲୋକଉପାଦାନ ଚରିତ୍ର ଗୁଡିକ ହେଉଛନ୍ତି – ଗାୟକ, ବାୟକ, ଦୁଆରୀ, ଡେଙ୍ଗୁରାବାଲା, ଡଗର, ନଟନଟୀ, ବିଦୁଷକ, ନାରଦ, ଗଣେଶ, ସୂତ୍ରଧର , ସନ୍ଧି ଇତ୍ୟାଦି ।

'ନନ୍ଦିକା କେଶରୀ' ନାଟକରେ – ଲୋକ ଚରିତ୍ର ଗୁଡିକ ହେଉଛନ୍ତି, ସୂତ୍ରଧର, ସନ୍ଧି, ଗଣେଶ, 'ମହାନାଟକ' ରେ ଦାସକାଠିଆ ଚରିତ୍ର, 'ନିମିତ୍ତ ମାତ୍ର' ରେ ଦଣ୍ଡନାଟର ବୀଣାକାର ପାଟଭୋକ୍ତା, 'ସାମ୍ରାଜ୍ୟ ପତନରବେଳ' ରେ ଦାସକାଠିଆ ଚରିତ୍ର, 'ସୁବର୍ଣ୍ଣ ସକାଳ' ରେ ବାଇମୁଣ୍ଡି ରାଜା, 'ସବାଶେଷ ଲୋକ' ରେ ଭିନ୍ନଲୋକ, 'ଫେରିଯାଅ ରାମଚନ୍ଦ୍ର' ରେ ଅଭିନେତା, 'ଅଭିଯାନ' ରେ ଗଣେଶ ଇତ୍ୟାଦି ଚରିତ୍ର ଆଧୁନିକ ନଟକାର ଲୋକ ଚରିତ୍ର ।

ଆଧୁନିକ ନାଟକରେ ପୁଣିଥରେ ପାରମ୍ପରିକ ଶୈଳୀର ପ୍ରତ୍ୟାବର୍ତନ ଦର୍ଶକ ମନକୁ ଛୁଇଁପାରିଛି । ପାଲା, ଦାସକାଠିଆ, ଦେଶିଆ, ଦଣ୍ଡ ଆଦି ନାଟ୍ୟ ପାରମ୍ପରିକ ଶୈଳୀ ଗୁଡିକ ସବୁ ଶ୍ରେଣୀର ଦର୍ଶକଙ୍କୁ ଆନନ୍ଦ ଯୋଗାଇ ପାରିଛି । ଆଧୁନିକ ନାଟକର ପାରମ୍ପରିକ ବାଦ୍ୟ ଯନ୍ତ୍ରର ଭୂମିକା ବେଶ୍ ଆକର୍ଷଣୀୟ ହୋଇପାରିଛି । ସେହି ବାଦ୍ୟ ଯନ୍ତ୍ର ଗୁଡିକ ହେଉଛି-

ISSN NO.
2582-208X

ହାରମୋନିୟମ, ପଖାଉଜ, ଢୋଲକି, ଧୂମସା, ମୃଦଙ୍ଗ, ଝାଞ୍ଜ, କରତାଳ, ଦାସକାଠି, ଖଞ୍ଜଣି, ଡୁବୁଡୁବି, ଡେଙ୍ଗୁରା ଇତ୍ୟାଦି ।

ଲୋକଉପାଦାନ ପ୍ରୟୋଗ ହୋଇଥିବା ଆଧୁନିକ ନାଟକର ଚରିତ୍ର ମାନଙ୍କ ମଧ୍ୟରେ ଏକ ଭିନ୍ନ ଧରଣର ଭାଷା ଶୈଳୀ ଦେଖିବାକୁ ମିଳେ । କେତେକ ଚରିତ୍ର ନିଜର ବାର୍ତ୍ତାକୁ ସଙ୍ଗୀତ ମାଧ୍ୟମରେ ପ୍ରୟୋଗ କରିଥାନ୍ତି । ଯାହା ମନୋରଞ୍ଜନ ଦାସଙ୍କ 'ନନ୍ଦିକା କେଶରୀ' ନାଟକରେ ଦେଖିବାକୁ ମିଳେ ଦୁଇ ଗ୍ରାମୀଣ ଚରିତ୍ର କାଳିଆ ଓ ପଞ୍ଚୁଆ ମାଧ୍ୟମରେ ।

ଯଥା:

କାଳିଆ: ହେନ୍ତାଳ ବଣରେ ବାଘ ହେଣ୍ଟାଳେ ଲୋ
ନଇରେ ଭାସଇ ନା,
ବଅର ପାଣିରେ ଇଲିଶୀ ଛକେ ଲୋ
କାଳିଆ ପାଟ ମୋ ଗାଁ ।୧।
ନାଆଁ ଅଟେ ମୋର କାଳିଆ ନାହାକ
ଗାଆଁର ଭେଣ୍ଡିଆ ଟୋକା,
ବିଡାନାସୀ ଗଡ ଦେଖଇ ନୂଆଲୋ
ଆଖି ହୋଇଯାଏ ଥକା ।୨।

ପଞ୍ଚୁଆ : ନୂଆ ବାଲିତୁଠ ନଈ ହେପଟେଲୋ
ସେଇତ ମୋଅର ଗାଆଁ,
ବୋଉ ଗେହ୍ଲାପୁଅ ବାପା ଦେଇଥିଲା
ପଞ୍ଚୁଆ ପଧାନ ନାଆଁ ।୩।

[ ମନୋରଞ୍ଜନ ଦାସ 'ନନ୍ଦିକା କେଶରୀ' ପୃଷ୍ଠା – ୧୩-୧୪ ]

ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ' ନାଟକରେ ମଧ୍ୟ ସଙ୍ଗୀତର ମୂର୍ଚ୍ଛନା ଶୁଣିବାକୁ ମିଳିଛି ନିରଞ୍ଜନ ଚରିତ୍ର ମାଧ୍ୟମରେ

ନିରଞ୍ଜନ ଗୀତ : 'ଓଟ ପରି ହେଇଥାନ୍ତି କୁଜ ଧରି ପିଠିରେ
ଖାଉଥାନ୍ତି କଣ୍ଟାସିଝୁ ବୁଲି ମରୁଭୂମିରେ

ISSN NO.
2582-208X

ରାଜା ମନ୍ତ୍ରୀ ସେନାପତି ମରୁଥାନ୍ତି କୋରଡା
ହସି ହସି  ହସୁଥାନ୍ତି ନାଲି ଆଖି ହୁରୁଡା'
[ ବିଜୟ ମିଶ୍ର 'ଜଣେ ରାଜା ଥିଲେ' ପୃଷ୍ଠା -୩ ]

ଠିକ୍ ସେହିଭଳି ଭାବରେ ଦିଲ୍ଲୀଶ୍ୱର ମହାରଣାଙ୍କ 'ସେଦିନ ଆସୁଛି' ନାଟକରେ ଏଭଳି ସଙ୍ଗୀତ ମାଧ୍ୟମରେ ସଂଳାପ ଦେଖିବାକୁ ମିଳିଛି ।

୨ୟ:  ' ଲାଗିଲା ଲାଗିଲା ନାଟରେ
ଲାଗିଲା ଏବେ ନାଟ
ଆଜିର ଖବର ବଡଯେ ଜବର
ହବ ପଞ୍ଚାୟତ ଭୋଟରେ.....
ହବ ପଞ୍ଚାୟତ
ଏତେ ଦିନ ପୁଣି ମିଳିଲା ସମୟ
ହେବ ନେତା ଜନତାଙ୍କ ଭେଟରେ....ହେବ'
[ ଦିଲ୍ଲୀଶ୍ୱର ମହାରଣା 'ସେଦିନ ଆସୁଛି' ପୃଷ୍ଠା – ୧୪ ]

ଏଭଳି ଭାବରେ ଅବତାର, ନାଟୁଆ, ଚାଞ୍ଚଲ୍ୟକର, ମହାନାଟକ, ମୁକ୍ତିପଥେ ଆଦି ନାଟକରେ  ଚରିତ୍ର ମାନଙ୍କର ସଂଳାପକୁ ସଙ୍ଗୀତ ମାଧ୍ୟମରେ ନାଟ୍ୟକାର ବ୍ୟବହାର କରିଛନ୍ତି । ଯାହା ଆଧୁନିକ ନାଟକର ଚମତ୍କାରିତା ପ୍ରତିପାଦନ କରୁଛି । ଲୋକନାଟକ ଶୈଳୀ, ସଙ୍ଗୀତ, ଚରିତ୍ର, କାହାଣୀ, ଆଙ୍ଗିକ, ବାଦ୍ୟ ଆଦି ଅଭିନବ ରୂପରେ ସ୍ଥାନ ଗ୍ରହଣ କରିଛି । ମନୋରଞ୍ଜନଙ୍କ 'ନନ୍ଦିକା କେଶରୀ' ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ' ରେ ଦେଶିଆ ନାଟ ଓ ଯାତ୍ରାର ଆଙ୍ଗିକ ରହିଛି । ରମେଶ ପାଣିଗ୍ରାହୀଙ୍କ 'ପକା କମ୍ବଳ ପୋତଛତା', ରତି ମିଶ୍ରଙ୍କ 'ସୀତା', ନୀଳାଦ୍ରିଭୂଷଣଙ୍କ 'କଲୁରିବେଣ୍ଟ' ଆଦିରେ ଲୋକକହାଣୀର ଆଙ୍ଗିକ ରହିଛି । ଯାତ୍ରାଗୀତକୁ ଆଧାର କରି ରଚିତ ହୋଇଛି, ବିଜୟ ମିଶ୍ର ଙ୍କ 'ଜଣେ ରାଜା ଥିଲା'  ମନୋରଞ୍ଜନଙ୍କ  'କାଠଘୋଡା' ଇତ୍ୟାଦି । ଦଣ୍ଡନାଟ ଶୈଳୀର ପ୍ରୟୋଗ ରହିଛି ରମେଶ ପାଣିଗ୍ରାହୀ ଙ୍କ 'ଶେଷ ପାହାଚ' ନାଟକରେ, ବହୁ ଆଧୁନିକ ନାଟକରେ ଏପରି ଲୋକନାଟ୍ୟ ଶୈଳୀର ପ୍ରୟୋଗ ଦେଖିବାକୁ ମିଳେ  ।

ISSN NO.
2582-208X

ଆଧୁନିକ ଓଡ଼ିଆ ନାଟକରେ ଲୋକନାଟ୍ୟ ଶୈଳୀର ବିଭିନ୍ନ ପ୍ରକାରର ପ୍ରୟୋଗ ଦେଖିବାକୁ ମିଳିଥାଏ । ଲୋକକହାଣୀ, ଲୋକନାଟ୍ୟ, ଲୋକଗୀତ, ଲୋକକଥା, ଲୋକଭକ୍ତି, ଲୋକମାଞ୍ଜ, ଲୋକବଦ୍ୟ, ଲୋକଭାଷା ଇତ୍ୟାଦି ଯାହାକୁ ଲୋକଉପାଦାନର ଆଖ୍ୟା ଦିଆଯାଇଛି । ନାଟକ ଆଧୁନିକ ହେଲେ ମଧ୍ୟ ଚରିତ୍ର, ଭାଷା, ବେଶପୋଷାକ କେତେକ କ୍ଷେତ୍ରରେ ପାରମ୍ପରିକ ହେବାଦ୍ୱାରା ଦର୍ଶକ ମନରେ ପରମ୍ପରା ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜାତ ହୋଇଥାଏ ।

ଆଧୁନିକ ନାଟକରେ ସଫଳତାର ରହସ୍ୟ ଖୋଲିଛି ଲୋକଉପାଦନ । ବିପ୍ଲବ, ଆନ୍ଦୋଳନ, ହିଂସା, ଆଦିରୁ ଦୂରେଇ ସାହିତ୍ୟିକ ମାନେ ପରମ୍ପରା ଶୈଳୀକୁ ଗ୍ରହଣ କରିଛନ୍ତି, ଏବଂ ଦର୍ଶକ ମଧ୍ୟ ପାରମ୍ପରିକ ସାହିତ୍ୟ କୁ ଖୁସିରେ ଆପଣେଇଛନ୍ତି । ସାମାଜିକତାରୁ ସାହିତ୍ୟ ସର୍ବଦା ତଥ୍ୟ ସଂଗ୍ରହ କରିଛି, ମନୁଷ୍ୟ ବାଲ୍ୟ ଅବସ୍ଥାରେ ସର୍ବଦା ନିଜ ଗାଁ ଓ ପରିବାର ନିକଟରେ ରହିଥାଏ । ଯୌବନ ଓ କୈଶୋର ଅବସ୍ଥାରେ ରେ ସେ ଗାଁ ପରିବାରଠାରୁ ବିଚ୍ଛିନ୍ନ ହୋଇ ଏକା ରହିବାକୁ ପସନ୍ଦ କରିଥାଏ । ପୁଣି ବାର୍ଦ୍ଧକ୍ୟ ଅବସ୍ଥାରେ ଗାଁ କୁ ଫେରିବାକୁ ଚାହିଁଥାଏ । ଠକ୍ ସେହିଭଳି ଭାବରେ ନାଟକ ଓ ନାଟ୍ୟକାରଙ୍କ ଲେଖାରେ ଦେଖିବାକୁ ମିଳିଛି । ପ୍ରଥମେ ନାଟ୍ୟକାର ମାନେ ପରମ୍ପରା ଶୈଳୀ ରେ ତଥା- ଲୋକନାଟକ, ପୌରଣିକ ନାଟକ, ଐତିହାସିକ ନାଟକ, ଆଦି ରଚନା କରୁଥିଲେ । ପରେ ଆଧୁନିକତାର ପ୍ରଭାବ ଫଳରେ ନାଟକରେ- ଆନ୍ଦୋଳନ, ବିପ୍ଲବ, ଜାତିଭେଦ, କୁ-ସଂସ୍କାର ଆଦି ଦେଖିବାକୁ ମିଳିଲା । ଯେତେବେଳେ ଆଧୁନିକତାର ଛାପରେ ଘାଣ୍ଟିଚକଟି ହୋଇଗଲେ ନାଟ୍ୟକାର ଓ ପାଠକ, ସେତେବେଳେ ନାଟ୍ୟକାରଗଣ ପୁଣି ପ୍ରାଚୀନତାକୁ ଫେରିଛନ୍ତି, ଆପଣେଇନେଇଛନ୍ତି ପୁଣି ଲୋକନାଟକର ଫର୍ମକୁ, ଏହି ଲୋକନାଟକଫର୍ମ ପୁଣିଥରେ ପାଠକ ଓ ଦର୍ଶକଙ୍କୁ ନାଟକମୁଖା କରିପାରିଛି ।

ଓଡ଼ିଆ ଅଧାପିକା
ଜୀବନ ଜ୍ୟୋତି ମହାବିଦ୍ୟାଳୟ, ଗ୍ୱଇକଆ, କନ୍ଧମାଳ

ISSN NO.
2582-208X

# ମୁଁ ଛିଣ୍ଡା ଚପଲ



କାଳପ୍ରସାଦ ମହାପାତ୍ର

ଛିଣ୍ଡା ଚପଲ ମୁଁ ଛିଣ୍ଡା ଚପଲ
ଛିଣ୍ଡି ଯାଇଛି ମୋ ଫିତା ସଅଳ।।
ଅଲୋଡା ହୋଇ ମୁଁ ପଡିରହିଲି
ସାଙ୍ଗ ମୋର ଛାଡି ଏକା ରହିଲି।।
କଣ୍ଟା ଖାଲକୁ ମୋ ନଥାଏ ଡର
କଣ୍ଟାବୁଦା ଆଶ୍ରା ହେଲା ମୋହର। ।
ଦୋକାନୀ ସାଇତି ରଖିଟି ଥିଲା
ଗ୍ରାହକଙ୍କୁ ଆମ ଦୁହିଁଙ୍କୁ ବିକିଲା।।
ମାଲିକ ଲଗାଇ ଆମ ଦୁହିଁଙ୍କୁ
ରାସ୍ତାରେ ଚାଲଇ ବହୁ ଦୂରକୁ।।
ପାଦ ଦୁଇଟିକୁ ସୁରକ୍ଷା ଦେଇ
ଯାତରା ବଜାର ସବୁ ବୁଲଇ।।
କାର୍ଯ୍ୟାଳୟଠାରୁ ଶୌଚାଳୟକୁ
ଦରକାର ପଡେ ଆମ ଦୁହିଁଙ୍କୁ।।

ଏବେ ମୁଁହମାଡି ଏକା ପଡିଛି
ସାଙ୍ଗଟିକୁ ଛାଡି ଏକା କାନ୍ଦୁଛି।।
ଦିନେ ବରଷାରେ ଗଲି ମୁଁ ଭାସି
ନାଳରେ ପଡିଲି ମାଟିକୁ ଲେସି।।
ମାଟି ଗଲା ମାଡି ତଳେ ରହିଲି
ନିସଙ୍ଗ ହୋଇ ମୁଁ ପଡିରହିଲି।।
କେହି ନ ଶୁଣିଲେ ଡାକରା ମୋର
ଶେଷରେ ମିଶିଲି ମାଟି ଭିତର ।।
ଛିଣ୍ଡା ଚପଲ ମୋ ଏହି କାହାଣୀ
ସେବାରେ ଥିଲି ମୁଁ ତୁମ୍ଭର ପୁଣି।।

ଶିକ୍ଷକ, ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ଗୁରୁଙ୍କ ପାଇଁ ପଦେ



ଜନ୍ମଜୟ ନାୟକ

ଜୀବନୁ କଳୁଷ ହେବନାଶ,
ଲଭିଣ ଗୁରୁଙ୍କ ଶୁଭାଶିଷ,
ଗୁରୁ ପାଦ ପୂଜି ଭକତିରେ ଭିଜି
ପାଳିବା ଆମେ ଗୁରୁଦିବସ ।

କୋଟି ଜୁହାର ତାଙ୍କ ଚରଣେ,
ତାଙ୍କୁ ଭୁଲିବା ନାହିଁ ଜୀବନେ,
ଗୁରୁ ପଦରଜ ମୁକତିର ବୀଜ
ଏକଥା ଆମେ ରଖିବା ମନେ ।

ଗୁରୁଙ୍କର ମହିମା ଅପାର,
ମହୀମଣ୍ଡଳେ ସେ ତ ଈଶ୍ୱର,
ହୃଦମନ୍ଦିରେ ସେ ଅମଳିନ ଜ୍ୟୋତି
ତାଙ୍କ ପାଇଁ ଜୀବନ ସୁନ୍ଦର ।

ମନେ ଭରିଣ ଆଶା ବିଶ୍ୱାସ,
କଳୁଷତାକୁ କରନ୍ତି ନାଶ,
ତାଙ୍କରି ଆକଟେ ଯାଉ ଭଲ ବାଟେ
ଭବିଷ୍ୟତ ହୁଅଇ ସରସ ।

ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ବରଷା ହେଇ



ଚତରଂଜନ ବେହେରା

ବରଷା ହେଇ ମୋ ପ୍ରେମ ଦିନେ
ମୋତେ ଭିଜେଇଥିଲା.....!
ଗୋଲାପ ହେଇ ମନ ବଗିଚା ରେ
ହସି ହସି ଫୁଟିଥିଲା......!!
ମଳୟ ହେଇ ବାରମ୍ବାର ସେ
ବସନ୍ତ ରେ ଆସିଥିଲା.....!
ଫଗୁଣ ହେଇ ମୋ ଦେହରେ
ଫଗୁ ରଙ୍ଗ ଢାଳୁ ଥିଲା......!!
ଏବେ ଆଉ ସିଏ ମୋ ପାଖେ ନାହିଁ
ଅନ୍ୟ କାହା ହାତ ଧରିଛି.....!
ତା ଭଲପାଇବା ଭୁଲି ପାରୁନାହିଁ
ଜଳି ଜଳି ମୁଁ ମରୁଛି.....!!
ଦୁଃଖ ଲାଗୁ ନାହିଁ ଛାଡ଼ିଗଲା ବୋଲି
କମ୍ ଥିଲା ମୋ ପ୍ରେମ ଭାବୁଛି....!
ସେଥିପାଇଁ ସିଏ ଖୁସିରେ ଏବେ
ଆଉ କାହା ସାଥେ ହସୁଛି......!!

ବୌଦ୍ଧ
ମୋ - ୯୪୩୮୭୧୦୩୮୭

ISSN NO.
2582-208X

# ପ୍ରଥମ ଚିଠି



ଶେଷଦେବ ପଣ୍ଡା

ବାଲକୋନିରେ ଏକ ଆର୍ମ ଚେୟାର ଉପରେ ବସିଛି ମୁଁ । ଅଫିସରୁ ଫେରି କ୍ଲାନ୍ତି ମେଣ୍ଟାଇବାକୁ ଏ ମୋର ନିତିଦିନିଆ ପ୍ରୟାସ । ଚୂନା ଚୂନା ତାରାଫୁଲଙ୍କ ମେଳରେ ପୂର୍ଣ୍ଣିମାର ଅଳସୀ ଜହ୍ନଟା ଉଙ୍କିମାରୁଛି ବାଦଲ ଫାଙ୍କରୁ । ସୁଲୁସୁଲିଆ ଦକ୍ଷିଣା ପବନ ବହି ବେଶ୍ ଆରାମ ଦେଉଛି ଦେହମନକୁ । ମୋର ଧର୍ମପତ୍ନୀ କବିତା ବି ଚା' କପ୍ ଧରି ଆସିଗଲେଣି । କିନ୍ତୁ ଏ କଅଣ ତାଙ୍କ ମନ ଆଜି ଭାରି ଉଦାସ । ସରାଗ ନାହିଁ ।

.....କ'ଣ ହେଇଛି କବିତା ?

.....ନାଇଁ କିଛି ନାଇଁ ।

.....ମୋତେ କହିବନି ??

କାନ୍ଦମିଶା ସ୍ୱରରେ କବିତା କହିଲେ, "କୁହ କମଳେଶ, ତୁମ ଆଲମାରୀରୁ ମୁଁ ପାଇଥିବା ଏ ଚିଠି କାହାର? କିଏ ଏହି ବିନୀତା ?? ତା ସହ ତୁମର ସଂପର୍କ ବା କଅଣ ??ମନ ଗୋଳେଇ ଘାଣ୍ଟି ହେଉଛି....।"

ମୁଁ ଏଥର କହିଲି,"ଠିକ୍ ଅଛି,ତୁମେ ଧୈର୍ଯ୍ୟ ଧରି ବିନୀତା ବିଷୟରେ ଶୁଣ ଓ ଜାଣ । ମୋ ଜୀବନର ଉତ୍ତରଣରେ ତାର ଭୂମିକା କେତେ ଅନବଦ୍ୟ, ସେ ବିଷୟରେ କହୁଛି ।"

ମୁଁ ଥିଲି ଗରିବ ଘରର ପୁଅ । ଗାଆଁର ସ୍କୁଲମାଷ୍ଟରଙ୍କ ଝିଅ ଥିଲା ବିନୀତା, ମୋର ସହପାଠିନୀ । ଆଜି ଯେଉଁ ତହସିଲଦାରଙ୍କ ପତ୍ନୀ ବୋଲି ତୁମେ ଗର୍ବ କରୁଛ, ତାହା ଥିଲା ମୋର ସ୍ୱପ୍ନର ବାହାରେ । ପିଲାଦିନେ ଭାରି ଦୁଷ୍ଟ ଓ ଡଲ୍ ପିଲା ଥିଲି ମୁଁ । ମୋର ଦୁର୍ବଳ

ISSN NO.
2582-208X

ମୁହୂର୍ତ୍ତରେ ବିନୀତା ମୋର ଅବଚେତନ ମନ ତଳେ ସ୍ଥାନ ନେଲା । ଭଲ ପାଇବାକୁ ଲାଗିଲୁ ପରସ୍ପରକୁ ଦୁହେଁ । ପ୍ରଖର ସ୍ରୋତରେ ଭାସି ଯାଉଥିବା ପିମ୍ପୁଡି ଶୁଖିଲା ପତ୍ରକୁ ଆଶ୍ରା କଲା ଭଳି ତାର ସ୍ନେହ ମମତାକୁ ପାଥେୟ କରି ମୋ ଜୀବନରେ ପରିବର୍ତ୍ତନ ଆସିଲା । ତେବେ ସେ ଥିଲା ପରଶମଣି । ତାର ସଂସ୍ପର୍ଶରେ ଆସି ମୋ ଜୀବନର ଗତି ବଦଳି ଗଲା । ଭଲ ପଢିଲି ଏଣିକି ତାର ଅମୃତ ପ୍ରେରଣାରେ । ଉଚ୍ଚଶିକ୍ଷା ପାଇଁ କଟକ ଚାଲିଗଲି । ଇତି ମଧ୍ୟରେ ତାର ବିବାହ ବି ଜଣେ ବ୍ୟବସାୟୀଙ୍କ ସହ ବାପା ଠିକ୍ କରିଦେଲେ । ଏଇଟା ଏକମାତ୍ର ପ୍ରଥମ ଓ ଶେଷ ଚିଠି ଲେଖିଥିଲା ବିନୀତା ମୋ ପାଖକୁ, ଯାହା ଆଜି ତୁମ ହାତରେ । ଏଥିରେ ସେ ଲେଖିଛି, "କମଳେଶ, ବିବାହ ବନ୍ଧନରେ ନ ରହିଲେ କଅଣ ଭଲ ପାଇବାଟା କମିଯିବ । ତୁମେ ବି ମୋତେ ଭୁଲିବନି । ମୁଁ ବି ତୁମକୁ କେବେ ଭୁଲି ପାରିବିନି।"

ଏ ଚିଠିକୁ ବିନୀତାର ପ୍ରେମର ଦଲିଲ ନୁହେଁ, ପ୍ରେରଣାର ସନ୍ତକ ଭାବରେ ମୁଁ ରଖିଛି କବିତା । ବିନୀତା ନ ଥିଲେ ତୁମେ ଜଣେ ଅପାଠୁଆ ଅପାଂକ୍ତେୟ ଯୁବକକୁ ମୋ ଠାରେ ପାଇଥାନ୍ତ । ମୋ ପାଇଁ ସେ ଅନେକ ନିନ୍ଦା ଅପବାଦ ସହିଛି । ଈଶ୍ୱରଙ୍କୁ ମୁଁ ସବୁବେଳେ ପ୍ରାର୍ଥନା କରେ, ସେ ବିନୀତା ପରି ଝିଅମାନଙ୍କୁ ସବୁବେଳେ ସୃଷ୍ଟି କରନ୍ତୁ, ମୋ ପରି କକ୍ଷଚ୍ୟୁତ କମଳେଶମାନଙ୍କୁ ସେମାନେ ବାଟକୁ ଆଣିପାରିବେ ।

କବିତାଙ୍କ ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା । ସେ ମୋ ଛାତିରେ ମୁଣ୍ଡ ଆଉଜେଇ ଦେଲେ ଆଉ କହିଲେ, ମୋର ଭ୍ରମ ଧାରଣା ଦୂର ହୋଇଛି । ପ୍ରକୃତରେ ବିନୀତା ଭଲ ଝିଅ ।

ମୁଁ ବି ଆଶ୍ୱସ୍ତ ହେଲି ଯେ, କବିତା ମୋର ଆଉ ବିନୀତାର ସଂପର୍କକୁ ବୁଝି ପାରିଛନ୍ତି । ମର୍ମେମର୍ମେ ଅନୁଭବିଛନ୍ତି ପ୍ରେମ-ସଂପର୍କର ଭିନ୍ନ ଏକ ପରିଭାଷାକୁ ।

ସ୍ନାତକ ଶିକ୍ଷକ (କଳା)
ସ୍ୱବ୍ରଜ ସରକାରୀ ଉଚ୍ଚ ବିଦ୍ୟାଳୟ
ଘସିଏନ୍, ପାଟଣାଗଡ,ବଲାଙ୍ଗିର

ISSN NO.
2582-208X

# ଓହ୍ଲାଇ ଆସ

(ଚୋଖି ବୃତ୍ତେ )



ତ୍ରିପତି ପ୍ରଧାନ

ମାଆ ଗୋ ମା ମହାମାୟୀ
ସଂସାର କଲ୍ୟାଣ ପାଇଁ
ଓହ୍ଲାଇ ଆସ ସରଗୁ ମର୍ତ୍ତ୍ୟ ଭୁବନ
ହସିବ ସାରା ଜଗତ
ଜୀବ ହେବେ ପୁଲକିତ
ପ୍ରକୃତିରାଣୀ ନାଚିବେ ପ୍ରତି ସ୍ପନ୍ଦନ
କାଶତଣ୍ଡୀ ଜହ୍ନି ସୁମନେ
ଅନୁପମା ଦିପ୍ତିମୟୀ ସୁଉଦ୍ଭାସନେ (1)

ଭ୍ରାତା ପତ୍ନୀ ବିଷ୍ଣୁପ୍ରିୟା
ପୂଜି କୁମାରୀ ତନୟା
ଗାଆନ୍ତି ସ୍ୱାଗତ ଗୀତି ଆନନ୍ଦ ମନେ
ଚିତ୍ରପତଙ୍ଗ ଷଡ଼ପଦ
ନୃତ୍ୟ ଭ୍ରମ ପଦ ପଦ
ବରଷା ରାଣୀଜାଗିଛି ବୀଣା ବାଦନେ
ବିହଙ୍ଗମ କୂଳ କାକଳି
ମଙ୍ଗଳେ ମଙ୍ଗଳମୟୀଙ୍କ ହୁଳହୁଳି (2)

ପଲ୍ଲୀଠୁ ନଗର ସାହି
ଆନନ୍ଦୋତ୍ସବ ବହଇ
ଶ୍ରଦ୍ଧା ଜାଗିଛନ୍ତି ଭକ୍ତ ସନ୍ତାନ ଗଣ
ଦୁର୍ଗେ ଦୁର୍ଗତିନାଶିନୀ
ଶିବ ଦାୟିନୀ ଶିବାନୀ
ମନ ବାଞ୍ଛା ପୂର୍ଣ୍ଣ କର ସକଳ ଜନ
ହର ଦୁଃଖ ଦୁଃଖୀ ଜନର
ପ୍ରଣତି କାରେ ଜଣାଏ ତବ ପୟର (3)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ଚତୁର୍ଦ୍ଧା ମୂରତି



ଡ. ଅର୍ଜୁନ ଚରଣ ବାରିକ୍

ଚତୁର୍ଦ୍ଧା ମୂରତି ହୋଇ ଯଦୁପତି
ବିଜେ ରତ୍ନ ସିଂହାସନ ।
ଚକା ଚାନ୍ଦ ମୁଖ ହରେ ଭବ ଦୁଃଖ
କଲେ ବାରେ ଦରଶନ ।
ଚିନ୍ତ ବିଶ୍ୱ ଚିନ୍ତାମଣି ରେ ମାନସ
ଭବ ଦୁଃଖ ପ୍ରଶମନ ।
ଚନ୍ଦନ ଚର୍ଚ୍ଚିତ ନୀଳ କଳେବର
ଦର୍ଶନେ ଜୀବନ ଧନ୍ୟ ।
ଚାରୁ ଭୂରୁ ଚାରୁ ଅଳକା କପୋଳ
କଟିରେ ପୀତ ବସନ ।
ଚାହାଁ ଚନ୍ଦ୍ର ମୁଖ ନ ରହିବ ଦୁଃଖ
ଶମନ ଦଣ୍ଡ ଖଣ୍ଡନ ।

ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ଶ୍ରୀୟାଧବ

ସୁହାସିନୀ ବାରିକ୍

ଶ୍ରୀୟା ଧବ ଦୀନ ବାନ୍ଧବ ହରି ।
ମଙ୍ଗଳ ମୂରତି କ୍ଷେତ୍ର ବିହାରୀ ।
ତୀର ସାଗର ର ଅନତି ଦୂର ।
ଗିରିଧାରୀ ହରି କରିଛି ଘର ।
ତାଙ୍କ ନାମ ଗୋଟି ସଦା ପାବନ ।
ଜଗ ଜୀବନ ସେ ବଂଶୀ ବଦନ ।
ଲୀଳାମୟ ଲୀଳା ବଡ଼ ଅପୂର୍ବ ।
ସାର ସଂସାର ରେ ଏକା ମାଧବ ।
ମକର କୁଣ୍ଡଳ ଲୋଳଇ କର୍ଣ୍ଣ ।
ଲୟ ଲଗା ମନ ରଙ୍ଗା ଚରଣ ।
ଗୀତଗୋବିନ୍ଦ ପ୍ରିୟ ହୃଷୀକେଶ ।
ରିଷ୍ଟ ନାଶଇ କମଳା ବିଳାସ ।
ବଂଶୀ ବଦନ କୃଷ୍ଣ ପଙ୍କଜାକ୍ଷ ।
ଧନ୍ୟ ନରହରି ଭକତ ସୁଖ ।

ମହୁ, ଆଲ, କେନ୍ଦ୍ରାପଡ଼ା, ଓଡ଼ିଶା
ପିନ୍ ୭୫୪୨୩୧

ISSN NO.
2582-208X

# ପ୍ରକୃତିର ଜଣେ ନିଷ୍କପଟ ପୂଜାରୀ : କୋଶଳୀ କବି ହଳଧର ନାଗ



ବ୍ରଜମୋହନ ମେହେର

ଶୃଂଗାରୀଚେତ୍ କବିଃ କାବ୍ୟଂ ରସମୟଜଗତ୍'ର ଶୀର୍ଷ ସୋପାନରେ ଉପନୀତ ହୋଇଥିବା କବିକୁଳତିଳକ କାଳିଦାସଂକ 'ଋତୁ ସଂହାର' ଊଣାଅଧିକେ ସମସ୍ତେ ପଢ଼ିଥିବେ; ଯାହାକି ପ୍ରକୃତି ବର୍ଣନା ଆଧାରିତ ହୋଇଥିଲେ ମଧ୍ୟ ଭଂଜଂକ "କୂଳ ଲଂଘିବା ଇଚ୍ଛା କଲେ ସଦା/ ରସବସେ ନଦୀଜଳ ପ୍ରମଦା" ଭଳି ଶୃଂଗାର ରସରେ ହିଁ ଭରପୂର। ସେହିଭଳି କାଳିଦାସ ବା ଭଂଜଂକ ଋତୁ ବର୍ଣନା ସହିତ ଜଗନ୍ନାଥ ଦାସ ବା ମଧୁସୂଦନ ରାଓଂକର ବର୍ଣନା କାହିଁକେତେ ଦୂର..... "ଦୂରେ ଥିଲେ ପାଶେ ଅଛି ଏହାଥିବୁ ଘେନି/ କେତେ ଦୂରେ ଚଂଦ୍ର କେତେ ଦୂରେ କୁମୁଦିନୀ"ର ଠିକ୍ ବୈପରୀତ ରକ୍ଷାକରି। ଏହିଭଳି ଏକ ପ୍ରାକୃତିକ ଯଜ୍ଞବେଦୀର ଐକାଂତିକ ମଂତ୍ରପାଠକ ହେଉଛଂତି କୋଶଳୀ ସାହିତ୍ୟର ମହାରଥ ପଦ୍ମଶ୍ରୀ ହଳଧର ନାଗ; ଯାହାଂକ କଲମ ମୁନରୁ ନିଃସୃତ ହୋଇପଡ଼େ ସଂପୂର୍ଣ ପ୍ରକୃତି ମୂଳକ କାବ୍ୟ : ''ବଛର୍' (ବତ୍ସର=ବର୍ଷ) ଏକ ନୂତନ କାହାଣୀ ପରିଚୟ ବହନ କରି। ଏହାପୁଣି ପୌରାଣିକତାର ଭ୍ରମ ସୃଷ୍ଟି କରିବାରେ ଏକାଂତ ସମର୍ଥ।

ମଧୁରାଓଂକ "ତୁହି ମା ଧରଣୀ ଜନନୀ ମୋହର ଧରିଛୁ ମା' ମୋତେ କୋଳେ/ ଲୋଟୁଅଛି ସିଂଧୁ ତୋହରି ଚରଣେ ଆନଂଦ ଉତ୍ସାହ ଭୋଳେ"ରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ପୃଥିବୀ ଆମର ମା। ଏହି କବିତା ପୂର୍ବରୁ ହିଁ କାହିଁକେଉଁ ଅନଂତ କାଳରୁ ଧରଣୀ ହେଉଛି ଆମରି ମା, ଆମ ସମସ୍ତଂକର ମା'। ସେହିଭଳି ଜହ୍ନମାମୁ ବା ଚଂଦ୍ର ହେଉଛଂତି ସମସ୍ତଂକ ମାମୁଁ।" ଆ ଜହ୍ନମାମୁ ଶରଦଶଶୀ/ ମୋ କାହ୍ନୁ ହାତରେ ପଡ଼ ରେ ଖସି।" ଏହି ମା' ଆଉ ମାମୁ-

ISSN NO.
2582-208X

ଭାବ ହିଁ ହଳଧର ନାଗଂକ ମନରେ ଭରିଦେଇଛି ଏକ ସ୍ୱତଂତ୍ର କଳ୍ପନା। ଧର୍‌ତି( ଧରିତ୍ରୀ) ଆଉ ଜନ୍(ଜହ୍ନ) ହେଉଛଂତି ଦୁଇ ଭାଇ ଭଉଣୀ।

ଧରତି ଯୁବା ବୟସରେ ପଦାର୍ପଣ କରିଛି...ଧରତି ଯେ ଗୋଟିଏ ଫୁଲ, ଫୁଟିଛି ଆଷାଢ଼ ମାସର ସଂକ୍ରାଂତିରେ (ରଜସଂକ୍ରାଂତିରେ ରଜୋବତୀ ହୋଇଛି, ଅର୍ଥାତ୍ ଯୌବନାବସ୍ଥାକୁ ପଦାର୍ପଣ କରିଛି ଧରିତ୍ରୀ)। ଯଦିଚ ଲାବଣ୍ୟବତୀର ରଜୋଦର୍ଶନ ଭଳି ଆମୂଳଚୂଳ ଉନ୍ମୁକ୍ତ ବର୍ଣ୍ଣନା ନାହିଁ ବା ଭଂଜଂକ ଯଜ୍ଞବେଦିକାର ପରିକଳ୍ପନା ନାହିଁ, ହଳଧର ନାଗଂକ ମାନସ ଉପବନରେ ଦିଶିଯାଇଛି ଏକ କୋମଳ କଳିକା ପ୍ରସ୍ଫୁଟିତ ହେବାର କମନୀୟ ଚିତ୍ର।

" ଅସାଢ଼୍ ମାସର୍ ସଁକ୍ରାତିଁ ଦିନେ
ଫୁଟ୍‌ଲା ଧର୍‌ତି ଫୁଲ୍
ହିଟ୍‌ଲା ଖାପନ୍ ଦେଲା ମହକନ
ରସ୍ ଜେନ ଥିଲା ଠୁଲ୍।
\+ \+ \+ \+
ଫୁଲ୍ ଫୁଟେ ଜେଭେଁ ସୁରେଇ ସୁରେଇ
ଭଅଁର୍ ଜାଏସି ଧାଇଁ
ଧର୍‌ତି ଫୁଲ୍‌କେ ଧାଏଁଲା ସମିଆଁ
ମନ୍ ଥାବେଁ ରହେ ନାଇଁ
ଦେଖ୍‌ଲା ଧର୍‌ତି ରସର୍ ଭର୍‌ତି
ଫୁଲ୍ ଫୁଟି ବୁଗ୍‌ବୁଗା
ସମିଆଁ ଭଅଁର୍ ମନ୍‌ଟା ଉତେଲ୍
ଲୁଭେ ହେଲା ସୁଗ୍‌ସୁଗା।"

ଧର୍‌ତି'ଫୁଲ ମହକରେ ଆକର୍ଷିତ ହୋଇ ପଡ଼ିଛି ରସିକ ସମିଆ(ସମୟ)। ଦୁହିଂକ ମଧ୍ୟରେ ସୃଷ୍ଟି ହୋଇଛି ପ୍ରେମର ପାର୍ବଣ। ଭାଇ ଜନ୍(ଜହ୍ନ) କିଂତୁ ଏହି ପ୍ରେମ ସଂପର୍କରେ ଅନବହିତ ହୋଇ ସ୍ୱର୍ଗର ଅଧିପତି ଇଂଦ୍ରଂକ ପାଖରେ ପକାଇ ଦେଇଛଂତି ବିବାହ ପ୍ରସ୍ତାବ।

ISSN NO.
2582-208X

ସେ ଯେତେବେଳେ ଏଥିରେ ଇଂଦ୍ର ରାଜି ହୋଇଯାଇଥିବାର କଥା ଧରତିକୁ କହିଛଂତି, ଭଉଣୀ ମୁହଁରୁ ଖୁସି ପରିବର୍ତେ ଦୁଃଖର ଝଲକ ଦେଖିଛଂତି ଓ ସମିଆ ସହିତ ପ୍ରେମସଂବଂଧ ରହିଥିବାର କଥା ଶୁଣି ହତଚକିତ ହୋଇଯାଇଛଂତି। ସଭାକୁ ଯାଇ ଇଂଦ୍ରଂକ ନିକଟରେ କ୍ଷମା ପ୍ରାର୍ଥନା କରିଛଂତି। କିଂତୁ ଇଂଦ୍ର ସମିଆ ଉପରେ ନେଇଛଂତି ପ୍ରତିଶୋଧ। ସମିଆକୁ ତାଂକ ବଜ୍ର ପ୍ରହାରରେ କରିଦେଇଛଂତି ଖଂଡବିଖଂଡ। ମୃତ ପ୍ରିୟତମର ମରଣ ଧର୍‌ତି ପାଇଁ ଅସହନୀୟ। ଅତ୍ୟଂତ ବ୍ୟାକୁଳତାର ସହିତ କ୍ରଂଦନ କରୁଥିବା ଜାଣି ପରମପିତା ବ୍ରହ୍ମା ଧର୍‌ତିକୁ ଦେଇଛଂତି ଆଶ୍ୱାସନା, ସେ ଛପନକୋଟି ଜୀବ ଆଉ ବାବନ ଭଂଡାରର ଜନ୍ମଦାତ୍ରୀ ହେବ। ସତେକି ଅଶେଷ ଗୌରବର ଅଧିକାରିଣୀ, ଗଡ଼ନାୟକଂକ 'ମାଟି'। ସାବିତ୍ରୀ ଯମ ସମ୍ମୁଖରୁ ମୃତ ସ୍ୱାମୀଂକୁ ଛଡ଼େଇ ଆଣିଲା ଭଳି ଧର୍‌ତି ମଧ୍ୟ ଅଭିଯୋଗ କରିଛି ଯେ ସେ କେମିତି ନିଜର ପ୍ରିୟତମ ବିନା ସଂତାନବତୀ ହେବ? ବ୍ରହ୍ମା ଅମୃତ ସିଂଚନ କରିଛଂତି, ସମିଆ ବଂଚି ଉଠିଛି ଛଅଟି ରୂପରେ। ପୁରାଣର କାର୍ତିକ ଜନ୍ମ ତଥା ଇଂଦ୍ରକର୍ତୃକ ଅଣଚାଶ ଖଂଡ ହୋଇଥିବା ପବନ ଦେବତାଂକ ଜନ୍ମ ପ୍ରସଂଗ ପ୍ରତିଧ୍ୱନିତ ହୋଇଯାଇଛି ଯେଭଳି ଏହି ସ୍ଥଳରେ। ବିବାହ ସ୍ଥଳରେ ପାଂଚଜଣ ବରଂକୁ ଦେଖି ଦ୍ରୌପଦୀ ବିସ୍ମିତ ହେଲାଭଳି ଛ'ଜଣ ସମିଆ ସହିତ କିପରି କାଳ କାଟିବ ଧର୍‌ତି ମନରେ ଖେଳିଯାଇଛି ବିସ୍ମୟ। ବିଧାତାଂକ ବିଧାନରେ ସେମାନେ ହୋଇଯାଇଛଂତି ଷଡ଼ଋତୁ। ସେମାନେ ଗୋଟିଏ ପରେ ଗୋଟିଏ ଦୁଇଦୁଇମାସ ବର୍ଷସାରା ଧର୍‌ତିକୁ ଭୋଗ କରିବେ। ଷଡ଼ଋତୁ ସମିଆଁ(ସମୟ) ହିଁ ଗୋଟିଏ ବଛର୍(ବର୍ଷ)। ସେମାନେ ନିଜନିଜ ସ୍ୱରୂପରେ ଧର୍‌ତିକୁ ବିହାର କରିଛଂତି।

ମହାକବି କାଳିଦାସଂକ 'ତଡ଼ିତ୍‌ପତାକୋଽଶନିଶବ୍ଦମର୍ଦଳଃ' ତଥା ସ୍ୱଭାବକବିଂକ 'କୁଂଭାଟୁଆ ହୋଇ ଭାଟ/ ଆରଂଭିଲା ସ୍ତବପାଠ' ଭଳି ପ୍ରକୃତିର ଜୀବଂତ ମାନବାୟିତ ଚିତ୍ର ପ୍ରତିଫଳିତ କୋଶଳକୋକିଳ( କୋସଲ୍ କୁଏଲି) ହଳଧର ନାଗଂକ କବିତ୍ୱ ଚିତ୍ରପଟରେ। ବର୍ଷାଋତୁର ଆଗମନ ପର୍ବରେ ମେଘମାନେ ବାଦ୍ୟକାର, ମୟୂର ନୃତ୍ୟଶିଳ୍ପୀ, ତାଳଗଛ ବ୍ୟଜନକାରୀ, ନୀଳକଂଠ ପୁରୋହିତ, ବେଂଗମାନେ ହୁଳହୁଳି ଶବ୍ଦକାରୀ.... ଏହିଭଳି ଅନେକଚିତ୍ର ଫୁଟିଉଠିଛି ବରବେଶୀ ବର୍ଷାଋତୁ ସହିତ ଧରିତ୍ରୀର ବିବାହୋତ୍ସବ ବା ମିଳନ ମହାଯାତ୍ରାର ମହୋତ୍ସବରେ।

ISSN NO.
2582-208X

" ଋତୁ ବର୍‌ସା ଜେ ପହେଲା ଆଏଲା
ହେଇ କେଡ଼େ ଉବାଗର୍
ମେଘ୍ ବଜ୍‌ନିଏ ଦୁଲ୍‌ଦୁଲି ବଜା
ବଜାଲେ ଅଠି ପହର୍।
ନଚ୍‌ନିଆଁ ହେଇ ନାଚ୍‌ଲା ମଜୁର୍
ଡହକ୍ ଗାଏଲା ଗିତ୍
ତାଲ୍ ଗଛ୍ ଧରି ହଲାଲା ଧୁକ୍‌ନା
ଟିହା ହେଲା ପୁରୋହିତ୍।
ଟେଁଡ଼ାଟିପି ଚଢ଼ି ବାଟ୍ ବରୁଥିଲା
ଟେଂଗ୍‌ଟା ମୁଡ୍ ହଲେଇ
ବଁକ୍‌ମାଲି ଧରି ଟାଂଗିଚରେ ଗଲା
ଅଧାବାଟ୍ ପର୍‌ଘେଇ।
ବେଂଗ୍‌ଟି ରାନି ଜେ ହୁଲ୍‌ହୁଲି ଦେଲା
ଉସତ୍ ବତର୍ କରି
ବର୍‌ସା ଋତୁକେ ଦେଖ୍‌ବାକେ ଧାଏଁ
ତାର ସଂଗେ ଫିର୍‌ଫିରି।"

ରସବଂତ ହୋଇଉଠେ 'ବର୍‌ସା-ଧର୍‌ତି'ର ପ୍ରଣୟମୁହୂର୍ତ। ବର୍‌ସା(ବର୍ଷାଋତୁ)ର ଆଲିଂଗନ ଫଳରେ ରୋମାଂଚିତ ହୋଇପଡ଼େ ଧର୍‌ତି, ହସି ରସି ମିଶିଯାଏ ମନପ୍ରାଣ-

ବର୍‌ସା କରି ଋତୁ ଧର୍‌ତି ରାନିକେ
ଆବ୍‌ରି ଧଏଲେ କୁଲେଁ
ଦୁହିକର୍ ଦିହି ଗୁଟେ ହେଇଗଲା
ଭାବ୍ ପିର୍‌ତିର୍ ଭୁଲେଁ।
ଖୁଲ୍‌ଖୁଲାତେଲ୍ ହଁସ୍‌ତେଲ୍ ହେଲେ
ଋତୁକୁଲେଁ ଜୁଗ୍‌ରେଇ

ISSN NO.
2582-208X

ଚେଁକ୍‌ରେଇ ଉଠେ ଲଟା-ରୁଆ ଜେତେ
ମନଟା ଉତେଲ୍ ହେଇ।"

କେବଳ ବର୍ଷା ନୁହେଁ, ଛଅଋତୁର ଛଅ ମନୋହର ବେଶ ଫୁଟିଉଠିଛି ବିଭିନ୍ନ ରୂପରେ। ଗଂଗାଧରଂକର 'ବସଂତ ବିଜୟ ବାରତା ପ୍ରଚରିଲା ଭୁବନେ/ ପାଦତ ଆନୀତ ପତର ପରଭୃତ ପଠନେ' ଭଳି ଋତୁରାଜ ବସଂତର ଖବର ଆଣେ ବଉଳିଆ ପବନ ଧର୍‌ତି ରାନି(ଧରିତ୍ରୀ ରାଣୀ) ନିକଟରେ:-

"ଆସେ ବସଂତ ରୁତୁରଜା ସେ ତ
ସିତ୍ ଗଲା ଅପ୍‌ସରି
ବଉଲିଆ ଧୁକା କହେଲା ଖବେର୍
ଧର୍‌ତିକେ ଆସିକରି।
ଗହଗହ ମହ- ମହ ହେଲେ ରାନି
ଆସବାର ଜାନି ରଜା
ଲାଲ୍ ଜର୍ ଜର୍ କଅଁଲି ପତର୍
ଉଡ଼ାଲେ କେତେଟେ ଧଜା।"

ସୁଂଦରୀ ଧର୍‌ତିକୁ ବର୍‌ସା(ବର୍ଷାଋତୁ) ପ୍ରଥମେ ଭୋଗକରିବା କ୍ରମରେ ସମସ୍ତଂକ ପଛରେ ଖରା(ଗ୍ରୀଷ୍ମଋତୁ)ର ପାଳି ରହିଥିବାରୁ ସେ ପ୍ରଚଂଡ ମାତ୍ରାରେ ରାଗିଯାଇ ପ୍ରଖର ହୋଇପଡ଼ିଛି। ସୂର୍ଯଂକ ତେଜକୁ ସହି ନ ପାରି ସଂଜ୍ଞାଦେବୀ ନିଜର ପ୍ରତିରୂପ ଛାୟା ସୃଷ୍ଟିକରି ନିଜେ ଯେମିତି ଅଶ୍ୱିନୀ ରୂପରେ ଲୁଚିଯାଇଛଂତି, ସେହିଭଳି ପରିସ୍ଥିତି ସୃଷ୍ଟି ହୋଇନାହିଁ ଅବଶ୍ୟ; ବରଂ ନିଜର ଖଂଡିଆଭୂତ ରୂପକ ହାତରେ ପ୍ରିୟତମ ଖରାର ହାତଧରି ଶାଂତି କରିବା ପାଇଁ ଯତ୍ନଶୀଳା ହୋଇଛି ଧର୍‌ତି। କେତେ ବିନୟ ଅନୁରୋଧ କରି ବିଭିନ୍ନ ପ୍ରକାର ଫଳ ଯାଚି ଦେଇଛି ନିଜ ହୃଦୟର ପ୍ରକୃତ ଜୀବନସଂଗିନୀର ଦାୟିତ୍ୱ ଅନୁଭବ କରି। ଯଥା-

ISSN NO.
2582-208X

"ବିତ୍‌ବିତା ହେଇ ନି ପାର୍‌ଲେ ସହି
ଖରାର୍ ଜେ ଉତ୍‌ପାତ୍
ଖଁଡ଼ିଆ ଭୁତର୍ ହାତେ ତର୍‌ସର୍
ଧଏଲେ ଖରାର୍ ହାତ୍।
ହାଏଲୁଟି ବାଏ- ଲୁଟି ହେଇକରି
କଲେ କେତେ ବୁଝାମନା
ମନ୍‌ଧରା ହେଇ ବସେଇ ଖରାକେ
ପର୍‌ସିଲେ ପର୍‌ସନା।
ନଡ଼ିଆ ସନସ୍ ପିପଲ୍ ଭେଲୁଆଁ
କେଂଦୁ ଚାର୍ ଟୋଲ୍ ବେଲ୍
ତର୍‌ଭୁଜ୍ ଖର୍- ବୁଜା ତାଲ୍ ସଜ୍
ଖଜୁର୍ ଆମ୍ ତେତେଲ୍।

ତଥାପି ଖରାର ଭୀମ ସ୍ୱଭାବ ଯାଇ ପାରିନାହିଁ। ଓଲଟା ବୁଝେଇଛି-

" ଖରାବେଲେ ଦୁଖ୍ ବଲିଁ ଗୋ ଧର୍‌ତି
ନାଇଁ ହ ତମେ ବିମୁକ୍
ଖୁନ୍‌ଟାକେ ଗୁନ୍ ଗୁନ୍‌ଟାକେ ଖୁନ୍
ଦୁଖ୍ ପାଏଲେ ଜାଇ ସୁଖ୍ ।
ଦୁଖର୍ ଚଢ଼େନ୍ ଚଢ଼୍‌ଲେ ସେ ଆଢେଁ
ସୁକ୍ ଉତ୍‌ରେନ୍ ଥିସି
ଦୁଖର୍ ଅଂଧାର୍- ପକ୍ ଗଲେଁ ସୁକ୍-
ଉଜଲ୍ ଜାଏସି ଦିସି ।

ପ୍ରକୃତରେ ରାତି ପରେ ଦିନ, କୃଷ୍ଣପକ୍ଷ ପରେ ଶୁକ୍ଳପକ୍ଷର ଆଲୋକ ଭଳି ଦୁଃଖ ସହିଲା ପରେ ହିଁ ସୁଖର ଆବିର୍ଭାବ। ଫୁଟି ଉଠିଛି କବିଂକ ଜୀବନ ଦର୍ଶନ 'ଅଂଧାରେ ଦୁଃଖ ନ

ISSN NO.
2582-208X

ମଣି, ଆଲୋକେ ସୁଖ ନ ମଣି' ସୂତ୍ରରେ ଭଗବଦ୍‌ଗୀତାର "ଦୁଃଖେଷ୍ୱନୁଦ୍‌ବିଗ୍ନମନା ସୁଖେଷୁବିଗତସ୍ପୃହ"ର ନିର୍ମଳଗଂଗାର ଶୁଦ୍ଧ ଧୈର୍ଯ୍ୟପ୍ରଦାନକାରୀ ବାଣୀରେ।

କେବଳ 'ବଛର୍' କାବ୍ୟନୁହେଁ 'ଅଛିଆ', 'ସିରିସମଲେଇ', 'ମହାସତି ଉର୍ମିଲା', 'ତାରା-ମଂଦୋଦରି' ପ୍ରଭୃତି କାବ୍ୟରେ ତଥା 'ଭାବ୍ ସୁରୁତ୍'କବିତା ସଂକଳନସ୍ଥ ବିଭିନ୍ନ କବିତାରେ ପ୍ରକୃତିର ଜୀବଂତ ରୂପ ସହିତ ମାନବତାବାଦର ମଂତ୍ରଗାନ, ବିଶ୍ୱପ୍ରେମର ପ୍ରବାହ, ମାଟିର ମହକ ଆଦି ସବୁ ଫୁଟି ଉଠିଛି କବିଂକ କଲମରେ। ସଂସ୍କୃତ ଅନଭିଜ୍ଞ, ଏପରିକି ରାଧାନାଥ ବା ଗଂଗାଧର ସାହିତ୍ୟକୁ ଭଲଭାବେ ବୁଝିପାରୁନଥିବା କବି ପଢ଼ିଯାଇଛଂତି ପ୍ରକୃତିକୁ ହୃଦୟର ଆଂତରିକ ଆଗ୍ରହରେ। ସେଥିପାଇଁ ଅନ୍ୟକବିମାନଂକ ସହିତ ତାଂକ ଚରନାକୁ ତୁଳନା କରାଯାଇପାରେ ସିନା, କିଂତୁ ହଳଧରଂକ ସାହିତ୍ୟ ଯେ ନିଷ୍କପଟ ଅନାବିଳ ପ୍ରାକୃତିକ ଝରଣା- ଏହା କହିବା ବାହୁଲ୍ୟ ମାତ୍ର।

ଗବେଷକ
ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୭୫୧୦୦୪
ମୋ-୯୮୭୧୮୭୫୭୦୦

ISSN NO.
2582-208X

# ପ୍ରିୟ ନଦୀ



ଦୀପକ ନାୟକ

ସୁଲୁସୁଲିଆ ପବନ ସାଥେ
ଧିର ତା ଗତି ।
ଶାନ୍ତ କୋମଳ ମନୋହର
ରୂପ ତା ଅପରୂପ ।
ଦୂର ଆକାଶ ଥାଇ
ସୂଯ୍ୟ ଦେବ ସନ୍ଧ୍ୟା ଛବି ।
ପବିତ୍ର ତା ଜଳ ରାଶି
ନା ଯେ ଭିନ୍ ବ୍ରାହ୍ମଣୀ ।
ପିଲାଟି ଦିନୁ ମୁହିଁ
ତାରି କୋଳେ ଖେଳିଛି କେତେ ଖେଳ ।
ଆସନ୍ତ ମନକୁ ମୋର
ସଦା କରେ ଶାନ୍ତି ।
ଏଇ ମୋ ପ୍ରିୟ ନଦୀ ବ୍ରାହ୍ମଣୀ
ଲାଗେ ସତେ ଭିନ୍ ।
ଜୀବନ ର ଏକ ଭିନ୍ ପଥ ମୋର
ସଦା ରଖିବି ତାକୁ ମନେ ।

ଯାଜପୁର

ISSN NO.
2582-208X

# ବିଟପୀ



ଅଭିମନ୍ୟୁ କାନୁନଗୋ

ଗନ୍ଧସାର ବିଟପୀ ର ଗହନ ପ୍ରାନ୍ତର
ମଧୁରୁତୁ ମନୋହର ମଳୟ ଶିଖର ॥

ଚୂତ ପଲ୍ଲବ ଗହଳେ ଚୂତାଙ୍କର ଶୋଭା
ପରଭୃତ କେଳୀ ରଟେ ବିଜନର ଉଭା ॥

ବଞ୍ଜୁଳ ମଞ୍ଜୁଳ ରୂପେ ସୁନାରୀ ରେଳମ୍ବ
ଦିଶେ ବନ ସରଣୀରେ ହରିତାଳ ନଭ ॥

ମୃଗାଙ୍କର ପରସରେ କୋକୋନଦ କାନ୍ତ
ଯେହ୍ନେ ଭାନୁପ୍ରଭା ସ୍ୱର୍ଶେ କମଳ ଦିଶନ୍ତ ॥

ମଧୁଋତୁ ପରେ ତାପକର ବିକସଇ
ତରୁଣହରି ପଶ୍ଚ୍ୟାତେ ଅବନୀ ଦହଇ ॥

ରଙ୍ଗହୀନ ବିଟପୀର ଉଜୁଡେ ପଲ୍ଲବ
ଯେସନ ଅଲକ୍ଷ କାନ୍ତ ଉଜୁଡା ବୈଭବ ॥

ISSN NO.
2582-208X

ଗ୍ରୀଷ୍ମତକର ଭୂରୁପନ୍ତୁ ଯେହ୍ନେ ପ୍ରାବୁଟକୁ
ତେଶନ ବିଟପୀ ଗୃହିଁ ଥାଏ ଗଗନକୁ ॥

ବଉଦେ ଦାମିନୀ ଖେଳା ଯହୁଁ ସେ ଦିଶଇ
ସମ୍ବସ୍ୱରେ ସୁରପତି କୃପା ବରଷଇ ॥

ଫେରେ ପୁଣି ବିଟପୀର ନବ ଯଉବନ
ପ୍ରାବୁଟ ଧାରେ ନଳୟ ହୁଅଇ ମାର୍ଜନ ॥

ଅଣୁରେ ବ୍ୟକ୍ତ ବିଜନ ବିଟପୀ ଜୀବନ
ହେ ପ୍ରବର ବର ମୋତେ ନଘେନବ ଆନ ॥

ଅଭିମନ୍ୟୁ ଭ୍ରଷେ ବୁଦ୍ଧେ ସେ ଆମ ଜୀବନ
ସର୍ବ ବିଟପୀଙ୍କୁ ମୋର କୋଟିଏ ନମନ ॥

ISSN NO.
2582-208X

# ଶ୍ରୀଜୀଉମାନଙ୍କ ବିଭିନ୍ନ ବେଶ



ଅଧ୍ୟାପିକା ରେ଼ଜାଲିନ୍ ବାରିକ୍

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ବ୍ୟତୀତ ବର୍ଷର କେତେକ ନିର୍ଦ୍ଦିଷ୍ଟ ତିଥିରେ ଭିନ୍ନ ଭିନ୍ନ ବେଶ ହୋଇଥାଏ। ମୁଖ୍ୟତଃ ପ୍ରତ୍ୟହ ଅବକାଶ ବା ତଡ଼ପ ଉତୁରୀ ବେଶ, ବଡ଼ସିଂହାର ଓ ସାଧାବେଶ ବ୍ୟତୀତ ସ୍ୱତନ୍ତ୍ର ଦିବସରେ କେତେକ ନୂତନ ବେଶମାନ ଅନୁଷ୍ଠିତ ହୋଇଥାଏ।

ଯଥା :-

୧) ହାତୀ ବେଶ- ଜ୍ୟେଷ୍ଠ ପୂର୍ଣ୍ଣିମୀ (ସ୍ନାନ ପୂର୍ଣ୍ଣିମୀ)
୨) ସୁନା ବେଶ- ଆଷାଢ଼ ଶୁକ୍ଳ ଏକାଦଶୀ (ଏହି ବେଶ ପ୍ରତିବର୍ଷ ରଥ ଉପରେ ଅନୁଷ୍ଠିତ ହୋଇଥାଏ। ଏହି ବେଶକୁ ବଡ଼ତଣଉ ବେଶ ମଧ୍ୟ କୁହାଯାଏ।)
୩) ବନଭୋଜୀ ବେଶ- ଭାଦ୍ରବ କୃଷ୍ଣ ଦଶମୀ
୪) କାଳୀୟଦଳନ ବେଶ- ଭାଦ୍ରବ କୃଷ୍ଣ ଏକାଦଶୀ
୫) ପ୍ରଳମ୍ବାସୁର ବଧ ବେଶ- ଭାଦ୍ରବ କୃଷ୍ଣ ଦ୍ୱାଦଶୀ
୬) କୃଷ୍ଣ ବଳରାମ ବେଶ- ଭାଦ୍ରବ କୃଷ୍ଣ ତ୍ରୟୋଦଶୀ
୭) ବଳି ବାମନ ବେଶ- ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ
୮) ଶ୍ରୀରାଧା ଦାମୋଦର ବେଶ- ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ।

ISSN NO.
2582-208X

(ବିଜୟା ଦଶମୀ ପର ଦିନଠାରୁ ଏକ ମାସ ପାଇଁ, ଲକ୍ଷ୍ମୀଙ୍କ ସମ୍ମତି ନେଲା ପରେ ଶ୍ରୀଜଗନ୍ନାଥ କୃଷ୍ଣ ବେଶରେ ରାଧାଙ୍କ ସହିତ ପୂଜା ପାଇଁ ଆସୁଛନ୍ତି।)

୯) ଠିଆକିଆ ବେଶ- କାର୍ତ୍ତିକ ଶୁକ୍ଳ ଏକାଦଶୀ

୧୦) ବାଙ୍କଚୂଡ଼ ବେଶ- କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ

୧୧) ଆଡକିଆ ବେଶ- କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ

୧୨) ଡାଳିକିଆ ବେଶ- କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ

୧୩) ନାଗାର୍ଜ୍ଜୁନ ବେଶ- କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀରୁ ଚତୁର୍ଦ୍ଦଶୀ ମଧ୍ୟରେ (ଯେଉଁ ବର୍ଷ ପଞ୍ଚୁକ ପାଞ୍ଚଦିନ ନହୋଇ ଛଅଦିନ ପଡ଼ିଥାଏ। ଉକ୍ତ ମଳ ତିଥିରେ ଏହି ବେଶ ହୋଇଥାଏ।)

୧୪) ରାଜ ବେଶ- (ରାଜରାଜେଶ୍ୱର)- କାର୍ତ୍ତିକ ଶୁକ୍ଳ ପୂର୍ଣ୍ଣମୀ

୧୫) ରାଜ ବେଶ- (ସୁନାବେଶ) ପୌଷ ପୂର୍ଣ୍ଣମୀ

୧୬) ପଦ୍ମ ବେଶ- ମାଘ ଅମାବାସ୍ୟାଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ଯେ କୌଣସି ଶନିବାର ବା ବୁଧବାରରେ ଏହି ବେଶ ହୋଇଥାଏ।

୧୭) ଗଜ ଉଦ୍ଧାରଣ ବେଶ- ମାଘ ପୂର୍ଣ୍ଣମୀ

୧୮) ରାଜ ବେଶ- ଫାଲଗୁନ ପୂର୍ଣ୍ଣମୀ

୧୯) ଚାଚେରୀ ବେଶ- ଫାଲଗୁନ ଶୁକ୍ଳ ଦଶମୀଠାରୁ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ

୨୦) ଚନ୍ଦନ ବେଶ- ଅକ୍ଷୟ ତୃତୀୟାଠାରୁ ୪୨ ଦିନ ଧରି ଏହି ବେଶ ହୋଇଥାଏ।

୨୧) ଘୋଡ଼ ଲାଗି ବେଶ- ମାର୍ଗଶୀର ଶୁକ୍ଳ ଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ

୨୨) ଜମାଲାଗି ବେଶ- ବସନ୍ତ ପଞ୍ଚମୀ ରାତ୍ରଠାରୁ ଦୋଳ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏହି ବେଶ ହୋଇଥାଏ।

(ସୌଜନ୍ୟ: ଭକ୍ତି ସାଗର ଗ୍ରୁପ)

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଆଦିତ୍ୟ ଦ୍ୱାଦଶ ନାମ



ଅଧ୍ୟାପକ ଅବିନାଶ ବାରିକ୍

ଆଦିତ୍ୟ ପ୍ରଥମ ନାମ ଦ୍ୱିତୀୟରେ ଦିବାକର ।
ତୃତିଏ ଭାସ୍କର ଚତୁର୍ଥରେ ସେହି ପ୍ରଭାକର ।
ପଞ୍ଚମ ରେ ସହସ୍ରାନ୍ସୁ ରବି ଷଷ୍ଠେ ତ୍ରିଲୋଚନ ।
ସପ୍ତମ ରେ ହରିଦଶ୍ୱ ଅଷ୍ଟମେ ଦିନପତିନ ।
ନବମେ ଦିନକର ଚ ତତ ଦ୍ୱାଦଶାତ୍ମକାୟ ।
ଏକା ଦଶେ ତ୍ରୀମୂର୍ତୟେ ଦ୍ୱାଦଶେ ନମଃ ସୂର୍ଯାୟ ।
ଦ୍ୱାଦଶ ଆଦିତ୍ୟ ନାମ ପାଠେ ଚ ପ୍ରାତ ନମନେ ।
ସର୍ବ ଦୁଃଖ ହରେ ରବି ଶ୍ରେୟ ଦୁସ୍ୱପ୍ନ ନାଶନେ ।
ଦଦ୍ରୁ କୁଷ୍ଠ ଚ ଦାରିଦ୍ର୍ୟ ନାଶନ ସୂର୍ଯ୍ୟ ନମନ ।
ସର୍ବ ତୀର୍ଥ କର ଚୈବ ସର୍ବ କାମ ଫଳ ପ୍ରଦମ୍ ।
ପ୍ରାତଃ ରୁଥାୟ ଯ ନରଃ ଶ୍ଳୋକ ମିଦଙ୍ଗ୍ ପଠେ ନିତି ।
ସୁଖ ମାୟୁଷ ମାରୋଗ୍ୟ ସ୍ତଥା ମୋକ୍ଷା ଦି ଲଭତି ।
ଇତି ଶ୍ରୀ ସୂର୍ଯ୍ୟ ଦ୍ୱାଦଶ ନାମ ନମସ୍କାରମ୍ ।

ମହୁ,ଆଉଲ, ନମୌଜା,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଶ୍ରାବଣୀ



ଶୁଭେନ୍ଦୁ ମେହେର

ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ମୁକ୍ତ ଆକାଶର କାଉଁରୀ କନ୍ୟା ଗୋ
ଅପରୂପ ତୁମ ପୀୟୂଷର ଧାରା
ଅମୃତ ର ସଂଜିବନୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ଆଦ୍ୟ ବରଷାର କୁଆଁରୀ କନ୍ୟା ଗୋ
ମେଦୁର ଆକାଶେ ମହନୀୟ ତୁମେ
ନିଦାଘ ତାପ ନାଶିନୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

କଳା ବଉଦରେ କୁଆଁରୀ ଛନ୍ଦେ
କାଗଜ ଡଙ୍ଗାରେ ମହ୍ଲାର ତୁମେ
ଶ୍ରାବଣ ର ପାଟରାଣୀ ।

ISSN NO.
2582-208X

ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ମ୍ଳାନ ମୌସୁମୀ ର ମହନୀୟତା ଗୋ
ସାଧବ ବୋହୂର କୁଆଁରୀ ମଥାରେ
ସତେ କି ନାଲି ଓଢଣୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ନିଃଶବ୍ଦ ରାତିର ଶବ୍ଦର ଝଙ୍କାରେ
ରୂପ ସୁଷମା ର ଲାବଣ୍ୟବତୀ ଗୋ
ଆସ ଜଗତ କଲ୍ୟାଣୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ତୁମ ଆଗମନେ ତୃପ୍ତ ଲଭୁ ଧରା
ଶିହରଣ ଖେଳୁ ବିଶ୍ୱ ବୁକୁରେ ଗୋ
ରୌଦ୍ର ହୁଏ ଅସହଣୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ଶୁଖିଲା ନଈ ରେ ଯଉବନ ଆଜି
ପୂର୍ଣ୍ଣଗର୍ଭା ହେଉ ସବୁଜ କ୍ଷେତ ଗୋ
ନଈ ନାଳ ନିର୍ଝରିଣୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଈର ପାଣି ।

ISSN NO.
2582-208X

ମେଘ ମହ୍ଲାର ରେ ଛମ ଛମ ହୋଇ
ଭିଜା ମାଟି ଗନ୍ଧେ ମୟୁର ନାଚେ ଗୋ
ବଜାଇ ମେଘ ରୋଷଣୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଇର ପାଣି ।

ଶାଶ୍ୱତ ପ୍ରେମର ପୁଣ୍ୟ ମହନୀୟା
ଶୂନ୍ୟ ଆକାଶର ବକ୍ଷ ଚିରି ତୁମେ
ଢାଳିଦିଅ ସ୍ରୋତସ୍ୱିନୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଇର ପାଣି ।

ତୋ ପାଇଁ ଲେଖିଛି ପ୍ରୀତି ର କବିତା
ଆସ ପ୍ରିୟତମା ନ ରଖି ଦୂରତା
ତୁମେ ପ୍ରେମ ପ୍ରଣୟିନୀ ।
ଶ୍ରାବଣୀ........!
ତୁମେ ଉଛୁଳା ନଇର ପାଣି ।

ଗାଁ ବିଲ ବଣେ କାଦୁଅ ରାସ୍ତାରେ
ଅଧାଲେଖା ମୋ କବିତାରେ ତୁମେ
ସବୁଜିମା ଦିଅ ବୁଣି ।।
ଶ୍ରାବଣୀ...........!
ତୁମେ ଯୌବନ ନଇ ଉଜାଣି ।

ଯାଲେ୍‌ଏ, ସୁବର୍ଣ୍ଣପୁର

ISSN NO.
2582-208X

# ବୈଜ୍ଞାନିକ ଆଭିମୁଖ୍ୟ କାହିଁକି ଆବଶ୍ୟକ ?



ଅସିତ ମହାନ୍ତ

ଆଜିର ଆଧୁନିକ ଯୁଗ ହେଉଛି ବିଜ୍ଞାନର ଯୁଗ । ଏଭଳି ପରିସ୍ଥିତିରେ, ଆବଶ୍ୟକତା ଏବଂ ବୁଝାମଣା ବୈଜ୍ଞାନିକ ହେବା ଉଚିତ୍ । ବିଦ୍ୟାଳୟ ଶିକ୍ଷାକୁ ବିଜ୍ଞାନ ଉପରେ ସମ୍ପୂର୍ଣ୍ଣ ରୂପେ ଆଧାରିତ କରିବା ମଧ୍ୟ ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ ଯାହା ଦ୍ୱାରା ଭବିଷ୍ୟତରେ ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ବୈଜ୍ଞାନିକ ଦୃଷ୍ଟିକୋଣ ରଖିପାରିବେ ଏବଂ ସମସ୍ତ ପ୍ରକାର ଭେଦଭାବ ଏବଂ ଅନ୍ଧବିଶ୍ୱାସରୁ ମୁକ୍ତ ହୋଇପାରିବେ।ବୈଜ୍ଞାନିକ ଆଭିମୁଖ୍ୟ କ'ଣ ଏବଂ ଏହା କାହିଁକି ଆବଶ୍ୟକ ତାହା ବୁଝିବା ପୂର୍ବରୁ ବିଜ୍ଞାନ କ'ଣ ତାହା ଜାଣିବା ସମ୍ପୂର୍ଣ୍ଣ ଆବଶ୍ୟକ । ବିଜ୍ଞାନ ସର୍ବଦା ତଥ୍ୟ ଆଧାରରେ ପରୀକ୍ଷା କରେ ଏବଂ ପାଳନ କରେ, ଏବଂ ତାପରେ ସିଦ୍ଧାନ୍ତକୁ ବ୍ୟବସ୍ଥିତ ଭାବରେ ଅଧ୍ୟୟନ କରେ ଯାହା ପ୍ରାପ୍ତ ହୁଏ । ଏହାର ଅର୍ଥ ବିଜ୍ଞାନରେ ମିଥ୍ୟା ପାଇଁ କୌଣସି ପରିସର ନାହିଁ । ଯଦି କୌଣସି କାରଣରୁ କେବଳ ଏକ ଭୁଲ କରାଯାଇଥିଲା ଏବଂ କେହି ଏହାକୁ ଭୁଲ ପ୍ରମାଣିତ କଲେ, ତେବେ ବିଜ୍ଞାନରେ କୌଣସି ପକ୍ଷପାତିତା ନାହିଁ, ସେହି ଭୁଲକୁ ଗ୍ରହଣ କରିବା ଏବଂ ସତ୍ୟକୁ ଗ୍ରହଣ କରିବା । ସେଥିପାଇଁ ବିଜ୍ଞାନକୁ ବୁଝିବା, ଏହା ଅନୁଯାୟୀ ଆଚରଣ କରିବା, ଯୁକ୍ତି କରିବା, ନିଜକୁ ସମସ୍ତ ପ୍ରକାର ଅନ୍ଧବିଶ୍ୱାସରୁ ମୁକ୍ତ ରଖିବା ଏବଂ ଏହି ଆଧାରରେ ଭବିଷ୍ୟତର ନୀତି ନିର୍ଣ୍ଣୟ କରିବା, ମୁଁ ଭାବୁଛି ଏହା ହେଉଛି ବୈଜ୍ଞାନିକ ମନୋଭାବ ବା ପନ୍ଥା ।

ଆଜି ବିଶ୍ୱାସ ନାମରେ କୂତର୍କକୁ ପ୍ରୋତ୍ସାହନ ଦିଆଯାଉଛି, ଏହା କୌଣସି ସ୍ଥାନରେ ଉପଯୁକ୍ତ ନୁହେଁ । ଯେଉଁ ଜିନିଷଗୁଡ଼ିକ ଯୁକ୍ତିଯୁକ୍ତ ନୁହେଁ, ଯାହା ଅନ୍ଧବିଶ୍ୱାସକୁ ପ୍ରୋତ୍ସାହିତ କରେ, ସେମାନଙ୍କୁ ଖୋଲାଖୋଲି ବିରୋଧ କରାଯିବା ଉଚିତ ଯାହା ଦ୍ୱାରା ଅନ୍ଧବିଶ୍ୱାସ ଦୂର

ISSN NO.
2582-208X

ହୋଇପାରିବ ଏବଂ ଲୋକଙ୍କ ଚିନ୍ତାଧାରା ଏବଂ ବୁଝାମଣା ବିଜ୍ଞାନ ଆଧାରିତ ହୋଇପାରିବ। ଯଦି ବିଶ୍ୱାସ ନାମରେ, ଅନ୍ଧବିଶ୍ୱାସୀ ଲୋକମାନଙ୍କର ଭ୍ରମ ବିସ୍ତାର କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିବ, ତେବେ ନିଶ୍ଚିତ ଭାବରେ ମିଥ୍ୟା ସତ୍ୟ ଉପରେ ପ୍ରାଧାନ୍ୟ ବିସ୍ତାର କରିବ । ଅନ୍ଧବିଶ୍ୱାସୀ ଲୋକମାନେ ନିଜ କାର୍ଯ୍ୟ ପାଇଁ ନିଜକୁ ଦାୟୀ ବୋଲି ଭାବନ୍ତି ନାହିଁ, ସେମାନଙ୍କ ଆଖିରେ ସବୁକିଛି ଦୂରରୁ କେହି ଜଣେ କରୁଛନ୍ତି ଏବଂ ସେମାନେ ନିଜେ କେବଳ ଏକ ମାଧ୍ୟମ । ଏହି ପ୍ରକାର ବିଶ୍ୱାସ କେବଳ ମଣିଷକୁ ଅଯୌକ୍ତିକ ନୁହେଁ ବରଂ ମାନସିକ ସ୍ତରରେ ତାଙ୍କୁ ଦାସ କରିଥାଏ । ଆଜି ମଧ୍ୟ ଏହି ବିଜ୍ଞାନ ଯୁଗରେ ଅଧିକାଂଶ ବିଦ୍ୟାଳୟରେ ଦୈନିକ ପ୍ରାର୍ଥନା କରାଯାଏ, ଯାହାର ଅର୍ଥ ବିଦ୍ୟାଳୟ ଖୋଲିବା ମାତ୍ରେ ପିଲାକୁ ଅନ୍ଧବିଶ୍ୱାସୀ କରିବାର ପ୍ରକ୍ରିୟା ଆରମ୍ଭ ହୁଏ । ବର୍ତ୍ତମାନ ଏଭଳି ପରିସ୍ଥିତିରେ ପିଲାମାନେ କୌଣସି ଘଟଣାର କାରଣକୁ ଆଧ୍ୟାତ୍ମିକ ଭାବରେ ଦେଖିବେ ଏବଂ ବୁଝିବାକୁ ଚାହିଁବେ ଏବଂ ତା'ପରେ କ'ଣ ସତ ତାହା ମିଥ୍ୟା ପରି ଦେଖାଯିବ । ଉଦାହରଣ ସ୍ୱରୂପ, ଯଦି ମନୁଷ୍ୟର ଉତ୍ପତ୍ତି ଏବଂ ବିକାଶ ନିଆଯାଏ, ତେବେ ବୈଜ୍ଞାନିକ କାରଣ ଅନ୍ୟ କିଛି ଏବଂ ଆଧ୍ୟାତ୍ମିକ କାରଣ ଅନ୍ୟ କିଛି । ପ୍ରଶ୍ନ ହେଉଛି, ପିଲାମାନେ ଏଭଳି ପରିସ୍ଥିତିରେ ଯୁକ୍ତିଯୁକ୍ତ ହୋଇପାରିବେ କି? ଯଦି ଆମେ ଆମର ପିଲାମାନଙ୍କୁ ଯୁକ୍ତିଯୁକ୍ତ କରିବାକୁ ଏବଂ ସେମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବାକୁ ଚାହୁଁ, ତେବେ ନିଶ୍ଚିତ ଭାବରେ ବିଦ୍ୟାଳୟକୁ ଅନ୍ଧବିଶ୍ୱାସରୁ ମୁକ୍ତ ହେବାକୁ ପଡିବ ଏବଂ ସମସ୍ତ ଶିକ୍ଷକଙ୍କୁ ସର୍ବପ୍ରଥମେ ବୈଜ୍ଞାନିକ ମନୋଭାବ ଗ୍ରହଣ କରିବାକୁ ପଡିବ, ମିଥ୍ୟା ଏବଂ ସତ୍ୟକୁ ସତ୍ୟ ବୋଲି କହିବାକୁ ପଡିବ । ଜଣେ ଅନ୍ଧବିଶ୍ୱାସୀ ବ୍ୟକ୍ତି ଅନ୍ୟ ଜଣେ ଅନ୍ଧବିଶ୍ୱାସୀ ବ୍ୟକ୍ତିକୁ ଅନ୍ଧବିଶ୍ୱାସରୁ ମୁକ୍ତ କରିପାରିବେ ନାହିଁ । ସେଥିପାଇଁ ଶିକ୍ଷକମାନେ ସର୍ବପ୍ରଥମେ ନିଜେ ବୈଜ୍ଞାନିକ ମନୋଭାବ ଗ୍ରହଣ କରିବା ସମୟର ଆବଶ୍ୟକତା । ଆଜି ଜଣେ ଅନ୍ଧବିଶ୍ୱାସୀ ବ୍ୟକ୍ତି ଖୋଲାଖୋଲି ଭାବରେ ନିଜର ମିଥ୍ୟା ଯୁକ୍ତି ଦିଅନ୍ତି, କିନ୍ତୁ ଯେତେବେଳେ ତାଙ୍କର ଉତ୍ତର ବୈଜ୍ଞାନିକ ଦୃଷ୍ଟିକୋଣରୁ କେହି ଦିଅନ୍ତି, ସେତେବେଳେ ସେ ବିଶ୍ୱାସକୁ ଆଘାତ ଦେଉଛନ୍ତି କହି ତାଙ୍କର କହିବାକୁ ବନ୍ଦ କରିଦିଅନ୍ତି । ଯଦି ଏହି ପରିସ୍ଥିତି ଜାରି ରହେ, ବୈଜ୍ଞାନିକ ଆଦର୍ଶ କିପରି ବିକାଶ ହେବ? ତା'ପରେ କେବଳ ଅନ୍ଧବିଶ୍ୱାସ ଏବଂ ମିଥ୍ୟା ବିଶ୍ୱାସ ସବୁଠାରେ ରହିବ । ଆଜି ଆମେ ବୈଜ୍ଞାନିକ ଯୁଗରେ ଅଛୁ ଏବଂ ଆମର ଅବୈଜ୍ଞାନିକ ଚିନ୍ତନକୁ ଚ୍ୟାଲେଞ୍ଜ କରିବା ଏବଂ ସତ୍ୟ ପ୍ରତିଷ୍ଠା କରିବାର କ୍ଷମତା ଅଛି। ଏପରି ପରିସ୍ଥିତିରେ, ସମୟର ଆବଶ୍ୟକତା

ISSN NO.
2582-208X

ହେଉଛି ମିଥ୍ୟାକୁ ମିଥ୍ୟା କୁହାଯିବା ଉଚିତ ଏବଂ ସତ୍ୟକୁ ସତ୍ୟ କୁହାଯିବା ଉଚିତ ଏବଂ ମିଥ୍ୟାକୁ ବିଶ୍ୱାସ ନାମରେ ବିସ୍ତାର କରିବାର ସୁଯୋଗ ଦିଆଯିବା ଉଚିତ ନୁହେଁ। ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ସତ୍ୟ ସର୍ବଦା ସମାନ ଏବଂ ଏହା ଯାଞ୍ଚଯୋଗ୍ୟ । କେବଳ ଆମର ବିଶ୍ୱାସ ଯାହା ସତ୍ୟ କିମ୍ବା ମିଥ୍ୟା ହୋଇପାରେ କାରଣ ଏହା ପ୍ରମାଣିତ ହୋଇନାହିଁ । ଯେକୌଣସି ବିଶ୍ୱାସ ର ଏକ ସ୍ଥାନ ଅଛି ଯେପର୍ଯ୍ୟନ୍ତ ସେହି ପ୍ରସଙ୍ଗରେ କୌଣସି ବୈଜ୍ଞାନିକ ବୁଝାମଣା ନଥାଏ । ବୈଜ୍ଞାନିକ ବୁଝାମଣା ପ୍ରସଙ୍ଗକୁ ଆସିବା ମାତ୍ରେ ବିଶ୍ୱାସ ଏବଂ ମିଥ୍ୟକୁ ସେହି ପ୍ରସଙ୍ଗରୁ ହଟାଇବା ଉଚିତ୍ । ଆଜି ବିଜ୍ଞାନର ବିକାଶ ଯେଉଁ ସ୍ତରରେ ପହଞ୍ଚିଛି ନିଶ୍ଚିତ ଭାବରେ ସନ୍ତୋଷଜନକ, କିନ୍ତୁ ଏହି ବିକାଶର ଦୌଡ଼କୁ ବଜାୟ ରଖିବାକୁ ହେବ ଏବଂ ଏଥିପାଇଁ ଲୋକଙ୍କ ଚିନ୍ତାଧାରାର ମାର୍ଗ ବୈଜ୍ଞାନିକ ହେବା ଆବଶ୍ୟକ। ଅନ୍ଧବିଶ୍ୱାସ, ଅତ୍ୟାଧୁନିକତା ଏବଂ ପୁରୁଣା ଅବୈଜ୍ଞାନିକ ଚିନ୍ତନ ସହିତ ଲୋକଙ୍କୁ ସେମାନଙ୍କର ସମ୍ପର୍କ ଭାଙ୍ଗିବାକୁ ପଡିବ । ପୌରାଣିକ ତଥା ଅନ୍ଧବିଶ୍ୱାସକୁ ଏହାକୁ ଆମର ସଂସ୍କୃତି ବୋଲି କହି ଆମେ ଜୀବନ୍ତ ରଖିପାରିବା ନାହିଁ । ଦୁନିଆରେ ସବୁକିଛି ପରିବର୍ତ୍ତନଶୀଳ, ତେଣୁ ଆମ ସଂସ୍କୃତିରେ ଦେଖୁଥିବା ତ୍ରୁଟିଗୁଡ଼ିକୁ ମଧ୍ୟ ହଟାଇବାକୁ ପଡିବ । ଆଜି ଆମକୁ ପ୍ରାଚୀନ ଚିନ୍ତାଧାରା ଏବଂ ବିଶ୍ୱାସ ଉପରେ ଆଧାର କରି ପୁରୁଣା ଧାରଣାକୁ ପରିତ୍ୟାଗ କରିବାକୁ ପଡିବ । ଆଜି ଆମକୁ ମଧ୍ୟ ବୁଝିବାକୁ ପଡିବ ଯେ ବୈଜ୍ଞାନିକ ଚିନ୍ତାଧାରା ସାର୍ବଭୌମିକ ଏବଂ ସର୍ବମାନ୍ୟ ଅଟେ, ତେଣୁ ଏହା ଯେତେ ବିସ୍ତାର ହୁଏ, ସମଗ୍ର ମାନବ ଜାତି ପାଇଁ ସେ ଅଧିକ ଲାଭଦାୟକ ହେବ ।

ଆବାହକ,ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ପୋଷାକ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ଦାମୀ ପୋଷାକଟେ
ପିନ୍ଧି କେହି କେବେ
ଭଦ୍ର ଲୋକ ହୋଇ ନାହିଁ
ନିଜର ଗୁଣରେ
ଗୁଣୀ ହୋଇ ସିଏ
ଭଦ୍ର ଲୋକ ହୋଇଥାଇ ।

ଆଇନଷ୍ଟାଇନଂକୁ
ଫୋନ କରି ଦିନେ
ପତ୍ନୀ ତାଂକ କହିଥିଲେ
"ପୋଷାକ ତୁମର
ବଦଳାଇ ଦିଅ
ଲୋକ ଜଣେ ଆସିଥିଲେ ।"

ଆଲବର୍ଟ କହିଲେ
"ମୋ ପୋଷାକ ଥିବା
ଆଲମିରାଟା ଖୋଲିଦିଅ
ଭଦ୍ର ହେବା ପାଇଁ
ପୋଷାକ ଉପରେ
ଯଦିଚ ଗୁରୁତ୍ୱ ଦିଅ ।"

ବିବେକାନନ୍ଦଙ୍କୁ
ଇଁରେଜ ଯୁବକ
କହିଥିଲେ ଏକ କଥା
"ସୁଟେଡ ବୁଟେଡ
କୋଟେଡ ଟାଏଡ
ହୋଇ ଚାଲ ତୁମେ ସିଧା ।

ଭଦ୍ର ଲୋକ ବୋଲି
ଲୋକେ ହିଁ କହିବେ
ମହତ୍ତ୍ୱ ବଢ଼ିବ ସିନା"
ସ୍ୱାମୀଜୀ କହିଲେ
"ସଂସ୍କାର କମିବ
ଏହି ପୋଷାକର ବିନା ।

ISSN NO.
2582-208X

ଇଂଲଣ୍ଡ ଦେଶର
ଦରଜୀ କରୁଛି
ଆପଣଙ୍କୁ ଭଦ୍ର ଲୋକ
ଆମରି ଦେଶର
ସଂସ୍କାର କରୁଛି
ଆମକୁ ମହତ ଲୋକ ।"

ଓବାମା, ଜୁକର
ମତ ଦେଇଥାନ୍ତି
"ସମୟକୁ ଦେଖି ଚଳ
ପୋଷାକ ଉପରେ
ଗୁରୁତ୍ୱଟା ଦେଇ
ମୁଣ୍ଡରେ ଥୁଅନି ଭାର । "

ମହାତ୍ମା ଗାନ୍ଧୀଙ୍କ
ବେଶ ପୋଷାକ ତ
ଧୋତି ଚାଦର ହିଁ ଥିଲା
ଯେଉଁ ଧୋତିରେ ସେ
ଇଂଲଣ୍ଡକୁ ଗଲେ
ଆଣ୍ଠୁ ବି ଲୁଚୁ ନ ଥିଲା।

କାଲାମଂକ ପାଶେ
ଚାରି ହଳ ଡ୍ରେସ,
ବହି ଗଦାଟାଏ ଥିଲା
ଭଦ୍ର ଲୋକଂକ ଠୁଁ
ଉର୍ଦ୍ଧ୍ୱରେ ହିଁ ଥିଲେ
ଦୁନିଆଟା ମାନିଗଲା ।

ଚିନ୍ତା ହିଁ କରନ୍ତୁ
ପୋଷାକର କଥା
ତ୍ରିଭାଗ ଆଦରକାରୀ
ଭାଗଟିଏ ପିନ୍ଧୁ
ଆଉ ସବୁ ଗୁଡା
ଆଲ୍ମିରାର ଅଧିକାରୀ ।

ଆମ ଲାଗି ସିନା
କପଡାର ଦାମ
ନିଇତି ବଜାରେ ବଢେ
ଏମିତି କପଡା
ରହି ରହି ପୁଣି
ମନେ କେବେ ନାହିଁ ପଡେ ।

ପରିବେଶ ଆଉ
ପସନ୍ଦକୁ ନେଇ
ପରିଧାନ ଲୋଡା ହୁଏ
କାହାରି କାମରେ
ଆସେ ନାହିଁ ସିଏ
ପୁରୁ ପୁରୁ ହୋଇଯାଏ ।

ମୋ ନଂ 9937462507

ISSN NO.
2582-208X

# ଅଭିଳାଷ



ଡକ୍ଟର ମନୋରଞ୍ଜନ ବିଷୋୟୀ

ତୁମକୁ ପାଇବା ପରେ
ଜୀବନର ଉପବନେ
ବହିଅଛି ମଳୟ ସମୀର
ଶୁଣିଅଛି କାନେକାନେ
କୋକିଳର ସୁମଧୁର ସ୍ୱର
ସେ ସ୍ୱର ମୋ ବେସୁରା
ଜୀବନରେ ଭରିଥିଲା
ସ୍ୱରର ମଧୁର ଝଙ୍କାର
ପ୍ରାଣ ତନ୍ତ୍ରୀରେ ଶୁଭିଥିଲା
ମିଳନ ରାଗିଣୀର ସ୍ୱର
ମୁଁ ଅନୁଭବିଲି
ମୋ ସମସ୍ତ ଅଭିଳାଷର
ତୁମେ ହିଁ ଏକମାତ୍ର
ସରଳ ଉତ୍ତର ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଭଞ୍ଜବିହାର/ମୋ:୮୯୫୧୪୧୭୨୭

ISSN NO.
2582-208X

# ଆମ ପରିବେଶ



ପ୍ରଶାନ୍ତ କୁମାର ନାଥ

ଆମ ଚତୁଃପାର୍ଶ୍ୱ ଅଳଆର ଗଦା
ସୁସ୍ଥ ନାହିଁ ପରିବେଶ
ପ୍ଲାଷ୍ଟିକରେ ଭର୍ତ୍ତି ଗାଆଁଠୁ ସହର
ମାଟିରୁ ହଜିଛି ହସ ।

ସବୁଜ ବନାନୀ ପକାଉଛି ହାଣି
ସହର ଗଢିବା ପାଇଁ
ଟାଙ୍ଗର୍ ଭୂଇଁ ଆକାଶକୁ ପର୍
ରହିଅଛି ଖାଲି ଗୃହିଁ ।

ନଦୀ ସମୁଦ୍ରରେ ବର୍ଜ୍ୟବସ୍ତୁ ଫିଙ୍ଗି
ଜଳ ହେଉଛି ଦୂଷିତ
ଜଳ ଚର ଜୀବ ଅକାଳେ ମରୁଛି
ବଂଶ ହୁଏ ତା ନପାତ ।

ନାହିଁ ସବୁଜିମା ବାୟୁରେ ତ ଧୂଆଁ
ବାୟୁ ପ୍ରଦୂଷଣ ଘଟି
ବିଶ୍ୱ ପରିବେଶ ଶ୍ରୀହୀନ ହେଉଛି
ଅଙ୍ଗାରକାମ୍ଳ ଯେ ଘୋଟି ।

ISSN NO.
2582-208X

ମାଟି ଦେହ ଆଜି କଠିନ ହେଉଛି
କଂକ୍ରିଟ ପ୍ଲାଷ୍ଟିକ ମିଶି
ହଜି ଯାଉଅଛି ମାଟିର ମହକ
କାନ୍ଦୁଅଛି ଧରା ବେସି।

ଆମ ପରିବେଶ ହେବ ନାହିଁ ନଷ୍ଟ
ସଚେତନ ଆମେ ହେଲେ
ସବୁଜ ବନାନୀ ନପକାଇ ହାଣି
ବୃକ୍ଷକୁ ରୋପଣ କଲେ।

ଅଳପ ଦିନରେ ହସିବ ପୃଥିବୀ
ସବୁଜ ରଙ୍ଗର ବେଶେ
ମଳୟ ଛୁଟିବ ବାସ ମହକିବ
ମାଟିର ରସାଳ ରସେ।

ଆମ ପରିବେଶ ଆମରି ହାତରେ
କରିବାନ କେବେ ନଷ୍ଟ
ପରିବେଶ ଯଦି ଦୂଷିତ ହୋଇବ
ପାଇବା ଅନେକ କଷ୍ଟ। ।

( ଜୁଣଗଡି )
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ଡାକ୍ତର ଦିବସର ଅନୁଚିନ୍ତା



କୁଞ୍ଜ ବିହାରୀ ସାହୁ

ନୂଆ ନୂଆ ଆସିଛି ସହରକୁ ନିଖିଲ । ସହରର ଚାକଚକ୍ୟ ସହ ଖାପ ଖୁଆଇପାରୁନି ଏତେ ସହଜରେ । ମା ଛେଉଣ୍ଡ ହେଲାପରେ ସାବତ ମା'ର ଭିନ୍ନ ଆନ୍ତରିକତାରେ ସେ ଜୀବନ ବିତାଉଛି । ସ୍କୁଲ ପାଠ ଶେଷକରି କଲେଜରେ ନାଁ ଲେଖେଇଛି । ଯୁବା ବୟସ, ବଣ ହରିଣ ପରି ଘିରିଘିରି ବୁଲୁଛି । ପତଳା ଶରୀର କିନ୍ତୁ ସୁନ୍ଦରୀ ଝିଅଟିଏ ସରି ହେବନି । ଏତେ ଲାଜକୁଳା ଯେ ସହପାଠୀମାନଙ୍କ ସହ ମିଳାମିଶା ସହଜରେ କରିପାରେନି । ପାଠରେ ତାକୁ ହରାଇବା ବହୁତ କଷ୍ଟକର ।

କଲେଜରେ ନାଁ ଲେଖାହେଲା ପରେ ପାଠରେ ଯେମିତି ପାରଙ୍ଗମ, ଖେଳକୁଦ ଓ ନାଚଗୀତରେ ବି ପ୍ରଥମ । କଲେଜରେ ଭୁରିଭୁରି ପ୍ରଶଂସା ସାଉଁଟି ନେଉଛି ନିଖିଲ ।

ପତଳା ସ୍ୱାସ୍ଥ୍ୟରେ କୁଆଡୁ ଅସଜଡ଼ା ରୋଗ ମାଡ଼ିବସୁଛି, ସହଜରେ ଜାଣିପାରେନା ନିଖିଲ। ବର୍ଷା ପାଗ ଆରମ୍ଭ ହେଲେ ତା ଛାତିରେ କଫ ଜମିଯାଏ । ଧଇଁସଇଁ ହେଇଯାଏ । କାର୍ଡିଓଲୋଜି ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ବାଧ୍ୟ ହୁଏ । ଇ.ସି.ଜି ଟେଷ୍ଟ କରିବା ସହ ଇନହେଲର ନେବାକୁ ବ୍ୟସ୍ତ ହୋଇଯାଏ ।

ଛାତିରେ କଫ ଜମିବାରୁ ନିଜକୁ ଅସହାୟ ମନେକଲା ନିଖିଲ । ଘର ପାଖ ସୁଶୀଲା ନର୍ସିଂହୋମକୁ ଯାଇ ଡାକ୍ତରଙ୍କ ସହ ଯୋଗାଯୋଗ କଲା । ସେ ଭଲଭାବରେ ଜାଣିଥିଲା ତା ସାବତ ମା କେଉଁ ପ୍ରକାରେ ସାହାଯ୍ୟ ସହଯୋଗ କରିବ ନାହିଁ । ସେୟା ହିଁ ହେଲା । ସେ କଲେଜ ପଢୁଆ ପୁଅ, ଭୟ କରିବାର ଆବଶ୍ୟକତା ନାହିଁ । ରିସେପ୍ସନ କାଉଣ୍ଟରରେ ଫିସ୍

ISSN NO.
2582-208X

ଦାଖଲ କରି ଡାକ୍ତରଙ୍କ ଅପେକ୍ଷାରେ ରହିଲା। ୱେଟିଂ ରୁମର ଚେୟାରରେ ବସିବାର ଦଶମିନିଟ ପରେ ଜଣେ ଷ୍ଟାଫ ନର୍ସ ପଚାରିଲେ - ଆପଣଙ୍କ ନାଁ ନିଖିଲ ଦାସମହାପାତ୍ର ?

ହଁ ମୋ ନାଁ ନିଖିଲ ଦାସମହାପାତ୍ର । ସରକାରୀ କଲେଜରେ +୩ ବିଜ୍ଞାନ ପଢୁଛି । ମୋ ବାପା କି ସାବତ ମା କେହି ଆସିନାହାଁନ୍ତି । ମୋତେ ଅସୁସ୍ଥ ଲାଗୁଛି । ଟିକେ ଚେକଅପ କରନ୍ତୁ ।

ନିଶ, ଦାଢି ନ ଉଠିବାର ଦେଖି ଷ୍ଟାଫ ନର୍ସ କିଛି ସମୟ ଚାହିଁରହିଲେ । ତା ସାଥିରେ ଘର ଲୋକ କେହି ନଥିବାରୁ ଆଶ୍ଚର୍ଯ୍ୟ ହୋଇଗଲେ । ହଁ, ଭିତରକୁ ଆସନ୍ତୁ କହି ନିଖିଲର ହାତଧରି ଘର ଭିତରକୁ ନେଇଗଲେ ଷ୍ଟାଫ୍ ନର୍ସ ପଲ୍ଲବୀ । ବେଳେବେଳେ ନିଖିଲର ହାତ ସ୍ପର୍ଶରେ ଚମକି ପଡୁଥିଲେ ପଲ୍ଲବୀ ।

- ପଲ୍ଲବୀ ପଚାରିଲେ ଆପଣ କହିବି ନା ତୁମେ କହିବି ?

- ତୁମେ କହିଲେ ଭଲ ଶୁଭିବ। ନିଖିଲ କହିଲା ।

- ତୁମର ଇ.ସି.ଜି ଟେଷ୍ଟ ହେବ । ସାର୍ଟ ଖୋଲ ।

- କିଛି ସମୟ ଶଙ୍କିଗଲା ନିଖିଲ ।

- କଷ୍ଟ ହେଉଛି କି ସାର୍ଟ ଖୋଲିବାକୁ ?

- ହଁ କାଶ ହେଉଛି, ଧଇଁସଇଁ ଲାଗୁଛି । ଖୋଲିଦିଅ ଦିଦି ...ହେଲେ...

ଆରେ ହେଲେ ପୁଣି କଅଣ ! ମୁଁ ଷ୍ଟାଫ ନର୍ସ ପଲ୍ଲବୀ । ଦୁଇମାସ ତଳେ ଜଏନ କରିଛି । ରୋଗୀର ଭଲମନ୍ଦ ବୁଝିବା ଓ ସାହାଯ୍ୟ କରିବା ମୋର ପ୍ରଥମ କର୍ତ୍ତବ୍ୟ ।

ମୁଁ ଗଞ୍ଜି ପିନ୍ଧିନି । ସାର୍ଟ ଖୋଲିବାକୁ ଲାଜ ଲାଗୁଛି । ନିଖିଲର ଏଭଳି ଗାଉଁଲି କଥାରେ ନଥା ଲଗେଇ ପଲ୍ଲବୀ କହିଲେ - କଲେଜ ପଢୁଆ ପୁଅ, ଛାତିରେ ଅପର୍ଯ୍ୟାପ୍ତ କଫ । ଲାଜ କଅଣ ପାଇଁ । ଝିଅଟିଏ ହେଇଥିଲେ ବାହାଘର ପ୍ରସ୍ତାବ ଆସିଥାନ୍ତା !

ଏବେ ଡାକ୍ତରଙ୍କ ଆସିବା ଟାଇମ୍ ହେଲାଣି । ମୋ ଡ୍ୟୁଟି କରିବାକୁ ପଡ଼ିବ ।

ISSN NO.
2582-208X

ସବୁ ଲାଜ ସରମକୁ ଗିଳିଦେଇ ହଁ କହିଦେଲା ନିଖିଲ ଉପାୟଶୂନ୍ୟ ହୋଇ । ପଲ୍ଲବୀ କିଛି ଜାଣିବାର ଅଭିପ୍ରାୟରେ ସୁଯୋଗକୁ ହାତେଇନେଲା । ନିଖିଲର ସାର୍ଟକୁ ଖୋଲିଦେଲା । ତାଜୁବ ହେଇଗଲା ଅକସ୍ମାତ୍ । କେଶ ବିହୀନ ଛାତି ଚିକ୍ ଚିକ୍ କରୁଛି, ପୁଣି ବରକୋଳି ପରି ମାଂସଳ ସ୍ତନ । ନିପଲ ଯେମିତି ଚାହୁଁଥିଲା କାହାକୁ ।

କିଛି ସମୟ ଅଟକି ଯିବାରୁ ନିଖିଲ ପଚାରିଲା – ଏବେ ଆପଣଙ୍କ ହାତମୁଠାରେ ମୁଁ । ଯାହା ଚାହିଁବେ ତାହା କରନ୍ତୁ । ମୋବାଇଲ ବାଜିଲା।

ୟେସ ସାର, ପେସେଣ୍ଟ ବେଡରେ ଶୋଇଛନ୍ତି । ପିନ୍ଧା ସାର୍ଟ ବି ଖୋଲିଦେଇଛି । ପଲ୍ଲବୀ ଡାକ୍ତରଙ୍କୁ ସୂଚେଇଦେଲା ।

ଓକେ, ଆଉ ଦଶ ପନ୍ଦର ମିନିଟରେ ପହଞ୍ଚିଯାଉଛି । ମେସିନ ଯଥାସ୍ଥାନରେ ଲଗେଇଦିଅ। ତୁମେ ଆପ୍ରୋନ ଖୋଲିବନି । ରୋଗୀଙ୍କ ଛାତିକୁ ସାଉଁଳି ଦେଉଥିବ । ଟିକେ ହାଲକା ଲାଗିବ ପେସେଣ୍ଟକୁ । ଡାକ୍ତରବାବୁ କହିଲେ ।

ୟେସ୍ ସାର୍, ପଲ୍ଲବୀ ଉତ୍ତର ଦେଲା ଭାବମୟ ମୁଦ୍ରାରେ ।

ଆଉ ଗୋଟିଏ ମଧୁରତମ ଲଗ୍ନକୁ ଆପଣେଇନେଲେ ପଲ୍ଲବୀ । ନିଖିଲର ଛାତି ନିପଲକୁ ନ ଜାଣିଲାପରି ବିଶିଆଙ୍ଗୁଠିରେ ଛୁଉଁଥିଲେ ପଲ୍ଲବୀ । ଡାକ୍ତରଙ୍କ କହିବାନୁଯାୟୀ ଆବଶ୍ୟକ ଯନ୍ତ୍ରପାତି ଲଗେଇଦେଲେ ନିଖିଲର ଦେହରେ ।

କିଛି କହିବାକୁ ଚାହୁଁଥିଲା ନିଖିଲ ତା ଦେହର ଏଭଳି ଅବସ୍ଥାପାଇଁ । କହୁ କହୁ କହିଦେଲା – ମୋର ସିନିଅର ବ୍ୟାଚ ଷ୍ଟୁଡେଣ୍ଟ ମୋତେ ପାଠ ପଢେଇବା ଆଳରେ ମୋ ଦେହ ସହ ଖେଳୁଥିଲା ହଷ୍ଟେଲରେ । କୁତୁକୁତୁ / ମାସେଜ କରୁଥିଲା। ମୁଁ ଲାଜକୁଳା ଗାଉଁଲି ପୁଅ ବାଧ୍ୟହୋଇ ନିରୁତ୍ତର ରହୁଥିଲି । ହଁ ସେ ଛାତ୍ରଜଣଙ୍କ ବେଶୀ ଗୋରା ନଥିଲା । ଷ୍ଟାଟସ ଘରର ପୁଅ । ପରୀକ୍ଷାରେ ପ୍ରଥମ ହେଉଥିଲା । ଡାକ୍ତର ହେବ ବୋଲି ସବୁ ଛାତ୍ରକୁ କହିବୁଲୁଥିଲା । ପାସଆଉଟ୍ ପରେ ଶୁଣିଲି ସେ ଡାକ୍ତର ଭାବେ ପୋଷ୍ଟିଙ୍ଗ ହେଇଛି ।

ISSN NO.
2582-208X

ପଲ୍ଲବୀ ମଧୁରତମ ଓଠରେ କହିଦେଲେ – ଠିକ୍ ଅଛି ଯିଏ ଭଲ ପାଠପଢ଼ିବ ଡାକ୍ତର ହେବ, ରୋଗୀ ସେବା କରିବ । କିନ୍ତୁ କଲେଜରେ ଭଲ ପଢୁଥିବା ଛାତ୍ରଟି ପୁଅମାନଙ୍କ ସହ ଏଭଳି ଆଚରଣ କରୁଥିଲା କେମିତି ? ହେଇପାରେ ତୁମେ ସୁନ୍ଦର ଦେଖାଯାଉଥିବ । ବୋଧହୁଏ ବେଶୀ ସମୟ ବହି ପଢିପଢି ବୋର୍ ହୋଇଯାଉଥିବା ପାଠୁଆ ଛାତ୍ରଟି ଏମିତି ଆଚରଣ କରିଦେଉଥିବ । ବୟସର ଭୁଲ୍ ।

ଦୀର୍ଘନିଃଶ୍ୱାସ ମାରିଲେ ପଲ୍ଲବୀ । ହଁ ସାର ଆସିଗଲେ, ଡାଃ ବିଜୟ ବଳବନ୍ତରାୟ । ପଲ୍ଲବୀ ଚିହ୍ନେଇଦେଲେ ଏ ହେଉଛି ପେସେଣ୍ଟ ନିଖିଲ ଦାସମହାପାତ୍ର । ଛାତିରେ ପ୍ରଚୁର କଫ ଜମିଯାଇଛି । ନିଶ୍ଚୟ ନିମୋନିଆ ହୋଇଥିବ ସାର୍ ।

ଡାକ୍ତରଙ୍କୁ ପାଖରେ ପାଇ କିଛି ମାତ୍ରାରେ ଖୁସି ହୋଇଗଲା ନିଖିଲ। ନର୍ସିଂହୋମରେ ପେମଣ୍ଟ ଦେଲାପରେ ବି ଏତେ ବିଳମ୍ବରେ ଚିକିତ୍ସା ଆରମ୍ଭ ହୁଏ ସହଜରେ ବିଶ୍ୱାସ କରିପାରୁନଥିଲା ନିଖିଲ । ମନରେ କ୍ଷୋଭ ଜାଗ୍ରତ ହେଉଥିଲା । ପାଠୁଆ ଛାତ୍ରଛାତ୍ରୀମାନେ ହିଁ ଡାକ୍ତରୀ ବୃତ୍ତିକୁ ପେଶା କରିଥାନ୍ତି । ଡାକ୍ତର ଅପେକ୍ଷା ଷ୍ଟାଫ ନର୍ସ ବରଂ ଭଲ । କିନ୍ତୁ ଡାକ୍ତରମାନେ ଆଶୁକାଳୀନ ଚିକିତ୍ସାକୁ ହେୟଜ୍ଞାନ କାହିଁକି କରନ୍ତି ! ଏଣୁତେଣୁ ପ୍ରଶ୍ନବାଚକ ଚିହ୍ନକୁ ଗୋଟେଇ ନେଉଥିଲା ନିଖିଲ ।

ନିଖିଲର ଖୋଲା ଛାତିରେ ସବୁ ଯନ୍ତ୍ରପାତି ଲଗାଯାଇଛି । କଷ୍ଟ ନ ହେଉଥିଲେ ବି ଅପ୍ରତିଭ ମଣୁଥିଲା ନିଜକୁ । ନିଖିଲର ଖୋଲାଛାତିକୁ ବାରବାର ଅଣ୍ଡାଳୁଥିଲେ ଯୁବ ଡାକ୍ତର ବଳବନ୍ତରାୟ । ବିଶେଷତଃ ବରକୋଳି ପରି ଦିଶୁଥିବା ମାଂସଳଟିକୁ ଦୁଇ ଆଙ୍ଗୁଠିରେ ଧରି ମେସିନକୁ ଚଳାଉଥିଲେ । କାରଣ ବାମପଟେ ହିଁ ହାର୍ଟ ଅଛି ଓ ହାର୍ଟର ପଲସକୁ ଦେଖିଥିଲେ କମ୍ପ୍ୟୁଟର ସ୍କ୍ରିନରେ ।

ଡାକ୍ତରଙ୍କ ଏଭଳି ଆଚରଣ ବିଧିକୁ ଜାଣିପାରି ପଚାରିଦେଲା ନିଖିଲ – ଆପଣ ନର୍ଥ ହଷ୍ଟେଲ ୪୪ ନଂ ରୁମରେ ରହୁଥିଲେ କି ? ଆପଣଙ୍କ ଭଳି ଜଣେ ଯୁବକ +୩ ବିଜ୍ଞାନର ଶେଷବର୍ଷର ଛାତ୍ର ରହୁଥିଲେ । ଠିକ୍ ଆପଣଙ୍କ ଚେହେରା ସହ ସାମଞ୍ଜସ୍ୟ ରହୁଛି । ସେ ଦିନେ ନା ଦିନେ ଡାକ୍ତର ହେବେ ବୋଲି ଆଶା ରଖିଥିଲେ । ମିଷ୍ଟଭାଷୀ ଓ ମେଳାପୀ ଓ ବନ୍ଧୁବତ୍ସଳ । ଅଧ୍ୟାପକମାନଙ୍କର ପ୍ରିୟ ଛାତ୍ର ଥିଲେ । ମୋତେ ବହୁତ ଭଲ ପାଉଥିଲେ । ପାଠ ବୁଝେଇଦେଉଥିଲେ । ପାଖରେ ବସି ଗପ କହି କହି ....

ISSN NO.
2582-208X

ତାପରେ କଅଣ ହେଲା । ଡାକ୍ତର ପ୍ରଶ୍ନଟିଏ ଥୋଇଦେଲେ ନିଖିଲ ଆଗରେ।

ନା ସେମିତି କିଛି ନୁହଁ। ମୁଁ ଗାଉଁଲି ଓ ଲାଜକୁଳା ଥିଲି ତ, ସେ ସମୟରେ କିଛି ଉତ୍ତର ଦେଇପାରୁନଥିଲି ।

ହତଚକିତ ହେଇଗଲେ ଡାକ୍ତର ବଳବନ୍ତରାୟ । ନ ଶୁଣିଲା ପରି ନିଜ କର୍ମପଥରେ ଆଗେଇଗଲେ । କାରଣ ନିଜକୁ ନିଜେ ଦୋଷୀ ବୋଲି ସ୍ୱୀକାର କରୁଥିଲେ ମନ ଭିତରେ।

ହଁ, ମୁଁ ତୁମର ସିନିଅର ଛାତ୍ର ବିଜୟ ଆଜି ଡାଃ ବିଜୟ ବଳବନ୍ତରାୟ, କାର୍ଡିଓଲୋଜିଷ୍ଟ ।

ବହୁତ ଖୁସି ମୁଁ, ଆପଣଙ୍କ ମନସ୍କାମ ପୂର୍ଣ୍ଣ ହେଇଛି । ଆଚ୍ଛା ଇ.ସି.ଜି ଟେଷ୍ଟର ଫଳାଫଳ ଠିକ୍ ଅଛି । କିନ୍ତୁ ନିମୋନିଆ ହେତୁ ମେଡିକାଲରେ ଆଡମିଶନ ହେବାକୁ ପଡ଼ିବ । ଯଦି ଏ ନର୍ସିଂହୋମରେ ଆଡମିଶନ ହେବ ତେବେ ଖର୍ଚ୍ଚାନ୍ତ ହେବନି । ସବୁ ଚିକିତ୍ସା ମୋ ମାରଫତରେ ହେଇଯିବ । ପଲ୍ଲବୀ ଦିଦି ସାହାଯ୍ୟ ସହଯୋଗ କରିବେ । ତୁମ ବାପା ମା'ଙ୍କୁ ଜଣେଇଦିଅ । ଆସନ୍ତାକାଲି ଆଡମିଶନର ବ୍ୟବସ୍ଥା କରିଦେବି ।

ରିପୋର୍ଟ ନେଇ ଫେରିଗଲା ଘରକୁ ନିଖିଲ ।

ଡାକ୍ତର ଚ୍ୟାମ୍ବରକୁ ଫେରି ମୁଣ୍ଡ ପୋତି ବସିରହିଲେ । ପ୍ରକୃତିସ୍ଥ ହେଇ ପଲ୍ଲବୀକୁ କହିଦେଲେ - ନିଖିଲର ବାପାଙ୍କ ସହ ତୁରନ୍ତ ଯୋଗାଯୋଗ କରି ଆଡମିଶନର ପ୍ରସ୍ତାବ ଆଗତ କର । ଯାବତୀୟ ଖର୍ଚ୍ଚ ମୁ ବହନ କରିବି ।

କାହିଁକି ସାର୍- ପଲ୍ଲବୀ ପଚାରିଦେଲା ଇନୋସେଣ୍ଟ ମୁଡରେ ।

ଡାକ୍ତର ଆତ୍ମଗ୍ଲାନିରେ ବୁଡ଼ିଯାଇଥିଲାବେଳେ ଗୋଟିଏ ଉତ୍ତର ଥୋଇଦେଲେ - ଆସନ୍ତାକାଲି ଡାକ୍ତର ଦିବସ । ଶପଥ ନେଇଛି ଏ ମହନୀୟ ଦିନରେ ଯିଏ ମୋର ଚିକିତ୍ସାଧୀନ ହେବ, ସବୁ ଖର୍ଚ୍ଚ ମୁଁ ବହନ କରିବି । ଡାକ୍ତର  ହିଁ ଦ୍ୱିତୀୟ ଈଶ୍ୱର । ନିଖିଲ ଯାହା କହିଥିଲା ତାହା ଠିକ୍ ଥିଲା ।

ନିଖିଲର ବାପାଙ୍କ ଫୋନ ରିସିଭ କଲେ ଡାକ୍ତର ବଳବନ୍ତରାୟ । ଆସନ୍ତାକାଲି ଆଡମିଶନ କରିବାର ସବୁ ବ୍ୟବସ୍ଥା କରିଦେଲେ ନର୍ସିଂହୋମରେ ।

ISSN NO.
2582-208X

ରାତି ପାହିଗଲା । ନିଖିଲ ତା ବାପାଙ୍କ ଅନୁମତିରେ ନର୍ସିଂହୋମରେ ଆଡମିଶନ ହୋଇଗଲା।

ପଲ୍ଲବୀ କହିଲେ - ଆଜି ଡାକ୍ତର ଦିବସ । ରୋଗୀ ଓ ଡାକ୍ତରଙ୍କର ଅଭୁଲା ଦିନଟିଏ ।

ରୀତିମତ ଚିକିତ୍ସା ଆରମ୍ଭ ହେଇଗଲା ନିଖିଲର । ନର୍ସିଂହୋମର ସମସ୍ତ କର୍ମଚାରୀଙ୍କ ଆଦର ସ୍ନେହ ଓ ମଧୁରତାରେ ନିଖିଲ ସଂପୂର୍ଣ୍ଣ କୁଶଳ ହୋଇ ଘରକୁ ଫେରିଲା । ଡାକ୍ତର ବଳବନ୍ତରାୟ ଖୁସି ହେଉଥିଲେ କାରଣ ଗୋଟିଏ ହଷ୍ଟେଲରେ ରହୁଥିବା ସାନଭାଇ ପରି ନିଖିଲ ତାଙ୍କୁ ଚିହ୍ନିପାରି ପୁରୁଣା କଥାକୁ ଲୁଚାଇରଖିଲା । କିନ୍ତୁ ଡାକ୍ତର ବଳବନ୍ତରାୟ ବଡଭାଇର ମର୍ଯ୍ୟାଦା ଦେଇ ଯାହା କିଛି ଅମାନବୀୟ ଆଚରଣ କରୁଥିଲେ, ତାହା ଅକ୍ଷମଣୀୟ ଭୁଲ୍ ଥିଲା ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ବାଣ୍ଟିବା
# ହସ ସୁଖ



ପ୍ରଶାନ୍ତ କୁମାର ଦାଶ

ପୁଲକ ଦିଏ ତା ବଣଲତା
ପବନ ଫଳ ଜଳ
ଦେଶମାଟିର ଛାତିରେ ଥିଲେ
ଦେହେ ଭରଇ ବଳ ।।

ମୋ ଦେଶମାଟି ପାତିଛି ଛାତି
ତହିଁରେ ଆମ ଘର
ତା କୋଳେ ବୋହେ ନଦୀ ଝରଣା
ତଟିନୀ ସିନ୍ଧୁ ସର ।।

ଦେଶମାଟିକୁ ଦେବତା ଆସେ
ମଣିଷ ରୂପଧରି
ପ୍ରକୃତି ଦେହେ ଜୀବନଭରେ
ଅତି ନିଜର ପରି ।।

ଦେଶତ ମୋର ସରଗପୁର
ତାର ତୁଳନା ନାହିଁ
କୀରତି ତାର ଇତିହାସରେ
ରହିବି ସଦା ଜିଇଁ ।।

ISSN NO.
2582-208X

ଦେଶମାଟିରେ ହସିଉଠଇ
ଗାଆଁ ସହର ସାହି
ମନ ପରାଣେ ଛୁଆଁ ଅଛୁଆଁ
ଭେଦ ଭାବନା ନାହିଁ ।।

ଦେଶଭକତ ସହିଦସାଜି
ଜୀବନ ଦେଲେ ବଳି
ସ୍ୱାଧୀନତାକୁ ଆଣିଥିଲେତ
ସଳିତା ସମ ଜଳି ।।

ମୋ ଦେଶକୋଳେ ଅରିର ପାଦ
ପଡିବ ଯଦି ଥରେ
ମୋର କମାଣ ବନ୍ଧୁକ ଗୁଳି
ବାଜିବ ଛାତି ପରେ ।।

ଉଡୁଥିବତ ମାଟି ଛାତିରେ
ତ୍ରିରଙ୍ଗା ନେତ ଆମ
ଲାଗି ଜାଗିକି କରିବା ଆମେ
ଦେଶର ହିତକାମ ।।

ସାଜିବା ବୀର ଯବାନ ଏଠି
ଭୁଲି ଜୀବନ ଦୁଃଖ
ଆମ ହାତର ମେହେନତିରେ
ବାଣ୍ଟିବା ହସ ସୁଖ ।।

କୁଞ୍ଜର, ସଙ୍ଗଳାଇ,ପିପିଲି ପୁରୀ
Mobile -9668822190

ISSN NO.
2582-208X

# ବଡ଼ ଦାଣ୍ଡରେ ଉଭା ଚକାନୟନ

ଦୀନବନ୍ଧୁ ବେଜ

ବଡ଼ଦାଣ୍ଡରେ ଉଭା ଚକାନୟନ ......

ବଡ଼ଦାଣ୍ଡ ହୋଇଛି ଶୋଭାବର୍ଦ୍ଧନ
ସାଙ୍ଗସାଥିଙ୍କ ହୋଇଛି ପୁନଃ ମିଳନ
ସାଧୁସନ୍ଥଙ୍କର ଆତ୍ମା ହୁଏ ତଲିନ
ଭକ୍ତ ଓ ଭଗବାନଙ୍କ ପ୍ରେମ ବନ୍ଧନ
ସୃଷ୍ଟି ସର୍ଜନାର ଆଦ୍ୟ ସୋପାନ ।

ବଡ଼ ଦାଣ୍ଡରେ ଉଭା ଚକାନୟନ....

ସଭ୍ୟତା ବିକାଶର ପହିଲି କିରଣ
ନିଅଁ ପକାଇବା ପାଇଁ ମନ୍ତ୍ର ଉଚ୍ଚାରଣ
ସମ୍ଭାବନା ଆକାଂକ୍ଷିତ ମନ ଦୋଳନ
ପ୍ରିତିର ବନ୍ୟା ପାଇଁ ଚକ୍ଷୁ ଫେଡିଣ
ସ୍ୱପ୍ନ ବାଣ୍ଟିବାକୁ ଜଗା କରେ ମେଳନ ।

ବଡ଼ ଦାଣ୍ଡରେ ଉଭା ଚକାନୟନ .......

ISSN NO.
2582-208X

ଦେଖିବା ଲୋକଙ୍କୁ ମିଳଇ ବଡ଼ପଣ
ଆତ୍ମାଭିତରୁ କରେ ମନୁଷ୍ୟ ସମର୍ପଣ
ସମସ୍ତ ସଦାଚାର ହୁଏ ପ୍ରତିଫଳନ
ଗ୍ରହଣ କରିବାକୁ ବ୍ୟଗ୍ର କରୁଛି ଦାନ
ସବୁଦେଖି ହସୁଅଛି କଳାବଦନ ।।

ବଡ଼ ଦାଣ୍ଡରେ ଉଭା ଚକାନୟନ.......

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# ଶୁଆ ଚୋରକୁ ଧରିବା

(ଏକ ହିନ୍ଦୀ ପୁସ୍ତକରୁ ଆନୀତ ଓ ଭାବାନୁବାଦିତ )



ବିଜୟ କୁମାର ସାହୁ

ଜର୍ମାନୀରେ ଏକ ଫର୍ନିଚର ଦୋକାନରୁ ଚୋରମାନେ ଖାଲି ହାତରେ ଫେରିଲେ । ଘଟଣାଟି ହେଉଛି ଯେତେବେଳେ ଫର୍ନିଚର ଦୋକାନରୁ ଚୋରମାନେ ଚୋରୀ କରିବାକୁ ଉଦ୍ୟତ ହେଲେ ସେହି ସମୟରେ ସେମାନେ ଏକ ଆବାଜ ବା ଶବ୍ଦ ଶୁଣିବାକୁ ପାଇଲେ । କେହି ଜଣେ କହୁଛି ଆପଣ କ'ଣ ଚାହାଁନ୍ତି ? ସେମାନେ ଅନୁମାନ କରିନେଲେ ଯେ କେହି ଜଣେ ଆମ୍ଭମାନଙ୍କୁ ଦେଖି ଏପରି କହୁଛି । ଥରେ ନୁହେଁ ତିନି ତିନି ଥର କହୁଛି ଆପଣ କ'ଣ ଚାହାଁନ୍ତି ? ସେମାନେ ଚାରିଆଡେ ଦେଖିବାକୁ ଲାଗିଲେ କିନ୍ତୁ କାହାରିକୁ ପାଇଲେ ନାହିଁ । ପୁନର୍ବାର ଯେତେବେଳେ ସେମାନେ ପୁଣି ଚୋରୀ କରିବାକୁ ଉଦ୍ୟତ ହେଲେ ସେହି ଏକା କଣ୍ଠସ୍ୱରରୁ ଶୁଣିବାକୁ ପାଇଲେ ଆପଣ କ'ଣ ଚାହାଁନ୍ତି ? ଏବେ ସେମାନେ ଭୟଭୀତ ହୋଇ ସେ ସ୍ଥାନ ଖୁବ ଶୀଘ୍ର ପରିତ୍ୟାଗ କରି ଚାଲିଗଲେ ।

ସେହି ଆବାଜ ଗୋଟିଏ ଭାରତୀୟ ଶୁକ ପକ୍ଷୀର ଥିଲା । ଦୋକାନର ମାଲିକ କେବଳ ଗ୍ରାହକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ଉକ୍ତ ପକ୍ଷୀଟିକୁ ଏହି ବାକ୍ୟଟି "ଆପଣ କଣ ଚାହାଁନ୍ତି" ବୋଲି ଶିକ୍ଷା ପ୍ରଦାନ କରିଥିଲା । ଅବିକଳ ମନୁଷ୍ୟ ଭାଷାରେ ସେ କହୁଥିବାରୁ ଚୋରମାନେ ବୁଝିପାରିଲେ ନାହିଁ ଏହା ମନୁଷ୍ୟର ଆବାଜ ନା ପକ୍ଷୀର ଆବାଜ । ସେ ଯାହାହେଉ ସେଦିନ ମାଲିକ ଦୋକାନରୁ କୌଣସି ଦ୍ରବ୍ୟ ଚୋରୀ ହୋଇ ପାରିନଥିଲା।

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ - ୮୭୬୩୧୪୮୬୨୩

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ପ୍ଲିଜ୍ ମମି କୁହନା ଡାଡିଙ୍କର କଣ ହୋଇଛି? ଆଖିରେ ଲୁହ ଜକେଇ ଆସିଲା ବୀଣାର । ଯାହାର ଲୁହ ଆସିବା ଆଗରୁ ଆଖିରେ ସୁଖର ପରଶ ଭରି ଦେଉଥିଲେ ଆଜି କଣ ହୋଇଛି ମମିଙ୍କର ଡାଡି ବି ଗାଡିର ଆଗରେ ବସିଛନ୍ତି । ଜୋର କରିବି କିଛି କଥା କହୁପାରୁନଥିଲା । ତଥାପି ମନ ବୁଝିଲାନି । ପାଖରେ ମୁହଁ ରଖି ମମି ପ୍ଲିଜ୍ କୁହ ମମି.... ।

ଚୁପଚାପ୍ ବସ ବୀଣା । ବଡ ହୋଇଗଲୁ ବୋଲି କଣ ଆମକୁ ଅସମ୍ମାନ କରିବୁ ।

ହେଇ .... ମମି ତୁମର କଣ ହୋଇଛି? ବିକଳ କ୍ରୋଧ ଉଠିଆସିଲା ବୀଣାର । ଡର ବି ଲାଗିଲା ମମିଙ୍କର ଘୃଣାର ମୁହଁକୁ ଦେଖି । ଏମିତି କେବେ ଆଗରୁ ଦେଖି ନଥିଲା ତ । ଆଜି କଣ ହୋଇଛି ମମିଙ୍କର? ବୀଣା କିଛି ଭାବି ପାରିଲା ନାହିଁ । ନିଜେ ନିଜେ ଆଗ ଓହ୍ଲେଇ ମେଡିକାଲ ଭିତରକୁ ଦୌଡିଲା ପୂଜା, ସେତେବେଳକୁ କହ୍ନେଇର କଥା ସରି ଆସୁଥାଏ ।

ଯିଏ ମାର ଅଭାବ ଦେଖାଇ ଦେଇ ନଥିଲେ ସେ ଆଜି ଏତେ କର୍କଶ କାହିଁକି? ଆଖିରୁ ଲୁହ ଲୁଚେଇ ଲୁଚେଇ ପୋଛି ଦେଉଥାଏ ।

ମମିଙ୍କର ଆଗ ଓହ୍ଲେଇ ଯିବାର ଦେଖି ବୀଣା ଟିକିଏ ପଛେଇ ପଛେଇ ଯାଇ ସମସ୍ତଙ୍କ ଅଲକ୍ଷରେ ଚିଠିକୁ ଚୁପଚାପ ଖୋଲିଲା । ଆଖିର ଲୁହ ଝରଣା ପରି ବହି ଯାଉଥାଏ । କିଛି ଭାଷା ପାଉ ନଥାଏ ଚିଠିର ଭାଷାକୁ ସମ୍ମାନ ଦେବାକୁ । ହେ ଭଗବାନ କଣ ଆମ୍ଭମାନଙ୍କ

ISSN NO.
2582-208X

ପାଖରୁ ପୁଣି ନେଇଯିବାକୁ ବସିଛ । ଏସବୁ ଦେଖିବା ଆଗରୁ ମାରିଦେଲନି କେମିତି ଆମ ଭାଇଭଉଣୀ ଦୁଇଜଣଙ୍କୁ ।

ସେହି ରାସ୍ତା ଦେଇ ଅମନ ଯାଉଥାଏ । ହଠାତ୍ ବୀଣାକୁ ବସି କାନ୍ଦିବାର ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ଦୌଡି ଆସି କହିଲା କଣ ହୋଇଛି ବୀଣା? ଆରେ କଥା କହ ପାଗିଳୀ । ମୁଁ ବହୁତ ଚିନ୍ତାରେ ଅଛି । ଏଠି ସବୁ ଗଡବଡ ହୋଇଯାଇଛି । ବୀଣା କହ ମୋ ସୁନା ଭଉଣୀ ପରା । ବୀଣା କିଛି କହିପାରିଲାନି । ଅମନ ହାତକୁ ଚିଠିଟିକୁ ବଢେଇ ଦେଇ ଭୋ ଭୋ କାନ୍ଦି ପକାଇଲା । ଅମନ ଆଶ୍ଚର୍ଯ୍ୟ ହୋଇ ଚିଠି ଖୋଲି ପଢିଲା-

"ବାପାରେ, ଅମନ,

ମୋର ଆଉ ସମୟ ନାହିଁରେ । ମତେ ଯେମିତି ଲାଗୁଛି ଶେଷ ହୋଇଯାଇଛି ମୋ ସଂସାର ଖେଳ । ଧନ, ଅମନ ମନ ଦେଇ ଶୁଣ । ତୁ ଯଦି ପ୍ରକୃତରେ ମତେ ଭଲ ପାଉଥିବୁ, ମାଆର ଆସନ ଦେଇଥିବୁ, ସେହି ମାଆର ଆଜି ଦୁଇଟି" ଭିକ୍ଷା ପୂରଣ କରିଦେବୁରେ ଧନ । ନ ହେଲେ ମୋ ଆତ୍ମା ଶାନ୍ତି ପାଇବ ନାହିଁ । ବାପାରେ, ତୋ ଡାଡିଙ୍କର ଗୋଟେ ହାର୍ଟ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି । ଆରଟି ଖରାପ ହେବାକୁ ଯାଉଛି । ତେଣୁ ବିଳମ୍ବ ନକରି ମୋରି ହାର୍ଟ ନେଇ ତୁରନ୍ତ ତାଙ୍କର ଅପରେସନ କରିବୁ । ତୁ କାହାରି କଥା ଶୁଣିବୁ ନାହିଁ । ତୋତେ ମୋ ରାଣ ବାପା । ତୋ ଡାଡି ବଞ୍ଚିବା ତୁମମାନଙ୍କ ପାଇଁ ନିହାତି ଦରକାର । ତୋ ଡାଡି ତ କିଛି କହି ନାହାନ୍ତି । ମୁଁ ଜାଣିଛି ବୋଲି ସେ ଜାଣି ନାହାନ୍ତି । କିଛି ଦିନ ଘରୁ ତାଙ୍କର କଟକରୁ ଫୋନ ଆସିଥିଲା ସେହି ମାଧ୍ୟମରେ ଜାଣିଲି ତାଙ୍କର ହାର୍ଟ ନଷ୍ଟ ହୋଇଯାଇଛି । ମୁଁ ନିଜେ ଯାଇ ସେ ଡାକ୍ତରଙ୍କୁ ଦେଖାକରି ମୋ ହାର୍ଟ ଲଗାଇ ହେବ ବୋଲି ସବୁ ପରୀକ୍ଷା କରିଦେଇଥିଲି, ହେଲେ ସୁଯୋଗ ପାଇପାରିନିରେ । ମୋ ସୁନାଟା ପରା, ମୁଁ ମରେ କି ବଞ୍ଚେ, ତୁ ତୋ ଡାଡିଙ୍କୁ ନକହି ମୋ ହାର୍ଟକୁ ଲଗାଇଦେବୁ । ଦ୍ୱିତୀୟ ଭିକ୍ଷା ହେଲା, ମୋ ସୁନାନାକୀ ବୀଣାର ସବୁ ପ୍ରକାର ବ୍ୟବସ୍ଥା କରି ଦେଇଛି । ହେଲେ ବାହାଘର ଦେଖିପାରିଲିନି । ତୁ ତାର ବିଭାଘର ଶୀଘ୍ର କରିବୁ । ସେ ଜ୍ୱାଇଁ ତାକୁ ବହୁତ ସୁଖରେ ରଖିବ । ଭଲ ମଣିଷ ଜଣେ । ତାକୁ କେବେ ବି କନ୍ଦାଇବୁ ନାହିଁ । ସେ ମୋର ଲକ୍ଷ୍ମୀ ଠାକୁରାଣୀ । ତା ମନନେଇ ସବୁ ଜିନିଷ ଦେବାକୁ ଚେଷ୍ଟା କରିବୁ । ତୋ କଥା ଅନୁସାରେ ତା ପାଇଁ ଦୁଇଟି ସୁନାର ପୁଅ ଝିଅ କଣ୍ଢେଇ ବରାଦ ଦେଇଛି । ତୁ ସେ ଦୋକାନରୁ ଯାଇ

ISSN NO.
2582-208X

ନେଇ ଆସିବୁ । ସେ ବେଶୀ କାନ୍ଦୁରୀଟେ, ବାୟାଣୀଟେ କେଜାଣି, କେମିତି ମତେ ଭୁଲି ରହିପାରିବ? ଏହି ଦୁଇଟି କାମ ସାରି ତୁ ଅଞ୍ଜନାକୁ ବିବାହ କରିବୁ ଧନ । ମୋ ଆଶୀର୍ବାଦ ତୋ ପାଖରେ ସବୁବେଳେ ଅଜାଡି ପଡୁଥିବ । ମୁଁ କଲିକତା ଯିବାପାଇଁ ଗାଡିରେ ବସିବାକ୍ଷଣି ଆଉ ଜମାରୁ ଭଲଲାଗୁନାହିଁ । ସେଥିପାଇଁ ଏ ଚିଠି ଲେଖିଲି । ତୁ ପାଇବା କ୍ଷଣି ଦାଡିଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ କରିବାକୁ ଚେଷ୍ଟା କରିବୁ ବାପା ।

ଇତି

ହତଭାଗୀ ମମି"

ବୀଣା ଓ ଅମନ ଦୁଇଜଣଯାକ ଜୋରରେ ଚିତ୍କାର କରି କାନ୍ଦି ଉଠିଲେ । ଯେମିତି ଆକାଶ ଛିଡି ପଡିଛି । ପୃଥିବୀ ଫାଟି ଯାଇଛି । ସୂର୍ଯ୍ୟର କିରଣ ହଜିଯାଇଛି ଚନ୍ଦ୍ରମାର ଆଲୋକ ଲିଭିଯାଇଛି ।

ବୀଣା ଲୁହ ପୋଛି କହିଲା - ଭାଇ ଚାଲ ମମି ଜୋର ଜୋର କରି ଚାଲିଗଲେ । ଭିତରେ କଣ ହୋଇଛି ବୋଧେ ।

ହଁ... ବୀଣା ଚାଲ, ଦେଖିବା, ଆଖିରେ ବିଶ୍ବାସ କରିପାରୁ ନଥିଲେ, ଅତୀତ ସମ୍ପର୍କର ମିଳନ ଦୃଶ୍ୟକୁ ଦେଖି । କି ପବିତ୍ର ଗନ୍ଧଯୁକ୍ତ ସ୍ପର୍ଶ । ଅପୂର୍ବ ସେ ମିଳନର ପ୍ରତିବିମ୍ବ । ପରମାତ୍ମାଙ୍କ ଅନୁସନ୍ଧାନରେ ଉତ୍ତିର୍ଣ୍ଣ । ଦୁଇ ଆତ୍ମାର ମହାମିଳନର ବିଚିତ୍ର ବର୍ଣ୍ଣାଳୀ । ସ୍ୱପ୍ନ କି ସମ ଭାବିପାରୁ ନଥିଲେ କେହି । ଏତେ ନିବିଡତା, ଏତେ ଆନ୍ତରିକତା । ଅମୃତମୟ ପରିକଳ୍ପନା । ହେ ପ୍ରଭୁ ଜଗତର ନାଥ ଜଗନ୍ନାଥ, ମୁଁ ତ ଭାବିପାରୁନି ମୋ ମମି ଜଣେ ଦେବୀ ବୋଲି, ଅମନ କହି ଭୋ ଭୋ ହୋଇ କାନ୍ଦୁଥାଏ । ଆଜି ଅମନ କି ବୀଣା କୌଣସି ଲୁହ ପୂଜାକୁ ସ୍ପର୍ଶ କରିପାରୁନାହିଁ । ସବୁ ମାୟାରୁ ବିଚ୍ୟୁତ ହୋଇଯାଇଛି ପୂଜା । ଯିଏ ଦୁଇଜଣଙ୍କୁ କେବେ କନ୍ଦାଇବା ତ ଦୂର କଥା ମମତାର ପଣତରେ ସବୁ କଷ୍ଟ ଦୁଃଖକୁ ତୋଳି ନେଇ ଆନନ୍ଦର ଓ ଖୁସିର ଜୁଆର ଆଙ୍କି ଦେଇଥିଲା ଆଜି ସେମାନଙ୍କର ବିକଳ କ୍ରନ୍ଦନ ପୂଜାକୁ ଶୁଭୁନାହିଁ । ସେ ସଂସାର ମାୟାରୁ ଅନେକ ଦୂରେଇ ଯାଇସାରିଛି । ସବୁ ମୋହ ଫୋପାଡି ମୋକ୍ଷ ପାଇଯାଇଛନ୍ତି । କାହାରି ଦୁଃଖ ସୁଖ ତାଙ୍କୁ ବାନ୍ଧି ପାରିବ ନାହିଁ । ସେ ପୂରାପୂରି ମୁକ୍ତ ।

ISSN NO.
2582-208X

ହଠାତ୍ ଅମନ ବୁଲିପଡି ଦେଖିଲେ ସମସ୍ତେ ଯେମିତି ଆଖିରେ ଲୁହ ନିଗାଡି ଦେଖୁଥାନ୍ତି । କାହାରି ସାହସ ନାହିଁ ମମିକୁ ଧରି ରଖିବାକୁ । ସମସ୍ତେ ନିର୍ଜବ ଝରଣାପରି ଲୁହ ଝରାଇ ଚାଲିଛନ୍ତି ।

ଅମନ, ବିକାଶଙ୍କ ପାଖକୁ ଯାଇ କହିଲା ଡାଡି, କଣ ମୁଁ କିଛି ବୁଝିପାରୁନି? କିଛି ଭାଷା ନଥିଲା ବିକାଶଙ୍କ ପାଖରେ । ନିଜ କୋଳରେ ଅମନକୁ କୋଳେଇ ନେଇ ଚୁପ୍ ହେବାକୁ କହିଲେ, ବାପାରେ, ତୋ ମମି ମହାନ ରେ । ସେ ଏତେ ପବିତ୍ର ଯେ ଆମ ଭିତରେ ଆଉ ରହିପାରିବେନି, ତେଣୁ ସ୍ୱଂୟ ଭଗବାନ ତାକୁ ନେଇଯିବାକୁ ଆଦେଶ ଦେଇଛନ୍ତି । ବିକଳରେ ଅମନ ଓ ବୀଣା ବିକାଶଙ୍କ ପାଖରେ କାନ୍ଦି ଉଠିଲେ ।

ମମିର କଥା ଅନୁସାରେ ଅମନ ବିକାଶଙ୍କୁ ନେଇ ହାର୍ଟ ଲଗାଇବା ବ୍ୟବସ୍ଥା କରିଦେଲେ । ଅଞ୍ଜନା ମଧ୍ୟ ସାହାଯ୍ୟ ପାଇଁ ଚାଲିଗଲେ । ସେତେବେଳକୁ ପୂଜା ବିକଳରେ କହ୍ନେଇଙ୍କ ପାଖକୁ ଦୌଡି ଦୌଡି ଯାଉଥାନ୍ତି । ଯେମିତି ତାଙ୍କୁ ଜଣା ପଡିଯାଇଛି କହ୍ନେଇ କୋଉଠି ପୂଜାକୁ ଅପେକ୍ଷା କରିଛି ।

ରୁହ କହ୍ନେଇ, ମୁଁ ଆସିଗଲିଣି । ମିଶିକରି ଯିବା । ଦେଖ ମୁଁ ଜମା ଡେରି କରିବି ନାହିଁ । କହ୍ନେଇ ପାଖକୁ ଯାଇ..... ।

ପୂଜା ନିଜ କୋଳକୁ ନେଇଗଲା କହ୍ନେଇକୁ ସମସ୍ତିଙ୍କ ଆଗରେ ପ୍ରୀତିର ଆଲିଙ୍ଗନ କରିଚାଲିଥିଲେ ରାଧାକୃଷ୍ଣଙ୍କର ମିଳନ ଯେମିତି, ଦୁଇଜଣଙ୍କର ପ୍ରେମ ପବିତ୍ର ପୂଜା, ଚିରଶାଶ୍ୱତ, ଅପୂର୍ବ ପବିତ୍ର ମିଳନ, କୌଣସି ପ୍ରତିବନ୍ଧ ନଥିଲା କି ଲଜ୍ଜାର ଗାର । ସବୁ ଲୋକମାନେ ଆଶ୍ଚର୍ଯ୍ୟ ହୋଇ ଯାଉଥାନ୍ତି ।

କହ୍ନେଇ ଧୀରେ ଧୀରେ କହିଲେ ତୁମେ ମତେ କ୍ଷମା କରିଦେଇଛ ପୂଜା । କ୍ଷମା କରିଦେଇଛ ତ ! କୁହ ପୂଜା । ପୂଜା ଆଖିରେ ଲୁହର ଶ୍ରାବଣ ଥାଏ । ତାକୁ ଦେଖି ସବୁ ଆଖି ଓଦା ହୋଇ ଯାଉଥାଏ ।

ବାସ୍ତବରେ ଯୁଗ ଯୁଗ ପାଇଁ ପ୍ରେମ ଚିରନ୍ତନ ଓ ଶାଶ୍ୱତ । ପ୍ରେମ ଅମର ଏବଂ ପବିତ୍ର । କେବେହେଲେ ବଦଳେ ନାହିଁ । କେତେ କଣ ତାକୁ କଳୁଷିତ କରିପକାନ୍ତି ଦୁନିଆ ପ୍ରକାର କୁସଂସ୍କାରକୁ ଭିଡିଧରି, ସତ୍ୟ ପ୍ରେମ କେବେ ହେଲେ ଶେଷ ହୋଇ ଯାଏନା, ହୃଦୟରେ

ISSN NO.
2582-208X

କୋଉଠିନା କୋଉଠି ବଞ୍ଚିରହି ବିରହ ସୃଷ୍ଟି କରିଥାଏ । ଯାହା ପ୍ରେମର ଅସ୍ତିତ୍ୱକୁ ଜାବୁଡି ଧରିବାରେ ଅନେକ ଶକ୍ତି ଦେଇଥାଏ । ଇଂରାଜୀରେ ଗୋଟିଏ ବାକ୍ୟ ଅଛି, "ଲଭ୍ ଇଜ୍ ନଟ ହାର୍ଟ ଅଫ୍ ଲାଇବ୍, ଇଟି ଇଜ୍ ଏ ପାର୍ଟ ଅଫ ଲାଇଫ" । (Love is not a heart of life, it is a part of life) ଯାହା ଆଜି ପୂଜା ଓ କହ୍ନେଇ ଜୀବନ୍ତ କରିଦେଇଛନ୍ତି ପ୍ରେମର ପବିତ୍ରତାକୁ । ବିଶ୍ୱାସ ଭରିଦେଇଛନ୍ତି ଆଜିର ସମାଜକୁ ।

ଏଇଇ...... କହ୍ନେଇ ! ମୋତେ ତୁମ କୋଳରେ ଶୋଇବାକୁ କଥା ଦେଇଥିଲ ପରା । କଣ ଭୁଲିଯାଇଛ କି ? ପ୍ଲିଜ୍ ମତେ ବହୁତ ନିଦ ।

ଏଇ... କହ୍ନେଇ ତୁମେ ଜହ୍ନମାମୁଁ ଗପ କହିବ ବୋଲି କହିଥିଲ ନା! କୁହନା ଆଜି ଶୁଣିବାକୁ ବହୁତ ଇଚ୍ଛା ହେଉଛି । ଜମାରୁ ମନା କରନି କହ୍ନେଇ । ଆଜି ଆଉ ଡର ନାହିଁ । ମୁଁ ଆଜି ସ୍ୱାଧୀନ ହୋଇଯାଇଛି । ସବୁ ସମୟ ତୁମର ଖାଲି ତୁମର ...

ଏଇ.... ପୂଜା !! କହ୍ନେଇ ଖନେଇ ଖନେଇ କହୁଥାଏ । ମୋ କୋଳକୁ ଆସ ଧନ ବହୁଦିନ ହେଲା ମୁଁ ତୁମକୁ ଗେଲ କରିନିରେ । ମୋ ଉପରେ ରାଗନା ପ୍ଲିଜ୍ । ମୋ ସୁନା ପରା ମୋ ଉପରେ ଆଉ ଅଭିମାନ କରନା ।

ଏ ଧନ .. .. ମୁଁ ତୁମକୁ ଜହ୍ନ ରାଇଜରୁ ନେଇ ଯିବି, ଧନ .... ଆଅ .... ଆସ ଧନ ....

ପୂଜା କହ୍ନେଇ କୋଳରେ ଚିରନିଦ୍ରା ହୋଇଯାଇଥାଏ । କହ୍ନେଇ ବି ପୂଜାକୁ ବିକଳରେ ଜାବୁଡି ଧରିଥାଏ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଉଠୁଥାନ୍ତି । କି ବିଚିତ୍ର ପ୍ରେମ । ଏ କି ବନ୍ଧନ । ଦୁଇଜଣ ମିଶି ପ୍ରଭୁଙ୍କ ଶରଣକୁ ଚାଲି ଯାଇଥିଲେ । ଅଚିହ୍ନା ବନ୍ଧନ ରେ ପବିତ୍ର ମିଳନ ଅମୃତମୟ ଲାଗୁଥିଲା । ମନ୍ଦିରରୁ ଭାସି ଆସୁଥିଲା ମଙ୍ଗଳ ଆରତିର ମଧୁର ମୂର୍ଚ୍ଛନା, ପ୍ରକୃତିର ଛାତି ଚିରି ବିରହରାଗିଣୀ ଝଙ୍କାରିତ ହୋଇଯାଉଥିଲା ।

ଶେଷ ସ୍ୱର ପ୍ରତିଧ୍ୱନି ହେଉଥାଏ .. .. ..

ISSN NO.
2582-208X

ଧନ ଆସ .... ମୋ ପାଖକୁ ଭିଡି ଆସ ଧନ .....

ଆସ ଧନ .....

ଆସ ଜହ୍ନ ରାଇଜକୁ ଯିବା ।

ଆସ ଧନ .......... ।

(ଜୟ ଜଗନ୍ନାଥ)

ସମାପ୍ତ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ

ISSN NO.
2582-208X

# ନାରୀ



ଅଭିଳାଶ ବାରିକ୍

ନାସ୍ତୀ ଯସ୍ୟ ଅରୀ ସେତ ଅଟଇ ଯେ ନାରୀ ।
ସର୍ବ ଶକ୍ତି ମୟୀ ପାରେ ଦନୁଜ ସଂହାରି ।
ଦୁର୍ଗା ରୂପେ ଆକର୍ଷଇ ଚଉଦ ଭୁବନ ।
କାଳୀ ରୂପେ ତ୍ରିଲୋକକୁ କରେ ସଂହାରନ ।
ଦୟାଶିଳା ପ୍ରେମଶିଳା ସ୍ୱର୍ଣ୍ଣ ପଦ୍ମ ପରି ।
କଠୋର କୋମଳ ସେହି ନାଶ କରେ ଅରି ।
ସୋନ୍ଦର୍ଯ୍ୟ ରେ ଲୋକମାତା ଜଗତ ପାଳିନୀ
ସରସ୍ୱତୀ ରୂପେ ବିଦ୍ୟା ବୁଦ୍ଧି ପ୍ରଦାୟିନି ।
କଳ୍ପନା କରି ନୁହଇ ଯାର ଗୁଣରାଶି ।
ଜାୟା ଭଗିନୀ ଜନନୀ ରୂପେ ପରକାଶି ।
ନାରୀ ଆଦି ଶକ୍ତି ଭୁକ୍ତି ମୁକ୍ତି କରେ ଦାନ ।
ନାରୀ ଯୁଗେ ଯୁଗେ ଭବେ ବୋଲାଇ ମହାନ ।

ଏ. ବି. ପି.ଏ ମ, ନମତରୁ,
ରାଜକନକା, କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ମଣିଷ ଜୀବନ ପାଣି ଫୋଟକା

ସୁଶ୍ରୀ ଶୁଭସ୍ମିତା ମହାନ୍ତ

ମଣିଷ ଜୀବନ ପାଣି ଫୋଟକା ଯେ
ଏହି ଅଛି ଏହି ନାହିଁ,
ମିଛ, ମାୟା ଏହି ସଂସାର ରେ ପଡ଼ି
ଦିନିମାନ ସେ ହୁଅଇ ।

ସଂସାର ଦୁଃଖ ରେ ହନ୍ତସନ୍ତ ହୁଏ
ପାରେ ନାହିଁ କିଛି କରି,
ଆପଣା ଓ ପର ବାଛ ବିଚାର ରେ
ଜୀବନ ଯାଏ ତା' ସରି।

ସାରା ଜୀବନ ରେ କଷ୍ଟ ସହି ଯାହା
ଉପାର୍ଜିତ କରି ରଖେ,
ଭୋଗ ନ କରି ସେ ଚାଲିଗଲା ପରେ
ରହେ ତାହା ଅନ୍ୟ ପାଖେ।

ନିଜର ବୋଲି ଭାବୁଥିଲା ପୁଅ କୁ
ଛୁଏଁନି ସେ କେବେ ଥରେ,
ଲୋକ ଦେଖାଣିଆ କାର୍ଯ୍ୟ ସବୁ କରି
ବାହାଦୁରି ବହୁ ମାରେ।

ISSN NO.
2582-208X

ଶେଷ ସମୟରେ ସ୍ନେହ ସେ ଖୋଜିଲେ
ମିଳେ ବହୁତ ଯନ୍ତ୍ରଣା,
ଅନାହାରରେ ଦିନ ଟି ତା'ର କଟେ
ବୁଦ୍ଧି ହୁଏ ବାଟବଣା।

ବାଳୁତ ପରି ସେ କାର୍ଯ୍ୟ କରି ଚାଲେ
ଭଲ ଖରାପ ଜାଣେନା,
ସେହି ସମୟ ଯେ କଷ୍ଟମୟ ଅଟେ
କିଛି ସେ କହି ପାରେନା ।

ବେଳ ଥାଉ ଥାଉ ସୁଧୁରି ଯାଅ ହେ
କଷ୍ଟ ରେ ରୁହନି କେବେ,
ଭଲ କର୍ମ କରି ଏହି ଜୀବନ କୁ
ସୁଖ ରେ ରଖ ହେ ସର୍ବେ।

ନବରଙ୍ଗପୁର

ISSN NO.
2582-208X

# ମୋ ରାଇଜ କେଡ଼େ ସୁନ୍ଦର



ଅମରନାଥ ବାରିକ

ଓଡିଶା ମାଟିରେ ଜନମ ମୋର
ମଧୁର କୋମଳ ମୋ ଭାଷା ସ୍ୱର ।
ମୁଁ ଓଡ଼ିଆ ମୋର ଭାଷା ବଢ଼ିଆ
ସୈନିକ ଆମର ଅଟେ ଲକ୍ଷୁଆ ।
ଛଉ ଗୋଟିପୁଅ ଓଡ଼ିଶୀ ନୃତ୍ୟ
ଦେଶ ବିଦେଶରେ ହୁଏ ଚର୍ଚ୍ଚିତ ।
ପାହାଡ ଝରଣା କେଡ଼େ ସୁନ୍ଦର
କାରୁକାର୍ଯ୍ୟ ଭରା ଆମ ମନ୍ଦିର ।
ଯାଜପୁର ଜିଲ୍ଲା ବିରଜା କ୍ଷେତ୍ର
ଦେଖିଲେ ପବିତ୍ର ହୁଅଇ ନେତ୍ର ।
କାବ୍ୟ କବିତାର ସ୍ୱୀକୃତି ଗାର
ଦେଲେ ଅଭିମନ୍ୟୁ ସାମନ୍ତ ସିଂହାର ।
ବୈତରଣୀ ନଦୀ ଭଳି ଅନେକ
ବୋହି ଯାଇଅଛି ସ୍ରୋତରେ ବାଙ୍କ ।
ପାଲା ଘୋଡ଼ାନାଚ ଦାସକାଠିଆ
ଆମ ପରମ୍ପରା ଆଗରେ ଠିଆ ।
ଓଡ଼ିଆଙ୍କ ପ୍ରାଣ ପଖାଳ କଂସା
ହୋଇଥାଏ ଘରେ ଘରେ ପରସା ।

ISSN NO.
2582-208X

ବାର ମାସେ ତେର ପରବ ଯାତ
ଆରିଶା କାକରା ମଣ୍ଡା ଯାବତ ।
ଭିତର କନିକା କୁମ୍ଭୀର ଚାଷ
ଗହୀରମଥାରେ କଇଁଛ ବାସ ।
ନନ୍ଦନକାନନ ପ୍ରାଣୀ ପ୍ରାଚୁର୍ଯ୍ୟ
ଭାରତେ ଅନନ୍ୟ ରାଜ୍ୟ ଐଶ୍ୱର୍ଯ୍ୟ ।
ଖଣ୍ଡଗିରି ଲିଙ୍ଗରାଜ ଚିଲିକା
ବାଙ୍କୀ ଅଧୀଶ୍ୱରୀ ମାଆ ଚର୍ଚ୍ଚିକା ।
କେ ହୋଇବ ମୋର ରାଇଜ ସମ
କୋଣାର୍କର ଶିଳା ଶିଳ୍ପୀଙ୍କ ଦମ ।
ଚନ୍ଦକା ଅରଣ୍ୟ ଧଉଳି କୀର୍ତ୍ତି
ନୀଳାଚଳ ଧାମେ ଚତୁର୍ଦ୍ଧା ମୂର୍ତ୍ତି ।
ଯା' ଚରଣ ଧୁଏ ନୀଳ ସାଗର
ମହେନ୍ଦ୍ର ଗିରି ଯା ଉନ୍ନତ ଶିର ।
ଏହି ପୁଣ୍ୟ ତୀର୍ଥେ ଲଭିଲି ଜନ୍ମ
ଗର୍ବିତ ଓଡ଼ିଆ ମୋ ପୁଣ୍ୟ କର୍ମ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# କଳି ଯୁଗର ବଡ ଠାକୁର - ଆହାରେ ମୋ ଚକାଆଖି



ଶୁଭଶ୍ରୀ ମହାପାତ୍ର

ଯୁଗ ପରେ ଯୁଗ ବିତି ଚାଲିଛି, ପ୍ରଥମେ ସତ୍ୟ, ଦ୍ୱିତୀୟେ ତ୍ରେତୟା, ତୃତୀୟେ ଦ୍ୱାପର, ଚତୁର୍ଥେ କଳି! ସବୁ ଯୁଗରେ ପ୍ରଭୁ ଦୁଷ୍ଟ ମାନଙ୍କ କବଳରୁ ମାନବ ସମାଜକୁ ରକ୍ଷା କରିବାପାଇଁ ପୃଥିବୀ ପୃଷ୍ଠ ରେ ଜନ୍ମଗ୍ରହଣ କରନ୍ତି ଓ ମାନବ ସମାଜକୁ ସତ ମାର୍ଗରେ ଚାଲିବା ପାଇଁ ପଥ ପଦର୍ଶକ /ମାର୍ଗଦର୍ଶକ ସାଜିଥାନ୍ତି! ସତ୍ୟରେ ପ୍ରଭୁ ବାମନ ଅବତାର ନେଇ ଦାନବ ରାଜା ବାଳି କବଳରୁ ମାନବ ସମାଜକୁ ରକ୍ଷା କରିଥିଲେ! ତ୍ରେତୟା ରେ ପ୍ରଭୁ ରାମ ଅବତାର ନେଇ ରାବଣ କବଳରୁ ମା ସୀତା ଙ୍କୁ ଉଦ୍ଧାର କରିବା ସହିତ ସାରା ସୃଷ୍ଟିକୁ ଲଙ୍କା ପ୍ରତାପୀ ରାବଣ କବଳରୁ ରକ୍ଷା କରିଥିଲେ! ଦ୍ୱାପର ଯୁଗରେ କୃଷ୍ଣ ଅବତାର ନେଇ ଦୁଷ୍ଟ ମହାପ୍ରତାପୀ କଂସ କବଳରୁ ସାରା ସୃଷ୍ଟି କୁ ରକ୍ଷା କରିଥିଲେ । ଆଜିର ଏହି କଳି ଯୁଗରେ ଦାରୁ ଅବତାର ନେଇ ମହାପ୍ରଭୁ ଜଗତ ର ନାଥ ଜଗନ୍ନାଥ ସୃଷ୍ଟିର ପାପକୁ କ୍ଷୟ କରିବାକୁ ଶ୍ରୀକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି । ଏ ସାରା ବିଶ୍ୱରେ ତାଙ୍କର ମହିମା କାହାକୁ ବା ଅଛପା । ଶ୍ରଦ୍ଧା ଓ ଭକ୍ତି ରେ ତାଙ୍କୁ ଅନେକ ନାମରେ ଡାକନ୍ତି -ଦାରୁବ୍ରହ୍ମ, ଚକାଆଖି, ମହାବାହୁ, କାଳିଆ ସାଆନ୍ତ ଏହି ଭଳି ତାଙ୍କର ଅନେକ ନାମ ରହିଛି । ଭକ୍ତି ରେ ଯେଉଁ ନାମ ଧରି ଡାକିଲେ ମହାପ୍ରଭୁ ଭକ୍ତ ର ଦୁଃଖ ଦୁର କରନ୍ତି । କଳିଯୁଗରେ ପାପକୁ ସମାଜ ରୁ ଦୂର କରିବା ପାଇଁ ଶବର ରାଜା ବିଶ୍ୱାବସୁ ଙ୍କୁ ନୀଳମାଧବ ରୂପେ ଦର୍ଶନ ଦେଇଥିଲେ । ପରେ ରାଜା ଇନ୍ଦ୍ରଦ୍ୟୁମ୍ନ ଙ୍କୁ ସ୍ୱପ୍ନ ଦେଶ ଦେଇ ଆଜି ଶ୍ରୀକ୍ଷେତ୍ର ପୁରୀ ରେ ବିରାଜିତ ମହାପ୍ରଭୁ

ISSN NO.
2582-208X

ଙ୍କ ଇଛାଥିଲା କି ମୋତେ କଳି ଯୁଗରେ ସବୁ ଜାତି, ଧର୍ମ ର ଲୋକ ଦର୍ଶନ କରି କୋଟି ଜନ୍ମର ପାପ କୁ କ୍ଷୟ କରିବେ । ଭକ୍ତିରେ ଡାକିଲେ ପ୍ରଭୁ ସବୁ ମାୟା ବନ୍ଧନ କୁ ପାଦରେ ଏଡାଇ ଧାଇଁ ଆସନ୍ତି ନିଜ ଭକ୍ତ ପାଖକୁ କୌଣସି ନାଁ କୌଣସି ରୂପରେ । ଆଜି ମୁଁ ସେହି ମହାପ୍ରଭୁ ଜଗତ ର ନାଥ ଜଗନ୍ନାଥ ଙ୍କ ପାଦପଦ୍ମ ବିଷୟରେ ମୋର ହୃଦୟ ହିତୁକ ଭାଷାରେ କିଛି ଲେଖୁଛି -"ସମଗ୍ର ବିଶ୍ୱକୁ ରଖିଛି ଯିଏ, ତାଙ୍କ ବିଷୟରେ ଲେଖିବ ବା କିଏ "ଯାହାଙ୍କ ଆଜ୍ଞା ବିନା ସୃଷ୍ଟି ର ପତ୍ରଟିଏ ବି ହଲେ ନାହିଁ । ବିଶ୍ୱ ରୁ ପାପ କୁ ଦୁର କରିବାକୁ ମହାପ୍ରଭୁ ଜଗତ ର ନାଥ ଜଗନ୍ନାଥ ଶ୍ରୀମନ୍ଦିର ରୁ ବାହାରକୁ ଆସି ଦର୍ଶନ ଦେଇଥାନ୍ତି, ଏହି ଚତୁର୍ଦ୍ଧା ମୂର୍ତ୍ତି ଙ୍କ ଦର୍ଶନ କରିବାକୁ ଭକ୍ତ ଟିଏ ବର୍ଷ ତମାମ ଅପେକ୍ଷା ରେ ଥାଏ । ସମଗ୍ର ବିଶ୍ୱର କୀଟ ପତଙ୍ଗ, ତରୁଲତା ଠାରୁ ଆରମ୍ଭ କରି ଦେବତା ଗଣ ମଧ୍ୟ ଏହି ମୁହୂର୍ତ୍ତ କୁ ଚାହିଁ ରହିଥାନ୍ତି । ଆମ ଓଡିଶା ର ବଡଠାକୁର ଚଳନ୍ତି ପ୍ରତିମା ମହାପ୍ରଭୁ ଜଗତ ର ନାଥ ଜଗନ୍ନାଥ, ତାଙ୍କ ପାଇଁ ଆମ ଓଡିଶା ରେ ବାର ମାସରେ ତେର ପର୍ବ ପାଳନ କରାଯାଏ, ତନ୍ମଧ୍ୟରୁ ରଥଯାତ୍ରା ଅନ୍ୟତମ ବା କେହି କେହି ଆମେ ତାକୁ ଘୋଷଯାତ୍ରା ବୋଲି କହିଥାଉ । ଏହି ପର୍ବଟି ପ୍ରତିବର୍ଷ ଆଷାଢ଼ ମାସର ଦ୍ୱିତୀୟା ତିଥି ପଡିଥାଏ, ଏହାକୁ ଲୋକେ ଗୁଣ୍ଡିଚା ଯାତ୍ରା ବୋଲି କହିଥାନ୍ତି । ଏହିଦିନ ଚତୁର୍ଦ୍ଧା ମୂରତି ଶ୍ରୀମନ୍ଦିର ରୁ ବାହାରି ରଥରେ ବସି ମାଉସୀ (ମା ଗୁଣ୍ଡିଚା) ଙ୍କ ଘରକୁ ଯାଆନ୍ତି! ବଳଭଦ୍ର ମହାପ୍ରଭୁ ତାଳଧ୍ୱଜ ରଥରେ, ମା ସୁଭଦ୍ରା ଦେବଦଳନ ରଥରେ ଶେଷରେ ସୁଦର୍ଶନ ଓ ମହାପ୍ରଭୁ ଜଗତ ର ନାଥ ଜଗନ୍ନାଥ (ଚକାଆଖି) ନନ୍ଦିଘୋଷ ରଥରେ ମାଉସୀ ଘରକୁ ଯାଆନ୍ତି । ପୃଥିବୀ ର କୋଣ ଅନୁକୋଣ ଏହି ଘୋଷଯାତ୍ରା କୁ ଦେଖିବାକୁ ଲୋକ ମାନେ ଶ୍ରୀକ୍ଷେତ୍ର ପୁରୀ ଧାମ କୁ ଆସିଥାନ୍ତି! ବିଶ୍ୱରେ ଅନେକ ଦେଶରେ ଏହି ରଥଯାତ୍ରା ପାଳନ କରାଯାଉଛି, କିନ୍ତୁ ଓଡିଶା ର ଶ୍ରୀକ୍ଷେତ୍ର ପୁରୀ ଧାମ ଘୋଷଯାତ୍ରା ପାଇଁ ବିଶ୍ୱ ପ୍ରସିଦ୍ଧ ! ପ୍ରତିବର୍ଷ ଅକ୍ଷୟ ତୃତୀୟା ଦିନ ଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ । ଏହି ରଥ ତିଆରି ପାଇଁ କାଠ ନୟାଗଡ ଜଙ୍ଗଲ ରୁ ଆସିଥାଏ, ବଳଭଦ୍ର ଙ୍କ ତାଳଧ୍ୱଜ ରଥକୁ ସବୁଜ ଓ ଲାଲ ରଙ୍ଗର କପଡା ରେ ସଜାଯାଇଥାଏ, ମା ସୁଭଦ୍ରା ଙ୍କ ଦେବଦଳନ ରଥକୁ କଳା ଓ ଲାଲ ର ରଙ୍ଗର କପଡା ରେ ସଜାଯାଇଥାଏ, ଜଗତ ର ନାଥ ଜଗନ୍ନାଥ ଙ୍କ ନନ୍ଦିଘୋଷ ରଥ କୁ ପିତ ଓ ଲୋହିତ ରଙ୍ଗର

ISSN NO.
2582-208X

କପଡା ରେ ସଜାଯାଇଥାଏ । ଏହି ତିନିରଥ ର ବିଭିନ୍ନ ପାର୍ଶ୍ୱରେ ଦେବତା ମାନଙ୍କ ପ୍ରତିମୂର୍ତ୍ତି କୁ ମଧ୍ୟ ଅତି ସୁନ୍ଦର ଭାବରେ ସ୍ଥାପନ କରାଯାଇଥାଏ । ଭକ୍ତମାନେ ଝଂଜା, ମୃଦଙ୍ଗ, ହୁଳହୁଳି ଅତି ଆନନ୍ଦର ସହ ଭକ୍ତିଗୀତ ଗାଇ, ଧାର ଧାର ଆଖିରୁ ଲୁହ ଝରାଇ ଡାକନ୍ତି "ଜଗନ୍ନାଥ ସ୍ୱାମୀ ନୟନ ପଥ ଗାମୀ -ଭବ ତୁମେ : ଭବ ତୁମେ : ଭବ ତୁମେ ।

"ଚତୁର୍ଦ୍ଧା ମୂରତି ତିନିରଥ କୁ ବିରାଜିତ ହେବାପରେ ଶଙ୍ଖ, କୀର୍ତନ, ଘଣ୍ଟ, ହୁଳହୁଳି, ହରିବୋଲ ରେ ତ୍ରିଭୁବନ କମ୍ପିଉଠେ । ଏହାପରେ ପୂର୍ବପୁରୁଷ ରୁ ଆଜ୍ଞା ଅନୁସାରେ ଇନ୍ଦ୍ରଦ୍ୟୁମ୍ନ ମହାରାଜ ଙ୍କ ପରିବାର ର ଉତ୍ତରାଧିକାରି ରାଜା ଗଜପତି ମହାରାଜ ରଥ ଉପରକୁ ଯାଇ ସୁନା ଖଡ଼ିକାରେ ଛେରା ପହଂରା କରନ୍ତି ! ପୂର୍ବପୁରୁଷ ରୁ ମହାପ୍ରଭୁ ଜଗନ୍ନାଥ ରାଜା ଇନ୍ଦ୍ରଦ୍ୟୁମ୍ନ ଙ୍କୁ କଥା ଦେଇଥିଲେ ଯେ ଯେ ପର୍ଯ୍ୟନ୍ତ ତୁମ ଅନ୍ତେ ତୁମ ପରିବାର ର ଉତ୍ତରାଧିକାରି ରଥ ଉପରକୁ ଆସି ଛେରା ପହଁରା ନ କରିବେ ସେ ପର୍ଯ୍ୟନ୍ତ ରଥ ର ଚକ ତିଳେ ମାତ୍ର ହଲିବ ନାହିଁ । ଏହାପରେ ପ୍ରତେକ ରଥରେ ଦୁଇଟି ଶକ୍ତ ଦଉଡି ବନ୍ଧା ଯାଏ ଓ ଏହି ଦୁଇଟି ଦଉଡି କୁ ଭକ୍ତ ମାନେ ଅତି ଆନନ୍ଦ ର ସହିତ ଟାଣି ଟାଣି ନେଇ ମାଉସୀ (ମା ଗୁଣ୍ଡିଚା) ଙ୍କ ଘର ନିକଟକୁ ନିଅନ୍ତି ! ଏହି ଅପୂର୍ବ ଶୋଭା ଦେଖିବାକୁ ସ୍ୱର୍ଗର ଦେବତା ମାନେ ଭିର୍ଣ୍ଣ ଭିର୍ଣ୍ଣ ରୂପରେ ଆସି ଚତୁର୍ଦ୍ଧା ମୂରତି ଙ୍କ ଦର୍ଶନ କରନ୍ତି । ମାଉସୀ ଙ୍କ ଘରେ ଚତୁର୍ଦ୍ଧା ମୂରତି ଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଏ । ନଅ ଦିନ ପ୍ରଭୁ ପୂଜାପାଇ ଜଗତର ନାଥ ଆହେ ଜଗନ୍ନାଥ, ତୁମରି ମାୟା କି ଅଜଣା, ଆଜି ମୋର ହାତେ ଲେଖୁଛ ତୁମେ ପ୍ରଭୁ, ନିଜର ଚକାନୟନ ବଖଣା ସାରିବା ପରେ ଦଶମୀ ଦିନ ମହାପ୍ରଭୁ ଶ୍ରୀମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରନ୍ତି ଏହାକୁ ଆମେ ବାହୁଡ଼ା ଦଶମୀ ରୂପେ ମାନିଥାଉ । ପୁନର୍ବାର ପଣ୍ଡା ଓ ଦଇତାପତି ମାନେ ତିନି ରଥ ଉପରକୁ ଠାକୁର ଙ୍କୁ ଆଣି ବିରାଜମାନ କରାନ୍ତି, ଏହାପରେ ପୁଣି ରଥ ରେ ବସି ପ୍ରଭୁ ଭକ୍ତଙ୍କ ମେଳରେ ସିଂହଦ୍ୱାର ନିକଟକୁ ଆସନ୍ତି ! ଏହାପରଦିନ ଏକାଦଶୀ ତିଥି ପଡେ, ଏହି ତିଥିରେ ପ୍ରଭୁମାନେ ସୁନାବେଶ ରେ ରଥ ଉପରେ ବସି ଦର୍ଶନ ଦିଅନ୍ତି । କଥାରେ ଅଛି ଏହି ସୁନାର ବେଶ ଦେଖିବାକୁ 33 କୋଟି ଦେବତା ବିଭିନ୍ନ ରୂପରେ ଆସି ଦର୍ଶନ କରନ୍ତି! ଠିକ ଏହା ପରଦିନ ଦ୍ୱାଦଶୀ ତିଥି

ISSN NO.
2582-208X

ପଡେ, ଏହିଦିନ ରଥ ଉପରେ ଅଧର ପଣା ନୀତି କରାଯାଏ, ଅଧର ପଣା ନୀତି ସମାପ୍ତ ପରେ ଚତୁର୍ଦ୍ଧା ମୂରତି ଙ୍କୁ ଶ୍ରୀମନ୍ଦିର ଭିତର କୁ ରୀତିନୀତି ରେ ନିଆଯାଏ । ଓଡିଶା ର ଶ୍ରୀକ୍ଷେତ୍ର ପୁରୀ ଧାମରେ ପ୍ରତିବର୍ଷ ସାରାବିଶ୍ୱରୁ ଲକ୍ଷଲକ୍ଷ ଲୋକ ଆସି ମହାପ୍ରଭୁ ଙ୍କ ଦର୍ଶନ ଲାଭକରି ପାପ କ୍ଷୟ କରନ୍ତି! ରଥଯାତ୍ରା ଆମର ଏକ ଜାତୀୟ ପର୍ବ, ଧର୍ମ, ଜାତି, ନିର୍ବିଶେଷରେ ବିଭିନ୍ନ ପ୍ରଦାୟର ଲୋକ ଅତି ଆନନ୍ଦ ଉଲ୍ଲାସ ର ସହିତ ଏକତ୍ରିତ ହୋଇ ଜଗତ ର ନାଥ ଜଗନ୍ନାଥ, କାଳିଆ ସାଆନ୍ତ ଙ୍କ ଏହି ମହା ପ୍ରସିଦ୍ଧ ରଥଯାତ୍ରା କୁ ସଫଳତା ର ସହିତ ପାଳନ କରନ୍ତି । ଜଗତ ର ନାଥ ଆହେ ଜଗନ୍ନାଥ, ତୁମରି ମାୟା କି ଅଜଣା, ଆଜି ମୋର ହାତେ ଲେଖୁଛ ତୁମେ ପ୍ରଭୁ, ନିଜର ଚକାନୟନ ବଖଣ ।

କବୟିତ୍ରୀ /ସମାଜସେବୀ
ଶବଳକଣା, ମାହାଙ୍ଗା, କଟକ
ମୋ: ୯୩୩୭୦୭୧୭୧୫
Email :-subhashreemohapatra463@gmail.com

ISSN NO.
2582-208X

# ସ୍ୱାଧୀନ ଚେତନା



ଅମୃତନାରାୟଣ ଶତପଥୀ

ସ୍ୱାଧୀନ ଭାବନା, ସ୍ୱାଧୀନ ଚେତନା, ସ୍ୱାଧୀନତା ମନ୍ତ୍ର ନେଇ,
୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନତା ଥିଲା ପାଇ।(୧)

ଇଂରେଜ ଶୋଷଣ,କଷଣରୁ ମୁକ୍ତି ପାଇଲା ଯେ ଏହି ଦିନ,
ଅବଶୋଷ ଯାହା ରହିଗଲା ଏତିକି ହୋଇଯାଇ ବିଭାଜନ।(୨)

କେତେ ଯେ ସହିଦ କେତେ ଦେଶପ୍ରେମୀ ପୁଣି ସେ ବୀରତ୍ୱ ଗାଥା,
ମନ ମସ୍ତିଷ୍କରେ ଉଦଭାସିତ ହୁଏ, ଥାଏ ଯେ ସ୍ୱାଧୀନ ଚେତା।(୩)

ଅହିଂସା,ଅସହଯୋଗ,ଆଇନଅମାନ୍ୟ ହୋଇ ଯେ ଆନ୍ଦୋଳନ,
ଆହୁରି କେତେ ପ୍ରକାରେ ଚାଲିଲା ସ୍ୱାଧୀନତାର ସଂଗ୍ରାମ।(୪)

ନିଷ୍ଠୁର ଶୋଷକ ଶୋଷଣରୁ ମୁକ୍ତି ପାଇଲା ଏହି ଦିନ ଦେଶ,
ତ୍ରିରଙ୍ଗା ଉଡାଇ ସ୍ୱାଧୀନତା ପାଳନେ ବଢିଲା ଦେଶର ଯଶ।(୫)

ସେହି ଦିବସକୁ ପ୍ରତିବର୍ଷ ଆମେ ପାଳୁ ସ୍ୱାଧୀନତାର ଦିବସ,
ମନ ମଧ୍ୟେ ରଖି ସ୍ୱାଧୀନ ଚେତନା, ସ୍ୱାଧୀନ ଭାରତବର୍ଷ।(୬)

ISSN NO.
2582-208X

ମନେ ପକାଉ ସେ ତ୍ୟାଗ ସମର୍ପଣ ପୁଣି ଆହେ ବଳୀଦାନ,
ମହାପୁରୁଷଙ୍କ ମହାନତା ଯାହା କରିଲା ଦେଶ ସ୍ୱାଧୀନ।(୭)

ସ୍ୱାଧୀନତା ସ୍ୱାଦ ଆସ୍ୱାଦନ ପାଇଁ ଲୋଡା ସ୍ୱାଧୀନ ଚେତନା,
ମନ ମଧ୍ୟେ ରଖି ଐକ୍ୟ, ଅଖଣ୍ଡତା, ଗଣତନ୍ତ୍ରାଦି ଭାବନା।(୮)

ସ୍ୱାଧୀନତା ପାଇଁ ହୋଇଥିବା ସେହି ରକ୍ତିମ ପୁଣି ସଂଘର୍ଷ,
ସବୁ ସ୍ୱାଧୀନତା ସଂଗ୍ରାମୀ ଅଟନ୍ତି ଜଣେ ଜଣେ ମହାପୁରୁଷ।(୯)

ତାଙ୍କର ପଦାଙ୍କ ଅନୁସରଣ କରି ସ୍ୱାଧୀନତା ଦିବସେ ଏହି,
ଦେଶପ୍ରେମୀ ସିଏ ହୃଦୟେ ସ୍ୱାଧୀନ ଚେତନାଟି ଥାଏ ରହି।(୧୦)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଶ୍ରୀମତୀ ବର



ଦେବଯାନୀ ବାରିକ୍

ଶ୍ରୀମତୀ ବର ଶ୍ରୀପତି ଦାମୋଦର ।
ମାଳତୀ ମରୁଆ ପ୍ରିୟ ବେଣୁଧର ।
ନକ୍ଷତ୍ରେଶ ବଂଶ ର ସେ ସମୁଦ୍ଭବ ।
କଳି କଳୁଷ ନାଶନ ରାଧାଧବ ।
ପିବ ପିବ ମନ ନାମ ସୁଧା ରସ ।
ଲୟ ଲଗା ସଦା ସୁଧି ହୃଷୀକେଶ ।
ଚଞ୍ଚଳା ପରା ଯାହାର ପରିଚାରୀ ।
ରସ ସାଗର ନାଗର ଗିରିଧାରୀ ।
ନବ ଜଳଧର ରୂପ କି ସୁନ୍ଦର ।
ବାଳ ମୁକୁନ୍ଦ ମାଧବ ରମା ବର ।
ରିଦ୍ଧି ସିଦ୍ଧି ଦାତା ହରି ବଂଶୀଧର ।
କମଳ ନୟନ କୃଷ୍ଣ ଶ୍ରୀୟା ବର ।
ମକର କୁଣ୍ଡଳ ଶୋହେ ଗଣ୍ଡ ସ୍ଥଳ ।
ହୁଅ ସାବଧାନ ସ୍ମରି ନନ୍ଦବାଳ ।

ମହୁ, ଆଲି,କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# କନ୍ୟା ଆଖିରେ ବନ୍ୟା



ସିନ୍ଧୁ ନନ୍ଦିନୀ

ଅନନ୍ୟା ବିଚିତ୍ରା ଅବର୍ଣ୍ଣନୀୟା
ବିଶ୍ୱ ମାତୃକାର ଛାୟା
ଅନ୍ୱେସା ଅଳକା ନିନ୍ଦିତା ରୁପା
ସରଳା ସୁଶ୍ରୀ ତା କାୟା

ଦୁହିତା ଭଗିନୀ ଜାୟା
ଧରେ କେତେ କେତେ ରୂପ
ଜନନୀ ରୂପେଣ ତା ଦେବୀ ସର୍ବସଂହା
ଶକ୍ତି ତା ଅମାପ ମାପ

ଶକ୍ତିରେ ଅଟଇ ତୁ ମା ଦୁର୍ଗା
ବିଦ୍ୟାରେ ବୀଣାପାଣି ମା
ଧନ ରେ ଅଟେ ପୁଣି ତୁ ମାତା ବିମଳା
କନ୍ୟା ପାଇ ମୁଁ ନିଜେ ଧନ୍ୟା

ଶହେ ଜନ୍ମର ତପସ୍ୟା ବଳରେ
ଗୃହରେ ଜନ୍ମନ୍ତି କନ୍ୟା
କନ୍ୟା ନୁହେଁ ସିଏ ପ୍ରଭୁ ଆଶୀର୍ବାଦ
ନୀତି ଛୁଟାଏ ଖୁସି ର ବନ୍ୟା

ଧଉଳି, ଭୁବନେଶ୍ୱର

ISSN NO.
2582-208X

# ସେ ଝିଅଟି



ଡଃ ପ୍ରଦୀପ କୁମାର ପଣ୍ଡା

ସେଦିନ ସଅଳ ସଅଳ ସ୍କୁଲ ରେ ପହଞ୍ଚି ରୂପା କାନ୍ଦୁଥିବାର ଦେଖିଲି। ରୂପା ପଞ୍ଚମ ପଢୁଥିବା ଦଶ କି ଏଗାର ବର୍ଷର ଶ୍ୟାମଳୀ ଝିଅଟିଏ। ବହୁ ବର୍ଷ ପୂର୍ବେ ତାକୁ ଯେତେବେଳେ ଚାରି କି ପାଞ୍ଚ ବର୍ଷ ହେଉଥିଲା ତା'ର ମାଆ ଆର ପାରିକୁ ଚାଲିଗଲେ। ଏହା ପରେ ତାର ମାମୁଁ ତାଙ୍କ ଘରକୁ ନେଇ ଆସିଥିଲେ। ସେବେଠାରୁ ସେ ତାର ମାମୁଁ ଘରେ ରହୁଛି। ମାମୁଁ ଯେତେ ଭଲ ମାଇଁ ସେପରି ନୁହନ୍ତି। ରୂପା କୁ ଦେଖି ସେ ଜମା ସହି ପାରନ୍ତି ନାହିଁ। ମାମୁଁ ଙ୍କ ଅନୁପସ୍ଥିତିରେ ନିର୍ଯାତନା ଦେବାକୁ ପଛାଇ ନ ଥାନ୍ତି। ମାଡ଼ ଗାଳି ଠୁ ଆରମ୍ଭ କରି ଖାଇବା ପିନ୍ଧିବା ପର୍ଯ୍ୟନ୍ତ କିଛି ବାଦ ପଡ଼େ ନାହିଁ। ଅନେକ ଥର ସେ କାନ୍ଦୁଥିବାର ଦେଖି ତାକୁ ପାଖକୁ ଡାକି ଏକାନ୍ତରେ ଅନେକ ବୁଝାଇବାର ପ୍ରଚେଷ୍ଟା କରିଛି ତ କେବେ କେବେ ତା ସହିତ ବସି ନିଜେ ଲୁହ ଝରାଇଛି। ସ୍କୁଲ ବାରଣ୍ଡାରେ ରୂପା ଏକା ଏକା କାନ୍ଦୁଥିବାର ଦେଖି ପାଖକୁ ଯାଇ ପଚାରିଲି, "ତୁ କାନ୍ଦୁଛୁ !" ମୋର ଏ ଆଶ୍ୱାସନା ଶୁଣି ତା'ର ଛାତି ଭିତରେ ଚାପି ରଖି ଥିବା ଅମାନିଆ କୋହ ବାଡ଼ ଲଙ୍ଘନ କଲା। ନିଜର କୁନି କୁନି ହାତରେ ଲୋତକ ପୂର୍ଣ୍ଣ ଚକ୍ଷୁକୁ ଲୁଚାଇବାକୁ ବୃଥା ଚେଷ୍ଟା କରି ଭେଏଁ କିନା କାନ୍ଦି ଉଠିଲା। ତା ମୁଣ୍ଡରେ ହାତ ରଖି ପ୍ରବୋଧନା ଦେବାପାଇଁ ପଚାରିଲି, "ଆଜି ଏତେ ଶୀଘ୍ର କାହିଁ ପୁଣି ଏକା ଏକା ବସି କାନ୍ଦୁଛୁ?" କଥା ପଦକ ଶୁଣି ସେ କାନ୍ଦ ବନ୍ଦ କଲା । ପୁଣି ପଚାରିଲି, "ଆଜି କ'ଣ ଖାଇଲୁ ?" ସେ ପୁଣି କଇଁ କଇଁ ହୋଇ କାନ୍ଦି ଉଠିଲା । କାନ୍ଦି କାନ୍ଦି ସେ କହିଲା, "କାଲିଠୁ ମୁଁ କିଛି ଖାଇନି। ଭୋକ ରେ ପେଟ କାଟୁଛି।" ତାକୁ ସାଙ୍ଗରେ ନେଇ ଅଫିସ ଖୋଲିଲି। ନିକଟରେ ଥିବା ପାଣି ଟେପରୁ ମୁହଁ ହାତ ଧୋଇ ଆସିବା ପାଇଁ କହିଲି । ସେ ଆସିଲା ପରେ ତାକୁ ବସିବାକୁ କହିଲି ଓ ଦ୍ୱିପ୍ରହର ପାଇଁ ମୁଁ ମୋ ପାଇଁ ନେଇ ଥିବା ଖାଦ୍ୟ ତା ଆଗରେ ପରସି ଦେଲି। କ'ଣ ଭାବି ସେ ଥରେ ମୋ ମୁହଁକୁ ଚାହିଁ ଥରେ ଖାଦ୍ୟକୁ

ISSN NO.
2582-208X

ଚାହିଁଲା ଏବଂ ଖାଇବା ଆରମ୍ଭ କଲା । ଖାଉ ଖାଉ ପ୍ରଥମ ରୁ ଛାତିରେ ଖାଦ୍ୟ ଲାଖି ଯାଇ ହିକ୍କା ଉଠିଲା । ସଙ୍ଗେ ସଙ୍ଗେ ମୁଁ ପାଣି ବୋତଲରୁ ପାଣି ଦେବା ସହିତ ପିଠିକୁ ଥାପୁଡ଼େଇଦେଲି । ସେ ପାଣି ପିଇଲା ପରେ ହିକ୍କା ବନ୍ଦ ହୋଇଗଲା। ସେ ପୁଣି ଖାଇବା ଆରମ୍ଭ କଲା । ମୁଁ ଯାଇ ଫେନର ସୁଇଚ ଟାକୁ ଅନ୍ କରିଦେଲି । ଖାଇ ସାରିବା ପରେ ମୁହଁ ହାତ ଧୋଇ ପାଖକୁ ଆସିଲା। ପାଖକୁ ଆସି ଯିଶୁ ସାଏ କହି ହାତ ମିଳାଇଲା। ମୁଁ କହିଲି, "ମୁଁ ତ ଭଗବାନ ନୁହଁ । ମୋ ସହିତ କାହିଁକି ଏପରି କଲ ?" ସେ କହିଲା, "ତଥାପି ତୁମେ ଭଗବାନ, ତୁମେ ନିଶ୍ଚୟ ଭଗବାନ । ମୁଁ ଶୁଣିଛି ଭଗବାନଙ୍କୁ ମନ ଦେଇ ଡାକିଲେ କାଳେ ରୂପ ବଦଳାଇ ଆସନ୍ତି ଓ ସହାୟତା କରନ୍ତି।" ମୁଁ ତାକୁ ପାଖରେ ବସାଇଲି। ଏତେ ବେଳ ପର୍ଯ୍ୟନ୍ତ କେହି ଆସି ନ ଥିଲେ । ସେ ଛଳ ଛଳ ଆଖିରେ ଗୋଟି ଗୋଟି କରି ତା'ର ସବୁ ଦୁଃଖ ପ୍ରକାଶ କଲା। ତା ମୁଣ୍ଡରେ ହାତ ରଖି ତାକୁ ଆଶ୍ୱାସନା ଦେଲା ସମୟରେ ତାର କୁନି କୁନି ହାତ ଦୁଇଟିରେ ମୋ ହାତକୁ ଚାପି ଧରିବା ଭିତରେ ସେ ଖୋଜି ପାଉଥିଲା ହରାଇଥିବା ମାଆର ମଧୁଝରା ବାତ୍ସଲ୍ୟ ସ୍ନେହ। ସେବେଠାରୁ ସମ୍ପର୍କର ଘନିଷ୍ଠତା ଘନିଷ୍ଠତର ହେଲା।

ପ୍ରତି ଦିନ ମୁଁ ସ୍କୁଲକୁ ଯାଏ ଏବଂ ଆସେ । ପାତର ଅନ୍ତର ନ କରି ସ୍ନେହପୂର୍ଣ୍ଣ ଭାବରେ ସମସ୍ତଙ୍କୁ ପାଠ ପଢାଏ । ସେ କିନ୍ତୁ ଏକ ଭିନ୍ନ ଦୃଷ୍ଟି ନେଇ ତା'ର କଥା କୁହା ଆଖିରେ ମୋତେ ଅନାଉ ଥାଏ । ବୋଧହୁଏ ସେ ଖୋଜୁଥିଲା ଅନେକ ବର୍ଷର ହରାଇଥିବା ମାଆର ଅନାବିଳ ସ୍ନେହ ।

ସମୟକ୍ରମେ ସେ ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଇ ନବୋଦୟ ବିଦ୍ୟାଳୟରେ ନାମ ଲେଖାଇଲା । ଏ ଭିତରେ ଅନେକ ବର୍ଷ ଅତିକ୍ରାନ୍ତ ହୋଇଗଲା । ଏକଦା ପଡୋଶୀ ଘରର ମଉସାଙ୍କ ଦେହ ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ଆପୋଲୋ ହସ୍ପିଟାଲ ତାଙ୍କ ସହିତ ଯାଇଥିଲି। କାରଣ ତାଙ୍କ ପୁଅ ବୋହୁ ସୁଦୂର ଆମେରିକାରେ ରହୁଥିଲେ। ସେଠାରେ ଡ଼ାକ୍ତର କହିଲେ ତାଙ୍କ ହାର୍ଟ ରେ ଅସୁବିଧା ଥିବା କଥା କହିଲେ। ଯେଉଁ ଥି ପାଇଁ ତାଙ୍କର କ୍ରିଟିକାଲ ଅପରେସନ ଆବଶ୍ୟକ ଅଛି ବୋଲି କହିଲେ । ଏଥିପାଇଁ ତାଙ୍କୁ ବମ୍ବେ ଯିବାକୁ ପଡିବ।

ISSN NO.
2582-208X

ବମ୍ବେ ଯିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ହେବାପରେ ବମ୍ବେର ନାନାବତୀ ହସ୍ପିଟାଲ ସହିତ ଯୋଗାଯୋଗ କରି ସେଦିନ ସନ୍ଧ୍ୟା ସମୟରେ ଭୁବନେଶ୍ୱରରୁ ବମ୍ବେ ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦରରୁ ଉଡାଜାହାଜ ରେ ଯିବା ସମୟରେ ମଉସା ଛାତିରେ ଯନ୍ତ୍ରଣା ଅନୁଭବ କଲେ । ମୁହଁରେ ଅକ୍ସିଜେନ୍ ଲାଗିଥାଏ ସେ ମୁହଁକୁ ଏପରି କଲେ ସତେ ଯେମିତି ବର୍ତ୍ତମାନ ତାଙ୍କ ଜୀବନ ଦୀପ ଲିଭିଯିବ। ବାକି ସମସ୍ତେ ସହାନୁଭୂତି ଦେଖାଉଥିଲେ ସିନା ସାହାଯ୍ୟ କରି ଜେଜେ ପାରୁନଥିଲେ । ମୁଁ ବା କ'ଣ କରି ପାରିଥାନ୍ତି କେବଳ ମନେ ମନେ ଜଗନ୍ନାଥଙ୍କୁ ଡାକୁଥାଏ ଏବଂ ତାଙ୍କ ହାତକୁ ଧରି ପ୍ରବୋଧନା ଦେଉଥାଏ । କିଛି ସମୟପରେ ଇଣ୍ଡିଗୋ ବିମାନ ବମ୍ବେ ଇଣ୍ଟରନେସନାଲ ଏଆରପୋର୍ଟରେ ଅବତରଣ କଲା । ସେଠାରୁ ଓହ୍ଲାଇଲା ପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ନାନାବତୀ ହସ୍ପିଟାଲର ଅତ୍ୟାଧୁନିକ ଆମ୍ବୁଲାନ୍ସରେ ତାଙ୍କୁ ହସ୍ପିଟାଲ ନିଆଗଲା। ତାଙ୍କ ଅବସ୍ଥା ଦେଖି ତାଙ୍କୁ ସଙ୍ଗେ ସଙ୍ଗେ ଆଇ.ସି.ୟୁ ରେ ରଖାଗଲା । ଏ ଭିତରେ ମୁଁ କାଉଣ୍ଟରକୁ ଯାଇ ଔପଚାରିକ କାଗଜ ପତ୍ର କାମ ସାରି ଦେଇଥିଲି। ମଉସାଙ୍କ ସହିତ ସେଦିନ ଆଉ ଦେଖା ହୋଇ ପାରିଲା ନାହିଁ। କିନ୍ତୁ ତ୍ୱରିତ ଗତିରେ ମଉସାଙ୍କ ଯାବତୀୟ ଟେଷ୍ଟ କରାଗଲା। ପରବର୍ତ୍ତୀ ଦିନରେ ତାଙ୍କୁ ଅପରେସନ ପାଇଁ ପ୍ରସ୍ତୁତ କରାଗଲା। ସନ୍ଧ୍ୟା ସମୟରେ ତାଙ୍କୁ ଅପରେସନ ଥିଏଟରକୁ ନିଆଗଲା । ଅପରେସନ ଛଅ ଘଣ୍ଟା ପର୍ଯ୍ୟନ୍ତ ଚାଲିଲା । ଛଅ ଘଣ୍ଟା ପରେ ଡାକ୍ତର ଆସି କହିଲେ କଙ୍ଗରାଚୁଲେସନ ଅପରେସନ ସକ୍ସେସଫୁଲ ହେଲା। ଏହି ଅସ୍ତ୍ରୋପଚାର ଏତେ କଠିନ ଥିଲା ଯେ କରିବା ବହୁତ କଷ୍ଟକର ହୋଇଥିଲା। ଭାଗ୍ୟ ଭଲ ସେଦିନ ଆମେରିକାରୁ ଫେରି ଆମ ଗହଣରେ ଥିଲେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ହୃଦରୋଗ ବିଶେଷଜ୍ଞ ଡାକ୍ତର ରୂପା ମେଡମ। ତାଙ୍କ ଯୋଗୁଁ ଆଜିର ଏ ସଫଳତା । ମୁଁ ଅନୁରୋଧ କଲି ଯାହା ପାଇଁ ମୋ ମଉସାଙ୍କ ହାର୍ଟ ଅପରେସନ ସଫଳ ହେଲା ତାଙ୍କୁ ଟିକିଏ ଦେଖା କରିବି। ଡାକ୍ତର ଜଣକ ମୁଁ ଚେଷ୍ଟା କରିବି ବୋଲି କହି ଚାଲିଗଲେ ।

ପ୍ରାୟ ଅଧ ଘଣ୍ଟା ପରେ ଆଉ ଜଣେ ଲେଡି ଡାକ୍ତର ଆସି ଡକ୍ଟର ରୂପା ମେଡମ ଅପେକ୍ଷା କରୁଛନ୍ତି କହି ଡାକିଲେ । ତାଙ୍କ ସହିତ ଗଲା ବେଳେ ମନେ ମନେ ଡାକ୍ତର ରୂପା ମେଡମଙ୍କୁ ସହସ୍ର ଧନ୍ୟବାଦ ଦେଉଥାଏ । ତାଙ୍କ ଚେମ୍ବର ଆଗରେ ପହଞ୍ଚିଲା ପରେ ସେ କବାଟକୁ ଠକ୍ ଠକ୍ କଲେ। ଭିତରୁ ଶୁଭିଲା ଆସ । ଭିତରକୁ ଗଲା ପରେ ଦେଖିଲି ସେ କିଛି ରିପୋର୍ଟ ଦେଖିବାରେ ବ୍ୟସ୍ତ ଥିଲେ । ମୋ ଆଡ଼କୁ ଲକ୍ଷ ନ କରି ବସିବାକୁ କହି

ISSN NO.
2582-208X

ରିପୋର୍ଟ ଦେଖାରେ ବ୍ୟସ୍ତ ରହିଲେ । ଦେଖିଲି ଟେବୁଲ୍ ସେ ପାଖରେ ବସିଥିବା ଡାକ୍ତରାଣି ଜଣକ ବେଶ ପୋଷାକରୁ ଜଣେ ଓଡ଼ିଆ ଝିଅ ପରି ଦେଖାଯାଉଥିଲେ। ପତଳା ଗୋରା ଦେହକୁ ସମ୍ବଲପୁରି ଶାଢ଼ୀ ବେଶ ମାନୁଥିଲା। ଲମ୍ବା ଘନ କୃଷ୍ଣ ବେଣୀ ତାଙ୍କ ସୌନ୍ଦର୍ଯ୍ୟ କୁ ବହୁ ଗୁଣରେ ବଢାଇ ଦେଉଥିଲା। ଏତେ ଦୀର୍ଘ ସମୟ ଅପରେସନ ଥିଏଟରରେ କାମ କରିବା ପରେ ବି ପରିଶ୍ରମ ଜନିତ କ୍ଲାନ୍ତି ପରିବର୍ତ୍ତେ ମୁଖରେ ଲାଖି ରହି ଥିଲା ସ୍ମିତ ହାସ୍ୟ। ଏ ଭିତରେ ବେଶ ଦଶ ପନ୍ଦର ମିନିଟ୍ ବିତିଯାଇଥିଲା। ସେ ତାଙ୍କ କାମ ସାରି ମୁଣ୍ଡ ଉଠାଇଲା ପରେ ମୁଁ ଦୁଇ ହାତ ଯୋଡ଼ି ନମସ୍କାର କରିବା ସମୟରେ ସେ ପ୍ରତି ନମସ୍କାର ନ କରି ବିସ୍ଫୋରିତ ନୟନରେ ମୋତେ ଦେଖିବାକୁ ଲାଗିଲେ । ତାଙ୍କୁ ଏପରି ଅବସ୍ଥାରେ ଦେଖି ମୁଁ କିଂକର୍ତ୍ତବ୍ୟବିମୁଢ ହୋଇଗଲି । ସେ ଚୌକିରୁ ଉଠି ଆସି ମୋ ପାଦ ଛୁଇଁ ପ୍ରଣାମ କଲେ। ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି, "ମୁଁ ଆପଣଙ୍କୁ ନମସ୍କାର କରିବା କଥା ଆପଣ ଆମର ଭଗବାନ, ଆପଣଙ୍କ ଯୋଗୁଁ ମଉସା ବଞ୍ଚି ଗଲେ । ଆପଣଙ୍କୁ ମୁଁ ଚିହ୍ନି ପାରିଲି ନାହିଁ ।" ସେ ହସି ହସି କହିଲେ, "ଆପଣ ସିନା ମୋତେ ଭୁଲି ଗଲେ ହେଲେ ମୁଁ ଆପଣଙ୍କୁ ଭୁଲି ନାହିଁ। ଏତେ ଦୀର୍ଘ ବର୍ଷ ହେଲେ ମଧ୍ୟ ଆପଣଙ୍କ ଚେହେରା ଆପଣ କହିଥିବା ପ୍ରତ୍ୟେକ କଥା ମୋର ମନ ମଧ୍ୟରେ ଚିର ସତେଜ ହୋଇ ରହିଛି । ମୁଁ ହେଉଛି ଆପଣଙ୍କ ସେଇ ରୂପା । ଆପଣ ମୋତେ ଆପଣ ନ କହି ରୂପା ବୋଲି ଡାକନ୍ତୁ ।" ତା କଥା ଶୁଣି ମୋ ଆଖି ରୁ ଦୁଇ ଧାର ଲୁହ ବୋହି ଗଲା। ତାକୁ କୁଣ୍ଢାଇ ପକାଇ କହିଲି, "ମୋ ମାଆ ସତରେ କେଡ଼େ ବଡ଼ ହୋଇଗଲା। ଭଗବାନଙ୍କ ଅସୀମ ଦୟା। ମୋ ରୂପା ଆଜି ଡାକ୍ତର ହୋଇ ଦେଶ ସେବା କରୁଛି। ମୁଁ ଆଶୀର୍ବାଦ କରୁଛି ତୁ ଜୀବନରେ ଉତ୍ତରୋତ୍ତର ଉନ୍ନତି କର।" ଏହା ପରେ ତାର ଜୀବନ ସଙ୍ଘର୍ଷ କାହାଣୀ କହି କାନ୍ଦି ପକେଇଲା । ତା ମୁଣ୍ଡରେ ହାତ ଥୋଇ ତାକୁ ପ୍ରବୋଧନା ଦେଲି। ସେ ପୁଣି ମୋ ପାଦ ଛୁଇଁ ପ୍ରଣାମ କଲା ଏବଂ ପରଦିନ ପୁଣି ରୁଷିଆ ଅଭିମୁଖେ ଯିବା ପାଇଁ ମୋର ଅନୁମତି ଲୋଡିଲା। ହସ କାନ୍ଦ ଭିତରେ ମୁଁ ତାକୁ ତା'ର କର୍ତ୍ତବ୍ୟ ପଥରେ ଆଗେଇ ଯିବା ପାଇଁ ଶୁଭାଶୀର୍ବାଦ କରି ବିଦାୟ ଦେଲି । ଧୀର ପାଦରେ ଫେରିବା ସମୟରେ ଭାବୁଥିଲି ଶିକ୍ଷକତା ଜୀବନରେ ଏହାଠାରୁ ଅଧିକ ଆଉ କ'ଣ ବା ହୋଇପାରେ ।

ଆନନ୍ଦ ନଗର, କୁଳୁଥକାନ
ସମ୍ବଲପୁର- ୭୬୮୦୦୧

ISSN NO.
2582-208X

# ମାଟିର କଳାକାର



ସୁହଂସ ଭୋଇ

ମନ ଗହନରେ ଲାଗିଥାଏ ନିଆଁ
ଭୋକ ବିକଳରେ ପେଟ
ରଙ୍ଗର ପ୍ରଲେପ ଲାଗିଲେ ମୁହଁରେ
କରେ କେତେ ମିଛ ନାଟ

ଥିଲେ ଥାଉ ପଛେ ହଜାର ହଜାର
ହୃଦୟେ ଅକୁହା କୋହ
ରଙ୍ଗ ବେରଙ୍ଗର ଆଲୋକ ପଡିଲେ
ଶୁଖି ଯାଏ ଆଖି ଲୁହ

ଅଭିନୟ ପେଶା ପେଟ ପୁରେ ନାହିଁ
ପାଲଟିଯାଏ ସେ ନିଶା
ଧାଉଁଥାଏ ନିତି ପଛେ ପଛେ ନିଶି
ଛାଡିକି ଘର ବେଉସା

ଦିନ ଆଉ ରାତି ଭିତରେ ଫରକ
ପାରେ ନାହିଁ ସେତ ବୁଝି
ଜୀବନ ନଉକା ଧିରେ ବାହିନିଏ
କାତଧରି ସାଜି ମାଝୀ

ISSN NO.
2582-208X

ଚକମକ ବେଶ ଖୋଳପା ଭିତରେ
କେବେ ରଙ୍କ କେବେ ନୃପ
ନିଖୁଣ ଚରିତ୍ରେ ଅଭିନୟ ସାରି
ଛାଡ଼ି ଯାଏ ନିଜ ଛାପ

ମାଟି କଳାକାର ମାଟିରେ ମିଶଇ
ବଣ ମଲ୍ଲିଫୁଲ ସମ
ବଣେ ଫୁଟି ସଜ ବାସି ହୁଏ ବାସ
ଜୀବନ ବଡ଼ ବିଷମ

ପହଣ୍ଡି, ବରଗଡ଼

ISSN NO.
2582-208X

# ମୋ ନାଆଁ ବ୍ୟଙ୍ଗ



ନୀଳମଣି ଗୁନ୍ଦ

ଅବାଟିଆଙ୍କୁରେ ବାଟକୁ ଆଣେ
ଅମଣୁଆଙ୍କୁରେ ମଣେଇ ଜାଣେ
ଅବାଗିଆଙ୍କୁରେ ଦିଏ ବାଗେଇ
କହେ ଭଲ ବାଟେ ଯାଅ ଆଗେଇ
ଛଡ଼ାଏ ରଙ୍ଗ
ଜାଣନ୍ତି ସମସ୍ତେ ମୋ ନାଆଁ ବ୍ୟଙ୍ଗ ।

କେବେ କେବେ ମୁହିଁ କାର୍ଟୁନ୍ ହୁଏ
ଶରପରି ଭେଦୀ ହୃଦୟ ଛୁଏଁ
ଅଲାଜୁକଙ୍କୁରେ ବାଣ୍ଟେ ମୁଁ ଲାଜ
ଥଟ୍ଟା, ପରିହାସ ପରା ମୋ ସାଜ
ଭିନ୍ନ ମୋ ଢଙ୍ଗ
କହନ୍ତି ସମସ୍ତେ ମୋ ନାଆଁ ବ୍ୟଙ୍ଗ ।

ଚରିତ୍ର ସଂହାର ନୁହଁ ମୋ କାମ
ବଦଳେଇ ଦେବା ଅଟେ ମୋ ଧର୍ମ
ବିଦ୍ରୂପ, ଚିଗୁଲାଚିଗୁଲି କରେ

ISSN NO.
2582-208X

ମୋ କଥାକୁ ଧରିବନି ମନରେ
ହୁଅ ମୋ ସଙ୍ଗ
କହନ୍ତି ସମସ୍ତେ  ମୋ ନାଆଁ ବ୍ୟଙ୍ଗ ।

କିଏ ମୋତେ ବାଇଡଙ୍କଟି ଡାକେ
ବିଛୁଆତି ପରି ଯାଏ କା ପାଖେ
ଦୁର୍ମୁଖ ହୋଇକି ସବୁ ତ ଖୋଲେ
ସତ୍ୟ ପଥଟିରେ ସର୍ବଦା ଚାଲେ
ଭିନ୍ନ ମୋ ଢଙ୍ଗ
କହନ୍ତି ସମସ୍ତେ  ମୋ ନାଆଁ ବ୍ୟଙ୍ଗ ।

ନ ହୋଇ ଟିକିଏ ମୁଁ ହଲଚଲ
ଭେଲକୁ କରାଏ ମୁହିଁ ଯେ ଭଲ
ଅମାପ ଶକତି ମୋ ଠାରେ ଠୁଳ
ବେଶୀ ଗହୀରରେ ଅଛି ମୋ ମୂଳ
ଧରେ ମୁଁ ମଙ୍ଗ
କହନ୍ତି ସମସ୍ତେ  ମୋ ନାଆଁ ବ୍ୟଙ୍ଗ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଇନ୍ଦ୍ରଧନୁ



ନିରଞ୍ଜନ ସାହୁ

ଆକାଶରେ ଇନ୍ଦ୍ରଧନୁ ଦେଖି କେ' ପାଶୋରେ ମନୁ
ଲାଖିରହେ ଆଖି ତା'ର ସୌନ୍ଦର୍ଯ୍ୟ ଦେଖି
ଭାବୁକ ଓ ଦାର୍ଶନିକ ରସ ପିପାସୁ ଗ୍ରାହକ
କବି ଲେଖକ କଲମ ପାରଇ ଲେଖି
ସରସତା ମନରେ ଭରେ
ଗ୍ଲାନି ଅବସାଦ ଯେତେ ନିଶ୍ଚୟ ହରେ ।

ମେଘାଚ୍ଛନ୍ନ ଆକାଶରେ ସୂର୍ଯ୍ୟଙ୍କ ବିପରୀତରେ
ଇନ୍ଦ୍ରଧନୁ ଦେଖାଯାଏ ଏକଥା ଜାଣ
ବାଇଗଣୀ, ଘନନୀଳ, ନୀଳ, ସବୁଜ ସକଳ
ହଳଦୀ, ନାରଙ୍ଗୀ, ଲାଲ ମନରେ ଆଣ
ସପ୍ତରଙ୍ଗ ନେଇକି ଗଢ଼ା
ଇନ୍ଦ୍ରଧନୁ କଥା ହୁଏ ବହିରେ ପଢ଼ା ।

ବେଳେବେଳେ ଏ ମନରେ ଇନ୍ଦ୍ରଧନୁ ଉଙ୍କିମାରେ
ଛନ୍ନଛନ୍ନ ହୁଏ ଏହି ଅଝଟ ମନ
ମନ ବୋଲ ମାନେନାହିଁ ଏଣେତେଣେ ଯାଏ ଧାଇଁ
ଆକଟ କର ମନକୁ ହେ ମୋର ଧନ
ଇନ୍ଦ୍ରଧନୁ ଆଙ୍କେ ସପନ
ପ୍ରକାଶ ନ କରି ସ୍ୱପ୍ନ ରଖ ଗୋପନ ।

ନିହଲପ୍ରସାଦ,
ଗଡ଼ିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ମୁଁ ବଞ୍ଚିବି କାହା ପାଇଁ



ଦେବାର୍ଚ୍ଚନ ମେହେର

ଏଡ଼େ ବଡ଼ ସଂସାରେ
ଜନ୍ମ ପାଇଛି ମୁହିଁ,
ହେ ସୃଷ୍ଟି କର୍ତ୍ତା
ମୁଁ ବଞ୍ଚିବି କାହା ପାଇଁ???
ଆଉ ମୁଁ ବଞ୍ଚିବି କାହା ପାଇଁ !

ଯାହା ପାଇଁ ବଞ୍ଚି ଥିଲି ମୁହିଁ
ସେ ଆଜି ଧୋକା ଦେଲା ମୋତେ,
ତା ସଙ୍ଗେ ବିତି ଥିବା ସମୟ
ମନେ ପଡୁଛି ଭାରି ସତେ।।
ଆଉ ମୁଁ ବଞ୍ଚିବି କାହା ପାଇଁ!

ମୋ ନିଜଠୁ ଅଧିକ ଯାହାକୁ
ମୁଁ ଭଲ ପାଉଥିଲି,
ମଝି ସମୁଦ୍ରେ ଛାଡ଼ି ଦେଇ
ମୋତେ ଗଲା ଚାଲି।।
ଆଉ ମୁଁ ବଞ୍ଚିବି କାହା ପାଇଁ!

ISSN NO.
2582-208X

ବିଶ୍ୱାସ କରୁଥିଲି ମୁଁ
ନିଜଠୁ ଅଧିକ ଯାହାକୁ,
ମୋ ବିଶ୍ୱାସେ ବିଷ ଦେଲା ଭରି
କହିବି ମୁଁ କାହାକୁ ।।
ଆଉ ମୁଁ ବଞ୍ଚିବି କାହା ପାଇଁ !

ତୁମେ ଯଦି ନ ହୋଇ
ପାରିଲ ମୋର,
ଜୀବିତ ଥିବା ଯାଏଁ
ମୁଁ ଆଉ ହେବିନି କାହାର ।।
ଆଉ ମୁଁ ବଞ୍ଚିବି କାହା ପାଇଁ!

ତୁମ ମନରେ ଯଦି କିଛି ଭାବି ଥିଲ
ମୋତେ ଆଗରୁ କହିଲ ନି କାହିଁକି,
ଯଦି ବଚନ ଦେଇକି ରଖି ନ ପାରିବ
ବଚନ ଦେଉଛ କାହିଁକି ।।
ଆଉ ମୁଁ ବଞ୍ଚିବି କାହା ପାଇଁ !

ଗ୍ରାମ - ବାପୁଜୀନଗର,ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ନିର୍ଯ୍ୟାତିତ ରାହୁଲ



ଅରୁଣ କୁମାର ତ୍ରିପାଠୀ

ସେଦିନ ସକାଳୁ ରାହୁଲ ଉଠୁ ଉଠୁ ଘଣ୍ଟାକୁ ଅନେଇଲା । ପ୍ରାତଃ ଦୁଇଟା ଅଠାବନ । ଯା ହଉ ସଅଳ ନିଦ ଭାଙ୍ଗିଗଲା । ଘରେ ହେଇ ଥିଲେ ସିନା ମାମା ଉଠେଇ ଦେଇଥା'ନ୍ତା ଏଠି ରାଞ୍ଚି ରେ କିଏ ଡାକ ଦେଇଥାନ୍ତା ଯେ ? ଆଲରାମ ଭଲା କୁମ୍ଭକର୍ଣ୍ଣକୁ ଉଠେଇ ପାରେ? ଏଇଥର ରାହୁଲ ବହୁତ  ପରିଶ୍ରମ କରିଛି । କାଳେ ଭାଗ୍ୟ ଦେବୀଙ୍କ କୃପା ହବ ପରା ! ଯେମିତି ନିଦ ଭାଙ୍ଗିଛି ସେ ଭାବିଲା ୟୁ ଟୁବ୍ ରୁ କିଛି ପରୀକ୍ଷା ସଂକ୍ରାନ୍ତିୟ ଭିଡ଼ିଓ ଦେଖିଦବ। ସବୁ ବହିତ ଘରୁ ଆଣିବା ସମ୍ଭବ ନୁହଁ । ଅଳ୍ପ ଦେଖିଛି କି ନା, ତା ଆଖି କେତେବେଳେ ଲାଗିଯାଇଅଛି  । ପୁଣି ଆଖି ଖୋଲିଲା ବେଳକୁ ସାଢେ ତିନି । ସ୍କିପ କରି ପୁନଃ ସେ ଭିଡ଼ିଓ ଦେଖିନେଲା । ଏଥର ଆଉ ତାହାର ଆଖି ଲାଗିନି । କ୍ରମାଗତ କିଛି ଭିଡ଼ିଓ ଦେଖିନେଲା ଓ ଭାବିଲା ଏଥର ଜିଏସ୍ ପେପର ଭଲରେ ଲେଖିପାରିବି । ଏମିତି ଖୁସି ରେ ପୁଣି କେତେବେଳେ ଆଖି ଲାଗିଗଲା । ଆଖି ଖୋଲିଲା ବେଳକୁ ତା ଛାତି ଧଡ଼ ଧଡ଼ ହେଉଥାଏ । ଶୀଘ୍ର ମୋବାଇଲ ଦେଖିଲା ବେଳକୁ ପ୍ରଥମେ ୮.୩୦ ଭାବି ନିଜକୁ ଦୋଷ ଦେଉ ଦେଉ ପୁଣି ୫.୩୦ ଦେଖି ଆଶ୍ୱସ୍ତି ଅନୁଭବ ହେଲା ।

ସେ ସିମଡ଼େଗା ରୁ ରାଜଧାନୀ ଆସିଥାଏ, ଝାରଖଣ୍ଡ ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଉପଖଣ୍ଡୀୟ ସୂଚନା ଅଧିକାରୀ ପରୀକ୍ଷା ଦେବା ନିମନ୍ତେ । ରାଞ୍ଚି ସତୁରି ଦଶକର ବମ୍ବେଇ ଭଳି, ଖାଇବା ଓ ରହିବା ବଡ଼ ମହଙ୍ଗା । ଗତ ଦିନରେ ସେ ପୁଷ୍ପ ଗେଷ୍ଟ ହାଉସ୍ ରେ ରହେ, କିନ୍ତୁ ପଇସା ବହୁତ ଖର୍ଚ୍ଚ ହେବା ଯୋଗୁଁ ଗତ ପରୀକ୍ଷାରେ ସାଙ୍ଗ ରୁମରେ ରହିଗଲା । ହେଲେ ଏଥର ତା' ସାଙ୍ଗର ହେଣ୍ତଲୁମ ବିକ୍ରି ମେଳା ରହିଥିବାରୁ ରୁମ ରେ ରହିବା ସମୟ ଠିକ ହେବନାହିଁ ବୋଲି ନାସ୍ତିବାଣି ଶୁଣିଲା । ପୁଣି ସେ ଭାବିଲା ତା

ISSN NO.
2582-208X

ଆଉ ଜଣେ ସାଙ୍ଗ ତ ରାଞ୍ଚି ରେ ପିଏଚଡ଼ି କରୁଛି, ତା ବସା ରେ ରହିଯିବ । ପ୍ରଥମେ ପ୍ରଥମେ ତ ତା ସାଙ୍ଗ ହଁ ଭରିଲା, କିନ୍ତୁ ସେ ମଧ୍ୟ ପରେ କୌଣସି କାରଣ ବଶତଃ ମନା କରିଦେଲା । ବିଶ୍ବାସ ଭାଙ୍ଗିବା ରାଞ୍ଚିବାସୀଙ୍କ ରକ୍ତରେ । ରାହୁଲ ଏୟା ଶୁଣି ମାନସିକ ଦୁଷ୍ଚିନ୍ତାରେ ପଡ଼ିଗଲା । ତା ବାପା ପେନସନ ଭୋଗୀ, କେବେ କୌଣସି କଥାରେ ପଇସା ଅଭାବ କରନ୍ତି ନାହିଁ, କିନ୍ତୁ ବାପାଙ୍କ ପଇସା ଖର୍ଚ୍ଚ କରିବାକୁ ତାକୁ ଭାରି ବାଧେ । ସେ ମଝିରେ ଅନେକଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଜିଲ୍ଲାଓ୍ଵାରି ପରୀକ୍ଷା କରେଇବା ନିମନ୍ତେ ଅନୁରୋଧ କରିଅଛି, କିନ୍ତୁ ସେଠି ବସିଥିବା ଧମ୍ମ ମହାମାତ୍ରଗଣ ଉତ୍ତର ଦିଅନ୍ତି, "କାଇଣ୍ଡଲି ଗିଭ୍ ପ୍ରୋପର୍ ଇନଫର୍ମେସନ୍!" ଏହି ଭିତରେ ରାହୁଲ ଅନେକ ଖବର କାଗଜକୁ ସେହି ବିଷୟରେ ଲେଖି ଜଣେଇଛି, କିନ୍ତୁ ସେଥିପ୍ରତି କାହାର ନିଘା ନଥାଏ । କେବଳ ଯାସ୍ମିନ ଖବର କାଗଜ ତାହାର ଗୋଟିଏ ସ୍ତମ୍ଭ, ଅଭିଯୋଗ ପ୍ରକୋଷ୍ଠରେ ହୃଦୟହୀନ ଅଧିକାରୀ ପ୍ରକାଶ କରିଅଛି । ରାହୁଲ ଯଦିଓ ଅର୍ଥନୀତିର ଛାତ୍ର, ସେ ସାହିତ୍ୟରେ ବିଶେଷ ରୁଚି ରଖେ । ହୃଦୟ ହରେଇ ବର୍ଫି ନାମକ ନାୟିକା ପାଇଁ ସେ ୧୭୮ ଟି କବିତା ଲେଖିଅଛି, ଆଜି କାଲି ତାର ଏତେ କବିତା ମନେ ପଡ଼େ ନାହିଁ । ସେ ଆଜିକାଲି ଗୋଟିଏ ଯୋଡ଼ିଏ ଗଳ୍ପ ତଥା ନିୟମିତ ସ୍ତମ୍ଭ ଲେଖେ । ଝାରଖଣ୍ଡର ପ୍ରମୁଖ ଖବର କାଗଜରେ ତାହା ଲେଖା ସବୁ ସ୍ଥାନ ପାଇଅଛି । ଆଉ ବିଭିନ୍ନ ଆଭାଷୀ ସାହିତ୍ୟ କାର୍ଯ୍ୟକ୍ରମରେ ସେ ଯୋଗଦିଏ । ଏହିକ୍ରମରେ ରାଞ୍ଚିର ହରିପୁର ରେ ରହୁଥିବା କାଂଶୀରାମ ମାଝି ସାର୍ ଙ୍କ କଥା ତାର ମନେ ପଡ଼ିଲା । ମାଝି ସାର୍ ଷ୍ଟେଟ୍ ବ୍ୟାଙ୍କର ପ୍ରାକ୍ତନ ଚିଫ୍ ମେନେଜର । ରାହୁଲର ପ୍ରଥମ କଲ ରେ ସେ କହିଲେ, ଆଜ୍ଞା ଆସିଯା'ନ୍ତୁ ଆମ ଉପର ଘର ଖାଲିଅଛି । ଅଳ୍ପ କିଛି ସଜାଡ଼ିବାକୁ ପଡ଼ିବ, ଆପଣ ଆସିବା ପୂର୍ବରୁ ମୁଁ ରୁମ ରେଡ଼ି କରିନେଇଥିବି । ସତକୁସତ ସେ ରାଞ୍ଚି ରେ ପହଁଚିଲା ବେଳକୁ ସକାଳ ୬.୩୦ ରେ ତାଙ୍କରି ପ୍ରଥମ କଲ ଆସିଥାଏ । ଯଦିଓ ସେ କହିଥିଲା, ରାଞ୍ଚିରେ ପହଁଚିଲା ବେଳକୁ ସାଢେ ସାତ ହେବ, କିନ୍ତୁ ସେ ଆଗୁଆ କଲ କରିନେଇ ଥିଲେ । ବହୁତ ଆଦର ସହକାରେ ସେ ତାକୁ ଘରକୁ ନେଇଗଲେ । ଅତିଥେୟତାରେ ମୁଗ୍ଧ କଲେ ।

ପରୀକ୍ଷାରେ ଅନେକ ପୁରୁଣା ଚେହେରା ସବୁ ତା ନଜର ରେ ପଡ଼ିଲେ । ତୁଳସୀପୁର ଶିଶୁମନ୍ଦିର ତରଫରୁ ଲଞ୍ଚ ବ୍ୟବସ୍ଥା ମଧ୍ୟ ହେଇଥିଲା । ପ୍ରତ୍ୟାଶୀଙ୍କୁ କେବଳ ୬୦ ଟଙ୍କାରେ ପୂର୍ଣ୍ଣ ଖାଦ୍ୟଥାଳି ପ୍ରଦାନ କରାଯାଇ ନିଜର ସାମାଜିକ କର୍ତ୍ତବ୍ୟ ପରିପାଳନ

ISSN NO.
2582-208X

କରିଥିଲା ଶିଶୁମନ୍ଦିର ପରିଚାଳନା କମିଟି । ପିଲାଙ୍କ ମୋବାଇଲ ତଥା ବ୍ୟାଗ ଗୁଡ଼ିକ ଏକ କଠୋରୀରେ କାଗଜ ରସିଦ ସହକାରେ ସଂରକ୍ଷଣ ମଧ୍ୟ ରଖା ଯାଇଥିଲା । ପୁଣି ସଂଜରେ ସେ ଫେରି ରାଞ୍ଚିର ପ୍ରଖ୍ୟାତ ଲେଖିକା ବିଜୟୀନି ମିଶ୍ର, ନ୍ୟୁଜ ମେକର ରାମଚନ୍ଦ୍ର ରଥ ପ୍ରଭୃତିଙ୍କ ସହ ସେଲ୍ଫି ନେଇ ଫେସ୍ ବୁକ୍ ରେ ଅଦ୍ୟତନ କଲା । ରାହୁଲ ପରୀକ୍ଷା ଦେଇ ଫେରିଲା ବେଳକୁ ବସ୍ ରେ ବସି ଭାବୁଥିଲା, ଆଜିକାଲି ଦୁନିଆରେ ଏମିତି ବି ଲୋକ ଅଛନ୍ତି ? ହେଲେ କୋଷୁଥିଲା, ଝାରଖଣ୍ଡ ଲୋକ ସେବା ଆୟୋଗକୁ । କେବଳ ତିନୋଟି ନୋଟ୍ ନେଇ ପରୀକ୍ଷା ହଲକୁ ଯିବା ଭଳି ଅଜବ ନିୟମକୁ ନେଇ! କିନ୍ତୁ ପୁଣି ସାହିତ୍ୟକୁ ଧନ୍ୟବାଦ ଜଣାଉଥିଲା, ସାହିତ୍ୟ ପାଇଁ ରାଞ୍ଚି ତାକୁ ଗାଁ ଭଳି ଲାଗିଲା ।

ପୁଣି କିଛି ଦିନ ପରେ ତାର ଲିଖିତ ପରୀକ୍ଷାଫଳ ପ୍ରକାଶ ପାଇଲା । ପୁଣି ସେହି ସାର୍ ଙ୍କୁ ଫୋନ୍ କରି ତାଙ୍କ ଘରେ ହିଁ ଦିନକ ଆଗରୁ ଯାଇ ସୁରୁଖୁରୁ ରେ ପ୍ରସ୍ତୁତି ଚଳାଇଲା । ଭାଗ୍ୟକୁ ସେଦିନ ସକାଳେ ରାସ୍ତା ଅବରୋଧର ଗୁଜବ ସବୁ ଘୁରି ବୁଲିଲା । ସେ ପୁଣି ଯୋଜନା କରିଥିଲା ସକାଳ ଛଅରୁ ସିନା ଷ୍ଟ୍ରାଇକ ହବ, କିନ୍ତୁ ସାଢେ ପାଞ୍ଚରୁ ଚାଲିଗଲେ ଆଉ କିଛି ସମସ୍ୟା ହେବ ନାହିଁ । ଏହି ଆଲୋଚନା ଭିତରେ ୬୦୦ ଟଙ୍କାର ଭଡ଼ା ୨୫୦୦ ରେ ବ୍ୟବସ୍ଥିତ ହେଲା; ତୁଚ୍ଛାଟାରେ ଏତେ ପଇସା ବରବାଦ ହେବ ବୋଲି ପୁଣି ସେ ବିସ୍ତାପି ହେଉଥିଲା । କିନ୍ତୁ ଯାହା ହେଉ ପରେ ଖବର ମିଳିଲା ଦକ୍ଷିଣ ଏବଂ ପଶ୍ଚିମ ଝାରଖଣ୍ଡର ୧୨ଟି ଜିଲ୍ଲାରେ ସଂପୃକ୍ତ ହରତାଳ ହେଉଥିଲା । ଏକଥା ଶୁଣି ତା ଖୁସି କହିଲେ ନସରେ । ସକାଳୁ ସେ ଓଲା ବୁକ୍ କରି ପହଁଚିଲା । ଜଣଙ୍କ ପରେ ଜଣଙ୍କୁ ପ୍ରମାଣପତ୍ର ସବୁ ଭେରିଫିକେସନ ନିମନ୍ତେ ଆମନ୍ତ୍ରଣ କରାଗଲା । କିନ୍ତୁ ଝାରଖଣ୍ଡ ଲୋକସେବା ଆୟୋଗରେ ଥିବା ଜଣେ ବଙ୍ଗୀୟ ମହିଳା ବଡ କଡ଼ା ଭାଷାରେ କହିଦେଲେ ଯେ, ତୁମ ରେଜଲ୍ଟ ଆବେଦନ ଗ୍ରହଣର ଶେଷ ତାରିଖ ପରେ ବାହାରିଛି, ତୁମେ ଇନଏଲିଜିବଲ୍ । ପୂର୍ବେ ସେ ପଢିଥିବା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ କରୋନା ନିମନ୍ତେ ପରୀକ୍ଷାଫଳ ଡେରିରେ ବାହାରୁଥିଲା । ଶୀଘ୍ର ପରୀକ୍ଷାଫଳ ବାହାର କରିବା ନିମନ୍ତେ ଇଗ୍ନୋ ରେ ବ୍ୟବସ୍ଥା ଥିବା ସ୍ଥଳେ ସଂପୃକ୍ତ ସଂସ୍ଥା ସେଥି ନିମନ୍ତେ କୌଣସି ମତେ ରାଜି ହେଲେନାହିଁ । ପୁଣି ତାଙ୍କର ସ୍ନାତକୋତ୍ତର ତୃତୀୟ ସେମିଷ୍ଟର ଫଳ ପିଜି ଡିପ୍ଲୋମା ସହ ସମକକ୍ଷ୍ୟ ଥିଲା । ଶିକ୍ଷାର୍ଥି ପିଜି ଡିପ୍ଲୋମା ପଢି ଆଉ ଗୋଟିଏ ସେମିଷ୍ଟର ଦେଇ ସ୍ନାତକୋତ୍ତର ହାସଲ କରିପାରୁଥିଲେ; କିନ୍ତୁ ରାହୁଲର ଅଳି ଅର୍ଦ୍ଦଳି ପ୍ରତି କେହି କର୍ଣ୍ଣପାତ କଲେ ନାହିଁ । ଆପ୍ଲାଏ ପୂର୍ବରୁ ଏବଂ ଲିଖିତ ପରୀକ୍ଷା ଫଳ ବାହାରିବା ପରେ ସେ କେତେ ଅନୁନୟ ବିନୟ ହେଲା, କିନ୍ତୁ ତାହା

ISSN NO.
2582-208X

କଥାପ୍ରତି କେହି କର୍ଣ୍ଣପାତ କଲେ ନାହିଁ । ରେଜିଷ୍ଟ୍ରାର୍ ବା କୁଳପତି ତାଙ୍କ ପ୍ରତିନିଧିଙ୍କ ସହଯୋଗରେ ମୌଖିକ ଭାବେ କହିଦେଲେ,ଯେହେତୁ ତୁମର ହାୟର ଡିଗ୍ରୀ ଦିଆ ସରିଛି, ଝାରଖଣ୍ଡ ପିଏସି କୌଣସି ପ୍ରତିବାଦ କରିବ ନାହିଁ, ଯେଉଁଭଳି ୟୁଜିସି ନେଟ୍ ରେ ହୁଏ ତୁମ କ୍ଷେତ୍ରରେ ସେହିଭଳି ହେବ । ଯେନତେନ ପ୍ରକାରେଣ ସେ ସାହସ ଜୁଟାଇ ପ୍ରମାଣପତ୍ର ଭେରିଫିକେସନ ନିମନ୍ତେ ଯାଇଥିଲା । ମନଦୁଃଖ ଲାଗୁଥାଏ, କଣ ହେବ କଣ ନାହିଁ । ଏମିତିରେ ଜଣେ କହିଲେ, ଦରଖାସ୍ତ ଟିଏ ଦିଅ, କମିଶନ ଯାହା ନିଷ୍ପତ୍ତି ଗ୍ରହଣ କରିବେ । ସେ ଦରଖାସ୍ତ ଦେଲା, କମିଶନ ସେୟାକୁ ଅନୁମତି ଦେଲେ ଏବଂ ଅନ୍ୟମାନଙ୍କଠୁ ତାକୁ ଯେଉଁ ଭିନ୍ନ ଜାଗାରେ ଜଗେଇଥିଲେ, ସେହି ଦୁଃଖରୁ ତ୍ରାହି କଲେ । ସାକ୍ଷାତକାର ପ୍ରକୋଷ୍ଠ ବାହାରେ ଗୋଟିଏ ରୁମ୍ ରେ ସମସ୍ତେ ଅପେକ୍ଷା କରିଥିଲେ । ସେଠି ଲେଖାଥିଲା, କେହି ଚୟନ କର୍ତ୍ତାଙ୍କୁ ନିଜର ନାମ, ବାପାଙ୍କ ନାମ, ଗାଇଡ୍ ଙ୍କ ନାମ ଏବଂ କେଉଁଠୁ ଆସିଛନ୍ତି କିଛି ବି କହିବେ ନାହିଁ । କିନ୍ତୁ ଶୁଣାଯାଉଥିଲା ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟ ଛୁଆଙ୍କ ଫେସ୍ ଭେଲ୍ୟୁ ଗୋଟିଏ ଥାଏ, ଅଧିକାଂଶ ଚୟନ ସଦସ୍ୟ ସେହି ଅନୁଷ୍ଠାନ ମାନଙ୍କରୁ ଆସିଥା'ନ୍ତି ଏବଂ ନରମିଥା'ନ୍ତି ନିଜ ଅନୁଷ୍ଠାନର ଛୁଆଙ୍କ ପ୍ରତି । ଏହିଭିତରେ ରାହୁଲର କ୍ରମାଙ୍କ ଯଦିଓ ଶେଷରେ ଥିଲା, କିନ୍ତୁ ଶେଷର ଗୋଟିଏ ପୂର୍ବ କ୍ରମରେ ତାକୁ ଡାକିଲେ । ସେ ଯିବାବେଳେ ଝାରଖଣ୍ଡର ସବୁଠୁ ବଡ଼ ହେତୁବାଦୀ ଲହିଁ ଲହିଁ ଏକ ଯିବାକୁ ବାହାରିଥିଲେ, ଫୁଙ୍କିଦେଲେ ଉଡ଼ିଯିବ ଭାବୁଥିଲା, କିନ୍ତୁ ଟିଭିରେ ଏତେ ବଡ଼ପାଟିରେ ଲୋକଙ୍କୁ ଭାଣ୍ଡାମି କରୁଛ ବୋଲି କହିବା ଲୋକଟା ଯେ ଇଏ ଭାବି ହେଉନଥିଲା । ପ୍ରବେଶ କରୁ କରୁ ଚେୟାରମ୍ୟାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଇଗଲା, ଯେଉଁ ଲୋକଟି  ପାଞ୍ଚ ବର୍ଷ ପୂର୍ବରୁ  ରିଟାଏର କଲାଣି, ସେ ଧଳା ଅଙ୍ଗିରେ ନାଲି ଟାଏ ଭିଡ଼ି ଟୋକାଟେ ଭଳି ଲାଗୁଥିଲେ । ପ୍ରଥମ ପ୍ରଶ୍ନ ଥିଲା, ଏତେ ପାଠ ପଢି ଶିକ୍ଷକତାକୁ ନବାଛି କାହିଁକି ଏହି ଟାଉଟର କାମରେ ପଶିବ । ଲୋକଙ୍କ ପାଖରେ ପହଁଚିବା ତଥା ସ୍ତମ୍ଭ ଲେଖା ତାକୁ ଉପଯୁକ୍ତ ଉପସ୍ଥାପନ କରୁଛି ବୋଲି ଉତ୍ତର ଦେଲେ ରାହୁଲ । ପୁଣି ପାଖରେ ବସିଥିବା ଅଳ୍ପ ହେତୁବାଦୀ ଜଣେ ଆଞ୍ଚଳିକ ସମସ୍ୟା ବିଷୟରେ କିଛି ପ୍ରଶ୍ନ । ମାଷ୍ଟ୍ରିଆ ଲୋକ ବୋଲି ରାହୁଲ ଯେତେବେଳେ ବିସ୍ତୃତ ଉତ୍ତର ଦେଲେ, ତାଙ୍କ ଇଗୋ ଟିକିଏ ହର୍ଟ ହେଇଗଲା । ସେ କହିଲେ ପ୍ରାର୍ଥି ହିସାବରେ ଉତ୍ତର ଦିଅ । କିନ୍ତୁ ସେ ସେତେବେଳକୁ ୧୦୦ ଟି ସ୍ତମ୍ଭ ଲେଖି ସାରିଥିଲା ବୋଲି ଲେଖିବା ଦେଖି ସେ ମୁରୁକି ହସିପକାଇଲେ,  କିନ୍ତୁ ରାହୁଲ ଯଦିଓ ସେଥିରୁ କିଛି ପ୍ରଶ୍ନ ଆସିବ ବୋଲି ବୃଥା ଆଶା କରୁଥିଲା । ଦୁଇ ଜଣ ମେମ୍ବର କେବଳ ଚିଲ ଭଳି ନୀରିକ୍ଷଣ କରୁଥିଲେ, ପିଲାଟିର

ISSN NO.
2582-208X

ଗଭୀରତା କେତେ । ଏତେ ବେଳକୁ ପ୍ରବଳ ପ୍ରତାପି ହେତୁବାଦି ଜଣକ ଆସିଲେ । ସମସ୍ତଙ୍କ ପ୍ରଶ୍ନଗୁଡ଼ିକ କିନ୍ତୁ ସବ ଷ୍ଟାଣ୍ଡାର୍ଡ଼ ଲାଗୁଥାଏ, ସତେକି ଯେମିତି ପ୍ରଥମ ଦିନ ପ୍ରଥ ସିଫ୍ଟ ରେ ପ୍ରତ୍ୟାଶୀଙ୍କୁ ପ୍ରଶ୍ନ ପଚାରି ସେମାନେ ଉପଯୁକ୍ତ ପ୍ରଶ୍ନ କଣ ହେବ ସେହି ବିଷୟରେ ସ୍ଥିର କରୁଥିଲେ; କାରଣ ଏଥି ର ବହୁ ପୂର୍ବରୁ ସେହି ପୋଷ୍ଟ ନିମନ୍ତେ ଆବେଦନ ବାହାରିଥିଲା, ଯେଉଁସମୟରେ ଏମାନେ କେହି ନଥିଲେ । ଏମିତିରେ ଗୋଟିଏ ପ୍ରଶ୍ନ ଚେୟାରମ୍ୟାନ କଲେ । ଯଦି ସରକାରଙ୍କ ବିରୁଦ୍ଧରେ ଯଦି କିଛି ଅପବାଦ ଗଣମାଧ୍ୟମରେ ଗଜୁରିଉଠିବ ତେବେ ଲୋକ ସମ୍ପର୍କ ଅଧିକାରୀ ଭାବେ ତୁମ କର୍ତ୍ତବ୍ୟ କ'ଣ ହେବ ? ସେ ଉତ୍ତର ଦେଲା, ଗତ ବର୍ଷ ଉପ ବିଭାଗୀୟ ଅଧିକାରୀ ଚୟନ ପ୍ରକ୍ରିୟାରେ ଯେବେ ଦୁର୍ନୀତିର କଥା ଉଠିଲା, ଚେୟାରମ୍ୟାନ ଖବରକାଗଜରେ ନିଜସ୍ୱ ମତ ରଖିଲେ ଯେ ୬୪୭ ଟି ପରୀକ୍ଷା କେନ୍ଦ୍ରରୁ ପ୍ରତ୍ୟାଶୀ ଚୟନ ହେଇ ଆସିଛନ୍ତି । ଏହିଭଳି ଅକାଟ୍ୟ ଯୁକ୍ତି ତଥା ଉପଯୁକ୍ତ ସୂଚନା ଲୋକେ ପାଇଲେ ଆଉ ବିରୋଧ କରିବେ ନାହିଁ । ସ୍ୱଚ୍ଛ ଏବଂ ନିର୍ମଳ ଶାସନର ଏହା ପରିଭାଷା । ଏତିକିରେ ଚେୟାରମ୍ୟାନ ଖୁସି । ଏଥର ପାଳି ପଡ଼ିଲା ହେତୁବାଦୀଙ୍କର । ସେ ଡରୁଥିଲା, କାଳେ ଭଗବାନଙ୍କ ଇୟତ୍ତା ଉପରେ ପ୍ରଶ୍ନ ଉଠିବ କିନ୍ତୁ ସେ ସେମିତି କିଛି ପ୍ରଶ୍ନ କଲେ ନାହିଁ । ଗୋଟିଏ ଖବରକୁ କିଭଳି ତୁମେ ଖବରକାଗଜରେ ଦେବ ? ରାହୁଲ ଉତ୍ତର ରଖିଲେ ଯେ, ବିଜ୍ଞାପନ ଆକାର ରେ ଦେଲେ ବହୁତ ପଇସା ଖର୍ଚ୍ଚ ହେବ; କିନ୍ତୁ ଯଦି ନ୍ୟୁଜ୍ ଆକାର ରେ ଦେବା ତେବେ ସରକାରଙ୍କ ରାଜସ୍ୱ ବହୁତ ବଳିଯିବ । ଏତିକିରେ ମହୋଦୟ ଖୁସି ହେଇଗଲେ; ଚେୟାରମ୍ୟାନଙ୍କ ଖୁସି କହିଲେ ନସରେ, ବହୁତ ବଡ଼ ପାଟିରେ ଥାଙ୍କ୍ୟୁ କହି ସେ ବିଦାୟ ଜଣେଇଲେ । କିନ୍ତୁ ଶେଷ ଫଳ ପ୍ରକାଶିତ ହେଲା ବେଳକୁ ରାହୁଲଙ୍କ ନାମ ରିଜେକ୍ଟ ଲିଷ୍ଟ ରେ ଥିଲା, କାରଣ ଲେଖିଥିଲେ ଶେଷ ତାରିଖ ସୁଦ୍ଧା ପରୀକ୍ଷା ଫଳ ବାହାରି ନାହିଁ । ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଜଣେଇବାରୁ ବିହାର ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟକୁ ଝାରଖଣ୍ଡ ପିଏସସି ରୁ ଚିଠି ଆସିଲା; କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ୍ୟ ନାସ୍ତିବାଣୀ ଶୁଣାଇଲେ ଯେ କୌଣସି ସେହିଭଳି ବ୍ୟବସ୍ଥା ନାହିଁ । ଏମିତିରେ ରାହୁଲ ବହୁତ ସାରା ବିସ୍ତାପରେ କାଳାତିପାତ କରୁଥାଏ, ପୁଣି ଏକ ନୂତନ ସମ୍ଭାବନାକୁ ଚରିତାର୍ଥ କରିବା ଉଦ୍ଦେଶ୍ୟରେ । ଏହି ଭିତରେ ସେ ଜାଣିଲା ଯେ, ଅନୁସୂଚିତ ଜାତି ବର୍ଗର ଛୁଆଙ୍କୁ ମାତୃଭାଷାରେ ପ୍ରଶ୍ନ ପଚାରିବା ସ୍ଥଳେ ସାଧାରଣ ବର୍ଗର ପ୍ରତ୍ୟାଶୀଙ୍କୁ ଇଂରାଜି ଚୋବେଇବାକୁ କୁହାଯାଉଥିଲା । ଏମିତିରେ ସେ ଜଣେ ଅବସରପ୍ରାପ୍ତ ଉଚ୍ଚ ନ୍ୟାୟାଳୟ ନ୍ୟାୟାଧିଷଙ୍କୁ ପ୍ରଶ୍ନ କରନ୍ତେ ସେ ଉତ୍ତର ରଖିଲେ ୫୦-୫୦

ISSN NO.
2582-208X

ର ସମ୍ଭାବନା ଦେଖାଯାଉଛି, ସେୟା ଓକିଲ ଉପରେ ନିର୍ଭର କରେ ସେ ଜଜ୍ ଙ୍କୁ କିଭଳି ପ୍ରଭାବିତ କରେନାହିଁ । ଏମିତିରେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଦୁର୍ନୀତି କଥା ଦାଣ୍ଡରେ ପଡ଼ିତା ହାଟରେ ଗଡୁଥାଏ । ଯଦିଓ କିଛି ଆର୍ଥିକ ତୋଷାରପାତ ହେଉନଥାଏ କିନ୍ତୁ କୁଳପତି ଥିବା ମହୋଦୟ ଜଣକ ନିଜର କୁତ୍ସିତ ମସ୍ତିଷ୍କରେ ୮ ଜଣଙ୍କୁ ବିଦା କରିବା ସହ ୫୦ ରୁ ଉର୍ଦ୍ଧ୍ୱଙ୍କୁ ଏତେ ପରିମାଣରେ ନିର୍ଯ୍ୟାତନା ଦେଲେ ଯେ, ସେମାନେ ନିଜେ ଚାକିରି ଛାଡ଼ି ଚାଲିଗଲେ । ଏଭଳିକି ପୂର୍ବତନ ଭିସିଙ୍କ ଯିଏ ରାଇଟ ହେଣ୍ଡ ଥିଲେ, ତାଙ୍କ ସେବା ବି ଏହି ମହୋଦୟଙ୍କୁ ନିକୃଷ୍ଟ ଲାଗିଲା । ପୂର୍ବତନ କୁଳସଚିବଙ୍କ ସହ ରାହୁଲର ସମ୍ପର୍କ ଥାଏ, ତାଙ୍କୁ ଏହି ବିଷୟ ସଚେତନ କରନ୍ତେ ସେ କହିଲେ ବର୍ତ୍ତମାନର ତଥାକଥିତ କୁଳସଚିବ ଏବଂ କୁଳପତିଙ୍କ ଗୋଟିଏ ବିଶ୍ୱବିଦ୍ୟାଳୟ ପରିଚାଳନା ନିମିତ୍ତ ଯେତିକି ଧୈର୍ଯ୍ୟ, ନିଷ୍ଠା ଏବଂ ସମ୍ବେଦନଶୀଳତା ରହିବା ଦରକାର ସେୟା ନାହିଁ । ପୁଣି ଅନୁଷ୍ଠାନର ଭବିଷ୍ୟତ ପକ୍କା କରିବାକୁ ସେମାନେ କିଛି ବି ପଦକ୍ଷେପ ନେଉନାହାଁନ୍ତି । କହିଲେ କୁଳ କୁଟୁମ୍ବକୁ ଲାଜ, ନକହିଲେ କୁଳ ଭାଷି ଯାଉଛି ।

ଏହି ଭଳି ପରିସ୍ଥିତିରେ ରାହୁଲ ଜାଣିବାକୁ ଚାହିଁଲା ଅନୁନ୍ୟ ତାର ସାକ୍ଷାତକାର ରେ କେତେ ମାର୍କ ଆସିଛି। କିନ୍ତୁ ସମସ୍ତଙ୍କୁ ସେୟା ପ୍ରଦାନ କରାଯାଉଥିବା ସ୍ଥଳେ ରାହୁଲଙ୍କୁ ଝାରଖଣ୍ଡ ପିଏସସି ଉରିକି ଉତ୍ତର ଦେଲେ, କାଳେ ସିଏ କେସ୍ କରିବେ ଯେ, ଯେହେତୁ ତାଙ୍କୁ ପ୍ରୋଭିଜନାଲି ଆଲାଓ କରାଯାଇଥିଲା ସାକ୍ଷାତକାର ମାର୍କ ସାର୍ବଜନୀନ କରାଯାଇପାରିବ ନାହିଁ । ଯଦିଓ ଅନୁଷ୍ଠାନମାନ ଫେଲ୍ ମାର୍କସିଟ ଦିଅନ୍ତି କିନ୍ତୁ ସେତକ ମଧ୍ୟ କର୍ଣ୍ଣପାତ ହେଲା ନାହିଁ । ଏମିତିରେ ରାହୁଲ ଗଭୀର ମାନସିକ ଚାପରେ ରହୁଥିଲା, କିନ୍ତୁ ଏହି ସମୟରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ତାହାର କଥା ଆଗେଇଥିବା ବିବାହ ମଧ୍ୟ ଭାଜିଗଲା । ସିନେମାରେ ଶେଷରେ ହିରୋ ବିଜୟଲାଭ କରେ, କିନ୍ତୁ ସତରେ ସେମିତି କିଛି ଯେ ହୁଏ ନାହିଁ; ଏକଥା ବେଶ୍ ବୁଝିପାରୁଥିଲା ରାହୁଲ ।

କାର୍ଯ୍ୟକାରୀ ସମ୍ପାଦକ
ଜୟପୁର ସାହିତ୍ୟ ପରିବାର
ସମ୍ପର୍କ : +୯୧- ୯୦୭୮୮୩୮୬୨୭
E-Mail : arunkumar.tripathy31@gmail.com

ISSN NO.
2582-208X

# ମଡ଼ର୍ଣ୍ଣ ଯୁଗର ରଜ



ବିକାଶ କୁମାର ହୋତା

ଚାଳିଶି ଡିଗ୍ରିରେ ଆସିଅଛି ରଜ
        ସୂର୍ଯ୍ୟ କରୁଛନ୍ତି ନାଟ
ଝାଳ ସହ ପୁଣି ମେକପ ର ପରା
        ହୋଇଅଛି ଆଜି ଭେଟ ।।(୧)
ଗାଁ ମୁଣ୍ଡରେ ଆଉ ବରଗଛ ନାହିଁ
        ଝୁଲୁନାହିଁ ଆଉ ଦୋଳି
ରଜ ରେ ଯେ ଆଉ ଆଗ ଭଳି ନାହିଁ
        ସୁନ୍ଦରୀ ଝିଅଙ୍କ ମେଳି ।।(୨)
ନାନା ରକମର ପିଠାପଣା ହୁଏ
        ସେ ସବୁ ଚୁଲି କି ଗଲା
ପିଜା, ବରଗର, ପେଟିସ ରଜରେ
        ହେଉଛନ୍ତି ଠେଲା ପେଲା ।।(୩)
ଲମ୍ବା ମୋବାଇଲ ସଭିଏଁ ଖେଳନ୍ତି
        ରଜ ଖେଳ ଆଉ କାହିଁ
ପବଜି, ରିଇଲ୍ସ ରେ ସଭିଏଁ ମାତିଲେ
        ପରମ୍ପରା ଭୁଲିଯାଇ ।।(୪)
କଦଳୀ ପଟୁଆ ଜୋତା ନାହିଁ ଆଉ
        ଦେଖିବାକୁ ଲାଗେ ସ୍ୱପ୍ନ

ISSN NO.
2582-208X

ହାଇ ହିଲ୍ ପିନ୍ଧି ଚାଲୁଛନ୍ତି ଏଠି
କରୁଛନ୍ତି ପ୍ରହସନ ।।(୫)
ଦୋଳି ବାନ୍ଧିବାକୁ ଚିନ୍ତା ଯେ ହୁଅଇ
ନିଷ୍ଠୁର ମଣିଷ ପାଇଁ
ନିଜ ସ୍ୱାର୍ଥ ଲାଗି ଦୟା ଆସେ ନାହିଁ
ଗଛ କାଟେ ଧାଇଁ ଧାଇଁ ।।(୬)
ରଜ ପାନ ଆଉ ମିଠା ଲାଗେ ନାହିଁ
ଗଟୁଖା ଲାଗଇ ମଜା
ଜାଗି ରଖିକରି ଚଳୁଥା ବାଇନ
ନହେଲେ ପାଇବୁ ସଜା ।।(୭)
ଝରିଯାଅ ତୁମେ ମଉସୁମୀ ରାଣୀ
ମନରୁ ତୁଟାଇ ଲାଜ
ବରଷକେ ଥରେ ରଜରେ ସଭିଏଁ
ହେବେ ପରା ସଜବାଜ ।।(୮)

ଦକ୍ଷିଣକାଳୀ ରୋଡ୍,ବିଦ୍ୟାନଗର,
ଢେଙ୍କାନାଳ, ୭୦୦୮୯୨୮୭୯୮

ISSN NO.
2582-208X

# ଏଇ ଜୀବନରେ



ସିଦ୍ଧେଶ୍ୱର ତ୍ରିପାଠୀ

ଗୁଡାଏ ଆସିବେ ଛେଚି ଦେଇ ଯିବେ
ଗୁଡାଏ ଦେଇଯିବେ ମନ ତଳେ ଦାଗ
ଆଉ କିଛି ଖାଇଯିବେ ଟିକେ ଫୁସୁଲେଇ
ନେଇଗଲା ପରେ ଆଉ ଦେଖା ଯିବେ ନାହିଁ ।

କେତେ ପୁଣି ଲଗେଇବେ ପେଞ୍ଚ
ତୁମକୁ ଜାଳିବା ପାଇଁ ଲଗେଇବେ ଆଞ୍ଚ
ପରିବାର ସମାଜରେ ତୁମକୁ ନିନ୍ଦିବେ
ମିଛ ସମସ୍ୟାରେ ନେଇ ତୁମକୁ ଛନ୍ଦିବେ ।

ଦେଖି ପାରିବେନି କେବେ ତୁମ ସୁଖ ଶିରି
ତୁମେ ଦୁଃଖରେ ପଡିଲେ ସିଏ କିରିକିରି
ଯେତେଯେତେ  ବଢୁଥିବ ତୁମ ଅବଶୋଷ
ତାଙ୍କ ମୁହଁ ଦିଶୁଥିବ ଭାରି ହସହସ ।

କିଛି ଛନ୍ତି କାମରେ ଖୋଜିବେ
କାମ ସରିଗଲା ପରେ ମୁହଁ ପୋଛିଦେବେ
ଦେବେନି ପାରିଶ୍ରମିକ ସୁଖକି ସମ୍ମାନ
ପାଞ୍ଚଲୋକ ପାଖେ କରିଦେବେ ହୀନିମାନ ।

ISSN NO.
2582-208X

ମାଆ ଭଉଣୀ  ଲଗେଇ ସୋଧିବେ ପ୍ରବଳ
ସେ ପୁଣି ଦିନେ କହିବେ ଆହା ଧନ ମୋର
ବନ୍ଧୁ ଯେ ରକ୍ତସମ୍ପର୍କ ଗୁରୁ ଜନ ହୋଇ
ତୁମ ବାଟରେ ଦେବେସେ କଣ୍ଟାଯେ  ବିଛାଇ ।

କିଛି ଲୋକ ଆଶା ଦେଖେଇବେ
ଓସ୍ତ ଗଛ ଅଗିଲାରେ ଚଢେ଼ଇଣ ଦେବେ
ଅମୃତ ଦେଖାଇ ସିଏ ବିଷ ପରଶିବେ
ଅଧାବାଟେ ହାତଛାଡି ମୂଳରୁ କାଟିବେ
କଥା ଦେଇ କଥା ନରଖିବେ ।

ତୁମେ ବରବାଦ ହେଲେ ସିଏ କୁତୁକୁତୁ
ଟିକିଏ ଆଗକୁ ଗଲେ ଭାରି ହୁତୁହୁତୁ ।
କେମିତି ଭାବି ପାରିବା ଏହାଙ୍କୁ ନିଜର
ପାଖେ ପାଖେ ଥାଇବିସେ ଭାରି ଭୟଙ୍କର ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଶେଷ ବସନ୍ତ ର ଅନୁରାଗ

ଯଶୋଶ୍ରୀ ବେହେରା

କେଜାଣି ରମା ନାନୀ ତା ପାନ ଦୋକାନ ଆଗରେ ବସିଥିଲା ବେଳେ ମୁଁ ବାଟ କାଟି ଯାଉଥିବା ସମୟ ରେ ମୋତେ ଗାରେଡେଇ ଗାରେଡେଇ ଚାହେଁ । ତାର ନାକ ରେ ଥିବା ସେ ବଡ଼ ନୋଥ ଟା ନିଶ୍ୱାସ ପ୍ରଶ୍ୱାସ ର ବେଗ ପାଇଁ ଥରି ଉଠୁଥାନ୍ତି । ପାନ ଜକା ଲାଲ ଓଠ ତାର ଗୁଣୁଗୁଣୁ ହୋଇ କିଛି ବକି ଯାଏ । କେଜାଣି, ମୋତେ ଗାଳି କରେ କି ନା କ'ଣ ? ଏମିତିରେ ତା ଦୋକାନ ଆଗରେ ବସିଥିବା ପିଲା ମାନେ କଣ ଅଭଦ୍ରାମି ରେ କଥା ହେଲେ ସିଏ ତାଙ୍କୁ ବି ଗାଳି କରେ । ଆଉ ସେ ମୋତେ ଗାଳି ଦେଉ ନାହିଁ ତ ?

ପିଲାଦିନେ ଏଇ ରମା ନାନୀ ଘର ସାହି ଆଡେ ଯିବାକୁ ମୋର ଭାରି ଭୟ । କାଳେ କେଉଁଠି ବାଟ ଘାଟରେ ଦେଖା ହୋଇଯିବ ଯଦି ? ତାର ମଥାରେ ସେଇ ବଡ଼ ଲାଲ ସିନ୍ଦୁର ବିନ୍ଦୁ ହେଲେ ଶୂନ୍ୟ ମଥା ମୋତେ ଭୟ ରେ କେତେ ଜରସର କରେ ସେଇଟା କେବଳ ମୋ ପରି ଭୁକ୍ତ ଭୋଗୀ ହିଁ କହି ପାରିବ ।

ବୋଉ କାନି ପଛେ ଆସି ଯେବେ ମୁଁ ଲୁଚିଯାଏ, ସେବେ ସେ ମୋତେ ପଚାରେ କଣ ହେଲା ବୋଲି । ଉତ୍ତର ରେ କେବଳ ରମା ନାନୀ ନାଁ ଛଡା କିଛି କହି ପାରେ ନା ମୁଁ । ହେଲେ ବୋଉ କଣ ଜଣେ କେଜାଣି ,ଟିକେ ମୁହଁ ଶୁଖେଇ କହେ, ''ମଲା ଯାଆ, ଆମେ କଣ ଜାଣିଥିଲୁ ଏଇଟା ପୋଡା କପାଳ ର ଦୋଷ ବୋଲି ? ତା ବୋଲି ଡାହାଣୀ ପରି ମୋ ଛୁଆ କୁ ଚାହିଁବୁ ନା କଣ ?''ଏଇ କଞ୍ଚା ଗାଳି ପଦ ଯେ ରମା ନାନୀ ପାଇଁ ଏଥିରେ ସନ୍ଦେହ ନାହିଁ ।

ISSN NO.
2582-208X

ଧୀରେ ଧୀରେ ମୁଁ ବଡ଼ ହେଉଥାଏ । ଆଉ ତା ସହ ବଢୁଥାଏ ରମା ନାନୀ ପ୍ରତି ମୋ ମନ ରେ ଥିବା କୌତୁହଳ । ରମା ନାନୀ ଆମ ଗାଁ ର ହେଲେ ବି ତାଙ୍କ ସାହି ଆଉ ଆମ ସାହି ଅଲଗା । ତାଙ୍କ ସାହି ଆଗରେ ରମା ନାନୀ ର ପାନ ଦୋକାନ । ଟୋକା ଠାରୁ ବୁଢା ଯାଏଁ ତାରି ଦୋକାନ ଆଗରେ ଭିଡ଼ । ଢ଼ିଙ୍କିଶାଳ ରୁ ଢେଙ୍କାନାଳ ଯାଏଁ ସବୁ ଅଲୋଚନା ହେଉଥିବ, ହେଲେ ଅଧିକାଂଶ ଭିଡ଼ ଯେ ରମା ନାନୀ ର ଅସ୍ତଗାମୀ ଯୌବନ ର ନେତ୍ରସୁଖ ପାଇଁ ଧାଇଁ ଆସନ୍ତି ଏଥିରେ ଅତ୍ୟୁକ୍ତି ନଥିଲା ।

ରମା ନାନୀ ମୋ ବୋଉ ଠାରୁ ହୁଏତ ପାଞ୍ଚ କି ଛ ବର୍ଷ ସାନ ? ହଁ, ଏଇ ମୋ କକା ଙ୍କ ବୟସ ର ହିଁ ହୋଇଥିବ । ଗାଁ ରେ ବାପା ରହୁଥିବା ବେଳେ କକା ବାହାରେ ଚାକିରୀ କରି ନିଜ ଖୁଡି ଆଉ ତାଙ୍କ ପୁଅ ସହ ରୁହନ୍ତି। ବାପା ଙ୍କ ପାଠଶାଠ ହେଲା ନାହିଁ ବୋଲି ଜେଜେ ଥିଲା ବେଳ ରୁ ବାପା ଙ୍କୁ ଚାଷ ବାସ ଜୋଗାଡି ଦେଇ ଯାଇଥିଲେ । ଅବଶ୍ୟ ଆମ ଚଳଣୀ ମନ୍ଦ ନଥିଲା ! କକା ଙ୍କ ପରିବାର ବି ଗାଁକୁ ଛୁଟିରେ ଆସିଲେ ଆମ ସହ ରୁହନ୍ତି । ସେବେ ମୋର ମଜା । ମୋତେ ମୋ କୁନି ଭାଇ ମିଳି ଯାଏ ଖେଳିବା ପାଇଁ ।

କକା ବହୁତ ଶାନ୍ତ ସ୍ୱଭାବ ଲୋକ । ଉଚ୍ଚ ସ୍ୱର ତ ଦୂର କେବେ କାହାରିକୁ ନାଲି ଆଖି ବି ଦେଖେଇବା ଆମେ ଦେଖିନୁ । କକା ଗାଁ କୁ ଆସିଲେ କାହିଁ ଭାରି ଦୁଃଖୀ ଦେଖା ଯାଆନ୍ତି, ଯେଉଁଟା କି ଆମେ ବର୍ଷ ରେ ଥରୁଟିଏ ସହର କୁ ଗଲେ ସେଇ ଉଦାସପଣ ତାଙ୍କ ଚେହେରା ରେ ଦେଖିବାକୁ ମିଳେ ନାହିଁ ।

ଠିକ ସେଇ କିଛି ଦିନ ମୋର ଖୁବ ଭଲ ରେ ଯାଏ । କକା କେତେ କଣ ସହରୀ ଜିନିଷ ନେଇ ଆସିଥାନ୍ତି । ବୋଉ ଆଉ ଖୁଡି କଥା ରେ ମାତି ଯାଆନ୍ତି । ହଁ, ଆହୁରି ଗୋଟେ କଥା ଯେ ! କକା ଆଉ କୁନି ପୁଅ ଯେତିକି ଭଲ ଖୁଡି ସେତିକି ଖରାପ ! ବୋଉ ଆଗରେ ସିନା ମୋତେ ଗେଲ କରନ୍ତି, ହେଲେ ବୋଉ ଗଲା ପରେ ନାଲି ଆଖି ଦେଖେଇବାକୁ ଭୁଲନ୍ତି ନାହିଁ!

ସମୟ ସହ ସବୁ ବଢୁଥାଏ । ଆଉ ତା ସହ ରମାନାନୀ ର ବୟସ ବି । ସିଏ ଏତେ ବର୍ଷ ବୟସ ରେ ବି ସେଇ ଦୋକାନ ଚଳାଉ ଥାଏ । ଏବେ ଅବଶ୍ୟ ଭିଡ଼ କମି ଯାଇଛି ।

ISSN NO.
2582-208X

ମଧୁହୀନ ପୁଷ୍ପ କୁ ବା କାହିଁ ଭ୍ରମର ଆବୋରିବ ? ସେମିତି ହିଁ ରମା ନାନୀ ଏବେ ବୟସ ତାଡନା ରେ ବୃଦ୍ଧା ପ୍ରାୟ । ସେଇ ପୁରୁଣା ରସିକ ଙ୍କ ଭିତରୁ କେହି କେବେ ରମା ନାନୀ କୁ ଅଶ୍ଳୀଳ ଇଙ୍ଗିତ କଲେ, ରମା ନାନୀ ର ସେଇ ଦି ଅକ୍ଷରି ଶବ୍ଦ ଶୁଣି ଥମି ଯାଆନ୍ତି ।

ରମା ନାନୀ ଏବେ ଆଗ ପରି ମୋତେ ଭୟ ଦେଉ ନାହିଁ । କାହିଁକି ନା ମୁଁ ଏବେ କଲେଜ ରେ ଯେଉଁ ପଢୁଛି ! ବୟସ ସହ ଡର ବି କମି ଯାଉଛି । ହଁ ଅବଶ୍ୟ ତାଙ୍କରି ସାହି ର ପ୍ରତୀକ, ମୋ ପ୍ରିୟତମକୁ ମୁଁ ଯେବେ ଦେଖା କରିବାକୁ ଯାଏ ସେବେ ରମା ନାନୀ ତା ଦୋକାନ ଆଗରେ ବସି ମୋତେ କେମିତି ଅଲଗା ନଜର ରେ ଚାହେଁ । ସତେ ଯେମିତି ସେ ମନା କରୁଥାଏ । ହେଲେ ପ୍ରେମ ରେ ମଗ୍ନ ମୁଁ ତା ନଜର କୁ ଆଡେଇ ଦେଇ, ପ୍ରତୀକ ସହ ପ୍ରେମାଳାପ ରେ ବୁଡି ଯାଏ ।

ଆଧୁନିକତା ର ଶୀର୍ଷ ରେ ଥିବା ପ୍ରତୀକ ମୋର ଗାଉଁଲି ନାରୀ ସୁଲଭ ଚରିତ୍ର ପାଇଁ ଖୁବ ବିରକ୍ତ ହୁଏ । ହେଲେ ମୁଁ କିନ୍ତୁ ମୋ ମର୍ଯ୍ୟାଦା ର ସୀମା ଟପିବାକୁ ଚାହେଁ ନା । ଯେଉଁ ସମ୍ପର୍କ ସର୍ବମତ ରେ ବୈଧ ସେଇ ବିବାହ ର ପବିତ୍ର ବନ୍ଧନ ରେ ବାନ୍ଧି ନ ହେବା ଯାଏଁ ମୋର ପ୍ରତୀକ ଠାରୁ ଦଶ ହାତ ଦୂରତା ସେ ବୋଧେ ସହ୍ୟ କରି ପାରୁ ନଥିଲା ।

ସେଇଥିପାଇଁ ତ, ନିରୋଳା ସନ୍ଧ୍ୟା ମୁହୂର୍ତ୍ତ ରେ ଏକଲା ପାଇଁ ଯେବେ ସେ ମୋତେ ପଶୁ ସମାନ ଜାବୁଡି ଧରିଥିଲା କାହାରି ହାତ ର ଜୋରଦାର ଚାପୁଡ଼ା ରେ ସେ ଚମକି ଉଠିଲା। ରମା ନାନୀ ଦୋକାନ ବନ୍ଦ କରି ଆସୁଥିବା ବେଳେ ହୁଏତ ପ୍ରତୀକକୁ ମୋ ସହ ଜବରଦସ୍ତି କରୁଥିବା ବେଳେ ଦେଖିଲା । କାନମୁଣ୍ଡା ଆଉଁସି ସେଦିନ ପ୍ରତୀକ ସିନା ମୋ ଜୀବନ ରୁ ଚାଲିଗଲା, ହେଲେ ମୁଁ ସହଜ ରେ ଗ୍ରହଣ କରି ପାରୁ ନଥାଏ ସେଦିନ ଘଟଣାକୁ । ଯଦି ରମା ନାନୀ ଠିକ ବେଳେ ନ ଆସି ଥାନ୍ତା, ମୁଁ କଣ ମୁଣ୍ଡ ଟେକି ବାଟ ରେ ଚାଲି ପାରିଥାନ୍ତି? ହୁଏତ ନା !

ରମା ନାନୀ ପାଇଁ ମୋ ମନ ରେ ସମ୍ମାନ ଆହୁରି ବଢ଼ି ଯାଉଥାଏ । ତାପର ଦିନ ମୁଁ ରମା ନାନୀ କୁ ଚାହିଁ ହସି ଦେଲା ବେଳ କୁ ଦିଏ ସିଏ ପୂର୍ବ ପରି ସେମିତି ଗାରେଡେଇ

ISSN NO.
2582-208X

ଗାରେଡେଇ ମୋତେ ଚାହିଁ କଣ ବକୁଥାଏ ! ଅଦ୍ଭୁତ ! ହସ ର ପ୍ରତି ଉତ୍ତର ବି ନାହିଁ ? ଓଲଟି ଗାଳି ? ମୁଁ ସେଇ ଦିନ ଠାରୁ କିଛି କହେ ନା ତାକୁ ।

ପ୍ରତୀକ ର ସେଇ ହରକତ ପରେ ମୁଁ ମୋ ବାହାଘର ର ଦାୟିତ୍ୱ ବାପା ବୋଉ ଙ୍କ ଉପରେ ଛାଡି ଦେଇଥିଲି । ବାପା ବୋଉ ବି ମୋତେ ନିରାଶ କରି ନଥିଲେ । ସୁମନ୍ତ ଙ୍କ ପରି ଗୁଣର ପିଲା ଏ ସୃଷ୍ଟି ରେ ମୋତେ ମିଳି ନଥାନ୍ତେ ଏକଥା ମୁଁ ଜାଣିଛି ।

କେତେ ବର୍ଷ ମୁଁ କାମ ରେ ଛନ୍ଦି ହୋଇ ଆଉ ଘରକୁ ଯାଇ ନଥାଏ। ଛୋଟ ଛୁଆ ସାଙ୍ଗ କୁ ଶାଶୁ ଶଶୁର ଙ୍କ ସହ ଅଫିସ କାମ ଚଳେଇ ନେବା ଭାରି କଷ୍ଟ ହେଉଥାଏ । ଏସବୁ ପରେ ବି ସୁମନ୍ତ ଙ୍କ ସାହାଯ୍ୟ ମୋତେ ଆଗକୁ ବଢ଼େଇ ନେଉଥାଏ ।

କକା ବି ଗାଁ କୁ ଫେରି ଆସିଥାନ୍ତି । ମୋ କୁନି ଭାଇ ଏସବୁ ଭିତରେ ବଡ଼ ହୋଇ ଚାକିରୀ ଆଉ ସ୍ତ୍ରୀ ଦୁଇଟା ଯାକ ପାଇ ସାରିଥାଏ । କକା ଙ୍କ ଆଶା ଥିଲା ଏଇ ମାଟି ରେ ତାଙ୍କ ଶେଷ ନିଶ୍ୱାସ ଯାଉ ବୋଲି । ହେଲେ ଖୁଡି ଙ୍କ ପାଇଁ ଏ ସବୁ କେବଳ ପ୍ରହସନ ଥିଲା । ନହେଲେ କଣ ସ୍ୱାମୀ କୁ ଛାଡି ପୁଅ ବୋହୂ ଙ୍କ ପାଖରେ ରହିବାକୁ ମନ କରନ୍ତେ ?

ସେଦିନ ହୋଲି ପାଇଁ ଗାଁ କୁ ଯାଇଥିଲି । ରଙ୍ଗ ଖେଳି, ଖରାବେଳେ ଖାଇ ଦେଇ ଟିକେ ଗାଁ ଆଡେ ଯାଇଥିଲି । ଏତିକି ବେଳେ କେହି ଜଣେ କହିଲା, "ରମା ନାନୀ ଚାଲିଗଲା !"

ଏଇ ପଦ କଥା ଶୁଣି ମୁଁ ରମା ନାନୀ ପାଖକୁ ଧାଇଁ ଥିଲି । ମୃତ ଶରୀର ଟା ଅବଶ ହୋଇ ଲୋଟିଥାଏ। କେହି କେହି କହୁଥାନ୍ତି କପାଳିଆ ଟା, ଏତେ ବଡ଼ ଦିନ ରେ ଚାଲିଗଲା ।ପୁଣି କିଏ କହୁଥାଏ ହଁ, ବିଚାରି ଆଉ କେତେଦିନ ଏକଲା ରହିଥାନ୍ତା ? ଆଉ ଦେଖିବାକୁ ଧୈର୍ଯ୍ୟ ନଥାଏ । ଭିଡ ଆଡେଇ ଘରେ ପହଂଚିଲି । ବୋଉ ମୋ ପୁଅ କୁ ଧରି ବସିଥାଏ । ବାପା ଯାଇଥାନ୍ତି ଡାକ୍ତର ଡାକିବାକୁ । କାହାର କଣ ହେଲା ବୋଉ କୁ ପଚାରନ୍ତେ ବୋଉ କକା ଙ୍କ ଦେହ ଖରାପ କହିଲା । ସକାଳେ ମୁଁ ଆସୁ ଆସୁ ମୋତେ କୋଟିଏ ଆଶୀର୍ବାଦ ଦେଇଥିବା କକା ଏମିତି ଅପରାହ୍ନ କୁ କେମିତି ଅସୁସ୍ଥ ହେଲେ ତାଙ୍କ ରୁମ କୁ ଯାଇ ମୁଁ ଛିଡା ହୋଇଥିଲି ।

ISSN NO.
2582-208X

କକା ଙ୍କ ଅବଶ ଶରୀର ଖଟ ଉପରେ ଲୋଟିଥାଏ । ମୁଁ କକା ଡାକିଲା ମାନେ ସେ ହାତ ଠାରି ମୋତେ ପାଖକୁ ଡାକିଲେ । ପଚାରିଲେ, ''ରମା ? ସତରେ ରମା ଚାଲିଗଲା ?''

ମୁଁ ମୁଣ୍ଡ ହଲେଇ ହଁ କହିଲା ମାତ୍ରକେ ସେ ଖୁବ ଜୋର ରେ କାନ୍ଦି ଉଠିଲେ । ରମା ରମା କହି ବାଉଳି ହେଉଥାନ୍ତି । ମୁଁ କେବଳ ବୋଉ ବାପା ଡାକ ପକାଉ ଥାଏ । ବାପା ତୁରନ୍ତ ଡାକ୍ତର ଙ୍କ ସହ କକା ଙ୍କ ରୁମ କୁ ଆସିଲା ମାତ୍ରକେ ତାଙ୍କ ଦେହ ଧୀରେ ଧୀରେ ଶୀଥିଳ ହେବାରେ ଲାଗିଥାଏ । ଏକ ଅଜଣା ଆଶଙ୍କା ରେ ଆମେ ସଭିଏଁ ଥରି ଉଠିଲୁ। କଳ୍ପନା ମିଛ ବୋଲି ଯେବେ ଡାକ୍ତର ଙ୍କୁ ଚାହିଁଲୁ ସେ ମୁଣ୍ଡ ହଲେଇ କକା ଆଉ ନାହାନ୍ତି ବୋଲି ଇଙ୍ଗିତ କରୁଥିଲେ ।

ବାପା ଆଉ ବୋଉ ଦୁହେଁ ଉଚ୍ଚ ସ୍ୱର ରେ କାନ୍ଦୁଥିଲେ । ମୁଁ ସଭିଙ୍କୁ ଫୋନ କରି ଡାକୁଥାଏ। ଖୁଡି ଙ୍କୁ ଜଣେଇବାକୁ ଯାଇ ଯେବେ ଫୋନ କଲି ଖୁଡି ଙ୍କ କାନ୍ଦ ର ଗୁଞ୍ଜଣା ଠିକ ଶୁଭୁଥିଲା ମୋତେ । ଜଲଦି ଆସୁଛନ୍ତି କହିକି ଯେବେ ଫୋନ ରଖୁଥିଲେ ସେପାଖ ରୁ ସ୍ପଷ୍ଟ ଶୁଣା ଯାଉଥାଏ, ''ସେ ହୋଲି ରେ ଆସିଥିବା ମିଠା ଗୁଡା ଫ୍ରିଜ ରେ ରଖି ଦେ । ତୋ ଶଶୁର ଚାଲିଗଲେ । ଚାଲ ଗାଁ କୁ ଯିବା ବାହାର । ଏଣେ ଗଲେ ପୁଣି ଗାଧୋଇବାକୁ ହେବ ଯେ ମୁଣ୍ଡ ଧୋଇ ।''

ଆଉ କିଛି ଶୁଣା ଯାଉ ନଥିଲା ମୋତେ । ବୋଉ ମୋ କାନ୍ଧ ରେ ହାତ ରଖି କହିଲା,''ରମା ଆଉ ତୋ କକା ପିଲାଟି ଦିନ ରୁ ଏକା ସାଙ୍ଗ ରେ ବଡ଼ ହୋଇଛନ୍ତି । ସ୍କୁଲ ଠାରୁ ନେଇ କଲେଜ ଯାଏଁ ସବୁ ସାଥିରେ । କେବେ ଦୁହେଁ ବନ୍ଧୁ ରୁ ପ୍ରେମ ଯୋଡ଼ା ପାଲଟି ଯାଇଥିଲେ କାହାରିକୁ ଜଣା ନଥିଲା । ଦୁଇ ପରିବାର ଖୁସି ରେ ଥିଲେ । ତୋ କକା ଭଲ ପଢୁଥିଲେ ବୋଲି ତାଙ୍କୁ ବାହାରକୁ ପଢିବାକୁ ଦିଆ ଯାଇଥିଲା ।

ହେଲେ ତୋ ଖୁଡି ସେଇଠି ଏମିତି ତୋ କକା ପଛେ ପାଗଳ ହେଲା ଯେ, ଦିନେ ତୋ କକା କୁ ବେହୋସ କରି ତା ସହ ନିଜେ ଅସଜ୍ଜିତ ଅବସ୍ଥା ରେ ରହିବାର ପ୍ରମାଣ ଏକାଠି କରି ବଦନାମ କରିବାର ଧମକି ଦେଇ ବୁଲିଲା । ଭୟ ରେ ତୋ ଜେଜେ ସିନା ତାଙ୍କ ଦୁହିଁଙ୍କ

ISSN NO.
2582-208X

ବାହାଘର କରେଇ ଦେଲେ, ହେଲେ ସେଇ ବାହାଘର ଯେ ରମା ବାପା ମାଆ ଙ୍କ ଜୀବନ ନେଇ ଯିବ ଆମକୁ ଜଣା ନଥିଲା ।

ରମା ଆଉ ତୋ କକା ଙ୍କ ନିର୍ବନ୍ଧ ସରି ଯାଇଥିଲା । ତୋ କକା ପଢା ସାରି ଆସିଥିଲେ ବାହାଘର ହୋଇଥାନ୍ତା । ହେଲେ ତା ଆଗରୁ ଏତେ ସବୁ ଘଟିଗଲା । ରମା ସେଇ ଦିନ ଠାରୁ ସବୁଦିନ ପାଇଁ ଅବିବାହିତା ରହିଗଲା । ଆଉ ତୋ କକା ଜୀବନ ଥିବା ଏକ ଶୂନ୍ୟ ଆତ୍ମା ।''

ବୋଉ କଥା ଶୁଣି ମୁଁ ଆଜି ଜାଣିଲି ରମା ନାନୀ ର ସେ ଚାହାଣୀ ର ଅର୍ଥ କୁ । ଅଦିନିଆ ପିଲା ଦିନ ର ସେଇ ଗଳି ରେ ହଜି ଯାଇଥିଲି ଯେଉଁଠି ରମା ନାନୀ କୁ ଦେଖି ମୁଁ ଭୟ ରେ ଧାଇଁ ଆସୁଥିଲି । ଇଚ୍ଛା ହେଉଥିଲା ଧାଇଁ ଯାଇ ରମା ନାନୀ କୁ ଜାବୁଡି ଧରି ବୋକ ଦେବାକୁ । ହେଲେ ସେଇ ସମୟ ଆଉ କଣ ଫେରିବ କି ?

ଆଜି ଯେଉଁଠି ପ୍ରେମ ପ୍ରହସନ ସାଜିଛି ସେଇଠି ରମା ନାନୀ ଆଉ କକା ଏତେ ଦିନ ର ଦୂରତା ପରେ ବି ପରସ୍ପର କୁ କେତେ ଭଲ ପାଉ ନଥିଲେ ସତେ ? ନହେଲେ ରମା ନାନୀ ର ଯିବା ଖବର ଶୁଣି କଣ ମୋ କକା ଏମିତି ଅବେଳ ରେ ଟଳି ପଡିଥାନ୍ତେ ?

ପ୍ରେମ ଯେ କେବଳ ଉପସ୍ଥିତି ଗତ ନୁହେଁ ଏକଥା ଦୁହେଁ ପ୍ରମାଣିତ କରି ସାରିଥିଲେ । ଏ ସାରା ଦୁନିଆ ପାଇଁ ଏକ ଅଦ୍ୱିତୀୟ ଉଦାହରଣ ସାଜି ଯାଇଥିଲେ । କିଏ କହେ ପ୍ରେମ କେବଳ ସଜ ଗୋଲାପ ର ବିଛଣା । ଥରେ ଏ କଣ୍ଟା ଭରା ରାସ୍ତା କୁ କେହି ଦେଖି ତ ଯାଉ! କଣ୍ଟା ପାରି ହେଲା ପରେ ଯେଉଁ ଗୋଲାପ ର କୋମଳତା ବୋଧେ ସଭିଙ୍କ ଭାଗ୍ୟ ରେ ନଥାଏ । ନହେଲେ କକା ଆଉ ରମା ନାନୀ ଙ୍କ ଏତେ କଷ୍ଟ ପାଇଥାନ୍ତେ ? ହୁଏତ ନା!

ଅପରପାର୍ଶ୍ୱ ରେ ମୋ କାନ ରେ ଖୁଡି ଙ୍କ ସେଇ କେଇ ପଦ କଥା ଗୁଞ୍ଜରିତ ହେଉଥାଏ । ଖୁଡି ସିନା କକା ଙ୍କ ଶରୀର ଟାକୁ ପାଇଥିଲେ । ମନ ଆଉ ହୃଦୟ ତ କେବଳ ରମା ନାନୀ

ISSN NO.
2582-208X

ର ହୋଇ ସାରିଥିଲା କେବେ ଠାରୁ । ନହେଲେ କଣ ଦୁହେଁ ପାର୍ଥିବ ଦୂରତା ଡେଇଁ ଏକାଦିନେ ଦେହବସାନ ଘଟେଇ ଥାନ୍ତେ ?

ଆଜି ଆମ ଗାଁ ରେ ବସନ୍ତ ର ଉତ୍ସବ ବଦଳ ରେ ଦୁଇ ଦୁଇଟା ଶୋକ ସାଗର ରେ ବୁଡୁଛି। ଯେମିତି ଅସ୍ତକାଳୀନ ସୂର୍ଯ୍ୟ ବି ଦୁଇ ପ୍ରେମୀ ଙ୍କ ପ୍ରେମ ଆଗରେ ନିଜ ମସ୍ତକ ନୁଆଇଁ ନିଜ ଶେଷ କିରଣ ବିଞ୍ଚି ଦେଉଛି ! ବସନ୍ତ ର ମଳୟ ଦୁହିଁଙ୍କୁ ନିଜ ସାଥିରେ ବହି ନେଇ ଯାଉଛି ଏକ ଅଜଣା ସହର । ଯେଉଁଠି ନଥିବ ଭୟ ର କାରଣ । ଅଲଗା ହେବାର କୌଣସି ସମ୍ଭାବନା ।

ସଭିଙ୍କ ଲୁହ ଭିତରେ ବି ମୁଁ ଖୋଜି ପାଉଥିଲି ସେଇ ଦୁଇ ପ୍ରେମୀ ଙ୍କ ପ୍ରେମ ର ତୀବ୍ରତା କୁ। ଦୁହିଁଙ୍କ ଚିର ଇପ୍ସିତ ଶେଷ ବସନ୍ତ ର ଅନୁରାଗ କୁ ।

^^^^

ISSN NO.
2582-208X

# ତୁମେ ଆଉ ମୁଁ



କଳ୍ପନା ମିଶ୍ର

ତୁମେ ମୋ ମନର ସଞ୍ଜୁଆ ତାରାଟେ
ମୁଁ ତୁମ ଉଆଁସ ରାତି
ତୁମେ ପ୍ରଣୟ ର ପ୍ରୀତି ପରିଭାଷା
ମୋ ଓଠର ମଧୁ ଗୀତି ।

ମୋ ମନ ଆକାଶେ ପୂର୍ଣ୍ଣ ଚାନ୍ଦ ତୁମେ
ମୁଁ ଅଟେ ସରସୀ କଇଁ
ଚାନ୍ଦିନୀ ପଖଳା ମଧୁ ଯାମିନୀ ରେ
ପ୍ରତୀକ୍ଷା ମୋ ସରିନାହିଁ ।

ପାହାନ୍ତି ପ୍ରହର ସ୍ୱପ୍ନର ସମ୍ଭାର
ମୁଁ ଅଟେ ବିନିଦ୍ର ରାତି
ଝରା ଶେଫାଳୀର ସୁରଭି ତୁମେଗୋ
ମୁଁ ତୁମ ଅଭୁଲା ପ୍ରୀତି ।

ତୁମ ହୃଦୟରେ ରହିଛି ରହିବି
ପ୍ରଣୟ ର ଦୀପ ଜାଳି
ଅଳପ ଦିନର ଗଳ୍ପ ମୁଁ ଲେଖିବି
ପ୍ରୀତିର ପୁଲକ ଢାଳି ।

ହରିପୁର,ସୁକନ୍ଦା, ଯାଜପୁର-୭୫୫୦୧୮
ମୋ: 8847849093

ISSN NO.
2582-208X

# ଚିନ୍ତନ



ଅଜିତ ପାଢ଼ି

ପିଡା ଯାତନା କୁ ମାପିବା ପାଇଁ ହେ
ପରୀକ୍ଷା ଦେବାକୁ ତ ଡକା ଯାଉଛି
ଚାଇନା ପିଡାରେ କ୍ଷତାକ୍ତ ମହୀରେ
ଦୁଃଖ ଯାତନା ରେ ବିଶ୍ୱ ଭୋଗୁଅଛି ।
ଲୁଚି ରହେ ମନ ଦେଉଳ ଭିତରେ
ପଣ୍ଡିତ ସମାଜେ ଭାଳେଣି ପଡିଛି,
ଭାଳେଣୀ ପଡିଛି ବିଜ୍ଞାନୀ ଚିନ୍ତନ
ସଚେତନ ଖାଲି ସ୍ୱର ଶୁଭୁଅଛି ।
ଶ୍ରମିକ ଅଭାବେ କଳ କାରଖାନା
ଅକାମୀ ହୋଇ ତ ପଡି ରହିଅଛି,
ଚାକିରିଆ ମାନେ ଭାଳେଣୀ ପଡିଛି
ଦରମା ବନ୍ଦ ତ ହୋଇଯିବ କି
ଦୁଃଖ ଭୟ ଦେଇ ଯାତନା ମହୀରେ
ମନୁଷ୍ୟ କଣ୍ଟକ ନିଜେ ସାଜିଅଛି
ମଣିଷ ମଣିଷ ସନ୍ଦେହ ଘେରାରେ
ପୃଥିବୀ ଟି ଆମ ବୁଡିଯିବ କି ?

ଅଭୟ ଭାବରେ ଘର ରହିଯାଏ
ନବୀନ ନରେନ୍ଦ୍ର ନୀତି କହୁଅଛି
ବର୍ଜନ କରହେ ଚାଇନା ବସ୍ତୁକୁ
ସ୍ୱଦେଶୀ ବସ୍ତୁତ ଭାରତେ ଅଛି,
ପରାଜିତ ହେବ ଚାଇନା ଶକ୍ତିର
ଭାରତ ମାଟିରୁ ରାଫେଲ କହୁଅଛି ॥

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

ISSN NO.
2582-208X

# ମୁଁ ଆମ୍ବ



ଦୁଷ୍ମନ୍ତ ବେହେରା

ମିଠା ଲାଗେ ବୋଲି ଚିପୁଡ଼ି ଦିଅ
ଏଣୁ ତେଣୁ କରି ଚାଟି ଦିଅ
ବିକଳ ମନକୁ ସୁଆଦ ଚିନ୍ତା
ମୋ ଆମ୍ବିଳା ରୁ ଟାକରା ମରା !!

ସୁନ୍ଦର ଦେହ ହଳଦି ଗଣ୍ଡି
ଲୋଭ ରେ ମୋତେ ନେଇ
ଯାଆନ୍ତି ଘର ଘରଣୀକୁ କହିଦିଅ
କାଟି ଆଣ ଯାକୁ ଆଗ   !!

ନାମଟି ମୋର ଆମ୍ବ ଜାଣ
ନଶି ଲାଗିଲେ ହେବ ଘାଆ ଜାଣ
ଛୁଆ ଠୁ ଭେଣ୍ଡିଆ ଆଦର କର
ତଲ ତଲ କଲେ ଖାଇଦିଅ !!

ମୁଁ ଆମ୍ବ ବୋଲି କର ଆଦର
ମୁହେଁ ଟାକରା ମାରନ୍ତି ଜାଣ
ପଖାଳ କଂସରେ ମୋ ଭାଗ୍ୟ
ମୋ ନାମଟି ଆମ୍ବ ଜାଣ !!

ISSN NO.
2582-208X

ସୁଆଦ ଲାଗିଲେ ଆଦର କର
ଖଟା ଲାଗିଲେ ଫୋପାଡି ଦିଅ
ମୋ ଜନମ ତୁମ ପାଇଁ
କ୍ଷୁଧା ତୁମର ମେଣ୍ଟେଇ ଦେବି !!

ଗଛରେ ଥିଲେ ସୁନ୍ଦର କୁହ
ଲୋଭରେ ଟେକା ମାର
ମୁଁ ଆମ୍ବ ଗଛର ନୁହଁ କି ମାଟି
ର ନୁହଁ କେବଳ ତୁମ ପାଇଁ ଜାଣ !!

ବିଧାତା ଗଢିଲା ଭାଗ୍ୟ ମୋର
କପାଳ ଲେଖା ଜଗତ ପାଇଁ
ଏଇ ଦେଖ ମୁଁ ଆସି ଗଲି
ବୈଶାଖ ମାସେ ପାଚି ଗଲି !!

ପଶୁ ପକ୍ଷୀଙ୍କ ହେଲି ଆଦର
ଦେହ ଦେଖି ଥଣ୍ଟ ମାରି ଦିଅନ୍ତି
ସରଧା ରେ ବିଧାତା ଗଢିଛି ଦେହ
ମିଠା ଲାଗେ ବୋଲି ଚୁଚୁମି ଦିଅ !!

ମୁଁ ଆମ୍ବ ଲକ୍ଷ୍ୟ ନାହିଁ କି
ସପନ ନାହିଁ ସମୟ ଖେଳ
ରେ ଖେଳି ଖେଳି ଶେଷରେ
ମୁଁ ଝଡି ଗଲି ଝଡି ଗଲି !!

ଗ୍ରସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ-୧୫

ସେହି ଦିନ ଠାରୁ ମାଳତି ଆଉ ସତ୍ୟ ସହିତ କଥାବାର୍ତ୍ତା କଲା ନାହିଁ। ତା'କୁ ଭେଟିବା ପାଇଁ ମନ ବଳାଇଲା ନାହିଁ। ତା' ସହିତ ଆଗ ଭଳି ପଦେ କଥା କି ଲାଜରେ ହସିବାର ଆବେଗ ସୃଷ୍ଟି ହେଲା ନାହିଁ। କେବଳ ଛାତିରେ ଛାତିଏ କୋହ, ଆଖିରେ ଆଖିଏ ଲୁହ। ମନ ଭିତରେ ଅଶେଷ ଅବ୍ୟକ୍ତ ବେଦନା, ସର୍ବଦା ଅପ୍ରକାଶିତ ଖେଦ। ଜୀବନ ଯୁଦ୍ଧରେ ସର୍ବସ୍ୱ ହରେଇ ମୂକ ପାଲଟି ଯାଇଥିବା ମଣିଷ ଭଳି ତା'ର ଅବସ୍ଥା। ଦୁର୍ଯୋଗକୁ ଦୁହେଁ ପରସ୍ପର କେଉଁଠି ଦେଖାହେଲେ କେବଳ ବଡ ବଡ ଆଖିରେ ଚାହିଁ ନିରବରେ ଚାଲିଯାଏ। ପଚାରିଲେ କିଛି କହେ ନାହିଁ। କଥା ହେଲେ କିଛି ଶୁଣେ ନାହିଁ। ସତେ ଯେପରି ସବୁ ଦୁଃଖକୁ ଆଦରି ନେଇଛି ଅଭାଗିନୀ ଅହଲ୍ୟା ପରି।

ସତ୍ୟ ନିଜକୁ ନିଜେ ଭାବେ, "ଏ କ'ଣ ହେଲା? କେଉଁ ପାପର ପ୍ରାୟଶ୍ଚିତ? କାହିଁକି ମୋ ସହିତ କଥା ହେଉ ନାହିଁ? କି ଦୋଷ କରିଛି ମୁହିଁ? ଯଦିଓ ତା'କୁ ଭଲ ପାଇ ଭୁଲ କରିଛି ତେବେ ଏହି ମର୍ମରେ ଦୋଷୀ ଅଟେ। ତେବେ ଏଇ ଭୁଲ ପାଇଁ ଏତେ କଠୋର ଦଣ୍ଡ! ଥରେ ମାତ୍ର ମୋ ସହ କଥା ହୋଇ କହି ଦିଅନ୍ତା ତୁମେ ଦୋଷୀ ବୋଲି। ଭଲ ପାଇ ବଡ ଭୁଲ କରିଛ ବୋଲି। ମତେ ଭୁଲିଯାଅ ବୋଲି। ମୁଁ ନିଶ୍ଚୟ ନିଜର ହସ ଖୁସିକୁ ଜଳାଞ୍ଜଳି ଦେଇ ତା'କୁ ଭୁଲିଯିବା ପାଇଁ ଚେଷ୍ଟା କରନ୍ତି। ତା'ଓଠରେ ହସ ଫେରାଇ ଆଣିବା ନିମନ୍ତେ ସେ ଯାହା କହନ୍ତା ମୁଁ ତାହା କରନ୍ତି। ଆଦେଶକୁ ମୁଣ୍ଡ ପାତି ଅକ୍ଷରେ ଅକ୍ଷରେ ପାଳନ କରନ୍ତି। ପରାମର୍ଶ ଦେଲେ ସାଦରରେ ଗ୍ରହଣ କରନ୍ତି। ଅନୁରୋଧ କଲେ ପ୍ରାଣପଣେ ରକ୍ଷା କରନ୍ତି। ସେ ଯଦି କଥା ହେବାକୁ ନଚାହେଁ ତେବେ ସାଙ୍ଗ ମାଧ୍ୟମରେ ବାର୍ତ୍ତା ପଠାଇଲେ ବିନା

ISSN NO.
2582-208X

ଦ୍ୱିଧାରେ ଶୁଣି ଯାଆନ୍ତି। କିନ୍ତୁ କିଛି କହୁ ନାହାଁ। କହିବାକୁ ଚାହେଁ ନାହିଁ ବୋଧେ! କେଉଁ ଖୁସିରେ ବା କହିବ? ଦୁଃଖରେ ଭାଙ୍ଗି ପଡିଲେ ମୁହଁ ହେଲେ କେମିତି ଫିଟିବ? ସାଗରର ଗଭୀର ନିରବତା ଭିତରେ ଥିବା ଆର୍ତ୍ତନାଦକୁ କେମିତି ହେଲେ ଶୁଣି ହେବ? ନିଦାଘେ ବସୁନ୍ଧରାର ଅନ୍ତର୍ଦାହକୁ କେମିତି ଦେଖି ହେବ?" ଦୁଇଟି ଦଗ୍ଧ ହୃଦୟର ବେଦନାକୁ ବୁଝିବା ପାଇଁ ଏଠି କେହି ନାହିଁ।

ମାଳତି ଯେହେତୁ ସତ୍ୟ ସହିତ କଥାବାର୍ତ୍ତା କି ମିଳାମିଶା କରିବାକୁ ନାରାଜ୍ ତେବେ ଜଣା ପଡୁଛି ସେ ତା'କୁ ଭୁଲି ଯିବାକୁ ଚାହେଁ। ନହେଲେ ପୂର୍ବ ଭଳି ଦେଖା କରନ୍ତା, କଥାବାର୍ତ୍ତା ହୁଅନ୍ତା। କିନ୍ତୁ କାହିଁ ଏ ଦୁହିଁଙ୍କ ଭିତରେ କୌଣସି ସମ୍ପର୍କ ଥିବା ଭଳି କିଛି ତ ଜଣାପଡୁ ନାହିଁ। କେହି କାହାକୁ ସତେ ଯେପରି କେବେ ଦେଖିନଥିଲେ। ଯଦିଓ ବେଶଭୂଷା, ରଙ୍ଗଢଙ୍ଗ, ଚାଲିଚଲନ, ଜୀବନ ଶୈଳୀ ଗୋଟିଏ ପ୍ରକାରର। ବୋଧେ ଭିନ୍ନ ଗ୍ରହରୁ ଆସିଥିବା ଅଦ୍ଭୁତ ଜନ୍ତୁ ଦୁଇଟି। ଅପରିଚିତ ବ୍ୟକ୍ତି ସହ ତ ପରିଚୟ ଦେଇ କଥାବାର୍ତ୍ତା କରାଯାଏ, ହାଲଚାଲ ବୁଝାଯାଏ, ସୁବିଧା ଅସୁବିଧା ପଚରାଯାଏ। ଅତ୍ୟାବଶ୍ୟକ ସ୍ଥଳରେ ପରସ୍ପର ସାହାଯ୍ୟ ସହଯୋଗର ହାତ ମଧ୍ୟ ବଢାଯାଏ। କିନ୍ତୁ ଏ ଦୁହେଁ ---? ଦୈବୀ ଦୁର୍ବିପାକରେ ପ୍ରପୀଡ଼ିତ ଅଭାଗା କି ଅତ୍ୟାଧୁନିକ ଯୁଗର ଯନ୍ତ୍ର ମାନବ ଭଳି ଲାଗୁଛନ୍ତି। ସତେ ଯେମିତି ଦୁହେଁ ପରସ୍ପର ପାଇଁ ସମ୍ପୂର୍ଣ୍ଣ ଅଜ୍ଞାତ, ଅପରିଚିତ। ତେଣୁ ସତ୍ୟ ଭାବିଲା,"ତା' ନିମନ୍ତେ ଅଯଥାରେ ଦେହ ଓ ମନକୁ ପୀଡା ଦେବା ଠିକ୍ ହେବ ନାହିଁ। ତା'କୁ ନେଇ ନୀଳ ସ୍ୱପ୍ନ ଦେଖିବା ନିରର୍ଥକ। ସୁଖର ସଂସାର ଗଢିବାର ଦୂରାଶା ବିଫଳ।" ମାନସିକ ଅବସାଦ ଏକ ମାରାତ୍ମକ ଅବସ୍ଥା ଅଟେ। ଏଥିରେ ମଣିଷ କ୍ଷୀଣ ହୋଇ ଲୀନ ହୋଇଯାଏ। ହାଡ ପଞ୍ଜରା ଗଣି ହୁଏ। କୁଟାଖିଅ ଟେକିବାର ବଳ ଦେହରେ ନଥାଏ। ଶାରୀରିକ ଓ ମାନସିକ ସ୍ତରରେ ପଙ୍ଗୁ ହୋଇଯାଏ। ଲୋକେ କହନ୍ତି "ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି।" ଚିନ୍ତା ହୃଷ୍ଟପୁଷ୍ଟ ବଳଶାଳୀ ମଣିଷକୁ ମଧ୍ୟ ଦୁର୍ବଳ କରିଦିଏ। ତେଣୁ ଦୁଃଖ କରି କି ଲାଭ?

ଭଲ ପାଇବାର ଅର୍ଥ ସବୁଦିନ ପାଇଁ ଆରଜଣକୁ ନିଜର କରିନେବା, ମରିବା ଯାଏଁ ସାଙ୍ଗରେ ଜୀବନ ବିତାଇବା ବୋଲି କିଛି ଲୋକ ବୁଝନ୍ତି। ଯାହାକୁ ଭଲ ପାଇବ, ଯାହା ପାଖରେ ସମ୍ପୂର୍ଣ୍ଣ ସମର୍ପିତ ହେବ ତା'କୁ ନପାଇଲେ ତାହା କି ଭଲ ପାଇବା? ଜଣକୁ ହରାଇବା ଦୁଃଖରେ ଛଟପଟ ହେବା ଅପେକ୍ଷା ପାଇବାର ଖୁସିରେ ଆତ୍ମତୃପ୍ତି ଲାଭ କରିବା ହିଁ ଭଲ

ISSN NO.
2582-208X

ପାଇବା। ଆଉ କିଛି ଲୋକଙ୍କ ମତରେ ଏହାର ଅର୍ଥ ସମ୍ପୂର୍ଣ୍ଣ ବିପରୀତ। ସେମାନେ ଯୁକ୍ତି ବାଢ଼ନ୍ତି ଯେ ଭଲ ପାଇ ବିବାହ କଲେ ଇତିହାସଟା ସେତିକିରେ ସମାପ୍ତ ହୁଏ। ଆଗ ଭଳି ଦେଖିବାର ବ୍ୟାକୁଳତା, ଭେଟିବାର ଉତ୍କଣ୍ଠା, କଥାର ମାଧୁର୍ଯ୍ୟ, ସ୍ପର୍ଶର ଶିହରଣ ଆଉ ଆସେ ନାହିଁ। ପାଇବା ଅପେକ୍ଷା ନପାଇବାରେ ବର୍ଷ ବର୍ଷ ଧରି ସ୍ମୃତି ମନେ ରହେ। ବୟସର କେଉଁ ଏକ ପାହାଚରେ ଉପଗତ ହେଲେ, କେବେ କେଉଁଠି ଦେଖାହେଲେ ଅତୀତର ଅବିସ୍ମରଣୀୟ ମୁହୂର୍ତ୍ତ ଝଲସି ଉଠେ। ଦୁହେଁ ପରସ୍ପର ପାଇଁ ଯେମିତି ପାଗଳ ହେଉଥିଲେ, ସେଇ କଥା ମନେପଡି ଯୌବନର ମାଦକତାରେ ଅନିଚ୍ଛା ସତ୍ତ୍ୱେ କେଉଁ ଏକ ଚକ୍ରବ୍ୟୁହରେ ପଶି ଚିତ୍କାର କରିଥିବା ସ୍ୱର ଶୁଣାଯାଏ। ବୟସ ଢଳିଗଲେ ଚପଳ ଯୁବକ ଯୁବତୀର କାର୍ଯ୍ୟକଳାପ ଦେଖି ନିଜର ଅନୁଭୂତି ମନେ ପଡେ। ଉଦାସୀନ ଯୁବକକୁ ଦେଖିଲେ ନିଜର ଦୁଃସାହସିକ କାମ ସ୍ମରଣ ହୁଏ। କି ସମୟ ଥିଲା ସେତେବେଳେ! ଚାଲି ଯାଉଥିଲେ ସାହିର ଯୁବତୀମାନେ ନିରେଖି ଦେଖି ନେଉଥିଲେ। ଯାନିଯାତରାରେ ଷୋଳଷୀ ବାଳାମାନେ ଲାଜ ଆଖିରେ ଦେଖୁଥିଲେ। ହସିଦେଲେ କଦମ ଫୁଲ ଫୁଟୁଥିଲା। କଥାରେ ଥିଲା ଯାଦୁ। ଚେହେରାରେ ଥିଲା ଆକର୍ଷଣ। ବାଟରେ ଘାଟରେ ଦେଖା ହେଉଥିବା ଝିଅମାନେ ମଧ୍ୟ ଘଡିଏ ଅଟକି ଦେଖି ନେଉଥିଲେ, ଇତ୍ୟାଦି ଇତ୍ୟାଦି। ଏଠି ଦୁହେଁ ଏକାଠି ସୁଖର ସଂସାର ଗଢିବାର ସ୍ୱପ୍ନ ନେଇ ଭଲ ପାଇଥିବା ସତ୍ୟ ଆଜି ବୋଧେ ବୁଝି ପାରିଛି ଭଲ ପାଇବାର ପ୍ରକୃତ ସଂଜ୍ଞା।

ଆମର ଜଣେ ମହାପୁରୁଷ କହିଯାଇଛନ୍ତି, "ଅବଚେତନ ମନରେ ସ୍ୱପ୍ନ ଦେଖି ଲାଭ ନାହିଁ। ତାହା କେବେଳ ଟିକିଏ ଖୁସି ଦେଇଥାଏ। ସ୍ୱପ୍ନ ଦିବାଲୋକରେ ଦେଖ ଆଉ ତା'କୁ ସାକାର କରିବା ନିମିତ୍ତ କଠୋର ଅଧ୍ୟବସାୟ କର।" ଅବଚେତନ ଅବସ୍ଥାର ସ୍ୱପ୍ନ ଅଳୀକ, ବ୍ୟର୍ଥ, ଅବାସ୍ତବ, ଆକାଶ କୁସୁମ ପରି। ମାତ୍ର ଦିବାଲୋକର ସ୍ୱପ୍ନ ଏକ ମହାନ୍ ଉଦ୍ଦେଶ୍ୟ, ଉଚ୍ଚାକାଂକ୍ଷା ଅଟେ। ଜୀବନରେ ଲକ୍ଷ୍ୟ ପ୍ରାପ୍ତିର ଅଭିଳାଷ ଅଟେ। କଠିନ ପରିଶ୍ରମ କଲେ ଯାଇ ଏ ସ୍ୱପ୍ନ ଫଳବତୀ ହୁଏ। ତେବେ ସତ୍ୟର ଅବାସ୍ତବ ସ୍ୱପ୍ନ ମାଳତିକୁ ନେଇ ସଂସାର ଗଠନ ଅନ୍ୟ ଯୁବକଙ୍କ ପାଇଁ ପ୍ରେରଣା ପ୍ରଦ ସ୍ୱପ୍ନ କି ଉଦାହରଣ ହୋଇନପାରେ। ହୋଇପାରେ ଗୋଟିଏ ପାଗଳାମୀ, ବାଚାଳତା। ନିଜର ଦୋଷ ଦୁର୍ବଳତାକୁ ମଣିଷ ହୃଦୟଙ୍ଗମ କଲେ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ସେ ଉପନୀତ ହୋଇଥାଏ। ନିଶା ସେବନ ଏକ ବଦାଭ୍ୟାସ ଏବଂ ଏଥିପାଇଁ ପରିବାର ଭାଙ୍ଗିବା ସହିତ ସମାଜରେ ବିଶୃଙ୍ଖଳା ସୃଷ୍ଟି, ଅପଯଶ

ISSN NO.
2582-208X


ପ୍ରାପ୍ତ, ଅସୁସ୍ଥତା, ଦରଦ୍ରତା ଗ୍ରାସ କରେ। ଏସବୁକୁ ହୃଦବୋଧ କଲେ ନିଶାଖୋର ବ୍ୟକ୍ତି ନିଶା ଖାଇବା ଛାଡିଦେବ। କିନ୍ତୁ କୌଣସି ମନ୍ଦ କାର୍ଯ୍ୟରେ ଅଭ୍ୟସ୍ତ ବ୍ୟକ୍ତି ସେହି କାର୍ଯ୍ୟକୁ ସହଜରେ ପରିତ୍ୟାଗ କରିପାରେ ନାହିଁ। ଏହାକୁ ଛାଡିବା କଷ୍ଟକର ବ୍ୟାପାର ଅଟେ। ଭଲ ପାଇବା ମଧ୍ୟ ଗୋଟିଏ ପ୍ରକାର ନିଶା ଅଟେ। କୁହାଯାଏ ଏଥିରେ ଭୋକ ଶୋଷ ଉଭେଇ ଯାଏ। କାମଧନ୍ଦା ପ୍ରତି ଇଚ୍ଛା ଲାଗେ ନାହିଁ। ଜଣେ ଆରଜଣ ବିନା ବଞ୍ଚିବା ମୁସ୍କିଲ ହୋଇଯାଏ। ଦୁହେଁ ପରସ୍ପର ଠାରୁ ଅଲଗା ହେବା ମଧ୍ୟ ଅସମ୍ଭବ ମାନେ ହୁଏ। ଭଲ ପାଇବା ମନର ସବୁଠାରୁ ମହତ ତ୍ରୁଟି ଅଟେ। ପ୍ରେମରେ ଘୃଣା ଭାବ ଜାତ କି ଜଟିଳ ପରିସ୍ଥିତି ସୃଷ୍ଟି ହେଲେ ପରସ୍ପର ଅଲଗା ହେବାକୁ ପଡେ। ଲାଗେ କି ତା'ଠାରୁ ଅଲଗା ହେଲେ ଆରାମରେ ନିଃଶ୍ୱାସ ଛାଡି ପାରିବି ଅଥବା ସେ ଖୁସିରେ ଅବଶିଷ୍ଟ ଜୀବନ ବଞ୍ଚିଯିବ। ତେଣୁ ଭୁଲି ଯିବା ଶ୍ରେୟସ୍କର। ଏଇ ଉଦ୍ଦେଶ୍ୟରେ ସତ୍ୟ ମାଳତିକୁ ଭୁଲି ଯିବା ପାଇଁ ପ୍ରୟାସ କଲା।

କ୍ରମଶଃ ------

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ମୁଁ ଏଇ ସହର କୁଲି



ବେଣୁଧର ସୂତାର

ମୁଁ ଏଇ ସହର କୁଲି
ମୁଁ ଏଇ ସହର କୁଲି
ଯହିଁ ବିତିଛି ମୋ ଜୀବନ ଜୀବିକା
ଗଳି କନ୍ଦି ବୁଲି ବୁଲି
ମୁଁ ଏଇ ସହର କୁଲି ।।
ସହିଛି ଅନେକ ଉଦରର ଜ୍ୱାଳା
ସହରି ସମ୍ମାନ ମୋ ପାଇଁ ତ"ଶଳା"
ପଥର କରି ମୁଁ କୋମଳ ହୃଦୟ
ଯଉବନ ଗଲି ଭୁଲି
ମୁଁ ଏଇ ସହର କୁଲି ।।
ଲହୁ ଲୁହ କେତେ ନିଗାଡିଛି ଦେହୁ
କଠିନ କରିଛି ମୋର ଦୁଇ ବାହୁ
ନିର୍ମାଣିଛି କେତେ ପ୍ରାସାଦ ସଉଧ
ବୟସକୁ ମାରି ଗୁଲି
ମୁଁ ଏଇ ସହର କୁଲି ।।
ସହର ତଳିରେ ମୋ ଝୁମ୍ପୁଡି ଘର
ବସ୍ତି ବାସିନ୍ଦା ମୁଁ ପରିଚୟ ମୋର
ରାତିଟାପାହିଲେ ଜୀବିକା ଖୋଜଇ

ISSN NO.
2582-208X

ନୋହିଲେ ଜଳେନି ଚୁଲି
ମୁଁ ଏଇ ସହର କୁଲି ।।
ବାଜିନି ଜୀବନେ ପ୍ରୀତି ସାହାନାଇ
ନିଜର ବୋଲିତ କେହିମୋର ନାହିଁ
ଉଜୁଡି ଯାଇଛି ବିଳାସୀ ଯୌବନ
ଖଟିଖିଆ କୁଲି ବୋଲି
ମୁଁ ଏଇ ସହର କୁଲି ।।
ସୁନା ଚିହ୍ନେ ସିନା ସୁନାରି ବଣିଆ
ସହରରେ ନାହିଁ ମଣିଷ ପଣିଆ
କାମ ବେଳେ ସିନା ସମସ୍ତେ ନିଜର
ସରିଲେ ଯାଆନ୍ତି ଭୁଲି
ମୁଁ ଏଇ ସହର କୁଲି ।।
ଏବେନାହିଁ ଦେହେ ଯୁବାବେଳ ଠାଣି
ବଢିଲା ବୟସ ବହିଗଲା ପାଣି
ଜରା ଗ୍ରାସୀଲାଣି ଧରାଶାୟୀ ମୁଁହି
ଆଉ ନପାରଇ ଚାଲି
ମୁଁ ଏଇ ସହର କୁଲି ।।
ବିକଳେ ଡାକୁଛି କାଳିଆ ଠାକୁର
କୁଲି ଜନମରୁ ମୋତେ ପାରିକର
ଶ୍ରୀକ୍ଷେତ୍ରେ ଭୀକାରୀ
ଜନମ ଦେଲେମୁଁ
ଧରିବି ଭକ୍ତିର ଝୁଲି
ମୁଁ ଏଇ ସହର କୁଲି ।।

କେଶଦୁର୍ଗପାଳ କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ଚଷାପୁଅ



ମନୋଜ କୁମାର ଅଦା

ମାଟି କାଦୁଅର ଚଷାପୁଅ ସିଏ
ରାତି ନ ପାହୁଣୁ ବିଛଣାରୁ ଉଠି
ସଅଳ ଯାଇ ସେ ହିଡ ମୁଣ୍ଡେ ବସି
ପ୍ରଣତି ଢାଳିଣ ମାଆଙ୍କ ଚରଣେ
ଜମିକୁ ଚଷିଲା ଜଗତ ହିତେ ।।

ମାଟିର ପୁଅ ସେ ମାଟିକୁ ପରଖି
କରିଗଲା ଚାଷ ବିଧିର ମତେ
କେଉଁଠି ଧାନ ତ' କେଉଁଠି ଶାଗ
ଜଡ଼ା, ରାଶି, ମୁଗ ଆବର ପେଶି
ଯତନେ ଲଗାଇଲା ସେ ହସିହସି ।।

ଗିରି ଶିଖେ ଥାଇ କେକା ରାବଦେଲା
ତା ଶବଦେ ଜିମୁତ ବୁହାଇଲା ବାରି

ISSN NO.
2582-208X

ଜଳେ ପୂର୍ଣ୍ଣକଲା ହୋଇଣ ଖୁସି
ତଡାଗ, ପୁଷ୍କରିଣୀ ଜଳେ ପୂର୍ଣ୍ଣ ହେଲା
ଭେକ, ଡାହୁକ ଶବଦେ କମ୍ପିଗଲା ମହୀ ।।

ଦୁଇ କୂଳ ଖାଇ ଉଛୁଳିଲା ନଈ ଜଳେ ପୂର୍ଣ୍ଣ ହେଲା
ଏ ସାରା ମହୀ ଜୀବକୁଳ ଭୀତ ଗଣିଲା ପ୍ରମାଦ
ଆତୁରେ ସୁମରି ମାଆ ସମଲାଇ, ଜଗତନାଥ
ଶସ୍ୟେ ପୂର୍ଣ୍ଣ ହେଲା, ଚଷା ଉସତ ।।

ଓଡ଼ିଆ ବିଭାଗ
କ୍ରଷ୍ଣା ପବ୍ଲିକ ସ୍କୁଲ କୋମନା

ISSN NO.
2582-208X

# ଏମିତି ସାଥି ଟିଏ



ଗାୟତ୍ରୀ ସିଂହ

ରାତି ସାରା ଆଖି କୁ ନିଦ ନାହିଁ । କେତେବେଳେ କାନ୍ଥ ଘଂଟା କୁ ତ କେତେବେଳେ କାନ୍ଥରେ ଟଙ୍ଗା ଯାଇଥିବା ଫଟୋ ସବୁ କୁ ଦେଖି ଦେଖି ରାତି ପାହିଗଲା । ବେଡ୍‌ରେ ପଡିରହି ଖାଲି ଏପଟ ସେପଟ ହେଉଛି । ଘରେ ଜାଣିଲେ କଣ କହିବେ । ସେ ତ ତା ନିଜକୁ ବୁଝାଇ ନେଇଛି ଆଉ ଜୀବନକୁ ସହଜ କରି ନେଇଛି । ଜୀବନ କୁ ଯେତିକି ସହଜ ମନେ କରିବ ବଂଚିବା ପାଇଁ ସେତିକି ସରଳ ହୋଇଯିବ । ଏ କଥା ସେ ସ୍ଥିର କରି ନେଇଛି । ହେଲେ କେମିତି ବୁଝାଇବ ସେ ଅନୁପ କୁ । ତା ପ୍ରେମ କୁ ସେ ପ୍ରତ୍ୟାଖ୍ୟାନ କଲା ପରେ ବି ସେ ବାରମ୍ବାର ତା ମୁହଁରୁ ହଁ ଶୁଣିବା ପାଇଁ ଅପେକ୍ଷା କରି ରହିଛି । କଣ କହି କେମିତି ବୁଝାଇବ ତାକୁ, ତା ପାଖରେ ଭାଷା ନାହିଁ । ଅନୁପ ତାଙ୍କ ଘର ପାଖ ରୁମ୍ ରେ ରହେ । କେତେ ଜଣ ପିଲା ମିଶି ମେସ କରି ରୁହନ୍ତି । କିଏ ଷ୍ଟୁଡେଂଟ ତ କିଏ ଜବ କରେ ଆଉ କିଏ ଜବ ପାଇଁ ପ୍ରିପାରେସନ କରେ । ଅନୁପ ମଧ୍ୟ ସେହି ମେସ୍ ରେ ରହି ବ୍ୟାଙ୍କ ପି.ଓ ର ପ୍ରସ୍ତୁତି କରୁଥିଲା । ସେ କଲେଜ ଗଲାବେଳେ ପ୍ରାୟତଃ ଦେଖେ ଅନୁପ ତାକୁ କଥା କୁହା ଆଖିରେ ଚାହୁଁଛି । ଯେମିତ କିଛି କହିବ । ଇଂଲିସ ଅନର୍ସ ରଖି ବି.ଏ ପାସ୍ କରିବା ପରେ ଅଧ୍ୟାପିକା ହେବା ଲକ୍ଷ୍ୟ ନେଇ ପି.ଜି ରେ ଆଡମିଶନ କଲା । ଏମିତି କଲେଜ ଯିବା ଆସିବା ରେ ଅନୁପ ସହିତ ତାର ଦେଖା ହୁଏ । ଦିନେ ଦିନେ ରାସ୍ତା ରୁ ଅଟୋ ରିଜର୍ଭ କରି ଦୁହେଁ ଫେରନ୍ତି । ହେଲେ କେହି କାହା ସହିତ କଥାବାର୍ତା କରନ୍ତି ନାହିଁ। ପରିଚିତ ହେବା ପରେ ଦୁହିଁଙ୍କର ସିମୀତ କଥା । ତାକୁ ଲାଗେ ଅନୁପ ବି ଯେମିତି ବେଶୀ କଥା କହିବାକୁ ଭଲ ପାଆନ୍ତି ନାହିଁ । ଏମିତି ବାରମ୍ବାର ଯିବା ଆସିବା ଭିତରେ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ର ଖିଅଟିଏ ଯୋଡି ହୋଇଯାଇଛି । ହେଲେ ଆଜି ଅନୁପ ବନ୍ଧୁତା ରୁ ଦୁଇ ପାଦ ଆଗେଇ ଯାଇଥିଲେ । ଭଦ୍ର ଓ ନମ୍ରତାର ସହ କହିଥିଲେ ତୁମେ ମୋ

ISSN NO.
2582-208X

ଜୀବନସାଥି ହେବା ପାଇଁ ପସନ୍ଦ କରିବ କି? ତା'ର ଯେମିତି ଦେହ ହାତ ଥରି ଯାଇଥିଲା। ସେ ଚୁପଚାପ ଅଟୋ ରୁ ଓହ୍ଲାଇ ଆସିଥିଲା । ଦୁଇ ଦିନ ପର୍ଯ୍ୟନ୍ତ କଲେଜ ଗଲା ନାହିଁ । ଘରେ ପଚାରିଲେ ଉତ୍ତର ଦେଲା ଦେହ ଭଲ ଲାଗୁନି । ଯେଉଁଦିନ କଲେଜ ବାହାରିଲା ଅନୁପ ଯେମିତି ତାକୁ ଚାହିଁ ରହିଥିଲା । ଚିତ୍ରା ମୋ ପ୍ରଶ୍ନର କିଛି ଉତର ଦେଲନି । ତୁମ ନୀରବତା କୁ ମୁଁ କଣ ବୁଝିବି । ସେ ସ୍ପଷ୍ଟ ଭାବରେ ମନା କରିଦେଲା 'ନା' । ଏହା ସମ୍ଭବ ନୁହେଁ । ହେଲେ କାହିଁକି ଚିତ୍ରା । ମୁଁ ବେକାର ହୋଇ ରହିବିନି, ଏବର୍ଷ ନିହାତି ଭାବରେ ବ୍ୟାଙ୍କ ପି.ଓ କ୍ୱାଲିଫାଏ କରିଯିବି । ତୁମକୁ କଥା ଦେଉଛି, ତାପରେ ତୁମେ ରାଜି ତ? ଚିତ୍ରା ଅନୁପ ମୁହଁ କୁ ଚାହିଁ ପାରୁ ନଥିଲା । ଶୀଘ୍ର ଶୀଘ୍ର ପାଦ ଆଗକୁ ବଢାଇ ସେଠାରୁ ଚାଲିଗଲା । ପଛରୁ କିନ୍ତୁ ତାକୁ ଏତିକି ଶୁଭିଛି, ହଉ ଜଏନ କରି ସାରିବା ପରେ ତୁମ ଘରକୁ ପ୍ରସ୍ତାବ ନେଇ ଯିବି । ଅନୁପ ର କଥା ସବୁ ତା କାନରେ ବାଜି ବାହାରି ଯାଉଥିଲା। ନା କେବେ ବି ସମ୍ଭବ ନୁହେଁ ।

ଘରେ ଏମିତି ତା ପାଇଁ ସମସ୍ତଙ୍କ ମନ ଖରାପ । ଆଗକୁ କେହି ନଦେଖେଇଲେ ବି ସେ ସମସ୍ତଙ୍କ ମନ ପଢିପାରେ । ଘରେ ତା ବିଷୟରେ ଚର୍ଚ୍ଚା ହେଲେ ବାପା ସ୍ପଷ୍ଟ କହି ଦିଅନ୍ତି, ତା ପାଇଁ କେହି ଚିନ୍ତା କରନି ସେ ଭଲ ପଢୁଛି ତା କ୍ୟାରିଅର ସେ ନିଜେ ଗଢିବ । ତା ଭବିଷ୍ୟତ କେବଳ ତା'ର । ନିଷ୍ପତି ବି ତାର । ଅନୁପ ଯେଉଦିନ ଚାକିରୀ ପାଇଲା ଅଫିସ ଅର୍ଡର ଆଣି ତାକୁ ଦେଖାଇଲା । ଖୁସିରେ ଚିତ୍ରା ତାକୁ ଅଭିନନ୍ଦନ ଜଣାଇଲା । ଅନୁପ ତାକୁ ନିଜ ହାତରେ ମିଠା ଖୁଆଇଦେଲା । ଚିତ୍ରା ଆଖିରୁ ଲୁହ ଝରିପଡିଲା । ଏତେ ସ୍ନେହ ଏତେ ପ୍ରେମର ମୁଁ ଯୋଗ୍ୟ ନୁହେଁ ଅନୁପ । ହେଲେ କାହିଁକି ଚିତ୍ରା, ତୁମକୁ ଜୀବନସାଥି ଭାବରେ ପାଇଲେ ମୁଁ ନିଜକୁ ଭାଗ୍ୟମାନ ମନେ କରିବି । ଚିତ୍ରା ଆଖିରୁ ଖାଲି ଲୁହର ଧାରା । ନା ଅନୁପ ସମ୍ଭବ ନୁହେଁ କହି ଦ୍ରୁତ ବେଗରେ ସେଠାରୁ ଚାଲିଗଲା । କଣ କରିବ କଣ ନାଇଁ, ଭାବି ଭାବି ଚିତ୍ରାର ମୁଣ୍ଡ କଣ ହେଇଯାଉଛି । ନା' ସେ କିଛି ଦିନ ପାଇଁ ଆଉ ବାହାରକୁ ଯିବନି । ତା ଠାରୁ ଦୂରେଇ ରହିଲେ ସେ ଆପେ ଭୁଲିଯିବ । କାହାର ଜୀବନ ବରବାଦ କରିବା ପାଇଁ ତାର କୌଣସି ଅଧିକାର ନାହିଁ । ସେ କେମିତି କହିବ କେମିତି ବୁଝାଇବ ଅନୁପ କୁ । ଚିତ୍ରା ସହିତ ଦେଖା ନ ହେବାରୁ ଅନୁପ ବ୍ୟସ୍ତ ହୋଇ ପଡିଲା । ସକାଳ ପାହିଲେ ସେ ଯିବ ଜଏନିଂ ପାଇଁ । ଆଉ ଏ ଜାଗା ସହିତ ତାର କୌଣସି ସମ୍ପର୍କ ରହିବ ନାହିଁ । ଯିବା ପୂର୍ବରୁ ଚିତ୍ରା ସହିତ ଦେଖା ହେବା ଟା ତା ପାଇଁ ଅତ୍ୟନ୍ତ ଜରୁରୀ । ଚିତ୍ରା ର

ISSN NO.
2582-208X

ମତ ନେଇ ସାରିବା ପରେ ହିଁ ସେ ଘର ଲୋକଙ୍କୁ ପ୍ରସ୍ତାବ ପାଇଁ ପଠାଇବ । ଯଦି ତା'ର ଇଚ୍ଛା ନାହିଁ ତା'ହେଲେ ଜବରଦସ୍ତ କରିବା ଟା ଠିକ ହେବ ନାହିଁ । ଭାବିବି ଚିତ୍ରା ମୋ ଭାଗ୍ୟରେ ନାହିଁ । ଏହା ଚିନ୍ତା କରି ଅନୁପ ଚିତ୍ରା ଘରେ ପହଂଚି ଗଲା । କେହି ଦେଖିବା ପୂର୍ବରୁ ଚିତ୍ରା ର ନଜର ପ୍ରଥମେ ଅନୁପ ଉପରେ ପଡିଲା । ଘର ଭିତରେ ଅନୁପ କୁ ଦେଖି ଚିତ୍ରା ଗୋଟା ଝାଳ ରେ ବୁଡି ସାରିଲାଣି । କାଳେ ପ୍ରସ୍ତାବ ନେଇ ଆସିଥିବ ଆଉ ଏସବୁ ଜାଣିଲେ ଘର ଲୋକଙ୍କ ପ୍ରତିକ୍ରିୟା କଣ ହେବ ସେ ସହଜରେ ବୁଝି ପାରୁଥିଲା । ଚିତ୍ରା ଶୀଘ୍ର ଶୀଘ୍ର ତାକୁ ବାହାରକୁ ନେଇ ପ୍ରଶ୍ନ କଲା କଣ ହେଲା କାହିଁକି ଆସିଛ? ଦେଖ ଚିତ୍ରା ମୁଁ କାଲି ସକାଳୁ ଚାଲିଯାଉଛି । ତୁମର ହଁ ଶବ୍ଦ ଶୁଣିବା ପାଇଁ ଏଠିକି ଆସିଛି । ଆଉ ଯଦି ନା, ତାହେଲେ ପ୍ଲିଜ ତାର କାରଣ ଟା ମଧ୍ୟ କହିବ । ଚିତ୍ରାର ପାଦ ତଳୁ ଯେମିତି ମାଟି ଖସି ଯାଉଛି । ଆଖିରେ ଲୁହ ଦେହ ସାରା ଝାଳ, କାନ୍ଦି କାନ୍ଦି ହାତ ଯୋଡି କହିଲା କେମିତି ବୁଝାଇବି ତୁମକୁ, ମୋତେ କ୍ଷମା କର ମୁଁ ତୁମକୁ କିଛି କହି ପାରିବିନି । ହେଲେ କାହିଁକି ଚିତ୍ରା ମୁଁ କଣ ତୁମ ପାଖରେ ଏତେ ଅଯୋଗ୍ୟ । ନା ନା ଅନୁପ ତୁମେ ନୁହଁ, ଅଯୋଗ୍ୟ ମୁଁ। ମୁଁ ଯୋଗ୍ୟ ନୁହେଁ ତୁମ ପାଇଁ, ତୁମ ପାଇଁ ନୁହେଁ କି କୌଣସି ପୁରୁଷ ପାଇଁ ନୁହେଁ । ମୁଁ ଏ ପର୍ଯ୍ୟନ୍ତ ମ୍ୟାଚର ହେଇନି.....ମୁଁ ଆଜି ଯାଏଁ ଫୁଟି ପାରିନି ସେମିତ କଢି ଟିଏ ହୋଇ ରହିଛି। ବହୁତ ଡାକ୍ତର ଙ୍କୁ ଦେଖା ହେଇଥିଲା । କିଛି ସୁଫଳ ହେଲାନି । ବହୁତ ଚେକଅପ ପରେ ନିରାଶ ହେବାରୁ ଘରେ ସମସ୍ତେ ଚୁପଚାପ ହୋଇ ରହିଲେ । ଧିରେ ଧିରେ ପରିସ୍ଥିତି ସ୍ୱାଭାବିକ ହେବା ପରେ ମୋତେ ସମସ୍ତେ ଏଥି ପ୍ରତି ଧ୍ୟାନ ନଦେଇ ନିଜ କ୍ୟାରିଅର କଥା ଚିନ୍ତା କରିବା ପାଇଁ କହିଲେ । ଏକା ନିଶ୍ୱାସରେ ଏତେ ଗୁଡାଏ କଥା ତଳ ମୁହାଁ ହୋଇ ଚିତ୍ରା କହିଗଲା । କିଛି ସମୟର ନୀରବତା ପରେ ଚିତ୍ରା ଅନୁପ ମୁହଁକୁ ଚାହିଁଲା । ଅନୁପ ଥିଲା ସହଜ ସରଳ । ଯେମିତ କିଛି ହୋଇନାହିଁ । ଏସବୁ କଥା ତାଙ୍କୁ ଆଦୌ ପ୍ରଭାବିତ କରିନାହିଁ । ତାଙ୍କ ମୁହଁ ରେ କୌଣସି ଦୁଃଖ ବିଷାଦ ର ଚିହ୍ନ ବର୍ଣ୍ଣ ନଥିଲା । ହସି ଦେଇ କହିଲେ ବାସ୍ ଏତିକି, ସରିଲା ତୁମ କଥା । ଏବେ ମୁଁ କହିବି, ତାପରେ ବି ତୁମେ ମୋର ପ୍ରଥମ ଆଉ ଶେଷ ପସନ୍ଦ । 'ମୋର ବଧୂ ନୁହେଁ ବନ୍ଧୁ ଟିଏ ଦରକାର' । ସାରା ଜୀବନ ପାଶେ ପାଶେ ରହି ଦୁଃଖ ସୁଖ ବାଂଟୁଥିବା ସାଥି ଟିଏ ଦରକାର । ମୁଁ ତୁମକୁ ଜୀବନ ସାରା ଏମିତି ବନ୍ଧୁ ଭାବରେ ମୋ ପାଖରେ ଦେଖିବାକୁ ଚାହେଁ । ଏଥିରେ ତୁମର କିଛି ଆପତି ଅଛି । ତୁମର ସବୁ ସମସ୍ୟା କୁ ମୋ ଉପରେ ଛାଡିଦିଅ । ଆମେ ମିଶି ଏହାର ସମାଧାନ କରିବା । ସତରେ ସେଦିନ ସେ ହାରିଯାଇଥିଲା

ISSN NO.
2582-208X

ପ୍ରେମ ଆଉ ଭଲପାଇବା ପାଖରେ । ଗୋଟିଏ ପୁରୁଷ ନୁହେଁ ଦେବତା ପାଖରେ । ଲଥ୍ କରି ବସି ପଡିଥିଲା ଅନୁପ ର ପାଦ ପାଖରେ । ପାଦ ଦୁଇଟି ଧରି ଖାଲି କାନ୍ଦିବାକୁ ଲାଗିଲା । ଏ କଣ କରୁଛ ଚିତ୍ରା କହି ଅନୁପ ତାକୁ ଛାତିରେ ଚାପି ଧରିଥିଲା । ମୋତେ ହସି କି ବିଦାୟ ଦିଅ । କାଲି ମୋର ଜଏନିଂ ଅଛି । ତୁମର ହସ ହିଁ ମୋ ସଫଳତା ର ପ୍ରଥମ ସୋପାନ । ମଥାରେ ଧିରେ ଚୁମ୍ବନ ଟିଏ ଦେଇ ତା ଠାରୁ ବିଦାୟ ନେଲା ।

ଏ ଭିତରେ ଚିତ୍ରା ଘରେ ସବୁ କଥା ଜଣାଇ ଦେଇଥିଲା । କିଛି ଦିନ ପରେ ଅନୁପ ର ଘର ଲୋକ ପ୍ରସ୍ତାବ ନେଇ ତାଙ୍କ ଘରକୁ ଆସିଲେ । କାଳେ କେତେବେଳେ ପାଟିରୁ କିଛି ବାହାରିବ ସେଥିପ୍ରତି ଖୁବ ସତର୍କ ଥିଲେ ଅନୁପ, ଉଭୟ ପରିବାର ପାଇଁ । କାରଣ ଅନୁପ ନିଜ ବାପା ମା କୁ ଚିତ୍ରା ବିଷୟରେ କିଛି ଜଣାଇ ନଥିଲେ । ଯାହା ହେଉ ସତର୍କତାର ସହିତ ଝିଅ ଦେଖା ପର୍ବ ସରଗଲା । ହେଲେ ଯିବା ପୂର୍ବରୁ ଚିତ୍ରା ର ଜେଜେମା କିଛି କଥା କହିବା ପାଇଁ ଚାହୁଁଥିଲେ । ହେଲେ ଅନୁପ ସବୁ ସମ୍ଭାଳି ନେଲେ । ଘରେ ବାହାଘର କଲେ ସାହି ପଡିଶା ବନ୍ଧୁ ବାନ୍ଧବ ଙ୍କ ବିଭିନ୍ନ କଥା, ପ୍ରଶ୍ନକୁ ଏଡେଇବା ପାଇଁ ସୀମିତ ଲୋକ ଙ୍କୁ ନେଇ ବାହାରେ ବାହାଘର କରିବା ପାଇଁ ପ୍ରସ୍ତାବ ଦେଲେ ଅନୁପ । ଏଥିରେ ଉଭୟ ପରିବାର ରାଜି ଥିଲେ । ଚିତ୍ରା ର ପରିବାର ରାଜି ହେବା ସ୍ୱାଭାବିକ କଥା । ଆଉ ଅନୁପ ର ପରିବାର ଭଲ ଭାବେ ଜାଣନ୍ତି ତାଙ୍କ ପୁଅ କୁ । ସେ ଖୁବ ସରଳ ଆଉ ଗମ୍ଭୀର ବେଶୀ ଭିଡ ଜମାଇ ସେଖାଇ ହେବା ପ୍ରକୃତି ତାର ଜମାରୁ ନାହିଁ । ଉଭୟ ପରିବାର ଆଉ କିଛି ବନ୍ଧୁ ବର୍ଗ ଙ୍କୁ ନେଇ ବାହାଘର ସରିଗଲା । ଖୁସିରେ ତାଙ୍କର ଦାମ୍ପତ୍ୟ ଜୀବନ କଟି ଚାଲିଲା । ଏ ଭିତରେ ଚିତ୍ରା କଲେଜ ରେ ଅଧ୍ୟାପିକା ର ଚାକିରି ମଧ୍ୟ ପାଇ ସାରିଛି । ଉଭୟ ପତି ପତ୍ନୀ ଯୋଡି ଙ୍କର ବନ୍ଧୁତା କୁ ନେଇ ସମସ୍ତେ ବହୁତ ପ୍ରଶଂସା କରନ୍ତି । ଏମିତି ବାହାଘର ର ଦୁଇ ବର୍ଷ ବିତିଗଲାଣି । ଅନୁପ ର ବାପା ମା ଚାହୁଁଥିଲେ ନାତି ନାତୁଣୀ ସୁଖ । ଅନୁପ ତାଙ୍କର ଗୋଟିଏ ପୁଅ । ପୁଅ ବୋହୁ ଚାକିରୀ କୁ ଚାଲିଗଲେ ଘରେ ବାପା ମା ଏକୁଟିଆ । ଘରକୁ ପିଲା ଟେ ଆସିଗଲେ ତା ସହିତ ସମୟ ବିତାଇ ବାକି ଜୀବନ ସରିଯିବ । ଦିନେ ଶାଶୁ ଚିତ୍ରାକୁ ପାଖରେ ବସାଇ କହିଲେ ମା ରେ ତୁମେ ଦୁହେଁ ଗଲା ପରେ ଆମେ ଏକୁଟିଆ ହେଇ ଯାଉଛୁ । ଏବେ ପିଲା ପିଲି କଥା ଟିକେ ଚିନ୍ତା କର । ତୁ ତୋର କଲେଜ ଯା, ଆମେ ତା କଥା ବୁଝିବୁ । ତୋର କିଛି ଅସୁବିଧା ହେବ ନାହିଁ । ଚିତ୍ରା ସବୁ ଶୁଣେ କେବେ ହସି ଦିଏ, କେବେ ଚୁପ୍ ରୁହେ । ଶାଶୁ ଙ୍କ ଠାରୁ ବାରମ୍ବାର ଏ

ISSN NO.
2582-208X

କଥା ଶୁଣିବା ପରେ ତାର ମନ ଦୁଃଖ ହୁଏ । କାହାର ଆଶା ଆଉ ଭାବନାରେ ଆଘାତ ଦେଇଥିବାରୁ ନିଜକୁ ଦୋଷୀ ଦୋଷୀ ଲାଗେ । ସେ କଣ ବା କରିପାରିବ ! ଅନୁପ କୁ କୁହେ। ଅନୁପ ବୁଝାଏ । ବାପା ମା ଆମ ଠାରୁ ଏ ସବୁ ଆଶା କରିବା ସ୍ୱଭାବିକ କଥା । ଏଥିରେ କିଛି ନୂତନତ୍ୱ ନାହିଁ । ତୁମେ ଚିନ୍ତା କର ନାହିଁ । ଏହାର ସମାଧାନ ଖୁବ ଶୀଘ୍ର ବାହାରିଯିବ । ମୁଁ ଭଲ ଚିନ୍ତା ଟିଏ କରିଛି, ଯାହା ସମସ୍ତଙ୍କ ପାଇଁ ମଙ୍ଗଳ ହେବ ।

ହଠାତ୍ ଦିନେ ସଂଧ୍ୟା ରେ ଅନୁପ ଶୀଘ୍ର ଅଫିସ ରୁ ଆସି କହିଲେ ମା ଚିତ୍ରା ର ଦେହ ଭଲ ନାହିଁ । ମୁଁ ତାକୁ ଟିକେ ଡାକ୍ତର ପାଖକୁ ନେଇ ଯାଉଛି । ଚିତ୍ରା ବୁଝି ପାରିଲାନି । ତା'ଦେହ ଖରାପ କାଇଁ ନା ତ । ଅନୁପ ମୁହଁ କୁ ଚାହିଁ ସେ ଚୁପ ରହିଲା । ଦୁହେଁ ବାହାରି ଗଲେ । ଅନୁପ ତା ସହକର୍ମୀ ପାଖକୁ ନେଇଗଲେ । ତାଙ୍କ ସ୍ତ୍ରୀ ପ୍ରେଗନେଂଟ ଥିଲେ । ସେଠାରେ ଅନୁପ ସବୁକଥା ଚିତ୍ରା କୁ ବୁଝାଇ ଦେଲେ । ମୋ ସହକର୍ମୀ ର ସ୍ତ୍ରୀ ଆମ ପାଇଁ ଏ ପିଲା କୁ ଜନ୍ମ ଦେବ । ହେଲେ ଜଣେ ମା ତା ପିଲା କୁ ଆମକୁ କାହିଁକି ଦେବ ତା କୋଳ ଶୂନ୍ୟ କରି। ତାର ଆଗରୁ ପୁଅ ଟିଏ ଅଛି । ଆମର ପିଲାଟିଏ ଦରକାର କହିବାରୁ ସେ ସେକେଣ୍ଡ ଇସ୍ୟୁ ପାଇଁ ଖୁସିରେ ରାଜି ହେଇଗଲା । ସେ ମୋର କେବଳ ସହକର୍ମୀ ନୁହେଁ ମୋର ବନ୍ଧୁ ଆଉ ଶୁଭଚିନ୍ତକ । ଚିତ୍ରା ମନରେ ଦ୍ୱନ୍ଦ ରହିଯାଉଥିଲା । ଆମ ପାଇଁ ସେ ମାନସିକ ଶାରୀରିକ କଷ୍ଟ ପାଇବେ । ପିଲା ଜନ୍ମ ପରେ ସେ ପିଲା କୁ ଚିତ୍ରା ହାତରେ ଟେକି ଦେବେ ବୋଲି କଥା ଦେଇଛନ୍ତି । ସେ ଯାହା ହେଉ ଉଭୟ ଘରକୁ ଫେରିଲେ । ଉଭୟ ଙ୍କୁ ଦେଖି ମା ଚେୟାର ରୁ ଉଠି ଆସିଲେ । କଣ ହେଲା ଚିତ୍ରା ର, ଡାକ୍ତର କଣ କହିଲେ । ଅନୁପ ହସି ହସି କହିଲେ ତୋ ପାଇଁ ଖୁସି ଖବର । ଚିତ୍ରା ମା ହେବାକୁ ଯାଉଛି । ଆଉ ତୁ ଜେଜେମା । କେତେ ସନ୍ତର୍ପଣରେ ଅନୁପ ମିଛ କଥା ସବୁ କହିଗଲେ । ଅନୁପ ଙ୍କୁ ସବୁ କଥାରେ ସମର୍ଥନ ଦେବା ଆଉ ଚୁପ ରହିବାଟା କେତେ ଦୂର ଠିକ ଆଉ ଭୁଲ ସେ ବୁଝି ପାରୁ ନଥିଲା । ଏ ସବୁ ଭାବି ଦେଲେ ତାର ମୁଣ୍ଡ ଗୋଳମାଳିଆ ହେଇ ଯାଉଥିଲା । କଣ କରିବ ଅନୁପ ର ସବୁ କଥାରେ ତାକୁ ଚୁପ ରହିବାକୁ ପଡିବ । ତାଙ୍କର ଭଲ ପାଇବାକୁ ତଉଲିବା ପାଇଁ ଦୁନିଆରେ ବୋଧେ କୌଣସି ମାପଯନ୍ତ୍ର ନାହିଁ । କିଛିଦିନ ପରେ ପୁଣି ଡାକ୍ତର ଦେଖାଇବା ବହାନାରେ ଚିତ୍ରାକୁ ପୁଣି ବାହାରକୁ ନେଇଗଲେ । ଘରକୁ ଫେରି ମାଆ କୁ କହିଲେ ଡାକ୍ତର କହିଛନ୍ତି ଚିତ୍ରାର ବେଡ ରେଷ୍ଟ ଦରକାର । ଏ'ଠି ରହିଲେ ତୁ ହଇରାଣ ହେବୁ, ସେ ତାଙ୍କ ଘରକୁ ଚାଲିଯାଉ । ସେଠି ସମସ୍ତେ ଅଛନ୍ତି, ତାର ଦେଖା ଶୁଣା

ISSN NO.
2582-208X

କରିପାରିବେ । ଡେଲିଭରି ପରେ ଆସିବ । ଅନୁପ ର ପ୍ରତ୍ୟେକ କଥାରେ ଚିତ୍ରା ବାଧ୍ୟ ଶିଶୁ ଟିଏ ପରି ସମର୍ଥନ କରି ଚାଲିଥାଏ । ତା ପାଇଁ ଏତେ ମିଛ ଏତେ ବାହାନା ସମସ୍ତଙ୍କ ସହିତ କରିଚାଲିଛନ୍ତି । ତାକୁ ଏସବୁ ଭଲ ଲାଗୁ ନଥିଲେ ବି ଅନୁପ ର ଭଲ ପାଇବା ପାଖରେ ଏ ସବୁ ତୁଚ୍ଛ । ଦିନ କୁ ଦିନ ସେ ଅନୁପ ପାଖରେ ଋଣୀ ହେଇ ଯାଉଛି । କେଉଁ ଜନ୍ମ ର ପୂଣ୍ୟ କର୍ମ ରୁ ସେ ଦେବତା ଙ୍କୁ ପାଇଛି । ଅନୁପ, ଚିତ୍ରା କୁ ତାଙ୍କ ଘରେ ଛାଡି ଦେଇ ସମସ୍ତ ବିଷୟ ବୁଝାଇ ଦେଲେ । ହଠାତ୍ ଦିନେ ଅନୁପ ର ମା ବାହାରିଲେ ବୋହୁ କୁ ଦେଖିବା ପାଇଁ, ଡେଲିଭରି ସମୟ ପାଖେଇ ଆସିଲାଣି ମତେ ବୋହୁ ପାଖକୁ ନେଇଯା । ହେଲେ ଖୁବ ସର୍ନ୍ତପଣ ର ସହିତ ଅନୁପ କଥା କୁ ଆଡେଇ ଦେଲେ । ପିଲା ଜନ୍ମ ହେଲେ ତୋ ପାଖକୁ ଆସିବ । ତୋ ପିଲା ତୋ ପାଖରେ ସବୁଦିନ ରହିବ । ବ୍ୟସ୍ତ ହଅନା । ସହକର୍ମୀ ସ୍ତ୍ରୀ ର ଭଲରେ ଡେଲିଭରି ହୋଇଗଲା । ଯୋଗ କୁ ତାର ଦୁଇଟି ଜାଆଁଳା ଝିଅ ଜନ୍ମ ନେଲେ । ଗୋଟିଏ ଚିତ୍ରା କୁ ଦେଇ ଅନ୍ୟଟି ନିଜ ପାଖରେ ରଖିଲା । ତାର ଏହି ମହାନତା ଗୁଣ ପାଇଁ ବୋଧେ ତାର କୋଳ ଶୂନ୍ୟ ରହିଲା ନାହିଁ । ଏବେ ଉଭୟ ପରିବାର ରେ ଖୁସିର ଲହରୀ । ଚିତ୍ରା ପିଲା କୁ କୋଳେଇ ଅନୁପ ସହିତ ଘରେ ଆସି ପହଂଚିଗଲା । ଘରକୁ ଲକ୍ଷ୍ମୀ ଆସୁଥିବା ଖୁସିରେ ତା’ ସ୍ୱାଗତ ପାଇଁ ଅନେକ ଆୟୋଜନ କରି ସାରିଥିଲେ ଅନୁପ ଙ୍କ ମାଆ । ତାଙ୍କର ଖୁସି ଦ୍ୱିଗୁଣିତ ହୋଇଯାଇଥିଲା । ଚିତ୍ରା ଗାଡି ରୁ ତଳେ ପାଦ ଦେଉ ଦେଉ ଅନୁପ ଙ୍କ ମାଆ ଆସି ଉଭୟ ମାଆ ଝୁଆ କୁ କୋଳେଇ ନେଲେ । ଚିତ୍ରା ଆଖିରୁ ଖାଲି ନୀରବରେ ଆନନ୍ଦାଶ୍ରୁ ବହି ଚାଲିଥିଲା । ସଂସାର ରେ ଏତେ ଭଲ ମଣିଷ ଅଛନ୍ତି, ତା ଆଖି ଆଗରେ ସବୁ ଘଟିଯାଉଛି । ସତରେ କଣ ସେ ଭାଗ୍ୟବତୀ, ଏତେ ସୁଖ ଥିଲା ତା ଭାଗ୍ୟରେ । ତା’ହେଲେ କାହିଁକି ସେ କଢିଟିଏ ହୋଇ ରହିଗଲା । ଅନୁପ ମଣିଷ ନୁହଁନ୍ତି ଦେବତା । ତାକୁ ଲାଗିଲା ସେହି କଢି ଟି ଦେବତା ଙ୍କ ଠାରେ ଲାଗି ହେବା ପରେ ଯେମିତି ଫୁଲ ହୋଇ ଫୁଟି ସାରିଛି ।

ଆଠମଲ୍ଲିକ, ଅନୁଗୁଳ
7606957445

ଅଗଷ୍ଟ-୨୦୨୩
www.vedantimagazine.com
ISSN NO.
2582-208X

# ଗର୍ବିଙ୍କ ପାଇଁ ପଦେ



ପ୍ରକାଶ ଚନ୍ଦ୍ର ପଣ୍ଡା

ଯେ ମାନବ ସଦା ଗର୍ବ ଅହଙ୍କାରେ
ବିତାଏ ସମୟ ନିତି.
ନିଜକୁ ଭାବଇ ବଡ ସଦା ସେଇ
ବୁଝେନି ନୀତି ଅନୀତି.
ଅନ୍ୟକୁ ଭାବି ସେ ଟେକା ଓ ପଥର
ନିଜକୁ ଭାବେ ପାହାଡ଼.
ସଭିଏଁ ତାପାଖେ ଅତି ନ୍ୟୁନ ସିନା
ସେ କିନ୍ତୁ ସଦା ମହାନ.
ସୀମିତ ତାହାର ଜ୍ଞାନ ପରିସରେ
ଅଜ୍ଞତା ରହିଛି ଭରି.
ସେଇ ଅଜ୍ଞତାକୁ ଆପଣେଇ ନିଜେ
ଦେଖାଏ ସେ ବାହାଦୁରି.
ଜଗତେ କେବଳ ହସିବେ ସେ ଜନ
ବୁଝେନି ଏକଥା ମୂଢ଼.
ନିଜେ ମୁଖେ ନିଜ ପ୍ରଶଂସା କରିସେ
ନିଜକୁ ଭାବୁଛି ବଡ଼.

ISSN NO.
2582-208X

ରାବଣ ର ଗର୍ବ ଭାଙ୍ଗି ଥିଲଦିନେ
ସ୍ୱର୍ଣ୍ଣଲଙ୍କା ହେଲା ଧ୍ୱଂସ.
ଦ୍ୱାପର ଯୁଗରେ କୃଷ୍ଣ ଅବତାରେ
ମାରିଥିଲେ ମାମୁ କଂସ.
ଗର୍ବିଙ୍କୁ ନିପାତ କରିବାକୁ ପ୍ରଭୁ
ଧରି ନାନା ଅବତାର.
ଜନ୍ମନେଇଛନ୍ତି ଏ ମର୍ତ୍ତ୍ୟ ମଣ୍ଡଳେ
ତାରିବାକୁ ଏ ସଂସାର.

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଭଲ ପାଇବାର ବହି



ତାରାପ୍ରସାଦ ଜେନା

ଭଲ ପାଇବାର ବହିଟିକୁ ଯେତେ, ଖୋଲି ଖୋଲି ମୁହିଁ ପଢ଼େ
ପ୍ରିୟତମା କେତେ ସୁନ୍ଦରତା ସତେ, ଅନୁଭବ ମୋର ବଢ଼େ
...... ଭଲ ପାଇବାର ବହିଟିକୁ ଯେତେ...... ! ୦ !

କେତେବେଳେ ଟିକେ ସନ୍ଦେହର ଅବା ପଡ଼ିଗଲେ ଦ୍ୱନ୍ଦ୍ୱ ଛାଇ
ପୂର୍ଣ୍ଣିମାର ଇନ୍ଦୁ କଳପନା ଆସେ ଆଳପନା ନିଦ ହାଇ,
ସପନର ରଙ୍ଗ ଇନ୍ଦ୍ରଧନୁ ଉଙ୍କି ପ୍ରୀତିମଖା ମନ ଦୃଢ଼େ
...... ଭଲ ପାଇବାର ବହିଟିକୁ ଯେତେ...... ! ୧ !

ଅନୁରାଗ ଛପା ଅକ୍ଷରରେ ଅଛି, ଅନାବିଳ ମାୟା ରୂପ
ଚଇତର ସିଏ ଚଇତାଳି ଆହା, ମହ ମହ ପ୍ରେମ ଧୂପ,
ସରାଗର ଦେବୀ ହାତ ଠାରି ଡାକେ ଆଶା ଘର ନିଶା ବଢ଼େ
...... ଭଲ ପାଇବାର ବହିଟିକୁ ଯେତେ...... ! ୨ !

ଚିକ୍ ମିକ୍ ଆଖି ଲୁହ ମୁକ୍ତା ଖସେ, ବିରହର ପ୍ରାଣ ବାଧା
ହସ ହସ ଓଠ ଆବେଗର ପାଠ, ଆତ୍ମା ଜୀବ କୃଷ୍ଣ ରାଧା,
ଏମିତିକା ବହି ହଜିବାର ନାହିଁ, ସନ୍ତୋଷର ମୂଲ୍ୟ ଚଢ଼େ
...... ଭଲ ପାଇବାର ବହିଟିକୁ ଯେତେ...... ! ୩ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

## ଚତୁର୍ଥ ଅଧ୍ୟାୟ

### ରାଗ-ଶଙ୍କରାଭରଣ

ବିବିଧ ବିଷୟାରେ ଭ୍ରମରେ ଭ୍ରମିନର
ବିଭୁଙ୍କ ଚରଣାବିନ୍ଦ ହୁଅଇ ପାଶୋର
ନର ଆଚରେ ବୃଜିନ
ଲୋଭ ମୋହ ସାହାଯ୍ୟରେ ଲିପ୍ତ ସଦାମନ ।୨୧।
ଶାସ୍ତ୍ରାନୁମୋଦିତ ବିଧି ଶୁଣ ସାବଧାନେ
ତରିବାକୁ ଘୋର କଳି କାଳରୁ ବହନେ
ଆପଣାଇ ଭକ୍ତିମାର୍ଗ
ଭଗ୍ନ ଯିବହୋଇ ପାପ ପଙ୍କିଳର ଦୁର୍ଗ ।୨୨।
ମୋକ୍ଷପ୍ରାପ୍ତି ଦ୍ୱାର ଉନ୍ମୁକ୍ତ କରେ ଭକ୍ତି
କାୟାକୁ ପ୍ରଦାନ କରେ ଅଫୁରନ୍ତ ଶକ୍ତି
ତାର ସହଜ ସାଧନ
ଧ୍ୟାୟୀ ଚରଣ ପଙ୍କଜ ଜପ ନାରାୟଣ ।୨୩।
ମହାବାହୁଙ୍କର ଲୀଳା ଶ୍ରବଣ ସ୍ମରଣ
ଦେବ ଏହି ଗୁରୁମନ୍ତ୍ର ତୁମ୍ଭକୁ ନିର୍ବାଣ
ଆତ୍ମା ହୋଇବ ସବଳ
ଆଗତ ହୁଅଇ ଯେତେବେଳେ ମୃତ୍ୟୁକାଳ ।୨୪।
ଅତଏବ ହେ ରାଜନ ଧ୍ୟାନ ଦେଇ ଶୁଣ
ଭାଗବତ ପୁରାଣ ମୁଁ କରିବି ପଠନ
ଗଙ୍ଗାଧାରା ସୁଧାରସ
ତଟିନୀରେ ବୁଡିବାକୁ କର ହେ ପ୍ରୟାସ ॥୨୫॥

-: ଟୀକା :-

ବିବିଧ - ବିଭିନ୍ନ
ପାଶୋର - ଭୁଲିଯିବା
ଧାୟୀ - ଧ୍ୟାନ କରିବା
ପ୍ରୟାସ - ଇଚ୍ଛା
ବିଷୟା - କାମନା
ଅଫୁରନ୍ତ - ଅଦ୍ଭୁତ ଶକ୍ତି
ତଟିନୀ - ନଦୀ

କ୍ରମଶଃ.....

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# ତୁଳସୀ କ୍ଷେତ୍ର



ମାଳତୀ ଦେବୀ

କନ୍ଦରାସୁରର ଏକମାତ୍ର କନ୍ୟା ଥିଲା ତୁଳସୀ। ଅସୁର ବଂଶରେ ସେ ଜନ୍ମିଥିଲେ ମଧ୍ୟ ତା’ର ଆସୁରିକ ପ୍ରବୃତ୍ତି କିଛି ନଥିଲା । ସେ ଥିଲା ଧର୍ମପରାୟଣା, ସତୀ ତଥା ପରମ ବୈଷ୍ଣବୀ । ପଙ୍କରୁ ଜାତ ପଦ୍ମଭଳି ଥିଲା ତା'ର ଜୀବନ । ପିତା କନ୍ଦରାସୁରର ମୃତ୍ୟୁପରେ ନିଜ ଭବିଷ୍ୟତର ଆଶା ଆକାଂକ୍ଷା ନେଇ ସେ ଶରଣାପନ୍ନ ହେଲା ପ୍ରଭୁ ବଳଭଦ୍ରଙ୍କ ପାଖରେ। ତୁଳସୀର ଆକୁଳ ନିବେଦନରେ ମ୍ରିୟମାଣ ହୋଇପଡ଼ିଲେ ଶିବଳଦେବଜୀଉ । ଶେଷରେ ପ୍ରଭୁ ବଳଦେବ ବର ପ୍ରଦାନ କଲେ ଯେ କଳିଯୁଗରେ ତା'ର ପିତା କନ୍ଦରାସୁରର ଗଣ୍ଡଦେଶ ପଡ଼ିଥିବା ସ୍ଥାନ ବଳଗଣ୍ଡି ଠାରେ ତାଙ୍କୁ ତୁଳସୀ ବୃକ୍ଷ ରୂପେ ବିବାହ କରି ସେହିଠାରେ ହିଁ ଅବସ୍ଥାନ କରିବେ । କଳିଯୁଗରେ ସେହି ତୁଳସୀ ବଣ ଭିତରୁ ପ୍ରଭୁ ବଳଭଦ୍ରଙ୍କ ମଣିବିଗ୍ରହ ମିଳିଥିଲା ବୋଲି ଏବେ ମଧ୍ୟ କିମ୍ବଦନ୍ତୀ ରହିଛି । ସିଦ୍ଧଦାସ ନାମକ ଜଣେ ଗୋପାଳ ପ୍ରଭୁ ବଳଭଦ୍ରଙ୍କ ଏହି ମଣିବିଗ୍ରହ ପ୍ରାପ୍ତ ହୋଇଥିଲେ ବୋଲି କୁହାଯାଏ। ଜନଶୃତି ଅଛି ଯେ, ସିଦ୍ଧଦାସ ପ୍ରତିଦିନ ଗାଈକୁ ନେଇ ଚରାଇବାକୁ ଯାଏ । ତନ୍ମଧ୍ୟରୁ ଗୋଟିଏ ଗାଈ ସବୁଦିନ ପ୍ରଭୁଙ୍କ ମଣିବିଗ୍ରହ ଥିବା ସ୍ଥାନରେ ଠିଆ ହୁଏ ଓ ତା’ ପହ୍ନାରୁ ଆପେ ଆପେ କ୍ଷୀର ଝରି ଆସେ । ସନ୍ଧ୍ୟାବେଳେ ଗାଈ ଦୁହିଁଲା ବେଳକୁ ବିଚରା ଗଉଡ଼ କ୍ଷୀର ପାଏ ନାହିଁ । ଘଟଣାଟି କ'ଣ ଜାଣିବା ପାଇଁ ଦିନେ ସିଦ୍ଧଦାସ ସେଇ ଗାଈଟିକୁ ଅନୁସରଣ କଲା । ଗାଈଟି ଗୋଟିଏ ହୁଙ୍କା ଉପରେ କ୍ଷୀରଦାନ କରିବା ଦେଖି ଗଉଡ଼ ଆଶ୍ଚର୍ଯ୍ୟ ହୋଇଗଲା ଓ ସେଠାକୁ ଯାଇ ଦେଖେତ ହୁଙ୍କାଟିଏ । କୌତୁହଳବଶତଃ ସେ ଗୋଟିଏ ଶାବଳ ନେଇ ସେଠାରେ କ'ଣ ଅଛି ଜାଣିବା ପାଇଁ ଖୋଳିଦେବାରୁ ମହାପ୍ରଭୁଙ୍କ ଦେହରେ ବାଜି ରକ୍ତସ୍ରାବ ହେଲା । ଏହାଦେଖି ସେ ଭୟଭୀତ ହୋଇପଡ଼ିଲା ଏବଂ

ISSN NO.
2582-208X

ମହାପ୍ରଭୁଙ୍କ ମଣିବିଗ୍ରହର ସନ୍ଧାନ ପାଇଲା । ଏବେ ମଧ୍ୟ ମଣିବିଗ୍ରହଙ୍କ ମଥାରେ ସେହି ଶାବଳର ଆଘାତ ଚିହ୍ନ ରହିଛି । ଗଉଡ଼ ସେହି ମଣିବିଗ୍ରହଙ୍କୁ ଯତ୍ନର ସହ ନେଇ ତା'ର ମାଲିକକୁ ଦେଲା । ମାଲିକ ସ୍ୱପ୍ନେଶ୍ୱର ତାହାଙ୍କୁ ପାଇ ହଠାତ୍ ରାତିରେ ସ୍ୱପ୍ନରେ ଅନୁଭବ କଲେ ସାକ୍ଷାତ ସେହି ମଣିବିଗ୍ରହଙ୍କୁ । ସ୍ୱପ୍ନାଦେଶ ଅନୁସାରେ ମାଲିକ ସ୍ୱପ୍ନେଶ୍ୱର ମଧୁସାଗର ନଦୀର ଦକ୍ଷିଣ ଦିଗରେ ସେହି ମଣିବିଗ୍ରହ ବଳଭଦ୍ରଙ୍କୁ ସ୍ଥାପନ କରି ପୂଜା ଆରାଧନା କଲେ । ଯେଉଁ ସ୍ଥାନରୁ ଦିଅଁଙ୍କ ମଣିବିଗ୍ରହ ମିଳିଥିଲା ତାହା ହେଉଛି ତୁଳସୀପୁର। ଏହି ପୌରାଣିକ ଆଖ୍ୟାନ ଅନୁସାରେ କେନ୍ଦ୍ରାପଡ଼ାକୁ ତୁଳସୀପୁର ବା ତୁଳସୀକ୍ଷେତ୍ର ବୋଲି କୁହାଯାଏ ।

ଏହାବ୍ୟତୀତ ପ୍ରଭୁ ବଳଭଦ୍ର କଳିଯୁଗରେ ତୁଳସୀର ବରଣମାଳା ଗ୍ରହଣ କରିବା ପରେ ପ୍ରାଣପ୍ରିୟା ତୁଳସୀର ଅନୁରୋଧ କ୍ରମେ ଶ୍ୱଶୁର କନ୍ଦରାସୁରର ନାମାନୁସାରେ ସେ ସ୍ଥାନର ନାମ ରଖିଲେ "କନ୍ଦରାପାଡ଼ି' ବା "କେନ୍ଦ୍ରାପଡ଼ା" । ଏହି କନ୍ଦରାପାଡ଼ି ବା "କେନ୍ଦ୍ରାପଡ଼ା" ସ୍ଥାନ ସମ୍ପର୍କରେ ମୋଗଲ ବାଦ୍‌ଶାହା ଆଉରଙ୍ଗଜେବ ରାଜସ୍ୱ ବନ୍ଦୋବସ୍ତରେ ଉଲ୍ଲେଖ ଅଛି । ମହାପ୍ରଭୁ ବଳଭଦ୍ରଙ୍କ ଚନ୍ଦନ ପୁଷ୍କରିଣୀକୁ ଆଉରଙ୍ଗ ବା ଔରଙ୍ଗ ପୁଷ୍କରିଣୀ ବୋଲି ବର୍ତ୍ତମାନ ମଧ୍ୟ କୁହାଯାଉଛି । ବଳଗଣ୍ଡିରେ ଥିବା ମାଉସୀ ମା' ଘର ଓ ସାଆନ୍ତ ସାହି ର ଗୁଣ୍ଡିଚା ମନ୍ଦିର ଓ ମଣ୍ଡପର ଭଗ୍ନାବଶେଷ ମିଳୁଛି । ଶ୍ରୀବଳଦେବଜୀଉଙ୍କ ଆବିର୍ଭାବ ଯୋଗୁ କେନ୍ଦ୍ରାପଡ଼ା ହୋଇଛି ଏକ ତୀର୍ଥକ୍ଷେତ୍ର । ପୁରାଣରେ ଏହାକୁ ଗୁପ୍ତକ୍ଷେତ୍ର ବୋଲି କୁହାଯାଏ । ତେଣୁ କନ୍ଦରାସୁରର ଉତ୍ପୀଡ଼ନରୁ ଭଗବାନ ଭକ୍ତମାନଙ୍କୁ ରକ୍ଷାକରି ଯୁଗଯୁଗ ଧରି ଅକ୍ଷୟ କୀର୍ତ୍ତି ସ୍ଥାପନ କରିଥିବାରୁ ଏହାକୁ ତୁଳସୀକ୍ଷେତ୍ର, ଗୁପ୍ତକ୍ଷେତ୍ର ବା ବ୍ରହ୍ମକ୍ଷେତ୍ର ବୋଲି କୁହାଯାଏ।

ସଂଗ୍ରାହିକା: ମାଳତୀ ଦେବୀ
ପୁରୁଣା ବଜାର, ଲୋକାପଦା, ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ତୁମ ପାଇଁ ହିଁ ମୁଁ ସମ୍ପୂର୍ଣ୍ଣ



ପୁଜା ଷାଣ୍ଢ

ନିଦରେ ତ ସମସ୍ତେ ସ୍ୱପ୍ନ ଦେଖନ୍ତି
ଆଉ ମୁଁ ମଧ୍ୟ ଅନେକ ଥର ଦେଖିଛି
କିନ୍ତୁ... ବିନା ନିଦରେ ସ୍ୱପ୍ନ ଦେଖିବା
ମୋ ତୁମ ଠାରୁ ହିଁ ଆରମ୍ଭ

ଏଇ ସ୍ୱପ୍ନ କେବେ ଶେଷ ହୁଏନା
ସତ ହେଉ କି ନ ହେଉ
ଏ କଥା ସତ ଯେ........
ତୁମେ ମୋର ଓ ଜନ୍ମ ଜନ୍ମାନ୍ତର

ତୁମେ ତ ନିଜସ୍ୱ ସବୁକିଛି
ମତେ ଦେଇଦେଇଛ ନା...
କେବଳ ନିଜ ଅନ୍ତରରେ ସାଇତିଛ
ମୋ ପାଇଁ ନିଃସ୍ୱାର୍ଥ ଭଲପାଇବା

ସାଗରର ଗଭୀର ଜଳ ପରି...
ଯାହା ମୁଁ କେବେ ମାପି ପାରିବି
ନା କେବେ ଅନୁମାନ କରିପାରିବି

ISSN NO.
2582-208X

ହେଲେ ଅନୁଭବ କରିପାରିବି ନିଶ୍ଚୟ
ଯେତେ ଦୂରେ ଥାଏ ନା କାହିଁକି

ତୁମକୁ ଭାବିବା ଓ ଦେଖିବାରେ
ଏ ମନ ଖୋଜେ କେତେ ବାହାନା
ଆଉ କିଛି ପାଇବାକୁ ଚାହେଁନା
କାରଣ - ମୁଁ ତ ତୁମକୁ ପାଇସାରିଛି

ମୋ ଅନ୍ତରରେ କେବଳ.....
ତୁମେ ହି ତ ତୁମେ ଅଛ
ତୁମ ପାଇଁ ହିଁ ମୁଁ ସମ୍ପୂର୍ଣ୍ଣ
ୟାଠାରୁ ଆଉ କଣ ଲୋଡ଼ା ଯେ....
ବାସ୍... ତୁମକୁ ମୁଁ ହରେଇବାକୁ ଚାହେଁନା

ଜିଲ୍ଲା-ବରଗଡ଼
ବିଜେପୁର ଡୀଗ୍ରୀ କଲେଜ
ଓଡ଼ିଆ ସମ୍ମାନ ୨ୟ ବର୍ଷ

ISSN NO.
2582-208X

# ତୁମେ ଗଲା ପରେ



ଦେବେନ୍ଦ୍ର ବାରିକ

ତୁମେ ଗଲା ପରେ
ଆଖିଟା ସବୁଆଡେ ଘୁରିବୁଲୁଛି
ମନେମନେ ଜଣକୁ ଖୋଜୁଛି ଲୋକଙ୍କ ଗହଳି ଭିତରେ
ସୁଖ ଦୁଃଖରେ ଟିକେ ଭାଗୀଦାର କରିବାକୁ
କେଜାଣି କାହିଁକି ?
ଦୁନିଆଁର ସମସ୍ତେ ଅଚିହ୍ନା ଅଚିହ୍ନା ଲାଗୁଛନ୍ତି ।

ତୁମେ ଗଲା ପରେ
ଆଖି ଚାହିଁ ରହିଛି ଜଣକୁ ଦେଖିବା ପାଇଁ
ମନଟା ବିଚଳିତ ହେଉଛି ପାଖରେ ପାଇବା ପାଇଁ
ବିବେକ କହୁଛି,କିଛି ପାଇବାର ନାହିଁ
ତଥାପି... କେଜାଣି କାହିଁକି ?
ଭାରି ଭଲ ଲାଗୁଛି
ମରୁଭୂମିରେ ମରୀଚିକା ଖୋଜିବା ପାଇଁ ।

ତୁମେ ଗଲା ପରେ
ପାଖେ ପାଖେ କେହି ଜଣେ ଘୁରିବୁଲୁଛି
ହାତଠାରି ମୋତେ ଡାକୁଛି
ପାଖକୁ ଆସି ବସୁଛି

ISSN NO.
2582-208X

କିଛି କହିବାକୁ ଚେଷ୍ଟା କରୁଛି
ତଥାପି...କେଜାଣି କାହିଁକି ?
କେତେବେଳେ ମୁଁ ତାକୁ ଛୁଇଁ ପାରୁନି ।

ତୁମେ ଗଲା ପରେ
ହୃଦୟ କୁହୁଳୁଛି
ମନର ପାଉଁଶରୁ ପୋଡ଼ିବାର ଗନ୍ଧ ବି ଆସୁଛି
ତଥାପି... କେଜାଣି କାହିଁକି ?
କେତେବେଳେ ଠିକ୍ ଭାବେ ଜଳି ପାରୁନି ।

ତୁମେ ଗଲା ପରେ
ଆକାଶଟା ମିଞ୍ଜି ମିଞ୍ଜି ହେଉଛି
ତାରାମାନଙ୍କ ଆଲୋକରେ
ଜହ୍ନ ଲୁଚକାଳି ଖେଳୁଛି ମେଘର ସାଥିରେ
ତଥାପି...କେଜାଣି କାହିଁକି ?
ମୋତେ ବିଶ୍ୱାସ ହେଉନି ସେଇଟା ରାତି ବୋଲି ।

ତୁମେ ଗଲା ପରେ
ମନଟା ଏକା ଏକା ଲାଗୁଛି
ଜୀବନଟା ମୂଲ୍ୟହୀନ ଲାଗୁଛି
ହୃଦୟଟା ନିଃସହାୟ ହେଉଛି
ତଥାପି...କେଜାଣି କାହିଁକି ?
ବଞ୍ଚିବାର ଆଶାଟିଏ ଏ ପର୍ଯ୍ୟନ୍ତ ଅଛି ।

ଦଶପୁର, ବଲାଙ୍ଗୀର

ISSN NO.
2582-208X

# ଆଜିପରା ରଥଯାତ



ଅନନ୍ତ କୁମାର

ତିନି ରଥ ବଡଦାଣ୍ଡେ ଚକମକ ଦିଶିଲାଣି
ଫରଫର ପତିତ ଉଡ଼ାଇ ।
ଭକତଙ୍କ ଗହଳିରେ ନୀଳାଚଳ ଆଜି
ଉଠିଲାଣି ଘୋଘୋ ଶବ୍ଦ ହେଇ ।

ବରଷକ ପରେ ଆସିଛି ରଥଯାତ
ସଭିଙ୍କ ମନେ ଆନନ୍ଦ ନେଇ
ହରସ ମନରେ କାଳିଆ ଯିବଲୋ
ସାଥେ ଭଉଣୀ ଭାଇକୁ ନେଇ ।

ହଲି ହଲି ପହଣ୍ଡିରେ ଆସିବେ ପ୍ରଭୁ
ଭକ୍ତଙ୍କ ଗହଳିରେ କେତେ ଲୀଳା ଲଗେଇ
ଖିଲି ଖିଲି ହସି ହସି ପୁଣି ଚାହିଁବେ
ଭକତଙ୍କୁ ଟିକେ ଦରଶନ ଦେଇ ।

ଘଣ୍ଟଘଣ୍ଟାରେ ଫାଟିପଡିବ ବଡ ଦାଣ୍ଡ
କାଳିଆ ରଥେ ହେଲେ ବିରାଜିତ
ହରିବୋଲ ହୁଳହୁଳିରେ ବିଶ୍ୱ କମ୍ପିବ
ଗଡିବ ଯେବେ ଆମ ତିନି ରଥ ।

ISSN NO.
2582-208X

ହସୁଥିବ ଆନନ୍ଦେ ପ୍ରଭୁ ମୁରୁକି ମୁରୁକି
ରଥ ଉପରେ ଭକ୍ତଙ୍କୁ ଦେଖି
ଅଭିମାନ କରି କାନ୍ଦୁଥିବେ ଭାରିଜା ଲକ୍ଷ୍ମୀ
ଏକା ଏକା ସିଂହଦ୍ୱାରେ ବସି ।

ଭକ୍ତଙ୍କ ଭିଡରେ ଗଡୁଥିବ ତିନି ରଥ
ମାଉସୀ ମନ୍ଦିରେ ଆଡେ ।
ସରଗରୁ ଝରି ପଡୁଥିବ ପାରିଜାତ
ତିନି ଦିଅଁଙ୍କରେ ନାମେ ।

ଭକ୍ତ ଭଗବାନଙ୍କ ଏହି ମିଳନ
ମନେ ଭରିଦିଏ କେତେ ଆନନ୍ଦ
ରଥ ପଥ ଜଗନ୍ନାଥ ନାମ ଶୁଣି
ହରିଯାଏ କୋଟି ଜନ୍ମର ପାପ ।

ତିହିଡି, ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯
କାର୍ଯ୍ୟକାରୀ ସମ୍ପାଦକ, ଜାତୀୟ କବି ଲେଖକ ସଂଗଠନ

ISSN NO.
2582-208X

# ନାଲି ସାର୍ଟ



ଶିବବ୍ରମ ଦଳେଇ

ମୋର ଅନିଚ୍ଛା ସତ୍ୱେ ବାପା "ମୋର ବାହାଘର ତାଙ୍କ ବାଲ୍ୟ କାଳର ଗାଉଁଲି ବନ୍ଧୁ ଙ୍କ ପୁଅ ସହିତ ଠିକ କରିଦେଲେ । ମୁଁ ଯେତେ ମନା କଲେ ବି ମୋତେ ସଫା ସଫା କହିଦେଲେ ମୁଁ ଅଭିକୁ କଥା ଦେଇଛି ମାନେ ତୋତେ ତା ପୁଅ ଜୟ କୁ ବିବାହ କରିବାକୁ ପଡିବ, ନଚେତ ମୋ ମଲା ମୁଁହ ଦେଖିବୁ । ମୁଁ ଉଚ୍ଚ ଶିକ୍ଷିତା ଥିବା ବେଳେ ସେ ଥିଲା ଗାଉଁଲି ଚାଷୀଟାଏ । ସେଦିନ ବାପା ଙ୍କ ଜିଦ ଆଗରେ ମୁଁ ସିନା ହାରିଗଲି ହେଲେ ଆଜିକୁ ଦେଢ ବର୍ଷ ହେବ ବିବାହ ସରିଲାଣି, ହେଲେ ଘର ସଂସାର ତ ଦୂରର କଥା ମୋ ଦେହରେ ଟିକିଏ ତା ଛାଇ ପଡ଼ିବାକୁ ଦେଇନି ।

ମୋର ଇଚ୍ଛା ଥିଲା ମୋତେ ଯିଏ ବିବାହ କରିବ ସେ ନିଶ୍ଚୟ ମୋ ପରି ଉଚ୍ଚ ଶିକ୍ଷିତ, ସରକାରୀ ଚାକିରୀଆ ଆଧୁନିକ ସମାଜ ର ହେଇଥିବ । କିନ୍ତୁ ମୋ ଇଚ୍ଛା ସବୁ ପାଣି ଫୋଟକା ଭଳି ମିଳେଇ ଗଲା । ଯେତେ ଖାପଖୁଆଇ ଚଳିବା କୁ ଚେଷ୍ଟା କଲେ ବି ଜୟ ର ମୁଁହ ଚାହିଁଲେ ମୋ ମନରେ ତା ପ୍ରତି ଘୃଣା ମହୁଫେଣା ଭଳି ବସା ବାନ୍ଧି ସାରିଥିଲା । ସାଙ୍ଗ ମାନଙ୍କ ସହ ଦୂର ଯାତ୍ରା କରି ଯେତେ ମନ ଫ୍ରି କଲେ ବି ମୋ ଭିତରେ କିଛି କମ ଅନୁଭୂତ କରୁଥିଲି । ମୁଁ ସେ ଗାଉଁଲି ମଫକୁ ଯେତେ ଘୃଣା କଲେ ବି ତା ଉପରେ କିଛି ଫରକ ପଡେନାହିଁ । ମୁଁ ଯେତେ ତା ଉପରେ ଚିଡୁଥାଏ ସେ ସେତିକି ସେତିକି ମୋତେ ଭଲ ପାଉଥିଲା ।ମୋର କଟୁ କଥା ଯେମିତି ଚନ୍ଦନ ପରି ଲେପି ହେଉଥିଲା ।

ISSN NO.
2582-208X

ଶେଷରେ ସବୁ ଦିନ ପାଇଁ ତା ଠୁ ଦୁରେଇ ଯିବାର ନିଷ୍ପତ୍ତି ନେଲି । ତା ଘରେ ଦିନ ଟେ କାଟିଲେ ଚାରିଦିନ ବାପଘରେ କାଟିଲି । ତଥାପି ସେଥିରେ ସେ ଖୁସି ଥିଲା । ମୋର ଛୋଟ ବଡ଼ ଇଚ୍ଛା କୁ ସେ ମନ ପ୍ରାଣ ଦେଇ ପୂରଣ କରୁଥିଲା । କେତେଥର ତା ନାଁ ରେ ମିଛ କହି ରାଗିକି ଘରୁ ପଳେଇଛି ତାର ହିସାବ ନାହିଁ । ଫଳ ସ୍ୱରୂପ ମୋତେ ବୁଝେଇ ସୁଝେଇ ବାପା ବୋଉ ତା ଘରକୁ ପଠେଇ ଦିଅନ୍ତି ।

ଏଥର ତା ଠୁ ସମ୍ପୂର୍ଣ୍ଣ ସ୍ୱାଧୀନ ହେବାର ଉପାୟ ପାଇଗଲି। ମୋର ସମସ୍ତ ଆସବାପତ୍ର ଧରି ପୁଣି ବାପ ଘରକୁ ଚାଲିଗଲି । ବାପା ବୋଉ ଜାଣି ନ ଥିବା ତାର ମୋର ଭିତର ସମ୍ପର୍କ ବିଷୟରେ ତା ନାଁରେ ଗୋଟେ ବଡ଼ ମିଛ ଅଭିଯୋଗ ଆଣିଲି । ମାଆ ଆଗରେ କୁମ୍ଭୀର କାନ୍ଦଣା କାନ୍ଦି କହିଲି ଯେ ସେ ଗୋଟେ ଅଣପୁରୁଷ। ତା ସହିତ ମୁଁ ତିଳେହେଲେ ରହି ପାରିବି ନାହିଁ ।

ବିବାହ ର ଦେଢ ବର୍ଷ ବିତିଯାଇଥିଲା । ତେଣୁ ଅକ୍ଷାନ୍ତ ବାପା ବୋଉ ବି ଝିଅ କଥାରେ ସହମତି ଜଣାଇଲେ । କିନ୍ତୁ ମୋ ବାପା ମନରେ କିଛି ଅଲଗା ଭାବ ଜାତ ହେଲା । ଶେଷରେ ଜୟ କୁ ଥରେ ପଚାରିବେ ବୋଲି ମନସ୍ଥ କରି ତାକୁ ଘରକୁ ଡକେଇଲେ ।

ଜୟ ବି ଘରେ ଆସି ପହଁଚିଲେ । ତା ଠୁ ଦୂରେଇ ଯିବାର ଆଶା ନେଇ ମୁଁ ଜୟ କୁ ଅନେକ ଘୃଣ୍ୟ କଥା କହିଲି । ନପୁଂସୁକ, ଅଣପୁରୁଷା ଏପରି ଶବ୍ଦ ତା ମନରେ କିଛି ଫରକ ପକାଉନଥିଲା । ସବୁ ଦୋଷ କୁ ମଥା ପାତି ସହି ନେଉଥାଏ ଜୟ । ମୁଣ୍ଡ ତଳକୁ କରି ବସି ରହିଥିବା ଜୟ ଆଖି କୋଣରୁ କେଇବୁନ୍ଦା ଲୁହ ଜକେଇ ଆସୁଥାଏ । କାଁହକି କେଜାଣି ବାପା ଙ୍କ ମନରେ ତା ପ୍ରତି ଟିକିଏ ଦୟା ଆସିଲା । ଆଉ ଶେଷ ଥର ପାଇଁ ତୁମ ସହ ପଠେଇବି ବୋଲି ନିଷ୍ପତ୍ତି ନେଲେ ।

ମୁଁ କିନ୍ତୁ ସେ ଘରକୁ ଯିବାପାଇଁ ସମ୍ପୂର୍ଣ୍ଣ ଅମଙ୍ଗ ଥିଲି । ତେଣୁ ତା ପାଖରେ ଏକ ବଡ଼ ସର୍ତ୍ତ ରଖିଲି । ସେ ମୋ ବ୍ୟକ୍ତିଗତ ଖର୍ଚ୍ଚ ବାବଦକୁ ମାସକୁ ସାତ ହଜାର ଟଙ୍କା ଦେବାକୁ ପଡିବ ତେବେ ମୁଁ ତା ସାଥିରେ ଯିବି । ବାପା ବୋଉ ମୋ ସର୍ତ୍ତ କୁ ତା ଆଗରେ ପ୍ରକାଶ କଲେ ।

ISSN NO.
2582-208X

ସେ ଗାଉଁଲି ମଫ ମୋ ସର୍ତ୍ତ ରେ ମୁଣ୍ଡ ହଲେଇ ସହମତି ଜଣାଇଲା । ତାହାର ସହମତି ଦେଖି ମୋ ରାଗ ମୁଣ୍ଡକୁ ଚଢ଼ିଗଲା । ଏଥର ଦେବି ପାନେ ଭାବି ତା ଘରକୁ ଫେରିଲି ।

ଏମିତି ରେ କିଛି ଦିନ ବିତିଗଲା । ତାକୁ ଯେତେ ହଇରାଣ ହରକତ କଲେ ବି ସେ କିଛି ପ୍ରତିଉତର କରୁ ନ ଥିଲା । ତାର ଖାଇବା ନଖାଇବା ମୋ ମନରେ କିଛି ଫରକ ପକାଉ ନଥିଲା ।

ଜମିରେ କେତେ ବା ମିଳିବ । ପ୍ରତି ମାସରେ ସାତ ହଜାର ଟଙ୍କା ଦେବାକୁ ପଡିବ ଭାବି ସୁଦୂର ସହରରେ କମ୍ପାନୀ କାମ ଖୋଜିବା ରେ ଲାଗିଲା ଜୟ । ଜଣେ ମୂର୍ଖ କୁ କିଏ ବା ଚାକିରୀ ଦେବ । ଶେଷରେ ଦୂର ସହରକୁ ଦାଦନ ଖଟି ଯିବାକୁ ମନସ୍ତ କଲା । କିନ୍ତୁ ସେ ତା କ୍ଷେତ ବାଡ଼ି ଆଉ ଏକଲା ପତ୍ନୀ କୁ ଛାଡି ଯାଇ ପାରିଲା ନାହିଁ। ଶେଷରେ ପାଖ ସହରରେ କିଛି କାମ ଖୋଜି ପାଇଲା ।

ଦେହରେ ଗଞ୍ଜି ପିନ୍ଧି ବିଲରେ ଖଟୁଥିବା ମଫ, କମ୍ପାନୀର ୟୁନିଫର୍ମ ପିନ୍ଧି ସକାଳୁ ବାହାରିପଡ଼େ କାମରେ । ସବୁମାସର ପ୍ରଥମ ସପ୍ତାହ ରେ ମୋ ହାତକୁ ବଢ଼େଇ ଦେଲା ମୋ ସର୍ତ୍ତ ମୁତାବକ ସାତ ହଜାର ଟଙ୍କା ।ଏଥର ବି ସେ ପରୀକ୍ଷା ରେ ଉତ୍ତୀର୍ଣ୍ଣ ।

ମୁଁ ମନେ ମନେ ତା ଠାରୁ ଦୂରେଇ ଯିବାର ନୂଆ ଉପାୟ ଖୋଜୁଥାଏ । ଆଗକୁ ନୂଆ ବର୍ଷ, ମନରେ ଗୋଟେ ଉପାୟ ପାଂଚିଲି। ନୂଆ ବର୍ଷ ପାଇଁ ମୋ ସାଙ୍ଗ ମାନଙ୍କ ସହ ପିକନିକ ଯିବାର ଅଛି ମୋତେ ଦଶ ହଜାର ଟଙ୍କା ଦରକାର, ନଚେତ ସବୁଦିନ ପାଇଁ ମୋ ବାପ ଘରକୁ ଚାଲିଯିବି ଏପରି ଧମକ ଦେଲି । ସେ ମୋତେ କାକୁତି ମିନତୀ ହେଇ କହିଲା ତୁମେ ଯାହା ମାଗୁଛ ମାଗ, ମୁଁ ତୁମର ସବୁ ଆଶା ସମୟ ମୁତାବକ ପୂରଣ କରିବି କିନ୍ତୁ ମୋତେ କେବେ ଏକୁଟିଆ ଛାଡି ଯିବାକୁ କୁହନି । ସେମିତିରେ ବାପା ବୋଉ ମୋତେ ଛାଡି ଆର ପାରିରେ । ତେଣୁ ଏକୁଟିଆ ରହିବା ର ଦୁଃଖ ଆଉ ସହି ହେଉନି ।

ନୂଆ ବର୍ଷ ପୂର୍ବ ଦିନ ସକାଳୁ ମୋ ହାତକୁ ସେ ଦଶ ହଜାର ଟଙ୍କା ଧରେଇ ଦେଲା । ଖାଦ୍ୟ ପେୟ ରେ ବିଳମ୍ବ ହେଲେ ଟିଫିନ କିଣି ଖାଇନେବ କହି ଆଉ ଶହେ ଟଙ୍କା ଦେଇ

ISSN NO.
2582-208X

ନିଜ କମ୍ପାନୀ କୁ ଚାଲିଗଲା । ଦୁଇପହର କୁ ଆମ୍ଭେମାନେ ପୁରୀ ବାହାରିପଡିଲୁ । ଅଟୋ ରେ ସବୁ ଆସବାବପତ୍ର ଲଦି ଷ୍ଟେସନ ଅଭିମୁଖେ ଯାତ୍ରା କଲୁ । ଅଟୋ ପହଁଚିଲା ଷ୍ଟେସନ ପାଖରେ । ଅନେକ ଗୁଡିଏ ଲଗେଇ ତଥା ଖାଦ୍ୟ ସାମଗ୍ରୀ ଭରା ଥଳି କୁ ଆରପଟ ପ୍ଲାଟଫର୍ମ ନେବାକୁ ଅସମର୍ଥ ଥିଲୁ । ମୋ ସାଙ୍ଗ ରାନୀ କାହାକୁ ଇସାରା କଲା ଏ କୁଲି ଏ ତକ ଆରପଟ କୁ ନେଇ ଯିବୁ । କୁଲି ଜଣଙ୍କ ଆମ ଆଡ଼କୁ ବୁଲି ପଡ଼ି ଚାହିଁଲା ବେଳକୁ ମୋ ପାଦ ତଳର ମାଟି ଖସି ପଡ଼ିଲା । ଆମ ମାନଙ୍କ ମୁଁହରେ ମାସ୍କ ଥିବାରୁ ସେ ଆମକୁ ସିନା ଚିହ୍ନି ପାରିଲା ନାହିଁ, ମୁଁ କିନ୍ତୁ ଚିହ୍ନି ଗଲି । ସେ ଥିଲା ମୋ ଜୀବନ ସାଥି ଜୟ । ଜୟ ଗାଉଁଲି ମଫ ଥିବାରୁ ସାଙ୍ଗ ମାନଙ୍କ ସହ କେବେ ପରିଚିତ କରେଇ ନଥିଲି । ତେଣୁ ସେମାନେ ତାକୁ ଚିହ୍ନି ପାରିନଥିଲେ ।

କୁଲି ଜଣଙ୍କ ପାଖକୁ ଆସି ପଚାରିଲା, "ଆଜ୍ଞା ମୋତେ ଡାକିଲେ ?

ହଁ ତୁମକୁ, ଏ ଲଗେଜେ ଆର ପାଖକୁ ନେଇଚାଲ ।

ଆଜ୍ଞା, ପଚାଶ ଟଙ୍କା ପଡ଼ିବ ।

ପଚାଶ କାହିଁକି ? କେତେ ଯେ ସାମାନ୍, ଏତେ ଟଙ୍କା କହୁଛୁ ?
ତିରିଶ ଟଙ୍କା ଦେବି ।

ନାହିଁ ଆଜ୍ଞା, ଏତେ ଗୁଡିଏ ଭାରି ଜିନିଷ ....ଆପଣ ମୋତେ ଚାଳିଶ ଟଙ୍କା ଦେବେ ।

ହଉ ବିଳମ୍ବ ହେଉଛି ଜଲଦି ନେଇ ଚାଲ ।

ମୁଁ ସେମିତି ଜୟ କୁ ଚାହିଁ ରହିଥାଏ । ଏବେ ମୁଁ ବୁଝିଗଲି ସେ ନାଲି ସାର୍ଟ ର ରହସ୍ୟ । ଝାଳ ସରସର ହେଇ ସବୁତକ ଥଳି କାନ୍ଧରେ ଆଉ ମୁଣ୍ଡରେ ମୁଣ୍ଡେଇ ଆରପଟ କୁ ଅଗ୍ରସର ହେଲା ।

ISSN NO.
2582-208X

ପ୍ଲାଟଫର୍ମ ଆରପଟ ରେ ପହଞ୍ଚିଲା ବେଳକୁ ଟ୍ରେନ ପହଁଚି ଯାଇଥିଲା । ତରତର ହେଇ ଥଳି ଗୁଡିକୁ ମୁଣ୍ଡ ରୁ କାଢିଲା ବେଳକୁ ଗୋଟେ ଥଳି ତଳେ ପଡି ଫାଟିଗଲା । ରାନୀ ଢୋ କିନା ଚାପୁଡ଼ା ଟେ ତା ଗାଲରେ ଲଗେଇ ଦେଲା । ଗୋଟେ ହାତରେ ଗାଲ ଆଉଁସୁ ଥିଲା, ଆଉ ଗୋଟେ ହାତରେ ବସ୍ତା ସବୁ ଟ୍ରେନ ଭିତରକୁ ଉଠାଉଥିଲା ।

ଏ ସବୁ ଦେଖି ମୋ ମନରେ ଥିବା ଜୟ ପ୍ରତି ଘୃଣା ସବୁ କେତେବେଳେ ଅହେତୁକ ପ୍ରେମ ର ରୁପ ନେଇ ସାରିଥିଲା ମୁଁ ଜାଣି ପାରିଲି ନାହିଁ । ରାନୀ ଜୟକୁ ମାରିଥିବା ଚାପୁଡ଼ା ସତେ ଯେମିତି ମୋ ଗାଲରେ ବସି ଯାଇଥିଲା । ସବୁ ଥଳି ଟ୍ରେନ ଉପରକୁ ଚଢ଼ିଗଲା । ଛଳଛଳ ଆଖିରେ ଜୟ କହିଲା ମ୍ୟାଡ୍ୟାମ ମୋ ପାଉଣା ?

ରାନୀ ଆଉ ସବିତା ଏକା ସ୍ୱରରେ କହିବା କୁ ଲାଗିଲେ ପାଉଣା ନା ଫାଉଣା । ଗୋଟାଏ ଟଙ୍କା ବି ଦିଆଯିବ ନାହିଁ । ଆମର ଯେତିକି ନଷ୍ଟ କଲୁ ତାହାର ଭରଣା କରିବ କିଏ ? ସେ ହାତ ଯୋଡି ପାଉଣା ପାଇଁ ନେହୁରା ହେଉଥାଏ । ସେତେବେଳକୁ ଟ୍ରେନ ଛୁକ ଛୁକ କରି ଷ୍ଟେସନ ଛାଡିଦେଲା ।

ମୁଁ କିନ୍ତୁ ଟ୍ରେନ ରେ ଗଭୀର ଚିନ୍ତାରେ ବସିପଡ଼ିଲି । ଭାବିଲି ଭଗବାନ ରୂପୀ ମଣିଷଟାକୁ ମୁଁ କେମିତି ତୁଠ ପଥର କରିଦେଇଛି । ସେ ମୋ ପାଇଁ କେତେ କଷ୍ଟ ସହ୍ୟ କରୁଛି । ଏବେ ନିଜକୁ ନିଜେ ଘୃଣା କରିବାକୁ ଲାଗିଲି । ପିକନିକ ରେ ମନ ଲାଗିଲା ନାହିଁ । ଘରକୁ ଫେରି ତାଙ୍କ ପାଦତଳେ ଲୋଟିପିଡି କ୍ଷମା ପ୍ରାର୍ଥନା କଲି ।

ସୁନେଲି ସକାଳ, କଅଁଳ ଖରାର ଉଷ୍ମତା ରେ କଅଁଳ କଢିଟେ ଫୁଟି ଆସିଲା ।

ଲେଖନପୁର ସାଲେପୁର
ଦୂରଭାଷ :- ୯୪୩୯୯୩୭୦୭୧

ISSN NO.
2582-208X

# ବର୍ଷା ରାଣୀ



ଅଜିତ କୁମାର ରାଉତ

ବର୍ଷର ବିହୁନେ ବିନାଶ
ଦୁର୍ଭିକ୍ଷ ର କାରଣ
ବର୍ଷର ବହୁଳେ ଉତ୍ପତ୍ତି
ପ୍ରଳୟ ର ଲକ୍ଷ୍ୟଣ !!
ଜନତା କଲ୍ୟାଣ ପାଇଁରେ
ବର୍ଷା ରାଣୀ ଆସିବ
ହେବ ପରିବେଶ ସୁନ୍ଦର
ଜୀବ ପ୍ରାଣୀ ବଞ୍ଚିବ !!
ଉପାର୍ଜନ ହେବ ଫସଲ
ଚାଷୀ ଭାଇ ହସିବ
ମୃଦୁ ମଳୟ ଟି ବହିବ
ଅମ୍ଳଜାନ ମିଳିବ !!
କୋଇଲିର ରାବ ଗୁଞ୍ଜନ
ମୟୁର ଟି ନାଚିବ
ଧାରା ଏ ଆଷାଢ଼ ଶ୍ରାବଣ
ଅନ୍ନପୂର୍ଣ୍ଣ କରିବ !!

ISSN NO.
2582-208X

ଜଳ ହିଁ ଜୀବନ ଅଟେରେ
ବର୍ଷା ରାଣୀ ଆସୁଛି
ସୃଷ୍ଟିକର୍ତ୍ତାଙ୍କର ଭିଆଣ
ବର୍ଷା ଋତୁ ଦିଶୁଛି !!
ଅତି ତରବର କୃଷକ
ଚାଷ କାର୍ଯ୍ୟ କରିବ
ଦେବ ଟି ଯୋଗେଇ ଅନ୍ନକୁ
ମନେ ଖୁସି ପାଇବ !!
ବର୍ଷାଋତୁ ପରା ଆସେ ଟି
ଖୁସି ଜୀବଙ୍କ ପ୍ରାଣେ
କୃଷି କାର୍ଯ୍ୟେ କରେ କୃଷକ
ହୋଇ ଉତ୍ସାହ ମନେ !!

କଳାବାଡିଆ
ମୋ:- ୬୨୦୫୩୪୩୫୬୯
ସଭାପତି ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲାର
ରାଜନଗର ବ୍ଲକ ଶାଖା ଝାଡ଼ଖଣ୍ଡ ରାଜ୍ୟ

ISSN NO.
2582-208X

# ନାରୀ



ମୋନାଲିସା ପାଣିଗ୍ରାହୀ

ନାରୀ ! ନାରୀ କ'ଣ ସତରେ ଅବଳା ଦୁର୍ବଳା ନାରୀ କଣ ସତରେ ନିଜ ସୁରକ୍ଷା ପାଇଁ ପୁରୁଷ ଉପରେ ନିର୍ଭର କରେ? ନାରୀ ପାଇଁ ନର ର ଜନ୍ମ ତାହେଲେ ନାରୀ କାହିଁକି ପୁରୁଷର ଉପରେ ନିର୍ଭର କରିବ । ଆଜିର ନାରୀ ଅବଳା ନୁହେଁ କି ଦୁର୍ବଳା ନୁହେଁ। ଆଜିର ନାରୀ ନିଜ ପରିବାର ଚଳାଇବା ସହ ନିଜ ଦେଶ, ମାଟି ମାଁର ବି ଯତ୍ନ ନେଇ ପାରୁଛି । ନାରୀ ଟିଏ ଜହ୍ନ ରାଇଜକୁ ଯାଇ ପାରୁଛି ତ କେତେ ବେଳେ ନିଜ ସନ୍ତାନକୁ ସେହି ଜହ୍ନ ମାମୁଁ ର କାହାଣୀ କହି ସୁଆଇ ଦିଏ । ନାରୀ ଜଣେ ଜନନୀ ହୋଇ ପାରେ, ତାହେଲେ ନିଜର ସୁରକ୍ଷା ପାଇଁ ସେ କାଳୀ ମଧ୍ୟ ହୋଇ ପାରେ ତାହେଲେ ନାରୀ ଦୁର୍ବଳ କାହିଁକି । ଏ ସମାଜ କାହିଁକି ନାରୀକୁ ଖୋଲା ଆକାଶରେ ଉଡ଼ିବାକୁ ଦଉନି ସବୁ ବେଳେ ତାକୁ ଗୋଟିଏ ପଞ୍ଜୁରୀ ରେ ବାନ୍ଧି ରଖିବାକୁ ଚାହୁଁଛି । କେତେ ବେଳେ ବିବାହ ବନ୍ଧନରେ ତ ଆଉ କେତେବେଳେ ସମାଜର ଡରରେ ନାରୀ କଣ କେବେ ମୁକ୍ତ ଆକାଶରେ ଉଡିପାରିବ ନାହିଁ । ଜଣେ ଚାକିରୀ କରୁ ଥିବା ନାରୀକୁ କାହିଁକି ପସନ୍ଦ କରୁନାହାଁନ୍ତି । ଯଦି ନାରୀଟିଏ ବିବାହ ପରେ ବିବାହର ପ୍ରତୀକ ରୂପେ ଶଙ୍ଖା ସିନ୍ଦୂର ପିନ୍ଧି ପାରୁଛି, ତାହେଲେ ପୁରୁଷଟିଏ ପାଖରେ କାହିଁକି ବିବାହର ପ୍ରତୀକ ନାହିଁ ।ନାରୀଟିଏ ଅନ୍ୟର ଖୁସି ପାଇଁ ନିଜର ସବୁ ଆଶା ସବୁ ଆଙ୍କାକ୍ଷାକୁ ବଳି ଦେଇ ଦଉଛି । ନିଜର ସବୁ ସ୍ୱପ୍ନକୁ ଜଳାଞ୍ଜଳି ଦେଇ ଦେଉଛି । ତାହେଲେ ସେ ନାରୀ ଦୁର୍ବଳ ନୁହେଁ । ଜଣେ ନାରୀ କୁ ସାଥୀଟିଏ ଦରକାର ପଡେ କିନ୍ତୁ ନିଜର ସୁରକ୍ଷା ପାଇଁ ନୁହେଁ ନିଜର ସୁଖଦୁଃଖ ଜଣାଇବା ପାଇଁ ସେ ସାଥୀ କିନ୍ତୁ ଅନଳ ପରି ନୁହେଁ ଅନିଲ ପରି ହେବା ଦରକାର । କାରଣ ଅନିଲ ଯେପରି ମନ ପ୍ରାଣକୁ ପୁଲକିତ କରି ଦିଏ ସେହିପରି ସାଥୀଟିଏ ନାରୀ ମନ ପ୍ରାଣକୁ ପୁଲକିତ କରିବା କଥା । ନାରୀ କାହାର ଜାୟା ତ କାହାର ଭଗିନୀ ତ ପୁଣି କାହାର ଜନନୀ ହୋଇ ପରେ ତାହେଲେ ନାରୀ ଦୁର୍ବଳ ନୁହେଁ ସେ ହେଉଛି ଜଣେ ଶାନ୍ତିମୟୀ,

ISSN NO.
2582-208X

ପ୍ରେମମୟୀ, ଆନନ୍ଦଦାୟିନୀ ନାରୀ ଅଟେ। ପୁଣି କେତେ ବେଳେ ଦରକାର ପଡିଲେ ସେ ସାଜେ କାଳୀ ତ କେବେ ମହିସାମର୍ଦ୍ଦିନୀ ସାଜି ପାରେ ତାହେଲେ ନାରୀ ଦୁର୍ବଳ ନୁହେଁ ସେ ସବଳା। ନାରୀ ଓ ପୁରୁଷ ଏ ସମାଜରେ ସମାନ ଅଧିକାର ପାଇବା ଆବଶ୍ୟକ ଯଦି ନାରୀ ଓ ପୁରୁଷ ସମକକ୍ଷ ହୋଇ ଚାଲିଲେ । କୌଣସି ଲୋକ କାହାକୁ ବଡ଼ ଓ କାହା କୁ ଛୋଟ ନ କଲେ ସମାଜରୁ  ଅଧ ରୁ ଅଧିକ ସମସ୍ୟା ଆଉ ରହିବ ନାହିଁ। ଆମ ସମାଜ ରେ ନାରୀ ଓ ପୁରୁଷ ଦୁହେଁ ସମାନ। ନାରୀ ବିନା ନର ଅଧା ଓ ନର ବିନା ନାରୀ ଅଧା। ନାରୀ ଓ ନର ଦୁହେଁ ସମାନ ।

ନନ୍ଦପଡ଼ା, ସମ୍ବଲପୁର
monalisap522@gmail.com

ISSN NO.
2582-208X

# କେତେ ଦୂରେ ତୁ !



ହରେରାମ ପଣ୍ଡା

ଚାଲିରେ ଚମକେ ଚଉପାଶ ମୋର
ଉଆଁସରେ ଦେଖେ ଜହ୍ନ,
କଥାରେ କଥାରେ କୋଇଲିର କୁହୁ
ପୂରିଯାଏ ମୋର ମନ !
ଶିଳା ଶାଳଗ୍ରାମ ଫରକ ନ ଜାଣି
ତତେ ମୁଁ ନିଜର କଲି,
ବୁଝି ମୁଁ ପାରୁନି ଚାଲୁ ଚାଲୁ କିଆଁ
ମଝିରେ ଅଟକି ଗଲି !
ଚିମୁଟେ ଚୁମ୍ବନ ତୋ ଠାରୁ ପାଇବି
କରିଥିଲି କେତେ ଆଶା,
ଦେହର ଦାହ ତୁ ବୁଝିଲୁନି ଥରେ
କଲୁ ମତେ ଲୋକହସା !
କହୁ କହୁ କିଛି ଅଧାରୁ ରହିଲୁ
ଚହଲେଇ ଦେଲୁ ମତେ,
ବାକିକଥା ଯାହା ଅଧାରୁ ରହିଲା
ସବୁ ବୁଝେଇବି ତତେ!

ଚହଲି ଯାଏ ତୋ ଘାଇଲା ମନଟା
ଫଗୁଣେ ନିଦାଘ ଆସେ,

ଘଡିକେ ଆଲୁଅ ଘଡିକେ ଅନ୍ଧାର
ଉଆଁସରେ ଜହ୍ନ ହସେ !

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
କୁଆଁସ, ଯାଜପୁର,
ସମ୍ପର୍କ – 9438065195

ISSN NO.
2582-208X

# ପୁଲକିତ ହେବ ଧରା (ରଥଯାତ୍ରା)



ଗୀତାଞ୍ଜଳି ପୃଷ୍ଟି

କୋଟି ଲାବଣ୍ୟକୁ ଉପହାସ କରି
ତୁମ ରୂପକାନ୍ତି ହସେ
କହ କଳାକାହ୍ନୁ କଳାଠାକୁର ହେ
ଏମିତି କାହିଁକି ଦିଶେ ॥

ରଥ ପଥ ଆଜି ଶୋଭା ପାଉଅଛି
ତୁମ ଦିବ୍ୟ ସ୍ପର୍ଶ ପାଇ
ଦେବତା ମାନବ ସର୍ବେ ଏକାକାର
ଭାବ ଭକ୍ତି ସୁଧା ନେଇ ॥

କେଡ଼େ ଅନୁପମ ରହସ୍ୟ ଗହନ
ବୁଝିବାକୁ କେ ସମର୍ଥ
ଜଗତ କରତା ଆହେ ଜଗନ୍ନାଥ
କରୁଅଛି ମଥାନତ ॥

ଦୟଣା କୁସୁମ ତୁଳସୀର ହାର
କଣ୍ଠେ ପାଉଅଛି ଶୋଭା
ସୁବର୍ଣ୍ଣର ଚିତା ଶ୍ରୀଅଙ୍ଗ ଶୋଭିତା
ଲକ୍ଷେ ଜ୍ୟୋତିପୂର୍ଣ୍ଣ ଆଭା ॥

ISSN NO.
2582-208X

ରତ୍ନ ସିଂହାସନୁ ଆସିଛ ଓହ୍ଲାଇ
ସ୍ୱଦେହରେ ବଡ଼ ଦାଣ୍ଡେ
ଭାଇ ଭଉଣୀଙ୍କୁ ଦେଖି ଭକ୍ତଗଣ
ସ୍ଥାଣୁ ହୋଇଯାନ୍ତି ଦଣ୍ଡେ ॥

ଶଙ୍ଖକ୍ଷେତ୍ର ଆଜି ପଡୁଛି ଉଛୁଳି
ରୋମାଞ୍ଚିତ ରମ୍ୟବନ
ଶ୍ରୀଅଙ୍ଗ ପରଶେ ବହୁଛି ସମୀର
ଛୁଇଁ ଛୁଇଁ ଭକ୍ତ ଜନ ॥

ବଡ଼ଦାଣ୍ଡ ଧୂଳି ଆବେଗେ ଅସ୍ଥିର
ଅସୁମାରୀ ଆଶା ନେଇ
ଭକ୍ତ ଭଗବାନ ଏକତ୍ର ଯେଉଁଠି
ନିର୍ବିକାର ଭାବ ବହି ।

କି ମାୟା ତୁମର ହଟିଆ ନାଗର
ଭକ୍ତ ମନ ଜିଣା ରୂପ
ହରିବୋଲ ସଙ୍ଗେ କମ୍ପେ ହୁଳହୁଳି
ସଂକୀର୍ତ୍ତନ ଅନୁରୂପ ॥

ରଥ ବି ବିଭୋର ପଥ ବି ବିଭୋର
ଭକତ ବିଭୋର ପଣ
ଆନନ୍ଦେ ଉଛୁଳି ଅଶ୍ରୁ ପଡ଼େ ଗଳି
କି ଭାବ ମନମୋହନ ॥

ISSN NO.
2582-208X

ପଣ୍ଡା ପଢ଼ିହାରୀ ଦଇତା ପତିଙ୍କ
ଆବେଗିକ ଭାବ ଧାରା
ନାଚେ ଦେବଦାସୀ ନାଚୁଛି ଶ୍ରୀକ୍ଷେତ୍ର
ଶ୍ରୀଜୀଉଙ୍କ ଯାତ୍ରା ପରା ॥

କିଏ ଶୁଣାଉଛି କିଏବା ଶୁଣୁଛି
ତୁମ ଲୀଳା ଖେଳା ରାଜି
କିଏ ଦେଖାଉଛି କିଏବା ଦେଖୁଛି
ଶତ ଶୋଭାଙ୍ଗନ ସୃଜି ॥

ସଜାଇ ରଖିଛି ମନ ବଡ଼ଦାଣ୍ଡ
ପ୍ରଭୁ ତୁମ ପ୍ରତୀକ୍ଷାରେ
ଆସିବ କି କେବେ ଶ୍ରଦ୍ଧା ଟିକେ ନେଇ
ଭିଜି ଯିବି କରୁଣାରେ ॥

ଆତ୍ମା ପରମାତ୍ମା ମହାମିଳନରେ
ପୁଲକିତ ହେବ ଧରା
ଉଚ୍ଛୁଳି ଉଠିବ ଆନନ୍ଦ ଉଲ୍ଲାସ
ପୁଣ୍ୟ ତପୋବନ ସାରା ॥

ପ୍ରଧାନ ଶିକ୍ଷୟିତ୍ରୀ
ସଫିପୁର ପ୍ରାଥମିକ ବିଦ୍ୟାଳୟ
ସଫିପୁର, କଟକ ସଦର
(ମୋ)8917416251

ISSN NO.
2582-208X

# ଭଗବତ କଥା - ୧

## (ଧାରାବାହିକ)



ନରେନ୍ଦ୍ର ପ୍ରସାଦ ବେହେରା

### କୃଷ୍ଣ-ବଳରାମଙ୍କର ଗୁରୁ ଦକ୍ଷିଣା

ଅବନ୍ତୀପୁରରେ ସନ୍ଦୀପନି ମୁନି ବାସ କରୁଥିଲେ । ଜଣେ ଶିକ୍ଷକ ରୂପେ ରୂପେ ତାଙ୍କର ଖୁବ ଖ୍ୟାତି ରହିଥିଲା । ରାଜା ଉଗ୍ରେସନ ନିଜର ଦୁଇ ନାତି କୃଷ୍ଣ-ବଳରାମଙ୍କୁ ସନ୍ଦୀପନି ମୁନିଙ୍କ ଆଶ୍ରମକୁ ବିଦ୍ୟାଶିକ୍ଷା ନିମନ୍ତେ ପଠାଇଲେ । ଦୁଇ ଭାଇ ସାଧାରଣ ବିଦ୍ୟାର୍ଥୀଙ୍କ ପରି ଗୁରୁ ଗୃହରେ ରହି ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ମୁନିଙ୍କର ପଦସେବା ଓ ଗୃହକାର୍ଯ୍ୟ ମଧ୍ୟ କରୁଥିଲେ । ବିଦ୍ୟାଶିକ୍ଷା ଶେଷ ହେବା ପରେ ଗୁରୁଦକ୍ଷିଣା ଗ୍ରହଣ କରିବା ପାଇଁ ସେମାନେ ସନ୍ଦୀପନି ମୁନିଙ୍କୁ ଅନୁରୋଧ କଲେ ।

ଗୁରୁଦକ୍ଷିଣା କଅଣ ମାଗିବେ ସନ୍ଦୀପନି ମୁନି ? ସାକ୍ଷାତ ଭଗବାନ ଯେ ତାଙ୍କ ଗୃହକୁ ଆସି ତାଙ୍କ ନିକଟରୁ ବିଦ୍ୟାଶିକ୍ଷା ଲାଭ କରିଛନ୍ତି, ଏହା ହିଁ ତାଙ୍କର ପରମ ସୌଭାଗ୍ୟ । ସେ ଦକ୍ଷିଣା ମାଗିବେ କଅଣ ? ତେବେ ତାଙ୍କ ମନରେ ବହୁ କାଳରୁ ଏକ ଦୁଃଖ ବସା ବାନ୍ଧି ରହିଥିଲା । ତାହା ହେଉଛି ତାଙ୍କ ଶିଶୁପୁତ୍ରର ଅକାଳ ମୃତ୍ୟୁ । ସେ ପ୍ରଭାସତୀର୍ଥକୁ ଯାଇଥିବା ସମୟରେ ସମୁଦ୍ର ଜଳରେ ଭାସି ଯାଇ ପ୍ରାଣ ହରାଇଥିଲା । ସେହି କାଳରୁ ସେ ପୁତ୍ର ଶୋକରେ ରହିଥିଲେ । ତାଙ୍କର ଶିଷ୍ୟ ଯଦି ସ୍ୱୟଂ ଭଗବାନ, ତାହେଲେ ତାଙ୍କର ପୁତ୍ରକୁ ତାଙ୍କ ହାତରେ ଟେକି ଦେଇ ଦୁଃଖ ଦୂର କରନ୍ତୁ । ଏହା ଭାବି ମୁନି ଏଇ ଦକ୍ଷିଣା ମାଗି ବସିଲେ ।

ISSN NO.
2582-208X

ଗୁରୁଙ୍କର କାମନା ପୂରଣ କରିବା ଉଦ୍ଦେଶ୍ୟରେ କୃଷ୍ଣ ବଳରାମ ଚାଲିଲେ ପ୍ରଭାସତୀର୍ଥକୁ । ପ୍ରଭାସତୀର୍ଥ ସମୁଦ୍ର କୂଳରେ ଅବସ୍ଥିତ । ସମୁଦ୍ର ଜାଣିପାରିଲେ ଯେ ସ୍ୱୟଂ ଭଗବାନ ତାଙ୍କ ନିକଟକୁ ଆସୁଛନ୍ତି । ସମୁଦ୍ର ପ୍ରଣାମ କରି ସେମାନଙ୍କ ଆଗମନର ଉଦ୍ଦେଶ୍ୟ କଅଣ ବୋଲି ଜିଜ୍ଞାସା କରିବାରୁ କୃଷ୍ଣ କହିଲେ – ହେ ସମୁଦ୍ର, ବହୁ ଦିନ ତଳେ ମୋର ଗୁରୁ ସନ୍ଦୀପନି ମୁନିଙ୍କ ପୁତ୍ରକୁ ତୁମେ ଏହି ସ୍ଥାନରେ ତୁମର ବିଶାଳ ତରଙ୍ଗରେ ଗ୍ରାସ କରିଛ । ତାକୁ ଆମ ହାତରେ ଅର୍ପଣ କରି ଦିଅ । ଏହାର ଉତ୍ତରରେ ସମୁଦ୍ର କହିଲେ, ହେ ପ୍ରଭୁ, ଆପଣଙ୍କର ଗୁରୁ ପୁତ୍ରକୁ ମୁଁ ଗ୍ରାସ କରି ନାହିଁ। ମୋ ଜଳ ମଧ୍ୟରେ ଶଙ୍ଖ ରୂପରେ ରହୁଥିବା ଏକ ଅସୁର ସେହି ବାଳକକୁ ଗ୍ରାସ କରିଥିଲା ।

ତତକ୍ଷଣାତ ଶ୍ରୀକୃଷ୍ଣ ସମୁଦ୍ର ମଧ୍ୟରେ ପ୍ରବେଶ କରି ପଞ୍ଚଜନ ନାମକ ଅସୁରକୁ ସଂହାର କଲେ କିନ୍ତୁ ତା ପେଟ ଭିତରେ ବାଳକକୁ ପାଇଲେ ନାହିଁ । ଅସୁର ଅଙ୍ଗଜାତ ପାଞ୍ଚଜନ୍ୟ ଶଙ୍ଖକୁ ଧରି ଶ୍ରୀକୃଷ୍ଣ ଫେରିଆସିଲେ । ତାପରେ ଦୁଇ ଭାଇ ଚାଲିଲେ ଯମପୁରୀକୁ । ସେଠାରେ ପହଞ୍ଚି କୃଷ୍ଣ ପାଞ୍ଚଜନ୍ୟ ଶଙ୍ଖ ବଜାଇଲେ । ଶଙ୍ଖର ପ୍ରଚଣ୍ଡ ଧ୍ୱନି ଶୁଣି ଯମରାଜ ଛୁଟି ଆସିଲେ । ଶ୍ରୀକୃଷ୍ଣଙ୍କୁ ଦେଖି ଯମରାଜ ପ୍ରଣାମ କରି କହିଲେ ପ୍ରଭୁ, ଆପଣ ସାକ୍ଷାତ ବିଷ୍ଣୁଙ୍କର ଅବତାର । ଏଠାକୁ ଆସିବାର ଅଭିପ୍ରାୟ କଅଣ କୁହନ୍ତୁ । ଭଗବାନ କହିଲେ, ମୋର ଗୁରୁପୁତ୍ରର ମୃତ୍ୟୁ ହୋଇଛି । ଆପଣ ତାକୁ ନେଇ ଆସିଛନ୍ତି । ମୋର ଆଦେଶ, ତାକୁ ଫେରାଇ ଦେବାକୁ ହେବ । ଯମରାଜ ଶ୍ରୀକୃଷ୍ଣଙ୍କର ଆଦେଶ ଶିରୋଧାର୍ଯ୍ୟ କରି ଗୁରୁପୁତ୍ରକୁ ବଞ୍ଚାଇଦେଇ ତାଙ୍କ ହାତରେ ଅର୍ପଣ କଲେ ।

କୃଷ୍ଣ ବଳରାମ ଗୁରୁପୁତ୍ରଙ୍କୁ ସଙ୍ଗରେ ଧରି ସନ୍ଦୀପନି ମୁନିଙ୍କ ଆଶ୍ରମକୁ ଫେରିଆସି ତାଙ୍କର ପ୍ରିୟ ସନ୍ତାନକୁ ଗୁରୁଙ୍କୁ ଅର୍ପଣ କଲେ । ମୃତ ସନ୍ତାନଟିକୁ ଜୀବିତ ଫେରିପାଇ ଗୁରୁ ଓ ଗୁରୁପତ୍ନୀ ଆନନ୍ଦରେ ବିଭୋର ହୋଇଯାଇଥିଲେ । ଗୁରୁଙ୍କର ଆଶୀର୍ବାଦ ପାଇ ଦୁଇ ଭାଇ ମଥୁରାକୁ ଫେରିଆସିଲେ ।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ବିଧବାର ଶୋକ ସଂଦେଶ



କୁମରଲ୍‌ଲ ରଣା

ଆହାରେ କଷଣ ମୋର ଦୁଃଖ ଦେଉ କେତେ
ସ୍ଵାମୀ ବିନା ଜୀବନ ମୋ ସରିଲା ମରତେ ॥
ତ୍ରାହି ନାହିଁରେ
କରମେ ଦେଇଛି   ବିହି ଲିହିରେ॥
ଚଳିବାକୁ ବଳିଥିଲା ଏ ସୁନ୍ଦର ମନ
ବିତିଯାଉଥିଲା କ୍ଷଣେ ରାତିର ସପନ॥
ହେଲା ଭ୍ରାନ୍ତି ରେ
ନ ମିଳିଲା ଦେହେ ସୁଖ ଶାନ୍ତିରେ॥
କି ଲାଭ ପାଇବି ମୁଇଁ ଥିଲେ ତହିଁ ବଂଚି
ଦୁଃଖ ଛଡା କିଛି ଭୋଗ ନୁହେଁ ତହିଁ ସଂଚି ॥
ରାତି ଦିନ ରେ
ଦୁଃଖ ମୋ ସଂଚଇ ମୋର ମନ ॥
ସୁଖରୁ ହୋଇଛି ମୋର ମନଟି ବଂଚିତ
ଦୁଃଖ ପାଇଁ ସାରା ଦିନଟି   ପୁରିତ ॥
ସୁଖ ଜାତ ରେ
କେବେ ନ ହୋଇବ ସଂଚିତ ରେ॥

ISSN NO.
2582-208X

ସ୍ୱାମୀ ଛାଡି ଗଲା ଦିନୁ ଦୁଃଖ ପରାକ୍ରମ
ଘେରି ବସୁଅଛି କରି ଦେଇଣ ବିଭ୍ରମ॥
ଚିନ୍ତା ଶୋକେ ରେ
ଜୀବନ ମରୁଛି ସୁଖ ଭୋକେ ରେ ॥
ଦୁର୍ଦ୍ଦିନ ବିକ୍ରମ ଆସି ହୁଏ ଉପସ୍ଥିତ
କି ଲାଭେ ପୁରିବ ମୋର କୀର୍ତ୍ତି ଭବିଷ୍ୟତ
ମାଟି ମିଶେ ରେ
ନୟନରେ ଅନ୍ଧକାର ଦିଶେ॥
ସ୍ୱାମୀ ଥିଲେ ନୟନଟି ଦିଶଇ ଉଜ୍ଜ୍ୱଳ
ଭାଗ୍ୟ ଖୋଲି ଥାଏ ତହିଁ ମାଳ ମାଳ
ଧନ ମୋତି ରେ
ମିଳିଥାଏ ତହିଁ ସୁଖ କୀର୍ତ୍ତି ॥

ମହୁଆଭଟା

ISSN NO.
2582-208X

# ଇଏ ପୁଣି କେଉଁ ପ୍ରକାର ସ୍ୱାଧୀନ



ଲବଦାନ ନାଏକ

ହେଗାନ୍ଧୀ ତମେ କେଉଁଠି
ଆଉ ରହିଅଛ ପୁଣି କେମନ୍ତ
ଆଜି ମନେ ପକାଉଛି ତମରି କଥା
ଏହି ମୋ ପ୍ରିୟ ଭାରତ ।।
ଯେବେ ଆଲୁଅ ହଜେଇ ଅନ୍ଧାର ଭିତରେ
ମୋ ଦେଶ ହୋଉଥିଲା ଛଟ ପଟ
ସେହି ସମୟରେ ତମେ ଭାରତକୁ ଆସି
ଦୀପଟିଏ ସାଜି କରିଥିଲ ଅଲକିତ ।।
ହେ ଗାନ୍ଧୀ ନେହେରୁ ସୁଭାଷ ବୋଷ
ସାଧୁ ସନ୍ୟାସୀ ବୀର ପୁରୁଷ
ତମକୁ ଆଜି କରୁଛି ସ୍ମରଣ
ଏହି ମୋ ଭାରତ ବର୍ଷ ।।
ଆଜି ପୁଣି ଥରେ ତମ ସାହାରା ଲଡୁଛି
ଏହି ମୋ ପ୍ରିୟ ଦେଶ
ସ୍ୱାଧୀନ ହୋଇବି ସ୍ୱାଧୀନତାର ସ୍ୱାଦ
ଚାଖି ପାରିଲାନି ଏହି ମୋର ଦେଶ ।।
ତମେସିନା ବ୍ରିଟିଶ ମାନଙ୍କ ଠାରୁ

ISSN NO.
2582-208X

ଆମକୁ କରି ଦେଇଥିଲ ମୁକ୍ତ
ଆମେ ପରା ଏଠି ଆପଣା ଆପଣାଙ୍କ
ପାଖରେ ନାହୁ ଜମା ସୁରକ୍ଷିତ ।।
ଗଣତନ୍ତ୍ର ପରି ପବିତ୍ର ନାମକୁ
କରି ଏଠି ପ୍ରୟୋଜନ
ଲୁଟି ଚାଲିଛନ୍ତି ନିରୀହ ଲୋକଙ୍କୁ
ଦେଖେଇ ମିଛ ସପନ ।।
ଆସିଲେ ନିର୍ବାଚନ କେତେ ନେତା ମନ୍ତ୍ରୀ ଗଣ
କେତେ ଦାଣ୍ଡେ ଆସି ହୁଅନ୍ତି ଯେ ପଦାର୍ପଣ
ଦେଖାନ୍ତି ନିଜକୁ ସତେ ଯେମିତି
ସିଏ ଆମ ମାଆଙ୍କ ଦ୍ୱିତୀୟ ସନ୍ତାନ ।।
ନିର୍ବାଚନ ସମୟେ କି ଦେଖିବ ଆଉ
ତାଙ୍କର ସେ ନମ୍ର ଗୁଣ
ହାତ ଜଡି ସଭିଙ୍କ ସରଣେ ପସନ୍ତି
ଜମା ଦେଖନ୍ତି ନି ବଡ ସାନ ।।
ଫୁଟି ଉଠୁଥିବ ତାଙ୍କରି ମୁଖରୁ
ମା ମାଉସୀ ବାପ ଧନ
ତାଙ୍କରି କଥାକୁ ଶୁଣିଲେ ଲାଗିବ
ସତେ ଯେମିତିକି ସେ ଆମ ପ୍ରିୟଜନ ।।
ଭଟ ବଦଳରେ ବାଣ୍ଟି ଯେ ବୁଲନ୍ତି
ମଦ ମାଂସ ଆଉ କଳା ଧନ
ଏ ସବୁର ଲଭ ଦେଖେଇ ନିରୀହ ଜନତାଙ୍କୁ
କରାନ୍ତି ଯେ ମତଦାନ ।।
ମୁଖା ଟିଏ ପିନ୍ଧି ଅସଲ ଚେହେରା ଲୁଚେଇ
ଲୋକଙ୍କ ଆଗରେ ଦେଖାନ୍ତି ଭଦ୍ରପଣ
ମିଛ ପ୍ରତି ସୃତି ଦେଇ ମିଠା କଥାକଇ
ଜିଣି ନିଅନ୍ତି ଲୋକଙ୍କ ମୋନ ।।

ISSN NO.
2582-208X

ମୁଖା ପଛର ସେହି ଅସଲ ଚେହେରାକୁ
ଚିହ୍ନି ପାରୁନାହାନ୍ତି ମୋ ପ୍ରିୟ ଜନ
ସେହି ଭୁଲ ପାଇଁ ବର୍ଷ ବର୍ଷ ହେଲା
ସଶିତ ଲୁଣ୍ଠିତ ମୋ ପ୍ରିୟ ଜନ ।।
ନ୍ୟାୟ ଦେବୀଙ୍କ ଆଖିରେ ପିତୁଳା ବାନ୍ଧି
ଅନ୍ୟାୟ ଅତ୍ୟାଚାର କରି ଚାଲିଛନ୍ତି ସଭି
ଯିଏ ରହିଛନ୍ତି ଏଠି ଫସଲ ଜଗି
ସିଏ ହିଁ ସେ ଫସଳଲର ଉପଭାଗୀ ।।
ଜନତା ସେବା ନୁହେଁ କୁଜିନେତାଙ୍କ ସେବା
ଚାଲି ଅଛି ପରା ଏଠି
ଥିଲାବାଲାଙ୍କୁ ପୁଣି ଆହୁ ଦେଇ ଚାଲ
ଗରିବଙ୍କ ଘରେ ନ ଲାଗୁ ପଛେ ଭାଟି ।।
ରାମ ରାଇଜ କରିବାକୁ ଗାନ୍ଧୀ
ତମେ ଦେଖି ଥିଲ ଯେଉଁ ସ୍ୱପ୍ନ
କେବେ ଆସି ତାକୁ ପୁରା ଯେ କରିବ
ଚାହିଁ ରହିଛନ୍ତି ମୋ ନିରୀୟ ଜନ ।।
କେବେଜେ ଉଇବ ନୂତନ ସୁରୁଜ
କେବେ ପଡିବ ଏଠି ଅସାର କିରଣ
କେବେ ପୁରା ହେବ ଏ ଜନତା ସପନ
କେବେ ହସିବ ଏ ଦୁଃଖୀ ରଙ୍କିଙ୍କ ମୋନ ।।

+୩ ପ୍ରଥମ ବର୍ଷର ଛାତ୍ର
ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଜୟପୁର
ମୋ :8260641215

ISSN NO.
2582-208X

# ସଂକ୍ରାନ୍ତି ପୁରୁଷ



ରେଖାରାଣୀ ବାରିକ୍

ବ୍ୟାସକବି ଆହେ ଉତ୍କଳର ଯୁଗସ୍ରଷ୍ଟା
ତୁମେ ଯେ ଆମର ମହାତ୍ମା,
ତୁମର କବିତ୍ୱ ଅତୁଳନୀୟ
ତୁମେ ଯେ ଅମର ଆତ୍ମା ।

ଜନ୍ମ ତୁମର ଶୁଭ ଲଗ୍ନରେ
ତୁମେ ଯେ ଶ୍ରେଷ୍ଠ ମନୁଷ୍ୟ,
ଶୁଭ ଜନ୍ମଦିନ ପାଇଁ ତୁମକୁ
ବୋଲନ୍ତି ସଂକ୍ରାନ୍ତି ପୁରୁଷ ।

ଓଡ଼ିଆ ଭାଷାର ସୁରକ୍ଷା ପାଇଁ
କରିଲ ଭାଷା ଆନ୍ଦୋଳନ,
ତୁମର ସେହି ଗୁଣକୀର୍ତ୍ତି ପାଇଁ
ଆମ ଉତ୍କଳ ଆଜି ମହାନ ।

ଓଡ଼ିଆ ଭାଷାର ବିକାଶ କରିଲ
ବଙ୍ଗଳା ଭାଷା ସହ ଲଢ଼ି,

ISSN NO.
2582-208X

ନିଜର ଶ୍ରମକୁ ସାର୍ଥକ କରିଲ
ଆତ୍ମ ବଳିଦାନ ଦେଇ ।

କରିଲ ରଚନା ଓଡ଼ିଆ ଭାଷାରେ
ଓଡ଼ିଆ ଜାତିକୁ ଦେଇ ସମ୍ମାନ,
ଉତ୍କଳର ତୁମେ ଜ୍ଞାନୀ ମଣ୍ଡଳୀର
ହୋଇଅଛ ଚିର ନମନ୍ୟ ।

ତୁମ ଲେଖା ପାଇଁ ଆମ ଓଡ଼ିଆ ଜାତି
କରୁଅଛି କେତେ ଗର୍ବ,
ତୁମେ ଆଜି ଆମ ଉତ୍କଳର
ସାଜିଅଛ ସର୍ବେ ସର୍ବ ।

ମୋ - ୮୪୫୭୮୮୦୯୩୯
ଭୋଗପୁର, ଖଇର୍,ବାଲେଶ୍ୱର

ISSN NO.
2582-208X

# ଆତ୍ମାର ଆର୍ତ୍ତନାଦ...



ଅଶୋକ କୁମାର ସେଠୀ

ତମେ କୋ' ମୋହକୁ ଆଦରି ନେଲ ଯେ; ଏ ବନ୍ଧନକୁ ତୁଚ୍ଛ ମନେ କରି ଚାଲି ଗଲ ଏକ ମୁହାଁ ହୋଇ ? ଆମ ସମସ୍ତଙ୍କୁ ପରକରି ..। ତମେ ଏକା ଛାଡି କେମିତି ଯାଇ ପାରିଲ, ମାଆ ଛେଉଣ୍ଡ ଛୁଆଟା କଥା ମନକୁ ଥରେ ଆସିଲାନି ?? ତମେ ଯେଉଁ ବାଟ ଧରିଲ ନିବେଦିତା..! ସେ ବାଟର କୌଣସି ନିର୍ଦ୍ଦିଷ୍ଟ ଠିକଣା ନାହିଁ । ପଛକୁ ଫେରି ଚାହିଁଲା ବେଳକୁ ବାଟ ସବୁ ବନ୍ଦ ହୋଇଯାଇଥିବ ..! ଲିଭିଯାଇଥିବ ଅତିକ୍ରମ କରିଥିବା ପ୍ରିୟ ଘାଟ, ବାଟ ସବୁ.. କେଜାଣି କାହିଁକି ପ୍ରଶାନ୍ତ ମନେ ମନେ କେତେ କଣ ଏମିତ ଭାବି ଚାଲିଥାଏ ..ଚାହିଁ ବସିଥାଏ ନିବେଦିତାର ଫେରିବା ବାଟକୁ ..ଫେରିଲା କି ନାହିଁ ସେ ଜାଣି ପୂର୍ବରୁ ସେ ଏ ବାଟ ଦେଇ ସେ ନିଜେ ଚାଲିଗଲା ଯେ ଆଉ ଫେରିଲାନି...

ନିବେଦିତା ଆଜି ନିରୁତ୍ତର; ଯଦିଓ ତା ଆଗେ ପ୍ରଶ୍ନର ପାହାଡ । ସମୁଦ୍ର କୂଳେ ଥାଇ ମଧ୍ୟ ସେ ଆଜି ପାଣି ଟୋପେ ପାଇଁ ଡହଳ ବିକଳ ! ସେ ଆଜି ଖୁବ ତୃଷାର୍ତ୍ତ, ମହା ସାଗର ତା' ତୃଷା ମେଣ୍ଟାଇ ପାରୁନି । ସବୁଆଡେ ଚଳଚଞ୍ଚଳ । ଯିଏ ଯା କାମରେ ବ୍ୟସ୍ତ ଥିଲାଭଳି ଲାଗନ୍ତି । କାରଣ ଆଜି ନିବେଦିତା ର ଝିଅ, ମନିଷାର ବାହାଘର । ରୋଷଣୀ ମାଳାରେ ସବୁ ଆଡେ ଆଲୋକିତ, ହେଲେ ନିବେଦିତା ଏତେ ଅନ୍ଧାରରେ ଯେ ସେ ନିଜକୁ ହିଁ ଖୋଜି ପାଇବାକୁ ଅସମର୍ଥ, ଅସହାୟ । କୋଳାହଳ ମଧ୍ୟରେ ନିବେଦିତା ଖୁବ ନିଃସଙ୍ଗ ଶେଷହୀନ ଖାଁ ଖାଁ ନିର୍ଜନତାରେ ବନ୍ଦୀ, ମୁକୁଳିବାକୁ ନାଚାର । ତା ଅସହାୟତାପଣ ସଚରାଚର ହେଲେ ନିବେଦିତା ଉହାଡ଼େ ରହିବ ଛଡ଼ା ଅନ୍ୟୋପାୟ ନାହିଁ ! ଏଣେତେଣେ ତା ଆକୁଳ ଆଖି ଘୁରିବୁଲୁଥାଏ ଆଶଙ୍କାରେ ଅସହାୟତାରେ । ତା ଆକୁଳ ଗୁହାରି କାହା ପାଖରେ ବି ପହଂଚି ପାରୁନି ଏମିତ କି ଈଶ୍ୱର ଙ୍କୁ କେତେ ଥର ଡାକି ସାରିଲାଣି ..ସବୁ

ISSN NO.
2582-208X

ଚେଷ୍ଟା ନିଷ୍ଫଳ ! ନିବେଦିତା ଆଜି ଅବଶୋଷ ଘେରା ନିଦାଘ ନିଆଁରେ ଦଗ୍ଧୀଭୂତ । ନିବେଦିତା ଆଜି ଘୁରି ବୁଲେ ମମତା ର ନଦୀତୀରେ, କେତେ ଚେଷ୍ଟା ସତ୍ୱେ ତା ଆଖି ପହଞ୍ଚି ପାରୁନି ନିଜ ଝିଅ ମନୀଷା ପାଖରେ ତା ମାତୃତ୍ୱ ର ଅନ୍ତର ଆତ୍ମା ଆଜି ବ୍ୟଥିତ ଥରେ ତା ଝିଅକୁ ଦୂରରୁ ଥାଇ ମନଭରି ଦେଖିବା ପାଇଁ । ତା ଛାତି ଭିତରର କୋହ ବେଳୁ ବେଳ ରୁନ୍ଧି ହୋଇଯାଉଛି ତା ଆତ୍ମା ଛାଟିପିଟି କେମିତି ମୋ ଛୁଆ କୁ ଦେଖିବି । କେତେ ବଡ ହେଇଜିବଣି ସତେ ..! କାହାଭଳି ସେ ଦେଖା ଯାଉଥିବ ..? ତୁ ମୋ ରକ୍ତର; ଦେଖେ, ତୁ ମୋର ବୋଲି ଜାହିର କରିପାରୁନି । ମା ତା ନିଜ ଛୁଆକୁ ବି ମୋର କହିବାକୁ ଅସହାୟ ..ମୁଁ ଅନୁତପ୍ତର ଘନ ଅନ୍ଧକାର ଗୁମ୍ଫା ରେ ଏଣେ ତେଣେ ଧାଉଁଛି ଅବିରାମ ଗତିରେ ଟିକେ ଟୋପାଏ ଆଲୋକ ସନ୍ଧାନେ ପାଇଁ । କିନ୍ତୁ ବେଳୁ ବେଳ ଅନ୍ଧକାର ଗଭୀର ହୋଇ ଯାଉଛି ।

ହଠାତ, ନିବେଦିତା ଲକ୍ଷକଲା କେହି ଜଣେ ତା ଆଡକୁ ଆସୁଛି । ଅଶୀତିପର ବୃଦ୍ଧ ଜଣେ ଏମିତ ବ୍ୟସ୍ତତା ରେ ତା ଆଡକୁ ମାଡି ଆସୁଛନ୍ତି । ନିବେଦିତା ନିଜକୁ ଲୁଚେଇ ନେଇଛି ତାଙ୍କ ଘର ଆଗରେ ଥିବା ଗଙ୍ଗଶିଉଳି ଲତା ଆରପାଖେ । ସେ ବୃଦ୍ଧ ଜଣକୁ ନିକଟରୁ ଦେଖି ନିବେଦିତା ଚିହ୍ନି ପାରୁଛି ଏ ପ୍ରଶାନ୍ତ ର ବାପା, ମୋ ଶଶୁର । ସେ ଗଙ୍ଗଶିଉଳି ଲତା ଅତିକ୍ରମ କରିସାରିଲେଣି କେତେବେଳୁ । ନିବେଦିତା କିନ୍ତୁ ସେମିତି ଲୁଚି ରହିଛି । ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ । ସେ ଚେଷ୍ଟା କରୁଛି ଅତୀତକୁ ଥରେ ଫେରି ଯିବା ପାଇଁ । ସବୁ କଳ୍ପନା ଅନ୍ଧାରରେ କୁଆଡେ ମିଳେଇଗଲା ।

ସେ ଚେଷ୍ଟା କରୁଛି ଅତୀତକୁ ଥରେ ଫେରି ଯିବା ପାଇଁ, କିନ୍ତୁ କେଉଁଠୁ ଆରମ୍ଭ ତା ଅତୀତ..ସେ ତ ଅତୀତ ଲିଭେଇ ସାରିଛି ତା ସ୍ମୃତିରୁ ...ତଥାପି କିଛି ମୁହୂର୍ତ୍ତକୁ ସାଉଁଟିବାକୁ ଚେଷ୍ଟା କରୁଛି ନିବେଦିତା ।

ନିବେଦିତା ତା ରୂପ ସୌନ୍ଦର୍ଯ୍ୟରେ ଅଦ୍ୱିତୀୟ ଓ ଆକର୍ଷଣୀୟ ଆଖ ପାଖ ଗାଁରେ ବୋଧ ହୁଏ ଏତେ ସୁନ୍ଦର କେହି ନଥିବେ । ଅନୁରୂପ ଭାବେ ପଢୁଥିବା କଲେଜରେ ଭିଡ ତା ପଛରେ । ସେଥିପାଇଁ ଫୁଲେଇ ହେବ ସ୍ୱାଭାବିକ କଥା । ଏ ଭିତରେ ତାଙ୍କ ଘରକୁ ନିବେଦିତା ପାଇଁ ପ୍ରସ୍ତାବ ଆସିଲାଣି । ସବୁ ପ୍ରସ୍ତାବକୁ ମନା କରିଦେଉଥାଏ, କିଛି ନା କିଛି

ISSN NO.
2582-208X

ବାହାନା ଦେଖାଇ । ସେ ନିଜ ଲାଇଫକୁ ଏନଜୟ କରିବାକୁ ଚାହେଁ ।କୌଣସି ବାଧା ବନ୍ଧନରେ ବାନ୍ଧିହୋଇ ରହିବାକୁ ଚାହେଁନା ।

ପାଖ ଗାଁକୁ ଲାଗି ପ୍ରଶାନ୍ତର ଗାଁ । ସେ ଗାଁ ଦେଇ ନିବେଦିତା କଲେଜ ଯାଏ । ପ୍ରଶାନ୍ତର ବାପା ଥରେ ଦି ଥର ନିବେଦିତାକୁ ଦେଖିଲା ପରେ ମନେ ମନେ ନିଷ୍ପତି ନେଇଛନ୍ତି, ନିବେଦିତାକୁ ବୋହୁ କରି ଘରକୁ ଆଣିବା ପାଇଁ । ପ୍ରଶାନ୍ତ ଏବେ ଭାରତ ସରକାରଙ୍କ ଅଧୀନରେ ଏକ ଉଚ୍ଚ ପଦସ୍ଥ ଅଧିକାରୀ ଏବେ ସେ ମୁମ୍ବାଇରେ ରୁହେ । ଖୁବ ଭଦ୍ର ଓ ବିଚାରବନ୍ତ ମୁଖ୍ୟତଃ ଧୀର ସ୍ୱଭାବ । ପ୍ରଶାନ୍ତର ବାପା ବ୍ୟଗ୍ର ହୋଇ ଉଠିଛନ୍ତି ନିବେଦିତାକୁ ବୋହୁ କରିବା ପାଇଁ । ଏ ପ୍ରସ୍ତାବ ନେଇ ନିବେଦିତା ଘରକୁ ଯାଇଛନ୍ତି ପ୍ରଶାନ୍ତର ବାପା । ମୁରବି ହିସାବରେ ସେ ନିବେଦିତାର ବାପାଙ୍କୁ ଏ ପ୍ରସ୍ତାବ ବିଷୟରେ ଅବଗତ କଲେ । କିଛି ମୁହୂର୍ତ୍ତ ନୀରବ ରହିଲା ପରେ ନିବେଦିତାର ବାପା କହିଲେ, "ଦେଖନ୍ତୁ, ମୁଁ କିଛି ନିଷ୍ପତି ନେବା ପୂର୍ବରୁ ଏ ବାବଦରେ ମୋ ଝିଅର ନିଷ୍ପତି ନେବା ଅନିବାର୍ଯ୍ୟ ।"

ପ୍ରଶାନ୍ତର ବାପା କିଛି ଅନୁମାନ କରିପାରି କହିଲେ, ଆଜ୍ଞା ଆମର ଗୋଟିଏ ବୋଲି ପୁଅ । ଆମେ ବୁଢ଼ାବୁଢ଼ୀ ଅନ୍ତେ ସବୁ ସମ୍ପତି ସେ ହିଁ ଉପଭୋଗ କରିବ । କେଉଁଥିକୁ ଅଭାବ ନାହିଁ । ଆପଣ ଖାଲି ପ୍ରସ୍ତାବରେ ହଁ କହିଦେଲେ, ବିବାହ ସାଙ୍ଗେ ସାଙ୍ଗେ କରିଦେବା । ଆପଣଙ୍କ ଝିଅ ଘରର ମାଲିକାଣୀ ହେଇ ରହିବ । କେଉଁଠିକୁ ଅଭାବ କରିବୁନି ।

କ୍ଷମା କରିବେ ଆଜ୍ଞା ଆପଣଙ୍କ ପୁଅର ଉଚ୍ଚତା ଟିକେ କମ ତେଣୁ ମୋ ଝିଅ ନାପସନ୍ଦ କରୁଛି । ସେ ଚାହୁଁଛି ଅନ୍ତତଃ ଛଅ ଫୁଟ ଉଚ୍ଚତା ଥିବା ଭଳିଆ ବର ଗୋଟେ । ନଥିଲେ ବି ଚଳିବ ଅନ୍ତତଃ ପକ୍ଷେ ଘରେ ବଡ କାରଟିଏ ଥିବ । ସକାଳୁ ସଞ୍ଜ ଘରେ ଖଟିବା ପାଇଁ ଚାକର ବାକର ଥିବେ ।

ସେ ସବୁ ବ୍ୟବସ୍ଥା ବିବାହ କରିଦେବୁ । ଆପଣ ଖାଲି ହଁ କହନ୍ତୁ । ଦେଖନ୍ତୁ ବହୁ ଆଶା କରି ଆସିଛୁ । ବାରଦୁଆର ଶୁଣ୍ଢିପିଣ୍ଡା ହେଲୁଣି, କୋଉଠି ବି ପ୍ରସ୍ତାବଟେ ହେଉନି ।

ISSN NO.
2582-208X

ଆପଣ ଯଦି ଚାହିଁବେ ଆମେ ଅଗ୍ରୀମ କିଛି ଅର୍ଥ ଦେବା ବ୍ୟବସ୍ଥା ବି କରିଦେବୁ । ଆପଣ ଖାଲି ହଁ କହନ୍ତୁ ।

ବାପା, ସେମାନେ ଯଦି ଏ ପ୍ରସ୍ତାବରେ ରାଜି ନୁହନ୍ତି ସେମାନଙ୍କୁ ବାଧ୍ୟ କରନ୍ତୁନି । ପ୍ରଶାନ୍ତ ବାପାଙ୍କୁ ଏ କଥା ଜଣେଇବା ସତ୍ୱେ ବାପା ସେଠି ବିଭାହ କରିବା ପାଇଁ ସବୁ ସର୍ତ୍ତରେ ଏକମତ ବୋଲି ସିଧା ସିଧା ନିବେଦିତା ବାପାଙ୍କୁ ଜଣେଇଦେଲେ ।

ନିବେଦିତା ମନେ ମନେ ସ୍ଥିର କରିସାରିଲାଣି ପ୍ରଶାନ୍ତକୁ ବିବାହ କରିବାକୁ । ଅନେକ ସ୍ୱପ୍ନ ମଧ୍ୟରୁ ଏମିତ କିଛି ରଙ୍ଗୀନ କଳ୍ପନା ସେ କରିସାରିଥାଏ । ପ୍ରଶାନ୍ତ ଉଚ୍ଚ ପଦସ୍ଥ ଅଧିକାରୀ, ମୁମ୍ବାଇ ଭଳି ସହରରେ ଅବସ୍ଥାନ । ସୁଉଚ୍ଚ ଅଟ୍ଟାଳିକା ରେ ରହଣି । ଗାଡ଼ି, ବଙ୍ଗଳା, ଚାକରବାକର ଏମିତ କେତେ କଥା ତା ମନ ସାଗରରେ ଲହଡି ଭାଙ୍ଗୁଥାନ୍ତି । ଶେଷରେ ସେମାନଙ୍କର ବିବାହ ସମ୍ପର୍ଣ୍ଣ ହୋଇଛି । ବାହାଘରର ପନ୍ଦରଦିନ ଶାଶୂଘରେ ରହିଛି କି ନାହିଁ ପ୍ରଶାନ୍ତ ସହିତ ମୁମ୍ବାଇରେ ରହିବାକୁ ଅଡ଼ି ବସିଲା । ଅନ୍ୟୋପାୟ ନ ପାଇ ପ୍ରଶାନ୍ତ, ନିବେଦିତାକୁ ମୁମ୍ବାଇ ନେଇ ଆସିଲା । ସବୁ କିଛି ଠିକ ଠାକ ଚାଲିଥାଏ କିଛି ଦିନ । ସାହି ପଡିଶା ଚିହ୍ନା ଜଣାରୁ ଆରମ୍ଭ ସମ୍ପର୍କ । ସହର ବୁଲା ବୁଲି ମୁଭି ରେସ୍ତୋରାଁ ଧୀରେ ଧୀରେ ସବୁ ସ୍ୱାଦ ପ୍ରତି ଅସମ୍ଭବ ଆକର୍ଷଣ ବଢିବାକୁ ଲାଗିଲା । ନାଇଟି କ୍ଲବ, ଡିସ୍କୋ ଥେକ, ପାର୍ଲର, ସ୍ପା ନିତିଦିନିଆ ପାଲଟି ଗଲାଣି । ମାୟା ନଗରୀର ମାୟା ନିବେଦିତାକୁ ସମ୍ପୂର୍ଣ୍ଣ ଅକ୍ତିଆର କରିସାରିଲାଣି । ଯା ଭିତରେ ନିବେଦିତାର ଝିଅ ମନୀଷାକୁ ଦୁଇ ବର୍ଷ ପୁରିଲାଣି । କହିବାକୁ ଗଲେ ଝିଅର ସମସ୍ତ ଦାଇତ୍ୱ ପ୍ରଶାନ୍ତ ହିଁ ବୁଝୁଥାଏ । ଆଉ ବାକି ସମୟ ଚାକର ବାକର ମାନେ ଦାଇତ୍ୱ ନିଅନ୍ତି ।ଏ ସମୟରେ ମନୀଷା ମାଆ ସ୍ନେହ ସମ୍ପୂର୍ଣ୍ଣ ଲୋଡୁଥିଲା ବେଳେ ସେ ସବୁ ସ୍ନେହରୁ ବଞ୍ଚିତ । ନାଇଟ କ୍ଲବରେ ପରିଚିତ ହେଇଥିବା ବନ୍ଧୁଟିର ମନୀଷା ଘରକୁ ଯିବା ଆସିବା ଲାଗିଥାଏ । ଶେଷରେ ତାର ଅବାଧ ପ୍ରବେଶ । ପ୍ରଶାନ୍ତ ଏ ସବୁ ଭିତରେ ଅଣନିଶ୍ୱାସୀ ଓ ପ୍ରାୟ ସମୟ ବିଷାଦରେ ବିତୁଥାଏ ଦିନ । ସହିବାର ସୀମା ଟପି ସରିଥାଏ । ବହୁଥର ଆକଟ କରିଛି ପ୍ରଶାନ୍ତ, ନିବେଦିତାକୁ ଏଥିରୁ ନିବୃତ ହେବାକୁ । ତମର ସ୍ୱାମୀ ପ୍ରତି କଣ କର୍ତ୍ତବ୍ୟ ସେ କଥା ଦୂରେ ଥାଉ, ଛୁଆ ପ୍ରତି ଅନ୍ୟୂନ ଯତ୍ନବାନ ହେବାକୁ ଅନୁରୋଧ । ପ୍ରଶାନ୍ତର ଏଭଳି ବିବୃତିରେ ଅତିଷ୍ଟ ହୋଇ ପଡିଛି ସତେ ଯେମିତି ନିବେଦିତା । ରୋକ ଠୋକ ମୁହେଁ ମୁହେଁ ଝାଡିଦେଲା ..

ISSN NO.
2582-208X

କିଏ କହୁଥିଲା ଏ ଛୁଆ ଜଞ୍ଜାଳ ମୁଣ୍ଡେଇବାକୁ । ମୁଁ ତ ତମକୁ ପୂର୍ବରୁ ସତର୍କ କରିଥିଲି । ସବୁ ପୁରୁଷ କାମନା ରେ ଅନ୍ଧ ତମେ ବା କୋ ବାଦ ଯିବ ? ରାତି ହେଲେ ତ ଭାରି ତତ୍ପର ହୋଇପଡୁଥିଲ..! ତା ବାଦେ ମୁଁ ତ ଆବରସନ କରିବାକୁ କହିଥିଲି, ତମେ ଆକୁଳ ହୋଇ ଅନୁରୋଧ କାହିଁକି କରୁଥିଲ ? ମୁଁ କୌଣସି ବାଧା ବନ୍ଧନ ରେ ରହିବାକୁ ଚାହୁଁନି ଏ କଥା ଆଉ ଥରେ ଜଣେଇବା ମୁଁ ଉଚିତ ମନେ କରୁନି । ଏମିତ କେତେ କଣ ଅନର୍ଗଳ ଗପି ଚାଲୁଥିଲା ନିବେଦିତା ...

ବୈବାହିକ ସମ୍ପର୍କର ସଂଜ୍ଞା କଣ ? ସମାଜରେ ତୁମର ସ୍ଥିତି କଣ ? ପରିବାରରିକ ସମ୍ପର୍କର ଉଦେଶ୍ୟ କଣ ? ବିବାହ ର ମାନେ ତମେ ଯାହା ବୁଝିଛ ତାହା ଅଳୀକ, ସମୟ ଆସିଲେ ବାସ୍ତବତା ସହ ନିଶ୍ଚିତ ତୁମେ ସମ୍ମୁଖୀନ ହେବ । ପ୍ରଶାନ୍ତ ର ମନ ଟୁକୁଡା ଟୁକୁଡା ହୋଇ ଭାଙ୍ଗି ଯାଉଥାଏ ।

ପ୍ରଶାନ୍ତ ର ସ୍ତ୍ରୀ, ନିବେଦିତା ର ଗତ କଲି ରାତିରେ ରେ ମୃତ୍ୟୁ ହୋଇଛି ବୋଲି ଗାଁକୁ ଖବର ଆସିଛି, ନିବେଦିତା ମୃତ...!! ପ୍ରଶାନ୍ତର ବାପା ବିଚଳିତ ହୋଇପଡିଲେ । ସଙ୍ଗେ ସଙ୍ଗେ ସେ ପ୍ରଶାନ୍ତ ପାଖକୁ ମୁମ୍ବାଇ ବାହାରି ପଡିଲେ । ସମସ୍ତଙ୍କର ମନ ଆହତ ଓ ଗଭୀର କ୍ଷତରେ ବ୍ୟଥିତ । ବାପା, ନାତୁଣୀ ମନୀଷାକୁ ନେଇ ଗାଁକୁ ଚାଲି ଆସିଲେ । କିଛି ଦିନ ପରେ ପ୍ରଶାନ୍ତ ନିଜ କାର୍ଯ୍ୟ କ୍ଷେତ୍ରକୁ ଚାଲିଗଲା । ଗାଁ ଲୋକ ସବୁ ପଚାରି ବୁଝିଲେ କଣ କେମିତ ନିବେଦିତାର ମୃତ୍ୟୁ ହେଲା ?

ବାପା ନିରବ ଓ ମର୍ମାହତ । ଦୀର୍ଘ ନିଶ୍ୱାସଟେ ମାରି କହିଲେ,"ସବୁଦିନ ପରି ସେଦିନ ନିବେଦିତା ଘରେ ଥାଏ କିଛି ଦୁର୍ବୃତ୍ତ ପ୍ରଶାନ୍ତର ବନ୍ଧୁ କହି ପରିଚୟ ଦେଲେ । ସେଥି ପାଇଁ ନିବେଦିତା ସେମାନଙ୍କୁ ଘର ଭିତରକୁ ଆସିବାକୁ ଅନୁମତି ଦେଲା । ପ୍ରକୃତରେ ସେମାନେ ପ୍ରଶାନ୍ତର ବନ୍ଧୁ ନଥିଲେ । ନିବେଦିତାକୁ ଘରେ ଏକ ପାଇ ତା ସହ ଅତ୍ୟାଚାର କରି ତଣ୍ଟି ଚିପି ହତ୍ୟା କଲେ । ଏ ସବୁ ଘଟଣା ଏକ ମାତ୍ର ସାକ୍ଷୀ ନାତୁଣୀ ମନୀଷା । ତେଣୁ ସେଠି ଶବ ସତ୍କାର କରିଦେଲୁ ।"

ISSN NO.
2582-208X

ମୃତ୍ୟୁର ପ୍ରକୃତ ରହସ୍ୟ ଜାଣି ସୁଦ୍ଧା ପ୍ରଶାନ୍ତ ନିରବ ରହୁଥାଏ । ପ୍ରଶାନ୍ତର ଆତ୍ମା କେଉଁ ଦିନଠୁ ମରିସାରିଥାଏ ପାର୍ଥିବ ଶରୀରଟା ଖାଲି ନାଁ'କୁ ମାତ୍ର ଚଳ ପ୍ରଚଳ ହେଉଥାଏ । ମନରେ ତା ଗଭୀର କ୍ଷତ । ନିଜ ଭିତରେ ଭିତରେ ଗୁମୁରି ଗୁମୁରି କାନ୍ଦୁଛି ପ୍ରଶାନ୍ତ । ଏପଟେ ଅପବାଦର ଗଭୀର ଅନ୍ଧାର ସେପଟେ ହା ହୁତାଶନ ର ପ୍ରବଚନା । ଆଉ କେତେ ଦିନ ବା ଆତ୍ମା ରହିତ ଶରୀରଟାକୁ ବଞ୍ଚେଇ ରଖି ପାରିଥାନ୍ତା । ନିବେଦିତା ମୃତ୍ୟୁ ର ୩୦ ଦିନ, ଦିନ ପ୍ରଶାନ୍ତ ବି ସବୁଦିନ ପାଇଁ ଆଖି ବୁଜିଦେଲା ।

ମନୀଷା ମାଆ ବାପା ଛେଉଣ୍ଡ ପିଲାଟା, ଏବେ ଜେଜେବାପା ତାର ସବୁକିଛି । ସମୟ ଅତିବାହିତ ହେବ ସହିତ ସବୁ କ୍ଷତାକ୍ତ ସ୍ମୃତି ଧୀରେ ଧୀରେ ଅପସରି ଯାଉଥାଏ । ମନୀଷା ଏବେ ଜୀବନ ଜିଇଁବା ଶିଖିଗଲାଣି । ଜେଜେ ବାପା ତା ପାଇଁ ସବୁକିଛି । ମନୀଷା ଏ ଭିତରେ ବହୁତ ବଡ ହୋଇସାରିଲାଣି । ଏବେ ସେ କଲେଜ ଗଲାଣି । ଜେଜେ ବାପା ଏବେ ଅଶୀତିପର ବୃଦ୍ଧ । ତାଳ ବରଡ଼ା ପରି ଜୀବନ ଆଜି ଅଛି କଲି କଥା କୁ ଭରସା ପାଉନି । ସେ ମନୀଷାକୁ ହାତକୁ ଦିହାତ କରିଦେଲେ, ନିସ୍ତାର ପାଇବେ ।

ଏବେ ଦି, ଚାରିଦିନ ହେବ ଏକ ଦାମୀ କାର ଗାଁ ଭିତର ଦେଇ ଚକର କାଟୁଛି । ତା' ପରେ ଗାଁ ମୁଣ୍ଡ ସ୍କୁଲ ଆଗରେ କିଛି ସମୟ ରହି ପୁଣି ଫେରି ଯାଉଛି । ସନ୍ଧ୍ୟା ହେଲେ ମନୀଷା ଘର ଆଗରେ ଥିବା ଗଙ୍ଗଶିଉଳି ଲତା ପାଖରେ କିଛି ସମୟ ସେମିତ ସେ କାରଟି ରହେ ପୁଣି ଫେରି ଯାଏ । ମନୀଷାର ଜେଜେ ଏବେ ଟିକେ ଚିନ୍ତାଗ୍ରସ୍ତ ଲାଗୁଛନ୍ତି । ଯେତେ ଶୀଘ୍ର ମନୀଷାର ବାହାଘର କରିବାକୁ ତତ୍ପର ହୋଇପଡିଛନ୍ତି ।

ଏବେ ଗୁଜବ ଜୋର ଧରିଛି ଜେ ନିବେଦିତା କୁଆଡେ ଜୀବିତ । ପାଖ ଗାଁ'ର ସେ ଲୋକଟି ନିବେଦିତାକୁ ମୁମ୍ବାଇରେ ଦେଖିଛି । ମୁମ୍ବାଇ ସହରର ଜଣେ ବିଶିଷ୍ଟ ଶିଳ୍ପପତି ସେ । ମୁମ୍ବାଇ ସହରରେ ଖୁବ ଖାତିର ତାର । କିନ୍ତୁ ନିବେଦିତା ଆଜି ଘୁରିବୁଲେ ମମତା ନଦୀତୀରେ, ଅବଶୋଷ ଘେରା ନିଦାଘ ନିଆଁରେ ସେ ଆଜି ଦଗ୍ଧୀଭୂତ । କାଲି ପରି ଆଜି ବି ସେ ଅପୂର୍ଣ୍ଣତାରୁ ମୁକୁଳି ପାରୁନି । ସମୁଦ୍ର କୂଳେ ଥାଇ ବି ସେ ତୃଷାର୍ତ୍ତ ..! ଯୋ ସୁଖର ମୋହରେ ସେ ସବୁ ବନ୍ଧନକୁ ତୁଚ୍ଛ ମନେକରି ଚାଲି ଆସିଥିଲା ସେ ସୁଖଟିକକ ବି ତା ପାଇଁ ସେ କେତେ ଡହଳ ବିକଳ ହେଉଛି, ନିବେଦିତା ନିଜେ ଜାଣିଛି । ସେ ସେଦିନ ଯେଉଁ

ISSN NO.
2582-208X

ଶିଳ୍ପପତି ଙ୍କ ସହିତ ନିଜ ଛୁଆ ଓ ସ୍ୱାମୀ କୁ ପରକରି ଚାଲି ଆସିଥିଲା । ସେ ନିଜେ ନିଜକୁ ବାରମ୍ବାର ପ୍ରଶ୍ନ କରିଛି । ବୈବାହିକ ସମ୍ପର୍କର ଅର୍ଥ କଣ ସେ ଏବେ ବୁଝି ପାରୁଛି। ନିରୁତା ନିବିଡ଼ତା କେତେ ମହନୀୟ ଓ ତା ସୁଖ କେତେ ଉର୍ଦ୍ଧରେ ସେ ଭାବିବା ଛଡା ତା ପାଇଁ ସବୁ ବାଟ ବନ୍ଦ । ନିବେଦିତା ବୟସ୍କ ହେବା ସହିତ ତା ରୂପ ସୌନ୍ଦର୍ଯ୍ୟ ର ଚମକ ମଳିନ ହୋଇ ଆସିଛି । ତେଣୁ ସେ ଏବେ ଅଲୋଡ଼ା ହୋଇ ଯାଇଛି । ଜନୈକ ଶିଳ୍ପପତି ଆଉ ଏକ ସୁନ୍ଦର ତରୁଣୀ ସହ ବ୍ୟସ୍ତ ।

ନିବେଦିତା ନିଜ ଛୁଆକୁ ଥରେ ଦେଖିବା ଲାଗି କେତେ ଥର ନିଜ ଗାଁକୁ ଆସିଛି ସବୁଥର ନିରାଶ ହୋଇ ଫେରିଛି । କାଳେ ସେ ସ୍କୁଲକୁ ଯାଇଥିବ ସ୍କୁଲ ଆଗରେ ସ୍କୁଲ ଛୁଟି ହେବ ଯାଏଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିରହୁଥାଏ । କେବେ ତା ଇପ୍ସିତ କାମନା ଫଳବତୀ ହୋଇ ନାହିଁ । ସେ ନିଷ୍ଠୁର ଭାବେ ହତାଶ ହୋଇ ଫେରିଛି ସବୁଥର । ସେ ହଠାତ ଯୁଝି ପାରିଛି । ମନୀଷା ଆଉ ଛୋଟ ଛୁଆ ହୋଇ ନାହିଁ ସେ ତ ଏବେ ବହୁତ ବଡ ହୋଇ ଯିବଣି..!!

ବିଶେଷ ସୂତ୍ରରୁ ଜାଣିବାକୁ ପାଇଛି ଆଜି ମନୀଷାର ବାହାଘର । ନିବେଦିତା ପାଗଳ ପ୍ରାୟେ ଦଉଡ଼ି ଆସିଛି । ଦିନର ଆଲୋକରେ ସେ ଯାଇ ପାରୁନି ଦୂରରେ ରହି ଅନ୍ଧାରକୁ ଅପେକ୍ଷା କରିଛି । ଅନ୍ଧାର ବି ଆଜି ଲୁଚେଇ ପାରୁନି ତା କୋହ । ନିଜ ନିଜ ଭିତରେ ଛାଟି ପିଟି ହେଉଛି । ତା ଅନ୍ତର କିଏ ବିଦାରି ପକାଉଛି । ତା ସମଗ୍ର ଦେହ ଅଜଣା କାରୁଣ୍ୟ ଗୋଟାପଣ ଥରୁଛି । ସେ ବାରମ୍ବାର ଚେଷ୍ଟା କରୁଛି ମନୀଷାକୁ ଥରେ ଆଖି ପୁରେଇ ଦେଖିବାକୁ । ସତ ଚେଷ୍ଟା ସତ୍ୱେ ପାରୁନି ...

କେହି ଜଣେ ତା ଆଡକୁ ମାଡି ଆସୁଛି । ମନୀଷା ନିଜେ ନିଜକୁ ପ୍ରକୃତିସ୍ଥ ହୋଇଛି । ନିଜକୁ ଗଙ୍ଗଶିଉଳି ଲତା ଆଢୁଆଳେ ଲୁଚାଇ ଦେଇଛି । ସେ ଲୋକ ନିବେଦିତାକୁ ଅତିକ୍ରମ କରି ଚାଲିଯାଉଛି, ସେ ତ ନିବେଦିତା ତ ଶଶୁର, ପ୍ରଶାନ୍ତ ର ବାପା ..! ବାହାଘରେ ସଭିଏଁ ବ୍ୟସ୍ତ ଓ ଗହଳ ଚହଳ ରାତିଯାକ ଲାଗିରହିଥାଏ । ଏଣେ ନିବେଦିତା ଖୁବ ନିଃସଙ୍ଗ, ଦୀର୍ଘ ଓ ଗଭୀର ଶୂନ୍ୟତା । ମାତୃତ୍ୱର ବୁକୁଫଟା ଆକୁଳ ଚିତ୍କାର ସେ ଅସହାୟ ଭେଦ

ISSN NO.
2582-208X

କରି ବାହାରି ପାରୁନି । ତା ଅନୁରଣିତ କରୁଣତା ଭିତରେ ଗୁଂଜରିତ ହୋଇ ମିଳେଇଯାଏ । ସେ ଗହଳି ଚହଳି ଭିତରେ ନିଜର ସ୍ଥିତିକୁ କଳ୍ପନା କରିବାକୁ ନିବେଦିତା ସମ୍ପୂର୍ଣ୍ଣ ବିଫଳ ।

ନିବେଦିତାର ଇଛା ହେଉଛି ଅତି ଜୋରରେ କାନ୍ଦିବାକୁ ଥରେ, ଆକୁଳ ଚିତ୍କାର କରି । କୋହତକ ଲୁହ ହୋଇ ବହି ଯାଆନ୍ତା ...! ନାଁ, ତା ଲୁହ ବି ତା ସାଥ ଦେବାକୁ ମୁହଁ ଫେରେଇ ନେଇଛି ଆଜି ।

ନିବେଦିତା ନୀରବରେ ଦେଖୁଛି ଝିଅ ବିଦା ହେଉଛି । ସଭିଏଁ ତାକୁ ଘେରି ରହି କାନ୍ଦ ବୋବାଳି କରୁଛନ୍ତି । ମନୀଷା ତା କାନ୍ଦ କାନ୍ଦ ମୁହଁ ଏପଟକୁ ବୁଲାଉଛି, ନିବେଦିତା ମନରେ ଏକ ଅଜଣା ଶିହରଣ ଖେଳି ଯାଉଛି ..! ନାଁ, କେହି ଜଣେ ମନୀଷାକୁ କୁଣ୍ଢେଇ ଧରିଛି । ନିବେଦିତା ଶେଷ ଥର ବି ବଞ୍ଚିତ ହୋଇଛି ନିବେଦିତାକୁ ଦେଖିବାରୁ ...!

ନିବେଦିତାର ଚିବୁକକୁ ଦୁଇ ଟୋପା ଉତପ୍ତ ଲୁହ କି ଲହୁ ଛୁଇଁଲାଣି । ବାରମ୍ବାର ଚେଷ୍ଟା କରୁଛି ପ୍ରଶାନ୍ତ ର ମୁହଁ ଥରେ ମନେ ପେକେଇବାକୁ । ନା, ପ୍ରଶାନ୍ତ ର ମୁହଁ ମନେପକେଇ ପାରୁନି । ମନୀଷା ର ମୁହଁ ବି ମନେ ପକେଇ ପାରୁନି । ସେ ନିଜେ ନିଜର ସ୍ଥିତି ବାରିପାରୁନି ..

ନିବେଦିତାର ପ୍ରାଣ ଆତ୍ମା ଛଟପଟ, ଅତୃପ୍ତ ଜ୍ୱାଳା ସେ ଦଗ୍ଧିଭୂତ ..

ସକାଳକୁ ଗାଁ ମୁଣ୍ଡରେ ପ୍ରବଳ ଗହଳି । ଗାଁ ମୁଣ୍ଡରେ ଥିବା ଆମ୍ବଗଛରେ ଏକ ଦାମୀ କାର ଧକାଖାଇ ଦୁର୍ଘଟଣାଗସ୍ତ । ସେଥିରେ ଥିବା ଜନୈକ ମହିଳା ଜଣକ ମୃତ ...

ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ,
ରାଉରକେଲା

ISSN NO.
2582-208X

# ବିଭୀଷଣ



ସନାତନ ଦାସ

ବିଭୀଷଣ ଆଜିବି ହୁଏ ବଦନାମ
ବୋହି ବୋଝ ଅପବାଦର,
ଘରେ ଘରେ ଆଜି ଗୃହଭେଦୀ ଶତ୍ରୁ
ଏ ତ କାହାଣୀ କଳି ଯୁଗର..!!

ଭୀଷଣ ବିଶ୍ୱାସ କରିଲାଯେ ରାବଣ
ଭାଇର ସାହାଯ୍ୟ ପାଇଁ,
ଏ କଳିକାଳରେ ବିଶ୍ୱାସରେ ବିଷ
ଦିଅନ୍ତି ସଭିଏଁ ମିଶାଇ..!!

ଷଡରତୁ ପରି ନିମିଷକ ମଧ୍ୟେ
ବଦଳୁଛି ଏଠି ମନ,
ଭାଇ ହାତ ଛାଡ଼ି ଶତ୍ରୁର ପାଶେ
ଯାଇଥିଲେ ସେ ଶରଣ..!!

ନକାରାତ୍ମକ ହେଉ ପଛକେ କୁମ୍ଭକର୍ଣ୍ଣ
ଥିଲା ଭାଇର ସାଥିରେ,
ଧର୍ମର ସାଥୀ ହୋଇ ବିଭୀଷଣ ଆଜି
ନିନ୍ଦା ମୁଣ୍ଡାଇଛି ମଥାରେ....!!

ସମ୍ପାଦକ,ସାହିତ୍ୟ ସୃଜନୀ
ସଅଁଗ୍ରା, ନାଲିବର, ଜଗତସିଂହପୁର
ମୋ -୯୭୭୬୪୧୪୮୦୫

ISSN NO.
2582-208X

# ଜୀବନ ଯାତନା

ସୁଧୀର ମେହେର

ନିତି ଏଠି
ଅଂଧାରର ବୁକୁ ଚିରି
ଭୋକର ଆଁ ଭିତରୁ
କିଚିରି ମିଚିରି ସକାଳ ଆସେ ।।

ସକାଳ ଆସିବା ମାତ୍ରକେ
ନିଦୁଆ ଆଖିରେ
ବୋଝାଏ ସ୍ୱପ୍ନ ମୁଣ୍ଡେଇ
ସଭିଏଁ ବାହାରି ପଡନ୍ତି ଯେ ଯା'ବାଟରେ ।।

ଦେଖୁ ଦେଖୁ
ଦିନ ଯାଇ ରାତି ଆସେ,
ରାତି ଯାଇ ପୁଣି ସକାଳ ହୁଏ,
ସରେନା ଯାହା-ସ୍ୱପ୍ନର କିଣା ବିକା,
ପୁରି ପାରେନା କେବେ ଚାଖଣ୍ଡେ ପେଟ।

ଜୀବନ ଯାତନାର ବର୍ଣ୍ଣବୋଧ
ଅହରହ ଘୋଷା ଚାଲିଥାଏ ।।

ଚର୍ଚ୍ଚିଗୁଡା, ଜୁନାଗଡ଼
କଳାହାଣ୍ଡି, ପିନ୍ -୭୬୬୦୧୪

ISSN NO.
2582-208X

# ସ୍ମୃତିରେ ଗଙ୍ଗାଧର



ଟଙ୍କଧର ସାହୁ

ଅଠର ଶହ ବାଷଠି ଅଗଷ୍ଟ ନଅ ଶ୍ରାବଣ ପୂର୍ଣ୍ଣିମା ଦିନ,
ବରଗଡ଼ ଜିଲ୍ଲା ବରପାଲି ଠାରେ ତୁମେ ହେଲ ଜନମ ।।
ଅଳ୍ପ ପାଠ ପଢ଼ି ରଚିଳ କିରତି ସମସ୍ତ ଉତ୍କଳ ଦେଶେ,
ପ୍ରେମ ଭାବ ତୁମେ ବାଣ୍ଟି ଦେଉଥିଲ ମଣିଷ ହୃଦୟରେ ।।
ସାହିତ୍ୟ ସର୍ଜନା କରୁଥିଲ ତୁମେ ମନେ କାମନା ନ ରଖି,
ସ୍ୱଭାବ କବି ନାମ ପାଇଲ ବୋଲି ଚାହିଁଲେ ସର୍ବେ ନିରେଖି ।।
ଆଦ୍ୟପ୍ରାନ୍ତେ ର ରସ ରତ୍ନାକର କାବ୍ୟ ରଚିଳ ମହାନନ୍ଦରେ,
ଉଷା ଅନିରୁଦ୍ଧଙ୍କ ମିଳନ କରିଲ ନାନା ବାଧା ବିଘ୍ନରେ ।।
ଦ୍ରୋପଦୀ ସୁନ୍ଦରୀ ପାଇଛି କଷଣ କୀଚକ ବଧ କାବ୍ୟରେ,
ତପସ୍ୱିନୀ କାବ୍ୟେ ବିରହ ବେଦନା ଦେଲ ସୀତା ହୃଦୟରେ ।।
କେତେବେଳେ ତୁମେ ଅମୃତମୟ କେତେବେଳେ ମଧୁମୟ,
କେତେବେଳେ ପୁଣି ଖଦ୍ୟୋତର ମୁଖୁ ଶୁଣାଇଛ ନିଜ ଦୁଃଖ ତ ।।
ଉତ୍କଳ - ଲକ୍ଷ୍ମି, ଭାରତୀ ରୋଦନ, ଇନ୍ଦୁମତି, କୀଚକ-ବଧ,
ଅଯୋଧ୍ୟା ଦୃଶ୍ୟରେ ତୁମ୍ଭର ମହିମା କେ ବର୍ଣ୍ଣି ପାରିବ ତ ।।
ତୁମ୍ଭ ମାଟି - ଦେହ ଗ୍ରାସିଛି ଶ୍ମଶାନ, ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।।

ଗର୍ଜନ, ବଲାଙ୍ଗୀର
ଦୂରଭାଷ - ୭୮୪୭୮୫୭୦୭୦

ISSN NO.
2582-208X

# ସୁହାଗିନୀ



ତପସ୍ୱିନୀ ଶତପଥୀ

ଟୋପାଏ ସିନ୍ଦୂର  ଦୁଇପଟ ସଂଖା
କରିଦିଏ ନାରୀକୁ ସୁହାଗିନୀ
ସ୍ୱାମୀର ଜୀବନ ଯୋଡା ତା ସାଥେ
ପରିଚୟ ତାର ଅର୍ଦ୍ଧାଙ୍ଗିନୀ
ସୀମନ୍ତେ ସିନ୍ଦୁର ଭରି ଦେଲେ ଥରେ
ଭାଗ୍ୟ ଯାଏ ବଦଳି
ଦୁଇ ଭିନ୍ନ ଭିନ୍ନ ମନ ଏକାଠି ହୁଅଇ
ସମୟ ଖେଳେ ଲୁଚକାଳି

ତିନୋଟି ଅକ୍ଷର ରେ ହୋଇଯାଏ ଗଢି
ନା ତା ଅଟେ ସିନ୍ଦୁର
ନାଲି ନାଲି ରଙ୍ଗେ ସୌନ୍ଦର୍ଯ୍ୟ ବଢ଼ାଏ
ସିନ୍ଥି କୁ କରଇ ସୁନ୍ଦର

ଗାଧୋଇ ସାରିଲେ ବାଡୁଅ ପାଣିରେ
ଯାଏ ପର ଘରକୁ ଅଲିଅଳି
ଟୋପାଏ ସିନ୍ଦୂର ମିଳିଯାଏ ସିନା
ବଜାରେ ଦୁଇ ଟଙ୍କାରେ
ମୂଲ୍ୟ ପରା ତାର ମାପି ହୁଏ ନାହିଁ

ISSN NO.
2582-208X

ଭରି ହୋଇଗଲେ ମଥାରେ
ସ୍ୱାମୀ ର ଆୟୁଷ ପରା ଅଟେ
ଟୋପାଏ ସିନ୍ଦୁର
ଲକ୍ଷ୍ମି ପ୍ରତିମା ଲାଗୁଥାଏ ସଦା
ସିନ୍ଥିରେ ସିନ୍ଦୂର ଗାର

ମଥାରେ ସିନ୍ଦୁର  ପାଦରେ ଅଳତା
ପିନ୍ଧିଲେ ବଉଳପାଟ
ନବବଧୂ ବେଶେ ସଜେଇ ହୁଅନ୍ତି
ବଦଳି ଯାଏ ଜୀବନ ବାଟ

ବାପା ମା  ଛନ୍ଦୀ ଦିଅନ୍ତି କନ୍ୟାକୁ
ଅଜଣା ଲୋକର ହାତେ
ସେହି ଲୋକ ପରା ଦେବତା ସାଜିବେ
ଭରିଲେ ସିନ୍ଦୁର ମାଥେ

ନିଜ ଘରଠାରୁ ଅଧିକ ନିଜର ସେ
ଜାଳିବ ଚଉଁରା ରେ ସଞ୍ଜ ବତୀ
ସଭିଙ୍କ ଆଶିର୍ବାଦ ପାଇବ ସାଜିବ
ଅଲିଅଳି ସୌଭାଗ୍ୟବତୀ

ଇଶ୍ୱର ଓ ଆଉ ଗୁରୁଜନ ଙ୍କୁ ଭକ୍ତି
ବଦଳରେ ମିଳେ ଆଶୀର୍ବାଦ
ସେଇ ଆଶୀର୍ବାଦ ସଧବା ନାରୀକୁ
ସଦା ସୁହାଗିନୀ ଦିଅନ୍ତି ସର୍ବ

ଯାଜପୁର

ISSN NO.
2582-208X

# ଭକ୍ତି, ଭୟ, ଲୋଭ ଏବଂ ଅଧ୍ୟାତ୍ମବାଦ



ବାଲ୍ମୀକ ନାୟକ

ସାରା ପୃଥିବୀରେ ପ୍ରାୟ ୪୨୦୦ ଛୋଟ ବଡ଼ ଆଧ୍ୟାତ୍ମିକ ଧର୍ମ ରହିଛି । ତା'ଠାରୁ ଅଧିକ ସଂଖ୍ୟାରେ ଦେବୀ-ଦେବତା ବି ଅଛନ୍ତି । ପ୍ରତ୍ୟେକ ଧର୍ମର ଏକ ବା ଅନେକ ଧର୍ମଗ୍ରନ୍ଥ, ଧର୍ମଗୁରୁ ଓ ପ୍ରବର୍ତ୍ତକ ଅଛନ୍ତି । ପ୍ରତ୍ୟେକ ଧର୍ମରେ ଧର୍ମଗୁରୁ ଓ ପ୍ରବର୍ତ୍ତକମାନଙ୍କ ଆଧ୍ୟାତ୍ମିକ ଜ୍ଞାନ ଓ ପ୍ରଚାର କ୍ଷମତା ଅନୁସାରେ ଭକ୍ତଙ୍କ ସଂଖ୍ୟା କମ୍ ବା ବେଶୀ ଅଛନ୍ତି । ପୃଥିବୀରେ ଧର୍ମ ସମ୍ପ୍ରଦାୟର ତିନି ଗୋଟି ଧର୍ମର ଭକ୍ତଙ୍କ ସଂଖ୍ୟା ଅଧିକ । ପ୍ରଥମ- ଖ୍ରୀଷ୍ଟିୟାନ, ଦ୍ୱିତୀୟ- ମୁସଲମାନ ଏବଂ ତୃତୀୟ - ହିନ୍ଦୁ । କିଛି ବର୍ଷ ତଳେ ବିଦେଶର ଗୋଟିଏ ସର୍ଭେ ରିପୋର୍ଟ ଅନୁସାରେ ନିରୀଶ୍ୱରବାଦୀଙ୍କ (ନାନ ବିଲିଭର) ଜନସଂଖ୍ୟା ତୃତୀୟ ସ୍ଥାନରେ ପହଞ୍ଚିଲାଣି ବୋଲି ଜଣାପଡିଛି । ଆମେ ଆସନ୍ତୁ ବିଚାର କରିବା ମନୁଷ୍ୟ ଉପରେ ଅଧ୍ୟାତ୍ମବାଦର ପ୍ରଭାବ କେତେ ଲାଭଦାୟକ ନା କ୍ଷତିକାରକ ?

ସମସ୍ତ ପ୍ରାଣୀ ଜଗତରେ ଯଦିଓ ମନୁଷ୍ୟ ହେଉଛି ଗୋଟିଏ ବୁଦ୍ଧିମାନ ଓ ଶ୍ରେଷ୍ଠ ପ୍ରାଣୀ । ତଥାପି ତା'ର ଜନ୍ମରୁ ନେଇ ମୃତ୍ୟୁ ପର୍ଯ୍ୟନ୍ତ ବହୁତ ଜଟିଳତା ରହିଛି । ତା'ର ଜୀବନର କୌଣସି ଗ୍ୟାରେଣ୍ଟି ନାହିଁ । ଯେକୌଣସି ବୟସରେ ସେ ମୃତ୍ୟୁ ବରଣ କରିପାରେ । ଦୀର୍ଘ ଜୀବନ ବଞ୍ଚି ରହିଲେ ମଧ୍ୟ ମଣିଷ ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ସମସ୍ୟାର ସମ୍ମୁଖୀନ ହେଉଛି ।

ଏହିସବୁ କାରଣରୁ ଆଦିମ ଯୁଗର ମଣିଷ ପ୍ରାକୃତିକ ବିପର୍ଯ୍ୟୟ ବେଳେ ନିଜର ସୁରକ୍ଷାପାଇଁ ଆତଙ୍କିତ ରହୁଥିଲା । ପ୍ରଥମ କଥା ଥିଲା, ପ୍ରାକୃତିକ ବିପର୍ଯ୍ୟୟର ଅସଲ କାରଣ କ'ଣ ବୁଝି

ISSN NO.
2582-208X

ପାରୁ ନଥିଲା । ଦ୍ଵିତୀୟରେ ଗ୍ରୀଷ୍ମ, ଶୀତ ଓ ବର୍ଷା ଦାଉରୁ କିଭଳି ନିଜକୁ ରକ୍ଷା କରିବ ଜାଣି ନଥିଲା । ସେହି ସମୟର କିଛି ଅଧିକ ବୁଦ୍ଧିମାନ ଲୋକ ପ୍ରାକୃତିକ ବିପର୍ଯ୍ୟୟ ପାଇଁ କୌଣସି ଅଦୃଶ୍ୟ ଓ ଅଜଣା ମହାନ ଶକ୍ତିକୁ କାରଣ ବୋଲି କଳ୍ପନା କଲେ । ସେହି ମହାନ ଶକ୍ତି ହିଁ ଗ୍ରୀଷ୍ମ, ଶୀତ ଓ ବର୍ଷାକୁ ସୃଷ୍ଟି କରିଛି ବୋଲି ବିଶ୍ୱାସ ବି କଲେ । ସେ ଚାହିଁଲେ ହୁଏତ ଗ୍ରୀଷ୍ମ, ଶୀତ ଓ ବର୍ଷାକୁ ନିୟନ୍ତ୍ରଣ କରି ପାରିବ ବୋଲି ଏକ ଅବଧାରଣା ସୃଷ୍ଟି ହେଲା । ପରବର୍ତ୍ତୀ କାଳରେ ଏହି ଅବଧାରଣା ଈଶ୍ୱର ନାମକ ଏକ ସର୍ବଶକ୍ତିମାନ, ସର୍ବବିଦ୍ୟମାନ, ସର୍ବଜ୍ଞ ଶକ୍ତି ରୂପେ ମାନବ ମନରେ ସ୍ଥାପନ ହୋଇଛି । ସର୍ବଶକ୍ତିମାନ ଈଶ୍ୱର ଚାହିଁଲେ ମଣିଷର ସମସ୍ତ ଦୁଃଖ ଓ ସମସ୍ୟାର ସମାଧାନ ହୋଇପାରିବ ତେଣୁ ତାଙ୍କ ଆଗରେ ନିଜକୁ ସମର୍ପଣ କରି ଦେବା ହିଁ ଏକମାତ୍ର ଉପାୟ ବୋଲି ବିଶ୍ୱାସ ଦୃଢ଼ ହୋଇଗଲା । ଈଶ୍ୱରକୁ ଖୁସି କରିବାପାଇଁ ଭକ୍ତିଭାବ ଓ ଆତ୍ମସମର୍ପଣ ସହିତ ବିଭିନ୍ନ କର୍ମକାଣ୍ଡ ଅବଲମ୍ବନ କରାଗଲା । ଯଥା : ପ୍ରାର୍ଥନା, ପୂଜା, ହୋମ, ଯଜ୍ଞ, ଉପାସନା, ତପସ୍ୟା, ସାଧନା ଇତ୍ୟାଦି ଅନେକ କିଛି ଧାର୍ମିକ କର୍ମକାଣ୍ଡ କରାଗଲା । ସେଥିପାଇଁ କୁହାଯାଏ ଭୟରୁ ଭକ୍ତି ଜାଗ୍ରତ ହୁଏ ।

ଭକ୍ତିର ପରିଭାଷା କ'ଣ ?

କିଛି ଲୋକ ନିଜର ତଥା ପରିବାରର ଦୈନନ୍ଦିନ ଜୀବନରେ ଆବଶ୍ୟକ ପଡୁଥିବା ଖାଦ୍ୟ ସଂଗ୍ରହ କରିବା, ରହିବାପାଇଁ ବାସସ୍ଥାନ ଯୋଗାଡ଼ କରିବା, ଅନ୍ୟାନ୍ୟ ସାଧନ ଯୋଗାଡ଼ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ବୋଲି ଅନୁଭବ କଲେ । ସେମାନେ ଭାବିଲେ ସାଂସାରିକ ଜଞ୍ଜାଳରୁ ମୁକ୍ତ ହୋଇ ଗଲେ ଶାନ୍ତି ମିଳିବ । ମନଦେଇ ଈଶ୍ୱରଙ୍କ ଆରାଧନା ଓ ସାଧନା କଲେ ଏହି ଜୀବନ ଜଞ୍ଜାଳରୁ ମୁକ୍ତି ମିଳିବ । ସେମାନେ ସେଥିପାଇଁ 'ବ୍ରହ୍ମ ସତ୍ୟ ଓ ଜଗତ ମିଥ୍ୟା' ବୋଲି ଭାବିଲେ । ଯେଉଁ ପରିବାରରେ ସେମାନେ ଜନ୍ମ ଗ୍ରହଣ କରିଥିଲେ, ତାଙ୍କର ବାପା, ମାଆ, ଭାଇ, ଭଉଣୀ ତାଙ୍କୁ ଖୁଆଇ, ପିଆଇ, ସେବା କରି ପିଲାରୁ ବଡ କଲେ, ଶେଷରେ ପରିବାର ଜନଙ୍କୁ ଧୋକା ଦେଇ ସେ ଘର ଛାଡି ପଳାୟନ କଲେ । ନିଜକୁ ସ୍ୱୟଂଭୂ ଭଗବାନ, ସାଧୁ, ସନ୍ନ୍ୟାସୀ, ବାବା ଆଦି ନାମରେ କୌଣସି ମଠ ବା ଆଶ୍ରମରେ ଯାଇ ମାଗଣାରେ ଖାଇବା ଓ ରହିବାର ଯୋଗାଡ଼ କରି ଦେଲେ । ମଜା କଥା ହେଉଛି ଯେ ସେମାନେ ମିଥ୍ୟା ଜଗତକୁ ତ୍ୟାଗ କରି ସତ୍ୟ ବ୍ରହ୍ମକୁ ଯିବାପାଇଁ ମୃତ୍ୟୁ ବରଣ କରିବାକୁ ସାହାସ କରି ପାରିଲେ ନାହିଁ । ତେବେ ସମସ୍ୟା ହେଲା ଯେ ନିଜେ କାମ ନକଲେ ବଞ୍ଚି

ISSN NO.
2582-208X

ରହିବା ପାଇଁ ଖାଇବା, ରହିବା ପାଇବେ କିପରି? ଏହାର ସହଜ ସମାଧାନପାଇଁ ସେମାନେ ନିଜର ଚତୁର ବୁଦ୍ଧି ପ୍ରୟୋଗ କଲେ । ସାଧାରଣ ଲୋକମାନଙ୍କୁ ଈଶ୍ୱରଙ୍କ ମହାନତା ସମ୍ପର୍କରେ ବିଭ୍ରାନ୍ତ କରିବାପାଇଁ ପ୍ରବଚନ ଦେଲେ 'ବ୍ରହ୍ମ ସତ୍ୟ ଓ ଜଗତ ମିଥ୍ୟା' । ତୁମେ ପୂଣ୍ୟ ଅର୍ଜନ କରିବାପାଇଁ ଅର୍ଜନ କରିଥିବା ଧନ ଆମକୁ ଦାନ କରି ଦିଅ । ଆମେ ତୁମକୁ ସାଂସାରିକ ଜଞ୍ଜାଳରୁ ମୁକ୍ତ କରି ବ୍ରହ୍ମରେ ଲୀନ ହେବାର ବ୍ୟବସ୍ଥା କରିଦେବୁ । ସାଂସାରିକ ଜଞ୍ଜାଳରେ ଘାଣ୍ଟି ହେଉଥିବା ବିଚାରା ମଣିଷ ଆଜି ପର୍ଯ୍ୟନ୍ତ ସେହି ତଥାକଥିତ ଧୂର୍ତ୍ତ ଲୋକଙ୍କ ମାୟା ଜାଲରେ ପଡିସର୍ବହରା ହୋଇ ଛଟପଟ ହେଉଛନ୍ତିସିନା କେହି ବ୍ରହ୍ମରେ ଲୀନ ହୋଇ ପାରୁନାହାନ୍ତିଏହା ହେଉଛି ସେମାନଙ୍କର ଭକ୍ତିର ପରାକାଷ୍ଠା ।

ଭୟର ପରିଭାଷା କ'ଣ ?

'ଭୟ' ସମଗ୍ର ପ୍ରାଣୀ ଜଗତର ଗୋଟିଏ ସହଜାତ ମାନସିକ ପ୍ରବୃତ୍ତି । ମଣିଷ ବ୍ୟତୀତ ଅନ୍ୟ ସବୁ ପ୍ରାଣୀଙ୍କର ଭୟ ହେଉଛି କେବଳ ଜୀବନ ସୁରକ୍ଷା । ମଣିଷର କିନ୍ତୁ ଅନେକ ପ୍ରକାର ଭୟ ରହୁଛି । ଯଥା: ମୃତ୍ୟୁ ଭୟ, ସମ୍ମାନହାନୀ ଭୟ, ଅର୍ଥହାନୀ ଭୟ ଇତ୍ୟାଦି । ବାସ୍ତବ ଜଗତର ଏହିସବୁ ଭୟଗୁଡିକ ମଣିଷର ରହିବା ନିହାତି ଜରୁରୀମଧ୍ୟ । କାରଣ ଭୟଶୂନ୍ୟ ମଣିଷ ନିରଙ୍କୁଶ ହୋଇ ଯାହା ଇଛା ତାହା କରିବ ଏବଂ ସମାଜର ଅଶେଷ କ୍ଷତି କରିଦେବ । ଏହାର ବିପରୀତ ଅଧ୍ୟାତ୍ମବାଦୀ ଭୟ ଯୋଗୁ ମଣିଷ ନିଜର ତଥା ସମାଜର ଅଶେଷ କ୍ଷତି କରିଥାଏ । କାରଣ ମଣିଷର ଆଉ ଗୋଟିଏ ଅହେତୁକ ତଥା ବିଚିତ୍ର ଭୟ ହେଉଛି ମୋର ମୃତ୍ୟୁ ପରେ କ'ଣ ହେବ? ଏହି ଭୟ ସୃଷ୍ଟି କରିଛି ଅଧ୍ୟାତ୍ମବାଦୀ ଅବଧାରଣା । ଏହି ଭୟକୁ ଅତିରଞ୍ଜିତ କରି ଧର୍ମଗୁରୁ, ସାଧୁ, ବାବାମାନେ ଭକ୍ତମାନଙ୍କୁ ଆତଙ୍କିତ କରି ଦିଅନ୍ତି । ଆଧ୍ୟାତ୍ମିକ ଜଗତର କାଳ୍ପନିକ ଶବ୍ଦ ଗୁଡିକ ହେଉଛି - ଆତ୍ମା, ପରମାତ୍ମା, ସ୍ୱର୍ଗ, ନରକ, ପାପ, ପୂଣ୍ୟ, ଭାଗ୍ୟ, ପ୍ରାରବ୍ଧ, ପୁନର୍ଜନ୍ମ ଇତ୍ୟାଦି । ମୁନି ଋଷିମାନେ ସଂସ୍କୃତ ଭାଷାରେ ଲେଖିଥିବା ଧର୍ମଶାସ୍ତ୍ର ଓ ପୁରାଣ ଆଦିରେ ଏହି ସବୁ ଶବ୍ଦର ବିଶଦ ଭାବେ ବର୍ଣ୍ଣନା ରହିଛି । ସେହି ଗ୍ରନ୍ଥର ଶ୍ଳୋକ ଗୁଡିକୁ ସରଳ ଭାଷାରେ ବ୍ୟାଖ୍ୟା କରି ଧର୍ମଗୁରୁମାନେ ଖୁବ ସହଜରେ ଭକ୍ତମାନଙ୍କୁ ପ୍ରଭାବିତ କରିଥା'ନ୍ତି । ଧର୍ମଗ୍ରନ୍ଥ ଅନୁସାରେ ଜପ, ତପ, ଉପସନା, ଯଜ୍ଞ ଓ ପୂଜା ବିଧି ପାଳନ ନକଲେ ପାପ ହେବ । ପାପ ହେଲେ ବଞ୍ଚିଥିବା ବେଳେ ତ ବିଭିନ୍ନ ପ୍ରକାର ଅନିଷ୍ଟ ହେବ, ମୃତ୍ୟୁ ପରେ ବି ଆତ୍ମାର ମୋକ୍ଷ ପ୍ରାପ୍ତ

ISSN NO.
2582-208X

ହେବନାହିଁ । ନରକ ଦଣ୍ଡ ଭୋଗକରିବାକୁ ପଡିବ । ସବୁଠାରୁ ବଡ କଥା ହେଲା ହିନ୍ଦୁ ଧର୍ମର ପୁନର୍ଜନ୍ମବାଦ ଅନୁସାରେ ପାପୀ ମଣିଷ ଆସନ୍ତା ଜନ୍ମରେ ଇତର ପ୍ରାଣୀ ହୋଇ ଜନ୍ମ ହେବ । ଅନ୍ୟ କୌଣସି ଧର୍ମରେ ପୁନର୍ଜନ୍ମବାଦ ସିନା ନାହିଁ କିନ୍ତୁ ନରକ ଦଣ୍ଡର ଭୟ ରହିଛି । ଭକ୍ତମାନଙ୍କ ମନରେ ଦେବୀ-ଦେବତାଙ୍କ ପ୍ରତି ଭକ୍ତିଭାବ ରହୁ କି ନରହୁ ଅହେତୁକ ଭୟ ନିଶ୍ଚୟ ରହୁଛି "କାଳେ କିଛି ଅନିଷ୍ଟ ହୋଇଯିବ .....?" ପୂଜା ଓ ପ୍ରାର୍ଥନା ନକଲେ ପ୍ରତ୍ୟକ୍ଷ ଭାବେ କିଛି କ୍ଷତି ନହେଲେ ବି ପରୋକ୍ଷଭାବେ କିଛି କ୍ଷତି ହୋଇଯିବାର ଭୟ ରହୁଛି । ବୈଜ୍ଞାନିକ ଦୃଷ୍ଟିକୋଣ ନଥିବା ବ୍ୟକ୍ତିଙ୍କର ଆତ୍ମବିଶ୍ୱାସ କମ ହୋଇଯାଏ । ସେଥିପାଇଁ ଅଧିକାଂଶ ସମୟରେ ସେମାନେ କର୍ମରେ ସଫଳତା ହାସଲ କରି ପାରନ୍ତିନାହିଁ । ବିଫଳତାର ଅସଲ କାରଣ ନଖୋଜିମୋର ପୂଜା ଓ ପ୍ରାର୍ଥନାରେ କିଛି ଦୋଷ ରହିଗଲା ବୋଲି ଭାବନ୍ତି କିମ୍ବା ମୋର ପୂର୍ବ ଜନ୍ମରେ କରିଥିବା ପାପ କର୍ମର ଫଳ ପାଉଛି ବୋଲି ମନକୁ ସାନ୍ତ୍ୱନା ଦିଅନ୍ତି । ଉପରୋକ୍ତ ଆଲୋଚନାର ସନ୍ଦେଶ ହେଉଛି - ଜଣେ ବିଜ୍ଞାନ ମନସ୍କ ହେତୁବାଦୀ ବ୍ୟକ୍ତି ବୁଝିପାରେ କେଉଁ କେଉଁ ଭୟ ମନରେ ରଖିବା ଉଚିତ ଓ କେଉଁଟି ତ୍ୟାଗ କରିବା ଜରୁରୀ?

ଲୋଭର ପରିଭାଷା କ'ଣ ?

'ଲୋଭ' ମଧ୍ୟ ପ୍ରତ୍ୟେକ ପ୍ରାଣୀର ଗୋଟିଏ ସହଜାତ ପ୍ରବୃତ୍ତି । ଅନ୍ୟାନ୍ୟ ପ୍ରାଣୀଙ୍କ ଲୋଭ ହେଉଛି କେବଳ ନିଜର ଉଦର ପୂରଣ ପାଇଁ ଅଧିକରୁ ଅଧିକ ଖାଦ୍ୟ ସଂଗ୍ରହ କରିବା । ନିଜର ପେଟ ପୁରି ଗଲେ ବାକି ଖାଦ୍ୟ ଯିଏ ଖାଉ ତାଙ୍କର ଆପତ୍ତି ନଥାଏ । ବହୁତ କମ ପ୍ରାଣୀ ଅଛନ୍ତି, ଯେଉଁମାନେ କିଛି ଦିନପାଇଁ ଖାଦ୍ୟକୁ ସଂଗ୍ରହ କରି ସଞ୍ଚୟ କରି ରଖି ପାରନ୍ତି । ଏହାର ବିପରୀତ ମଣିଷର ଲୋଭ ଅସୀମିତ । ସେ କେବଳ ଖାଦ୍ୟ ନୁହେଁ, ଆହୁରି ଅନେକ ବ୍ୟବହାର ଯୋଗ୍ୟ ପଦାର୍ଥ ସଂଗ୍ରହ କରି ସାଇତି ରଖିବାକୁ ଅହରହ ସଂଘର୍ଷ କରିଥାଏ । ସମୟାନୁକ୍ରମେ ଯେତେବେଳେ ମୁଦ୍ରାର ପ୍ରଚଳନ ହେଲା ସେ ଅଧିକରୁ ଅଧିକ ମୁଦ୍ରା ସଂଗ୍ରହ କରିବାକୁ ଚାହିଁଲା । କାରଣ ମୁଦ୍ରା ବିନିମୟରେ ଅନ୍ୟାନ୍ୟ ସାଧନ କିଣିବା ସହଜ ହେଲା । ଏହି ଧନ ସଂଗ୍ରହ ପ୍ରବୃତ୍ତି ଯୋଗୁ ପରସ୍ପର ଭିତରେ ପ୍ରତିଦ୍ୱନ୍ଦିତା ଚାଲିଲା । ଏହି କୁପ୍ରବୃତ୍ତି ଯୋଗୁଁ ମନରେ ଇର୍ଷା, ଦ୍ୱେଷ, ଅହଙ୍କାର, ହିଂସା ବି ବୃଦ୍ଧି ପାଇଲା । ମଣିଷ ସମାଜରେ ଆଉ ଶାନ୍ତି ଶୃଙ୍ଖଳା ରହିଲା ନାହିଁ । ଯାହାର ଯେତେ ଶାରୀରିକ

ISSN NO.
2582-208X

ଶକ୍ତି ଅଧିକ ସେ ସେତିକି ଅଧିକ ଧନ ସଂଗ୍ରହ କରି ପାରିଲା । ବଳଶାଳୀ ରାଜା-ମହାରାଜାମାନେ ପ୍ରଜାଙ୍କ ଧନକୁ ବଳପୂର୍ବକ ଲୁଟିନେଇ ଅଧିକ ଧନୀ ହୋଇଗଲେ । ସାଧାରଣ ଜନତା ଦିନ ରାତି କଠିନ ପରିଶ୍ରମ କରି ମଧ୍ୟ ଗରିବ ହୋଇ ରହିଗଲେ ।

ଧୀରେ ଧୀରେ ଯୁଗ ବଦଳିଲା । ରାଜା-ମହାରାଜାଙ୍କ ଶାସନର ଅବସାନ ହେଲା । କାରଣ ବିଭିନ୍ନ ଦେଶର ଜନତା ସଚେତନ ହୋଇ ପ୍ରତିବାଦର ସ୍ୱର ଉତ୍ତୋଳନ କଲେ । ଅନେକ ଦେଶରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହେଲା । ରାଜା ବଦଳରେ ନିର୍ବାଚିତ ନେତାମାନେ ଶାସକ ହେଲେ । ନେତାମାନେ ଜନତାଙ୍କ ସେବକ ବୋଲି କୁହା ଯାଉଥିଲେ ମଧ୍ୟ ସେମାନେ ରାଜା-ମହାରାଜାଙ୍କ ଠାରୁ ନିଜକୁ କମ୍ ବୋଲି ଭାବୁ ନାହାନ୍ତି । ସେମାନଙ୍କୁ ସମସ୍ତ ପ୍ରକାର ସୁଖ ସାଧନ ଦରକାର । ମାସିକ ଦରମା ଓ ଭତ୍ତା, ଘର, ଗାଡି, ଫ୍ରି ଟେଲିଫୋନ, ଫ୍ରି ବିଜୁଳି ଆଦି ମିଳିବା ସତ୍ତ୍ୱେ ତାଙ୍କର ଅଭାବ ମେଣ୍ଟୁ ନାହିଁ । ସେମାନଙ୍କ ଭିତରେ ବି ଧନ ଲୋଭରପ୍ରବଳ ଲାଳସା ରହିଲା । ଧନ ରୋଜଗାର ପାଇଁ ପରିଶ୍ରମର ପରିଭାଷା ବଦଳିଗଲା । ଶାରୀରିକ ପରିଶ୍ରମ ଅପେକ୍ଷା ମାନସିକ ପରିଶ୍ରମ କରି ଅର୍ଥାତ ଅନ୍ୟକୁ ଠକି, ଧୋକା ଦେଇ, ଶୋଷଣ କରି, ଲୁଣ୍ଠନ କରି ଯିଏ ଯେତେ ପାରିଲା ଅନ୍ୟାୟ ଉପାୟରେ ଧନ ସଂଗ୍ରହ କରିବାକୁ ଚେଷ୍ଟା କଲା । ନୈତିକ ଆଧାରରେ ରୋଜଗାର କରୁଥିବା 'ଧଳା' ଧନ ଅପେକ୍ଷା ଅନୈତିକ ଉପାୟରେ ରୋଜଗାର କରୁଥିବା 'କଳା' ଧନର ପରିମାଣ ବୃଦ୍ଧି ପାଇଲା । ଅନୈତିକ ଉପାୟରେ ଧନ ସଂଗ୍ରହ କରିବାପାଇଁ ଅଧ୍ୟାତ୍ମବାଦ ବହୁତ ସାହାଯ୍ୟ କଲା । ପ୍ରଥମେ ସ୍ୱୟଂଭୂ ସାଧୁ, ସନ୍ନ୍ୟାସୀ, ବାବା ଓ ଧର୍ମଗୁରୁ ମାନେ ସରଳ ବିଶ୍ୱାସୀ ଲୋକମାନଙ୍କୁ ଭ୍ରମିତ କରି ମାୟା (ଧନ) ତ୍ୟାଗ କରିବାକୁ ବୁଝେଇ ଦେଲେ । ସେମାନେ ଦାନ-ଦକ୍ଷିଣା ନେଇ ନିଜର ସୁରମ୍ୟ ଆଶ୍ରମ, ମନ୍ଦିର ଆଦି ନିର୍ମାଣ କରି କୋଟି କୋଟି ଟଙ୍କାର ମାଲିକ ହୋଇଗଲେ । ଏହାର ମୂଖ୍ୟ କାରଣ ହେଲା - ପ୍ରତ୍ୟେକ ଦେଶରେ ଅଧ୍ୟାତ୍ମବାଦ ଲୋକମାନଙ୍କ ମନକୁ ଗଭୀର ଭାବେ ପ୍ରଭାବିତ କରି ରଖିଛି । ଜୀବନର ସମସ୍ତ ସମସ୍ୟାର ସମାଧାନ ଆଧ୍ୟାତ୍ମିକ ମାର୍ଗରେ ହିଁ ହୋଇ ପାରିବ ବୋଲି ଆସ୍ଥା ଓ ବିଶ୍ୱାସ ଦୃଢ ହୋଇ ରହିଛି। ଜ୍ଞାନ ବିଜ୍ଞାନ ଯେତେ ପ୍ରଗତି କଲେ ମଧ୍ୟ ଅଧିକାଂଶ ଲୋକଙ୍କ ମନରୁ ଭିତ୍ତିହୀନ ବିଶ୍ୱାସ ଏବଂ ଅହେତୁକ ଭୟ ଦୂର ହୋଇ ପାରିନାହିଁ । ଏପରିକି ବହୁ ଉଚ୍ଚଶିକ୍ଷିତ ବୈଜ୍ଞାନିକମାନେ ମଧ୍ୟ ଆଧ୍ୟାତ୍ମିକ ବିଚାରଧାରାକୁ ତ୍ୟାଗ କରି ପାରିନାହାନ୍ତି ।

ISSN NO.
2582-208X



କାରଣ ସେମାନଙ୍କ ମନରେ ବୈଜ୍ଞାନିକ ଦୃଷ୍ଟିକୋଣର ବିକାଶ ହୋଇ ପାରିନାହିଁ । ଏହା ଦ୍ୱାରା ସାଧାରଣ ଲୋକଙ୍କ ଅନ୍ଧବିଶ୍ୱାସକୁ ପ୍ରେରଣା ମିଳୁଛି ।

ତାପରେ ନେତାମାନେ ସାଧୁ, ସନ୍ନ୍ୟାସୀ, ବାବା ଓ ଧର୍ମଗୁରୁଙ୍କର ନକଲି ଚେଲା ସାଜି ତାଙ୍କର ଅନ୍ଧଭକ୍ତମାନଙ୍କୁ ନିଜର ଭୋଟ ବ୍ୟାଙ୍କରେ ପରିଣତ କରିଦେଉଛନ୍ତି । ଦେଶର ଶାସନ ଗାଦିରେ ବସି ବିଭିନ୍ନ ପ୍ରକାର ଭ୍ରଷ୍ଟାଚାର କରି ଅଜସ୍ର ଧନ ସଂଗ୍ରହ କରୁଛନ୍ତି । ବର୍ତ୍ତମାନ ଆମ ଦେଶରେ ଏହି ଦୁଇଟି ଶ୍ରେଣୀ ହିଁ ଧନବାନ ମଠ ଓ ମନ୍ଦିରର ଗଚ୍ଛିତ ଧନ ଜନତାଙ୍କ କାମରେ ଲାଗି ପାରୁନି ଏବଂ ନେତାଙ୍କ କଳା ଧନର ହିସାବ ମିଳୁନି କିମ୍ବା କେଉଁଠି ଅଛି ତା'ର ଠାବ ମିଳୁନି । ବାକି ଅନ୍ଧବିଶ୍ୱାସୀ ଜନତା ଧନ ଅଭାବରେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାରପାଇଁ ରାଜରାସ୍ତାରେ ଠିଆ ହୋଇ ତ୍ରାହି ତ୍ରାହି ଚିତ୍କାର କରୁଛନ୍ତି । ଧର୍ମଗୁରୁମାନେ ଅନ୍ଧଭକ୍ତଙ୍କୁ  ଆଶ୍ୱାସନା ଦେଇ କୁହନ୍ତି -ତୁମେ ସବୁ ବ୍ୟସ୍ତ ହେଲେ କ'ଣ ହେବ? ମଣିଷ ନିଜର ପ୍ରାରବ୍ଧର ଫଳ ଭୋଗ କରିବାକୁ ବାଧ୍ୟ । ସେଥିପାଇଁ ଜଗତରେ ଆଦିମ କାଳରୁ ଧନୀ ଓ ଗରିବ ରହିଛନ୍ତି ।

ମୋ: ୯୪୮୨୦୧୬୨୬୦

ISSN NO.
2582-208X

# ଅନାମିକା



ସ୍ନେହନ ନାଏକ

ବସନ୍ତ ନିଶାମୁଖେ ଦେଖିଲି ତାକୁ
ସମୀର ରୂପେ ଛୁଇଁଲା ହୃଦୟକୁ ।।
ବିହଙ୍ଗ ଗଣ ତାହାର ଦରଶନେ
ଭୁଲିଯାଆନ୍ତି ଗୃହ ପ୍ରତ୍ୟାବର୍ତ୍ତନେ ।।
ଅସ୍ତଗାମୀ ସୂର୍ଯ୍ୟ ରୁହନ୍ତି ଗଗନେ
ରୂପ ଦେଖି ଇର୍ଷିତ ହୁଅନ୍ତି ମନେ ।।
ମୁଖ ତା'ର ଶଶୀ ପରି ଆକର୍ଷିତ
ଜ୍ୟୋସ୍ନାରେ ହୃଦୟ ହୁଏ ଆଲୋକିତ ।।
ବେନି ନୟନ ଅଟେ ମୟୂର ଚନ୍ଦ୍ରିକା
ଅଧର ଦିଶଇ ଗୋଲାପ ପରିକା ।।
ନାମ ଜାଣି ନାହିଁ କରିବି କିଞ୍ଚିତ
ଅନାମିକା ନାମେ କରୁଛି ନାମିତ ।।

ଜାମୁଟପାଲି, ବରଗଡ଼,
ମୋ:ନଂ-୮୦୧୮୭୮୬୪୯୨

ISSN NO.
2582-208X

# ମୋ ଗାଁ



ରାଧାରାଣୀ ରାଉଳ

ଗାଁ ଆଜି ଗାଁ ହେଉ ନାହିଁ
ବଦଳୁଛି ସବୁ କିଛି
ଭାଇଚାରା ନାହିଁ ମଣିଷ ମନରେ
ସହର ଭଲ ଲାଗୁଛି
ଗାଧୁଆ ତୁଠରେ ପାଦ ଘଷୁନି ବଉଳ
ଶୁଭେ ନାହିଁ ଥଟ୍ଟା ମଜା
ବାରମାସ ତେର ପରବରେ ଆଉ
ନାହିଁ ଆଗ ଭଳି ମଜା
ଫଗୁଣ ଆସିଲେ ଆମ୍ବ ଗଛ ଡାଳେ
କୋଇଲି ଗାଉନି ଗାନ
କୁଣିଆ ଆସିଲେ ଗୋଡ ଧୂଆ ପାଣି
ହେଲାଣି ସାତ ସପନ
ଶୁଭ ବିବାହରେ ମହୁରିଆ ଆଉ
ବଜାଉନି ସାହାନଇ
ଝିଅ ବିଦା ବେଳେ କନ୍ଦଣା ଲହରୀ
ସବାରିର ଲୋଡା ନାହିଁ ॥

କଟିକଟା, ଯାଜପୁର

ISSN NO.
2582-208X

# ମୁଁ ସରକାର



ସୁଜ୍ଞାନ ବାଘ

ଯୋଜନା ଚାଉଳ ଘର ସବୁ କଲି
କଣ ହେଲା ଅସୁବିଧା
ଭୋଟ ଆସିଗଲେ ମଦ ମାଂସ ଦେଲି
ତଥାପି କରୁଚ ନିନ୍ଦା ।।
ଭୋଟ ଗୋଟାକୁ ଏତିକି ଦିଅ ବୋଲି
ଡିମାଣ୍ଡ କରୁଚ ତୁମେ ମାନେ
ସେଇଟା ବି ତୁମ ପୂରଣ ହେଉଚି
ବିବେକ ନାହିଁ ତୁମ ମନେ ।।
ଏଇଟା ସେଇଟା ରେଟ୍ ହେଲା କେତେ
ଭାଷଣ କଡ଼ା ସେ କହୁଚ
ଯୋଜନା ଆଗରେ ଲମ୍ବା ଧାଡ଼ି ହୋଇ
ମୂରୁକି ହସା ଯେ ମାରୁଚ ।।
ଚିନ୍ତା କରିଦେଖ ଯୋଜନା ଦ୍ୱାରା
ଦେଶର କ୍ଷତି କେତେ ହେଉଚି
ଦେଇ ଦେଇ ମୁହିଁ ସରକାର ପଦରେ
ଦେଶ ରାଜ୍ୟକୁ ଖୋଲ କରୁଚି ।।

ତୁମ ମାନଙ୍କର ତ ଚିନ୍ତା କେବେ ନାହିଁ
ଦେଶର ନାଗରିକ ହୋଇ
ମୁଁ କାହିଁକି ମୋ କ୍ଷମତାକୁ ହରାଇବି
ରାସ୍ତା ଘାଟ ନ ହେଲେ ନାଇଁ ।।

ବୌଦ୍ଧ

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ବର୍ଷାଦିନିରେ ଜ୍ୱର ଓ ତାର ପ୍ରତିକାର



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ବର୍ଷର ବରମାସ ମଧ୍ୟରୁ ବର୍ଷା ଚାରିମାସ ରେ ସାଧାରଣତଃ ମ୍ୟାଲେରିଆ, ଡେଙ୍ଗୁ, ଡ଼ାଇରୀଆ, ରୋଗର ପ୍ରାଦୁର୍ଭାବ ଦେଖା ଯାଇଥାଏ। ଏହି ରୋଗ ଗୁଡିକୁ ନିୟନ୍ତ୍ରଣ, ନିରାକରଣ ଓ ପ୍ରତିରୋଧ ପାଇଁ ଯଥା ସମୟରେ ଉଚିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

*ମ୍ୟାଲେରିୟା*

ସାରା ପୃଥିବୀରେ ସାଧାରଣତଃ 4 ପ୍ରକାର ମ୍ୟାଲେରିୟା ପାରା ସାଇଟ ଦେଖାଯାଇଥାଏ। 1. ପ୍ଲାଜମୋଡ଼ିୟମ ଫଲସି ଫରମ, 2.ପ୍ଲାଜମୋଡ଼ି ୟମ ଭାଇବେକ୍ସ, 3.ପି.ଓଭେଲା,4. ପି. ମେଲେରିୟା। ଏହି 4ଟି ମଧ୍ୟରୁ ଆମ ଭାରତ ରେ ପ୍ରଥମ 2 ଟି ପ୍ଲାଜମୋଡ଼ିୟମ ଫଳସି ଫରମ ଓ ପ୍ଲାଜମୋଡ଼ିୟମ ମ୍ୟାଲେରିଆ ପାରସାଇଟ ହିଁ ଦେଖା ଯାଇଥାଏ। ଏ ଦୁଇଟିରୁ ପ୍ଲାଜମୋଡ଼ିୟମ ଫଲସି ଫରମ ମ୍ୟାଲେରିଆ ଜୀବାଣୁ ଅତି ମାରାତ୍ମକ। ଏଥିରେ ସାରା ବିଶ୍ୱରେ ବହୁ ଲୋକ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥାନ୍ତି।

*ମ୍ୟାଲେରିଆ ଜ୍ୱରର ଲକ୍ଷଣ*

ଜଣେ ସୁସ୍ଥ ବ୍ୟକ୍ତି ମ୍ୟାଲେରିୟା ପାରାସାଇଟକ (ମ୍ୟାଲେରିଆ ପରଜୀବି) ସଂକ୍ରମଣରୁ ହିଁ ମ୍ୟାଲେରିଆ ଜ୍ୱର ଆକ୍ରାନ୍ତ ହୋଇଥାଏ। ମାଇଏନୋ ଫିଲିସ ନାମକ ଏକ ମସାର ଲାଳ ଗ୍ରନ୍ଥିରେ ମ୍ୟାଲେରିଆ ଜୀବାଣୁ ରହିଥାଏ। ଏହି ମ୍ୟାଲେରିଆ ଜୀବାଣୁ ଧାରୀ ମଶା ଜଣେ ସୁସ୍ଥ ବ୍ୟକ୍ତି କୁ କାମୁଡ଼ିଲେ, ବ୍ୟକ୍ତି ମ୍ୟାଲେରିୟା ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ଏହି

ISSN NO.
2582-208X

ପରଜୀବି ନିଜ ଜୀବନ ଚକ୍ର ରେ କିଛି ଅଂଶ ମଣିଷ ଦେହରେ ଏବଂ ବାକି ଅଂଶ ମଶା ଦେହରେ ବିତାଇ ଥାଏ। ମାଈ ଅନୋଫିଲିସ ମଶା ମ୍ୟାଲେରିଆ ଆକ୍ରାନ୍ତ ରୋଗୀକୁ କାମୁଡିବା ଦ୍ୱାରା ମଶା ଦେହକୁ ମ୍ୟାଲେରିୟା ପରଜୀବି ପ୍ରବେଶ କରିଥାଏ। ତା ପରେ ପରଜୀବି ମଶାର ଖାଦ୍ୟ ନଳୀରେ ପହଂଚି ମଶାକୁ ସଂକ୍ରମିତ କରାଏ। ଏହି ସଂକ୍ରମିତ ମଶା ଯେତେବେଳେ ସୁସ୍ଥ ବ୍ୟକ୍ତିକୁ କାମୁଡିଥାଏ ସେତେବେଳେ ମ୍ୟାଲେରିୟା ପରଜୀବି ମନୁଷ୍ୟର ରକ୍ତ ଭିତରକୁ ପ୍ରବେଶ କରେ। ସୁସ୍ଥ ବ୍ୟକ୍ତି କୁ ସଂକ୍ରମିତ କାମୁଡିବା ର 14 ରୁ 21 ଦିନ ଭିତରେ ଲକ୍ଷଣ ପ୍ରକାଶ ପାଇ ଜ୍ୱର ହେବା ସହ ଶରୀରରେ କମ୍ପ ଓ ପ୍ରବଳ ଶୀତ ଅନୁଭୂତ ହେବା ଓ ମୁଣ୍ଡବ୍ୟଥା ସହ ରୋଗୀ ବାଉଳି ଚାଉଳି ହୋଇଥାଏ I ହାତର ଆଙ୍ଗୁଠି, ଓଠ ଆଦି ନୀଳ ବର୍ଣ୍ଣ ଦିଶିବା ସହ ଲୋମ ଠିଆ ହେବା ଲକ୍ଷଣ ଦେଖାଯାଇଥାଏ I ମ୍ୟାଲେରିଆ ଜ୍ୱର ର ପ୍ରତିରୋଧ ସ୍ୱରୂପ ସୁସ୍ଥବ୍ୟକ୍ତି ମଶା କାମୁଡିବା ଠାରୁ ଦୁରେଇ ରହିବା ଉଚିତ I

***ପ୍ରତିରୋଧ ଉପାୟ***

ମ୍ୟାଲେରିଆ ଜ୍ୱର ସାଧାରଣତଃ ବର୍ଷା ଋତୁରେ ବହୁଳ ଭାବେ ଦେଖାଦେଇଥାଏ I ମ୍ୟାଲେରିଆ ଜ୍ୱର ର ବାହକ ମାଈ ଏନୋଫିଲିସ ମଶା ଅଟେ। ଏହି ମଶା ମନୁଷ୍ୟ କୁ ରାତିରେ କାମୁଡିଥାଏ। ଏହି ମଶା ସ୍ଥିର, ସ୍ୱଚ୍ଛ ଜଳରେ ବଂଶ ବିସ୍ତାର କରିଥାଏ। ମାଈ ଏନୋଫିଲିସ ମଶା 1-2 କି.ମି. ପରିସୀମା ଭିତରେ ଉଡି ସୁସ୍ଥ ବ୍ୟକ୍ତିଙ୍କୁ କାମୁଡି ଥାଏ I ଏହାର ପ୍ରତିରୋଧ ନିମନ୍ତେ ଔଷଧ ବୁଡ଼ା ମଶାରୀ ଟାଙ୍ଗୀ ଶୋଇବା ସହ ଘରେ ଝୁଣା ଧୂପ ଦେବା ଆବଶ୍ୟକ ଅଟେ I ମ୍ୟାଲେରିଆ ଜ୍ୱରରେ ପୀଡିତ ବ୍ୟକ୍ତିଲକ୍ଷଣ ଦେଖା ଦେବା ମାତ୍ରେ, ଡାକ୍ତରଙ୍କ ପରାମର୍ଶ ଅନୁଯାଇ ଅବହେଳା ନକରି ଔଷଧ ସେବନ କରିବା ଉଚିତ।

**ଆୟୁର୍ବେଦିୟ ଚିକିତ୍ସା ପଦ୍ଧତି** :-ମ୍ୟାଲେରିଆ ଜ୍ୱରରେ ପୀଡିତ ରୋଗୀ କୁ:

1.ସୁଦର୍ଶନ ଘନ ବଟିକା ଗୋଟିଏ କରି ଦୁଇବେଳା ଖାଦ୍ୟପରେ ଗରମ ପାଣି ଥଣ୍ଡା କରି ତା ସହ ଖାଇବା ଉଚିତ.

www.vedantimagazine.com
ISSN NO.
2582-208X

୨.ଅମୃତାରିଷ୍ଟ 10 ରୁ 15 ଏମ.ଏଲ ଦିନରେ ଦୁଇବେଳା ଖାଦ୍ୟପରେ, ଗରମ ପାଣି ଥଣ୍ଡାକରୀ ମିଶାଇ ସେବନ କରିବା ଉଚିତ, ଯାହାକି ମ୍ୟାଲେରିୟା ଜ୍ୱରରେ ଉତ୍ତମ ଫଳପ୍ରଦ ହୋଇଥାଏ ।

୩.ଗଙ୍ଗଶିଉଳି ଗଛର ପତ୍ରର ରସ ଦୁଇ ଚାମଚ ଲେଖାଏଁ ଖାଲିପେଟରେ ଦୁଇବେଳା ସେବନ କରିବା ଉଚିତ ।

ବର୍ଷା ଋତୁ ରେ ବିଭିନ୍ନ ପ୍ରକାର ମଶା ଠାରୁ ଦୂରେଇବା ନିମନ୍ତେ ବାସଗୃହର ଚାରିପାଖ ପରିଷ୍କାର ପରିଚ୍ଛନ ରଖିବା ସହ କୌଣସି ସ୍ଥାନରେ ପାଣି ଜମିବାକୁ ଦେବା ଉଚିତ ନୁହେଁ। ଜଳାଶୟ ଏବଂ ଅନ୍ୟାନ୍ୟ ସ୍ଥାନ ଗୁଡିକରେ ବ୍ଲିଚିଙ୍ଗ ପାଉଡର ପକାଇବା ସହ ଡ଼ି.ଡ଼ି.ଟି ସିଞ୍ଚନ କରାଇବା ଉଚିତ ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# କୁରକୁରି ଭେଣ୍ଡି



ଜୟନ୍ତୀ ଦେବୀ

**ଆବଶ୍ୟକ ସାମଗ୍ରୀ:**

ଭେଣ୍ଡି - ୫୦୦ ଗ୍ରାମ, ବେସନ - ୪ ଟେବଲ୍ ଚାମଚ
ଲଙ୍କା ପାଉଡର - ୧ ଚାମଚ, ଗରମ ମସଲା - ୧ ଚାମଚ
ଆମଚୁର ପାଉଡର - ଅଧ ଚାମଚ
ରିଫାଇନ୍ ତେଲ, ଲୁଣ ସ୍ୱାଦ ଅନୁସାରେ

**ପ୍ରସ୍ତୁତି ପ୍ରଣାଳୀ:**

ଭେଣ୍ଡିକୁ ଧୋଇ ଶୁଖାଇ ମଝିରୁ ଲମ୍ବା ଆକାରରେ ୪ ଫାଳ କରି କାଟନ୍ତୁ । ଏଥର ଏକ ଥାଳିରେ କଟା ହୋଇଥିବା ଭେଣ୍ଡି ଗୁଡିକୁ ଖେଳାଇ ସେଥିରେ ଲୁଣ, ଲଙ୍କା ପାଉଡର, ଗରମ ମସଲା ଗୁଣ୍ଡ, ଆମଚୁର ପାଉଡର ଛିଞ୍ଚି ଭଲକରି ଗୋଳାଇ ନିଅନ୍ତୁ । ଏଥର ସେହି ମସଲା ଗୋଳା ହୋଇଥିବା ଭେଣ୍ଡି ଉପରେ ବେସନ ଛିଞ୍ଚି ଭଲକରି ଗୋଳାଇ ନିଅନ୍ତୁ ଯେମିତିକି ବେସନରେ ଭଲକରି ଭେଣ୍ଡି ଗୁଡିକ ମିଶିଯିବ । କଡେଇରେ ତେଲ ପକାଇ ଭଲକରି ଗରମ କରନ୍ତୁ । ତେଲ ଗରମ ହୋଇ ଆସିଲେ, ଭେଣ୍ଡି ଗୁଡିକୁ ପକାଇ ବାଦାମି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ । କୁରକୁରିଆ ହୋଇ ଆସିଲେ କଡେଇରୁ ବାହାର କରି ଆଣନ୍ତୁ । ଗରମ୍ ଥିବା ଅବସ୍ଥାରେ ପରିବେଷଣ କରନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# କେକ୍



ଅଳକା ବାରିକ୍

**ଆବଶ୍ୟକ ସାମଗ୍ରୀ:**

କସମିସ୍ - ୨ କପ୍
ପେଷାଚନ - ଆବଶ୍ୟକ ପରିମାଣର
ମଇଦା - ୨ କପ୍
୧ ଗ୍ଳାସ ବେକିଂ ପାଉଡର
ଅଣ୍ଡା - ୨ ଟି, ଚକୋ ପାଉଡର ଗୁଣ୍ଡ
ବଟର - ଆବଶ୍ୟକ ପରିମାଣର, ଚେରି

**ପ୍ରସ୍ତୁତି ପ୍ରଣାଳୀ:**

ସର୍ବପ୍ରଥମେ ଏକ ପାତ୍ରରେ କସମିସ୍ ନେଇ ସେଥିରେ ପେଷା ଚନ ଭଲଭାବରେ ମିଶାନ୍ତୁ । ଏହା ପରେ ଏକ ପାତ୍ରରେ ମଇଦା ନେଇ ସେଥିରେ ବେକିଂ ପାଉଡର ମିଶାନ୍ତୁ । ଏବେ ଏକ ପାତ୍ରରେ ବଟର ନେଇ ଗୋଳାନ୍ତୁ । ଏହାପରେ ଏହି ମିଶ୍ରଣରେ ଚକୋ ପାଉଡର ଗୁଣ୍ଡ ମିଶାନ୍ତୁ ଏବଂ ଏହାକୁ ଭଲଭାବେ ଗୋଳାନ୍ତୁ । ଏବେ ଏଥିରେ ମଇଦା ମିଶାଇ ବର୍ତ୍ତମାନ ଏହି ମିଶ୍ରଣରେ କସମିସ୍ ଏବଂ ଚନର ମିଶ୍ରଣ ମିଶାନ୍ତୁ । ଏହାକୁ ଏକ ପାତ୍ରରେ ରଖି ଏକ ଆକୃତି ଦିଅନ୍ତୁ । (ଗୋଲାକାର, ଗ୍ଳରିକଣିଆ, ନଜ ପସନ୍ଦ ଅନୁଯାୟୀ) । ମାଇକ୍ରୋଓଭେନ୍ ରେ କେକ୍ କୁ ୩୫୦ ଡିଗ୍ରୀ ତାପମାତ୍ରାରେ ୪୦ ମିନଟ୍ ପାଇଁ ରଖନ୍ତୁ । ଏବେ କେକ୍ କୁ ଏକ ପାତ୍ରକୁ କାଢି ଏହା ଉପରେ ସାମାନ୍ୟ ଚନ ଓ ଚେରି ପକାଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ କେକ୍ ।

ମହୁ, ଆଳ, କେନ୍ଦ୍ରପଡା

ISSN NO.
2582-208X

# ଚଣା ସୁନ୍ଦଲ



ଅଧାପିକା ରୋଜାଲିନ୍ ବାରିକ୍

**ଆବଶ୍ୟକ ସାମଗ୍ରୀ:**

ଗାଜର – ୨୫୦ ଗ୍ରାମ, କ୍ଷୀର – ଅଧ ଲିଟର
ଚିନି – ୧୦୦ ଗ୍ରାମ, କାଜୁ – ୫୦ ଗ୍ରାମ, କସମିସ୍-୫୦ ଗ୍ରାମ
ଗୁଜୁରାତି -୨ଟା, ଘିଅ-୧ ଟେବୁଲ୍ ଚାମଚ
ତେଜପତ୍ର - ଗୋଟିଏ

**ପ୍ରସ୍ତୁତି ପ୍ରଣାଳୀ:**

ଗାଜରକୁ ଧୋଇ ଚୋପା ଛଡାଇ ଛୋଟ ଛୋଟ ଖଣ୍ଡରେ କାଟନ୍ତୁ । ଏହାପରେ କଟା ଗାଜରରେ କପେ କ୍ଷୀର ମିଶାଇ ଭଲ କରି ଗ୍ରାଇଣ୍ଡିଂ କରିନିଅନ୍ତୁ । କ୍ଷୀରରେ ଚିନି ଓ ତେଜପତ୍ର ପକାଇ ଫୁଟାନ୍ତୁ । କ୍ଷୀର ଫୁଟି ଆସିଲେ ସେଥିରେ ଗାଜର ପେଷ୍ଟ ମିଶାଇ ହାଲୁକା ଆଞ୍ଚରେ ଧିରେ ଧିରେ ଘାଣ୍ଟନ୍ତୁ । ବହଳିଆ ହୋଇ ଆସିଲେ ଆଞ୍ଚ ବନ୍ଦ କରି ଦିଅନ୍ତୁ । ଉପରେ କାଜୁ, ଗୁଜୁରାତି ଗୁଣ୍ଡ, କସମିସ୍ ଓ ଘିଅ ପକାନ୍ତୁ । ଭଲ କରି ଥଣ୍ଡା ହେବାପରେ ପରଷନ୍ତୁ । ଏହି ପାଏସ୍ ର ସ୍ୱାଦ ବଢାଇବାକୁ ଚାହୁଁଥିଲେ ପାଏସ୍ ହୋଇ ସାରିବା ପରେ ତୁରନ୍ତ ଏକ ମାଟି ପାତ୍ରରେ ରଖି ଫ୍ରିଜ୍ ରେ ରଖନ୍ତୁ । ଥଣ୍ଡା ହେବା ପରେ ପରିବେଷଣ କରନ୍ତୁ ।

ମହୁ, ଆଳି, କେନ୍ଦ୍ରପଡା
ମୋ: ୯୯୩୮୫୦୧୧୦୨

ISSN NO.
2582-208X

# ମକା ପନିର୍ ପକୋଡା



ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା)

## ଆବଶ୍ୟକ ସାମଗ୍ରୀ:

ଜିର୍‌ ପାଉଡର - ଅଧ ଚାମଚ, କଟା ଧନିଆ ପତ୍ର - ୨ ଟେବଲ ଚାମଚ
ବେସନ - ୨ ଟେବଲ ଚାମଚ, ଲୁଣ - ସ୍ୱାଦ ଅନୁସାରେ,
ଚୁନା ଚୁନା କଟା ହୋଇଥିବା ଅଦା - ୨ ଚାମଚ
ରସୁଣ - ୨ ଚାମଚ, କଞ୍ଚା ଲଙ୍କା - ୧ ଚାମଚ
କ୍ଷୀର - ୧ କପ୍‌, ଆମଚୁର ପାଉଡର - ୧ ଚାମଚ
ପିଆଜ - ଗୋଟିଏ, ପନିର - ୧୦୦ ଗ୍ରାମ,
କଞ୍ଚା ମକା ଦାନା - ୨୦୦ ଗ୍ରାମ ଓ ଛାଣିବା ପାଇଁ ତେଲ

## ପ୍ରସ୍ତୁତି ପ୍ରଣାଳୀ:

ମକା ଦାନା ଗୁଡିକୁ ଦରଛେଚା କରି ଦିଅନ୍ତୁ । ପନିର୍ କୁ ଗ୍ରେଟରରେ କୋରି ନିଅନ୍ତୁ । ପ୍ୟାନରେ ତେଲ ଗରମ କରି ସେଥିରେ ଅଦା ଓ ରସୁଣ ମିଶାଇ ଟିକେ ଭାଜନ୍ତୁ । ରଙ୍ଗ ସାମାନ୍ୟ ବଦଳ ଆସିଲେ ସେଥିରେ କ୍ଷୀର ମିଶାଇ ବହଳିଆ ହେବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ । ମକା ସିଝିଗଲା ପରେ ଆଞ୍ଚରୁ କାଢି ଥଣ୍ଡା ହେବାକୁ ଦିଅନ୍ତୁ । ଏହାପରେ ସେଥିରେ ପନିର, କଟା ପିଆଜ, କଞ୍ଚା ଲଙ୍କା, ଜୀର୍‌ ପାଉଡର, ଆମଚୁର ପାଉଡର, ଧନିଆ ପତ୍ର ଓ ଲୁଣ ଏକାଠି କରି ଭଲକରି ଗୋଳାନ୍ତୁ । ଏଥର ସେଥିରେ ବେସନ ମିଶାଇ ସେଥିରୁ ବଲ ଭଳି ଗଢନ୍ତୁ । କଡେଇରେ ତେଲ ଗରମ କରି ସେହି ବଲ୍‌ ଗୁଡିକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଛାଣନ୍ତୁ । ପୁଦିନା କିମ୍ବା ଟମାଟୋ ଚଟଣି ସହିତ ପରିବେଷଣ କରନ୍ତୁ ।

ମହୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ଭିଲିର୍ ଭଗାରି



ସହଦେବ ଧରୁଆ

ଘଗେଁ ଲଦା ନଆ ଭିଲଭିଟକଆ
ଘଂଗିରୁଜି ଗୁଲ୍‌ବଲ୍,
ଘଗ୍ ନୁରି ନୁରି ଭଗେଲ ଭଗାରି
ଘବେ ଭରିନେସି ଛଲ୍ ।।

ଭଗାରି ଅସୁର୍ ଭଲେଇ ଚତୁର
ଘଂଗେରୁଜେ ଭେଲି-ଘବ୍,
ଭଗାରି ପଖିଆ ଭିଲଭିଟକଆ
ଭେଲି ଢୁକାଲ୍ ଅଘବ୍ ।।

ଭିତରେ ଭିତରେ ଘବର୍ ଭିତରେ
ଭିଆସି ଘଗଡି ଡର୍,
ଘଇ ବିର୍‌ଦର୍ ଭିତିରି ଖବର୍
ଭିତରୁ ବାହାରି ଟର୍ ।।

ISSN NO.
2582-208X

ଢ଼ଗଡ଼ି ଢ଼ବନା ଢ଼ବେ କଲ୍‌କନା
ଭିରିକସି କରେ ଖାର୍,
ଢ଼ଇ ଭକତିଆ ଭଏଁସା-ସୁରିଆ
ଢ଼କୁର୍ ଖେଇ ତିଆର ।।

ଭଲେଁ ଚୁଟ ଢ଼େଲ୍ ଭଂଗ୍ ମେଲା ପୋଲ୍
ଭଲ୍ ଲୁକ ପରେ ଢ଼ଇ,
ଢ଼ବର୍ କଆରି ଢ଼ଙ୍ଗି ଅହଁକାରି
ଭରକା କରସି ଘାଇ ।।

ସାଇପାଲି, ବିଜେପୁର, ବରଗଡ଼

ISSN NO.
2582-208X

# କୁଲିଖଟା



ମାନସ ରଞ୍ଜନ ସାହୁ

ଯହିଁ ଜେନକେ ଜେନନିକେ
ଗାଁ ହଉ କି ପରା ପାଏଟ୍
ଗଲିକନି ଖୁଏଲ୍ ଡାଏଁଣ
ମାନେର ଛାଏଁ ଛଏଁରା ନିନ
ଆଘର୍ ବାଘିର୍ ହଜହଜ୍ ଗଜଗଜ୍
ଯେତେ ଆମ୍ ଜାମ୍ ଖଜୁର
ତେତେଲ ଲିମ୍ ଚାଁହାର କେନ୍ଦୁସସ
ପାଚି ଭୂଇଁଥି ଗଦେଇ
ପ୍ରକୃତିର୍ ରକମର ରକମର୍
ଖାଏନା ଖାଏବାର୍ ଲୋକ୍ କେନେ
ଗଛତଲ୍ ଆମ୍ ବୁରେଇ
ଝିକାର ନିର୍ଜନ ନିଶବଦ୍
ଗାଁର୍ କାମ କରମ୍ ନିନ
ଲୋକ କୁଲିଖଟି ଏନେତେନେ
ଘର ଟାଏଟଖପା ଦୁଆର୍ ଚରଲଉଛେ
ପିଲା ପାଠସାଠ ପଢ଼ିକିନା ଆସ୍ କରି
ବ୍ୟାଙ୍କିଙ୍ଗ ସେବା କେନ୍ଦ୍ର ଖୁଲିଛେ

ISSN NO.
2582-208X

ସେବା କରି ପାରମି ଭାବି
ବସିବସି ବିରବିରା
ହାଟେ ଗାଁଏଁ ନୁଁ ବେପରିଆ କୁଚନି
ରକତ ଶୁଖେଇ କରି ଜିନିଷ
ପତର ଫିରେଇ ଆନି ଫିରି ଆସୁଛେ ଘିନୁ ଥିଲେତ
ଇ ରାଏଜର୍ ଲୋକ
ବାହରେ କୁଲିଖଟା
ବଡାମସକୁଲ ଇଟା
ଇ କଥାବୁଝ ସରକାର
କୁଲିଖଟା ନିକାଲକର ।

ଟିଟିଲ୍‌ଗଡ ଜି ବଲ୍‌ଙ୍ଗୀର
ମୋ 8456873053

ISSN NO.
2582-208X

# କୁହୁଳା



ଗଜାନନ ମିଶ୍ର

କାହିଁ ପସଲୁରେ ବୁଆ
ହେ କୁହୁଳା ଭିତରକେ ?
ତକେ ରଖେଇବସେଇ
ଦେବା କେଁ ହେ !

ନେଇଁ ଜାନିପାରବାର କେନ୍ତା
ଢାପି ହଉଛୁ କାଦୋ!
ଗୁଡର ଧୁଇଲକେ
ଚଁଦନ ବଲିକରି
ଲେପି ହଉଛୁ ମୁହେଁ !

କାଲକୁଟ କାଟିଛେ ଭାଏଲ ?
ଆରୁ ନେଇଁ କାଟିଥିଲେ
କାଁ କାଜେ ଉଠୁଥିତୁ ଆରୁ ବସୁଥିତୁ
ଏତକିସେତକି ଇଠା ନେ!

ISSN NO.
2582-208X

ନେଇଁ ନ ବୁଝାବାର ଲୁକ
ଗୁଟେ ଭି କାହିଁ ତୋର ବିନୁ ।
ତୋର ତୋର ତୁଇ ଥା
ଆରୁ ଦେଖୁ ଥା ସୁନୁ ଥା
ବୁଝୁ ଥା ଧୁକା ଗରେଲ
ଆରୁ ପରଖୁ ଥା ଅପନେକେ
ଅପନାର ତପତଥି ।

ନୁକୋ ଜାଗା କେଁ ଇଟା?
କେନ ଜାନିଛେ,
ଜାହା, ପଚରେଇ ଆ
ପାସେଅଁତରେ ଅଛେ
ଜଦରଭି କେନ୍!

ଗୁରମୁଟେଇ ହେଇ ଥା ବୁଆ
ଆରୁ ସଲଖେ ଥା
ତୋରଠାନେ ତୁଇ !

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ISSN NO.
2582-208X

# ଶୁନୁ'ଛ କାଏଁ



ସୁନୀଲ କୁମାର ଅଗସ୍ତି

ରାଏଜେ ନି' ନ
ଆର୍ ଭୁଖା ଶୁଷା,
ନାଁଇଁ କର ନ' ଆର୍
ଆମକେ ଲୋକ୍ ହସା,,
ନାଁଇଁ ଚାହେନି ଆମକେ
ତମର୍ କୁହା 'ଭାତ୍',
ଆମର୍ ଚାହେନି
ଖାଲି ପାଠ୍ ଖାଲି ପାଠ୍,,
ପାଠ୍ ପଢଉ ଯେତେକେ
କରିଦେଲ ବୁଚକା ବୁହା,
କେନ୍ ପଢାବା ଆମକେ
ଅସଲ୍ ଶିକ୍ଷାର୍ ନିଦାନ୍
ଅ ଆ ଅ ଆ ଅ ଆ,,

ଟିଟିଲ୍‌ଗଡ଼, ବଲ୍‌ାଙ୍ଗୀର
ମୋ/୭୭୩୫୮ ୭୬୬୪୯

ISSN NO.
2582-208X

# ବେବଫା ସନମ୍



ସତ୍ୟନାରାୟଣ ମିଶ୍ର

ସୁଶୀଲ ଆରୁ ମାଲତି ଦୁହେଁ ଯାକ ପିଲାଦିନର୍ ସାଙ୍ଗ । କରମ ର୍ ଅବଲ୍ କେ ଦିଆଲି ରାତି ନେ କେନ୍ତା ହିସାପେ କୁମ୍ଭି ବମ୍ ଗୁଟେ ଫୁଟି ଗଲା ଯେ ସୁଶୀଲ ର୍ ମୁହୁଁ ପୁଡି କରି କଲା ପଡିଗଲା ସଂଗେ ମାଲତି ର୍ ଏଁଖ୍ ଭିତିରେ ଫଟକା ର୍ ଦାରୁ ସମି କରି ଫୁଟି ଗଲା ବିଚିରି ର୍ ଯୁଡେ ଯାକ ଆଏଁଖ୍ । ଇ ଦୁହିଁ ଙ୍କ ର୍ ଦୁର୍ଦଶା ଦେଖିକରି ସଭେ ଯାକ ଆହା ଚୁ ଚୁ କଲେ ସିନା, ହେଲେ ଦିନୁ ଦିନ କେ କାଣି ବୋଲି ତାର କେହେନି ସାଙ୍ଗ ଆରୁ ନାଇଁ ମିଶିଲେତାର୍ ସଂଗେ ।

ମାତର୍ ସୁଶୀଲ୍ ? ସେ ତ ଜୀବନ ନୁ ବି ଅଏତକା ଭଲ ପାଏସି ମାଲତିକେ । ସଦାବେଲେ ତାର୍ ପାଶେ ବସି କରି ସୁଖ ଦୁଃଖ ହେସି । ମନ କେ ଖୁସ ରଖବା କେ କେତେ ଟେ ଖେଚଡ କଥା କହେସି । ଭରସା ଦେସି । ସବୁ କାମ ଥି ସାହେଜ୍ କରୁଥିସି । ମାଲତିର୍ ମନ ବୁଝାବା କେ କହେସି " ତୁଇ ମନ ଊନା ନାଇଁ କରବୁ ରେ ମାଲ ! ଦମ ଧରି ଥା । ତତେ ମୁଇଁ ବଡ଼ ଡାକ୍ତର ପାଖକେ ନେମି । ତୋର ଆଏଖ ଭଲ କରି ଦେମି । ଭର୍ସା ରଖିଥା ମୋର୍ ଉପୁରେ ତୁଇ । ଭଲ ହେଇ ଯିବୁ ରେ ମାଲ ! ଦୁନିଆଁ ଦେଖି ପାରବୁ" ।

ଦେଖତେ ଦେଖତେ ସମିଆଁ ର୍ ଧାରେ ଦୁହେଁ ଯାକ ଛୁଆ ନୁ ହେଇ ଗଲେ ଜୁଆନ୍ । ସତର ଅଠର ଲେଖେନ୍ ଫଗୁନ ଆସିକରି ଛିଇଁ ଗଲା ନ ଦୁହେଁ ର୍ ଦେହେକେ । ଭାବ ସର୍ଦାର୍ ଟିଖେ ବି କମି ନାଇଁ । ଆଗର୍ ଏନ୍ତା ମିଲାମେସା ଚାଲିଥାଏ ନ । ଦିନେ କଥା ର୍ ଛଲେ ମାଲତି ସୁଶୀଲ କେ କହେଲା "କାଁ କର୍ମି ରେ ସୁଶୀଲ୍ ! ମୁଇ ଅଭାଗେନ୍ ଟେ । କରମ ମୋର୍ ଫଟା । ଆଏଖ୍ ଦୁଇଟା ବନେ ଥିତା ବଏଲେ ବିହା ତୁରା ହେଇ କରି କାହାର୍ ଘର୍କେ

ISSN NO.
2582-208X

ଖଟି ଯାଇ ଥିତି । ସବୁଦିନେ ଇନ ମା ବୁଆ ର୍ ବୋଝ ହେଲି" ମୁଇ ତ ଅନ୍ଧି ଆଏ ।କିଏ ମତେ ବିହା ହେବା ?

ତାହାର ମନ ର୍ କଥା କେ ବୁଝି କରି ସୁଶୀଲ କହେଲା "ମାଲ ରେ ! ତୁଇ ଯଦି ମନା ନାଇଁ କରୁ ତତେ ମୁହିଁ ବିହା ହେମି ଲୋ ! ମୁଇ ହେମି ତୋର ଜୀବନ ସାଥି" ।

ଉସତ ର୍ ମାଢ଼େ କୁର୍ଲେଇ ଗଲା ମାଲତି । ହସିହସି କରି ପଚରଲା "ସତେ କାଁ ରେ ସୁଶୀଲ ? ତୁଇ ସତ୍ କହୁଛୁ କେଁ , ତୁଇ ମତେ ସତେ ବିହା ହେବୁ" ?

ହଁ ରେ ହଁ । ହାତ କେ ଧରି କରି ଭର୍ସା ଦେଲା ତାକେ ସୁଶୀଲ୍ । ମାଲତି ର୍ ମନ ଉସତ୍ ଆରୁ ଉଦାସ ବି । ପସ୍ତେଇ ହେଇ କହେଲା "ମୋର୍ ତ ଆଏଖ୍ ନାଇଁ, କେନ୍ତା କରି ଦେଖମି ତୋର୍ ସୁନ୍ଦୁରୁ ମୁହୁଁ ଦର୍ପନ୍ ?

କେନ୍ତା କରି ଆଖି ନେ ଆଖି ମିଶେଇ କରି କଥା ହେଇ ପାରମି ତୋର ସଂଗେ ? ଇଂତା ସମିଆଁ କେ ସୁଶୀଲ ର୍ ବହେଁନ୍ ରୋଷନ୍ ପହଁଚି ଗଲା । ବ୍ଲଡ୍ କେନ୍ସର୍ ଥି ବିଚିରି ମରବା ର୍ ତାରିଖ ପାଖ ହେଇ ଗଲା ନ ।କହେଲା "ଦଦା ଗୋ ! ମୁଇଁ ମରିଗଲେ ମୋର୍ ଆଏଖ ଜୁଡ଼ାକ ମୋର୍ ବହୁ କେ ଦେଇଦେବୁ ଗୋ । ଇ ମୋର୍ ଆଖି ନେ ବିଚିରି ଦୁନିଆ ଦେଖି ପାର୍ବେ । ତୁଇ ବି ମତେ ଦେଖି ପାରୁଥିବୁ ବହୁ ର୍ ଆଖି ନେ" ।

ମାସେ ଭିତିରେ ସତ୍ କେ ସତ୍ ମରିଗଲା ରୋଷନି । ତାର ଆଏଖ୍ ଜୁଡ଼ାକ ବାହାର କରି ସର୍ଜନ ଲଗେଇ ଦେଲେ ମାଲ୍ତି ର୍ ଆଖି ନେ । ପଟି ଖୁଲା ହେଲା ଉତୁରୁ ସବୁ ଦେଖି ପାର୍ଲା ମାଲ । ଫିରି ପାଏଲା ତାର ଆଏଖ୍ । ରୋଷନି ର୍ ଆଖି ନେ ଦେଖି ପାର୍ଲା ଦୁନିଆଁ। ତାର ମନ ଯେତେ ଉସତ୍ ଯେ କହି  ନାଇଁ ହୁଏ ।ମାତର୍, ଯେତେବେଲେ ତାର ମନ ର୍ ରାଜା ସୁଶୀଲ ର୍ ମୁହୁଁ କେ ଦେଖିଛେ ତାକେ ଲାଗଲା ସତେ ଯେନ୍ତା ତାର ପାହା ତଲ ର୍ ମାଟି ଖସରି କରି ସେ ସମି ଯଉଛେ ପାତାଲ୍ ରସାତଲ୍ । ଧକ ଧକେଇ ଗଲା ଛାତି । ଉଡି ଗଲା ହୋସ ବାଗିର ଲାଗିଗଲା ତାକେ । ଭାବଲା "ଛିଃ ! ! ଇଟା ସେ ପୁଡା ମୁହାଁ ସୁଶୀଲ କାଁ ?

ISSN NO.
2582-208X

କେତେ କେଚକେଚା ଦିଶୁଛେ ତାର କଲା ଟର ଟର୍ ପୁଡା ମୁହୁଁ । ଥୁ । ଯେତେ ନି ହେଲେ ଇତାକେ ମୁଇଁ ବିହା ହେମି ?

ସୁଶୀଲ ତାର ପାଶେ ଆସି କରି କହେଲା "ମାଲ! ତୁଇ ଭଲ ହେଇଗଲୁ ଇଟା ମୋର୍ ଲାଗି ମା ଉମା  ମହେଶ୍ୱରୀ ଙ୍କ ର୍ ଆଶୀର୍ବାଦ । ମୁଇ ତୋର ଆଖି ନେ ମୋର୍ ବହେନ୍ ରୋଷନି କେ ଦେଖି ପାରୁଛେଁ । ବଡା ସୋର୍ ପଡୁଛେ ମୋର୍ ବହେନ୍ ।

ହାତ କେ ଧରି କରି ମାଲତି କହେଲା "ମୁଇଁ ତୋର ବହେନ୍ ନାଇଁ ସେ କାଁ ଦଦା ! ମୁଇଁ ତୋର ରୋଶନି ବହେନ୍ ପରେ, ଆଜି ନୁ ମୁଇଁ ତୋର ବହେନ୍ ଆରୁ ତୁଇ ମୋର୍ ଦଦା,".........

ସିନ୍ଧେକେଲ୍ ବଲ୍ଙ୍ଗୀର/9583605915

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ବାଡ଼ିର ଶାଗ ସବୁଠୁଁ ବାଗ



ଡ଼ଃ ରଞ୍ଜିତ କୁମାର ସାହୁ

ଖୁଡୀ ବାଡ଼ି ପଟେ ଏତେ ସମୟ କଣ କରୁଛନ୍ତି ? କୌତୁହଳ ହୋଇ ବିବେକ ବାଡ଼ି ଆଡକୁ ଚାଲିଗଲା । ଖୁଡୀ ବାଉଁଶ ପାଛିଆରେ ଗୁଡ଼ାଏ ପତ୍ର ତୋଳି ରଖିବାକୁ ଲାଗିଥିଲେ । ତାଙ୍କ ପାଖକୁ ଯାଇ ବିବେକ ପଚାରିଲା," ଖୁଡି ଏ ଗୁଡାକ କଣ ହେବ ?"

"ଅଳ୍ପ ସମୟରେ ଜାଣିବ, ମୋର ତୋଳିବା ସରିଗଲା, "କହି ଖୁଡି ପାଛିଆଟିକୁ ନେଇ ରୋଷେଇ ଘର ଆଡକୁ ମାଡି ଗଲେ । ଖୁଡୀ ପତ୍ର ସବୁକୁ ଭଲ ଭାବରେ ଧୋଇ ତାକୁ ଭିଜେଇଥିବା ମୁଗ  ଡାଲିରେ ମିଶେଇ ରାନ୍ଧିବାକୁ ଲାଗିଲେ ।



ISSN NO.
2582-208X

ବିବେକ ଆଖି ବଲ ବଲ କରି ଦେଖିବାକୁ ଲାଗିଲା । ବୋଉ ତାର କେବେ ଏମିତି କରି ନଥିଲା! ଏ ପତ୍ର ସବୁ ତ ସବୁବେଳେ ବାଡ଼ିରେ କଅଁଳି ଥାଏ । ଏତିକିବେଳେ ବୋଉ ରୋଷେଇ ଘରକୁ ଚାଲି ଆସିଲା ଆଉ ପଚାରିଲା, "କଣ ରୋଷେଇ କରି ଚାଲିଛୁ କି?"

"କିଛି ନାହିଁ ମ ଅପା । ବାଡ଼ିରେ ଏତେ ସବୁ ବଥୁଆ ଶାଗ ହୋଇଥିଲା, ସେଥିରୁ କିଛି ଆଣି ରୋଷେଇ କରି ଚାଲିଛି । କାଲି ଭାଇ କହୁଥିଲେ ଶାଗ ଖାଇବାକୁ ଇଛା ବୋଲି । ତେଣୁ ଭାବିଲି, ଏଠି ଶାଗ ଥାଉ ଥାଉ କାହିଁକି ଆଉ କୁଆଡେ ଯିବେ?"



"ଭଲ କରିଛୁ । ବାଡ଼ିରେ ବହୁତ ପ୍ରକାର ଶାଗ ହୁଏ, କିନ୍ତୁ ମୋର ସମୟ ନାହିଁ କି ଆଉ ସାହସ ନାହିଁ । ଘର କାମ ବାହାର କାମ ଆଉ ଏହି ଚାକିରୀରେ ରହି ଏ ସବୁ ଆଡକୁ ଆଉ ଦୃଷ୍ଟି ଯାଉ ନାହିଁ । ବଜାରରୁ ନେଇ ଯାହା ରୋଷେଇ କରିବା କଥା । ୟାଙ୍କୁ ତ କହିଛି ଶାଗ ଆଣିକି ଆସିବା ଲାଗି ଅଫିସରୁ ଫେରିଲା ବେଳେ," ବୋଉ କହିଲା ।

ISSN NO.
2582-208X

"ଏ ଗୁଡାକ ଖିଆଯାଏ ବୋଲି ମୁଁ ଜାଣି ନଥିଲି । ନ ହେଲେ ମୁଁ ତ କେବେଠୁଁ ତୋଳିକି ଆଣିକି ରଖି ଥାଆନ୍ତି । ମୋତେ ଆଗରୁ କାହିଁକି କହିଲୁନି ବୋଉ?" ବିବେକ ପଚାରିଲା ।

"ତୁ ପାଠ ପଢ଼ାରେ ଧ୍ୟାନ ଦେ, ଏ ସବୁ ବାଡ଼ି ବଗିଚା କାମରେ ମନ ଦେବା କଣ ଦରକାର କି? ତୁ କଣ ରୋଷେଇ ଘର ସମ୍ଭାଳିବୁ କି," ବୋଉ କହିଲେ ।

ଏତିକିବେଳେ ବାପା ଘର ଭିତରକୁ ଆସିଗଲେ । ବୋଉ କଥା ଶୁଣି ସେ କହିଲେ, "ବୁଝିଲ ଆଜି କାଲି ଯୁଗ ବଦଳିଗଲାଣି । ସମସ୍ତଙ୍କୁ ସବୁ କାମ କରି ଆସିବା ଦରକାର । ମଣିଷ ଯେତେ ଆତ୍ମନିର୍ଭର ହେବ ସେତେ ଭଲ । ବାଡ଼ି ବଗିଚାରେ କାମ କରିବା ମଧ୍ୟ ଏକ ପ୍ରକାର କସରତ ଏବଂ ଶରୀରକୁ ସୁସ୍ଥ ରଖେ । ଏହା ବ୍ୟତୀତ ଏହା ଆମକୁ ପ୍ରକୃତିର ସାନିଧ୍ୟତାର ମହତ୍ୱ ବୁଝାଏ । ଉନ୍ନତ ଦେଶରେ ପିଲା ମାନଙ୍କୁ ବିଦ୍ୟାଳୟରେ କିପରି ନିଜର ଗୃହ ଉଦ୍ୟାନରେ ପନି ପରିବା ଚାଷ କରି ହେବ ସେ ବିଷୟରେ ବୁଝା ଯାଉଛି । ତେଣୁ ନିଜ ବାଡ଼ିରେ କିଛି ପରିବା ଉତ୍ପାଦନ କରିବା କିଛି ଭୁଲ ନୁହେଁ । ଏଠି ତ କେବଳ ବାଡିରୁ ଶାଗ ତୋଳିବା କଥା ପଡ଼ିଛି, ତାହା ମଧ୍ୟ ଯାହା ଆପେ ଆପେ ଉଠେ । ମଞ୍ଜି ମଧ୍ୟ ବୁଣିବାକୁ ପଡ଼ିବନି । "

"ଆଉ କିଛି ନା । ତୁମ ଆମେରିକାରେ କଣ ଏହି ବଥୁଆ ଶାଗ ମିଳୁଛି?" ବୋଉ ମୁହଁ ମୋଡି କହିଲେ ।

"ଏହୁ ବଥୁଆ ନ ମିଳିଲେ କଣ ହେଲା, ଠିକ ଏହି ପରି ଏକ ଶାଗ ସେଠି ମଧ୍ୟ ଉତ୍ପନ ହୁଏ, ବସନ୍ତ ଋତୁର ଶେଷ ଆଡକୁ, ଖୋଲା ପଡିଆରେ, ଜମିରେ ଆଉ ବାଡ଼ି ବଗିଚାରେ । ସେଠାରେ ଥିବା ଲୋହିତ ଭାରତୀୟ ମାନେ ଏହାକୁ ଖାଦ୍ୟ ରୂପରେ ବ୍ୟବହାର କରୁଥିଲେ । ଏବେ ମଧ୍ୟ ସେଠାରେ ଚାଷୀ ମାନେ ଏହାକୁ ସ୍ଥାନୀୟ ବଜାରରେ ବିକ୍ରୟ କରିଥାନ୍ତି । ସେଠି କିନ୍ତୁ ତାକୁ ଅନ୍ୟ ନାଁରେ ଜଣା ଯାଏ । ସେଠି ତାକୁ ଲେମ୍ବସ କ୍ୱାଟର କୁହନ୍ତି । ଦେଖିବାକୁ ଠିକ ବାଣ୍ଟୁଆ ଭଳି ଏବଂ ଉଦ୍ଭିଦ ବିଜ୍ଞାନୀଙ୍କ ମତରେ ଗୋଟିଏ ଶ୍ରେଣୀରେ ଅନ୍ତର୍ଭୁକ୍ତ । ସେଥିରେ ଅଧିକ ତନ୍ତୁ, ପୃଷ୍ଟିସାର, ଏବଂ ଭିଟାମିନ ଏ ଏବଂ ଭିଟାମିନ ସି ଥିବାର ବର୍ଣ୍ଣନା ଅଛି । ଏଥିରେ ମହତ୍ୱପୂର୍ଣ୍ଣ ସ୍ନେହ ସାର, ଓ଼ମେଗା 3 ଏବଂ ଓ଼ମେଗା 6 ଅଛି ଯାହା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଏହା ବ୍ୟତୀତ ମ୍ୟାଗନେସିୟମ, ତମ୍ବା ଏବଂ କିଛି ମାତ୍ରାରେ ଲୌହ ଥିବାର ବର୍ଣ୍ଣନା ଅଛି । ଦୁର୍ଭିକ୍ଷ ସମୟରେ ଏହାକୁ ଖାଇ ବଞ୍ଚି ରହିବାର

ISSN NO.
2582-208X

ଉଦାହରଣ ମଧ୍ୟ ଅଛି ତୁମେ ବୁଝୁ ନାହଁ ବାଡ଼ିର ଶାଗ ସବୁଠୁଁ ବାଗ, ଯେତେ ଖାଉଥିଲେ ସରୁ ନଥାଏ, ଯେଉଁ ଋତୁ ହେଉ ଯେମିତି ପାଗ ।"

ବାପା ଆଣିଥିବା ପରିବା ବ୍ୟାଗଟିକୁ ଖାଲି କରୁ କରୁ ବୋଉ କହିଲେ, "ଏଥର ବୁଝିଲି, ତୁମେ କାହିଁକି ଏତେ ଗପୁଛ । ଶାଗ ଆଣିବାକୁ କହିଥିଲି, ଭୁଲି ଯାଇଛ । ଆଜି ଖାଲି ତୁମ ଭାରତୀୟ ଲେମ୍ବସ କ୍ୱାଟର ଖାଇବ ରାତିରେ । "

"ଅପା ତୁମେ ଡାଲିର ଛୁଙ୍କ ଦେଇଦିଅ, ମୁଁ ବାକି ସବୁ କରିଦେବି," ଖୁଡୀ କହି ହସିବାକୁ ଲାଗିଲେ ଏବଂ ବିବେକ ମଧ୍ୟ ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ନାନାବାୟା ଗୀତ



ରାମ ଚନ୍ଦ୍ର ପ୍ରଧାନ

ନହ ନହକା ବାଉଁଶ କଣି
ବେଙ୍ଗୁଲୀ ବସିଛି ସିଙ୍ଗିଡା ଛାଣି
ସିଙ୍ଗିଡା ଭିତରେ ଆଳୁ,
ଖାଇଦେଲି ବୋଲି ସକାଳୁ ଝାଡା
ପିଉ ଅଛି ପରା ପାଳୁ ।
ଚାଇଁ ଚାଇଁକା କଇଁଆ ଛାଟ
ବଗୁଲୀ ଟାଙ୍ଗିଛି କାନ୍ଥରେ ଫୋଟ
ହାତୁଡ଼ାରେ ପିଟି କଣ୍ଟା,
ଚୌକିରୁ ତଳେ ପଡ଼ିଗଲା ବୋଲି
ଭାଙ୍ଗିଗଲା ତା'ର ଅଣ୍ଟା ।
ସିରି ସିରିକା କାଠ ଫିରିକା
ପୁଷି ଦେଖୁଛି ଖୋଲି ଝରକା
ଝରକା ଫାଙ୍କରେ ନିଆଁ,
ଝୁଲଟେ ବାଜି ପୋଡ଼ିଗଲା ବୋଲି
ଡରେ ହୋଇଲା ଛାନିଆଁ ।
ଟୁଣୁ ଟୁଣୁକା ପାଦ ପାଉଁଜି
ଝୁମୁରୀ ଆଣିଛି ହାଟରୁ ଖୋଜି

ISSN NO.
2582-208X

ପାଉଁଜି ଗଲା ଛିଡ଼ି,
ପାଉଁଜି ପିନ୍ଧି ପାରିଲାନି ବୋଲି
ଶୋଇଗଲା ମୁହଁ ମାଡ଼ି ।
ଟାଇଁ ଟାଇଁକା ଗ୍ରୀଷମ ଖରା
ବିଲୁଆ ଖାଉଛି ପକୁଡ଼ି ବରା
ପକୁଡ଼ି ଭିତରେ ଲଙ୍କା,
କଞ୍ଚା ଲଙ୍କାଟେ ଚୋବିଦେଲା ବୋଲି
ମୁହଁ ପଡ଼ିଗଲା ବଙ୍କା ।

ଶିକ୍ଷକ
ସାନ୍ତର୍‌ପଲ୍ଲୀ, ଗଞ୍ଜାମ
ମୋ:9861638736

ISSN NO.
2582-208X

# ବିହଙ୍ଗ ସାଥେ କେଳି



ଜୟନ୍ତୀ ଓଝା

ମୁଁ ଅତି ସୁକୁମାର ପିଲାଟିଏ
ମୋ ପରି ଆଉ ହେବ କିଏ ?
ଆମ ବାଡ଼ିର ପିଜୁଳି ଡାଳେ
ବଣି ବସିଥାଏ ମଉନ ବଳେ!
ତା ପାଖେ ଯାଇ ମୁଁ ସବୁ କହଇ
ମୋର ମନ କଥା ସେ ବୁଝିପାରଇ
ତାର କୁନି କୁନି ଥଣ୍ଟରେ ଧରି
ପିଜୁଳି ଡେମ୍ଫକୁ କାମୁଡି ଧରେ
ତଳକୁ ସଳଖେ ପକେଇ ଦିଏ
ମନ ଇଚ୍ଛା ମୁଁ ପିଜୁଳି ଖାଏ!
ବଣି ସାଥେ ନିତି ମନ ହରଷେ
ମୋ ଖାଇବାରୁ ତାକୁ ପରଶେ
ବଣି ମୁହେଁ ଟିକେ ଖୁସି ଦେଖିଲେ
ଗୀତ ଗାଇଦିଏ ମନ ଇଚ୍ଛାରେ!
ବୋଉ ଆଗେ ଯାଇ ସବୁ ମୁଁ କହେ
ବୋଉ ମୋର ଶିରେ ହାତ ବଢ଼ାଇ
ଭଲ ପିଲା ବୋଲି କହି ଦିଅଇ!
ଟିକି ଟିକି କେତେ ପରାଜପତି

ISSN NO.
2582-208X

ଅଗଣା ଆଗରେ ଘୁରି ବୁଲନ୍ତି
ଖିଚିରି ମିଚିରି ବାଇ ଚଢେଇ
ଖୁଦ ନେଇଦିଏ ହାତ ବଢ଼ାଇ!
ସଢ଼େଇରେ ପାଣି ଭରାଏ ମୁହିଁ
ଶୋଷିଲା ପକ୍ଷୀଙ୍କୁ ଦିଏ ପିଆଇ!
ଏହା ଦେଖି ସବୁ ଖୁସି ହୁଅନ୍ତି
ମୋର ସାଥେ ନିତି ଖେଳି ବୁଲନ୍ତି
କାହ୍ନୁ କାହ୍ନୁ କହି ମତେ ଡାକନ୍ତି!!

ଧର୍ମଶାଳା, ଯାଜପୁର

ISSN NO.
2582-208X

# ମୋ ରାଇଜ କେଡ଼େ ସୁନ୍ଦର



ଅମରନାଥ ବାରିକ

ଓଡିଶା ମାଟିରେ ଜନମ ମୋର
ମଧୁର କୋମଳ ମୋ ଭାଷା ସ୍ୱର ।
ମୁଁ ଓଡ଼ିଆ ମୋର ଭାଷା ବଢ଼ିଆ
ସୈନିକ ଆମର ଅଟେ ଲଢୁଆ ।
ଛଉ ଗୋଟିପୁଅ ଓଡ଼ିଶୀ ନୃତ୍ୟ
ଦେଶ ବିଦେଶରେ ହୁଏ ଚର୍ଚ୍ଚିତ ।
ପାହାଡ ଝରଣା କେଡ଼େ ସୁନ୍ଦର
କାରୁକାର୍ଯ୍ୟ ଭରା ଆମ ମନ୍ଦିର ।
ଯାଜପୁର ଜିଲ୍ଲା ବିରଜା କ୍ଷେତ୍ର
ଦେଖିଲେ ପବିତ୍ର ହୁଅଇ ନେତ୍ର ।
କାବ୍ୟ କବିତାର ସ୍ୱୀକୃତି ଗାର
ଦେଲେ ଅଭିମନ୍ୟୁ ସାମନ୍ତ ସିଂହାର ।
ବୈତରଣୀ ନଦୀ ଭଳି ଅନେକ
ବୋହି ଯାଇଅଛି ସ୍ରୋତରେ ବାଙ୍କ ।
ପାଲା ଘୋଡ଼ାନାଚ ଦାସକାଠିଆ
ଆମ ପରମ୍ପରା ଆଗରେ ଠିଆ ।

ISSN NO.
2582-208X

ଓଡ଼ିଆଙ୍କ ପ୍ରାଣ ପଖାଳ କଂସା
ହୋଇଥାଏ ଘରେ ଘରେ ପରସା ।
ବାର ମାସେ ତେର ପରବ ଯାତ
ଆରିଶା କାକରା ମଣ୍ଡା ଯାବତ ।
ଭିତର କନିକା କୁମ୍ଭୀର ଚାଷ
ଗହୀରମଥାରେ କଇଁଛ ବାସ ।
ନନ୍ଦନକାନନ ପ୍ରାଣୀ ପ୍ରାଚୁର୍ଯ୍ୟ
ଭାରତେ ଅନନ୍ୟ ରାଜ୍ୟ ଐଶ୍ୱର୍ଯ୍ୟ ।
ଖଣ୍ଡଗିରି ଲିଙ୍ଗରାଜ ଚିଲିକା
ବାଙ୍କୀ ଅଧୀଶ୍ୱରୀ ମାଆ ଚର୍ଚ୍ଚିକା ।
କେ ହୋଇବ ମୋର ରାଇଜ ସମ
କୋଣାର୍କର ଶିଳା ଶିଳ୍ପୀଙ୍କ ଦମ ।
ଚନ୍ଦକା ଅରଣ୍ୟ ଧଉଳି କୀର୍ତ୍ତି
ନୀଳାଚଳ ଧାମେ ଚତୁର୍ଦ୍ଧା ମୂର୍ତ୍ତି ।
ଯା' ଚରଣ ଧୁଏ ନୀଳ ସାଗର
ମହେନ୍ଦ୍ର ଗିରି ଯା ଉନ୍ନତ ଶିର ।
ଏହି ପୂଣ୍ୟ ତୀର୍ଥେ ଲଭିଲି ଜନ୍ମ
ଗର୍ବିତ ଓଡ଼ିଆ ମୋ ପୁଣ୍ୟ କର୍ମ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଆସରେ ପାଳବା ପରବ



ମୀନାକ୍ଷି ପାଢ଼ୀ

ବାରମାସେ ହୁଏ ତେର ଯାତରା,
ଆମ ଉତ୍କଳର ଏ ପରମ୍ପରା ।
ପୂଜାପାଠ ପ୍ରିୟ ଓଡ଼ିଶାବାସୀ,
ପାଳନ୍ତି ଏକତ୍ର ପରବ ମିଶି ।
ବଇଶାଖ ମାସେ ବିଷୁବ ପଣା,
ସଂକ୍ରାନ୍ତିରେ ନୂଆ ବରଷ ଗଣା ।
ଅକ୍ଷିତୃତୀୟାରେ କୃଷକ ଭାଇ,
ଚାଷ ଅନୁକୂଳ କରଇ ଯାଇ ।
ସାବିତ୍ରୀ ପୂଜନ୍ତି ମାଆ ଭଉଣୀ,
ଜ୍ୟେଷ୍ଠ ଅମାବାସ୍ୟା ତିଥିରେ ପୁଣି ।
ପୂର୍ଣ୍ଣିମାରେ ଜ୍ୟେଷ୍ଠ ବନ୍ଦେଇ ହୁଏ,
ଗାଧୋଇ କାଳିଆ ଜ୍ୱରରେ ଶୁଏ ।
ଜ୍ୟେଷ୍ଠ ମାସ ଶେଷ ରଜ ସଂକ୍ରାନ୍ତି,
କୁଆଁରୀଏ ରଜ ଦୋଳି ଖେଳନ୍ତି ।
ଆଷାଢ଼ରେ  ମେଘ ବର୍ଷା ଅସରା,
ତିନି ଠାକୁରଙ୍କ ରଥ ଯାତରା ।
ଶ୍ରାବଣେ ଶିବଙ୍କୁ ଜଳାଭିଷେକ,
ଚିତଉପିଠାର ମିଠା ମହକ ।

ISSN NO.
2582-208X

ଗହ୍ମା ପୂର୍ଣ୍ଣିମାରେ ରାକ୍ଷୀ ବନ୍ଧନ,
ଝୁଲଣ ଯାତରା ହରଷ ମନ ।
ଶ୍ରୀକୃଷ୍ଣ ଜନମ ଭାଦ୍ରବ ମାସେ,
ଗଣେଶ ପୂଜିବା ଚତୁର୍ଥୀ ବାସେ ।
ନବାନ୍ନ ଭକ୍ଷଣ ନୂଆଖାଇରେ,
ଜୁହାର ହୁଅନ୍ତି ଭେଟଘାଟରେ ।
ଆଶ୍ୱିନରେ ମହାଳୟା ଟି ଜାଣ,
ମାଗିଯାଚି ରାନ୍ଧ ଭାତ,ତିଅଣ,
ଆସନ୍ତି ମର୍ତ୍ତ୍ୟେ ଦୁର୍ଗା ମହାମାୟୀ,
ଦୁର୍ଗତି ନାଶନ କରିବା ପାଇଁ ।
ଅଶିଣ ପୁନେଇଁ ଆକାଶେ ଜହ୍ନ,
କୁମାରୀ ଝିଅଙ୍କ ମନ ଉଚ୍ଛନ୍ନ,
ଜହ୍ନ ପୂଜିଥାନ୍ତି ସଖୀ ମେଳରେ,
ହୁଳହୁଳି ଶବ୍ଦେ ଗାଆଁ ଉଚ୍ଛୁଳେ ।
ଏ ମହା କାର୍ତ୍ତିକ ଧରମ ମାସ,
ରାଇ ଦାମୋଦର ସୁନ୍ଦର ବେଶ,
ଅଁଳା ନବମୀର ଗୁଣ ଅପାର,
ସରାଗେ ପୂଜିବା ରାଧା ପୟର ।
କାର୍ତ୍ତିକ ଉଁଆସର ଦୀପାବଳି,
ଆସନ୍ତି ଅବତରି ମହାକାଳୀ,
ବଡବଡୁଆଙ୍କୁ ଦୀପ ଦେଖାଅ,
ଅନ୍ଧାରରେ ଆସି ଆଲୁଏ ଯାଅ ।
ପୂର୍ଣ୍ଣିମାରେ ଦେବା ଡଙ୍ଗା ଭସାଇ,
ଜଳେ ଆ କା ମା ବୈ ଗୀତକୁ ଗାଇ,
ପରଦିନ ଆସିବ ମାର୍ଗଶୀର,
ଲିପାପୋଛା ଘର ଦୁଆର କର ।

ISSN NO.
2582-208X

ଝୋଟି,ଫୁଲ, ଦୀପ ସଜାଇ ଆସ,
ଘରେ ଘରେ ଲକ୍ଷ୍ମୀ ହେବେ ପ୍ରବେଶ,
ସୁରୁଚି ବ୍ୟଞ୍ଜନେ ସନ୍ତୁଷ୍ଟ ବଡ଼,
ପ୍ରଥମାଷ୍ଟମୀରେ ଏଣ୍ଡୁରି ବାଢ଼ ।
ପଉଷେ ମହକେ ବଉଳ ବାସ,
ମାଘରେ ମକର ଲାଗେ ସରସ,
ପିନ୍ଧି ଶୁଭ୍ର ବସ୍ତ୍ର ହଂସ ବାହିନୀ,
ବିଦ୍ୟା ଦେଇଥାନ୍ତି ଭକତି ଜାଣି।
ଫଗୁଣେ ଫଗୁ ଖେଳନ୍ତି ମାଧବ,
ସଙ୍ଗେ ରାଧାରାଣୀ ଭକତି ଭାବ ।
ଜାଗି ଜାଗରେ ମହା ଶିବରାତ୍ରି,
ନ ଶୋଇ ଭକତେ ରାତି ପୁହାନ୍ତି ।
ଚଇତ୍ରେ ଶ୍ରୀରାମ ଧରାଗମନ,
ଫୁଲେ ଫୁଲେ ମଧୁଭରା କମ୍ପନ,
ଆମ୍ବ, ନିମ୍ବ କଢ଼ ବେସର ଖାଇ,
ବଞ୍ଚିବା ସଭିଏଁ ନୀରୋଗ ହୋଇ ।

ଶିକ୍ଷୟିତ୍ରୀ, ଚିକିଟୀ, ଗଂଜାମ

ISSN NO.
2582-208X

# ସୁନା ପୁଅ ମୋର ହୋଇବୁ



ବିକାଶ କୁମାର ହୋତା

ସିପୁ କହେ ବୋଉ ଖେଳିବାକୁ ଯିବି
ବାଜିଲାଣି ପରା ଚାରିଟା
ବୋଉ କହେ ଧନ ଖାଇଦେଇ ଯାଆ
ଭଜା ସହ ଘିଅ ପରଟା ।।(୧)
ଅତି ସରାଗରେ କରିଛି ତୋ ପାଇଁ
ଖାଇ ଦେବୁ ମୋର ଧନଟା
ଖାଇକି ଖେଳିଲେ ଅଳସ ହୋବୁନି
ସତେଜ ଲାଗିବ ମନଟା ।।(୨)
ସିପୁ କହେ ବୋଉ ମନା କର କାହିଁ
ଟିକେ ଖେଳିଯିବା ପାଇଁକି
ବହିରେ ପଢ଼ିଛି ଦେହ ପାଇଁ ଖେଳ
ସଦା ଭଲ ଜଣା ନାହିଁକି ।।(୩)
ଗୁରୁଜୀ ବୁଝାଇ କୁହନ୍ତି ସଭିଙ୍କୁ
ଖେଳ ଦେହ ପାଇଁ ବଢ଼ିଆ
ପିଲାମାନେ ସୁସ୍ଥ ସବଳ ହୁଅନ୍ତି
ନ ଖେଳିଲେ ବଡ଼ ଅଡୁଆ ।।(୪)

ISSN NO.
2582-208X

ହସି ହସି ବୋଉ କୁହନ୍ତି ଧନରେ
ତୋ ଆଗୁ ଏ କଥା ଜାଣିଛି
ସେଥିପାଇଁ ପରା ବଜାରକୁ ଯାଇ
ବ୍ୟାଟ୍ ବଲ୍ କିଣି ଆଣିଛି ।।(୫)
ଖେଳିବାଟା ପରା ଦେହ ପାଇଁ ଭଲ
ଖେଳକୁ ମୋ ମନା ନାହିଁଟି
ପାଠ ବେଳେ ପାଠ ପଢ଼ିଲେ ପଢ଼ିବୁ
ପାଠ ରେ ତୁ ମନ ଦେଇଟି ।।(୬)
ଅଳସୁଆ ଜମା ହେବୁ ନାହିଁ ଧନ
ସମୟରେ ସବୁ କରିବୁ
ଭଲ କାମ କରି ନାମ ତୁ ରଖିବୁ
ସୁନା ପୁଅ ମୋର ହୋଇବୁ ।।(୭)

ଦକ୍ଷିଣକାଳୀ ରୋଡ଼ ବିଦ୍ୟାନଗର ଢେଙ୍କାନାଳ
୭୦୦୮୯୨୮୭୯୮

ISSN NO.
2582-208X

# ଚନ୍ଦ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ – ଜୁଲାଇ ସମୀକ୍ଷା



ଦେବଯାନୀ ସ୍ୱାଇଁ

ପୂର୍ବଥର ଭଳି ଏଥରକ ମଧ୍ୟ ଆମ ପ୍ରିୟ "ବେଦାନ୍ତୀ" ଆସିଛି, ପ୍ରଚ୍ଛଦ ପୃଷ୍ଠାରେ ଏକ ଆକର୍ଷଣୀୟ ଫୁଲ ପେନ୍ଥାର ପ୍ରତିଛବି ନେଇ। ସମ୍ପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଆଜିକାଲି କିପରି ଭାବେ ବନ୍ୟଜନ୍ତୁ ମାନେ ସହର ଭିତରକୁ ପଶି ଆସୁଛନ୍ତି ଏବଂ ମନୁଷ୍ୟ ମଧ୍ୟ ବନ୍ୟଜନ୍ତୁଙ୍କ ଲାଗି ସଂରକ୍ଷିତ ଜଙ୍ଗଲ ଭିତରେ କିପରି ଅବାଧରେ ଭ୍ରମଣ କରୁଛନ୍ତି, ଏହାକୁ ଦୃଷ୍ଟି କରି କହିଛନ୍ତି, ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ସଂରକ୍ଷଣ ପାଇଁ ଦୃଢ ପଦକ୍ଷେପ ନିଆଯିବା ସହିତ ଶିକ୍ଷାପଦ୍ଧତିରେ ମଧ୍ୟ ପିଲା ମାନଙ୍କୁ ଏହାପ୍ରତି ସଜାଗ କରିବା ଅତ୍ୟନ୍ତ ଆବଶ୍ୟକ।

ଭିତର ପୃଷ୍ଠାରେ ସବୁଥର ଭଳି "ସ୍ୱାସ୍ଥ୍ୟ ବିଭାଗ", "ଆମ ହାଣ୍ଡିଶାଳ", "ଆଞ୍ଚଳିକ" ଆଉ "ଶିଶୁ ବିଭାଗ" ସହିତ ଭରି ରହିଛି ବିଭିନ୍ନ ପ୍ରସଙ୍ଗ ଉପରେ ଗଳ୍ପ ଓ କବିତାର ଆଲେଖ୍ୟ। ଶେଷ ପୃଷ୍ଠାରେ ରହିଚି ସବୁଠୁ ଉପଯୋଗୀ "ଚଳିତ ମାସରେ ପଡୁଥିବା ପର୍ବପର୍ବାଣୀ" ଏବଂ ଆକର୍ଷଣୀୟ "ଚିତ୍ର କଥା କହେ"।

ଏଥରକ ପ୍ରଥମ ଲେଖା ରହିଛି ଓଡିଶାର ପ୍ରାଣ, ଓଡିଆଙ୍କ ଚେତନା ଓ ବିଶ୍ୱାସର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ନେଇ "ଓଡିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ"। ଧାରାବାହିକ ଗଳ୍ପ "ଡି.

ISSN NO.
2582-208X

ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ଦୃଢ଼ମନା ଗବେଷିକା ଶର୍ବରୀ, କ୍ୟାମ୍ପବେଲ୍ ବେ ର ବିଷୁବ ମଣ୍ଡଳୀୟ ଜଙ୍ଗଲରେ ବସବାସ କରୁଥିବା ଶୋମ୍ପେନ ଆଦିବାସୀ ମାନଙ୍କ ସହିତ ମିଳାମିଶା କରି ନିଜର ଗବେଷଣା ଆରମ୍ଭ କରି ଦେଇଛନ୍ତି। "ଉଠ୍ ପୁଟୁର୍" ରେ, ଦଶହରା ଛୁଟିରେ ଗାଁ କୁ ଆସି ଅଭିର ଯେତିକି ଖୁସି ତା'ଠୁ ଅଧିକ ମା' ବାବାଙ୍କ ଖୁସିର ଯେଉଁ ନିଛକ ପ୍ରତିଛବି ବର୍ଣ୍ଣନା କରିଛନ୍ତି ଗାଳ୍ପିକା, ତାହା ଖୁବ୍ ମନଛୁଆଁ ସତରେ। ଆମେ ସମସ୍ତେ ଜଣେ ଜଣେ "ବାଟୋଇ"। ଜୀବନ ରାସ୍ତାରେ ଚାଲୁ ଚାଲୁ ଥକି ପଡିବା ସ୍ୱାଭାବିକ ହେଲେ ହାରିଯିବା ଅନୁଚିତ। ଦୁଃଖଭରା "ଭାଇର ଚିତ୍ରପଟ"। "ମାମା" ଶବ୍ଦଟି ବଡ ବ୍ୟାପକ। ସେ ମା' ଟିଏ ହେଇ ଆଉ ଗୋଟିଏ ମା'କୁ ଜନ୍ମ ଦିଏ। ତା'ରି ଆଦର୍ଶ, ସହନଶୀଳତାର ମାର୍ଗରେ ପିଢି ଆଗକୁ ବଢେ। "ଗୁରୁଖୋଜା" ଏକ ବ୍ୟଙ୍ଗାତ୍ମକ ରଚନା। "ପରିବେଶର ରକ୍ଷକ, ଭଙ୍ଗାକାଚ, ପ୍ଲାଷ୍ଟିକ୍ ଗୋଟାଳି", ଅନୁଭୂତିର ଗଳ୍ପ "ସଂହତି"।

ପ୍ରାଚୀନ ତଥ୍ୟ ସମ୍ବନ୍ଧିତ ପରମ୍ପରାଗତ ଉପାଖ୍ୟାନ, "ଦେବସ୍ନାନ ପୂର୍ଣ୍ଣିମା" ଓ "ଶ୍ରୀ ଅଲାରନାଥ ମହାପ୍ରଭୁ"। ଓଡିଶାର ଗୌରବ- "ଓଡିଆ ପ୍ରତିଗଳ୍ପର ଭିନ୍ନନାଦ: ତ୍ରିପାଠୀ ସଦାନନ୍ଦ", "ରାମଚନ୍ଦ୍ର ବେହେରାଙ୍କ ଗଳ୍ପ : ଏକ ଅଧ୍ୟୟନ", "ନବ ମାନବବାଦର ରୂପକାର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସ 'ଶକୁନ୍ତଳା'- ଏକ ତାତ୍ତ୍ୱିକ ଅନୁଶୀଳନ", "ପଲ୍ଲୀର ପ୍ରତିଭା ଚିନୁ" ଏବଂ ଆମ ମହାମହିମ ରାଷ୍ଟ୍ରପତି ମହାଶୟାଙ୍କ ଜୀବନ ଯାତ୍ରା ସମ୍ବନ୍ଧରେ ରହିଛି "ଶ୍ରଦ୍ଧା, ସ୍ନେହ, ମମତା ଓ ଧୈର୍ଯ୍ୟର କେନ୍ଦ୍ରବିନ୍ଦୁ- ଶ୍ରୀମତୀ ଦ୍ରୌପଦୀ ମୁର୍ମୁ"। ଏହା ସହିତ ରହିଛି ଆହୁରି ଅନେକ କାହାଣୀ, ଧାରାବାହିକ ଗଳ୍ପ ଓ ନାଟକ।

କବିତା ତାଲିକାରେ ରହିଛି ଅନେକ ଗୁଡିଏ ଭକ୍ତି ଭାବମୟ କବିତା। "କାହାକୁ ମାଗିବି", ଆହେ "ଚକାଆଖି", "ଶ୍ରୀ ପାଦେ କୋଟି ପ୍ରଣତି" ! "ଜୟ ଜଗଦୀଶ", "ସଚ୍ଚିଦାନନ୍ଦ ସ୍ୱରୂପ", "ଦେଖ ଦଗା ଦିଆକୁ" ! "ବରଜ ଧୂଳିଆ", "ତୁଳସୀ ରସିଆ ଜଗା କାଳିଆ", "ହେ ଦୁଃଖହାରୀ ମୋ ଦୁଃଖ ହରିବ କେବେ" ! ଏତିକି ମୋର "ଭକ୍ତି ନିବେଦନ", "ଘୋଷଯାତ୍ରା" କରି ଦୁଃଖ ଫେଡିନିଅ ସଂସାର ଲଭିବ ସୁଖ।

"ସକାଳ" ର ମନ ଶୁଦ୍ଧ ପରିଚ୍ଛନ୍ନ, "ପ୍ରେମ ସଦ୍ଭାବନାର ପଲ୍ଲୀ ଜୀବନ"। "ସପନ ପଖଳା ଗାଁ", ସନ୍ତାନଙ୍କ ସୁଖେ ସୁଖୀ ହୋଇ ଥାଏ "ସିଏ ମା"। "ତ୍ୟାଗର ପ୍ରତିମୂର୍ତ୍ତି ଜାନକୀ" ପୁଣି "ସେହି ନାରୀ" ସର୍ବଂସହା, ମମତାମୟୀ - ଦଶଭୁଜା ସାଜଇ ପାପୀ ମହିଷାସୁରକୁ

ISSN NO.
2582-208X

ବଧିବା ପାଇଁ। "ଛତା ଓ ଜୋତା" କେଉଁ କାଳରୁ ସେ ମଣିଷର ପ୍ରିୟ ସଖା, ମୋ ପ୍ରିୟ ସହର କଟକ ଯାହାକୁ ନେଇ ମୁଁ ଆଜି ହୁଅଇ ଚିହ୍ନା। "ଗ୍ରୀଷ୍ମ" ର ସଖା ମୁହିଁ ନାମ ମୋର "ପଙ୍ଖା"- ସେବା ଦେବା କାମ ମୋର ନ କରେ କେବେ ମୁଁ ଊଣା, ଜୀବନରେ ବଡ ହୁଏ ସିଏ ଯିଏ ସହିଥାଏ ଦୁଃଖ "ଯନ୍ତ୍ରଣା"।

କେମିତି ରହିବ ଗୋ ମୋ ବିନା, "କେବେ ଯଦି" ଯାଏ ମୁଁ ହଜି ! "ହେ ରାତ୍ରୀ" ତୁମ ଆଗମନେ, ପ୍ରେମାସକ୍ତ ହୁଅଇ ଧରିତ୍ରୀ। "ବେଳାଭୂମି ତୀର, ଢେଉ ସାଙ୍ଗେ ଖେଳ", ପ୍ରେମ ଯୁଗେ ଯୁଗେ ବିରହେ ସୁନ୍ଦର ସାତ ସୁର ପାଂଚ ତାଳ।

"ତୁଚ୍ଛ ଏ ଜୀବନ" ନ କରି ପାରିଲେ ସମାଜର ସେବା। ଖୋଲିଦିଅ ହୃଦୟକୁ ବାଣ୍ଟିଦିଅ ଭାବନାକୁ ତେବେ ଯାଇଁ ପାଇବ "ଶୂନ୍ୟତାରେ ପୂର୍ଣ୍ଣତା"। ସମୟର ରହସ୍ୟ ବୁଝାଏ "ବିଳମ୍ବ ବିଳାପ" ଓ "କାଳ ପରିଭାଷା"। "ଗୀତା ସାର", ଅଟଇ ଯେ ଜଗତର ହିତକର, "ଦୁଇପଦ କଥାର କବିତା", ବୁଦ୍ଧି ବିଚାରକି କରମ କରିଯା।

ବୃକ୍ଷ ଆମର "ପରମ ବନ୍ଧୁ"। "ପେନ୍ଥାଏ ସୋରିଷ ଫୁଲ", କିଏ ବା ଦେଇପାରିବ ଚାଷୀ ଭାଇର ମୂଲ! "ଜୀବନ କେବେ କବିତା କେବେ ଗଳ୍ପ ପରି ଲାଗେ"- କଳ କଳ ଝରଣାର ଜଳ ପରି ବହୁଥିବା ବେଳେ, ସଂଶୟର ମାୟାଜାଲେ ଛନ୍ଦି ହେଇପଡେ। ସବୁକିଛି କହିବା ପରେ ବି "ରହିଗଲା କିଛି", ବେଳ ଥାଉ ସାବଧାନ ହୁଅରେ ସଖୀ, ନହେଲେ ଏ "ଅନ୍ଧାର ଦୁନିଆ" ରେ ଯିବୁ ତୁ ହଜି। ଏମିତି ଏମିତି ରହିଛି ଆହୁରି ଅନେକ ଗୁଡିଏ କବିତାର ପଂକ୍ତି।

ଆମେ ସମସ୍ତେ ଅଳ୍ପ ବହୁତ ଆୟୁର୍ବେଦ ଚିକିତ୍ସା ସମ୍ବନ୍ଧରେ ଜାଣିଛେ। ବହୁ ପୁରାତନ କାଳରୁ ଏହି ଚିକିତ୍ସା ହୋଇ ଆସୁଛି ଏପରିକି ଭକ୍ତଙ୍କ ହୃଦୟରେ ସାଧାରଣ ମାନବ ଭଳି ଜୀବନ ଯାପନ କରୁଥିବା ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଚିକିତ୍ସା ମଧ୍ୟ ଏହି ଆୟୁର୍ବେଦରେ କରାଯାଏ। କେବେ ଓ କିପରି ଏହା କରାଯାଏ ଜାଣିବାକୁ ହେଲେ ପଢନ୍ତୁ ଆମ ସ୍ୱାସ୍ଥ୍ୟବିଭାଗରେ "ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଆୟୁର୍ବେଦ ଶାସ୍ତ୍ର"।

ଆମ ହାଣ୍ଡିଶାଳ ରେ ରହିଛି ସମସ୍ତଙ୍କର ମନ ପସନ୍ଦ "ମଲାଇ ପନିର୍" ଓ ଚଟ୍ ପଟା "ଚଣା ସୁନ୍ଦଲ୍"।

ISSN NO.
2582-208X

କୁନି "ଆଦବିକା" ତାଙ୍କ ଚିତ୍ରରେ ସମସ୍ତଙ୍କ ଲାଗି ଏକ ଫଳ ଝୁଡିର ଉପହାର ଦେଇଥିବା ବେଳେ ବିଶ୍ୱ କଲ୍ୟାଣରେ ବିଜ୍ଞାନ କୁ ଖୁବ୍ ସୁନ୍ଦର ଭାବେ ଚିତ୍ରିତ କରିଛନ୍ତି "ପ୍ରତୀକ୍ଷା ଶତପଥୀ"।

ପୂଜା ପର୍ବାଣୀ ତାଲିକାରେ ଏଥରକ ଚିତାଲାଗି ଅମାବାସ୍ୟାର ପର୍ବ ଦେଖି ମୋର ପିଲାଦିନ କଥା ମନେ ପଡିଗଲା। ଘରେ ମା' ଆମର ସବୁ ଅମାବାସ୍ୟା ପାଳନ କରନ୍ତି ହେଲେ ମୁଁ କେବଳ ଏଇ ଚିତାଲାଗି ଅମାବାସ୍ୟାଟିକୁ ମନେ ରଖିଥାଏ, କାରଣ ଏଇ ଦିନ ମୋର ଅତି ପ୍ରିୟ ଚିତଉ ପିଠା ଖାଇବାକୁ ମିଳେ। ଘରେ ଅନ୍ୟ କାହାରିକୁ ଏଇ ପିଠା ଭଲ ଲାଗୁ ନ ଥିବାରୁ ମା' ବର୍ଷ ସାରା ଆଉ କେବେବି ବନାଇ ନ ଥାନ୍ତି। କିନ୍ତୁ ପରମ୍ପରା ଅନୁସାରେ ଆଉ ପର୍ବ ପାଳନ ନିମନ୍ତେ ଏଇ ଦିନ ଚିତଉ ପିଠା ବନେଇବାକୁ ମା' ବାଧ୍ୟ ହେଇଥାନ୍ତି। ଆପଣ ମାନଙ୍କୁ ସବୁ ଚିତଉ ପିଠା ଭଲ ଲାଗେ ନା ନାହିଁ ? ମା'ଙ୍କ ଠୁ ମୁଁ ଚିତଉ ପିଠା ବନେଇବା ଶିଖି ଯାଇଚି। ଏଥରକ ଆପଣ ସମସ୍ତଙ୍କ ପାଇଁ ପିଠା ବନେଇବି।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୮/୨୦୨୩ | ଶ୍ରାବଣ (ମଳ) ପୂର୍ଣ୍ଣିମା ଓ ଚନ୍ଦ୍ରପୂଜା |
| ୦୪/୦୮/୨୦୨୩ | ଶରଣ ଶେଷ |
| ୧୨/୦୮/୨୦୨୩ | ପୁରୁଷୋତ୍ତମ ଏକାଦଶୀ ଉପବାସ |
| ୧୪/୦୮/୨୦୨୩ | ଶିବଚତୁର୍ଦ୍ଦଶୀ ଉପବାସ |
| ୧୫/୦୮/୨୦୨୩ | ସ୍ୱାଧୀନତା ଦିବସ |
| ୧୬/୦୮/୨୦୨୩ | ଅମାବାସ୍ୟା |
| ୧୭/୦୮/୨୦୨୩ | ସିଂହ ସଂକ୍ରାନ୍ତି |
| ୧୮/୦୮/୨୦୨୩ | ଚନ୍ଦ୍ରଦର୍ଶନ ଓ ପୂଜା |
| ୨୧/୦୮/୨୦୨୩ | ଜାଗ୍ରତଗୋରୀ ପଞ୍ଚମୀ |
| ୨୬/୦୮/୨୦୨୩ | ଝୁଲଣ ଆରମ୍ଭ |
| ୨୭/୦୮/୨୦୨୩ | ପୁତ୍ରଦା ଏକାଦଶୀ ଉପବାସ, ରବିନାରାୟଣ ବ୍ରତ |
| ୨୮/୦୮/୨୦୨୩ | ବିଷ୍ଣୁ ପବିତ୍ରାରୋପଣ, ଆଖେଟକ ପର୍ବ |
| ୨୯/୦୮/୨୦୨୩ | ଶିବ ପବିତ୍ରାରୋପଣ, ଶିବ ଚତୁର୍ଦ୍ଦଶୀ ଉପବାସ |
| ୩୦/୦୮/୨୦୨୩ | ଗହ୍ମା ପର୍ବ, ବଳଦେବଙ୍କ ଜନ୍ମ, ରକ୍ଷାବନ୍ଧନ ଓ ଚନ୍ଦ୍ରପୂଜା |
| ୩୧/୦୮/୨୦୨୩ | ଗହ୍ମା ପୂର୍ଣ୍ଣିମା |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଜୁଲାଇ ମାସର ବିଜେତାଙ୍କ ନାମ



ISSN NO.
2582-208X

ନାଁ ଟି ମୋର ଆମ୍ବ
ମୁଁ ଫଳଙ୍କ ଭିତରେ ମୁଁ ରାଜା
ସମସ୍ତେ ମୋତେ ଭଲ ପାଆନ୍ତି
ରଙ୍କ ହୁଅନ୍ତୁ ବା ରାଜା
ଅନେକ ପ୍ରକାର ରୂପରେ ଆସେ ମୁଁ
କିନ୍ତୁ ସ୍ୱାଦରେ ଦିଏ ମୁଁ ସଭିଙ୍କୁ ମଜା

ସଞ୍ଜୟ ଆଚାର୍ଯ୍ୟ, ଭୁବନେଶ୍ୱର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

**vedantimagazine@gmail.com/editor.vedantimagazine@gmail.com**

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଗ୍ଛୁଁଥିବା ଓଡିଆପ୍ରେମୀଙ୍କ ପଇଁ କଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା – Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା। ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**